ଗଣରାଜ୍ୟ ବିଶେଷାଙ୍କ, ଜାନୁଆରୀ ୧୯୭୭

# ଉତ୍କଳ ପ୍ରସଙ୍ଗ






ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଜାନୁଆରୀ ୩ ତାରିଖ ଦିନ ଧଉଳିଠାରେ ଜଳଜ ବିଜ୍ଞାନ ଅନୁସନ୍ଧାନ ଓ ପ୍ରଶିକ୍ଷଣ କେନ୍ଦ୍ରର ଶିଳାନ୍ୟାସ କରୁଛନ୍ତି



ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଜାନୁଆରୀ ୪ ତାରିଖ ଦିନ ଏକ ବିରାଟ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଭାଷଣ ଦେଉଛନ୍ତି

# ଉତ୍କଳ ପ୍ରସଙ୍ଗ

୧୯୭୭-ଜାନୁଆରୀ : ମାଘ
୧୮୯୮ ଶକାବ୍ଦ
ତ୍ରୟସ୍ତ୍ରିଂଶ ଭାଗ : ଷଷ୍ଠ ସଂଖ୍ୟା

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହାବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ୍ ନୁହେଁ । 'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକ ସମ୍ପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ଦୃଷ୍ଟିକୋଣରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ମୁଖ୍ୟ ସମ୍ପାଦକ:
ଶ୍ରୀ ଅଉଧ ନାରାୟଣ ତିୱାରୀ
ଆଇ. ଏ. ଏସ୍.,
ଲୋକସଂପର୍କ ନିର୍ଦ୍ଦେଶକ

ସମ୍ପାଦକ:
ମହାପାତ୍ର ନୀଳମଣି ସାହୁ

ସହକାରୀ ସମ୍ପାଦକ:
ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ:
ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା

ପ୍ରଚ୍ଛଦପଟ:
ଶ୍ରୀ ଅସିତ ମୁଖାର୍ଜୀ

ଅଙ୍ଗ ସଜ୍ଜା:
ଶ୍ରୀରାମଚନ୍ଦ୍ର ରାଉତ

ମୁଦ୍ରଣ:
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ବାର୍ଷିକ ଦେୟ—ଟ ୧୦·୦୦ ପ୍ରତିଖଣ୍ଡ—ଟ ୧·୦୦

## ସୂଚୀପତ୍ର

ପ୍ରସଙ୍ଗ କ୍ରମେ—

ଜନରାଜ୍ୟ ଦିବସରେ ..... ୧
ଭାରତର ସରକାର ଓ ସମ୍ବିଧାନ ସମ୍ପର୍କରେ ଶ୍ରୀ ଅରବିନ୍ଦଙ୍କ ମତ । ୪
ପ୍ରଧାନ ମନ୍ତ୍ରୀ କ'ଣ କହନ୍ତି ? ନୂତନ ଦିଗନ୍ତ ..... ୭
ଗାନ୍ଧୀଜୀ ଓ ରାମ ରାଜ୍ୟ ..... ୧୧
ସାମାଜିକ ବିବର୍ତ୍ତନର ଧାରାରେ —"ସମାଜବାଦ" ହିଁ ଭାରତର ଜାତୀୟ ଲକ୍ଷ୍ୟ । ୨୧
ଦେଶର ପ୍ରଗତି ପଥରେ—ଓଡ଼ିଶା ଭୂସଂସ୍କାର ଆଇନ ୨୪
ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ..... ୩୨
ଯେ ଅଲୁଅଁ ଲୁଇଁ ଦେଲା (ଗଳ୍ପ) ..... ୩୭
ଓଡ଼ିଆ ଭାଷାରେ ଲିଖିତ ବିଶ୍ୱବିଦ୍ୟାଳୟସ୍ତରୀୟ ପାଠ୍ୟପୁସ୍ତକ ପ୍ରଣୟନ । ୪୭
ସଙ୍କର ଜର୍ସି ଗାଈ ପାଳନ ..... ୫୧
ନଈବାଲିରେ ଧାନ ଫଳେଇଲେ ..... ୫୭
ଉପକଥାର ନାୟକ (ଗଳ୍ପ) ..... ୬୨
ଶିକ୍ଷାରେ ବିଗତ ପ୍ରଗତିଶୀଳ ପଦକ୍ଷେପ ..... ୭୭
ଯୌତୁକ ଦୂଷଣ (ବ୍ୟଙ୍ଗ କବିତା) ..... ୭୯
ଆମ ତ୍ରିରଙ୍ଗ ପତାକାର ଜନ୍ମ ବୃତ୍ତାନ୍ତ ..... ୮୧
ନଟତି ମମ ମାନସମଦ୍ୟ ପ୍ରଭାତେ (କବିତା) ..... ୮୭
ବନ୍ଦେ ମାତରଂ ..... ୮୯
ବିନା ଯୁଦ୍ଧେ ଦେବି ନାହିଁ ..... ୯୫
ବିବାହ ଓ ବିଜ୍ଞାପନ ..... ୯୭
ବଲାଙ୍ଗୀର ଜିଲ୍ଲାରେ ପଞ୍ଚସୂତ୍ରୀ କାର୍ଯ୍ୟକ୍ରମ ..... ୧୦୧
କଳିଙ୍ଗପ୍ରାଣ ବିଜୁଳି ଦରଣ ..... ୧୦୫
ରାଜଧାନୀରେ ଶିଶିରସିକ୍ତ ମଧ୍ୟ ରାତ୍ରି କବିତା ପାଠୋତ୍ସବ ୧୦୯
ଉତ୍କଳରେ ଶ୍ରୀପଞ୍ଚମୀ ..... ୧୧୫
ଗ୍ରାମାଭିମୁଖୀ ବିଜ୍ଞାନ ..... ୧୧୬
ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ..... ୧୧୭
ଘଟଣା ପ୍ରବାହ ..... ୧୨୨



# ରାଜ୍ୟପାଳଙ୍କ ବାର୍ତ୍ତା

ଆଜି ଆମ ଗଣତନ୍ତ୍ର ଦିବସର ୨୬ତମ ପବିତ୍ର ବାର୍ଷିକ ଉତ୍ସବରେ ରାଜ୍ୟସରକାରଙ୍କ ତରଫରୁ ଏବଂ ମୋ ନିଜ ତରଫରୁ ମୁଁ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଅଛି ।

ଗତ ଏକ ବର୍ଷ ମଧ୍ୟରେ ଦେଶ ପଞ୍ଚବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଉଲ୍ଲେଖଯୋଗ୍ୟ ଅଗ୍ରଗତି କରି ପାରିଛି ଏବଂ ଏହା ରାଜ୍ୟବାସୀଙ୍କର ସଂପୂର୍ଣ୍ଣ ଆନ୍ତରିକ ସମର୍ଥନ ଲାଭ କରିଛି । ନିକଟରେ ଆମ୍ଭେମାନେ ସମ୍ବିଧାନର କେତେକ ସାର୍ଥକ ପରିବର୍ତ୍ତନ ଆଣିଅଛୁ— ଯାହାକି ଆମର ଅର୍ଥନୈତିକ ଅବସ୍ଥାର ମୌଳିକ ରୂପାନ୍ତର ଘଟାଇବାରେ ଏବଂ ଦେଶର ସ୍ଥିତିକୁ ସୁଦୃଢ଼ କରିବାରେ ନିଶ୍ଚୟ ସମର୍ଥ ହୋଇପାରିବ ।

ଆମ ମଧ୍ୟରେ ଏକ ଭୟଙ୍କର ମରୁଡ଼ିର ଆତଙ୍କ ଦେଖାଦେଇଛି । କିନ୍ତୁ ମୋର ଦୃଢ଼ ବିଶ୍ୱାସ ଯେ ସରକାର ଏହି ଦୁରବସ୍ଥାର ଦୂରୀକରଣ ପାଇଁ ସମସ୍ତ ସମ୍ଭବପର ପଦକ୍ଷେପ ଗ୍ରହଣ କରୁଛନ୍ତି । ଆମ ସମସ୍ତଙ୍କର ସମ୍ମିଳିତ ଉଦ୍ୟମ ଫଳରେ ଏହି ସାମୟିକ ବିପଦକୁ ଆମେ ନିଶ୍ଚିତଭାବେ ଅତିକ୍ରମ କରି ପାରିବା । ବିକାଶ-କାର୍ଯ୍ୟକ୍ରମକୁ ସଫଳ କରିବାରେ ଯେଉଁ ନେତୃତ୍ୱ ନିୟୋଜିତ ହୋଇଛି ଏବଂ ଏହି ସାମୟିକ ବିପର୍ଯ୍ୟୟକୁ ଅତିକ୍ରମ କରିବା ପାଇଁ ରାଜ୍ୟବାସୀଙ୍କର କଠିନଶ୍ରମ ଏବଂ ଅନମନୀୟ ଦୃଢ଼ତା ଉପରେ ମୋର ଗଭୀର ଆସ୍ଥା ଓ ବିଶ୍ୱାସ ରହିଛି । ନୂତନ ମୁଖ୍ୟମନ୍ତ୍ରୀଙ୍କର ପ୍ରଗତିଶୀଳ ଗଠନମୂଳକ ନେତୃତ୍ୱରେ ତଥା ସରକାରଙ୍କ ସହିତ ଜନସାଧାରଣଙ୍କ ସହଯୋଗିତା ଫଳରେ ଯେଉଁ ସବୁ ଜନମଙ୍ଗଳକାରୀ ପ୍ରକଳ୍ପ ଓ ପ୍ରଚେଷ୍ଟାମାନ ରୂପାୟିତ ହେବାକୁ ଯାଉଛି—ମୁଁ ସେ ସବୁର ସଫଳ କାମନା କରୁଅଛି ।

ଜୟହିନ୍ଦ୍

**ଶ୍ରୀ ଶିବନାରାୟଣ ଶଙ୍କର**

ରାଜ୍ୟପାଳ, ଓଡ଼ିଶା

ତା ୨୦-୧-୧୯୭୬



ସତ୍ୟମେବ ଜୟତେ

# ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଆମ ସାଧାରଣତନ୍ତ୍ରର ସପ୍ତବିଂଶ ବାର୍ଷିକୀ ଉପଲକ୍ଷେ ଓଡ଼ିଶାର ଜନ ସାଧାରଣଙ୍କ ପ୍ରତି ମୁଁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ବିଗତ ବର୍ଷ ବିଭିନ୍ନ କ୍ଷେତ୍ରରେ ଆମ ଦେଶର ଯେଉଁଭଳି ଉଲ୍ଲେଖଯୋଗ୍ୟ ଅଗ୍ରଗତି ସାଧିତ ହୋଇଛି, ସେଥିରେ ଆମେ ସମସ୍ତେ ଗର୍ବ ଅନୁଭବ କରିବା କଥା । ଜରୁରୀ ପରିସ୍ଥିତି ଦେଶରୁ ହିଂସା, ଅସ୍ଥିରତା ଓ ଅସାମାଜିକ କାର୍ଯ୍ୟର ବିଲୋପ ସାଧନ କରିବାରେ କେବଳ ସହାୟକ ହୋଇଛି ତାହା ନୁହେଁ, ଅର୍ଥନୀତି କ୍ଷେତ୍ରରେ ମଧ୍ୟ ଆମ ଦେଶରେ ଏକ ସୁସ୍ଥ ଓ ସ୍ୱଚ୍ଛଳ ଅବସ୍ଥା ସୃଷ୍ଟି ହୋଇ ପାରିଛି । ଅବଶ୍ୟ ଜରୁରୀ ପରିସ୍ଥିତିକୁ ଏହି ମଧ୍ୟରେ ଅନେକାଂଶରେ କୋହଳ କରାଯାଇଛି । ଦେଶର ଅନ୍ୟାନ୍ୟ ରାଜ୍ୟଗୁଡ଼ିକ ଭଳି ପ୍ରଧାନ ମନ୍ତ୍ରୀଙ୍କ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଓ ଶ୍ରୀ ସଞ୍ଜୟ ଗାନ୍ଧୀଙ୍କ ପଞ୍ଚସୂତ୍ରୀ କାର୍ଯ୍ୟକ୍ରମକୁ ନିଷ୍ଠା ଓ ଆନ୍ତରିକତାର ସହ କାର୍ଯ୍ୟକାରୀ କରିବା ପାଇଁ ଆମେ ସଂକଳ୍ପ ନେଇଛୁ । ମୋର ଆଶା ଓ ବିଶ୍ୱାସ, ଓଡ଼ିଶାର ଜନସାଧାରଣ ବିଶେଷତଃ ଯୁବ ସମାଜ ଏହି କାର୍ଯ୍ୟକ୍ରମଗୁଡ଼ିକୁ ସଫଳ କରିବା ସଙ୍ଗେ ସଙ୍ଗେ ସମାଜରୁ କୁସଂସ୍କାର ଓ ଅନ୍ଧ ବିଶ୍ୱାସ ଦୂର କରିବା ଦିଗରେ ଦୃଢ଼ ପଦକ୍ଷେପ ନେବେ । ଆଦିବାସୀ ଓ ହରିଜନମାନଙ୍କ ଅବସ୍ଥାର ଉନ୍ନତି ପାଇଁ ଅଧିକ ତତ୍ପରତାର ସହ କାର୍ଯ୍ୟ ଆରମ୍ଭ କରାଯାଇଛି । ଏଗୁଡ଼ିକୁ ରୂପାୟିତ କରିବା ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ ।

ବିଗତ ବର୍ଷର ବୃଷ୍ଟିହୀନତା ଯୋଗୁ ଆମ ରାଜ୍ୟର ଖାଦ୍ୟ ପରିସ୍ଥିତି ସନ୍ତୋଷଜନକ ନ ରହିବା ସ୍ୱାଭାବିକ । ମାତ୍ର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଯଥେଷ୍ଟ ପରିମାଣର ଖାଦ୍ୟଶସ୍ୟ ମହଜୁଦ ରହି ଥିବାରୁ ଆମେ କୌଣସି ଅସୁବିଧାର ସମ୍ମୁଖୀନ ହେବା ନାହିଁ, ଏହା ମୁଁ ଅତି ଦୃଢ଼ତାର ସହ କହିପାରେ । ଏ ଦିଗରେ କୌଣସି ଆଶଙ୍କା ମଧ୍ୟ ପ୍ରକାଶ ପାଇବା ଅନୁଚିତ । ଖାଦ୍ୟଶସ୍ୟ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଜିନିଷ ପତ୍ରର ଦରଦାମ ସ୍ଥିର ରଖିବାକୁ ମୁଁ ସମସ୍ତଙ୍କର ସହଯୋଗ କାମନା କରୁଛି । ଅଭାବଗ୍ରସ୍ତ ଲୋକମାନଙ୍କ ନିକଟରେ ଖାଦ୍ୟଶସ୍ୟ ପହଂଚିବାରେ ଯେଉଁଭଳି କୌଣସି ପ୍ରତିବନ୍ଧକ ସୃଷ୍ଟି ନ ହୁଏ ସେଥିପ୍ରତି ଆମକୁ ଦୃଷ୍ଟି ଦେବାକୁ ହେବ ଏବଂ ଖାଦ୍ୟଶସ୍ୟ ବ୍ୟବହାରରେ ମଧ୍ୟ ସଂଯମ ଓ ଶୃଙ୍ଖଳା ରକ୍ଷା କରିବାକୁ ପଡ଼ିବ ।

ଆପଣମାନେ ଜାଣନ୍ତି, ଆସନ୍ତା ମାର୍ଚ୍ଚ ମାସରେ ଆମ ଦେଶରେ ଲୋକସଭା ପାଇଁ ନିର୍ବାଚନ ହେବ । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ନିର୍ବାଚନ କରିବା ପାଇଁ ନିଷ୍ପତ୍ତି ନେଇ ଦେଶର ଜନ ସାଧାରଣ ତଥା ଗଣତାନ୍ତ୍ରିକ ପଦ୍ଧତି ଉପରେ ତାଙ୍କର ଗଭୀର ଆସ୍ଥାର ପରିଚୟ ଦେଇଛନ୍ତି । ଶାନ୍ତି ଓ ଶୃଙ୍ଖଳା ସହ ଲୋକସଭା ପାଇଁ ପ୍ରତିନିଧି ବାଛିବାର ଦାୟିତ୍ୱ ଏବେ ଜନସାଧାରଣଙ୍କ ଉପରେ ପଡ଼ିଛି । ଏହି ଅବସରରେ ରାଜ୍ୟର ସମସ୍ତ ସ୍ୱୀକୃତ ରାଜନୈତିକ ଦଳର କର୍ମୀ ଓ ପ୍ରତିନିଧିମାନଙ୍କୁ ମୁଁ ବିନମ୍ର ନିବେଦନ କରିବି ଯେ ସେମାନେ ଆଇନ ସମ୍ମତ ପନ୍ଥାରେ ସେମାନଙ୍କର ନୀତି ଓ କାର୍ଯ୍ୟକ୍ରମ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଲାଗି ଉଦ୍ୟମ କରନ୍ତୁ ଏବଂ ହିଂସା, ଦ୍ୱେଷ ଓ ବ୍ୟକ୍ତିଗତ ବାଦ ବିସମ୍ବାଦର ଊର୍ଦ୍ଧ୍ୱରେ ରହନ୍ତୁ । ଦେଶର ମଙ୍ଗଳ ପାଇଁ କଣ କରାଯିବା ଉଚିତ, ସେ ସମ୍ପର୍କରେ ଜନସାଧାରଣ ସଚେତନ ବୋଲି ମୋର ଦୃଢ଼ ବିଶ୍ୱାସ ।

ଆଜିର ଏହି ପବିତ୍ର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଦେଶର ପ୍ରଗତି ଓ ସମୃଦ୍ଧି ପାଇଁ ନିଜକୁ ଉତ୍ସର୍ଗ କରିବାକୁ ରାଜ୍ୟର ଜନସାଧାରଣଙ୍କୁ ମୁଁ ପୁଣି ଥରେ ବିନମ୍ର ନିବେଦନ କରୁଛି ।

ଜୟହିନ୍ଦ୍

ନନ୍ଦିନୀ ଶତପଥୀ

ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଆତ୍ମାର ସ୍ୱାଧୀନତା



...ବାଇବେଲ୍ କହନ୍ତି—ଜଣେ ଲୋକ ଯଦି ସମଗ୍ର ପୃଥିବୀଟିକୁ ଲାଭ କରେ—ମାତ୍ର ହରାଇ ବସେ ତା'ର ଆତ୍ମା—ତେବେ ପ୍ରକୃତରେ ସେ କ'ଣ ବା ଲାଭ କଲା ?'' ଆଧୁନିକ ଭାଷାରେ କହିଲେ, ତା'ର ଅର୍ଥ ହେଲା—ଜଣେ ତା'ର ବ୍ୟକ୍ତିତ୍ୱଟିକୁ ହରାଇ ଗୋଟାଏ ବିରାଟ ମେସିନ୍‌ର ସାମାନ୍ୟ ପେଚକଣ୍ଟାଟିଏ ହେବା ଠାରୁ ବଳି ଅଗୌରବ କଥା ଆଉ ନାହିଁ । ମୁଁ ଚାହେଁ—ସମାଜର ପ୍ରତ୍ୟେକ ବ୍ୟକ୍ତି ଯେମିତି ପ୍ରାଣବନ୍ତ ସ୍ୱାଧୀନତା ଲାଭକରେ ଏବଂ ସମାଜର ଜଣେ ପୂର୍ଣ୍ଣ ବିକାଶପ୍ରାପ୍ତ ସଭ୍ୟରୂପେ ବଂଚିପାରେ ।

ହରିଜନ—୨୮ । ୯ । ୩୯

## ଗଣତନ୍ତ୍ରର ସାରକଥା

ଗଣତନ୍ତ୍ରର ପ୍ରକୃତ ସାରକଥା ହେଲା—ଗୋଟିଏ ଦେଶର ବିଭିନ୍ନ ଅଧିବାସୀମାନଙ୍କର ଯେତିସବୁ ଶାରୀରିକ, ଅର୍ଥନୀତିକ ଓ ନୈତିକ ସଂପଦମାନ ରହିଛି—ସେସବୁକୁ ସମଗ୍ର ଦେଶବାସୀଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ବିନିଯୋଗ କରିବାର କଳା ଓ ବିଜ୍ଞାନ ।

ହରିଜନ—୨୭ । ୫ । ୩୯

## ମନ୍ତ୍ରୀମାନଙ୍କ ପ୍ରତି

ଆଜି ତୁମ ମୁଣ୍ଡରେ ଗୋଟିଏ କଣ୍ଟାର ମୁକୁଟ ପରିଧାନ କରିଛ । କ୍ଷମତାର ଆସନ ଲାଭ କରିବା ଅତି ଅସୁବିଧା କଥା । ସେହି ଆସନରେ ବସିଲେ ତୁମଙ୍କୁ ଖୁବ୍ ଜାଗ୍ରତ ରହିବାକୁ ପଡ଼ିବ । ତୁମକୁ ଅଧିକ ଅହିଂସ, ଅଧିକ ନମ୍ର ଏବଂ ଅଧିକ ସହିଷ୍ଣୁ ହେବାକୁ ପଡ଼ିବ........ ବର୍ତ୍ତମାନ ପରିସ୍ଥିତିରେ ତୁମକୁ ବହୁ ପରୀକ୍ଷା ଭିତର ଦେଇ ଯିବାକୁ ପଡ଼ିବ । ଧନ ଅର୍ଜନର ଫାଶରେ କୌଣସି ମନ୍ତ୍ରୀ ପଡ଼ିବା ଅନୁଚିତ । ଭାରତର ଗାଁ ଗହଳର ଦରିଦ୍ର ଅଧିବାସୀଙ୍କ ଛବି ଯେପରି ତୁମ ଅନ୍ତରରେ ସର୍ବଦା ବିରାଜିତ ଥାଉ ।

ଗାନ୍ଧିଜୀ—ମିରାକ୍ଲ ଅଫ୍ କାଲ୍‌କଟା (୧୯୪୯)

## ସମ୍ବାଦପତ୍ରର ୩ଟି ଲକ୍ଷ୍ୟ

ସମ୍ବାଦପତ୍ରର ଗୋଟିଏ ଲକ୍ଷ୍ୟ ହେଲା—ଜନସାଧାରଣଙ୍କ ଅନୁଭବକୁ ବା ଭାବନାକୁ ବୁଝିବା ଏବଂ ତାକୁ ପ୍ରକାଶ କରିବା । ଆଉ ଗୋଟିଏ ଲକ୍ଷ୍ୟ ହେଲା—ଜନସାଧାରଣଙ୍କ ଚିତ୍ତରେ କେତେକ ଆବଶ୍ୟକୀୟ ଧାରଣା ବା ଚିନ୍ତା ସୃଷ୍ଟି କରିବା ଏବଂ ତୃତୀୟ ଲକ୍ଷ୍ୟଟି ହେଲା-ସାଧାରଣଙ୍କ ଦୋଷାଦୋଷକୁ ନିର୍ଭୀକ ଭାବେ ସେମାନଙ୍କ ଆଗରେ ବାଢ଼ି ଥୋଇବା ।

ଗାନ୍ଧିଜୀ

## ଏମ୍. ଏଲ୍. ଏ. ମାନଙ୍କ ପ୍ରତି

ଏମ୍. ଏଲ୍. ଏ. ମାନଙ୍କୁ ଭୋଟଦାତାମାନଙ୍କର ପଥନିର୍ଦ୍ଦେଶକ ବୋଲି ଧରିବା ଠିକ୍
ଆମର ଏମ୍. ଏଲ୍. ଏ. ମାନଙ୍କୁ ଭୋଟଦାତାମାନଙ୍କ ଦ୍ୱାରା ପରିଚାଳିତ ହେବେବୋଲି ଯେ ସେମାନଙ୍କୁ ନୁହେଁ। ଭୋଟଦାତାମାନେ ସେମାନଙ୍କ ଦ୍ୱାରା ପରିଚାଳିତ ହେବେ ବୋଲି ଯେ ସେମାନଙ୍କୁ ଆସେମ୍ବ୍ଲିକୁ ପଠାଇଛନ୍ତି, ତାହା ନୁହେଁ। ଅନ୍ୟପକ୍ଷରେ, ଏମ୍. ଏଲ୍. ଏ. ମାନେ ଲୋକଙ୍କ ଇଚ୍ଛା ପୂରଣ କରିବାପାଇଁ ବିଧାନସଭା ଗୁଡ଼ିକୁ ନିର୍ବାଚିତ ହୋଇ ପଠାଯାଇଛନ୍ତି। ତେଣୁ ଲୋକେହିଁ ପଥ ପ୍ରଦର୍ଶକ—ଏମ୍. ଏଲ୍. ଏ. ମାନେ ନୁହଁନ୍ତି। ସେମାନେ ବରଂ ସେବକ ଓ ଲୋକେ ହେଉଛନ୍ତି ସେମାନଙ୍କର ସେବ୍ୟ। * * *

ଆମେ ଯଦି ପୃଥିବୀର ଇତିହାସକୁ ଖୋଜି ଦେଖିବା, ତେବେ ଜାଣି ପାରିବା ଯେ ବିଧାନସଭା ବାହାରେ ଥିବା ଲୋକଙ୍କ ପାଖରୁହିଁ ଯଥାର୍ଥ ନିର୍ଦ୍ଦେଶ ଆସୁଛି। ତା ନ ହୋଇଥିଲେ ସରକାରୀ ପରିଚାଳନାରେ ବହୁ ଗଣ୍ଡଗୋଳ ପଶି ଯାଇଥାନ୍ତା। କାରଣ, ଏହି ନିର୍ଦ୍ଦେଶାବଳୀର ପରିସର ଖୁବ୍ ବିସ୍ତୀର୍ଣ୍ଣ ଏବଂ ବିଧାନସଭାଗୁଡ଼ିକ ତା ତୁଳନାରେ ଖୁବ୍ ସାନ ଜାଗା। ଜାତୀୟ ଜୀବନର ମହା ସମୁଦ୍ର ଭିତରେ ପାର୍ଲିମେଣ୍ଟ ହେଉଛି ସାମାନ୍ୟ ବିନ୍ଦୁ ମାତ୍ର।

ଗାନ୍ଧିଜୀ—ୟଙ୍ଗ୍ ଇଣ୍ଡିଆ—୧୯-୫-୨୦

## କ୍ଷମତା କାହା ହାତରେ ?

ଗୋଟିଏ ସ୍ୱାଧୀନ ସରକାର ଯେଉଁ ଦେଶରେ ପ୍ରତିଷ୍ଠିତ, ସେଠି ପ୍ରକୃତ କ୍ଷମତା ଥାଏ ଲୋକଙ୍କ ହାତରେ......ଯଦି ଲୋକେ ସେମାନଙ୍କର ଯଥାର୍ଥ କ୍ଷମତାଟିକୁ ବୁଝି ଶୃଙ୍ଖଳିତ ଭାବେ ଏବଂ ସର୍ବସାଧାରଣଙ୍କର ମଙ୍ଗଳ ପାଇଁ ତା'ର ପ୍ରୟୋଗ କରନ୍ତି, ତେବେ ଯେତେ କ୍ଷମତାବାନ୍ ସରକାର ହେଉପଛେ କ୍ଷମତା ନିଷ୍କ୍ରିୟ ବୋଲି ମନେ ହେବ। ଏହା ମନେରଖିବା ଉଚିତ ଯେ ସମଗ୍ର ଜନସଂଖ୍ୟାର ଅତି ସାମାନ୍ୟ ଅଂଶ ମାତ୍ର ସରକାର ଭିତରେ ଦାୟିତ୍ୱଶୀଳ ସ୍ଥାନ ଅଧିକାର କରିଥାନ୍ତି ଏବଂ କ୍ଷମତାର ଅଧିକାରୀ ହୋଇଥାନ୍ତି। ବିଶ୍ୱର ଅଭିଜ୍ଞତାରୁ କିନ୍ତୁ ବୁଝାପଡ଼େ ଯେ ଯଥାର୍ଥ କ୍ଷମତା ଏବଂ ଧନ ସେହି ତଥାକଥିତ କ୍ଷମତାଧାରୀ ଗୋଷ୍ଠୀର ବାହାରେ ଲୋକଙ୍କ ନିକଟରେହିଁ ରହିଥାଏ। ଏବଂ ଏହି ଲୋକମାନେହିଁ ସରକାରମାନଙ୍କର ଲଗାମ୍ ନିଜହାତରେ ଧରିଥାନ୍ତି।

ୟଙ୍ଗ ଇଣ୍ଡିଆ—୨୪-୪-୩୦

## ନାଗରିକର ଅଧିକାର ଓ କର୍ତ୍ତବ୍ୟ

ପ୍ରକୃତ ଅଧିକାର ମିଳେ ନିଜର କର୍ତ୍ତବ୍ୟ ସାଧନ କଲା ପରେ। ଆମେ ଯଦି ସମସ୍ତେ ଆମର ଠିକ୍ କର୍ତ୍ତବ୍ୟଟି କରୁ, ତେବେ ଆମର ଅଧିକାର ଆଉ ଆମଠାରୁ ଦୂରରେ ରହିବ ନାହିଁ କି ଆମକୁ ଖୋଜିବାକୁ ପଡ଼ିବ ନାହିଁ। ମାତ୍ର ଆମେ ଯଦି କର୍ତ୍ତବ୍ୟକୁ ପଛେଇରଖି ଖାଲି ଆମର ଅଧିକାର ପିଛା ଗୋଡ଼ାଉ, ତେବେ ତାହା ଆମ ସଙ୍ଗେ ଲୁଚକାଳି ଖେଳ ଖେଳି ପୁଳିବ। ଆମେ ଅଧିକାର ପିଛା ଯେତିକି ଦୌଡ଼ିବା, ତାହା ସେତିକି ଆମଠାରୁ ଦୂରେଇ ଯିବ। ଶ୍ରୀମଦ୍ଭଗବତ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ ସେହିକଥା କହିଛନ୍ତି—"କେବଳ କର୍ମରେ ହିଁ ତୋର ଅଧିକାର। ଫଳରେ କୌଣସି ଅଧିକାର ନାହିଁ।" ଏହି କର୍ମ ହେଉଛି—କର୍ତ୍ତବ୍ୟ। ଏବଂ ଫଳ ହେଉଛି—ତୁମର ବ୍ୟକ୍ତିଗତ ଅଧିକାର।

ୟଙ୍ଗ ଇଣ୍ଡିଆ—୮-୧-୨୫

## ପ୍ରସଙ୍ଗ କ୍ରମେ

# ଜନରାଜ୍ୟ ଦିବସରେ

୧୯୭୭ ଜାନୁଆରୀ ଛବିଶ ତାରିଖ, ଆଜି ଜନରାଜ୍ୟ ଦିବସ ସାରା ଭାରତବର୍ଷରେ ପାଳିତ ହେଉଛି । ଆଜି ଗୋଟିଏ ସ୍ୱାଧୀନଦେଶ ହିସାବରେ ଆମେ ଆମପାଇଁ ଗୋଟିଏ ପ୍ରଗତିଶୀଳ ସଂବିଧାନ ତିଆରି କରିଛୁ ଓ ସାରା ଭାରତବର୍ଷକୁ ଗୋଟିଏ ଜନରାଜ୍ୟ ରୂପେ ଘୋଷଣା କରିଛୁ । ଭାରତବର୍ଷ ବର୍ତ୍ତମାନ କୋଣ ସମ୍ରାଟର ସାମ୍ରାଜ୍ୟ ନୁହେଁ । ଏହା ସମସ୍ତଭାବେ ଏହାର ଅଧିବାସୀ ଜନତାର । ଏଠି ଲକ୍ଷପତିର ବା ଶିକ୍ଷିତ ଜ୍ଞାନୀ ବ୍ୟକ୍ତିଙ୍କର ଯେଉଁ ଅଧିକାର, ଜଣେ ମୂର୍ଖ ବା ସାମାନ୍ୟ ବୃତ୍ତିଧାରୀର ମଧ୍ୟ ସେହି ଅଧିକାର । ଜାତିର ପିତା ମହାତ୍ମାଗାନ୍ଧି କହିଥିଲେ, ଯେଉଁଦିନ ଜଣେ ହରିଜନ ଭାରତବର୍ଷର ପ୍ରଧାନମନ୍ତ୍ରୀ ବା ରାଷ୍ଟ୍ରପତି ପଦରେ ଆସୀନ ହେବ ସେହି ଦିନହିଁ ରାମରାଜ୍ୟର ଭିତ୍ତି ପଡ଼ିବ । ଆଜି ଆଉ ଏହା ସ୍ୱପ୍ନ ବା ସମ୍ଭାବନାର କଥା ହୋଇନାହିଁ । ଆଜି ଆଉ ଭାରତର କୌଣସି ନାଗରିକ ନିଜକୁ ଅନଧିକାରୀ ବୋଲି ଭାବି ପାରିବ ନାହିଁ । ଏଠି ପ୍ରତ୍ୟେକର ଅଧିକାର ସ୍ୱୟଂ ସ୍ୱୀକୃତ—ସ୍ୱୟଂ ପ୍ରତିଷ୍ଠିତ । ଜାତି, ଧର୍ମ, ବର୍ଣ୍ଣ, ଶ୍ରେଣୀ ନିର୍ବିଶେଷରେ ସମସ୍ତଙ୍କର ଭାରତଜନନୀଙ୍କ ଉପରେ ପୂର୍ଣ୍ଣ ଅଧିକାର ରହିଛି । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟାନ୍, ଗିରିଜନ ନାଗରିକ, ଜନପଦବାସୀ ସମସ୍ତେ ଭାରତୀୟ । କବିଗୁରୁ ଯଥାର୍ଥରେ କହିଛନ୍ତି—

ହେ ମୋର ଚିତ୍ତ ପୁଣ୍ୟତୀର୍ଥେ ଜାଗରେ ଧୀରେ
ଏଇ ଭାରତର ମହାମାନବର ସାଗରତୀରେ ।

ଏହି ଭାରତବର୍ଷ କେବଳ ଆମର ମାତୃଭୂମି ନୁହଁ ସମଗ୍ର ଭାରତ ଆମ୍ଭମାନଙ୍କ ପକ୍ଷରେ ଏକ ପୁଣ୍ୟଭୂମି । ଏ ଜନ୍ମଭୂମି ଏକ ତୀର୍ଥକ୍ଷେତ୍ର । ଯେଉଁ ମହାପୁରୁଷ ଗଣ ଆଧୁନିକ ଭାରତର ନିର୍ମାତା—ଯେଉଁମାନେ ଭାରତବର୍ଷର ନବଉନ୍ମେଷଲାଗି ଜୀବନବ୍ୟୟ କରିଛନ୍ତି

ସେହିପରି ମହାନ୍ ପୁରୁଷମାନେ—ସ୍ୱାମୀ ଦୟାନନ୍ଦ, ରାଜା ରାମମୋହନ, ସ୍ୱାମୀ ବିବେକାନନ୍ଦ, ଶ୍ରୀ ଅରବିନ୍ଦ, ମହାତ୍ମାଗାନ୍ଧି, କବିଗୁରୁ ରବିନ୍ଦ୍ରନାଥ ପ୍ରମୁଖ ଦେଶର ଜନପୁତ୍ରମାନେ ଭାରତର ଭବିଷ୍ୟତ ଅତି ମହାନ୍ ଓ ସମୁଜ୍ଜ୍ୱଳ ବୋଲି ଭବିଷ୍ୟବାଣୀ ଶୁଣାଇ ଯାଇଛନ୍ତି । ସେମାନଙ୍କ ପ୍ରଦର୍ଶିତ ମାର୍ଗରେ ନାନା ଉତ୍ଥାନ ପତନ ଭିତର ଦେଇ, ନାନା ଝଡ଼ଝଞ୍ଜା ଭିତରଦେଇ ନବୀନ ଭାରତବର୍ଷ ବିକାଶପଥରେ ଆଗେଇ ଚାଲିଛି । ଏବଂ ବର୍ତ୍ତମାନ ଆନ୍ତର୍ଜାତିକ କ୍ଷେତ୍ରରେ ଭାରତବର୍ଷ ତାର ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଏକ ଗରିଷ୍ଠ ମର୍ଯ୍ୟାଦାସଂପନ୍ନ ଦେଶରୂପେ ପୂର୍ଣ୍ଣ ପ୍ରତିଷ୍ଠା ଲାଭ କରିଛି । ଭାରତର ନେତୃବୃନ୍ଦ ଓ ଭାରତର ଜନତା ନିଜର ଅଭିଜ୍ଞତାରୁ ବହୁ କଥା ଶିଖିବାକୁ ବସିଲେଣି । ଦେଶକୁ ସବୁ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାଲାଗି ଆଜି ସମସ୍ତ ଦେଶବାସୀ ତିଆର ହୋଇଗଲେଣି ।

### ଯୁବଶକ୍ତିର ଉନ୍ମେଷ

ଜରୁରୀ ପରିସ୍ଥିତି ଜାରୀ ହେବାପରେ ଯେଉଁ ବିଂଶସୂତ୍ରୀ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧି ଘୋଷଣା କଲେ ଓ ଠିକ୍ ପରେ ପରେ ଶ୍ରୀ ସଂଜୟ ଗାନ୍ଧିଙ୍କର ପଞ୍ଚସୂତ୍ରୀ କାର୍ଯ୍ୟକ୍ରମ ଘୋଷିତ ହେଲା— ତା ପ୍ରତି ସମଗ୍ର ଦେଶରେ ଯେଉଁ ଆନ୍ତରିକ ସମର୍ଥନ ମିଳିଛି ତାହା ଅତୁଳନୀୟ । ଦେଶର ଅର୍ଥନୈତିକ ଓ ସାମାଜିକ ପରିବର୍ତ୍ତନ ଯେପରି ଅତି ତୁରନ୍ତ ସାଧିତ ହୋଇ ପାରିବ ସେ ଦିଗରେ ଆମର ପ୍ରଧାନମନ୍ତ୍ରୀଙ୍କ ଉଦାର ନେତୃତ୍ୱ ଏକ ପଣନେବା ଭଳି କାର୍ଯ୍ୟ କରି ଚାଲିଛନ୍ତି । ଏଥି ସଂଗେ ସଂଗେ ଶ୍ରୀ ସଂଜୟ ଗାନ୍ଧି ଭାରତବର୍ଷର ପ୍ରାୟ ଦଶକୋଟି ଯୁବକ ଓ ଯୁବତୀଙ୍କର ନେତୃତ୍ୱ ନେଇ ଦେଶର ଯୁବଶକ୍ତିକୁ ଗଠନମୂଳକ କାର୍ଯ୍ୟରେ ବିନିଯୋଗ କରିବା ଦିଗରେ ଅପୂର୍ବ ସାଫଲ୍ୟ ଅର୍ଜନ କରିଛନ୍ତି । ଏହି ବିରାଟ ଯୁବଗୋଷ୍ଠୀ ହେଉଛି ଗୋଟିଏ ଦେଶର ଅଫୁରନ୍ତ ଶକ୍ତି ଓ ଉତ୍ସାହର ଭଣ୍ଡାର । ମାତ୍ର ବିଗତ ବର୍ଷମାନଙ୍କରେ ଦେଶର ପରିଣତ ଗୋଷ୍ଠୀ ସଂଗେ ଏମାନଙ୍କର ସଂପର୍କ ନଥିଲା । ଫଳରେ ଦେଶର ଏହି ବିପୁଳ ସଂଖ୍ୟକ ଯୁବଗୋଷ୍ଠୀ ଲକ୍ଷ୍ୟହୀନ, କାଣ୍ଡାରୀହୀନ ହୋଇ ପଥେଇ ଜୀବନ ଯାପନ କରୁଥିଲେ ଏବଂ ଭବିଷ୍ୟତକୁ ଅନ୍ଧକାରମୟ ଦେଖି ନୈରାଶ୍ୟମୂଳକ ଉଚ୍ଛୃଙ୍ଖଳା ଭିତରକୁ ଗଡ଼ି ପଡୁଥିଲେ । ମାତ୍ର ଅତ୍ୟନ୍ତ ଆଶାର କଥା ହେଉଛି ବର୍ତ୍ତମାନ ଏହି ଯୁବଗୋଷ୍ଠୀକୁ ଶୃଙ୍ଖଳିତ କରି ଏହାକୁ ରାଷ୍ଟ୍ର ଓ ସମାଜର ବିଭିନ୍ନ କାର୍ଯ୍ୟକ୍ରମ ସଂଗେ ଜଡ଼ିତ କରି ଦିଆଗଲାଣି । ଫଳରେ ବୟସ୍କ ବ୍ୟକ୍ତିମାନେ ଯେଉଁମାନେକି ସମାଜ ଓ ରାଷ୍ଟ୍ରର ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେଉଥିଲେ, ସେମାନଙ୍କ ଭିତରେ ଏହି ଯୌବନର ଉଦ୍ଦାମ ଉତ୍ସାହର ପ୍ରାଣ ପ୍ରାଚୁର୍ଯ୍ୟ ସଂଚାରିତ ହୋଇଯିବ । ପରିଣତ ବୟସର ଯେଉଁ ସ୍ୱାଭାବିକ ଜଡ଼ତା ଓ ବୀତସ୍ପୃହତା ପ୍ରଗତି ପଥରେ ପ୍ରତିବନ୍ଧକ ହୋଇ ଛିଆ ହୁଏ । ଏହି ଯୁବଶକ୍ତିର ସମ୍ମେଳନରେ ତାହା ନିଶ୍ଚୟ ଭାଂଗିଯିବ, ଏବଂ ଦେଶରେ ନୈରାଶ୍ୟ ନୈଷ୍କର୍ମ୍ୟ ଓ ଦୀନତା ନିଶ୍ଚୟ ଚିରଦିନଲାଗି ଅପସରିଯିବ । ଯୁବନେତା ଶ୍ରୀ ସଂଜୟ ଗାନ୍ଧି ନିଶ୍ଚିନ୍ତ ଭାବେ ଏହି ନବ ଆନ୍ଦୋଳନର ପ୍ରତୀକ ଓ ତାଙ୍କରି ନେତୃତ୍ୱରେ ଏହି ଜାଗରିତ ଯୁବଶକ୍ତିର ସଂଯୋଗ ଓ ସହଯୋଗରେ ଭାରତବର୍ଷର ଦାରିଦ୍ର୍ୟ ଓ ଅଜ୍ଞାନତା ନିଶ୍ଚୟ ଅଳ୍ପଦିନ ଭିତରେ ତିରୋହିତ ହୋଇଯିବ । କିନ୍ତୁ ଆହୁରି ବଡ଼କଥା ଘଟିବ, ତାହା ହେଉଛି ଯୁଗ ଯୁଗ ଧରି ଭାରତର ସୁପ୍ତ ଓ ଭୀତ ଜାତୀୟ ଆତ୍ମା ଏକ ନୂତନ ତେଜ ଓ ମହିମାରେ ଦିଗ୍ ବିଦିଗ୍‌କୁ ଉଦ୍ଭାସିତ କରି ଜାଗି ଉଠିବ । ଆଜିର ଏହି ସ୍ମରଣୀୟ ଦିବସରେ ସମସ୍ୱରରେ ଆମ ହୃଦୟରେ ବିପୁଳ ଜୟଧ୍ୱନି ଉଚ୍ଛୁଳି ଉଠୁଛି—

ନୂତନ ଭାରତ ଜୟହେଉ

ଜନସତ୍ୟ ସଫଳ ହେଉ


ଭାରତର ଯୁବଶକ୍ତି—ଜିନ୍ଦାବାଦ୍, ଜିନ୍ଦାବାଦ୍

## ଭାରତୀୟ ବିଜ୍ଞାନ କଂଗ୍ରେସ

ତା ୩।୧।୭୭ ରୁ ତା ୭।୧।୭୭ ପର୍ଯ୍ୟନ୍ତ ଭୁବନେଶ୍ୱର ବାଣୀବିହାରଠାରେ ଭାରତୀୟ ବିଜ୍ଞାନ କଂଗ୍ରେସର ୬୪ ତମ ଅଧିବେଶନ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଭାରତୀୟ ବିଜ୍ଞାନୀ ପରିଷଦର ପ୍ରଥମ ଅଧିବେଶନ ହୋଇଥିଲା ୧୯୧୨ ମସିହାରେ କଲିକତାଠାରେ—ଭାରତର ବିଶିଷ୍ଟ ବିଜ୍ଞାନ-ମିହିର ସାର୍ ଆଶୁତୋଷ ମୁଖାର୍ଜିଙ୍କ ନେତୃତ୍ୱରେ । ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ଏହି ବୈଜ୍ଞାନିକ ସମ୍ମିଳନୀ ନିୟମିତ ଅନୁଷ୍ଠିତ ହୋଇ ଚାଲିଛି । ୧୯୬୨ ମସିହାରେ ଏହା ଓଡ଼ିଶାରେ ୪୯ ତମ ବିଜ୍ଞାନ କଂଗ୍ରେସ ଅଧିବେଶନ ରୂପେ କଟକଠାରେ ଅନୁଷ୍ଠିତ ହୋଇଥିଲା । ଏବଂ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସେହି ସମ୍ମିଳନୀ

ଉଦ୍‌ଘାଟନ କରିଥିଲେ । ୧୯୪୭ ମସିହା ଠାରୁ ପ୍ରଧାନମନ୍ତ୍ରୀ ନେହେରୁଙ୍କ ପରମ୍ପରା ରକ୍ଷାକରି ପ୍ରତି ବିଜ୍ଞାନ କଂଗ୍ରେସରେ ଭାରତର ପ୍ରଧାନମନ୍ତ୍ରୀ ହିଁ ସଭାପତି ହୋଇ ଆସୁଛନ୍ତି । ଏହି ଭାରତୀୟ ବିଜ୍ଞାନ କଂଗ୍ରେସ ବର୍ତ୍ତମାନ ପୃଥିବୀର ଗୋଟିଏ ବିରାଟ ମର୍ଯ୍ୟାଦାବନ୍ତ ଅନୁଷ୍ଠାନ ରୂପେ ମୁଣ୍ଡଟେକି ଠିଆ ହେଲାଣି ।

ଏ ବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟ ଓ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବାଣୀବିହାର-ଠାରେ ଏହି ଉତ୍ସବ ପାଞ୍ଚଦିନ ଧରି ଅନୁଷ୍ଠିତ ହୋଇଗଲା । ଏବଂ ଆନୁଷ୍ଠାନିକଭାବେ ଏହାକୁ ଉଦ୍‌ଘାଟନ କରିଥିଲେ ଆମର ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ । ପ୍ରଥମ ଦିନର ଅଧିବେଶନରେ ସଭାପତିର ଆସନ ମଧ୍ୟ ତାଙ୍କ ଦ୍ୱାରା ଅଳଂକୃତ ହୋଇଥିଲା । ଏଇ ସମ୍ମିଳନୀରେ ଆମ ଦେଶର ପ୍ରାୟ ତିନି ହଜାର ବିଶିଷ୍ଟ ବୈଜ୍ଞାନିକ ଯୋଗ ଦେଇଥିଲେ । ଏବଂ ଦେଶ ବାହାରୁ ବିଭିନ୍ନ ଦେଶରୁ ପ୍ରାୟ ଚାଳିଶ ଜଣ ବିଖ୍ୟାତ ବୈଜ୍ଞାନିକ ଯୋଗ ଦେଇଥିଲେ । ଏମାନଙ୍କ ଭିତରେ ଭାରତର ଆଣବିକ ଶକ୍ତି-କମିଶନର ଅଧ୍ୟକ୍ଷ ଡକ୍‌ଟର ଏଚ୍. ଏନ୍. ସେଠ୍‌ନା ମୁଖ୍ୟ ସ୍ଥାନ ଗ୍ରହଣ କରିଥିଲେ । ଏହି ପାଞ୍ଚଦିନିଆ ସମ୍ମିଳନୀରେ ପ୍ରାୟ ପନ୍ଦରଶହ ବିଭିନ୍ନ ବୈଜ୍ଞାନିକ ତଥ୍ୟ ସମ୍ପନ୍ନ ପ୍ରବନ୍ଧ ପାଠ କରାଯାଇଥିଲା ଓ ଆଲୋଚିତ ମଧ୍ୟ ହୋଇଥିଲା । ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଖଗୋଳ ଭୂଗୋଳ, ଉଦ୍‌ଭିଦ ବିଜ୍ଞାନ, ପ୍ରାଣୀ, ଜୀବାଣୁ, ମତ୍ସ୍ୟ ସମ୍ପର୍କୀୟ ବିଜ୍ଞାନ, ନୃ ଓ ଭାସ୍କର୍ଯ୍ୟ, ଭେଷଜ ବିଜ୍ଞାନ, ପଶୁ ଓ



ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ୧୯୭୭ ଜାନୁଆରୀ ୩ ତାରିଖ ଦିନ ବାଣୀବିହାରଠାରେ ଅନୁଷ୍ଠିତ ଭାରତୀୟ ବିଜ୍ଞାନ କଂଗ୍ରେସରେ ଭାଷଣ ଦେଉଛନ୍ତି ।

କୃଷି ବିଜ୍ଞାନ, ଶରୀର, ମନସ୍ତତ୍ତ୍ୱ, ଶିକ୍ଷା ଓ ଯନ୍ତ୍ର ବିଜ୍ଞାନ ଆଦି ବିଭିନ୍ନ ବିଭାଗର ନବାବିଷ୍କୃତ ପ୍ରଯୁକ୍ତି ଉପରେ ବହୁ ତାତ୍ତ୍ୱିକ ଆଲୋଚନା ମଧ୍ୟ ହୋଇ-ଥିଲା । ଏହି ସମ୍ମିଳନୀର ଫୋରମ୍ ଭିତରେ ଥିଲା—ବିଜ୍ଞାନ ଓ ତାର ସାମାଜିକ ଉପଯୋଗିତା—ବିଜ୍ଞାନ ଓ ଅର୍ଥନୀତିକ ପ୍ରଗତି, ଗୃହ ବିଜ୍ଞାନ ଓ ପୁଷ୍ଟିକର ଖାଦ୍ୟ ସମ୍ପର୍କୀୟ ବିଜ୍ଞାନ । ଏହି ବିଜ୍ଞାନୀମାନଙ୍କ ସମ୍ମିଳନୀ ଓ ଆଲୋଚନାର ଅନ୍ତର୍ନିହିତ ଉଦ୍ଦେଶ୍ୟ ଥିଲା—ବୈଜ୍ଞାନିକ ତଥ୍ୟାବଳୀ ସମ୍ପର୍କୀୟ ଭାବ ବିନିମୟ—ବୈଜ୍ଞାନିକମାନଙ୍କ ଭିତରେ ବୁଝାମଣା—ବୈଜ୍ଞାନିକ ଗବେଷଣା ଲାଗି ଉପଯୁକ୍ତ ବାତାବରଣ ସୃଷ୍ଟି—ବିଜ୍ଞାନଲବ୍ଧ ତଥ୍ୟର ପରିବ୍ୟାପ୍ତି ଏବଂ ବିଜ୍ଞାନ ଓ ବୈଷୟିକ ଜ୍ଞାନର ସହଯୋଗ ।

ଗତ ବର୍ଷ ଠାରୁ ଏହି ବିଜ୍ଞାନ କଂଗ୍ରେସର ଅଭିମୁଖ୍ୟ ହେଲା—ବିଜ୍ଞାନ ସାହାଯ୍ୟରେ ସମାଜ ଓ ଅର୍ଥନୈତିକ କ୍ଷେତ୍ରରେ ଦ୍ରୁତ ପ୍ରଗତି ସାଧନ । ଏବର୍ଷ ମଧ୍ୟ ଦେଶର ପ୍ରାକୃତିକ ସମ୍ବଳର ଅନୁସନ୍ଧାନ, ସଂରକ୍ଷଣ ଓ ଉପଯୁକ୍ତ ବିନିଯୋଗ ସମ୍ବନ୍ଧେ ଅତି ଗଭୀରଭାବେ ବୈଜ୍ଞାନିକମାନେ ଆଲୋଚନା କରିଥିଲେ । ଏ ସଂପର୍କରେ ତିରିଶିଟି ବିଭିନ୍ନ ବିଭାଗୀୟ ପ୍ରଦର୍ଶନୀ ମଧ୍ୟ ସର୍ବସାଧାରଣଙ୍କ ଲାଗି ଖୋଲା ଯାଇଥିଲା । ଏହି ସମ୍ମିଳନୀକୁ ପ୍ରତିଦିନ ହଜାର ହଜାର ନରନାରୀ ଦେଖିବାକୁ ଓ ଶୁଣିବାକୁ ଯାଉଥିଲେ । ବାଣୀବିହାର ଏକ ଅପୂର୍ବ ରମଣୀୟତା ମଧ୍ୟ ଲାଭ କରିଥିଲା ।

## ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

ଏହି ବିଜ୍ଞାନ ପତ୍ରିକା ଉଦ୍‌ଘାଟନ କରି ଆମର ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଖୁବ୍ ସମାଜର ଓ ଦେଶକାଳୋପଯୋଗୀ କଥା କହିଥିଲେ । ତାଙ୍କ ମତର ମର୍ମ ହେଲା—ବିଜ୍ଞାନ ବା ବୈଜ୍ଞାନିକ ଗବେଷଣା ଆଉ ଏବେ ଆମ ସମାଜରେ ଏକ ସୌଖୀନ ବିଳାସର ବିଷୟ ନୁହେଁ । ଆମ ଦେଶର ଯୁଗ ଯୁଗ ଧରି ଜମି ରହିଥିବା ଦାରିଦ୍ର୍ୟ ଓ ଅଜ୍ଞାନ ବିରୁଦ୍ଧରେ ଲଢ଼େଇ କରିବା ଲାଗି ବିଜ୍ଞାନ ଆମ ହାତରେ ଗୋଟିଏ ଶକ୍ତିଶାଳୀ ଅସ୍ତ୍ର ରୂପେ କାମ କରୁ । ଆମେ ଯଦି ଆମର ଏହି ଦୁରବସ୍ଥାକୁ ତଡ଼ିବା ଲାଗି ଆମର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ବିନିଯୋଗ ନକରୁ ତେବେ ଏ ସବୁର ମୂଲ୍ୟ ବର୍ତ୍ତମାନ ଲାଗି ଆମ ପାଇଁ କିଛି ନାହିଁ ବୋଲି କହିଲେ ସେ । ଆମର ଖାଦ୍ୟ ସମସ୍ୟା ସମାଧାନ ଦିଗରେ ଏବଂ କଳକାରଖାନା ଚଳାଇବା ଲାଗି ନୂତନ ଧରଣର ଶକ୍ତି ଉଦ୍ଭାବନ ଦିଗରେ ଆମର ବୈଜ୍ଞାନିକମାନେ ପ୍ରଥମେ ଲାଗି ପଡ଼ିବା ଉଚିତ ।

ପ୍ରଧାନମନ୍ତ୍ରୀ ପୁନଶ୍ଚ ମତପ୍ରକାଶ କଲେ ଯେ—ଚିକିତ୍ସା ବିଜ୍ଞାନରେ ଦରିଦ୍ର ଲୋକଙ୍କୁ କିପରି ସହଜରେ ସୁଫଳ ଚିକିତ୍ସା ଯୋଗାଇ ପାରିବ ତାର ଚେଷ୍ଟା ଆମର ଦେଶର ବିଜ୍ଞାନୀମାନେ କରନ୍ତୁ । ଆମର ଘର ବାଡ଼ିପାଖେ ଯେଉଁ ଔଷଧି ଉଦ୍ଭିଦ ରହିଛି, ତାର ଚେର, ମୂଳ, ଛେଲି ପତ୍ର, ଫୁଲ, ଫଳ ଓ ମଞ୍ଜିକୁ କିପରି ଆଧୁନିକ ବୈଜ୍ଞାନିକ ପ୍ରଣାଳୀରେ ଦରିଦ୍ର ଲୋକଙ୍କ ରୋଗ ନିବାରଣାର୍ଥେ ବିନିଯୋଗ କରାଯାଇ ପାରିବ—ଆମ ପକ୍ଷେ ତାହାହିଁ ଏ ଦିଗରେ ସବୁଠାରୁ ବଡ଼କଥା । ଏହାଛଡ଼ା ଲୋକମାନଙ୍କୁ କିପରି ବୈଜ୍ଞାନିକ ଉପାୟରେ ବଞ୍ଚିବାକୁ ହେବ ଓ ଜୀବନଧାରାରେ ସେମାନେ କିପରି ବିଜ୍ଞାନ ସମ୍ମତ ହୋଇପାରିବେ ଏ ଦିଗରେ ବେଶି ଧ୍ୟାନ ଦେବାକୁ ପଡ଼ିବ । ଆଦିବାସୀମାନଙ୍କ ଭିତରେ ଏହି ବୈଜ୍ଞାନିକ ଜୀବନଯାପନ ପ୍ରଣାଳୀକୁ ପ୍ରତିଷ୍ଠା କରିବାକୁ ପଡ଼ିବ ।

ଓଡ଼ିଶାରେ ବିଜ୍ଞାନର ପ୍ରୟୋଗ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ କହିଲେ ଯେ ଓଡ଼ିଶାର ଚିର ଶତ୍ରୁ ବନ୍ୟା, ବାତ୍ୟା, ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ହାତରୁ ଦେଶବାସୀଙ୍କୁ ରକ୍ଷାକରିବା ଲାଗି ବୈଜ୍ଞାନିକମାନେ ଲାଗି ପଡ଼ନ୍ତୁ । ଓଡ଼ିଶା ଉପକୂଳରେ କାଜୁବାଦାମ, ନଡ଼ିଆ ଓ ମହାବୃକ୍ଷ ଲାଗି ବିପୁଳ ପ୍ରୟାସ ହେଲେ ଓଡ଼ିଶାର ଦାରିଦ୍ର୍ୟ ନିଶ୍ଚୟ ଦୂର ହୋଇଯିବ । ଏହାଛଡ଼ା ଓଡ଼ିଶାର ଭୂଗର୍ଭ ସଞ୍ଚିତ ଧାତୁ ପଦାର୍ଥଗୁଡ଼ିକର ମଧ୍ୟ ସଦ୍‌ବ୍ୟବହାର କରିବାକୁ ପଡ଼ିବ । ଏହା ସଙ୍ଗେ ସଙ୍ଗେ ଗାଁ ଗହଳରେ ଆମକୁ ବିଜ୍ଞାନର ଆଶାଜନକ ବାର୍ତ୍ତା ପହୁଁଚାଇ ଦେବାକୁ ପଡ଼ିବ ।

ପ୍ରଧାନମନ୍ତ୍ରୀ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଆଶୁ ସଦୁପଯୋଗ ବିଷୟରେ ଯାହା କହିଲେ—ତାହା ଯେ ଏ କ୍ଷେତ୍ରରେ ନିତାନ୍ତ ଜରୁରୀ ବାର୍ତ୍ତା ଏଥିରେ ସନ୍ଦେହ ନାହିଁ । ସବୁପ୍ରକାର ବୈଜ୍ଞାନିକ ଗବେଷଣାର ଏକ ଉଚ୍ଚତର ବୌଦ୍ଧିକ ଦିଗ ନିଶ୍ଚୟ ରହିଛି । ମାନବର ଅନୁସନ୍ଧିତ୍ସା ଓ ପ୍ରକୃତିର ରହସ୍ୟ ଉଦ୍‌ଘାଟନ ବିଜ୍ଞାନର ସର୍ବଶ୍ରେଷ୍ଠ ଲକ୍ଷ୍ୟ—ଏଥିରେ ସନ୍ଦେହ ନାହିଁ । ଏହାହିଁ ମାନବ—ମନୀଷାର ଉତ୍କର୍ଷ ବିଧାୟକ ଓ ପରିଚାୟକ । ମାତ୍ର ଯୋଉ ଦେଶରେ କୋଟି କୋଟି ଲୋକ ଅନାହାରେ, ବିନା ବାସରେ, ରୋଗ ଯନ୍ତ୍ରଣାରେ ମରୁଛନ୍ତି—ସେମାନଙ୍କୁ ଆଗ ବଞ୍ଚିବାର ପ୍ରତିଶ୍ରୁତି ଦେବାର ଦାୟିତ୍ୱ ବିଜ୍ଞାନର ଓ ଆମ ବୈଜ୍ଞାନିକମାନଙ୍କର । ଏ ଦିଗରେ ସବୁପ୍ରକାର ବୈଜ୍ଞାନିକ ଉଦ୍ୟମର ଜୟହେଉ— ।

# ଭାରତର ସରକାର ଓ ସଂବିଧାନ ସଂପର୍କରେ ଶ୍ରୀ ଅରବିନ୍ଦଙ୍କ ମତ

ପ୍ରଶ୍ନ—ଭାରତବର୍ଷର ଜାତୀୟ ପ୍ରତିଭା ବିକାଶ ଲାଗି ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣଲାଗି କି ପ୍ରକାର ସରକାର ଉପଯୋଗୀ ହୋଇ ପାରିବ ?

ଶ୍ରୀ ଅରବିନ୍ଦ—ସରକାର ହେଉଛି ଲୋକଙ୍କ ପାଇଁ । ସବୋର କାର୍ଯ୍ୟ ହେଲା ଲୋକଙ୍କୁ ନିରାପଦରେ ଜୀବନଧାରଣ ଲାଗି ନିଶ୍ଚିନ୍ତ ଭରସା ଦେବା ଏବଂ ଦ୍ୱିତୀୟ କାର୍ଯ୍ୟଟି ହେଲା ଦେଶବାସୀଙ୍କ ବିକାଶ ଲାଗି ସାହାଯ୍ୟ କରିବା । ଦେଶଭିତରେ ଐକ୍ୟ ଏବଂ ସହଯୋଗମୂଳକ କର୍ମଧାରା ପ୍ରକାଶ ପାଇଲେ ଜାତୀୟ ସ୍ଥିତି ଦୃଢ଼ ନିରାପଦ ଓ ସୁଖମୟ ହୋଇ ପାରିବ ଏବଂ ମୁକ୍ତଭାବେ ବ୍ୟକ୍ତିର ବିକାଶ ହେଲେ ଜାତିର ମଧ୍ୟ ଛାଏଁ ଅଗ୍ରଗତି ହୋଇଚାଲିବ ।

ସରକାରକୁ ପୁଣି ଯେଉଁମାନେ ଚଳାଇବେ (ଶାସକ ଓ ପ୍ରଶାସକମାନେ) ସେମାନେ ସର୍ବାଦୌ ନିଃସ୍ୱାର୍ଥପର, ଅନହଙ୍କାରୀ, ନିଷ୍ଠାପର ଭାବେ ସଚ୍ଚୋଟ ଓ ସମର୍ଥ ବ୍ୟକ୍ତି ହୋଇଥିବା ଉଚିତ । ସେମାନେ କୌଣସି ଦଳପ୍ରତି କେବଳ ଅନୁଗତ ନରହି ସମସ୍ତ ଦେଶପ୍ରତି ଅନୁଗତ ହେବେ । ସେମାନେ କୌଣସି ଗୋଷ୍ଠି ବା ଦଳର ସ୍ୱାର୍ଥ ନଦେଖି ସମଗ୍ର ଦେଶର ସ୍ୱାର୍ଥକୁ ଆଗରେ ରଖି କାର୍ଯ୍ୟ କରିବେ ।

ଯଦି ଉପସ୍ଥିତ ସଂବିଧାନ ଏପରି ଲୋକ ଯୋଗାଇବାରେ ଏବଂ ଏଭଳି ସରକାର ଗଢ଼ିବାରେ ସାହାଯ୍ୟ ନକରେ—ତେବେ ସେ ସଂବିଧାନକୁ ନିଶ୍ଚିତଭାବେ ବଦଳାଇବା ଉଚିତ ।

*With the best compliments from—*

# OTTO INDIA PRIVATE LIMITED

## STRUCTURAL & MECHANICAL WORKS

P. O. KALUNGA, Dist. SUNDARGARH, ORISSA

WORKS :

**P. O. Kalunga**
**Dist. Sundargarh, Orissa**
**Phone No. 3166 RKL.**
**Phone No. 38 Klg.**
**Telex No. RL** OTTOIND **210**

HEAD OFFICE :

**10, Middleton Row**
**Calcutta-71**
**Phone No 21-3606**
**(PBX 5 Lines)**
**Telex No. 021-7079**

DESIGNERS, MANUFACTURERS AND TURN-KEY CONTRACTORS FOR COKE OVEN PLANTS, BYPRODUCTS PLANTS, COAL AND COKE HANDLING PLANTS, GAS PRODUCER PLANTS, CARBONISING PLANTS, CHEMICAL PLANTS, SYNTHESIS GAS PLANTS, TOWN GAS PRODUCTION PLANTS, CONTINUOUS NEUTRALISATION PLANTS FOR TREATMENT AND PURIFICATION OF INDUSTRIAL EFFLUENT AND DOMESTIC SEWAGE AND WATER CIRCULATION SYSTEMS

**Exporters of :**

SOPHISTICATED MACHINERIES AND COMPONENTS FOR COKE OVEN PLANTS

# ପ୍ରଧାନମନ୍ତ୍ରୀ କଣ କହନ୍ତି ?
# ଶ୍ରୀମତୀ ଗାନ୍ଧୀ

( ପ୍ରଧାନ ମନ୍ତ୍ରୀ ଜାତି ଉଦ୍ଦେଶ୍ୟରେ ଦେଇଥିବା ୭୫ ତମ ବକ୍ତୃତା ମାଳାର ସାରାଂଶ )



ସମାଜର ଦୁର୍ବଳ ଶ୍ରେଣୀୟ ଲୋକମାନଙ୍କର ଦୁଃଖ ଲାଘବ ନିମନ୍ତେ ଆମର ଅର୍ଥନୈତିକ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ । ଏଣୁ ଜାତି ନିର୍ମାଣ ଦିଗରେ ଦେଶର ଜନସାଧାରଣଙ୍କୁ ଆଗେଇନେବା ଆଜିର ସର୍ବପ୍ରଥମ କର୍ତ୍ତବ୍ୟ ।

ଆମ୍ଭମାନଙ୍କ ନିମନ୍ତେ ଭୂସଂସ୍କାର ପ୍ରଶ୍ନ ଏକ ନୂଆ କଥା ନୁହେଁ । ଆମର ଃ ନୈତିକ ଓ ସାମାଜିକ ପ୍ରଗତି କ୍ଷେତ୍ରରେ ଏହାର ମୌଳିକ ଗୁରୁତ୍ୱ ରହିଥିବାରୁ ଏହାକୁ ବିଂଶସୂ ୀ ଅର୍ଥନୈତିକ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ଆମ୍ଭେମାନେ ଯେତେବେଳେ ଏହାକୁ ସବିଶେଷଭାବରେ କାର୍ଯ୍ୟ କରିବାକୁ ଯାଉଛୁ ଓ ଏହାକୁ କାର୍ଯ୍ୟକାରୀ କରାଯିବା ସମୟରେ ଯେପରି ଏହାର ମୂଳ ମର୍ମକୁ ବିଧାନସଭା ସଦସ୍ୟ, ସରକାରୀ କର୍ମଚାରୀ, ଓ ବେସରକାରୀ କର୍ମଚାରୀ ଉତ୍ତମରୂପେ ବୁଝିପାରିବେ । ଆମ୍ଭେମାନେ ସେଥିପ୍ରତି ଯତ୍ନବାନ ହେବା ବାଞ୍ଛନୀୟ । ମୋ ମତରେ କେତେକ ନ୍ୟସ୍ତ-ସ୍ୱାର୍ଥ ବ୍ୟକ୍ତି ଯେଉଁମାନେ କି, ଭୂସଂସ୍କାର ଆଇନକୁ ବିରୋଧ କରିବା ଫଳରେ କିମ୍ବା ଉକ୍ତ ଆଇନର ଗୁରୁତ୍ୱ-ପୂର୍ଣ୍ଣ ଭୂମିକା ସମ୍ପର୍କରେ ସାଧାରଣ ଭାବେ ଲୋକମାନଙ୍କର ଆଗ୍ରହ ପ୍ରକାଶ ପାଉନଥିବାରୁ, ଉକ୍ତ ଆଇନକୁ କାର୍ଯ୍ୟ-କାରୀ କରିବା ଦିଗରେ ଅଯଥା ବିଳମ୍ବ ତଥା ଦ୍ୱିଧା ପ୍ରକାଶ ପାଉଅଛି । ରାଜ୍ୟଗୁଡିକ ଏଦିଗରେ ଉଦ୍ୟମ କରୁଥିବା ବିଷୟରେ ମୁଁ ଅବଗତ, ମାତ୍ର ତାହା ଆମର ଲକ୍ଷହାସଲ ନିମନ୍ତେ ପର୍ଯ୍ୟାପ୍ତ ହୋଇପାରି ନାହିଁ ।

ଜମି ଦଖଲ, ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜମିଦେବା ନିମନ୍ତେ ଆବଶ୍ୟକୀୟ ସ୍ୱୀକୃତି ପ୍ରଦାନ ଓ ବଳକା ଜମିଗୁଡ଼ିକର ବଣ୍ଟନ ନିମନ୍ତେ ଆମ୍ଭମାନଙ୍କୁ ଏକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ କରିବାକୁ ହେବ । ଏହାକୁ କାର୍ଯ୍ୟ

ଲାଗୁ କରିବା ଦିଗରେ କେଉଁ କେଉଁ କାରଣ ଯୋଗୁଁ ବିଭିନ୍ନ ସ୍ତରରେ ବିଳମ୍ବ ଘଟୁଅଛି, ସେସବୁ କାରଣ ଗୁଡ଼ିକୁ ଚିହ୍ନଟ କରାଯିବା ଉଚିତ୍ ଓ ଏ କ୍ଷେତ୍ରରେ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ମଧ୍ୟ ପ୍ରୟୋଜନ । କିନ୍ତୁ କିଛି ଆଇନଗତ ବ୍ୟାଖ୍ୟା ଯୋଗୁଁ ଏ କ୍ଷେତ୍ରରେ ଯେଉଁ ବିଳମ୍ବ ଘଟୁଅଛି, ତାହା ଯଥାଶୀଘ୍ର ସମାଧାନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ବିଭିନ୍ନ ଅବସ୍ଥାକୁ ସୁହାଉଥିବା ଭଳି ଆମ୍ଭେମାନେ ଯେତେବେଳେ ବାସ୍ତବତା ସହ ଆଇନମାନ ପ୍ରଣୟନ କରିବୁ ସେତେବେଳେ ଆମ୍ଭମାନଙ୍କର ତଥା କଥିତ ଆଇନମାନ ଜଟିଳ ହୋଇପଡ଼େ । ଏ କ୍ଷେତ୍ରରେ ଆଇନ ମନ୍ତ୍ରାଳୟ, ତାଙ୍କ ଯଥାଯଥ ଦାୟିତ୍ୱ ସମ୍ପାଦନ କରି ଅଛନ୍ତି ଓ ସେଥିନିମନ୍ତେ ଉକ୍ତ ମନ୍ତ୍ରଣାଳୟର ଧନ୍ୟ-ବାଦାର୍ହ । ଆମ୍ଭମାନଙ୍କର ଆଇନ ପଦ୍ଧତି ଯଥାସମ୍ଭବ ବିଶେଷ ସହଜ ଓ ସରଳ ହେବା ବାଞ୍ଛନୀୟ । ଉକ୍ତ ଆଇନ ପଦ୍ଧତି ଯେଉଁଠାରେ ପ୍ରଣୟନ ହୋଇଥାଉନା କାହିଁକି ଆମ୍ଭେମାନେ ପୁନଶ୍ଚ ଏହାକୁ ସହଜ ଓ ସରଳ କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ଯଦି ଆଇନ ପଦ୍ଧତି ଗୁଡ଼ିକ ଜଟିଳ ହୋଇ ପଡ଼େ, ସେଥିରେ ତ୍ରୁଟିବି-ମାତ୍ରା ବିଶେଷ ଭାବେ ପରିଲିକ୍ଷିତ ହୋଇଥାଏ ଓ ଯେଉଁ ବ୍ୟକ୍ତିମାନେ ଉକ୍ତ ଆଇନ ପ୍ରବର୍ତ୍ତନ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିବାକୁ ଇଚ୍ଛା ପ୍ରକାଶ କରନ୍ତି, ସେଥିରୁ ସେମାନେ ବିଶେଷଭାବେ ଫାଇଦା ଉଠାଇ ଥାଆନ୍ତି । ପ୍ରତ୍ୟେକ ଦିନ ସକାଳେ ଅନେକ ବ୍ୟକ୍ତି ମୋତେ ସାକ୍ଷାତ୍ କରିବାକୁ ଆସନ୍ତି ଓ କେତେକ କହନ୍ତି ଯେ ସେମାନେ ଜମି ପାଇଲେଣି ମାତ୍ର ତାକୁ ଦଖଲ କରିପାରୁ ନାହାନ୍ତି କିମ୍ବା ସେ ଜମିକୁ ଅନ୍ୟକେହି ଦଖଲ କରି ବସିଛି । ଏଥିରେ ସ୍ପଷ୍ଟ ଅନୁମିତ ହୁଏ ଯେ, ବିଭିନ୍ନ ରାଜ୍ୟ ଗୁଡ଼ିକରେ ଉପୁଡ଼ା ଏଡ଼ିବାରେ କିଛି ନା କିଛି ସମସ୍ୟା ରହିଛି ।

ଜମି ବଣ୍ଟନ କ୍ଷେତ୍ରରେ ସତର୍କତା ଅନୁସରଣ କରିବା ଉଚିତ୍ ବୋଲି ମୁଁ ସବୁବେଳେ କହିଥାଏ । ଏପରିମଧ୍ୟ ଦେଖାଯାଇଛି ଯେ ନିର୍ଦ୍ଧାରିତ ଲକ୍ଷ୍ୟସୀମାରେ ପହଞ୍ଚିବା ନିମନ୍ତେ ଗାଁ ସହରର ଲୋକମାନଙ୍କ ନିମନ୍ତେ ଉପଯୋଗୀ ଜଙ୍ଗଲଜମି ଓ ସାଧାରଣ ଜମିଗୁଡ଼ିକୁ ମଧ୍ୟ ଲୋକମାନଙ୍କ ମଧ୍ୟରେ ବଣ୍ଟାଯାଇ ସରିଛି । ଏପରି ଭୂମି ବଣ୍ଟନ "ଭୂସଂସ୍କାର" ଆଇନର ପରିସରଭୁକ୍ତ ନୁହେଁବୋଲି ମୁଁ ଭାବେ ଓ ଏପରି ଜମିବଣ୍ଟନ କ୍ଷେତ୍ରରେ ଯେଉଁ ବଣ୍ଟନ ପରିସଂଖ୍ୟାନ ପ୍ରକାଶପାଏ, ତାହା ସମ୍ପୂର୍ଣ୍ଣ-ରୂପେ ଭ୍ରମାତ୍ମକ, ଏଥିପରି ବିଭିନ୍ନ କ୍ଷେତ୍ରରେ ଏପରି ଭୂମିବଣ୍ଟନ, ସଂପୃକ୍ତ ବ୍ୟକ୍ତିମାନଙ୍କୁ ଉପକୃତ କରିବା ପରିବର୍ତ୍ତେ ସେମାନଙ୍କର କ୍ଷତିସାଧନ କରିଥାଏ । କାରଣ ଯେଉଁ ବ୍ୟକ୍ତିମାନେ ଏହି ଧରଣର ଜମିଗୁଡ଼ିକ ପାଇଥାନ୍ତି, ସେମାନେ ପରିଶେଷରେ ଏହି ଜମିଗୁଡ଼ିକ ଦ୍ୱାରା ଉପକୃତ ହୁଅନ୍ତି ନାହିଁ ।

ଭୂସଂସ୍କାର ଆଇନକୁ କାର୍ଯ୍ୟକାରୀ କରିବା ଦିଗରେ ସ୍ଥାନୀୟ ରାଜସ୍ୱ କର୍ମଚାରୀ ଓ ବଡ଼ ବଡ଼ ଚାଷୀମାନଙ୍କ ମଧ୍ୟରେ ସଂଘର୍ଷ ଘଟୁଥିବା ବିଷୟ ମୋର ଦୃଷ୍ଟିଗୋଚର ହୋଇଅଛି ଓ ବାସ୍ତବରେ ଏକ ବଡ଼ ସମସ୍ୟା । ଉକ୍ତ ଭୂସଂସ୍କାର ଆଇନକୁ କାର୍ଯ୍ୟକାରୀ କରିବା ଦିଗରେ ଅଣଆଦିସରି ଲୋକମାନଙ୍କର ସହଯୋଗ ମଧ୍ୟ ବିଶେଷ ସହାୟକ ହୋଇଥାଏ ଓ ଏଥିନିମନ୍ତେ ନିଯୁକ୍ତ ବିଭିନ୍ନ ଧରଣର କର୍ମଚାରୀମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ ।

ବିହାର, ପଶ୍ଚିମ ବଙ୍ଗ ଓ ଓଡ଼ିଶା ପ୍ରଭୃତି ରାଜ୍ୟ-ଗୁଡ଼ିକର ସ୍ଥାୟୀ ଅଞ୍ଚଳଗୁଡ଼ିକରେ ରୟତୀ ସତ୍ୱ ସଂସ୍କାର କାର୍ଯ୍ୟର ଅଗ୍ରଗତି ବିଶେଷ ସନ୍ତୋଷଜନକ ନୁହେଁ ଓ ଏହି ସମସ୍ୟାର ସମାଧାନ ନିମନ୍ତେ ତୁରନ୍ତ ଏକ ସୂତ୍ର ବାହାର କରିବାକୁ ପଡ଼ିବ । ଜମି ଦଲିଲ ଓ ଦଲିଲ ସତ୍ୱ ଗୁଡ଼ିକର ପାର୍ଥକ୍ୟ ବିଭିନ୍ନ ରାଜ୍ୟରେ ଦେଖିବାକୁ ମିଳିଥାଏ ଓ ଏ କ୍ଷେତ୍ରରେ ବିଭିନ୍ନ ଅଞ୍ଚଳ ଗୁଡ଼ିକରେ ବିଶେଷକରି ପୂର୍ବତନ ଗଡ଼ଜାତ ଅଞ୍ଚଳରେ ପରିସ୍ଥିତି ସନ୍ତୋଷଜନକ ନୁହେଁ । ସର୍ଭେ ଓ ବନ୍ଦୋବସ୍ତ ଫଳରେ ଜମି ଦଲିଲ-ଗୁଡ଼ିକୁ ଉତ୍ତମରୂପେ ପ୍ରସ୍ତୁତ କରଯାଇ ପାରିବ । କିନ୍ତୁ ଏଥି ନିମନ୍ତେ ସମୟର ଆବଶ୍ୟକତା ରହିଛି । କିନ୍ତୁ ମୁଁ ଜାଣେନା, ଆମର ଭୂସଂସ୍କାର ଆଇନକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଆମେ ଏତେ ଦୀର୍ଘ ସମୟ ଧରି ଓ ଧୈର୍ଯ୍ୟର ସହ ଅପେକ୍ଷା କରି ପାରିବା କି ନା ତେବେ ଯାହା ହେଉନା କାହିଁକି, ଏଥି ନିମନ୍ତେ କେତେକ ଅସ୍ଥାୟୀ ତଥା ବାସ୍ତବ ପନ୍ଥା ଅନୁସରଣ କରିବାକୁ ପଡ଼ିବ ଓ ଯାହା ଫଳରେ ଆମେ ଏ ଦିଗରେ ଆଗେଇ ଯିବା । କୌଣସି ଉତ୍ତମ ବିଷୟ ସଂପର୍କରେ ଆଶା-ପୋଷଣ କରି କିମ୍ବା ସ୍ଥାନୀୟ କର୍ମଚାରୀମାନଙ୍କ ଉପରେ ନିର୍ଭର କରି ନିର୍ଦ୍ଦିଷ୍ଟ ବିଷୟ ବସ୍ତୁ ଗୁଡ଼ିକୁ ଛାଡ଼ି ଦିଆଯାଇ ନପାରେ ।

ଅନେକ ସମୟରେ ଆମ୍ଭେମାନେ ଅନେକ କିଛି କରିବା ନିମନ୍ତେ ଆଗେଇ ଆସୁ । ଆମ୍ଭେମାନେ ଗ୍ରାମ୍ୟ ଋଣ ଚୁକ୍ତି ସଂପର୍କରେ ବିଶେଷ ବ୍ୟଗ୍ରଥିଲୁ । କିନ୍ତୁ କେତେକ ରାଜ୍ୟରେ ଆଇନ ଗୁଡ଼ିକୁ ଏପରିଭାବେ ପ୍ରସ୍ତୁତ କରା ଯାଇଅଛି ଯେ, ଠିକାଦାର ଓ ନିଯୁକ୍ତିଦାତା

ଦେଇଥିବା ବକେୟା ଘରଭଡ଼ା, ଅଗ୍ରୀମ ମଜୁରୀ ଓ ଦରମାଗୁଡ଼ିକୁ କେବଳ ମାତ୍ର ଭରଣା କରାଯାଇଅଛି । ବର୍ତ୍ତମାନ ନିଯୁକ୍ତିଦାତାମାନେ ଏପରି ଅଗ୍ରୀମ ଦେଉ ନାହାନ୍ତି ଓ ଏହାଦ୍ୱାରା କର୍ମଚାରୀମାନେ ବିଶେଷ ସମସ୍ୟାର ସମ୍ମୁଖୀନ ହେଉଅଛନ୍ତି । ଯେତେବେଳେ ଆମେ ଘୋଷଣା କଲୁ ଯେ, ଉକ୍ତ ପରିକଳ୍ପନାଗୁଡ଼ିକୁ ଗ୍ରାମ୍ୟ ଋଣ ମୁକ୍ତି ନିମନ୍ତେ କାର୍ଯ୍ୟକାରୀ କରାଯିବ, ସେତେବେଳେ ବାସ୍ତବରେ ମୁଁ ଜାଣେ ନାହିଁ ଯେ, ଆମେ କ'ଣ କରିବାକୁ ଯାଉଁଅଛୁ ଓ ଅନେକଗୁଡ଼ିଏ ଆଇନ ଉକ୍ତଆଇନ ପ୍ରବର୍ତ୍ତନ କରିବା ସପକ୍ଷରେ ମତପ୍ରଦାନ କଲେ ନାହିଁ । ଏଣୁ ଅନ୍ୟାନ୍ୟ କ୍ଷେତ୍ରରେ ଆଇନଗୁଡ଼ିକୁ ବିଶେଷ ଭାବରେ ଯାଞ୍ଚ କରାଯିବା ଉଚିତ୍ । ଯାହା ଫଳରେ ଉକ୍ତ ଆଇନ ସମସ୍ୟାର ସମାଧାନ ପରିବର୍ତ୍ତେ ଯେପରି ଅଧିକ ସମସ୍ୟାର ସୃଷ୍ଟି ନ କରେ ।

## ( ଦୁଇ )

ସହରାଞ୍ଚଳର ସଂପତ୍ତି ଗୁଡ଼ିକର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରିବା ନିମନ୍ତେ ଉଦ୍ଦିଷ୍ଟ ଆଇନ ବାସ୍ତବରେ ଏକ ଗୁରୁତ୍ୱ ପୂର୍ଣ୍ଣ ବ୍ୟବସ୍ଥା ଓ ଯେଉଁ ରାଜ୍ୟଗୁଡ଼ିକ ଉକ୍ତ ଆଇନକୁ କାର୍ଯ୍ୟକାରୀ କରିବା ଦିଗରେ ସମର୍ଥ ହୋଇ ନାହାନ୍ତି, ସେ ସବୁ ରାଜ୍ୟଗୁଡ଼ିକ ତୁରନ୍ତ ଉକ୍ତ ଆଇନକୁ କାର୍ଯ୍ୟକାରୀ କରିବା ନିମନ୍ତେ ଉଦ୍ୟମ କରିବା ବାଞ୍ଛନୀୟ । ଏପରିସ୍ଥଳେ ଆମ୍ଭମାନଙ୍କୁ ମନେରଖିବାକୁ ହେବ ଯେ, ନିର୍ଦ୍ଧାରିତ ଆଇନ ପଦ୍ଧତି ଫଳରେ ଯେପରି କୌଣସି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଫାଇଦା ନ ଉଠାନ୍ତି ଓ ଆମ୍ଭେମାନେ ଯେପରି ତା' ଫଳରେ ଦୁର୍ନୀତିର ଦ୍ୱାର ଉନ୍ମୁକ୍ତ ନକରୁ ସେଥିପ୍ରତି ଆମ୍ଭମାନଙ୍କୁ ଧ୍ୟାନ ଦେବାକୁ ପଡ଼ିବ ।

ସହରାଞ୍ଚଳ ସଂପତ୍ତିଗୁଡ଼ିକର ବଣ୍ଟନ ସମୟରେ ଯେପରି ସୁସଂଗଠିତ ସହର ଯୋଜନା, ଆବଶ୍ୟକ ରାସ୍ତାଘାଟ, ସଂରକ୍ଷିତ ଖୋଲା ଅଞ୍ଚଳ, ସାଧାରଣ ସୁବିଧା ସୁଯୋଗ ଓ ଆନୁସଙ୍ଗିକ ବ୍ୟବସ୍ଥାଗୁଡ଼ିକ ପ୍ରତି ଯଥାଯଥ ଧ୍ୟାନ ଦିଆଯାଇପାରିବ ସେଗୁଡ଼ିକ ଉପରେ ମୁଁ ଗୁରୁତ୍ୱ ଆରୋପ କରିବାକୁ ଚାହେଁ । ସହର ଗୁଡ଼ିକ ନିମନ୍ତେ ଆବଶ୍ୟକ ଯୋଜନା ଯତ୍ନସହକାରେ ତଥା ବହୁଆଗରୁ କରାଯିବା ଆବଶ୍ୟକ । ଫଳରେ ଛୋଟ ଛୋଟ ପ୍ଲଟ୍‌ଗୁଡ଼ିକ ଉପରେ ପକ୍‌କାଗୃହଗୁଡ଼ିକୁ ନିର୍ମାଣ କରାଗଲେ ସହର ଚତୁର୍ପାର୍ଶ୍ୱରେ ଇଟା ପଥରଗୁଡ଼ିକ ଜମାହୋଇ ରହିବନାହିଁ ଓ ସଂପୃକ୍ତ ସ୍ଥାନରେ ଏକ ନୂତନ ବସ୍ତି ଅଞ୍ଚଳ ସୃଷ୍ଟି ହୋଇ ପାରିବ ନାହିଁ ।

* * * * *

ଗ୍ରାମ୍ୟ ଅର୍ଥନୀତିକୁ ପୁନର୍ଗଠନ କରିବା ନିମନ୍ତେ ବହୁ ସଂଖ୍ୟକ କର୍ମ ଦକ୍ଷ ଓ କୁଶଳୀ କର୍ମଚାରୀଙ୍କୁ ଏଥିରେ ଜଡ଼ିତ କରାଗଲେ ; ମୁଁ ଭାବୁଛି ଏଥିରେ କାହାର ଭିନ୍ନମତ ରହିବ ନାହିଁ । ଅପର ପକ୍ଷରେ ସଂପୃକ୍ତବ୍ୟକ୍ତିମାନଙ୍କୁ ଏକ ନୂତନ ସଂଗଠନ ଜରିଆରେ ଋଣ, କୃଷି ଉପକରଣ ଯୋଗାଇଦେବା ସଙ୍ଗେ ସଙ୍ଗେ ସ୍ଥାନୀୟ ଶିଳ୍ପ ସଂସ୍ଥା ଗୁଡ଼ିକୁ କାର୍ଯ୍ୟଦକ୍ଷ କରିବା ସୁଚିନ୍ତିତ ବୈଜ୍ଞାନିକ ଓ କାରିଗରୀ କୌଶଳ ପ୍ରୟୋଗ ତଥା ଶିକ୍ଷାର ପ୍ରସାର କରାଗଲେ ଭୂସଂସ୍କାର ଆଇନକୁ ଯଥାଯଥଭାବେ କାର୍ଯ୍ୟକାରୀ କରାଯାଇପାରେ । କର୍ମ ବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ କିପରି ସୀମିତ କରିବାକୁ ହେବ, ତାହା ମଧ୍ୟ ଆମ୍ଭମାନଙ୍କ ନିକଟରେ ଏକ ବିରାଟ ପ୍ରଶ୍ନ ହୋଇ ରହିଛି ।

ଗ୍ରାମବାସୀମାନଙ୍କର ଜୀବନଯାପନ ପ୍ରଣାଳୀରମାନକୁ ଉନ୍ନତ କରିବା, ଯଦିଓ ଭୂସଂସ୍କାର ଆଇନର ପରିସର ଭୁକ୍ତ ନୁହେଁ, ତଥାପି ଗ୍ରାମ୍ୟ ଅର୍ଥନୀତିର ପୁନର୍ଗଠନ କ୍ଷେତ୍ରରେ ଏହା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଆମ୍ଭେ-ମାନେ ଯେତେବେଳେ କୌଣସି କାର୍ଯ୍ୟ କରିବାକୁ ଯାଉଛେ, ସେତେବେଳେ ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଗୁରୁତ୍ୱ ଆରୋପ କରିବା ଓ ବନ୍ୟଜନ୍ତୁ ସଂରକ୍ଷଣ ଉପରେ ସବିଶେଷ ଧ୍ୟାନ ଦେବା ଉଚିତ୍ । ମୋ ମତରେ ଜୀବଜନ୍ତୁଗୁଡ଼ିକ ସମସ୍ତଙ୍କ ଭଳି ଈଶ୍ୱରଙ୍କ ସୃଷ୍ଟି ବୋଲି ବିବେଚନା କରିବା ଉଚିତ୍ ।

* * * * *

ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ଅସ୍ଥିରତା ଦେଖାଯିବା ଫଳରେ ବିଭିନ୍ନ ରାଷ୍ଟ୍ରଗୁଡ଼ିକର ଆଭ୍ୟନ୍ତରିଣ ବ୍ୟାପାରରେ କେତେକାଂଶରେ ଅନୁରୂପ ସମସ୍ୟାମାନ ଦେଖା ଦେଉଅଛି । ଆନ୍ତର୍ଜାତିକ ଅର୍ଥନୀତି ଜାତୀୟ ଅର୍ଥନୀତିକୁ ବିଶେଷ ଭାବରେ ପ୍ରଭାବିତ କରୁଅଛି । ଅର୍ଥନୈତିକ ସମାସ୍ୟା, ଇନ୍ଧନ ସମସ୍ୟା, ମୁଦ୍ରାସ୍ଫିତି ଆଜି ସମଗ୍ର ବିଶ୍ୱକୁ ଆକ୍ରାନ୍ତ କରିଅଛି । ବୈଷୟିକ ଜ୍ଞାନର ପ୍ରସାର ଫଳରେ ବିଶ୍ୱରେ ନୂତନ ସମାସ୍ୟା ଗୁଡ଼ିକର ଉଦ୍‌ଭବ ହୋଇଛି । ଏତଦ୍‌ବ୍ୟତୀତ ବିକାଶୋନ୍ମୁଖୀ ଦେଶଗୁଡ଼ିକରେ ପୁରାତନ ଦୃଷ୍ଟିଭଙ୍ଗୀ ଓ ନୂତନ ଦୃଷ୍ଟିଭଙ୍ଗୀ ମଧ୍ୟରେ ନିଷ୍କ୍ରିୟତା ତଥା ପାର-ସ୍ପରିକ କ୍ରିୟା କଳାପଜନିତ ସମସ୍ୟାମାନ ଦେଖା ଦେଇଅଛି । ପ୍ରତ୍ୟେକ ଦେଶର ସ୍ୱତନ୍ତ୍ର ରାଜନୈତିକ ସମସ୍ୟାମାନ ରହିଅଛି । କେତେକ କ୍ଷେତ୍ରରେ ଅନ୍ୟ-ମାନଙ୍କ ଅଭିଜ୍ଞତାରୁ ଆମ୍ଭେମାନେ ସେ ସଂପର୍କରେ

ଜାତିଗତ ଓ ଅନ୍ୟକ୍ଷେତ୍ରରେ ଆମ୍ଭେମାନେ ଆମ୍ଭମାନଙ୍କର ସମସ୍ୟାଗୁଡ଼ିକର ସମାଧାନର ପନ୍ଥା ଖୋଜିବୁ ।

* * * *

ଆମ ସମ୍ବିଧାନ ୨୬ ବର୍ଷତଳେ ପ୍ରସ୍ତୁତ କରା-ଯାଇଥିଲା । ଆମେ ଆଜି ଏକ ଗଣତାନ୍ତ୍ରିକ ଢାଞ୍ଚାରେ ଗଠିତ ଏକ ଶାସନତନ୍ତ୍ର ଅଧୀନରେ ବାସ କରୁଅଛୁ । ସମ୍ବିଧାନରେ ରହିଥିବା ବ୍ୟବସ୍ଥାଗୁଡ଼ିକ ଯଥାଯଥ ଭାବେ ପାଳନ କରାଯାଉଅଛି । ଦେଶରେ ଦେଖା ଦେଇଥିବା ସବୁ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଏହି ଶାସନ ସଂସ୍ଥା ବିଶେଷ ଭାବେ ସମର୍ଥ ହୋଇ-ଅଛି । ଆଜି ଆମେ ଏକ ରାଜନୈତିକ ଆହ୍ୱାନର ସମ୍ମୁଖୀନ ହୋଇଅଛୁ । ଏପରି ସମସ୍ୟାଗୁଡ଼ିକ ମଧ୍ୟ ଅନ୍ୟାନ୍ୟ ଶାସନସଂସ୍ଥା ମଧ୍ୟରେ ଦେଖିବାକୁ ମିଳିଥାଏ । ଯଦି ଭବିଷ୍ୟତରେ ସଂବିଧାନର କୌଣସି ସଂଶୋଧନ କରାଯାଏ, ତେବେ ତାହା ଜନସାଧାରଣଙ୍କର ଗଣ-ତାନ୍ତ୍ରିକ ଓ ଆଇନଗତ ମନୋବଳକୁ ପ୍ରତିହତ କରୁଥିବା ଶକ୍ତି କବଳରୁ ଦୁର୍ବଳ ଶ୍ରେଣୀରେ ଲୋକ-ମାନଙ୍କୁ ରକ୍ଷା କରିବା ନିମନ୍ତେ ଉଦ୍ଦିଷ୍ଟ ହେବ ।

କେତେକ ଲୋକ ସ୍ୱାଧୀନତାର ଅର୍ଥକୁ ଭିନ୍ନ ଭିନ୍ନ ଭାବରେ ବ୍ୟାଖ୍ୟା କରିଥାନ୍ତି । ସେମାନଙ୍କ ମତରେ ସ୍ୱାଧୀନତା ହେଉଛି, ଧନୀକ ସଂପ୍ରଦାୟର ଲୋକମାନଙ୍କ ନିମନ୍ତେ ସ୍ୱାଧୀନତା ସଂରକ୍ଷଣ । ଦେଶର ଦୁର୍ବଳ ଶ୍ରେଣୀର ଲୋକମାନେ ଯେତେବେଳେ ଦାରିଦ୍ର୍ୟର କଶାଘାତରେ ସନ୍ତୁଥାଆନ୍ତି; ସେତେବେଳେ ସେମାନେ ବିଳାସ ବ୍ୟସନରେ କାଳାତିପାତ କରନ୍ତି । ଧନୀଲୋକ-ମାନେ ଆଇନକୁ ଭୁଲକରି ପାରିବେ ବୋଲି ସେମାନଙ୍କର ଏକଧାରଣା ରହିଛି । ମୋ ମତରେ ସ୍ୱାଧୀନତାର ଅର୍ଥ ତାହାନୁହେଁ । ଅର୍ଥନୈତିକ ନ୍ୟାୟ ରାଜନୈତିକ ସ୍ୱାଧୀନତାଠାରୁ ସଂପୂର୍ଣ୍ଣ ଭିନ୍ନଅଟେ । ସ୍ୱାଧୀନତା ଯଦି ଉତ୍ତମ କାର୍ଯ୍ୟରୂପେ ବିବେଚିତ ନହେଲା ଓ ଗରିବ ନିରାଶ୍ରୟୀ ବ୍ୟକ୍ତିମାନେ ପର୍ଯ୍ୟାପ୍ତ ଭାବେ ସୁବିଧା ସୁଯୋଗରୁ ବଞ୍ଚିତ ହେଲେ, ତେବେ ସ୍ୱାଧୀନତାର କିଛି ଅର୍ଥ ନାହିଁ ବୋଲି ମୁଁ ବିବେଚନା କରେ । ଆମ୍ଭେମାନେ ଅଯଥା ସୁବିଧା ସୁଯୋଗଗୁଡ଼ିକର ହ୍ରାସ କରିବା ଦିଗରେ ଧନୀକ ସଂପ୍ରଦାୟର ବ୍ୟକ୍ତିମାନଙ୍କର ଅର୍ଥନୈତିକ ଶକ୍ତିକୁ ସୀମିତ କରିବା ଦିଗରେ ଓ ଗରିବ ଶ୍ରେଣୀର ଲୋକମାନଙ୍କର ସ୍ୱାର୍ଥ ସୁରକ୍ଷା କରିବା ନିମନ୍ତେ ଆମ୍ଭେମାନେ ନୂତନ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରିଅଛୁ ।

କେନ୍ଦ୍ର ସରକାରଙ୍କୁ ଶାସନଚ୍ୟୁତ କରିବା ନିମନ୍ତେ ବାରମ୍ବାର ଉଦ୍ୟମ ହୋଇ ଆସୁଥିଲା । ଯଦି ଉକ୍ତ ଉଦ୍ୟମ ଫଳପ୍ରଦ ହୋଇଥାଆନ୍ତା ତେବେ ଜାତୀୟ ସଂହତି ବିପର୍ଯ୍ୟସ୍ତ ହୋଇଥାଆନ୍ତା ଓ ଜାତୀୟ ସଂହତିକୁ ପୁନର୍ବାର ସୁରକ୍ଷା କରିବା ସମ୍ଭବ ହୋଇ ନଥାନ୍ତା । ଆମ୍ଭେମାନେ ସନ୍ତୋଷ ଅନୁଭବ କରୁଅଛୁ ଯେ, ଜରୁରୀ କାଳୀନ ଅବସ୍ଥା ଏହି ମୌଳିକ ଲକ୍ଷ ହାସଲ ଦିଗରେ ବିଶେଷ ଫଳବତୀ ହୋଇଅଛି । ଏଥି ନିମନ୍ତେ ଅନ୍ୟ କୌଣସି ଶକ୍ତିର ଆବଶ୍ୟକତା ନଥିଲା । କିମ୍ବା ସେସବୁ ଶକ୍ତିଗୁଡ଼ିକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରାଯାଇଥିଲା । ଦେଶରେ କୁତ୍ରାପି ପୁଲିସ ଓ ଜନ ସାଧାରଣଙ୍କ ମଧ୍ୟରେ ସଂଘର୍ଷ ଘଟିନାହିଁ, କିନ୍ତୁ ଜରୁରୀକାଳୀନ ଅବସ୍ଥାର ଘୋଷଣା ହେବାର ୨ବର୍ଷ ପୂର୍ବରୁ ଦେଶରେ ପ୍ରାୟ ପ୍ରତିଦିନ ପୁଲିସ ଓ ଜନତାଙ୍କ ମଧ୍ୟରେ ସଂଘର୍ଷ ଘଟୁଥିଲା ।

# ଗାନ୍ଧିଜୀ ଓ ରାମରାଜ୍ୟ

ଅଧ୍ୟାପକ ଦେବରାଜ ପାଠୀ

ଭାରତୀୟ ଜନଜୀବନରେ ଜାତୀୟ ଚେତନାର ଜାଗରଣ ତଥା ବିଶ୍ୱମାନବ ପ୍ରାଣରେ ସ୍ୱାଧୀନତାର ବାସ୍ତବ ମଶାଲ ପ୍ରଜ୍ୱଳନରେ ବିଶ୍ୱପୂଜ୍ୟ ବାପୁଜୀଙ୍କ ତ୍ୟାଗ, ସାଧନା ଓ ସିଦ୍ଧି ପ୍ରକୃତରେ ଗୋଟାଏ ଚିରନ୍ତନ ଗୌରବ । ଆକୁମାରୀ ହିମାଚଳ ସୁବିସ୍ତୃତ ଭାରତ ଭୂମିର ବିରାଟ ଜନସମାଜପାଇଁ ବିଶ୍ୱଦରବାରରେ ସେ ଯେଉଁ ଗୌରବୋଜ୍ଜ୍ୱଳ ଆସନ ପ୍ରତିଷ୍ଠା କରି ଦେଇ ଗଲେ ତାହା ଅତୀତ-ବର୍ତ୍ତମାନ-ଭବିଷ୍ୟତ ତ୍ରିକାଳର କୃତୀ ସନ୍ତାନ-ମାନଙ୍କ ପକ୍ଷରେ ଅବଶ୍ୟ ଉଲ୍ଲେଖନୀୟ ଆଦର୍ଶ ।

ସେହି ଗାନ୍ଧିଜୀ ଏହି ବିପୁଳ ଜନ ଅଧ୍ୟୁଷିତ ଭାରତ ଭୂ-ଭାଗକୁ ଇଂରେଜୀ ଶାସନ କବଳରୁ ମୁକ୍ତ କରିବାପାଇଁ ଯେତେବେଳେ ସତ୍ୟ ଓ ଅହିଂସାର କଠୋର ସାଧନା ପଥରେ ଅଗ୍ରସର, ସେତେବେଳେ ସ୍ୱାଧୀନ ଭାରତର ଶାସନ-ସଂକ୍ରାନ୍ତରେ ମଧ୍ୟ କେତେକ ସୁଚିନ୍ତିତ ଆଦର୍ଶ ମନୋରାଜ୍ୟରେ ପୋଷଣ କରୁଥାନ୍ତି । ଏ ଦେଶର ସଂସ୍କୃତି, ପୁରାଣ-ଇତିହାସ ଏବଂ ଅନ୍ୟ ଦେଶମାନଙ୍କର ବହୁ ଶାସନତାନ୍ତ୍ରିକ ନିୟମର ସମୀକ୍ଷା ଅନବରତ ଚାଲିଥାଏ । ସେ ସମସ୍ତ ମଧ୍ୟରେ ଅଯୋଧ୍ୟାଧିପତି, ଦଶରଥନନ୍ଦନ ଶ୍ରୀରାମଚନ୍ଦ୍ରଙ୍କ ନ୍ୟାୟାନୁମୋଦିତ ଶାସନ ପ୍ରଣାଳୀ, ପ୍ରଜା ବତ୍ସଳତା, ଆଚାର ବିଚାର ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ସେ ଅନୁଭବ କରିପାରି-ଥିଲେ ଯେ ଭାରତୀୟ ଜନତାର ଯଥାର୍ଥ ସୁଖ-ସମୃଦ୍ଧିପାଇଁ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ଶାସନ ପ୍ରଣାଳୀ ପ୍ରକୃତରେ ଆଦର୍ଶ । ଅବଶ୍ୟ ଏ ଦେଶରେ ନହୁଷ, ଯଯାତି, ଶିବି, ମାନଧାତା, ହରିଶ୍ଚନ୍ଦ୍ର ପ୍ରଭୃତି ପ୍ରତାପ-ଶାଳୀ ତଥା ସତ୍ୟବ୍ରତୀ ରାଜାଙ୍କ ଶାସନଗତ ଆଦର୍ଶ ଅବିସ୍ମରଣୀୟ । ସତ୍ୟବାନ ସମ୍ରାଟ ଦଶରଥଙ୍କ ଧର୍ମାନୁ-ମୋଦିତ ବୀରତ୍ୱ ମଧ୍ୟ ଭୁଲିବାର ନୁହେଁ । କେବଳ ମର୍ତ୍ତ୍ୟରେ କାହିଁକି, ଆବଶ୍ୟକ ସମୟରେ ଦେବରାଜ ଇନ୍ଦ୍ରଙ୍କୁ ମଧ୍ୟ ଏମାନେ ନାନା ବାଧାବିଘ୍ନ ଓ ସଂକଟ-ବେଳରେ ସହାନ୍ଧତା କରିଥିଲେ । ତେଣୁ ଏମାନଙ୍କୁ 'ଇନ୍ଦ୍ରସଖା' 'ଦିଗୀଶ ବୃନ୍ଦାଂଶ ବିଭୂତି' ଇତ୍ୟାଦି ଉପାଧୀରେ ସମ୍ବୋଧନ କରାଯାଉଥିଲା । ତଥାପି, ଗାନ୍ଧିଜୀ କଦାପି ଏ ଦେଶରେ ନହୁଷରାଜ୍ୟ, ଯଯାତି ରାଜ୍ୟ କିମ୍ବା ଦଶରଥି ରାଜ୍ୟର ପରିକଳ୍ପନା କରି ନ ଥିଲେ । କିନ୍ତୁ ଥିଲା ତାଙ୍କ ମନରେ ଗୋଟାଏ ଆଦର୍ଶମୟ ଶାସନ ଚିତ୍ର—ଏ ଦେଶକୁ କିପରି 'ରାମରାଜ୍ୟ'ରେ ପରିଣତ କରିବା ।

ଜାତିର ଜନକ ଗାନ୍ଧୀଙ୍କର ଏହିପରି ପରିକଳ୍ପନା କାହିଁକି ? ପ୍ରକୃତରେ 'ସମସ୍ୱରାଜ୍ୟ'ଟି କିପରି ଥିଲା ? ଦେଶ ସ୍ୱାଧୀନ ହେଲା । ଆଜି ସତେଇଶି ଅଠେଇଶି ବର୍ଷ ଅତୀତ ହେଲାଣି । ଗାନ୍ଧୀଙ୍କର ପ୍ରକୃତ ପଦାଙ୍କାନୁସରଣକାରୀ, ଯେଉଁମାନେ କି ଗାନ୍ଧୀ-ଚିନ୍ତାଧାରାର ଯଥାର୍ଥ ପ୍ରତୀକ— ପଣ୍ଡିତ ନେହେରୁ, ସର୍ଦ୍ଦାର ପଟେଲ, ରାଜେନ୍ଦ୍ର ପ୍ରସାଦ, ମୌଲବି ଅବୁଲ କାଲାମ ଆଜାଦ, ଟଣ୍ଡନଜୀ, ଡକ୍ଟର ରାଧାକ୍ରିଷ୍ଣନ, ଲାଲବାହାଦୁର ଶାସ୍ତ୍ରୀ ପ୍ରଭୃତି ଜାତିର ବହୁ ପ୍ରତିଭା ସଂପନ୍ନ, ନିଷ୍ଠାପର, ଜନନାୟକ ଭାରତବର୍ଷର ଆଶା ତଥା ଆକାଂକ୍ଷା ପୂରଣପାଇଁ ଜନ୍ମ ସଂଗ୍ରାମ କରି ନାହାନ୍ତି ?

ତେବେ, ଦେଶ ସେହି ପରିକଳ୍ପିତ 'ସମସ୍ୱରାଜ୍ୟ' ଦିଗରେ କେତେଦୂର ଅଗ୍ରସର ହୋଇପାରିଛି—ଏହି ପ୍ରଶ୍ନ ଦେଶବାସୀ ପ୍ରାଣରେ ଅବଶ୍ୟ ଜାଗ୍ରତ ହେବାକଥା । ସୁତରାଂ 'ସମସ୍ୱରାଜ୍ୟ'ର ପ୍ରକୃତ ସ୍ୱରୂପ ଜାଣିବା ଏଠାରେ ଅତ୍ୟନ୍ତ ଆବଶ୍ୟକ ହୁଏ ।

ଯାହା ହେଉ, ଏଦେଶରେ ରାମଗାଥାର ଗାୟକ କମ୍ ନାହାନ୍ତି । ପ୍ରାଚୀନ ଆଧୁନିକ ସମସ୍ତ ଭାରତୀୟ ଭାଷାରେ ରାମକଥାର ସୁନ୍ଦର ସଙ୍ଗୀତ ପର୍ଯ୍ୟାପ୍ତ । ସେ ସମସ୍ତରୁ ସ୍ପଷ୍ଟ ହୁଏ ଯେ —'ରଞ୍ଜୟତି-ଭାଷୟତେ ଜନାନ୍' ଏହି ଲକ୍ଷଣରୂପୀ ଅବାଞ୍ଛିତ ତତ୍ତ୍ୱ ସମୂହର ଉଚ୍ଛେଦରେ ହିଁ କ୍ରମଶଃ ସମସ୍ୱରାଜ୍ୟର ପ୍ରତିଷ୍ଠା ସମ୍ଭବ ହୁଏ । ସାମାଜିକ ଉନ୍ନତି ତଥା ମାନବ କଲ୍ୟାଣପାଇଁ ସମସ୍ୱରାଜ୍ୟ ହେଉଛି ଗୋଟିଏ ଅପରିହାର୍ଯ୍ୟ ତଥ୍ୟ । ଏହା ଗୋଟାଏ ସ୍ଥିତି ବିଶେଷର ନାମ ମାତ୍ର । ଅନୁକୂଳ ତତ୍ତ୍ୱ ଗୁଡ଼ିକର ପରିପକ୍ୱତା ଫଳରେ ଏହି ସ୍ଥିତି ସ୍ୱତଃ ସ୍ପୂର୍ତ୍ତ ହୁଏ । ଏହା ଏହିପରି ଗୋଟିଏ ଚିଜ ଯାହା ସାଧନଗୁଡ଼ିକ ଉପରେ ହିଁ ପୂର୍ଣ୍ଣତା ନିର୍ଭର କରେ । ଏହାର ସମସ୍ତ ଗୌରବ ମଧ୍ୟ ଚିଜ ଅପେକ୍ଷା ସାଧନଠାରେ ବହୁ ଅଂଶରେ କେନ୍ଦ୍ରୀଭୂତ । ରାମଚନ୍ଦ୍ର ହେଉଛନ୍ତି, ସେହି ସମସ୍ତ ଆଦର୍ଶମୟ ସାଧନର ମୂର୍ତ୍ତି ପ୍ରତୀକ । ସୁତରାଂ, ତାଙ୍କ ଦ୍ୱାରା ସେହି ଆଦର୍ଶ ରାଜ୍ୟର ସୃଷ୍ଟି ଓ ସ୍ଥିତି ସମ୍ଭବ ହୋଇପାରିଥିଲା । ଯାହା କଳ୍ପନାର ସ୍ୱର୍ଗ ହେଲେ ହେଁ ମନୁଷ୍ୟର ଶ୍ରେୟ ହୋଇଥିଲା ଅଲୌକିକ ହୋଇ ସୁଦ୍ଧା ଲୋକ-ସୁଲଭ ହୋଇଥିଲା । ଆଦର୍ଶ ହେଲେ ମଧ୍ୟ ଯଥାର୍ଥ ଗୌରବ ଲାଭ କରିଥିଲା ।

ଏହି ରାମରାଜ୍ୟର ସୁନ୍ଦର ପ୍ରାଞ୍ଜଳ ଚିତ୍ର ଭାରତୀୟ ବହୁ ଭାଷାର ରାମ କଥାଗୁଡ଼ିକରେ ସ୍ପଷ୍ଟ ଚିତ୍ରିତ । ସେଥିରୁ ଜଣାଯାଏ, ତତ୍କାଳୀନ ଭାରତରେ—ମିଥିଳା, କାଶୀ, କୋଶଳ, କେକୟ, ସିନ୍ଧୁ, ସୌବୀର, ସୌରାଷ୍ଟ୍ର, ବିଶାଳା, ସାଂକାଶୀ, ବଙ୍ଗ, ଅଙ୍ଗ, ମଗଧ ପ୍ରଭୃତି ବହୁ ସ୍ୱତନ୍ତ୍ର ରାଜ୍ୟ ଥିଲା । ହିମାଳୟ ଓ ବିନ୍ଧ୍ୟ ପର୍ବତର ମଧ୍ୟବର୍ତ୍ତୀ ଭୂ-ଖଣ୍ଡ 'ଆର୍ଯ୍ୟାବର୍ତ୍ତ' ନାମରେ ପରିଚିତ ଥିଲା । ବିନ୍ଧ୍ୟର ଦକ୍ଷିଣରେ ବାନର ଓ ଅସୁରମାନଙ୍କ ରାଜ୍ୟ ଥିଲା । ଅବଶ୍ୟ ସେତେବେଳେ ଭାରତରେ କୌଣସି ଏକଛତ୍ର ସାମ୍ରାଜ୍ୟ ନ ଥିଲା । ତେବେ, ଅଯୋଧ୍ୟା ଅଧିପତିଙ୍କର ସମ୍ମାନନୀୟ ପ୍ରଭାବ ନିକଟସ୍ଥ ସାମନ୍ତ ରାଜାମାନଙ୍କ ଉପରେ ଯଥେଷ୍ଟ ଥିଲା । ସୁତରାଂ ବାଲ୍ମୀକି ଦଶରଥଙ୍କୁ 'ନତ ସାମନ୍ତ' ନାମରେ ପରିଚିତ କରାଇଛନ୍ତି । ବିଶ୍ୱାମିତ୍ର ଦଶରଥଙ୍କୁ ପଚାରିଥିଲେ— "ଅପିତେ ସଂନତାଃ ସର୍ବେ ସାମନ୍ତରିପବୋ ଜିତାଃ" † ବାଲ୍ମୀକି ରାମାୟଣ ୧।୧୮।୪୬—ସାମନ୍ତ ଏବଂ ଶତ୍ରୁଗଣ ଆପଣଙ୍କ ଅଧୀନରେ ଅଛନ୍ତି ତ ?

ଯାହା ହେଉ, ଆଧୁନିକ ଶାସନତାନ୍ତ୍ରିକ ପର୍ଯ୍ୟାଲୋଚନାରେ ଶ୍ରୀରାମଙ୍କ ଶାସନତନ୍ତ୍ରକୁ ମର୍ଯ୍ୟାଦିକ ରାଜତନ୍ତ୍ର **(Limited Monarchy)** କୁହାଯାଇପାରେ । ସ୍ଥାୟୀ ଶାସନର ଅଭାବରେ ସମ୍ଭାବିତ ଅରାଜକତାର ଦୋଷ ତ୍ରୁଟି ପ୍ରତି ଜନତା ସଚେତନ ଥିଲା । ତେଣୁ ବୈଧାନିକ ଶାସକ ପରିଚାଳିତ ସୁଦୃଢ଼ ଶାସନ ବ୍ୟବସ୍ଥାରେ ଥିଲା ଲୋକଙ୍କର ଅଟଳ ବିଶ୍ୱାସ ।

'ରାଜା' ପଦବୀ କୁଳ ପରଂପରାଗତ ହେଲେ ମଧ୍ୟ ନୂତନ ଶାସକ ବିଦ୍ୟମାନ ଶାସକ ଓ ମନ୍ତ୍ରିମଣ୍ଡଳ ଦ୍ୱାରା ପ୍ରସ୍ତାବିତ ହେଉଥିଲେ । ବିଧି ସମ୍ମତ ସଭାରେ ନିର୍ବାଚନ କରାଯାଉଥିଲା । ରାମଚନ୍ଦ୍ରଙ୍କୁ 'ଯୁବରାଜ' ପଦବୀରେ ଅଭିଷିକ୍ତ କରିବା ପୂର୍ବରୁ ଦଶରଥ ନିଜ ବିଧାନ ସଭାର ସ୍ୱୀକୃତି ଲୋଡ଼ିଥିଲେ । ବାଳିଙ୍କ ଅନୁପସ୍ଥିତି ବେଳେ ତାଙ୍କ ମନ୍ତ୍ରିମଣ୍ଡଳ ସୁଗ୍ରୀବଙ୍କୁ ରାଜା ରୂପେ ନିର୍ବାଚିତ କରିଥିଲେ । ରାଜା ନୃଗ ନିଜ ପୁତ୍ରକୁ ଉତ୍ତରାଧିକାରୀ କରିବାପାଇଁ ନିଜ ବିଧାୟକ ସଭାରେ ପ୍ରସ୍ତାବ ଆଗତ କରିଥିଲେ । ଜ୍ୟେଷ୍ଠ ପୁତ୍ର 'ଯୁବରାଜ' ହେବା ପ୍ରାୟ ସେ କାଳର ଚଳଣି ହେଲେ ମଧ୍ୟ ଜନ ସମର୍ଥନ ସର୍ବ ପ୍ରଥମ ବିଚାର୍ଯ୍ୟ ଥିଲା । ରାଜା ସଗରଙ୍କ ଜ୍ୟେଷ୍ଠ ପୁତ୍ର ଅସମଞ୍ଜସ ଥିଲେ ଏକାନ୍ତ ଉଦ୍ଧତ । ରାସ୍ତାରେ ଯାଉଥିବା ଶିଶୁଙ୍କୁ ମଧ୍ୟ ଟେକି ନେଇ ନଦୀରେ ଫୋପାଡ଼ି ଦେଉଥିଲେ । ଲୋକେ ଏହି କଥା ସଗରଙ୍କୁ ଜଣାଇଲେ । ସଗର ସେହି ଜ୍ୟେଷ୍ଠ ପୁତ୍ରକୁ ଯୁବରାଜ କରିବା ପରିବର୍ତ୍ତେ ବଣକୁ ତଡ଼ି ଦେଇଥିଲେ । ଯଯାତି ନିଜ ଜ୍ୟେଷ୍ଠ ପୁତ୍ର ଯଦୁଙ୍କ ବଦଳରେ ଆଜ୍ଞାକାରୀ କନିଷ୍ଠ ପୁତ୍ର ପୁରୁଙ୍କୁ ଉତ୍ତରାଧିକାରୀ ରୂପେ ସ୍ଥିର କରିଥିଲେ । ପୁତ୍ର ଅଭାବରେ ରାଜାଙ୍କ ଭାଇ ଯୁବରାଜ ହେଉଥିଲେ । ବନବାସ ପରେ ରାମଚନ୍ଦ୍ର

ରାଜା ହେବେ । କିନ୍ତୁ କୁଶ ଲବ ଜନ୍ମ ହୋଇ ନ ଥାନ୍ତି । ତେଣୁ ଭରତ ଯୁବରାଜ ହୋଇଥିଲେ ।

କୌଣସି ଗୋଟାଏ ଅନ୍ତବର୍ତ୍ତିକାଳରେ ଅର୍ଥାତ ଯୁବରାଜ ନିର୍ବାଚିତ ହେବା ପୂର୍ବରୁ ରାଜାଙ୍କ ମୃତ୍ୟୁ ଘଟିଲେ ମନ୍ତ୍ରି ପରିଷଦ ନିର୍ବାଚନ କାର୍ଯ୍ୟ ସଂପାଦନ କରନ୍ତି । ସେମାନଙ୍କୁ ରାଜକର୍ତ୍ତା (King Makers) କୁହାଯାଉଥିଲା । ରାମଚନ୍ଦ୍ର ବନକୁ ଯାଇଥାନ୍ତି, ଦଶରଥଙ୍କର ମୃତ୍ୟୁ ହେଲା, ତେଣୁ, ବ୍ରାହ୍ମଣ, ଅମାତ୍ୟ, ମନ୍ତ୍ରିମଣ୍ଡଳର ସଦସ୍ୟଗଣ ଏବଂ ରାଜ ପୁରୋହିତ ବିଚାର ବିମର୍ଶ କରିଥିଲେ । ଶେଷରେ ମନ୍ତ୍ରି ମଣ୍ଡଳର ମତ ନେଇ ମୁଖ୍ୟ ସଚିବ ବଶିଷ୍ଠ ମୁନି ରାମଙ୍କ ଦ୍ୱିତୀୟ ଭାଇ ଭରତଙ୍କୁ ଡକାଇ ଶାସନ ଦାୟିତ୍ୱ ଗ୍ରହଣପାଇଁ ଆମନ୍ତ୍ରଣ କରିଥିଲେ ।

କିନ୍ତୁ ଭରତ ନିୟମ ବିରୋଧରେ ରାଜ୍ୟଭାର ଗ୍ରହଣପାଇଁ ସମ୍ମତ ନ ହୋଇ ସମସ୍ତ ରାଣୀ, ନଗରବାସୀ, ସଭାସଦ ମଣ୍ଡଳୀ ଏବଂ ପୁରୋହିତଙ୍କ ସହ ରାମଚନ୍ଦ୍ରଙ୍କୁ ଫେରାଇ ଆଣିବା ଲକ୍ଷ୍ୟରେ ଚିତ୍ରକୂଟ ଗମନ କଲେ । ତଥାପି ରାମଚନ୍ଦ୍ର ସତ୍ୟ ବ୍ରତରେ ଅଟଳ । ଭରତ ରାମଚନ୍ଦ୍ରଙ୍କ ଆଦେଶ କ୍ରମେ ଚଉଦବର୍ଷପାଇଁ କୋଶଳ ଦେଶର ଜଣେ (Regent) ପ୍ରତିନିଧି ରୂପେ ଶାସନ ଦାୟିତ୍ୱ ପରିଚାଳନା କଲେ ।

ସେ କାଳରେ, ରାଜପଦବୀ ଦେବୋପମ ସମ୍ମାନନୀୟ ଥିଲା । ରାବଣ ମତରେ ତେଜସ୍ୱୀ ରାଜା ଅଗ୍ନି-ଇନ୍ଦ୍ର-ଚନ୍ଦ୍ର-ବରୁଣ ଓ ଯମ ଏହି ପଞ୍ଚଦେବତାର ପ୍ରତୀକ । ତେଣୁ ରାଜାଠାରେ ପ୍ରତାପ—ପରାକ୍ରମ—ଶିଷ୍ଟତା—ପ୍ରସନ୍ନତା ଏବଂ ଦଣ୍ଡ ଏହି ପାଞ୍ଚୋଟି ଗୁଣ ଆବଶ୍ୟକ ।

ବାଲ୍ମୀକି କହନ୍ତି ନୈତିକ—ମାନସିକ ଓ ଶାରୀରିକ ବିଶେଷତ୍ୱକୁ ନେଇ ଆଦର୍ଶ ଶାସକ ନିରୂପିତ ହୁଅନ୍ତି । ଶାରୀରିକ ବିଶେଷତ୍ୱ ବିଷୟରେ ବ୍ୟକ୍ତିତ୍ୱ ଆକର୍ଷକ ତଥା ପ୍ରଭାବୋତ୍ପାଦକ ହେବା ଉଚିତ । ସ୍କନ୍ଧ, ପୃଥୁଳ, ବାହୁ ଆଜାନୁଲମ୍ବିତ, ଗ୍ରୀବା ଶଙ୍ଖୋପମ । କପୋଳ ପରିପୂର୍ଣ୍ଣ, ବିସ୍ତୃତ—ମାଂସଳ ବକ୍ଷ, ସୁନ୍ଦର ମସ୍ତକ, ଭବ୍ୟ ଲଲାଟ, ମନୋଜ୍ଞ ଗତି, ମଧ୍ୟମ—ସୁଢଳ ଶରୀର, ବିସ୍ତାରିତ ନେତ୍ର ଓ ସୁଚିକ୍କଣ ବର୍ଣ୍ଣ ବାଞ୍ଛନୀୟ । ମାନସିକ ଦୃଷ୍ଟିରୁ ଜଣେ ଆଦର୍ଶ ଶାସକ ବୁଦ୍ଧିମାନ୍, ପ୍ରତିଭାବାନ୍, ନୀତିଜ୍ଞ, ଜ୍ଞାନୀ, ବକ୍ତା, ବେଦବେଦାଙ୍ଗବେତ୍ତା, ଶସ୍ତ୍ରାସ୍ତ୍ର ବିଦ୍ୟାପ୍ରବୀଣ, ଶାସ୍ତ୍ର ଧୁରୀଣ, ସ୍ମୃତିଶକ୍ତି ଓ କର୍ତ୍ତବ୍ୟାକର୍ତ୍ତବ୍ୟ ବିବେଚନା ସଂପନ୍ନ ହେବା ଉଚିତ । ନୈତିକ ବିବେଚନାରେ ଶାସକ ଧୈର୍ଯ୍ୟଶୀଳ, ଜିତେନ୍ଦ୍ରିୟ, ଅଭିଜ୍ଞ, ସତ୍ୟ ପ୍ରତିଜ୍ଞ, ପବିତ୍ର, ଯଶସ୍ୱୀ, ଶ୍ରୀସଂପନ୍ନ, ସହୃଦୟ ତଥା ଉଦାର ହୋଇଥିବା ଉଚିତ । ଏହି ଦୀର୍ଘ ୨୮ ବର୍ଷର ଭାରତୀୟ ଶାସନ ପ୍ରଣାଳୀକୁ ଲକ୍ଷ୍ୟକଲେ ପଣ୍ଡିତ ଜବାହରଲାଲ ଓ ଲାଲବାହାଦୁରଙ୍କ ସମେତ ଏ ଦେଶର ସମସ୍ତ ଆଶା ଓ ଆକାଂକ୍ଷାର ଗୌରବମୟ ପ୍ରତୀକ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଠାରେ ବାଲ୍ମୀକିଙ୍କ ଆଦର୍ଶ ଶାସକର ବହୁ ଲକ୍ଷଣ ସ୍ପଷ୍ଟ ଉପଲବ୍ଧ ହୁଏ ।

ହନୁମାନଙ୍କ ମତରେ ଜଣେ ଆଦର୍ଶ ରାଜା ପୂର୍ଣ୍ଣଚନ୍ଦ୍ର-ପରି ସୁଶୋଭନ ମୁଖ, ଶ୍ରୀଯୁକ୍ତ, ପଦ୍ମପତ୍ରାକ୍ଷ, ରୂପବାନ, ଔଦାର୍ଯ୍ୟ ଗୁଣ ସଂପନ୍ନ ତେଜ—କ୍ଷମା—ବୁଦ୍ଧି ତଥା ଶ୍ରୀମାନ୍, ସଦାଚାର, ଧର୍ମ ଓ ଚାତୁର୍ବର୍ଣ୍ଣ୍ୟର ରକ୍ଷାକାରୀ, ରାଜନୀତି ଧୁରୀଣ, ଜ୍ଞାନାଶୀଳବାନ୍, ବିନମ୍ର, ବେଦା ବେଦାଙ୍ଗ ପରିନିଷ୍ଠିତ ବିଦ୍ୱାନ ଏବଂ ସାମୁଦ୍ରିକ ଶାସ୍ତ୍ରାନୁମୋଦିତ ଶୁଭଲକ୍ଷଣ ଯୁକ୍ତ ହେବା ଉଚିତ ।

ତଦାନୀନ୍ତନ ଅଯୋଧ୍ୟା, ଜନ ସମାଜ ମତରେ ଜଣେ ଆଦର୍ଶ ଶାସକ ବୀର୍ଯ୍ୟବାନ, ବିଦ୍ୱାନ୍, ସ୍ଥିରପ୍ରଜ୍ଞ, ବେଦ ବେଦାଙ୍ଗ ଏବଂ ଅଷ୍ଟାଦଶ ବିଦ୍ୟାରେ ନିପୁଣ, ମଧୁରଭାଷୀ, ଈର୍ଷା ଅସୂୟା—ମାତ୍ସର୍ଯ୍ୟାଦି ଦୋଷ ରହିତ, ବୃଦ୍ଧ, ସତତଶାନ୍ତ, ସଜ୍ଜନ, କୃତଜ୍ଞ, ସଦାଚାରୀ, ଶୀଳସଂପନ୍ନ, ମୃଦୁ ଓ କୋମଳ ଗୁଣ ଯୁକ୍ତ, କ୍ଷମାବାନ୍, ପ୍ରଜାପ୍ରିୟ, ଅନ୍ୟର ଅନ୍ତର୍ଗତ ଭାବରାଜିର ଶୀଘ୍ର ବୋଧ ଶକ୍ତି ସଂପନ୍ନ, ଆଳସ୍ୟ, ଅହଂକାରାଦି ଦୋଷଶୂନ୍ୟ, ଦୟାଳୁ, ଗମ୍ଭୀର, ଧର୍ମ—ଅର୍ଥ—କାମର ଯଥାର୍ଥ ଜ୍ଞାନୀ, ଗୋପନୀୟତା ରକ୍ଷାକାରୀ, ଭାଷାଜ୍ଞାନ ନିପୁଣ, ସଂଗୀତ, କାବ୍ୟ ତଥା ଚିତ୍ରକଳାନିପୁଣ, ଶତ୍ରୁ ପ୍ରତି ଆକ୍ରମଣ କୁଶଳୀ, ସେନାଚାଳନଦକ୍ଷ, ଦୋଷ ଦୃଷ୍ଟିଶୂନ୍ୟ, ଅପରିମିତ ତେଜସ୍ୱୀ, ରୂପବାନ୍, ପରାକ୍ରମୀ, ବାହ୍ୟ ଓ ଅନ୍ତରରେ ଶୁଦ୍ଧ, ଯୁକ୍ତି ପ୍ରଦାନରେ ବୃହସ୍ପତି ତୁଲ୍ୟ, ଅସାଧାରଣ ବାକ୍‌ଶକ୍ତି ସଂପନ୍ନ, ନୀରୋଗ, ତରୁଣୋଚିତ ଉତ୍ସାହୀ, ଦେଶ—କାଳ—ତତ୍ତ୍ୱ—ବୋଧ ଶକ୍ତିଯୁକ୍ତ, ସୁନ୍ଦର ରୂପବାନ୍ ଏବଂ ଦୀନତା ବିହୀନ ହେବାଉଚିତ ।

ରାମ ରାଜ୍ୟରେ ଶାସକ ନିଜର ବ୍ୟକ୍ତିଗତ ହିତ ଅପେକ୍ଷା ଜନହିତ ପ୍ରତି ବିଶେଷ ଦୃଷ୍ଟି ଦେଉଥିଲେ । ଆଗରୁ କଥିତ ହୋଇଛି—ରାଜା ସଗର ପ୍ରଜା—କଲ୍ୟାଣ ଲକ୍ଷ୍ୟରେ ନିଜ ପୁତ୍ର ଅସମଞ୍ଜସ୍‌ଙ୍କୁ ରାଜ୍ୟରୁ ତଡ଼ି ଦେଇଥିଲେ । ପ୍ରଜାକୁଳର ମନୋନୈର୍ମଲ୍ୟ ମାନସରେ ରାମଚନ୍ଦ୍ର ପ୍ରାଣପ୍ରିୟା ସୀତାଙ୍କୁ ପରିତ୍ୟାଗ କରିଥିଲେ । ସୁତରାଂ, ଜନମତ ସମକ୍ଷରେ ରାଜା ନିଶ୍ଚିତ ଭାବରେ ନତମସ୍ତକ ଥିଲେ ।

ସେ ଶାସନରେ ରାଜା ସମସ୍ତ ଦେଶର ସମ୍ୟକ୍ ରକ୍ଷାକାରୀ ଥିଲେ । ଧର୍ମାନୁସାରେ ନ୍ୟାୟ ପ୍ରଦାନ ଥିଲା ତାଙ୍କର ପ୍ରଥମ କର୍ତ୍ତବ୍ୟ । ସମାଜର ପ୍ରତ୍ୟେକ ବର୍ଣ୍ଣ ସ୍ୱ

ସ୍ୱ କର୍ତ୍ତବ୍ୟରେ ନିରତ କି ନୁହଁନ୍ତି ଏହି ପ୍ରତି ରାଜାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା । ପ୍ରଜା ରାଜାଙ୍କୁ ସ୍ୱ ଆୟର ଷଷ୍ଠାଂଶ କର ରୂପେ ଦେଉଥିଲେ, ପ୍ରତିଦାନରେ ଦୁଷ୍ଟର ଦମନ ଏବଂ ଶିଷ୍ଟର ସୁରକ୍ଷା ଦାୟିତ୍ୱ ରାଜାଙ୍କ ଉପରେ ନ୍ୟସ୍ତ ରହୁଥିଲା । ଏହି ଦଣ୍ଡବିଧାନରେ ତ୍ରୁଟି ଯୋଗୁଁ ଅନ୍ୟାୟକୃତ ପାପର ପରିଣାମ ରାଜାଙ୍କୁ ହିଁ ଭୋଗ କରିବାକୁ ହେଉଥିଲା ।

ଶାସକଙ୍କ ମତରେ ରାଜା କାମ କ୍ରୋଧ ଜନିତ ଦୁର୍ବ୍ୟସନ ଗୁଡ଼ିକୁ ପୂର୍ଣ୍ଣତଃ ପରିତ୍ୟାଗ କରିବା ଉଚିତ । ଗୁପ୍ତଚର ମାନଙ୍କ ଅନୁସଂଧାନ ଏବଂ ନିଜର ପରୀକ୍ଷା ନିରୀକ୍ଷା ପରେ ସମୁଚିତ ନ୍ୟାୟ ବିଧାନ କର୍ତ୍ତବ୍ୟ, ମନ୍ତ୍ରୀ, ସେନାପତି ଆଦି ପଦାଧିକାରୀ ଏବଂ ସମସ୍ତ ପ୍ରଜାଙ୍କୁ ସନ୍ତୁଷ୍ଟ ରଖିବା ବିଧେୟ, କୋଷାଗାର ଏବଂ ଶସ୍ୟାଗାରରେ ଆବଶ୍ୟକୀୟ ଦ୍ରବ୍ୟର ଯଥାଯଥ ସଂଗ୍ରହ ହେଉଥିବା ଉଚିତ । ଶାସକର ଆଚାର ବ୍ୟବହାର ଆଦର୍ଶ ସ୍ଥାନୀୟ ହେଲେ ପ୍ରଜା ସେହି ପଦାଙ୍କ ଅନୁସରଣ କରିବେ ।

ତାଙ୍କ ମତରେ ଇନ୍ଦ୍ରିୟ ନିଗ୍ରହ, ମନୋନିଗ୍ରହ, କ୍ଷମା, ଧାରଣା, ପରାକ୍ରମ ଓ ଦୋଷୀକୁ ଦଣ୍ଡ ଦେବାର ଶକ୍ତି— ଏ ଗୁଡ଼ିକ ଶାସକର ଗୁଣ । ସ୍ୱେଚ୍ଛାଚାରିତା ହେଉଛି ଶାସକର ଅପରିମାର୍ଜନୀୟ ଦୋଷ । ନୀତି ଓ ନମ୍ରତା, ନିଗ୍ରହ ଓ ଅନୁଗ୍ରହର ମଧ୍ୟ ସ୍ଥିର ବିହୀନ ପ୍ରୟୋଗ ଅନୁଚିତ । ଅନାବଶ୍ୟକ ହିଂସା, ଏକର ଅପରାଧରେ ବହୁର କ୍ଷତି ପ୍ରତି ସମ୍ବେଦନତା ଏକାନ୍ତ ଆବଶ୍ୟକ । ନ୍ୟାୟ ପ୍ରିୟ ତଥା ଲୋକପ୍ରିୟ ହୋଇ ଯଥାର୍ଥରେ ଶାସନ କାର୍ଯ୍ୟର ପରିଚାଳନା ଶାସକର ମୁଖ୍ୟକର୍ତ୍ତବ୍ୟ, ମନ୍ତ୍ରୀମାନଙ୍କ ଉପରେ ଶାସନ ଦାୟିତ୍ୱ ନ୍ୟସ୍ତକରି ଉଦାସୀନ ସୁଗ୍ରୀବଙ୍କୁ ହନୁମାନ୍ ଉପାଲମ୍ଭ ପୂର୍ବକ ଜାଗ୍ରତ କରାଇଥିଲେ ।

ରାମାୟଣ ବର୍ଣ୍ଣିତ ରାମଚନ୍ଦ୍ରଙ୍କ ଦୈନିକ କାର୍ଯ୍ୟବିଧି ଜଣେ ଯଥାର୍ଥ ଶାସକର ନିତିଦିନର ଆଚରଣ ପାଇଁ ଯଥେଷ୍ଟ ଆଦର୍ଶ । ପ୍ରତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ସୂତଗଣ ସ୍ତୁତି ଓ ସଂଗୀତ ଦ୍ୱାରା ରାମଚନ୍ଦ୍ରଙ୍କୁ ଜାଗ୍ରତ କରାଉଥିଲେ, ଶଯ୍ୟା ତ୍ୟାଗ ପରେ ଶୌଚ ସ୍ନାତ ହୋଇ ବସ୍ତ୍ରାଭୂଷଣ ଧାରଣ କରନ୍ତି । ତା ପରେ ଇଷ୍ଟ ଦେବତା, କୁଳଦେବତା ଏବଂ ପିତୃଗଣର ପୂଜା ସମାପ୍ତ କରି ବାହ୍ୟ କକ୍ଷରେ ସାର୍ବଜନୀନ କାର୍ଯ୍ୟ ନିର୍ବାହ କରନ୍ତି । ସେଠାରେ ସେ ମନ୍ତ୍ରିବର୍ଗ, ପୁରୋହିତ, ସେନାଧିକାରୀ, ଗ୍ରାମପ୍ରତିନିଧି, ସାମନ୍ତରାଜା, ଶ୍ରେଷ୍ଠୀ ଏବଂ ନଗର ବାସୀଙ୍କୁ ନେଇ ରାଜ୍ୟ-କାର୍ଯ୍ୟ ଚଳାନ୍ତି । ଶାସନ ଦାୟିତ୍ୱରୁ ଅବସର ପାଇଲେ ମୁନି-ମାନଙ୍କର ଧର୍ମତତ୍ତ୍ୱ ପ୍ରବଚନ ଶ୍ରବଣ କରନ୍ତି । ଅପରାହ୍ଣଟି ନିଜ ଅନ୍ତଃପୁରସ୍ଥ ଅଶୋକ ବନରେ ସୀତାଙ୍କ ସହ ଅତିବାହିତ କରନ୍ତି । ଦିବସର ଅବସାନ ସମୟରେ ସେ ମଧ୍ୟକକ୍ଷରେ ଗୁପ୍ତଚର ପ୍ରଭୃତିଙ୍କର ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରନ୍ତି ।

ତାଙ୍କ ଶାସନ ବ୍ୟବସ୍ଥାରେ ସ୍ତ୍ରୀ—ପୁରୁଷ ନିର୍ବିଶେଷରେ ସବୁସ୍ତରର ପ୍ରଜାବର୍ଗ ନିର୍ବାଧରେ ତାଙ୍କ ସହ ମିଶି ନିଜ ନିଜର ଆପତ୍ତି ଅଭିଯୋଗ ଜଣାଇ ପାରୁଥିଲେ । ପ୍ରାତଃକାଳରେ ଏଥିପାଇଁ ସମୟ ନିର୍ଦ୍ଧାରିତ ହୋଇଥିଲା । ପ୍ରତିଦିନ ରାଜୋଚିତ ବେଶରେ ସଭାଗୃହରେ ବସି ସେ ଜନତାଙ୍କୁ ସାକ୍ଷାତର ସୁଯୋଗ ଦେଉଥିଲେ ।

ପ୍ରଜାମାନଙ୍କର ଦୋଷ, ତ୍ରୁଟି କିମ୍ବା ଅପରାଧ ପାଇଁ ସେ ନିଜକୁ ଦାୟୀ (Responsible) ବୋଧ କରୁଥିଲେ । ଅନ୍ୟଠାରୁ ଦାନ ଗ୍ରହଣ ଅଧିକାର ରାଜାର ନଥିଲା । ଅନାଚାର ପ୍ରବୃତ୍ତିରେ ଲୋକାପବାଦର ଭୟ ସେମାନଙ୍କୁ ଅବରୋଧ କରୁଥିଲା । ରାଜକୀୟ ସିଦ୍ଧାନ୍ତରେ ପରଂପରା ଓ ସଂସ୍କାର ଉଭୟକୁ ସମମୂଲ୍ୟ ଦିଆଯାଉଥିଲା । ରାଜାଙ୍କର ସାମୟିକ ଅନୁପସ୍ଥିତିରେ ମଧ୍ୟ ଶାସନର ସମୁଚିତ ଶୃଙ୍ଖଳା ବ୍ୟବସ୍ଥିତ ହେଉଥିଲା । ଶମ୍ବୂକର ଅନ୍ୱେଷଣରେ ଯିବା ପୂର୍ବରୁ ଶ୍ରୀରାମ ଅଯୋଧ୍ୟାର ଶାସନ ଦାୟିତ୍ୱ ଭରତ ଓ ଲକ୍ଷ୍ମଣଙ୍କ ଉପରେ ନ୍ୟସ୍ତ କରିଥିଲେ । ରାଜାଦେଶ ବ୍ୟତୀତ ଯୁବରାଜ ନଗର ଛାଡ଼ି ପାରୁନଥିଲେ । ବାର୍ଦ୍ଧକ୍ୟ ଆସିଲେ ରାଜା ଜ୍ୟେଷ୍ଠପୁତ୍ରଠାରେ ଶାସନ ଦାୟିତ୍ୱ ଅର୍ପଣକରି ବାନପ୍ରସ୍ଥ ଅବଲମ୍ବନ କରୁଥିଲେ । ଅବସର ଗ୍ରହଣ ପାଇଁ ରାଜାଙ୍କୁ ରାଜ୍ୟସଭାର ଅନୁମତି ଗ୍ରହଣ କରିବାକୁ ପଡ଼ୁଥିଲା ।- ଅଯୋଧ୍ୟାକାଣ୍ଡ ଶତତମ ସର୍ଗଟିରେ ଶ୍ରୀରାମଚନ୍ଦ୍ର ଶ୍ରୀ ଭରତଙ୍କୁ ଏହି ରାଜଧର୍ମର ସାରଗର୍ଭିତ ସ୍ୱରୂପ ପ୍ରାଞ୍ଜଳ ବୁଝାଇ ଦେଇଛନ୍ତି ।

ରାମ ରାଜ୍ୟରେ ଆଦର୍ଶ ଶାସନ ବ୍ୟବସ୍ଥା ଦେଶ ସମୃଦ୍ଧିର ମୁଖ୍ୟ କାରଣରୂପେ ବିବେଚିତ ହେଉଥିଲା । ଦଶରଥଙ୍କ ଶାସନ କାଳରେ ସମଗ୍ର ଦେଶ ଥିଲା ପ୍ରସନ୍ନ, ଧର୍ମାତ୍ମା, ଧନଧାନ୍ୟସମ୍ପନ୍ନ ତଥା ନିର୍ଲୋଭି, ପ୍ରଜାବର୍ଗ ନାନା ବସନ ଭୂଷଣରେ ସଜ୍ଜିତ ହୁଅନ୍ତି । ଅଙ୍ଗରାଗ, ମାଲ୍ୟ ଓ ମୂଲ୍ୟବାନ ଖାଦ୍ୟ-ପେୟ ସୁଲଭ ଥିଲା । ସେ ଶାସନରେ ଅପବିତ୍ର ପଦାର୍ଥ ଭୋଜୀ, ଦାନ କୃପଣ ଓ ଅସଂଯତମନା ପ୍ରାୟ ଦେଖାଯାଉ ନଥିଲେ । ସମସ୍ତ ଅଯୋଧ୍ୟାବାସୀ ନିଶ୍ଚିତ ଭାବରେ ଅଗ୍ନିହୋତ୍ରୀ ଥିଲେ ।

ଚୋର, ନୀଚ, ଦୁରାଚାରୀ, ବର୍ଣ୍ଣଶଙ୍କରାଦିର ନାମ ମଧ୍ୟ ନଥିଲା । ସ୍ତ୍ରୀ ପୁତ୍ରାଦି ପରିବାରସହ ସମସ୍ତେ ସୁଖରେ ବାସ କରୁଥିଲେ ।

ଶ୍ରୀରାମଙ୍କ ଶାସନରେ ବିଧବାର ବିଳାପ କଦାପି ଶୁଣାଯାଇ ନଥିଲା । ସର୍ପାଦି ଦୁଷ୍ଟ ପ୍ରାଣୀର ଭୟ ନଥିଲା । ଆଧି-ବ୍ୟାଧିର ଶଙ୍କା ମଧ୍ୟ ନ ଥିଲା, କେହି ଚୋର ନ ଥିଲେ । ଜନତାର ପ୍ରାଣକୁ ପାପ ସ୍ପର୍ଶ କରିପାରୁ ନ ଥିଲା । ଶିଶୁ ମୃତ୍ୟୁ କଥା ଶୁଣା ନ ଥିଲା । ଜନତା ପ୍ରସନ୍ନ ତଥା ଧର୍ମପରାୟଣ ଥିଲା । ଜଣେ ଜଣକୁ ଧର୍ଷଣର କଳ୍ପନା ମଧ୍ୟ ନ ଥିଲା । ଲୋକେ ଦୀର୍ଘଜୀବୀ ଏବଂ ପୁତ୍ରପୌତ୍ରାଦି ସମ୍ପନ୍ନ ଥିଲେ । ବୃକ୍ଷାଦି ଦୃଢ଼ ମୂଳ ହୋଇ ଫଳ ପୁଷ୍ପରେ ଭରା ଥିଲା । ଜନତାର ଇଚ୍ଛାମାତ୍ରରେ ମେଘ ବୃଷ୍ଟି କରୁଥିଲା ଏବଂ ସୁଖକର ପବନ ପ୍ରବାହିତ ହେଉଥିଲା । ପ୍ରତ୍ୟେକ ବ୍ୟକ୍ତି ନିଜ କର୍ମରେ ଆଗ୍ରହୀ ହୋଇ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ତେଣୁ ପ୍ରଜାମଣ୍ଡଳି ଥିଲା ସୁଖୀ, ସନ୍ତୁଷ୍ଟ ତଥା ପରିପୁଷ୍ଟ । ଦୁର୍ଭିକ୍ଷର ଭୟ ନ ଥିଲା । ନାରୀମାନେ ସୌଭାଗ୍ୟମୟୀ ଓ ପତିବ୍ରତା ଥିଲେ । ଅଗ୍ନି ଉତ୍ପାତ, ଜଳପ୍ଳାବନ, ବାତାଦି ଜ୍ୱର ଓ କ୍ଷୁଧାର ଭୟ ନ ଥିଲା । ତେଣୁ ସମସ୍ତ ଜନବସତି ଧନଧାନ୍ୟରେ ପରିପୂର୍ଣ୍ଣ ଥିଲା ।

ରାମଙ୍କ ଶାସନରେ ଲୋକସଭା ପରିଷଦ, ସମିତି, ସଂସଦ କିମ୍ବା କେବଳ 'ସଭା' ନାମରେ ପରିଚିତ ଥିଲା । ଏହି ଲୋକସଭାର ମହତ୍ୱ ଆଧୁନିକ ରାଜ୍ୟ 'ଆସେମ୍ବ୍ଲି' ସହିତ ପ୍ରାୟ ସମାନ ଥିଲା । ନିଜେ ରାଜା କିମ୍ବା ତାଙ୍କ ଅନୁପସ୍ଥିତିରେ 'ରାଜ-ପୁରୋହିତ' ସଭାର ଅଧ୍ୟକ୍ଷତା କରୁଥିଲେ । ସଭାପତିଙ୍କ ଆସନକୁ 'ରାଜାସନ' 'ପରମାସନ' ଅଥବା 'ଧର୍ମାସନ' କୁହାଯାଉଥିଲା । ପ୍ରଜା ମଧ୍ୟରୁ ଭିନ୍ନ ଭିନ୍ନ ବର୍ଗର ପ୍ରତିନିଧି ପ୍ରକୃତି, ସଭାସଦ୍, ଅଥବା ଆର୍ଯ୍ୟମିଶ୍ର ନାମରେ କଥିତ ହେଉଥିଲେ । ସଭାରେ 'ଆର୍ଯ୍ୟ' କିମ୍ବା 'ଆର୍ଯ୍ୟମିଶ୍ର' ଏହିପରି ସେମାନଙ୍କୁ ସମ୍ବୋଧନ କରାଯାଉଥିଲା । ନଗର ଓ ଗ୍ରାମ ଉଭୟ ପ୍ରତିନିଧିଙ୍କ ମିଳିତ ସଭାକୁ 'ପୌରଜାନପଦ ସଭା' କୁହାଯାଉ ଥିଲା ।

'ସଭା'ରେ ସରକାରୀ ବେସରକାରୀ ଉଭୟ ବିଧ ସଭ୍ୟ ରହୁଥିଲେ । ସରକାରୀ ସଭ୍ୟ ଥିଲେ ଅମାତ୍ୟ ବା ମନ୍ତ୍ରୀମଣ୍ଡଳର ସଦସ୍ୟ ଓ ବେସରକାରୀ ସଭ୍ୟ କହିଲେ ନଗର କିମ୍ବା ରାଷ୍ଟ୍ରର ପ୍ରତିନିଧିମାନଙ୍କୁ ବୁଝାଉ ଥିଲା । ରାଜଧାନୀର ପ୍ରତିନିଧି 'ପୌର' ଏବଂ ରାଜ୍ୟର ଅନ୍ୟ ପ୍ରତିନିଧି 'ଜାନପଦ' ନାମରେ କଥିତ ହେଉଥିଲେ । 'ପୌରଜାନପଦ' ସଭାରେ 'ନୈଗମ' ଓ 'ଶ୍ରେଣୀମୁଖ୍ୟ' ମଧ୍ୟ ସଭ୍ୟ ରହୁଥିଲେ । 'ନୈଗମ' ହେଉଛନ୍ତି ବ୍ୟବସାୟୀ ଗୋଷ୍ଠୀର ପ୍ରତିନିଧି ଏବଂ 'ଶ୍ରେଣୀମୁଖ୍ୟ' ହେଉଛନ୍ତି ନଗର ସ୍ୱାୟତ୍ତ ସମିତିମାନଙ୍କର ଅଧ୍ୟକ୍ଷ । ପୌର ଓ ଜାନପଦମାନଙ୍କ ପାଇଁ ରାଜଧାନୀରେ ପୃଥକ୍ ନିବାସ ସ୍ଥାନ ନିର୍ମିତ ହେଉଥିଲା । ତେବେ ରାମାୟଣର କୌଣସିଠାରେ ଏହି 'ପୌର' ଓ 'ଜାନପଦ'ମାନେ ସରକାର ମନୋନୀତ କିମ୍ବା ଜନ ନିର୍ବାଚିତ ସ୍ପଷ୍ଟ ଉଲ୍ଲେଖ ନାହିଁ । ତଥାପି ବ୍ୟବହୃତ ହୋଇଥିବା—'ନୈଗମାଃ' 'ଗ୍ରାମ ଘୋଷ ମହତ୍ତରାଃ' 'ଶ୍ରେଣୀମୁଖ୍ୟାଃ', 'ଜନମୁଖ୍ୟାଃ', 'ଗଣ ବଲ୍ଲଭାଃ' ଇତ୍ୟାଦି ଶବ୍ଦ ଯେ କୌଣସି ପ୍ରକାରର ନିର୍ବାଚନକୁହିଁ ସୂଚିତ କରୁଏ ।

ବର୍ଣ୍ଣ, ହିତ ଓ ପ୍ରଦେଶ ବିସ୍ତାରକୁ ନେଇ ମଧ୍ୟ 'ସଭା'ରେ ପ୍ରତିନିଧି ରହୁଥିଲେ । ବ୍ରାହ୍ମଣ ବର୍ଣ୍ଣ ଓ ଆଧ୍ୟାତ୍ମିକ ହିତପାଇଁ ପୁରୋହିତ କିମ୍ବା ବ୍ରାହ୍ମଣ ମୁନି ସଭ୍ୟ ରହୁଥିଲେ । ବୈଶ୍ୟ ବର୍ଣ୍ଣ ଓ ଆର୍ଥିକ ହିତ ବିଷୟରେ ରାଜଧାନୀର 'ନୈଗମ' ଓ 'ଗଣବଲ୍ଲଭ' (ବ୍ୟବସାୟିକ ଶ୍ରମିକ ସଂଘର ପ୍ରତିନିଧି) ରହୁଥିଲେ । ପ୍ରଦେଶ ପକ୍ଷରୁ କୃଷକ ତଥା ଗୋପାଳ ପ୍ରତିନିଧିରୂପେ 'ଗ୍ରାମ ଘୋଷ ମହତ୍ତରାଃ' ଯୋଗ ଦେଉଥିଲେ । କ୍ଷତ୍ରିୟ ବର୍ଣ୍ଣ ଏବଂ ସୈନିକ ହିତ ପକ୍ଷରୁ ସାମନ୍ତ ରାଜା, ରାଜନ୍ୟ ବର୍ଗ, ସେନାପତି ଓ ବଳାଧ୍ୟକ୍ଷ ପ୍ରତିନିଧିତ୍ୱ କରୁଥିଲେ । ଏହିପରି ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ-ଦ୍ୱିଜମାନେ 'ସଭା'ର ସଦସ୍ୟ ରହୁଥିଲେ । ଅବଶ୍ୟ ଶୁଦ୍ରମାନଙ୍କ କଲ୍ୟାଣର ଦାୟିତ୍ୱ ରାଜା ନିଜେ ଗ୍ରହଣ କରୁଥିଲେ । କିନ୍ତୁ ଶୁଦ୍ରମାନଙ୍କ ପ୍ରତିନିଧିତ୍ୱ କଥା ରାମାୟଣରେ ଲିପିବଦ୍ଧ ହୋଇ ନାହିଁ । ପ୍ରାଦେଶିକ ବିବେଚନାରେ ସାରା ଦେଶ ପୌର (ରାଜଧାନୀ) ଏବଂ ରାଷ୍ଟ୍ର ଅଥବା ଜନପଦ (ଅବଶିଷ୍ଟ ରାଜ୍ୟ) ଏହିପରି ଦୁଇ ଭାଗରେ ବିଭକ୍ତ ହୋଇଥିଲା । ଦଶରଥ ନିଜର ଯୁବରାଜ ନିର୍ବାଚନ ପାଇଁ ସାମନ୍ତ ରାଜା, ରାଜଧାନୀ ଏବଂ ଅନ୍ୟ ନଗରବାସୀ ପ୍ରଜା ଏବଂ ଗ୍ରାମ ପ୍ରତିନିଧିମାନଙ୍କୁ ଆମନ୍ତ୍ରଣ କରି ଅଧିବେଶନ ଡକାଇ ଥିଲେ । ଜ୍ୟେଷ୍ଠ ପୁତ୍ରହିଁ ନୁହନ୍ତି, ଯେ କୌଣସି ପୁତ୍ରକୁ 'ଯୁବରାଜ' କରି ପାରିବା 'ସଭା'ର ଅଧିକାର ଥିଲା । ଆବଶ୍ୟକ ସ୍ଥଳେ ସଭ୍ୟମାନେ ନିଜ ନିର୍ବାଚନ ଅଧିକାରକୁ କୌଣସି ଜଣେ ନୀତିସମ୍ପନ୍ନ ସଭ୍ୟଙ୍କଠାରେ ନ୍ୟସ୍ତ କରି ପାରୁଥିଲେ । ଦଶରଥଙ୍କ ମୃତ୍ୟୁପରେ ଆହୂତ ସଭାର ସଭ୍ୟମାନେ ଉତ୍ତରାଧିକାରୀ ନିର୍ବାଚନରେ ନିଜ ନିଜର ଅଧିକାର ବଶିଷ୍ଠଙ୍କୁ ଅର୍ପଣ କରିଥିଲେ । ସାଧାରଣତଃ ରାଜା କିମ୍ବା ଯୁବରାଜଙ୍କ ନିର୍ବାଚନ, ଯୁଦ୍ଧ ଘୋଷଣା, ରାଜାଙ୍କର ରାଜ୍ୟ ତ୍ୟାଗ ବା ଅବସର ଗ୍ରହଣ ଇତ୍ୟାଦି ଶାସନ ସମ୍ବନ୍ଧୀୟ ସମସ୍ତ ମହତ୍ତ୍ୱପୂର୍ଣ୍ଣ ବିଷୟରେ 'ସଭା'

**ସ୍ୱାୟତ୍ତ ଶାସନ (Municipality etc.)**— ସ୍ୱାୟତ୍ତ ଶାସନ ରାମାୟଣ କାଳରେ ନଗରଗୁଡ଼ିକର ସ୍ୱାୟତ୍ତ ଶାସନ ଦାୟିତ୍ୱ କେତେକ ସମିତି ଉପରେ ନ୍ୟସ୍ତ ଥିଲା । ଯଥା ଗଣ (Trade Unions), ନୈଗମ (ବ୍ୟବସାୟୀ ସଂଘ) ଏବଂ 'ଗଣ ବଲ୍ଲଭ' 'ନୈଗମ ବଲ୍ଲଭ' 'ପୌର' ଓ 'ଶ୍ରେଣୀ ମୁଖ୍ୟ' ଇତ୍ୟାଦି ଥିଲା । ସ୍ୱାୟତ୍ତ ସମିତି ସବୁ ଧାନୀର ନଗର ବ୍ୟବସ୍ଥା 'ପୌର ସମିତି' (Capital Maintenance)ର ଅଧୀନ ଥିଲା । ନଗର ବ୍ୟବସ୍ଥାକୁ 'ପୌର କାର୍ଯ୍ୟ' କୁହାଯାଉଥିଲା । ତାଙ୍କର ସହ ବିବାହ ପରେ ରାମଚନ୍ଦ୍ର ପୌର କାର୍ଯ୍ୟରେ ଦଶରଥଙ୍କୁ ସହାୟତା କରୁଥିଲେ । ରାଜା କିମ୍ବା ଯୁବରାଜ 'ନଗର ବ୍ୟବସ୍ଥା ସମିତି'ର ଅଧ୍ୟକ୍ଷ ହେବା ବିଧିଥିଲା । କ୍ଷତ୍ରିୟ ସେନା-ଠିକାଦାର ବୈଶ୍ୟ ବ୍ୟାପାରୀ, ନାନା ଶିଳ୍ପ ବ୍ୟବସାୟରେ ନିଯୁକ୍ତ କାରୀଗର; ସଚ୍ଚ ଉଦାରତାରେ ଜୀବନଯାପନ କରି କେତେକ ବ୍ରାହ୍ମଣ, ସେବା କର୍ମ କୁଶଳ ଶୂଦ୍ର ଏବଂ ଦାସ (ଶ୍ରମିକ) ଶ୍ରେଣୀର ଲୋକଥିଲେ ଅଯୋଧ୍ୟା ଜନ ସଂଖ୍ୟାର ମୁଖ୍ୟ ଅଂଶ । 'ନଗର ବ୍ୟବସ୍ଥା ସମିତି'ର ଦାୟିତ୍ୱ ଥିଲା—ନଗରଟି ଯଥା ସୁନ୍ଦର (According to Town Plan) ଯେଉଁ ପରି ଗଢି ଉଠିବ ଏବଂ ରାଜ ମାର୍ଗ ପ୍ରତି ଦୃଷ୍ଟି ଦେବା, ସମସ୍ତ ମରାମତି ଓ ପରିଷ୍କାର ପରିଚ୍ଛନ୍ନତା, ନଗରରେ ଜଳର ସୁବ୍ୟବସ୍ଥା (ଅଯୋଧ୍ୟାରେ ଶୁଦ୍ଧ, ମଧୁର, ସ୍ୱଚ୍ଛ ଜଳର ଯଥେଷ୍ଟ ଉପଯୋଗ ପାଇଁ ନଦ ନଦୀ, ଝରଣା, ବାମ୍ପୀ, କୂଅ, ତଡାଗ, ପୁଷ୍କରିଣୀ, ହ୍ରଦ ପଲ୍ଲବ, ନଳିନୀ ଓ ଉତ୍ସେଚ (Water pipes) ନିର୍ମିତ ହୋଇଥିଲା । ଆଲୋକ ପାଇଁ ଦୀପାବଳୀ ଓ ଦୀପ ବୃକ୍ଷର ବ୍ୟବସ୍ଥା, ଯାତାୟତ (Traffic) ନିୟନ୍ତ୍ରଣ, ଉତ୍ସବ ସମୟରେ ସାଜସଜ୍ଜା, ଉଦ୍ୟାନ ନିର୍ମାଣ ଏବଂ ସୁରକ୍ଷା ।

**ଯୁଦ୍ଧର ନିୟମ**—ରାମଚନ୍ଦ୍ରଙ୍କ ଶାସନ କାଳରେ ନିଜେ ରାଜା ମନ୍ତ୍ରୀମାନଙ୍କ ସହାୟତାରେ ସେନା ବିଭାଗର ଦାୟିତ୍ୱ ଗ୍ରହଣ କରୁଥିଲେ । ଦଶରଥଙ୍କ ମନ୍ତ୍ରୀମାନଙ୍କୁ 'ଦୃଢ଼ ବିକ୍ରମାଃ' 'ଯୁଦ୍ଧା ବଳସ୍ୟୀ ଚ ପରିଗ୍ରହେ', ବୋଲି ଏହି-ପରି ସମ୍ବୋଧନ କରାଯାଇଛି । ପ୍ରତିରକ୍ଷା ବିଭାଗର ଦାୟିତ୍ୱ ବୋଧ ହୁଏ ରାଜା ଏବଂ ମନ୍ତ୍ରୀ ଉଭୟଙ୍କ ପାଇଁ ସମାନ ଥିଲା । ତେବେ ଯୁଦ୍ଧ କିମ୍ବା ଶାନ୍ତି ଘୋଷଣାର ଚରମ ଦାୟିତ୍ୱ ରାଜାଙ୍କ ଉପରେ ହିଁ ନ୍ୟସ୍ତ ଥିଲା ।

ସେତେବେଳେ ନଗରଗୁଡ଼ିକ ଦୁର୍ଗ ଆକାରରେ ତିଆରି ହୋଇଥିଲା । ଦୁର୍ଗ ମଧ୍ୟରେ ସକଳ ପ୍ରକାରର ଶସ୍ତ୍ରାସ୍ତ୍ର; ଆକ୍ରମଣ ଓ ପ୍ରତି ଆକ୍ରମଣର ଉପକରଣ, କୂଟାଗାର (Under ground residence) ଇତ୍ୟାଦି ରହୁଥିଲା । ଦୁର୍ଗଗୁଡ଼ିକ ୧-ନାଦେୟ (ନଦୀ କିମ୍ବା ସମୁଦ୍ର ବେଷ୍ଟିତ ଯଥା ଲଙ୍କା) ୨-ପାର୍ବତ୍ୟ (ପର୍ବତ ବେଷ୍ଟିତ କିଷ୍କିନ୍ଧା) ୩-ବନ୍ୟ (ଘନାରଣ୍ୟ ବେଷ୍ଟିତ ଲଙ୍କା,) ୪-କୃତ୍ରିମ (ଉତ୍ତୁଙ୍ଗ ପ୍ରାଚୀର ଓ ପରିଖା) ବେଷ୍ଟିତ ଅଯୋଧ୍ୟା, ଲଙ୍କା ସାଂକାଶୀ ଇତ୍ୟାଦି) ଏହିପରି ଚାରି ଭାଗରେ ବିଭକ୍ତ ଥିଲା ।

ସେନା ସମୁହ ମଧ୍ୟ ପଦାତିକ, ଗଜାରୋହୀ, ଅଶ୍ୱାରୋହୀ ଓ ରଥାରୋହୀ ଭେଦରେ ଚାରି ପ୍ରକାରର ଥିଲା । ଏହାକୁ ଚତୁରଙ୍ଗ ବଳ କୁହାଯାଏ । ଏମାନଙ୍କର ଛଅଗୋଟି ଶ୍ରେଣୀ ଥିଲା । ୧-ମିତ୍ରବଳ, ୨ ଆଟବିକ ବଳ (ବନ୍ୟଯୋଧା) ୩ ମୌଳ ବଳ (Standing army) ବା ବଂଶ ପରମ୍ପରା ଗତ ସୈନିକ), ୪ ଭୃତ୍ୟ ବଳ ଓ ଦ୍ୱିଷଦ୍‌ବଳ (ବୈତନିକ ସୈନିକ ଏବଂ ଶତ୍ରୁପକ୍ଷ ଛାଡ଼ିଆସିଥିବା ସୈନିକ), ଯୁଦ୍ଧରେ ବ୍ୟବହୃତ ରଥଗୁଡ଼ିକୁ 'ସାଂଗ୍ରାମିକ ରଥ' କୁହାଯାଉଥିଲା । ଯାତାୟତମାର୍ଗ, ତମ୍ବୁ, ପୋଲ ଆଦି ନିର୍ମାଣକାରି ଗୋଟିଏ ଦଳ ସେନାସମୂହର ଆଗେ ଆଗେ ଚାଲିଥାଏ । ଖାଦ୍ୟ ତଥା ଅତ୍ୟାବଶ୍ୟକ ଦ୍ରବ୍ୟ ଅନ୍ୟ ଗୋଟିଏ ଦଳର ଦାୟିତ୍ୱରେ ଥାଏ । ସେନାବର୍ଗର ପୃଷ୍ଠଭାଗରେ ବ୍ୟବ-ସାୟୀ, ସୈନିକମାନଙ୍କର ସ୍ତ୍ରୀ ଓ ସେବକମାନେ ରହୁଥିଲେ ।

ରାମରାଜ୍ୟରେ ଜଣେ ଆଦର୍ଶ ସୈନିକଠାରେ ସମସ୍ତ ବେଦ ଓ ଅସ୍ତ୍ର ଶସ୍ତ୍ରର ଜ୍ଞାନ ଅବଶ୍ୟ ଆବଶ୍ୟକରୂପେ ସ୍ୱୀକୃତ ହୋଇଥିଲା । ହସ୍ତୀ, ଅଶ୍ୱ ଓ ରଥାରୋହୀହୋଇ ଯୁଦ୍ଧକରିବାରେ ସେମାନଙ୍କୁ ଶିକ୍ଷା ଦିଆଯାଉଥିଲା । ସାମ, ଦାନ, ଦଣ୍ଡ ଓ ଭେଦ ନୀତିରେ ସେମାନେ ଅଭ୍ୟସ୍ତ ହେଉଥିଲେ । ଅଯୋଧ୍ୟା କିଷ୍କିନ୍ଧା ଓ ଲଙ୍କାର ସମସ୍ତ ସୈନିକ ପ୍ରାୟ ବିବାହକରିଥିଲେ, ବିଶ୍ୱାସ ଥିଲା ବିବାହିତ ସୈନିକମାନଙ୍କ ଦ୍ୱାରା ସେନାମଣ୍ଡଳି ସୁସ୍ଥିର ରହିପାରେ । ବିବାହିତ ସୈନିକ ରାଜ୍ୟ କିମ୍ବା ରାଜାପାଇଁ ହିଁ ନୁହେ ନିଜ ପରିବାର ପାଇଁ ମଧ୍ୟ ଶତ୍ରୁର ସମ୍ମୁଖୀନ ହୋଇପାରେ । ସୈନିକମାନଙ୍କୁ ନାନା ଉପହାର, ସମ୍ମାନ ଓ ସୁବିଧା ଦେଇ ପ୍ରସନ୍ନ ଏବଂ ସନ୍ତୁଷ୍ଟ ରଖିବା ବ୍ୟବସ୍ଥା ଥିଲା । ସୈନିକମାନଙ୍କୁ ନିର୍ଦ୍ଦିଷ୍ଟ ସମୟରେ ସମୁଚିତ ବେତନ ଓ ଭତ୍ତା କାଳବିଳମ୍ବନକରି ଦିଆ-ଯାଉଛି କି ନାହିଁ ଏହା ରାମଚନ୍ଦ୍ର ଚିତ୍ରକୁଟରେ ଭରତଙ୍କୁ ପ୍ରଶ୍ନ କରିଥିଲେ । ସେ ଶାସନରେ ବିଶ୍ୱାସ ଥିଲା ଯେ ଭତ୍ତା ଓ ବର୍ତ୍ତନାଦି ଯଥା ସମୟରେ ପ୍ରଦତ୍ତ ନହେଲେ ଅସନ୍ତୁଷ୍ଟ ସେନାମଣ୍ଡଳି ଯୋଗୁଁ ରାଜ୍ୟରେ ବହୁ ଅନର୍ଥ ସମ୍ଭବ ହୁଏ । ରାଜନୀତିଜ୍ଞ ରାବଣ ନିଜ ସୈନିକମାନଙ୍କୁ ଖୁବ୍ ବିତ୍ତବଶାଳୀ ରଖିପାରି ଥିଲେ ।

ରାମ ରାଜ୍ୟରେ ଯୁଦ୍ଧର ସମସ୍ତ ନିୟମ ଆଦର୍ଶ ଭିତ୍ତିକ ଥିଲା । ପୃଷ୍ଠଭଙ୍ଗ ଦେଇ ଯୁଦ୍ଧଭୂମିରୁ ପଳାୟନ ଅପକୀର୍ତ୍ତିରେ ଅଲିଭା କଳଙ୍କରୂପେ ଏବଂ ରାଜ୍ୟର ହିତ ଦୃଷ୍ଟିରୁ ଯୁଦ୍ଧ ଭୂମିରେ ପ୍ରାଣ ବିସର୍ଜନ ପୁଣ୍ୟାର୍ଜନ ରୂପେ ବିବେଚିତ ହେଉଥିଲା । ନାରୀ, ଯୁଦ୍ଧରୁ ନିବୃତ୍ତ (ଭୟାତୁର ଆତ୍ମ ଗୋପନକାରୀ), ଅଥବା ଶାନ୍ତି ପ୍ରାର୍ଥୀକୁ ହତ୍ୟା କରିବା ପାପରୂପେ ଗୃହୀତ ହେଉଥିଲା । ଯୁଦ୍ଧର ଆହ୍ୱାନକୁ ସ୍ୱୀକାର କରିବା ପ୍ରତ୍ୟେକ ଆତ୍ମ-ମର୍ଯ୍ୟାଦା ସଂପନ୍ନ ବ୍ୟକ୍ତିର ଦାୟିତ୍ୱରୂପେ ବୋଧ କରାଯାଉଥିଲା । ବିନାକାରଣରେ ଆକ୍ରମଣ ବୀରତ୍ୱର ବିରୁଦ୍ଧ ନୀତି ରୂପେ ସ୍ୱୀକୃତ ହୋଇଥିଲା । ପଳାୟନ-କାରୀର ପୃଷ୍ଠଭାଗରୁ ଆକ୍ରମଣ ନିନ୍ଦନୀୟ କ୍ରୂରତା ରୂପେ ବର୍ଣ୍ଣିତ ହେଉଥିଲା, ଇତର ଯୋଦ୍ଧା ସହିତ ଯୁଦ୍ଧରେ ସଂପୃକ୍ତ ବ୍ୟକ୍ତିକୁ ଅନ୍ୟ ଜଣେ ଯୋଦ୍ଧା ପ୍ରହାର କରିବା ସୈନିକ ନିୟମ ଭଙ୍ଗରୂପେ ଘୋଷିତ ହେଉଥିଲା । ନୀଳ ସହିତ ଯୁଦ୍ଧରତ ରାବଣ ଉପରେ ଆକ୍ରମଣ କରିବା ଅନ୍ୟାୟ ହେବ ବୋଲି ସ୍ୱୟଂ ହନୁମାନ ମଧ୍ୟ ଉପଲବ୍ଧି କରିଥିଲେ । ମଦବିହ୍ୱଳ, ସୁପ୍ତ, ନିଃଶସ୍ତ୍ର, ଶାନ୍ତ, ମାଦକଦ୍ରବ୍ୟ କ୍ଲାନ୍ତ, ନାରୀବେଷ୍ଟିତ ଇତ୍ୟାଦି ଶତ୍ରୁର କୌଣସି ଦୁର୍ବଳ ମୁହୂର୍ତ୍ତରେ ଆକ୍ରମଣ ଅନ୍ୟାୟ ବୋଧ କରାଯାଉଥିଲା । ଯୁଦ୍ଧକ୍ଳାନ୍ତ ପ୍ରତିପକ୍ଷି ରାବଣଙ୍କୁ ଘରକୁ ଫେରିଯାଇ ବିଶ୍ରାମ ପରେ ନୂତନ ରଥ ଆରୋହଣ ଓ ଧନୁର୍ଦ୍ଧାରଣ ପୂର୍ବକ ପୁନଃ ଯୁଦ୍ଧକୁ ଆସିବା ପାଇଁ ରାମଚନ୍ଦ୍ର ପରାମର୍ଶ ଦେଇଥିଲେ । ବିଜୟ ପରେ ବିଜିତ ରାଜ୍ୟରେ ସ୍ଥାୟୀ ଶାସନର ବ୍ୟବସ୍ଥା ବିଜେତାଙ୍କ କର୍ତ୍ତବ୍ୟଥିଲା, ଦୂତ ସେ ଶାସନରେ ସର୍ବଥା ଅବଧ୍ୟ ମନେ କରାଯାଉଥିଲା ।

ଉପରୋକ୍ତ ଆଲୋଚନାରେ ରାମ ରାଜ୍ୟର ଗୋଟିଏ ସଂକ୍ଷିପ୍ତ ରାଜନୀତିକଚିତ୍ର ମାତ୍ର ଅଙ୍କିତ । ଏଥିରୁ ସ୍ପଷ୍ଟ ହୁଏ ଯେ ସେ ସମୟର ରାଜନୀତିକ ସିଦ୍ଧାନ୍ତଗୁଡ଼ିକ ଆଧୁନିକ ଯୁଗର ଗୋଟିଏ ସଂସ୍କାର ସଂପନ୍ନ, ସମୁନ୍ନତ ରାଜ୍ୟର ଏକାନ୍ତ ଅନୁରୂପ ଥିଲା । ସେ ଶାସନ ବ୍ୟବସ୍ଥା ମଧ୍ୟ ଥିଲା ଅତି ଉନ୍ନତ, ବ୍ୟବସ୍ଥିତ, ନ୍ୟାୟପୂର୍ଣ୍ଣ ଓ ଧର୍ମ ସଙ୍ଗତ । ରାମାୟଣକାଳୀନ ଶାସନ ବ୍ୟବସ୍ଥା ବେଦୋକ୍ତ ରାଜନୀତିର ଗୋଟିଏ ପରିଷ୍କାର ଏବଂ ବିକାସମୟ ସ୍ୱରୂପ ଗ୍ରହଣ କରିଥିବା ସ୍ପଷ୍ଟ ହୁଏ । ଏଥିରେ ପ୍ରଜାତନ୍ତ୍ରାତ୍ମକ ସଂସ୍ଥାଗୁଡ଼ିକର ମହତ୍ୱ ଭଲଭାବରେ ଉପଲବ୍ଧି କରାଯାଉଥିଲା । ସେ କାଳର 'ସଭା', 'ପୌର' 'ଜନପଦ' 'ନୈଗମ' 'ଗଣ' ଆଦି ସଂସ୍ଥା-ଗୁଡ଼ିକ ଏହାର ପ୍ରମାଣ ଦିଏ । ଏହି ସଂସ୍ଥାଗୁଡ଼ିକ ଶାସକର ନିରଙ୍କୁଶ ଚେତନାର ପ୍ରତିରୋଧକ ଥିଲା । ସେ କାଳରେ ମଧ୍ୟ ସ୍ୱାୟତ୍ତ ଶାସନର ପର୍ଯ୍ୟାପ୍ତ ଅସ୍ତିତ୍ୱ ବାସ୍ତବରେ ଗୌରବମୟ ବୋଧହୁଏ । ରାମ ରାଜ୍ୟର ସଦାଚାର, ସତ୍ୟାଗ୍ରହ, କପଟଶୂନ୍ୟତା, ନ୍ୟାୟପ୍ରିୟତା ତଥା ଦେଶ ଓ ଦଶର ଧନ-ଧାନ୍ୟ, ସୁଖ-ସମୃଦ୍ଧି ଆଦିର ପ୍ରାଞ୍ଜଳଚିତ୍ର ଏବଂ ବିପରୀତରେ ଅପରାଧ, ଗୋଷ୍ଠିଗତ-ଶତ୍ରୁତା, ଅଶାନ୍ତି, କୋଳାହଳ, ଦୁଃଖ, ଶାସକଙ୍କ ପ୍ରତି ଅସନ୍ତୋଷ ଆଦିର ଅଭାବ ବା ସ୍ୱଳ୍ପତା ବାସ୍ତବରେ ଜାତିର ଜନକ ଗାନ୍ଧିଜୀଙ୍କ ପ୍ରାଣରେ ଗଭୀର ଆଶା ଓ ଆଶ୍ୱାସନାର ଜନ୍ମ ହୋଇ ପାରିଥିଲା, ସୌଭାଗ୍ୟର କଥା ଦେଶ ଆଜି ସେହି ଆଦର୍ଶ ରାମରାଜ୍ୟର ଶାସନ ବ୍ୟବସ୍ଥାକୁ ଅଧୁରି ସଫଳତାର ସହ ରୂପାୟନ କରିବାରେ ଶକ୍ତମହୋଇ ବିଶ୍ୱବାସିଙ୍କର ବିସ୍ମୟ ସୃଷ୍ଟି କରିପାରିଛି । ମହାମାନବ ମହାତ୍ମା ଗାନ୍ଧିଙ୍କର ଅମର ଆତ୍ମା ଏଥିରେ ଯଥାର୍ଥତଃ ଅଧିକରୁ ଅଧିକ ସନ୍ତୋଷ ଲାଭ କରିବ ।

(ପ୍ରବଂଧଟିର ମୁଖ୍ୟାଂଶ ବାଲ୍ମୀକି ରାମାୟଣ ଉପରେ ଆଧାରିତ)



ସମ୍ବାଦ
The Sambad

ଓଡ଼ିଶାର ସର୍ବାପେକ୍ଷା ବହୁଳ ପ୍ରଚାରିତ

# ଓଡ଼ିଆ ଦୈନିକ ସଂବାଦ ପତ୍ର

ଗ୍ରାମ୍ - ସମ୍ବାଦ

ଫୋନ୍ - ୨୦୧୧୪, ୨୧୦୪୪, ୨୦୧୮୩, ୨୩୨୮୪

- ମୋଟ ଆୟତନ—୫୭ ସେ. ମି. × ୪୧.୫୦ ସେ. ମି.
- ପ୍ରତି ପୃଷ୍ଠାର ଛାପା ଆୟତନ—୫୦ ସେ. ମି. × ୩୭.୫୦ ସେ. ମି.
- ପ୍ରତି କଲମ୍‌ର ଓସାର—୪.୫୦ ସେ. ମି.
- ପ୍ରତି କଲମ୍‌ର ଦୈର୍ଘ୍ୟ—୫୦ ସେ. ମି.
- ପ୍ରତ୍ୟେକ ପୃଷ୍ଠାର କଲମ ସଂଖ୍ୟା—୮
- ପ୍ରତି ପ୍ୟାନେଲ ର ଆୟତନ—୧୧ ସେ. ମି. × ୭ ସେ. ମି.
- ହାଫ୍‌ଟୋନ୍ ସ୍କ୍ରିନ୍—୭୫ ପର୍ଯ୍ୟନ୍ତ

ଗୋପବନ୍ଧୁ ଭବନ, କଟକ-୧ · ଓଡ଼ିଶା

## ାମାଜିକ ବବର୍ତ୍ତନର ଧାରାରେ—

# ମାଜବାଦ"ହିଁ ଭାରତର ଜାତୀୟ ଲକ୍ଷ୍ୟ

ଅଧ୍ୟାପକ ଲକ୍ଷ୍ମୀନାରାୟଣ ରାୟସିଂହ

ଭାରତର ସମ୍ବିଧାନ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରୁ କାର୍ଯ୍ୟକାରୀ ହେଲା । ଏହା ପରେ ଦେଶରେ ଯଥେଷ୍ଟ ପରିବର୍ତ୍ତନ ସାଧିତ ହୋଇଛି । ଦେଶର ରାଜନୈତିକ ଓ ଅର୍ଥନୈତିକ ପରିବର୍ତ୍ତନ ତଥା ଭାରତର ପ୍ରଗତିଶୀଳ ବିକାଶ ପାଇଁ ସମ୍ବିଧାନ ସଂଶୋଧନର ଆବଶ୍ୟକତା ବାରମ୍ବାର ଅନୁଭୂତ ହୋଇଛି । ଫଳରେ ୧୯୭୬ ସୁଦ୍ଧା ଏହା ଚାଳିଶ ଥର ସଂଶୋଧିତ ହୋଇ-ଅଛି । ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତ ସ୍ୱରଣ ସିଂ କମିଟିର ସୁପାରିଶ ପାର୍ଲିଆମେଣ୍ଟରେ ଗୃହୀତ ହେଲେ ଏହା ଏକଚାଳିଶତମ ସଂଶୋଧନ ହେବ । ଏହି ସଂଶୋଧନରେ ସଂବିଧାନର ମୁଖବନ୍ଧ ବା ନୀତି ନିର୍ଦ୍ଦେଶିକା (Preamble)ରେ ଉଲ୍ଲେଖ ରହୁଛି । "ସାର୍ବଭୌମ ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ଓ ସମାଜବାଦୀ ପ୍ରଜାତନ୍ତ୍ର" । ଏହି ପରିବର୍ତ୍ତନରୁ ସ୍ପଷ୍ଟ ହୋଇଗଲା ଯେ, "ସମାଜବାଦ"ହିଁ ହେଉଛି ଭାରତର ଜାତୀୟ ଲକ୍ଷ୍ୟ ।

ସଂବିଧାନ ରଚୟିତାଗଣ, ଭାରତରାଷ୍ଟ୍ରର ପ୍ରତିଷ୍ଠାତା-ମାନେ ସହିଂସ ସଙ୍ଘାତ ଏଡ଼ାଇବା ପାଇଁ ଜନମତର ରାୟ ଅନୁଯାୟୀ ଶାନ୍ତିପୂର୍ଣ୍ଣ ଭାବେ ସାମାଜିକ—ଅର୍ଥ-ନୈତିକ ପରିବର୍ତ୍ତନର ଆବଶ୍ୟକତାକୁ ସମ୍ମତିକ୍ରମେ ପରିବର୍ତ୍ତନ (Changes by consent)ର ଯେଉଁ ଆଦର୍ଶକୁ ଆଖି ଆଗରେ ରଖିଥିଲେ, ତାହାରି ପ୍ରକ୍ରିୟାର ପଥରେ ନାନା ବାଧା ପ୍ରତିବନ୍ଧକ ସୃଷ୍ଟି ହେଲା ବିଭିନ୍ନ ସମୟରେ । ବିଚାର ବିଭାଗର ଭୂମିକା ବହୁ ସମୟରେ ସୃଷ୍ଟିକଲା ଏହି ପ୍ରକ୍ରିୟାରେ ସଙ୍କଟ । ତେଣୁ ସଂବିଧାନର ମୂଳ ନିର୍ଦ୍ଦେଶିକାରେ ଥିବା ଲକ୍ଷ୍ୟ ପୂରଣପାଇଁ ପାର୍ଲିଆ-ମେଣ୍ଟ ଯେଉଁ ଆଇନ ପ୍ରଣୟନ କଲେ, ତାହା ବିଚାର ବିଭାଗ ଦ୍ୱାରା ବାତିଲ ହୋଇଗଲା । ଫଳରେ ବ୍ୟାଙ୍କ ଜାତୀୟକରଣ, ରାଜନ୍ୟବର୍ଗଙ୍କ ଭତ୍ତା କାଟ, ଭୂସଂସ୍କାର ପ୍ରଭୃତି କେତେକ ପ୍ରଗତିଶୀଳ ପଦକ୍ଷେପକୁ ରକ୍ଷା କରିବାପାଇଁ ସଂବିଧାନରେ ସଂଶୋଧନର ଆବଶ୍ୟକତା ବଢ଼ିଗଲା ଏବଂ ନିର୍ବାଚିତ ସଂସଦର ସାର୍ବଭୌମତ୍ୱକୁ ଓ ସଂବିଧାନର ସଂଶୋଧିତ ବ୍ୟବସ୍ଥାକୁ ବିଚାରାଳୟର ବିଚାର ବହିର୍ଭୂତ ବିଷୟରୂପେ ଗ୍ରହଣ କରାଗଲା ।

ଭାରତର ସଂବିଧାନ ଯେତେବେଳେ ସଂଶୋଧିତ ହେବାକୁ ଯାଇଛି, ସେତେବେଳେ ଭାରତରେ ଥିବା ରାଜନୈତିକ ଦଳମାନଙ୍କ ମଧ୍ୟରେ ସପକ୍ଷ ଓ ବିପକ୍ଷ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏପରିକି ଏହି ପ୍ରକ୍ରିୟା

ମଧ୍ୟରେ ରାଜନୈତିକ ଦଳମାନେ ମଧ୍ୟ ଦ୍ୱିଧା ବିଭକ୍ତ ହୋଇ ଖଣ୍ଡ ଖଣ୍ଡ ହୋଇ ଯାଇଛନ୍ତି । ଦଳ ମଧ୍ୟ ଦୁଇ ଭିନ୍ନ ଭାବରେ ପରିଣତ ହୋଇଯାଇଛି । ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ଦୁଇଟି ଘଟିଛି ୧୯୬୯ ମସିହାର ନିର୍ବାଚନ ଫଳାଫଳ ଓ ୧୯୬୯ ମସିହାରେ କଂଗ୍ରେସର ବିଭାଜନ ସାଙ୍ଗକୁ ଅନ୍ୟାନ୍ୟ ଦଳରେ ବିଭାଜନ । ଏହା ଫଳରେ ଦେଖାଯାଉଛି—ଭାରତର ବ୍ୟାପକ ଜନସାଧାରଣଙ୍କ ମଧ୍ୟରେ, ମୌଳିକ ପରିବର୍ତ୍ତନର ଚେତନାର ପୃଷ୍ଠଭୂମିରେ, ସଂବିଧାନ ଯେତେଥର ସଂଶୋଧିତ ହୋଇଛି, ତାହା କେବେହେଲେ ପ୍ରତିକ୍ରିୟାପନ୍ଥୀ ତଥା ସ୍ୱାର୍ଥାନ୍ୱେଷୀମାନଙ୍କ ସପକ୍ଷରେ ଯାଇନାହିଁ ।

ଆମ ସଂବିଧାନର ନିର୍ଦ୍ଦେଶକ ନୀତିସମୂହର ଅନ୍ତର୍ଭୁକ୍ତ ୩୯ ଧାରା ଦେଶର ସାମାଜିକ ତଥା ଅର୍ଥନୈତିକ ଜୀବନରେ କାର୍ଯ୍ୟକାରୀ ହୋଇପାରିନ୍ଥ ନାହିଁ । ଏହିପରି ଏକ ସଙ୍କଟଜନକ ଅବସ୍ଥାରେ ଦେଶର ତିନୋଟି ସଂସ୍ଥା—ଆଇନ ପରିଷଦ, ବିଚାର ବିଭାଗ ଏବଂ ପ୍ରଶାସନ ବିଭାଗ ସେମାନଙ୍କ ନିଜ ନିଜ ପରିସର ମଧ୍ୟରେ ସଂବିଧାନରେ ଲିପିବଦ୍ଧ ଥିବା ଏହି ସୁନ୍ଦର ଗଣତାନ୍ତ୍ରିକ ସର୍ତ୍ତାବଳୀକୁ କାର୍ଯ୍ୟକାରୀ କରିବାରେ ବ୍ୟର୍ଥ ହେଲେ । ସଂବିଧାନରେ ଥିବା ମୌଳିକ ଅଧିକାର ଉପର ବାହାନାରେ ଏପରି ଏକ ପରିସ୍ଥିତି ସୃଷ୍ଟି ହେଲା—ଯାହା-ସମ୍ପତ୍ତି ବୃଦ୍ଧି, ରପ୍ତା ଓ ବାଣିଜ୍ୟ ବ୍ୟବସାୟର ଅବାଧ ଅଧିକାର ତଥା କଳା ଟଙ୍କାର ଖିଡ଼ିକି କାରବାର ପ୍ରଭୃତି ବଢ଼ି ଚାଲିଲା । କୁସଂସ୍କାରର ଗୃହୀତ ନୀତି କାର୍ଯ୍ୟକାରୀ ହେବାରେ ନାନା ପ୍ରକାର ବାଧା ବିଘ୍ନ ସୃଷ୍ଟି ହେଲା । ଏ କ୍ଷେତ୍ରରେ ଦୁଇଟି ମକଦ୍ଦମା ୧୯୫୧ରେ ଶଙ୍କରୀପ୍ରସାଦ ଓ ୧୯୭୧ରେ କେଶବାନନ୍ଦ ମକଦ୍ଦମାରେ ଉଚ୍ଚତମ ନ୍ୟାୟାଳୟ ଯେଉଁ ରାୟ ଦେଲେ, ତଦ୍ୱାରା ମଧ୍ୟ ଦେଶରେ ଏକ ଆନ୍ଦୋଳନ ସୃଷ୍ଟି ହେଲା । ଫଳରେ ସ୍ୱରଣ ସିଂ କମିଟିଙ୍କ ସୁପାରିଶ ମଧ୍ୟରେ ରହିଛି, ପ୍ରତ୍ୟେକ ସଂବିଧାନ—ସଂଶୋଧନ—ଆଇନ, ନ୍ୟାୟାଳୟର ସମୀକ୍ଷା ବାହାରେ ରଖାଯିବ । ଏ କ୍ଷେତ୍ରରେ ନ୍ୟାୟାଳୟର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବା ପ୍ରଶ୍ନ ନୁହେଁ, ସଂସଦ ବା ପାର୍ଲିଆମେଣ୍ଟର ଅପରିସୀମ କ୍ଷମତାହିଁ ସ୍ୱୀକୃତ ହେବ ।

ଦେଶର ଅଗ୍ରଗତି ଓ ପ୍ରଗତିଶୀଳତାକୁ ରୋକାଯାଇ ନପାରେ । ସଂବିଧାନକୁ ଶାଶ୍ୱତ ଓ ଚିରନ୍ତନ ବିଚାର ନ କରି ଦେଶର ଅଗ୍ରଗତି ସହିତ ତାଳ ଦେଇ ଚାଲିବା, ଦେଶର ସଂବିଧାନ ସଂଶୋଧନର ଆବଶ୍ୟକତାକୁ ଦିଗ୍‌ଦର୍ଶିତ କରିଛି । କେବଳ ସେତିକି ନୁହେଁ—ଏହି ସଂଶୋଧନ ପ୍ରସ୍ତାବରୁ ପ୍ରମାଣିତ ହେଉଛି, ଯେ ଦେଶର ସଂଖ୍ୟାଧିକ ଜନସାଧାରଣ କେବଳ ଗଣତନ୍ତ୍ର ଶାସନ ନୁହେଁ, ସମାଜବାଦୀ ଚିନ୍ତାଧାରା ଦ୍ୱାରା ଏପରି ଆନ୍ଦୋଳିତ ହୋଇଛନ୍ତି ଯେ ଯାହାକୁ ଉପେକ୍ଷା କରାଯାଇ ନପାରେ । ଏ ସମ୍ପର୍କରେ ୧୯୩୬ର ଲକ୍ଷ୍ନୌ କଂଗ୍ରେସ ଅଧିବେଶନରେ ସଭାପତି ଅଭିଭାଷଣରେ ପଣ୍ଡିତ ଜବାହାରଲାଲ ନେହେରୁ ଯାହା କହିଥିଲେ ତାହାର ସାରମର୍ମ ହେଉଛି—"ସମାଜବାଦ ବ୍ୟତୀତ ଭାରତର ଦାରିଦ୍ର୍ୟ ଓ ବିପୁଳ ବେକାର ସମସ୍ୟା ତଥା ଭାରତୀୟ ଜନସାଧାରଣଙ୍କର ଉନ୍ନତି ସମ୍ଭବ ନୁହେଁ । ଏହା ହେବା ପାଇଁ ଅବଶ୍ୟ ସାମାଜିକ ଓ ରାଜନୈତିକ ଭାବେ ଆମକୁ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ହେବ । ଜମି ଓ କଳ-କାରଖାନାରେ ମାଲିକାନା ସତ୍ତ୍ୱ ତଥା ସାମନ୍ତବାଦୀ ଜମିଦାରି ବ୍ୟବସ୍ଥାର ଅବସାନ ଘଟାଇବାକୁ ହେବ । ଏପରିକି କେତେକ ସୀମିତ ବ୍ୟବସ୍ଥା ମଧ୍ୟରେ ବ୍ୟକ୍ତିଗତ ସମ୍ପତ୍ତି ବଦଳରେ, ବର୍ତ୍ତମାନର ଲାଭଖୋରୀ ବ୍ୟବସ୍ଥା ପରିବର୍ତ୍ତେ ସହଯୋଗ ସମିତି ଜରିଆରେ ଉତ୍ପାଦନ ବୃଦ୍ଧି କରିବାକୁ ହେବ । ଏପରି ପରିବର୍ତ୍ତନ ଗୋଟାଏ ନୂତନ ସଭ୍ୟତା ସୃଷ୍ଟି କରିବ, ଯାହା ବର୍ତ୍ତମାନର ପୁଞ୍ଜିବାଦୀ ବ୍ୟବସ୍ଥାଠାରୁ ହେବ ସମ୍ପୂର୍ଣ୍ଣ ପୃଥକ୍ ।"

ଦିଲ୍ଲୀ କଂଗ୍ରେସ କମିଟି ବୈଠକରେ ସଂବିଧାନ ସଂଶୋଧନ ପ୍ରସ୍ତାବ ଗୃହୀତ ହେବାପରେ ଗତ ଜୁନ ୧୦ ତାରିଖ ଦିନ ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଲାଭଖୋରୀ ବ୍ୟବସ୍ଥା, ସାମାଜିକ ପରିବର୍ତ୍ତନ ଓ ବର୍ତ୍ତମାନର ପୁଞ୍ଜିବାଦୀ ବ୍ୟବସ୍ଥାର ପରିବର୍ତ୍ତନ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇ କହିଛନ୍ତି—

"ଭାରତର ଜନସାଧାରଣଙ୍କର ଉନ୍ନତି ସାଧନ କରିବାକୁ ହେଲେ ସମାଜବାଦ ଛଡ଼ା ଅନ୍ୟ ପନ୍ଥା ନାହିଁ । ସେ କହନ୍ତି—'ସମାଜବାଦ' ଶବ୍ଦ ବ୍ୟବହାର କରାଯାଉଛି, କାରଣ ଅନ୍ୟ ଯେ କୌଣସି ଶବ୍ଦ ଅପେକ୍ଷା "ସମାଜବାଦ" ଆମ ଲକ୍ଷ୍ୟର ନିକଟବର୍ତ୍ତୀ । ଅନ୍ୟ ଶବ୍ଦ ବିଭ୍ରାନ୍ତି ସୃଷ୍ଟି କରିବ । ସମାଜବାଦ ଲୋକଙ୍କ ଲାଗି ଉନ୍ନତ ଜୀବନ ଧାରଣ ବ୍ୟବସ୍ଥା ଆଣିଦେବ ।" ଏହି ଲକ୍ଷ୍ୟ ହାସଲ ପାଇଁ ସ୍ୱତନ୍ତ୍ର ଶାସନର ତ୍ରିସ୍ତମ୍ଭ—ଆଇନ ପରିଷଦ, ପ୍ରଶାସନ ବିଭାଗ ଓ ବିଚାର ବିଭାଗ ଏହି ତିନି ସଂସ୍ଥା ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷାର ପରିପୂରକ ନ ହେଲେ ଏହା ସମ୍ଭବ ହେବ ନାହିଁ ।

ଏହାର କେନ୍ଦ୍ର ବିନ୍ଦୁ ହେବ ସବୁବେଳେ ଆଇନ ପରିଷଦ ବା ପାର୍ଲିଆମେଣ୍ଟ । କାରଣ ଏହା ପ୍ରତ୍ୟକ୍ଷ ଭାବେ ଜନସାଧାରଣଙ୍କଠାରୁ କ୍ଷମତା ଆହରଣ କରେ । ଏହାକୁହିଁ

ଜନସାଧାରଙ୍କ ଆକାଂକ୍ଷା ପ୍ରତିଫଳିତ କରିବାର ବଳିଷ୍ଠ ମାଧ୍ୟମ ତଥା ଜନସାଧାରଣଙ୍କର ଘନିଷ୍ଠତର କରିବା ପାଇଁ ଏହାର ସଂସ୍କାର ଦରକାର ଓ ଶକ୍ତିଶାଳୀ କରିବା ଦରକାର । ଅନ୍ୟ ଦୁଇଟି ସଂସ୍ଥା—ବିଚାର ବିଭାଗ ଓ ପ୍ରଶାସନ ଦପ୍ତର ସଂସଦ ସହିତ ସମପର୍ଯ୍ୟାୟଭୁକ୍ତ ହେବ ନାହିଁ । ସଂସଦୀୟ ଗଣତନ୍ତ୍ରର ସାର କଥା ହେଉଛି—ପ୍ରଶାସନ ବିଭାଗ ବିଧାନ ପରିଷଦ ନିକଟରେ ଉତ୍ତରଦାୟୀ ହେବାକୁ ବାଧ୍ୟ । ତାହା କେବେହେଲେ ସଂସଦ ଅପେକ୍ଷା ବଡ଼ ହୋଇ ପାରିବ ନାହିଁ । ସେହି ଦୃଷ୍ଟିରୁ ଭାରତରେ ଅମଲାତନ୍ତ୍ରକୁ ପୁନର୍ଗଠନ ଓ ଗଣତାନ୍ତ୍ରିକ ସମାଜବାଦୀ ମନୋଭାବରେ ଶିକ୍ଷିତ କରିବାକୁ ହେବ ।

ବିଧାନ ପରିଷଦର କ୍ଷମତା ହ୍ରାସ କରି ବିଚାର ବିଭାଗକୁ ଶକ୍ତିଶାଳୀ କରିବା କିମ୍ବା ଜନସାଧାରଣଙ୍କ ଇଚ୍ଛା ବିରୁଦ୍ଧରେ ବିଚାର ବିଭାଗର ରାୟ ଗୃହୀତ ହେବା—ଉଚିତ ହେବ ନାହିଁ । ସଂସଦର ଶ୍ରେଷ୍ଠତ୍ୱ ବିଚାର—ବିଭାଗର ଚ୍ୟାଲେଞ୍ଜର ଊର୍ଦ୍ଧ୍ୱରେ ରହିବ । ଏହା ବିଚାର ବିଭାଗର ସ୍ୱାତନ୍ତ୍ର୍ୟ ଖର୍ବ କରିବା ନୁହେଁ । ସଂସଦୀୟ ସିଦ୍ଧାନ୍ତକୁ ପ୍ରଶାସନ ବିଭାଗ ଯଦି ମନଇଚ୍ଛା ପ୍ରୟୋଗ କରେ—ତେବେ ସେ କ୍ଷେତ୍ରରେ ବିଚାର ବିଭାଗର କ୍ଷମତାହିଁ ଦୃଢ଼ତା ପ୍ରାପ୍ତ ହେବ ।

ସାମାଜିକ ଅଗ୍ରଗତିର ସଂଗ୍ରାମରେ ଜନସାଧାରଙ୍କ ଅବସ୍ଥାନକୁ ଶକ୍ତିଶାଳୀ କରିବା ପାଇଁ ସଂବିଧାନର ପ୍ରଗତି-ମୂଳକ ସଂଶୋଧନ ଯେ ଅନିବାର୍ଯ୍ୟ ହୋଇପଡ଼ିଲା—ଏହା ସଂଶୟାତୀତ । ତେଣୁ ଏହି ସଂଶୋଧନ ଏକ ଐତିହାସିକ ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣା । କାରଣ ଜାତୀୟ କଂଗ୍ରେସର ପ୍ରସ୍ତାବମାନଙ୍କ ମଧ୍ୟରେ ବିଭିନ୍ନ ସମୟରେ ଯେଉଁସବୁ ଐତିହାସିକ ସିଦ୍ଧାନ୍ତମାନ ଗ୍ରହଣ କରାଯାଇଛି—ତାହାର କାର୍ଯ୍ୟକାରୀତା ମଧ୍ୟ ସେହିପରି ଭାରତର ଅଗ୍ରଗତିରେ ମାଇଲଖୁଣ୍ଟ ହୋଇ ରହିଛି । ସେଗୁଡ଼ିକ ହେଲା—୧୯୨୦ ମସିହା ନାଗପୁର କଂଗ୍ରେସରେ ସତ୍ୟାଗ୍ରହ ସିଦ୍ଧାନ୍ତ, ୧୯୨୯ ଲାହୋର କଂଗ୍ରେସରେ ପୂର୍ଣ୍ଣ ସ୍ୱରାଜ ଘୋଷଣା, ୧୯୩୬ରେ ଫଏଜପୁର କଂଗ୍ରେସରେ ଭୂ-ସଂସ୍କାର ସିଦ୍ଧାନ୍ତ, ୧୯୩୮ ହରିପୁର କଂଗ୍ରେସରେ ଯୋଜନା ସମ୍ପର୍କରେ ଘୋଷଣା । ସ୍ୱାଧୀନତା ପରେ ୧୯୫୫ ଆଭଡ଼ି କଂଗ୍ରେସରେ "ସମାଜବାଦୀ ଢାଞ୍ଚାର ସମାଜ ଗଠନ"ର ପ୍ରସ୍ତାବ ଗ୍ରହଣ, ୧୯୬୪ରେ ଭୁବନେଶ୍ୱରଠାରେ "ସଂସଦୀୟ ଗଣ-ତାନ୍ତ୍ରିକ ପଦ୍ଧତିରେ ସମାଜବାଦୀ ରାଷ୍ଟ୍ର" ଗଠନର ଘୋଷଣା ଭାରତର ରାଜନୈତିକ ତଥା ସାମାଜିକ ପରି-ବର୍ତ୍ତନ କ୍ଷେତ୍ରରେ ଏକ ଏକ ମାଇଲ ଖୁଣ୍ଟ ସଦୃଶ ହୋଇ ଇତିହାସରେ ଲିପିବଦ୍ଧ ସେହି ବିବର୍ତ୍ତନର ଧାରାରେ ସ୍ବରଣ ସିଂ କମିଟିଙ୍କ ସୁପାରିଶ ଯେ ଏକ ପରିଣତି—ଏଥିରେ ସନ୍ଦେହ ନାହିଁ । ସମ୍ବିଧାନର ସଂଶୋଧନ ସହିତ ମୁଖ୍ୟ ନିର୍ଦ୍ଦେଶିକାରେ ଯାହା ଘୋଷିତ ହେଉଛି ତାହାହିଁ ଜନସାଧାରଣଙ୍କ ସଂଗ୍ରାମୀ ଚେତନାର ପ୍ରତିଫଳନ ଏବଂ ଏହା ହେବ ସମାଜବାଦୀ ସମାଜ ଗଠନ ଦିଗକୁ ଏକ ଐତିହାସିକ ପଦକ୍ଷେପ ।

ଗ୍ରାମ—ମୁକୁନ୍ଦପ୍ରସାଦ
ପୋ. ଅ.—ମୁକୁନ୍ଦପ୍ରସାଦ
ଜିଲ୍ଲା—ପୁରୀ



# ଫସଫୋମିନ ଆଇରନ

ପରିବାର ପାଇଁ ... ପ୍ରେମ, ଆନନ୍ଦ, ମମତା



ଆଉ ନିଜ ପାଇଁ

## ଫସଫୋମିନ ଆଇରନ

ମହିଳାମାନଙ୍କ ପାଇଁ
ବିଶେଷଭାବେ ପ୍ରସ୍ତୁତ ଟନିକ




ଯାହାକି ସୁସ୍ଥ ଲାଲ ରକ୍ତ ନିର୍ମାଣ କରେ, ସ୍ଫୂର୍ତ୍ତି ଆଣେ, ଶକ୍ତି ବଢ଼ାଏ, ରୋଗର ମୁକାବିଲା କରିବା ପାଇଁ ଶରୀରରେ ପ୍ରତିରୋଧକ ଶକ୍ତି ଗଢ଼ି ତୋଳେ ।

ପ୍ରତିଦିନ ଫସଫୋମିନ ଆଇରନ ଖାଆନ୍ତୁ

SARABHAI CHEMICALS LTD.




Shilpi SC 3A/76 ori

# ଦେଶର ପ୍ରଗତି ପଥରେ ଓଡ଼ିଶାର ଭୂସଂସ୍କାର ଆଇନ

ଶ୍ରୀ ତପନ କୁମାର ମହାନ୍ତି

ଭାରତ ଗୋଟିଏ କୃଷି ପ୍ରଧାନ ଦେଶ । ଏ ଦେଶର ଶତକଡ଼ା ୬୦ ଭାଗରୁ ଅଧିକ ଲୋକ ଦାରିଦ୍ର୍ୟର ସୀମାରେଖାତଳେ ଅଛନ୍ତି । ଏପରି ଏକ ଅଭାବନୀୟ ପରିସ୍ଥିତି ଭିତରେ ଦେଶରୁ ଦାରିଦ୍ର୍ୟ ଦୂର କରିବା ତଥା ଉତ୍ପାଦନ ବୃଦ୍ଧି କରିବା ନିମିତ୍ତ ଗତ କେତେ ବର୍ଷଧରି ଭୂସଂସ୍କାରର ସ୍ଲୋଗାନ ଦିଆଚାଲିଥିଲା । ଅଦ୍ୟାବଧି ଚାଲିଛି ମଧ୍ୟ । କାରଣ ଉତ୍ପାଦନ କ୍ଷେତ୍ରରେ ଭୂମି ଏକ ମୌଳିକ ଆବଶ୍ୟକତା । ଉତ୍ପାଦନ ବଢ଼ାଇବାକୁ ହେଲେ ଭୂମିର ସମବଣ୍ଟନ ଏକାନ୍ତ ଆବଶ୍ୟକ । ଭାରତବର୍ଷରେ ସମୁଦ୍ରରେ ଜଳରାଶି ଥିଲାପରି ଜମି ମାଲିକମାନଙ୍କ ପାଖରେ ଏକର ଏକର ଜମି ପଡ଼ିରହିଥିଲା, କିନ୍ତୁ ନିଃସ୍ୱ ଚାଷୀ ଅକ୍ଲାନ୍ତ ପରିଶ୍ରମ କରି ଫସଲ ଉପୁଜାଇ ଜମିକୁ ନିଜର ବୋଲି କହିପାରୁନଥିଲା । କେବଳ ଚାହିଁରହୁଥିଲା ଦିଗନ୍ତ ବିସ୍ତାରି ଧରତୀ ମାତାକୁ । ଏପରି କ୍ଷେତ୍ରରେ (ପାଣି ସମୁଦ୍ରକୁ ନୁହେଁ—ତୃଷାର୍ତ୍ତଙ୍କୁ ଦରକାର ହେଲାଭଳି) ଦେଶର ସମସ୍ତ ମଧ୍ୟସତ୍ତ୍ୱାଧିକାରୀ ଅଧିକାର ଉଚ୍ଛେଦ କରାଯାଇ ପ୍ରକୃତ ଚାଷୀମାନଙ୍କ ମଧ୍ୟରେ ଜମିର ସୁଷମ ବଣ୍ଟନ ଏକାନ୍ତ ଆବଶ୍ୟକ ହୋଇପଡ଼ିଲା, ଏ ବିଷୟରେ ମଧ୍ୟ ଭୂଦାନ ଆନ୍ଦୋଳନର କର୍ମୀ ସନ୍ଥ ବିନୋବା କହିଛନ୍ତି ଯେ ଯଦି କୌଣସି ଭୂମିହୀନ ଚାଷୀ ଜମି ମାଗେ ତା'ହେଲେ ତା ପରିବାର ପାଇଁ ପାଞ୍ଚ ଏକର ଜମିଦେବା ସରକାରଙ୍କର ଦାୟିତ୍ୱ ହେବା ଉଚିତ । ଏ ପରିପ୍ରେକ୍ଷୀରେ ଦେଶରେ ସାମାଜିକ ତଥା ଅର୍ଥନୈତିକ ନ୍ୟାୟ ପ୍ରତିଷ୍ଠା ଦିଗରେ ସରକାର ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମକୁ ହାତକୁ ନେଇ ସମାଜର ସମସ୍ତ ସୁବିଧାରୁ ବଞ୍ଚିତ ହୋଇ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଲୋକମାନଙ୍କର ସାମାଜିକ ତଥା ଅର୍ଥନୈତିକ ଅବସ୍ଥାର ଉନ୍ନତି ବିଧାନ ନିମନ୍ତେ ଭୂସଂସ୍କାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଏକ ଆନନ୍ଦର କଥା ।

କେତେକ ଦେଶରେ ହିଂସାତ୍ମକ ମାର୍ଗରେ ବିପ୍ଳବ ସଂଘଟନ କରାଇ ଭୂସଂସ୍କାର କରାହୋଇଛି । କିନ୍ତୁ ଭାରତରେ ତାହା ଅହିଂସାତ୍ମକ ଓ ଶାନ୍ତିପୂର୍ଣ୍ଣ ଉପାୟରେ ସୁସଂଗଠିତ ଓ ସୁପରିକଳ୍ପିତ ଆଇନ ପ୍ରଣୟନ ଦ୍ୱାରା କରାଯିବାର ଚେଷ୍ଟା ଚାଲିଛି, ତନ୍ମଧ୍ୟରୁ ଓଡ଼ିଶା

ଭୂ-ସଂସ୍କାର ଆଇନ ଅନ୍ୟତମ । ଏହାର ମୁଖ୍ୟ ଉଦ୍ଦେଶ୍ୟ ଗୁଡ଼ିକ ହେଲା—

(୧) ଅସ୍ଥାୟୀ ପ୍ରଜା, ଭାଗଚାଷୀ ତଥା ଅଧସ୍ଥନ ରୟତ-ମାନଙ୍କୁ ବିଶେଷ ଅଧିକାର ଦେବା ।

(୨) ଘରବାଡ଼ି ଜମି ଉପରେ ରହିଥିବା ପ୍ରଜା-ମାନଙ୍କୁ ମାଲିକାନା ସ୍ୱତ୍ୱ ପ୍ରଦାନ କରିବା ।

(୩) ଜମି ମାଲିକ ଏବଂ ଚାଷୀମାନଙ୍କ ମଧ୍ୟରେ ଥିବା ବିରୋଧକୁ ସମାଧାନ କରିବା ।

୪ । କର ନିୟନ୍ତ୍ରଣ କରିବା ।

(୫) ଆଦିବାସୀ ତଥା ହରିଜନ ଶ୍ରେଣୀର ଲୋକ-ମାନଙ୍କ ଜମିକୁ ଅନ୍ୟାୟ ହସ୍ତାନ୍ତରରୁ ଅଟକ କରି ସେମାନଙ୍କର ଜମିକୁ ରକ୍ଷା କରିବା ।

(୬) ନିଜ ହାତଚାଷ ନିମନ୍ତେ ଜମି ମାଲିକମାନଙ୍କୁ ଜମି ରଖିବା ନିମନ୍ତେ ଅଗ୍ରାଧିକାର ଦେବା ।

(୭) ଜମିଗୁଡ଼ିକର ସିଲିଂ ନିର୍ଦ୍ଧାରଣ କରି ବଳକା ଜମିକୁ ଭୂମିହୀନମାନଙ୍କ ମଧ୍ୟରେ ସମବଣ୍ଟନ କରିବା ।

ମୂଳ ଆଇନ ପ୍ରଣୟନ ହେବାଠାରୁ ଗତ ଦୁଇ ଦଶନ୍ଧି ମଧ୍ୟରେ ଆଇନକୁ ଅନେକ ଥର ପରିବର୍ତ୍ତନ କରା-ଗଲା, ମାତ୍ର କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ୧୯୬୬ରେ ଆଇନକୁ ଦୁଇଥର ସଂଶୋଧନ କରାଯାଇ ପ୍ରଥମଥର ସଂଶୋଧନରେ ପୂର୍ବତନ ଜମିଦାରୀରେ ଥିବା ଅସ୍ଥାୟୀ ଚାଷୀ, ରେକର୍ଡଭୁକ୍ତ ଅଧସ୍ଥନ ରୟତ ଓ ଭାଗଚାଷୀମାନଙ୍କର ରୟତି ସ୍ୱତ୍ୱ ପାଇବା ପାଇଁ ଦରଖାସ୍ତ ଦେବା ତାରିଖ ବଢ଼ାଇ ଦିଆଗଲା । ଦ୍ୱିତୀୟ ସଂଶୋଧନରେ ଓକିଲମାନଙ୍କ ପାଇଁ ରେଭିନ୍ୟୁ କୋର୍ଟରେ ପକ୍ଷମାନଙ୍କ ତରଫରୁ ଭୂସଂସ୍କାର ଆଇନ ସମ୍ପର୍କୀୟ ମକଦ୍ଦମା ଚଳାଇବା ପାଇଁ ଯେଉଁ କଟ-କଣା ଥିଲା ତାହା ଉଠାଇ ନିଆଗଲା, ଆଦିବାସୀ ଓ ହରିଜନମାନଙ୍କର ଭୂମି ହସ୍ତାନ୍ତର ଉପରେ ଯେଉଁ କଟକଣା ଥିଲା ତାହା କୋହଳ କରାଯାଇ ସେମାନଙ୍କୁ ଉକ୍ତ ଜମି ବ୍ୟାଙ୍କ କିମ୍ବା ସମବାୟ ସମିତିରେ ଋଣ ଆଣିବାକୁ ଅଧିକାର ଦିଆଗଲା ।

ଦେଶରୁ ଦାରିଦ୍ର୍ୟ ଦୂରୀକରଣ ତଥା ସାମାଜିକ ନ୍ୟାୟ ହାସଲ ପାଇଁ ଉପଲବ୍ଧ ସମ୍ପତ୍ତିର ସୁଷମ ବଣ୍ଟନ ନିମନ୍ତେ ଭାରତୀୟ ସମ୍ବିଧାନର ୨୫ତମ ସଂଶୋଧନ ଦ୍ୱାରା ସମସ୍ତ ପ୍ରକାର ସାମ୍ବିଧାନିକ ଅନ୍ତ-ରାୟକୁ ଉଠାଇ ଦିଆଗଲା । ଏହାଦ୍ୱାରା ଜମିମାଲିକ-ମାନଙ୍କର ସମ୍ପତ୍ତି ଉପରେ ଥିବା ମୌଳିକ ଅଧିକାର କ୍ଷୁର୍ଣ୍ଣ କରାଗଲା । ସାମାଜିକ ନ୍ୟାୟ ଦୃଷ୍ଟିରୁ ସରକାର ଜନକଲ୍ୟାଣ ଅଧିକାର (Acquire) କଲେ ଜମି ବଦଳରେ ଯେଉଁ କ୍ଷତିପୂରଣ ମିଳିବା କଥା ସେ ମୂଲ୍ୟ ଉପରେ ସ୍ଥିର କରିବା ନିମନ୍ତେ କୌଣସି ବିଚାରାଳୟର କ୍ଷମତା ରହିଲା ନାହିଁ ।

୧୯୬୫ ଆଇନରେ ଜମିର ସିଲିଂ ପରିମାଣ ୨୦ ଷ୍ଟାଣ୍ଡାର୍ଡ ଏକର ଥିବା ସ୍ଥଳେ ଦେଶର ଗରିବ ଶ୍ରେଣୀୟ ଲୋକଙ୍କୁ ଅଧିକ ସାମାଜିକ ନ୍ୟାୟ ଦେବା ନିମନ୍ତେ ୧୬ । ୭ । ୧୯୭୨ ତାରିଖ ଅର୍ଡିନାନ୍‌ସ ବଳରେ ତାହା ୧୦ ଷ୍ଟାଣ୍ଡାର୍ଡ ଏକରକୁ କମାଇ ଦିଆଗଲା ଏବଂ ୧୦ ଷ୍ଟାଣ୍ଡାର୍ଡ ଏକରରୁ ଅଧିକ ଜମିଥିବା ଭୂମିମାଲିକ-ମାନଙ୍କୁ ଜମି ହସ୍ତାନ୍ତର ନ କରିବା ନିମନ୍ତେ ଆଦେଶ ଦିଆଗଲା । ଏହାପରେ ଉକ୍ତ ଅର୍ଡିନାନ୍‌ସ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ୧୯୭୩ ଓଡ଼ିଶା ଭୂସଂସ୍କାର ଆଇନ ରୂପେ ବିଦିତ । ଉକ୍ତ ସଂଶୋଧନ ଫଳରେ ଆଇନର ରୂପରେଖ ପୂର୍ଣ୍ଣମାତ୍ରାରେ ବଦଳିଗଲା । ଏଥିରେ ହୋଇଥିବା ପ୍ରଧାନ ପ୍ରଧାନ ସଂଶୋଧନ ଗୁଡ଼ିକ ହେଲା—

୧—ଜମିର ସିଲିଂ ପରିମାଣ ୨୦ ଷ୍ଟାଣ୍ଡାର୍ଡ ଏକରରୁ କମାଇ ୧୦ ଷ୍ଟାଣ୍ଡାର୍ଡ ଏକର ରଖାଗଲା, ଉକ୍ତ ସିଲିଂ ପରିମାଣ ୫ ଜଣ ବିଶିଷ୍ଟ ଗୋଟିଏ ପରିବାର ପ୍ରତି ନିର୍ଦ୍ଦିଷ୍ଟ । ଯଦି ପରିବାରର ଲୋକସଂଖ୍ୟା ୫ରୁ ଅଧିକ ଥାଆନ୍ତି ତା'ହେଲେ ପ୍ରତି ଅଧିକ ଲୋକଙ୍କ ନିମନ୍ତେ ୨ ଷ୍ଟାଣ୍ଡାର୍ଡ ଏକର ଜମି ସିଲିଂ ଅନ୍ତର୍ଗତ ହେବ । କିନ୍ତୁ କୌଣସି କ୍ଷେତ୍ରରେ ଏହା ୧୮ ଷ୍ଟାଣ୍ଡାର୍ଡ ଏକରରୁ ଅଧିକ ହେବ ନାହିଁ ।

୨—ଷ୍ଟାଣ୍ଡାର୍ଡ ଏକର ନିର୍ଣ୍ଣୟ ନିମନ୍ତେ ଜମିର ଶ୍ରେଣୀ ବିଭାଗ ଜଳସେଚନ ପରିବର୍ତ୍ତେ ଫସଲ ଅଭିମୁଖୀ କରାଗଲା ।

୩—ପୂର୍ବରୁ କେବଳ କେନାଲ ଦ୍ୱାରା ଜଳସେଚିତ ଜମିକୁ ଜଳସେଚିତ ଜମିରୂପେ ଧରାଯାଉଥିଲା । କିନ୍ତୁ ବର୍ତ୍ତମାନ ସମସ୍ତ ପ୍ରକାର ଜଳାଧାରରୁ ଏପରିକି ନଳ-କୂପ ବା ଘରୋଇ ଖର୍ଚ୍ଚରେ ଡିଜେଲ ବା ବିଜୁଳି ଶକ୍ତି-ଦ୍ୱାରା ଉଠାଯାଉଥିବା ଜଳରେ ଜଳସେଚିତ ଜମିଗୁଡ଼ିକୁ ମଧ୍ୟ ଜଳସେଚିତ ଜମିରୂପେ ଧରାଯିବ ।

୪—ସିଲିଂ ପରିମାଣଠାରୁ ଅଧିକା ଜମିଥିବା ଜମିମାଲିକମାନେ ଯଦି ସେମାନଙ୍କ ବଳକା ଜମି ତା ୨୬ । ୯ । ୧୯୭୦ ପରେ ହସ୍ତାନ୍ତର କରିଥାନ୍ତି ତା'ହେଲେ

ତାଙ୍କର ସେ ହସ୍ତାନ୍ତରକୁ ବେଆଇନ ଘୋଷଣା କରାଗଲା ।

୫—ପୂର୍ବ ଆଇନରେ ଏକ ଅଭିନ୍ନ ମିତାକ୍ଷର ପରିବାରକୁ ଏକ ସିଲିଂ ୟୁନିଟ୍ ବୋଲି ଧରାଯାଉଥିଲା । ତାହା ପରିବର୍ତ୍ତନ କରାଯାଇ ନୂଆ ଆଇନରେ ବ୍ୟବସ୍ଥା ରହିଲା ଯେ—ପ୍ରତ୍ୟେକ ସାବାଳକ ଓ ବିବାହିତ ପୁତ୍ର ତା ୨୬ । ୯ । ୧୯୭୦ ପୂର୍ବରୁ ବଣ୍ଟୁଆରା ବା ଅନ୍ୟ ଉପାୟରେ ପରିବାରଠାରୁ ଯଦି ପୃଥକ୍ ହୋଇ-ଥାନ୍ତି ତେବେ ସେଭଳି ପ୍ରତ୍ୟେକ ପୁତ୍ରକୁ ଭିନ୍ନ ପରିବାର ବୋଲି ଧରିବାକୁ ହେବ । ମାତ୍ର ଜଣେ ଲୋକର ସ୍ତ୍ରୀ, କନ୍ୟା ଓ ଅନ୍ୟାନ୍ୟ ନାବାଳକ ଓ ସାବାଳକ ପୁତ୍ର ସନ୍ତାନମାନଙ୍କୁ ଏକ ପରିବାର ରୂପେ ଗଣ୍ୟ କରାଯାଇ ସମସ୍ତଙ୍କ ଜମିକୁ ଏକ ସିଲିଂ ଏରିଆଭୁକ୍ତ କରାଯିବ ।

୬—ସିଲିଂ ବଳକା ଜମିକୁ ଆଦିବାସୀ ଓ ହରିଜନ-ମାନଙ୍କ ମଧ୍ୟରେ ଓ ଗ୍ରାମରେ ଥିବା ଭୂମିହୀନ କୃଷି ଶ୍ରମିକ ଓ ସଂଲଗ୍ନ କ୍ଷୁଦ୍ର ଚାଷୀମାନଙ୍କ ମଧ୍ୟରେ ବଣ୍ଟନ ନିମନ୍ତେ ଅଗ୍ରାଧିକାର ଦିଆଯିବ ।

୭—ସିଲିଂ ବଳକା ଜମିର କ୍ଷତିପୂରଣ ହାର ଯଥେଷ୍ଟ କମାଇ ଦିଆଗଲା । ରିଟର୍ଣ୍ଣ ଠିକ୍ ସମୟରେ ଦାଖଲ ନ କଲେ ଯାହା କ୍ଷତିପୂରଣ ମିଳିଥାନ୍ତା ତାର ୭୦ ଭାଗ ପରିବର୍ତ୍ତେ ଶତକଡ଼ା ୫୦ ଭାଗ ମିଳିବାର ବ୍ୟବସ୍ଥା ରହିଲା ।

୮—ଚାଷ ପାଇଁ ସରକାରୀ ଜମି ନୂତନ ଭାବରେ ବନ୍ଦୋବସ୍ତ ହୋଇଥିଲେ ତାହା ୫ ବର୍ଷ ପାଇଁ ହସ୍ତାନ୍ତର କରି ନ ପାରିବାର କଟକଣା ରହିଲା ।

୯—ଆଦିବାସୀ ଓ ହରିଜନମାନଙ୍କର ଜମି ବେଆଇନ ହସ୍ତାନ୍ତର ପାଇଁ ଦଣ୍ଡର ପରିମାଣ ମୋଟ ଟ୨୦୦ଙ୍କାରୁ ବେଆଇନ ଦଖଲ ଦିନଠାରୁ ବାର୍ଷିକ ଏକର ପ୍ରତି ଟ୨୦୦ଙ୍କା ପର୍ଯ୍ୟନ୍ତ ବର୍ଦ୍ଧିତ କରାଗଲା ।

୧୦—ଆଦିବାସୀ ଓ ହରିଜନମାନେ ଜମି ଅବା-ଧରେ ସମର୍ପଣ ବା ପରିତ୍ୟାଗ କରିବାରେ କଟ-କଣା କରାଗଲା । ସେଥି ନିମନ୍ତେ ରେଭିନ୍ୟୁ ଅଫିସରଙ୍କ ଲିଖିତ ଅନୁମତି ବିନା ଜମି ହସ୍ତାନ୍ତର ସମ୍ପର୍କୀୟ ଦଲିଲ ରେଜିଷ୍ଟ୍ରେସନ ଅଫିସରେ ଗ୍ରହଣୀୟ ହେବ-ନାହିଁ ।

୧୯୭୩ ସଂଶୋଧନ ଆଇନର ଏତଦ୍‌ଭିନ୍ନ ଅନ୍ୟ କେତୋଟି ପରିବର୍ତ୍ତନ କରି ଦୂରା ଦେଖାଗଲା ଯେ ଭୂସଂସ୍କାରର ନିମ୍ନଲିଖିତ ଦୁଇଟି ମୂଳ ଉଦ୍ଦେଶ୍ୟ ସାଧିତ ହୋଇ ପାରିନାହିଁ, ଯଥା—

(୧) ସରକାର ଏବଂ ଚାଷୀମାନଙ୍କ ମଧ୍ୟରେ ଥିବା ସମସ୍ତ ମଧ୍ୟସ୍ୱତ୍ୱାଧିକାରୀ ଲୋପକରି ପ୍ରକୃତ ଚାଷୀଙ୍କୁ ରୟତି ବା ମାଲିକାନା ସ୍ୱତ୍ୱ ଦେବା ।

(୨) ସିଲିଂ ବଳକା ଜମି ବାହାରକରି ତାକୁ ଗରିବ ଆଦିବାସୀ, ହରିଜନ ଓ ଅନ୍ୟାନ୍ୟ ଭୂମିହୀନ ଚାଷୀମାନଙ୍କ ମଧ୍ୟରେ ବଣ୍ଟନ କରିବା ।

ସଂପ୍ରତି ପ୍ରଧାନମନ୍ତ୍ରୀଙ୍କର ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମରେ ଭୂସଂସ୍କାରର ଉପରୋକ୍ତ ମୂଳ ଉଦ୍ଦେଶ୍ୟ ଦୁଇଟିକୁ ଅଗ୍ରାଧିକାର ଦିଆଯାଇଛି । ତଦ୍ଦ୍ୱାରା ସାରା ଭାରତବର୍ଷରେ ଭୂସଂସ୍କାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରା-ଯାଇ ଭୂମିହୀନଙ୍କୁ ଭୂମି ତଥା ବାସଗୃହ ବଣ୍ଟନ ଆଦି କରାଯାଇଛି, ଅଦ୍ୟାବଧି ଆମରାଜ୍ୟରେ ୫ ଲକ୍ଷରୁ ଅଧିକ ଏକର ଜମି ବଣ୍ଟା ସରିଲାଣି ।

ଇତି ମଧ୍ୟରେ ଦେଶରେ ଅଧିକ ସାମାଜିକ ନ୍ୟାୟ ପ୍ରତିଷ୍ଠା ନିମନ୍ତେ ଓଡ଼ିଶା ସରକାର 'ଓଡ଼ିଶା ଭୂସଂସ୍କାର ଆଇନର କେତେକ ବୈପ୍ଳବିକ ସଂଶୋଧନ କରାଇ-ଛନ୍ତି । ତନ୍ମଧ୍ୟରୁ ତା ୧୯ । ୫ । ୧୯୭୬ ଓଡ଼ିଶା ଗେଜେଟ୍‌ରେ ପ୍ରକାଶିତ ୧୯୭୫ ମସିହାର ୨ୟ ସଂଶୋଧନୀ ଆଇନର ପ୍ରଧାନ ପ୍ରଧାନ ବିଷୟ ବସ୍ତୁ ହେଲା—

୧—ମୂଳ ଆଇନର ୪ ଧାରା ଅନୁଯାୟୀ ଦରଖାସ୍ତ କରି ଯେଉଁ ପ୍ରଜାମାନେ ରୟତି ସ୍ୱତ୍ୱ ହାସଲ କରି ପାରନାହାନ୍ତି ସେମାନଙ୍କପାଇଁ ଦରଖାସ୍ତ ତାରିଖର ମିଆଦ ବଢାଇ ଦିଆଯାଇଛି । ମୂଳ ପ୍ରଜା ମୃତ ହୋଇଥିଲେ ତାଙ୍କର ଉତ୍ତରାଧିକାରୀମାନେ ମଧ୍ୟ ରୟତି ସ୍ୱତ୍ୱ ହାସଲ କରିବାପାଇଁ ଦରଖାସ୍ତ କରି-ପାରିବେ । ଏପରି ପ୍ରଜାମାନଙ୍କର ପୂର୍ବରୁ ଉତ୍ତରାଧିକାରୀ ସ୍ୱତ୍ୱ ନଥିଲା । ଏଥିପାଇଁ ପୂର୍ବରୁ ଧାର୍ଯ୍ୟ ସଲାମିର ପରିମାଣ କମାଇ ପ୍ରତି ଷ୍ଟାଣ୍ଡାର୍ଡ ଏକରକୁ ଟ୮୦୦ଙ୍କା ରଖାଯାଇଛି । ପୂର୍ବରୁ ସଲାମି ପରିଶୋଧ କରି ସାରିବା ପରେ ସେମାନେ ରୟତି ସ୍ୱତ୍ୱ ହାସଲ କରୁଥିଲେ, କିନ୍ତୁ ବର୍ତ୍ତମାନ ତହସିଲଦାର ଆଦେଶ ଦେବାର ପରବର୍ତ୍ତୀ ବର୍ଷଠାରୁ ସେମାନେ ସଲାମି ନଦେଇ ଥିଲେ ବି ଉକ୍ତ ରୟତି ସ୍ୱତ୍ୱ ହାସଲ କରିବେ । ତତ୍‌ପରେ ୫ଟି କିସ୍ତିରେ ସେମାନଙ୍କଠାରୁ ସଲାମି ଆଦାୟ କରାଯିବ । ଅନାଦେୟେ ଖଜଣା ଆଦାୟ ପରି ଏହା ଆଦାୟ କରାହେବ ।

ଏତଦ୍ଭିନ୍ନ ଉକ୍ତ ଆଇନରେ ଭାଗଚାଷୀଙ୍କ ନିମନ୍ତେ ଅନେକ ନୂତନ ବ୍ୟବସ୍ଥାମାନ କରାଯାଇଛି, ଯଥା—

୨—ଭାଗଚାଷୀର ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରେ ଉପଭୋଗ କରିହେବ ମାତ୍ର ହସ୍ତାନ୍ତରିତ କରିହେବ ନାହିଁ । ଅକ୍ଷମ ଲୋକ ବା ପ୍ରିଭିଲେଜଡ୍ ରୟତ ଜମିକୁ ହସ୍ତାନ୍ତରିତ କଲେ ତହିଁରେ ଥିବା ଭାଗଚାଷୀଙ୍କୁ ନୋଟିସ ଦେବାକୁ ବାଧ୍ୟ ହେବେ । ସେମାନେ ଯଦି ତାଙ୍କଭଳି ଅନ୍ୟ ଜଣେ "ପ୍ରିଭିଲେଜଡ୍ ରୟତ ବା ଅକ୍ଷମ ଲୋକଙ୍କୁ ଜମି ହସ୍ତାନ୍ତରିତ କରନ୍ତି ତାହେଲେ ଭାଗଚାଷୀର ଚାଷ କରିବା ଅଧିକାର ଲୋପ ପାଇବ ନାହିଁ ।

୩—ସରକାରୀ ଜମି ଚାଷପାଇଁ ବନ୍ଦୋବସ୍ତ ହୋଇଥିଲେ ତାହା ବନ୍ଦୋବସ୍ତ ଦିନଠାରୁ ତହସିଲଦାରଙ୍କ ବିନାନୁମତିରେ ୧୦ ବର୍ଷ ପାଇଁ ହସ୍ତାନ୍ତର ହୋଇପାରିବ ନାହିଁ ।

୪—ଉକ୍ତ ଆଇନର ୩ୟ ଅଧ୍ୟାୟ ଅନୁଯାୟୀ ଭାଗଚାଷୀମାନେ ଯେଉଁ ରୟତି ସ୍ୱତ୍ୱ ହାସଲ କରିବେ ସେଥିପାଇଁ ଦେୟ କ୍ଷତିପୂରଣ ପରିମାଣ ଷ୍ଟାଣ୍ଡାର୍ଡ ଏକରକୁ ୬୮୦ଟଙ୍କା କୁ କମାଇ ଦିଆଯାଇଛି ।

୫—ଏଥିରେ ନୂତନ ଭାବରେ ଆଞ୍ଚଳିକ କମିଟିମାନ ଗଠନର ବ୍ୟବସ୍ଥା ରହିଛି, ଏହାକୁ ସରକାର ରାଜ୍ୟର ବିଭିନ୍ନ ସ୍ଥାନମାନଙ୍କପାଇଁ ଗଠନକରି ତା'ର କାର୍ଯ୍ୟ, କ୍ଷମତା ତଥା କାର୍ଯ୍ୟକାଳ ବିଷୟରେ ଘୋଷଣା କରିବେ ।

୬—ଭୂମିମାଲିକମାନେ ଭାଗରେ ଦିଆଯାଇଥିବା ଜମିକୁ ହାତଚାଷ ପାଇଁ ରିଜ୍ୟୁମ କରିବା ପାଇଁ ଯଦି ନିର୍ଦ୍ଧାରିତ ସମୟରେ ଦରଖାସ୍ତ କରିନଥାନ୍ତି ତେବେ ତହସିଲଦାର ଭାଗଚାଷୀଙ୍କଠାରୁ ଦରଖାସ୍ତ ପାଇ ବା ନିଜେ ( *Suo motto* ) ଭୂମିମାଲିକର ସମସ୍ତ ଜମିକୁ ଅଣରିଜ୍ୟୁମ ବୋଲି ଘୋଷଣା କରି ଭାଗଚାଷୀଙ୍କ ନାମରେ ବନ୍ଦୋବସ୍ତ କରିଦେଇ ପାରିବେ । ଏପରି କରିବା ପୂର୍ବରୁ ସେ ୫୫ ଧାରା ଅନୁଯାୟୀ ନୂତନ ଭାବରେ ଗଠିତ ହୋଇଥିବା ଆଞ୍ଚଳିକ କମିଟିର ପରାମର୍ଶ ନେବେ । ଭାଗଚାଷୀ ଯଦି ଉକ୍ତ ଜମିକୁ ନିଜେ ଚାଷ ନ କରି ମଜୁର ବା ମୂଲିଆ ଦ୍ୱାରା ଚାଷ କରାଉଥିବେ ତେବେ ସେ ସେଥିରେ ରୟତି ସ୍ୱତ୍ୱ ହାସଲ କରି ପାରିବେ ନାହିଁ ।

୭—ଭାଗଚାଷୀ ଆଇନର ୨୬, ୩୫, ଓ ୩୬ କ ଧାରା ଅନୁଯାୟୀ ମକଦ୍ଦମାସବୁ ଭାଗଚାଷୀ ବିରୁଦ୍ଧରେ ଫଇସଲ ହୋଇଥିଲେ ସେଗୁଡିକର ପୁନରୁଦ୍ଧାର ହୋଇପାରିବ ଓ ଭାଗଚାଷୀମାନେ ସେ ଆଦେଶ ବିରୁଦ୍ଧରେ ଅପିଲ କରିନଥିଲେ ତାହା ଉକ୍ତ ଆଇନ ପ୍ରକାଶନର ଏକ ବର୍ଷ ମଧ୍ୟରେ ଅପିଲ ଦାଏର କରିପାରିବେ ।

୮—୧୯୬୫ ଭୂସଂସ୍କାର ଆଇନରେ ଅକ୍ଷମ ଲୋକ ବା ପ୍ରିଭିଲେଜଡ ରୟତ ବ୍ୟତୀତ ଅନ୍ୟ କୌଣସି ଭୂମିମାଲିକ ତା ଜମିକୁ ତା ୧ । ୧୦ । ୧୯୬୫ ପରେ ଭାଗଦେବା ସଂପୂର୍ଣ୍ଣ ନିଷିଦ୍ଧ ଥିଲା । ଯଦି କୌଣସି ଜମିମାଲିକ ଏପରି ଆଇନର ଅବମାନନା କରି ଜମି ଭାଗ ଦେଇଥାଏ ତେବେ ଉକ୍ତ ଜମିର ଭାଗଚାଷୀ ସେ ସମସ୍ତ ଜମିର ରୟତି ସ୍ୱତ୍ୱ ହାସଲ କରିବା ପାଇଁ ଦରଖାସ୍ତ କରିପାରିବେ । ନଚେତ୍ ତହସିଲଦାର ମଧ୍ୟ ନିଜେ ( *Suo motto* ) ଏ ବିଷୟରେ କାର୍ଯ୍ୟାନୁଷ୍ଠାନ କରିପାରିବେ, ଏତଦ୍ ବ୍ୟତୀତ ଅନ୍ୟାନ୍ୟ ସଂଶୋଧନଗୁଡ଼ିକ ହେଲା—

୯—ପୂର୍ବରୁ ୪ ଷ୍ଟାଣ୍ଡାର୍ଡ ଏକରରୁ ଅଧିକ ଜମିନଥିବା ଭୂମିମାଲିକ ମାନଙ୍କୁ ଅକ୍ଷମ ଲୋକ ( Person under disability ) ରୂପେ ଗଣ୍ୟ କରାହେଉଥିଲା । ବର୍ତ୍ତମାନ ଉକ୍ତ ଜମିର ପରିମାଣକୁ ୩ ଷ୍ଟାଣ୍ଡାର୍ଡ ଏକରକୁ କମାଇ ଦିଆଗଲା ।

୧୦—ଅକ୍ଷମ ଲୋକ ଓ ପ୍ରିଭିଲେଜଡ୍ ରୟତ ସାର୍ଟିଫିକେଟ ଏଣିକି ଗ୍ରାମପଞ୍ଚାୟତ ବଦଳରେ ତହସିଲଦାରମାନେ ଦେବେ । ପୂର୍ବରୁ ଦିଆଯାଇଥିବା ସାର୍ଟିଫିକେଟ୍ ଭୁଲ କ୍ରମେ ଦିଆହୋଇଥିଲେ ବା ବାଣ୍ଟ୍ (?) ହୋଇଥିଲେ ତହସିଲଦାର ତାକୁ ରଦ୍ଦ କରିଦେଇ ପାରିବେ ।

୧୧—୨୬।୯।୧୯୭୮ ପରେ ଯଦି କୌଣସି ଜମି ହସ୍ତାନ୍ତରିତ ବା ବଣ୍ଟୁଆରା ହୋଇଥାଏ ତେବେ ଉକ୍ତ ଜମିକୁ ସିଲିଂ ନିର୍ଦ୍ଧାରଣ କଲାବେଳେ ହସ୍ତାନ୍ତରିତ ବା ବଣ୍ଟୁଆରା ହୋଇନାହିଁ ବୋଲି ଧରାଯିବ ।

୧୨—ସିଲିଂ ବହିର୍ଭୂତ ଜମି ସମ୍ପର୍କୀୟ କୌଣସି ବଣ୍ଟୁଆରା ୨୬।୯।୧୯୭୦ ପରେ ଦାଏର ହୋଇ ଅଦାଲତରେ ବିଚାରାଧୀନ ଥିଲେ ମଧ୍ୟ ଉକ୍ତଜମି ଉପରେ ୪୦-କ ଧାରା ଅନୁସାରେ ରିଟର୍ଣ୍ଣ ଦାଖଲ କରିବାକୁ ପଡ଼ିବ ।

୧୩—ଯେଉଁମାନେ ସିଲିଂ ଉଦ୍‌ବୃତ୍ତ ଜମିର ରିଟର୍ଣ୍ଣ ନିର୍ଦ୍ଧାରିତ ସମୟରେ ଦାଖଲ କରିନାହାନ୍ତି କିମ୍ବା ଯଦି ତହସିଲଦାର ଇତିମଧ୍ୟରେ ସିଲିଂ ଉଦ୍‌ବୃତ୍ତ ଜମିର ପରିମାଣ ନିର୍ଦ୍ଧାରଣ କରିବା ପାଇଁ କାର୍ଯ୍ୟାନୁଷ୍ଠାନ କରିନଥାନ୍ତି ତେବେ ସେମାନେ ଉକ୍ତ ସଂଶୋଧନ ଆଇନକାର୍ଯ୍ୟକାରୀ ହେବା ଦିନଠାରୁ ଅର୍ଥାତ୍ ୧୯।୫।୧୯୭୬ ଠାରୁ

୩୦ ଦିନ ମଧ୍ୟରେ ରିଟର୍ଣ୍ଣ ବା ଆବଶ୍ୟକ ସ୍ଥଳେ ସଂଶୋଧିତ ରିଟର୍ଣ୍ଣ ଦାଖଲ କରିପାରିବେ ।

୧୪—ଯେଉଁମାନେ ନିର୍ଦ୍ଧାରିତ ସମୟରେ ଉକ୍ତ ଜମିର ରିଟର୍ଣ୍ଣ ଦାଖଲ ନକରିବେ ସେମାନଙ୍କୁ ୬ମାସ ପର୍ଯ୍ୟନ୍ତ ଜେଲ ବା ଟ ୧,୦୦୦ ଙ୍କା ପର୍ଯ୍ୟନ୍ତ ଜୋରିମାନା ବା ଉଭୟ ଦଣ୍ଡ ଦିଆଯାଇ ପାରିବ ।

୧୫—ସିଲିଂ ଉଦବୃତ୍ତ ଜମି ନିର୍ଦ୍ଧାରିତ ହେବା ପରେ ଯେଉଁ ଲୋକ ଉକ୍ତଜମି ଦଖଲ କରୁଥିବ, ସେ ରେଭିନ୍ୟୁ ଅଫିସରଙ୍କ ଆଦେଶର ୧୫ ଦିନ ମଧ୍ୟରେ ବା ଫସଲ କଟା ହେବାର ୧୫ ଦିନ ମଧ୍ୟରେ ( ଯେଉଁ ତାରିଖଟି ପରେ ପଡ଼ିବ ) ଉକ୍ତ ଜମିକୁ ତହସିଲଦାରଙ୍କୁ ଦଖଲ ଦେବାକୁ ବାଧ୍ୟହେବେ । ନହେଲେ ତହସିଲଦାର ତାଙ୍କୁ ୭ଦିନିଆ ନୋଟିସ ଦେଇ ଦରକାର ପଡ଼ିଲେ ପୋଲିସ ସାହାଯ୍ୟରେ ଦଖଲ ନେଇଯିବେ ।

୧୬—୧୯୭୩ ଆଇନରେ ନଳକୂପ ବା ନିଜ ଖର୍ଚ୍ଚ ଦ୍ୱାରା ପାଣି ମଡ଼ା ଯାଉଥିବା ଜମିକୁ ଯାହା ଜଳସେଚିତ ଜମିରୂପେ ଧରଯାଉଥିଲା ତାହା ଉକ୍ତ ସଂଶୋଧନ ପରେ ଧରଯିବ ନାହିଁ ।

ଏହାଛଡ଼ା ୧୯୭୬ ମସିହାରେ ମଧ୍ୟ ଉକ୍ତ ଆଇନର ଆଉ କେତେକ ସଂଶୋଧନ କରଯାଇ ତାହା ରାଷ୍ଟ୍ରପତିଙ୍କ ସ୍ୱୀକୃତି କ୍ରମେ ପୂର୍ବ ସଂଶୋଧିତ ଆଇନ ସହ ୧୯।୫।୭୬ ଠାରୁ କାର୍ଯ୍ୟକାରି କରଯାଇଛି । ଉକ୍ତ ଆଇନରେ ମଧ୍ୟ ଭାଗଚାଷୀମାନଙ୍କୁ କେତେକ ବିଶେଷ ଅଧିକାର ଦିଆ ଯାଇଛି, ଯଥା—

୧—ଅକ୍ଷମ ଲୋକ ୩ ଷ୍ଟାଣ୍ଡାର୍ଡ ଏକରରୁ ଅଧିକ ଜମିର ମାଲିକ ହେବା ଦ୍ୱାରା ଅକ୍ଷ୍ୟମତା ଲୋପ ପାଇଲେ ୧୪ (୨) ଧାରା ଅନୁଯାୟୀ ଭାଗ ଚାଷୀର ଚାଷ କରିବ, ଅଧିକାର ଲୋପ ପାଇବାର ଯେଉଁ ବ୍ୟବସ୍ଥା ଥିଲା ତାହା ଉଠାଇ ଦିଆଗଲା । ସେପରିସ୍ଥଳେ ଭୂମିମାଲିକ ଭୂସସ୍କାର ଆଇନର ୩ୟ ଅଧ୍ୟାୟ ଅନୁଯାୟୀ ଅକ୍ଷମତା ଲୋପ ପାଇବାର ୬ମାସ ମଧ୍ୟରେ ଦରଖାସ୍ତକରି ଅଧାଜମି ନିଜ୍ୟୁମ କରିପାରିବେ । ଉକ୍ତ ସମୟ ମଧ୍ୟରେ ପ୍ରଜା ମଧ୍ୟ ଦରଖାସ୍ତ କରିପାରନ୍ତି । ବାକି ଅଧା ଜମିରେ ଭାଗଚାଷୀର ରୟତିସତ୍ୱ ଆସିଯିବ ।

୨—୧୯୭୫ର ୨ୟ ସଂଶୋଧନ ଆଇନର ପ୍ରଜା, ମୂଲିଆ ବା ହଳିଆ ଦ୍ୱାରା ଚାଷ କରଉଥିଲେ ଚାଷ କରୁଥିବା ସମସ୍ତ ଜମି ଉପରେ ରୟତି ସ୍ୱତ୍ୱ ପାଇବାକୁ ଯେଉଁ ବାଧାଥିଲା ତାହା ଉଠାଇ ଦିଆଗଲା । ଏତଦ୍ୱାରା ପ୍ରଜା ନିଜେ ହାତ ଚାଷ କରୁଥିଲେ ବା ମୂଲିଆ ବା ହଳିଆ ଦ୍ୱାରା ଚାଷ କରଉଥିଲେ ଚାଷ କରୁଥିବା ସମସ୍ତଜମି ଉପରେ ରୟତି ସ୍ୱତ୍ୱ ପାଇବା ନିମନ୍ତେ ହକଦାର ହେବେ ।

୩—ଆଇନର ୪ର୍ଥ ଅଧ୍ୟାୟରେ ଥିବା ସିଲିଂ ବ୍ୟବସ୍ଥାରେ 'କ୍ଷତିପୂରଣ' (Compensation) ଶବ୍ଦ ବଦଳରେ 'ମୂଲ୍ୟ' ( Amount ) ଲେଖା ହେବାର ବ୍ୟବସ୍ଥା କରଗଲା ।

୪—୨୬।୯।୧୯୭୦ ପରେ କୌଣସି ଟ୍ରଷ୍ଟ ଗଠିତ ହୋଇଥିଲେ ଉକ୍ତ ଟ୍ରଷ୍ଟକୁ ଧର୍ମ ସମ୍ବନ୍ଧୀୟ ବା ଦାତବ୍ୟ ଟ୍ରଷ୍ଟ ରୂପେ ଘୋଷଣା କରିବା ପାଇଁ ୫୬-କ ଧାରାରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । କିନ୍ତୁ ୧୯୭୬ର ସଂଶୋଧନ ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ଅର୍ଥାତ୍ ୧୯।୫।୧୯୭୬ ପୂର୍ବରୁ ଯଦି କୌଣସି ଅନୁଷ୍ଠାନ ଧର୍ମ ବା ଦାତବ୍ୟ ଟ୍ରଷ୍ଟ ରୂପେ ଟ୍ରିବ୍ୟୁନାଲ ଦ୍ୱାରା ଘୋଷିତ ହୋଇ ସାରିଥାଏ ତେବେ ସେ ଘୋଷଣା ବଳବତ୍ତର ରହିବ ।

ଆଇନରେ କୌଣସି ତ୍ରୁଟିହେତୁ ବା ଆଇନ କାର୍ଯ୍ୟକାରିତାରେ ବିଳମ୍ବ ହେତୁ ଗତ କେତେ ବର୍ଷଧରି ଆଇନ ପ୍ରଣୟନ ହୋଇ ମଧ୍ୟ କୌଣସି କାର୍ଯ୍ୟକାରୀ ହୋଇ ନପାରିବା ଦୁଃଖର ବିଷୟ । ବର୍ତ୍ତମାନ ବିଳମ୍ବରେ ହେଉପଛେ ଯୁଗ ଯୁଗ ଧରି ଦୁଃଖ ଦୁର୍ଦ୍ଦଶା ମଧ୍ୟରେ କାଳାତିପାତ କରୁଥିବା ଲୋକମାନଙ୍କୁ ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା । ତଥା ବ୍ୟକ୍ତିଗତ ସ୍ୱାଧିନତା ଦେବା ନିମିତ୍ତ ଭୂସଂସ୍କାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଏକ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରିଥିବାରୁ ବର୍ତ୍ତମାନର ସରକାର ସ୍ୱାଗତଯୋଗ୍ୟ । ଏହା ଉତ୍ପାଦନ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଦେଶର ଉନ୍ନତି ତଥା ଦରିଦ୍ର ଜନସାଧାରଣଙ୍କର ଜୀବନ ଧାରଣ ମାନର ବୃଦ୍ଧି କରିବାରେ ଯଥେଷ୍ଟ ସହାୟକ ହେବ । ଆମେ ଚାହୁଁ—

ସର୍ବେ ଭବନ୍ତୁ ସୁଖିନଃ,

ସର୍ବେ ସନ୍ତୁ ନିରାମୟାଃ;

ସର୍ବେ ଭଦ୍ରାଣି ପଶ୍ୟନ୍ତୁ,

ମାକଶ୍ଚିତ୍ ଦୁଃଖ ଭାଗ ଭବେତ୍ ।

# EIGHT FUNDAMENTAL DUTIES OF A CITIZEN

1. To respect and abide by the Constitution and laws;

2. To uphold the Sovereignty of the nation and to function in a way as to sustain and strengthen its unity and integrity;

3. To respect the democratic institutions enshrined in the Constitution and not to do anything which may impair their dignity and authority;

4. To defend the country and to render national service, when called upon to do so;

5. To abjure Communalism in any form;

6. To render assistance and co-operation to the State in the implementation of the directive principles of the State Policy and to promote the common good of the people so as to subserve the interest of social and economic justice;

7. To abjure violence, to protect and safeguard public property and not to do anything which may cause damage or destruction to such property;

**AND**

8. To pay taxes according to the law.

## DISCIPLINE MAKES A NATION GREAT

*With the best complements of:*

**HINDUSTAN AERONAUTICS LIMITED**
**KORAPUT DIVISION**
**SUNABEDA-2**

# ଜାତୀୟ ସମର ଶିକ୍ଷାର୍ଥୀ
## ଆକାଶ ବାହିନୀର ଶିକ୍ଷାର୍ଥୀଙ୍କ କୃତିତ୍ୱ



କାପ୍‌ଟେନ୍, ଶରତ ମହାପାତ୍ର

ଦେଶର ପ୍ରାଥମିକ କର୍ତ୍ତବ୍ୟ ହେଲା ତାର ସାର୍ବଭୌମତା ଏବଂ ଆଂଚଳିକ ଅଖଣ୍ଡତା ରକ୍ଷା କରିବା । କେବଳ ପରମାଣୁ ବୋମା, ଉତ୍ତମ ଯୁଦ୍ଧ ଜାହାଜ ଆଉ ଆଧୁନିକ କ୍ଷେପଣାସ୍ତ୍ର ପ୍ରଚୁର ପରିମାଣରେ ରହିଲେ ଯଥେଷ୍ଟ ନୁହେଁ ସେଥିପାଇଁ ଆବଶ୍ୟକ ସୈନ୍ୟ ଶକ୍ତି, ଶିଳ୍ପ ଓ ବୈଷୟିକ ଉନ୍ନତି, ଅର୍ଥନିତୀ ଏବଂ ଲୋକଙ୍କର ମନୋବଳ । ବିଶେଷକରି ସାଧାରଣ ନାଗରିକଙ୍କ ମନରେ ଦେଶପାଇଁ କର୍ତ୍ତବ୍ୟ ବୋଧ ସୃଷ୍ଟି କରିବାର ଉଦ୍ୟମହିଁ ଦେଶରକ୍ଷାର ଅଗ୍ରଗତିରେ ସାହାଯ୍ୟ କରିଥାଏ । ସେଥିପାଇଁ ଯେ କୌଣସି ଉଦ୍ୟମରେ ଛାତ୍ର ଓ ଯୁବକମାନଙ୍କୁ ପ୍ରଥମେ ସଂଶ୍ଳିଷ୍ଟ କରିବା ଉଚିତ, କାରଣ ସେମାନଙ୍କ ଉପରେ ଦେଶର ଭବିଷ୍ୟତ ନିର୍ଭର କରିଥାଏ । ପୃଥିବୀର ପ୍ରତ୍ୟେକ ଦେଶରେ ସେଥିପାଇଁ ଯୁବକମାନେହିଁ ଦେଶରକ୍ଷା ପ୍ରସ୍ତୁତିରେ ଅଂଶ ଗ୍ରହଣ କରିଥାଆନ୍ତି । ଭାରତରେ ଏହି ଉଦ୍ୟମର ଆରମ୍ଭ କରାଯାଇଥିଲା ୧୯୨୪ରେ ଯେତେବେଳେ ବିଶ୍ୱବିଦ୍ୟାଳୟ ଶିକ୍ଷକ ତାଲିମ ବାହିନୀ (University Officers' Training Corps) ଗଢା ଯାଇଥିଲା ।

ଭାରତ ସ୍ୱାଧୀନ ହେବାପରେ ସରକାର ଯୁବକ ଓ ଛାତ୍ରମାନଙ୍କୁ ଦେଶରକ୍ଷା ବିଷୟରେ ଅଧିକ ସଚେତନ କରିବାପାଇଁ ଚିନ୍ତା କଲେ । ସେଥିପାଇଁ ୧୯୪୮ରେ Dr. H. N. KUNJURU କମିଟିଙ୍କ ସୁପାରିଶ କ୍ରମେ ଦେଶରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (National Cadet Corps) ବା N. C. C. ଗଠନ କରଗଲା । ସେତେବେଳେ ଏହା ଏକମାତ୍ର ଉଲ୍ଲେଖଯୋଗ୍ୟ ଯୁବ ସଂଗଠନ ଥିଲା । ସଂପ୍ରତି ଯୁବ ସଂଗଠନଙ୍କର ସଂଖ୍ୟା ଦେଶରେ ଅନେକ ବୃଦ୍ଧିପାଇଥିଲେ ମଧ୍ୟ ଏ ଜାତୀୟ ସଂଗଠନ ସେମାନଙ୍କ ମଧ୍ୟରେ ଅନ୍ୟତମ । ପ୍ରାଥମିକ ଅବସ୍ଥାରେ ଅର୍ଥାତ୍ ୧୯୪୮ରେ ପ୍ରଥମେ ପଦାତିକ ବିଭାଗ, ଦୁଇ ବର୍ଷପରେ ବିମାନ

ବାହିନୀ ଶିକ୍ଷଣ ଏବଂ ପ୍ରତି ଚାର ଦୁଇ ବର୍ଷପରେ ନୌବାହିନୀ ବିଭାଗ ଏନ୍. ସି. ସିର ସୃଷ୍ଟି କରଗଲା । ପ୍ରଥମ ବର୍ଷ ଶିକ୍ଷାର୍ଥୀମାନଙ୍କ ସଂଖ୍ୟା ଥିଲା ମାତ୍ର ୨୨,୦୦୦ ମାତ୍ର ଏହା ଏବେ ପ୍ରାୟ ୧୧ ଲକ୍ଷକୁ ବୃଦ୍ଧି ପାଇଛି । ସେଥିରୁ ୧ ଲକ୍ଷ ୩୦ ହଜାର ବାଳିକା । ଦେଶର ୩,୨୦୦ ମହାବିଦ୍ୟାଳୟ ଏବଂ ୭,୦୦୦ରୁ ଅଧିକ ବିଦ୍ୟାଳୟରେ ଏବେ ଏନ୍.ସି.ସି.ର ଶାଖାମାନ ପ୍ରତିଷ୍ଠିତ ହୋଇ ପାରିଛି ।

ଏହା ଲାଦାଖ, ନେଫା (ଅରୁଣାଚଳ ପ୍ରଦେଶ) ଏବଂ ଅଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ସମେତ ଦେଶର ସମସ୍ତ ପ୍ରଦେଶରେ ବିସ୍ତୃତ ହୋଇସାରିଛି । ପ୍ରଥମେ ଏହା ପଦାତିକ, ବିମାନ ଏବଂ ନୌବାହିନୀ ହୋଇଥିଲା କ୍ରମେ ତାହା ସ୍କୁଲରେ ଜୁନିଅର କଲେଜରେ ସିନିଅର ଏବଂ ବାଳିକାମାନଙ୍କ ପାଇଁ ବାଳିକା (Girls) ବିଭାଗ ହୋଇ ସୃଷ୍ଟି ହେଲା । ସଂପ୍ରତି ମହାବିଦ୍ୟାଳୟରେ ଥିବା ସମର ଶିକ୍ଷାର୍ଥୀ ବାହାନାରେ ଅନେକ ଉପବିଭାଗ ପଦାତିକ ବିଭାଗରେ ସୃଷ୍ଟି ହୋଇସାରିଛି ।ଅର୍ଥାତ୍ (Armoured), ଆର୍ଟିଲେରୀ (Artillery), ଇଞ୍ଜିନିୟରସ୍ (Engineers); ସିଗନାଲ୍ସ (Signals), ମେଡ଼ିକାଲ (Medical Corps) ଇଲେକ୍ଟ୍ରିକାଲ ମେକାନିକାଲ ଇଞ୍ଜିନିୟରସ୍ (E. M. E.) ଅନ୍ୟତମ । କୁଞ୍ଜରୁ କମିଟି ପରେ ୧୯୭୪ରେ ମହାଜନ କମିଟି ଦେଇଥିବା ସୁପାରିଶ ଅନୁସାରେ ଏହାର ନୀତି ଲକ୍ଷ୍ୟ ଏବଂ ସାଂଗଠନିକ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ କରଯାଇଛି ।

ଗୁଣାତ୍ମକ ବିକାଶ ହେଉଛି ଭାରତୀୟ ସମର ଶିକ୍ଷାର୍ଥୀ ବାହିନୀର ଉଦ୍ଦେଶ୍ୟ । ଦେଶରକ୍ଷା ବାହିନୀ ପାଇଁ ଉପଯୁକ୍ତ ମଣିଷ ଖୋଜି ସେମାନଙ୍କୁ ପ୍ରାରମ୍ଭିକ ତାଲିମ ଦେବା ବ୍ୟତୀତ ନେତୃତ୍ୱ, ଚରିତ୍ର, ଭ୍ରାତୃଭାବ, କ୍ରୀଡ଼ା ନୈପୁଣ୍ୟତା ଓ ସେବା ଆଦର୍ଶର ବିକାଶହିଁ ଏହାର ପ୍ରଧାନ ଲକ୍ଷ୍ୟ । ଶୃଙ୍ଖଳିତ ତଥା ତାଲିମ ପ୍ରାପ୍ତ ଗୋଟିଏ ଯୁବ ସଂଗଠନ ରହିଲେ ଆବଶ୍ୟକ ପରିସ୍ଥିତିରେ ଦେଶ ସେମାନଙ୍କଠାରୁ ଉପଯୁକ୍ତ ସାହାଯ୍ୟ ପାଇପାରିବ । ୧୯୫୮ରେ କୁଞ୍ଜରୁ କମିଟି ଓ ୧୯୭୪ରେ ମହାଜନ କମିଟିଙ୍କ ସୁପାରିଶକୁ ଭିତ୍ତିକରି ଏହାର ନୀତି ସ୍ଥିର କରଯାଇଛି ।

ଶିକ୍ଷାର୍ଥୀମାନଙ୍କୁ ତାଲିମ ଦେଉଥିବେଳେ କେବଳ ଡ୍ରିଲ୍, ବନ୍ଧୁକ ଚାଳନା ଯେ ସେମାନେ ଶିଖନ୍ତି ସେ କଥା ନୁହେଁ ଖେଳ, କସରତ୍ ଅବଶ୍ୟ ତାଲିମର ଅନ୍ୟ ଏକ ପ୍ରଧାନ ଅଂଶ । ସେହିପରି ବିଭିନ୍ନ ସାମରିକ କୌଶଳ ମଧ୍ୟରେ ନୌଚାଳନା, ଗ୍ଲାଇଡ଼ିଂ, ପାରାସୁଟ୍ ସାହାଯ୍ୟରେ ଲମ୍ଫ ପ୍ରଦାନ, ବିନା ଅସ୍ତ୍ରରେ ପ୍ରତିରକ୍ଷା, ଟ୍ରେଞ୍ଚ ମଧ୍ୟରେ ଆତ୍ମରକ୍ଷା ଏବଂ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପ୍ରଭୃତି ଶିକ୍ଷା ଦିଆଯାଇ ଥାଏ । ବର୍ତ୍ତମାନ ଅଶ୍ୱ ଚାଳନା, ଧନୁର୍ବିଦ୍ୟା, ପର୍ବତାରୋହଣ ଇତ୍ୟାଦି ମଧ୍ୟ ତାଲିମର ଅନ୍ତର୍ଭୁକ୍ତ କରଯାଇଛି ।

ସେଠାରେ ଶିକ୍ଷା ଦିଆଯାଉଥିବା ପ୍ରାଥମିକ ଚିକିତ୍ସା, ବାର୍ତ୍ତା ପ୍ରେରଣ ଓ ଗ୍ରହଣ ମାନଚିତ୍ର ଶିକ୍ଷା ପ୍ରଭୃତି ଯେ କେବଳ ଯୁଦ୍ଧ ସମୟରେ ସାହାଯ୍ୟ କରେ ସେକଥା ନୁହେଁ, ସାଧାରଣ ଜୀବନରେ ମଧ୍ୟ ଏହା ବିଭିନ୍ନ ସମୟରେ ମଣିଷକୁ ବହୁ ବିପଦରୁ ରକ୍ଷା କରିବାକୁ ସମର୍ଥ ହୋଇଥାଏ । ଘଟଣା ପରି ଦୁର୍ଘଟଣା ଦୈନନ୍ଦିନ ଜୀବନରେ ଏତେ ସାଧାରଣ ଯେ ପ୍ରାଥମିକ ଚିକିତ୍ସା ବିଷୟକ ଜ୍ଞାନ ଅଧିକାଂଶ ସମୟରେ ସେମାନଙ୍କୁ ସାହାଯ୍ୟ କରିଥାଏ । ପର୍ବତାରୋହଣକୁ ସମର ଶିକ୍ଷାର୍ଥୀ ବାହିନୀ ତାଲିମର ଅଂଶରୂପେ ଗ୍ରହଣ କରି ସାରିଲା ପରେ ଏବେ ବିଭିନ୍ନ ପର୍ବତାରୋହଣ ଅନୁଷ୍ଠାନରେ ମୌଳିକ ଶିକ୍ଷା ଦେବାର ବ୍ୟବସ୍ଥା ହୋଇଛି । ୧୯୭୬ ସେପ୍ଟେମ୍ବର ମାସରେ ଏହିପରି ଦଳେ ଶିକ୍ଷାର୍ଥୀ ପର୍ବତାରୋହଣରେ ବେଶ୍ ଉଲ୍ଲେଖଯୋଗ୍ୟ ସଫଳତା ଅର୍ଜନ କରିପାରିଛନ୍ତି । କେବଳ ସଂଖ୍ୟା ବୃଦ୍ଧି କରି ସମର ଶିକ୍ଷାର୍ଥୀ ବାହିନୀକୁ ଅଧିକ ବ୍ୟାପକ କରିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ । ଏଥିରେ ବିଭିନ୍ନ ତାଲିମ ଦ୍ୱାରା ଜୀବନକୁ ଅଧିକ ଶୃଙ୍ଖଳିତ କରି ପରବର୍ତ୍ତୀ ଜୀବନକୁ ସୁଖମୟ କରିବା ହେଉଛି ପ୍ରକୃତ ଲକ୍ଷ । ଶିକ୍ଷାର୍ଥୀମାନଙ୍କର ଶିକ୍ଷାର ମାନ ନିର୍ଦ୍ଧାରଣ ପାଇଁ ବିଭିନ୍ନ ପରୀକ୍ଷା କରଯାଇ ସାର୍ଟିଫିକେଟ୍ ଦିଆଯିବାର ବ୍ୟବସ୍ଥା ଅଛି । ଏହି ସାର୍ଟିଫିକେଟ୍ ଚାକିରୀ କିମ୍ବା ଉଚ୍ଚତର ଶିକ୍ଷାକ୍ଷେତ୍ରରେ କେତେକ ବିଶେଷ ସୁବିଧା ସୁଯୋଗର କାରଣ ହୋଇଥାଏ ।

ଏନ୍. ସି. ସିରେ ଯୋଗ ଦେବାପାଇଁ ସ୍କୁଲ, କଲେଜରେ ପଢୁଥିବା ଛାତ୍ରଛାତ୍ରୀଙ୍କର ସାଧାରଣ ସ୍ୱାସ୍ଥ୍ୟ ବିଶିଷ୍ଟ ହୋଇଥିବା ଉଚିତ । ବିଦ୍ୟାଳୟ ବା ମହାବିଦ୍ୟାଳୟରେ ତାଲିମ ପାଇ ସାରିଲା ପରେ ମଧ୍ୟ ଗ୍ରୀଷ୍ମ, ଶାରଦୀୟ ଏବଂ ଶୀତ କାଳିନ ଅବକାଶରେ ସେମାନଙ୍କୁ ଶିବିରରେ ଯୋଗ ଦେବାକୁ ହୋଇଥାଏ । ସେଠାରେ ପୂର୍ବର ଶିକ୍ଷାସହ କେତେକ ବିଶେଷ ପ୍ରକାର ତାଲିମ ଏବଂ ବନ୍ଧୁକ ଚାଳନା ଇତ୍ୟାଦିରେ ଯୋଗ ଦେବାକୁ ହୋଇଥାଏ । ଶାରୀରିକ ପରିଶ୍ରମ ପ୍ରତି ଆଗ୍ରହ ସୃଷ୍ଟି କରଇବା ପାଇଁ ଶିବିରରେ କେତେକ ସେବାମୂଳକ କାର୍ଯ୍ୟ ମଧ୍ୟ କରଯାଏ । ଏହି ଶିବିରମାନଙ୍କରେ ଯେଉଁ ଶିକ୍ଷାର୍ଥୀମାନଙ୍କର

ଆଗ୍ରହ ଲକ୍ଷ କରଯାଏ ସେମାନଙ୍କୁ ସ୍ଥାନ ବିଶେଷରେ ଅଗ୍ରଗାମୀ ନେତୃତ୍ୱ ଶିବିର ପାଇଁ ବଛାଯାଏ । ଆଗ୍ରହ ବିଶେଷରେ ପର୍ବତାରୋହଣ, ଆକାଶ ଛତାଲମ୍ଫ, ସଂକ୍ଷିପ୍ତ (Ski) ପ୍ରଭୃତିର ଶିବିରିକୁ ପଠାଯାଏ । ଏଠାରେ ଶିକ୍ଷା ଓ ତାଲିମ ସୈନ୍ୟବାହିନୀର ପ୍ରାଥମିକ ତାଲିମ ସହ ଅନେକାଂଶରେ ସମାନ ଏବଂ ବାଳକ, ବାଳିକା ଏଭା ପ୍ରକାର ଶିକ୍ଷା ପାଇଥାଆନ୍ତି । ସେଥିପାଇଁ ଆବଶ୍ୟକ ଗୋଳା ବାରୁଦ, ଯନ୍ତ୍ରପାତି, ସାଜସରଞ୍ଜାମ ଏବଂ କର୍ମଚାରୀ ଦେଶରକ୍ଷା ବାହିନୀକୁ ସାଧାରଣତଃ ଯୋଗାଇ ଦିଆଯାଇଥାଏ । ତେବେ ସେମାନଙ୍କର ଅନ୍ୟାନ୍ୟ ଆବଶ୍ୟକତାର କେତେକାଂଶ ସଂପୃକ୍ତ ରାଜ୍ୟ ସରକାର ବହନ କରିଥାନ୍ତି । ଛାତ୍ରଛାତ୍ରୀମାନଙ୍କ ମନରେ ଶାନ୍ତି, ଶୃଙ୍ଖଳା, ସ୍ୱଦେଶ ପ୍ରୀତି, ସାହସିକ କର୍ମସାଧନା, ଶାରୀରିକ ଓ ନୈତିକ ଶକ୍ତିବିକାଶରେ ଶିବିରମାନ ଅଧିକ ସହାୟକ ହୋଇଥାଏ ।

ଶିକ୍ଷାର୍ଥୀମାନେ ସ୍କୁଲ, କଲେଜରେ ତାଲିମପ୍ରାପ୍ତ ଶିକ୍ଷକ ବା ଅଧ୍ୟାପକଙ୍କ ଅଧିନରେ ଥାଆନ୍ତି । ଏହି ଶିକ୍ଷକ, ଅଧ୍ୟାପକମାନଙ୍କୁ ବଛାଗଲାପରେ ଏନ୍. ସି. ସି. ଏକାଡେମୀ ପୁରନ୍ଦର ଓ ଅଫିସରସ୍ ଟ୍ରେନିଂ ସ୍କୁଲ (Kemptee) ରେ ତାଲିମ ଦିଆ ଯାଇଥାଏ । ସେହିପରି ଛାତ୍ରୀମାନଙ୍କପାଇଁ ଶିକ୍ଷୟିତ୍ରୀ ଓ ଅଧ୍ୟାପିକାମାନେ ଏନ୍. ସି. ସି. ଏକାଡେମୀ, ଗ୍ୱାଲିଅର (Gwalior) ରେ ତାଲିମ ନିଅନ୍ତି । ସେମାନଙ୍କ ବ୍ୟତୀତ ସୈନ୍ୟ ବାହିନୀର ଅଫିସରସ୍ ସୈନ୍ୟମାନେ (Cadet) ମାନଙ୍କୁ ତାଲିମ ଦେଇ ଥାଆନ୍ତି । ସେମାନଙ୍କୁ ସେଥିପାଇଁ ସୈନ୍ୟବାହିନୀରୁ ଅଣାଯାଇ ଥାଏ, ଏବଂ ପ୍ରାରମ୍ଭିକ ତାଲିମ ପାଇଁ ପ୍ରସ୍ତୁତ କରାଯାଇଥାଏ । ଏହାର ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ମହା ନିର୍ଦ୍ଦେଶାଳୟ ଦିଲ୍ଲୀରେ ଅବସ୍ଥିତ ତାହା ବ୍ୟତୀତ ୧୬ଟି ନିର୍ଦ୍ଦେଶାଳୟ ଅନେକ ଗୋଷ୍ଠୀ ବାଟାଲିଅନ, କମ୍ପାନୀ ପ୍ରଭୃତି ରହିଛି । ଏ ସଂଗଠନରେ ଆବଶ୍ୟକ ପଡୁଥିବା କର୍ମଚାରୀମାନଙ୍କୁ ସୈନ୍ୟ ବାହିନୀର ବିଭିନ୍ନ ବିଭାଗରୁ ଅଣାଯାଇଥାଏ । ଛାତ୍ର-ଛାତ୍ରୀମାନେ ଏନ୍. ସି. ସି.ରେ ତାଲିମ ପାଇ ସାରିଲା ପରେ ସୈନ୍ୟବାହିନୀ ପାଇଁ ଅଫିସର ବଛାରେ କେତେକ ସୁବିଧା ସୁଯୋଗ ପାଇ ଥାଆନ୍ତି । ସେଥିରୁ କେତେକ ଶିକ୍ଷାର୍ଥୀଙ୍କୁ ବଛାଯାଇ ଜାତୀୟ ପ୍ରତିରକ୍ଷା ଏକାଡେମୀ, ଭାରତୀୟ ସାମରିକ ଏକାଡେମୀ ଡେରାଡୁନ (Indian Military Academy, Dehradun) ଓ ଅଫିସରସ୍ ଟ୍ରେନିଂ ସ୍କୁଲ, ମାତ୍ରାରେ ତାଲିମ ଦିଆ ଯାଉଛି । ଏକ ସମୀକ୍ଷାରେ ଜଣାଯାଏ ଯେ ଶତକଡ଼ା ୬୦ଭାଗ ପ୍ରତିରକ୍ଷା ଏକାଡେମୀର ଛାତ୍ର ହେଲେ ସମର ଶିକ୍ଷାର୍ଥୀ ବାହିନୀର ସଭ୍ୟ ।

କେବଳ ଶିକ୍ଷା ଦେଇ ସେମାନଙ୍କୁ ବସାଇ ରଖିବା ସପକ୍ଷରେ ସରକାର ନାହାନ୍ତି । ଆବଶ୍ୟକ ସ୍ଥଳେ ପ୍ରତିରକ୍ଷା ବିଭାଗକୁ ସମର ଶିକ୍ଷାର୍ଥୀ ବାହିନୀ ସବୁ-ପ୍ରକାର ସାହାଯ୍ୟ କରିଥାଏ । ଗତ ୧୯୬୨ ଓ ୧୯୬୫ ଯୁଦ୍ଧବେଳେ ନାଗରିକ ନିରାପତ୍ତା ରକ୍ଷାରେ ସେମାନଙ୍କ ଭୂମିକା ବେଶ୍ ପ୍ରଶଂସନୀୟ ଥିଲା । ସାଧାରଣ ସମୟରେ ସମାଜ ସେବା ବା ଅନ୍ୟାନ୍ୟ ବିପଦ ସମୟରେ ସାହାଯ୍ୟ କରିବାରେ ମଧ୍ୟ ଏହି ଶିକ୍ଷାର୍ଥୀ ବାହିନୀ ପଛେଇ ନାହାନ୍ତି । ଗତ ବିହାର, ଉତ୍ତର ପ୍ରଦେଶ, ରାଜସ୍ଥାନର ବନ୍ୟା ସମୟରେ ସେମାନେ ପ୍ରପୀଡ଼ିତ ଜନସାଧାରଣଙ୍କୁ ଉଦ୍ଧାର କରିବାରେ ଯେଉଁ ଉତ୍ସାହ ଦେଖାଇ ଥିଲେ ତାହା କାହାରିକୁ ଅବିଦିତ ନୁହଁ । ସଂପ୍ରତି ତାଲିମ କାଳରେ ସେମାନେ ନିକଟବର୍ତ୍ତୀ ଗ୍ରାମକୁ ଯାଇ ସେଠାରେ ନିରକ୍ଷରତା ଦୂରୀକରଣ, ସାଧାରଣ ସ୍ୱାସ୍ଥ୍ୟରକ୍ଷା, ପରିଷ୍କାର ପରିଚ୍ଛନ୍ନତା, ସଫେଇ ଓ ଅନ୍ୟାନ୍ୟ ସଂଗଠନ ମୂଳକ କାର୍ଯ୍ୟରେ ଗ୍ରାମବାସୀଙ୍କୁ ସାହାଯ୍ୟ କରୁଛନ୍ତି ।

ପରିବାର ନିୟନ୍ତ୍ରଣ ସମ୍ବନ୍ଧରେ ଗ୍ରାମବାସୀଙ୍କୁ ବୁଝାଇବା, ରାସ୍ତା, ବନ୍ଧ ନିର୍ମାଣ ଓ ମରାମତିରେ ସାହାଯ୍ୟ କରିବା, ବୃକ୍ଷ ରୋପଣ, ସ୍ୱେଚ୍ଛାକୃତ ରକ୍ତ ଦାନରେ ଅଗ୍ରଗାମୀ ହେବା ଯୋଗୁଁ ସେମାନେ ଦେଶବାସୀଙ୍କ ଉତ୍ସାହ ଓ ଆଶୀର୍ବାଦର ଅଧିକାରୀ ହୋଇ ପାରିଛନ୍ତି, ଏହି କାର୍ଯ୍ୟକ୍ରମକୁ ଏବେ ଏନ୍. ସି. ସି.ରେ ପରୀକ୍ଷା ମୂଳକଭାବେ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମ ସଫଳ ହେଲେ ତାହାକୁ ତାଲିମର ପରିସରଭୁକ୍ତ କରାଯିବାର ବ୍ୟବସ୍ଥା ରହିଛି । ଏହି ସମାଜ ସେବାମୂଳକ କାର୍ଯ୍ୟକ୍ରମରେ କେତେକ ସାଧାରଣ ସଂସ୍ଥା ମଧ୍ୟ ଶିକ୍ଷାର୍ଥୀଙ୍କୁ ଉତ୍ସାହ ଓ ଦ୍ରବ୍ୟ ଯୋଗାଇ ଦେବାକୁ ପ୍ରସ୍ତୁତ ହୋଇ ସାରିଲେଣି । ଭାରତୀୟ ତୈଳ କର୍ପୋରେସନ୍‌ର ଚେୟାରମେନ ଶିକ୍ଷାର୍ଥୀମାନଙ୍କୁ ତାଙ୍କ ପ୍ରସ୍ତାବିତ କେତେକ ଗ୍ରାମରେ ଅତ୍ୟାବଶ୍ୟକୀୟ ଦ୍ରବ୍ୟର ବିତରଣ କରାଇବାକୁ ପ୍ରସ୍ତୁତ ବୋଲି ଘୋଷଣା କରିଛନ୍ତି । ଗାଁ ଗହଳିରେ ଗୋବର ଗ୍ୟାସ ପ୍ଲାଣ୍ଟ ବସାଇବା, ଉନ୍ନତ ଧରଣର ଶଗଡ଼ର ପ୍ରସ୍ତୁତି ଓ ପ୍ରଚଳନ ଏହି ଯୋଜନାର ଅନେକ କାର୍ଯ୍ୟରୁ ଅନ୍ୟତମ ।

ଅଗାମୀ ଛାତ୍ରାବକାଶରେ ଏ ପ୍ରକାର ଉଦ୍ୟମ ପଞ୍ଚାୟତମୂଳକ ସ୍ତରରେ କେତେକ ଗ୍ରାମରେ କରା-ଯିବ ଏବଂ ସେଥିପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇ ଯାଇଛି ।

ଏ ପର୍ଯ୍ୟନ୍ତ ସମର ଶିକ୍ଷାର୍ଥୀ ବାହିନୀଙ୍କୁ କେବଳ ଭବିଷ୍ୟତର ଆବଶ୍ୟକତା ମେଣ୍ଟାଇବାକୁ ପ୍ରସ୍ତୁତ କରାଯାଉଥିଲା । ଏବେ କିନ୍ତୁ ସାଧାରଣ ସେବାରେ ସେମାନଙ୍କୁ ନିୟୋଜିତ କରାଯାଇ ବର୍ତ୍ତମାନ କାର୍ଯ୍ୟରେ ଲଗାଯାଇ ପାରିଲାଣି ।

ବର୍ତ୍ତମାନ ଦେଶର ପରିସ୍ଥିତିରେ ଶିକ୍ଷାର୍ଥୀମାନେ ଶପଥ ନେବେ ଦେଶପାଇଁ ଆତ୍ମତ୍ୟାଗ କରିବାକୁ, ତାହାହେଲେ ଯାଇଁ ଆମର କଷ୍ଟ ଲବ୍ଧ ସ୍ୱାଧୀନତା, ନିରାପତ୍ତା ଓ ନୂତନ ଯୁଗ ପାଇଁ ଆମର ପ୍ରସ୍ତୁତି ସଫଳ ହେବ ।

## ଚାସନଲା କୋଇଲ ଖଣିରେ ଓଡ଼ିଶାରୁ ମୃତ୍ୟୁବରଣ କରିଥିବା ଶ୍ରମିକଙ୍କର ପରିବାରବର୍ଗଙ୍କୁ ସାହାଯ୍ୟ

୧୯୭୫ ଡିସେମ୍ବର ୨୭ ତାରିଖରେ ଚାସନଲା କୋଇଲା ଖଣି ଦୁର୍ଘଟଣାରେ ଦେଶର ବିଭିନ୍ନ ରାଜ୍ୟରୁ ସେଠାରେ କାମ କରୁଥିବା ଶ୍ରମିକମାନେ ମୃତ୍ୟୁବରଣ କରିଥିଲେ । ମୃତ୍ୟୁବରଣ କରିଥିବା ଶ୍ରମିକ ମାନଙ୍କ ପରିବାରବର୍ଗଙ୍କୁ କେନ୍ଦ୍ର ସରକାର ସ୍ୱଳ୍ପ ତଥା ଦୀର୍ଘ ମିଆଦି ଭିତ୍ତିରେ ରିଲିଫ୍ ଏବଂ ଥଇଥାନ ସୁବିଧା ଯୋଗାଇ ଦେବାପାଇଁ ଉଦ୍ୟମ କରୁଛନ୍ତି । ଉକ୍ତ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଏହି ରାଜ୍ୟର ଲୋକମାନଙ୍କର ପରିବାରବର୍ଗ ଯେଉଁମାନେ ଏ ରାଜ୍ୟରେ ବସବାସ କରିବାକୁ ଚାହାନ୍ତି ଏଂବ ନିଜ ନିଜର ଘରକୁ ଫେରିଯିବାକୁ ଚାହାନ୍ତି; ସେମାନଙ୍କୁ ବିଭିନ୍ନ ସୁବିଧା ରିହାତି ତଥା ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ବିଷୟ ଗତ କିଛିଦିନ ହେଲା ରାଜ୍ୟ ସରକାରଙ୍କ ବିଚାରାଧୀନ ରହିଥିଲା ଏଭଳି ପରିବାରବର୍ଗଙ୍କୁ ବିନା ମୂଲ୍ୟରେ ପ୍ରତ୍ୟେକଙ୍କୁ ୦·୦୫ ଏକର ଲେଖାଏଁ ଘରଡିହ ପାଇଁ ଜମି, ମୃତ ଶ୍ରମିକଙ୍କ ଉପରେ ନିର୍ଭର କରୁଥିବା ୧୮ ର ବର୍ଷରୁ ଊର୍ଦ୍ଧ୍ୱ ବୟସର ସମସ୍ତ ସନ୍ତାନସଂନ୍ତତିଙ୍କୁ ରାଜ୍ୟ ସରକାର, ରାଜ୍ୟ ପରିଚାଳନାଧୀନ ସଂସ୍ଥା ଗୁଡିକରେ ଯଥା ସମ୍ଭବ ନିଯୁକ୍ତି ଦେବା ଏବଂ କ୍ଷତିଗ୍ରସ୍ତ ଶ୍ରମିକଙ୍କ ସନ୍ତାନସଂନ୍ତତିଙ୍କୁ ମାଗଣାରେ ଶିକ୍ଷାଲାଭର ସୁବିଧା ସୁଯୋଗ ଯୋଗାଇଁ ଦେବା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି . ଏହା ବ୍ୟତିତ, ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଶ୍ରମିକ ମାନଙ୍କ ପରିବାରବର୍ଗଙ୍କୁ ପରିବାର ପିଛା ୧,୦୦୦ ଟଙ୍କା ଲେଖାଏଁ ଆର୍ଥିକ ସାହାଯ୍ୟ ଦେବାପାଇଁ ମଧ୍ୟ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।




ବିସ୍ମିତ ହୋଇ ଚାହିଁ ରହିଛନ୍ତି ଅହଲ୍ୟା ସ୍ୱାମୀ ସଦାନନ୍ଦଜୀଙ୍କ ଆଡ଼େ..... । ଏଏ କି ଆଶ୍ଚର୍ଯ୍ୟ ବାଣୀ ଶୁଣାଉଛନ୍ତି ଆଜି ସ୍ୱାମୀଜୀ..... ? ଗୀତା, ଭାଗବତ, ବେଦ ଆଉ ବେଦାନ୍ତର ବହୁ ତଥ୍ୟ ସେ ଶୁଣିବାକୁ ପାଇଛନ୍ତି ଏଇ ସ୍ୱାମୀଜୀଙ୍କ ଠାରୁ..... । ପ୍ରତିଟି ବାଣୀକୁ ସେ ଆକଣ୍ଠ ପାନ କରିଛନ୍ତି..... । ଶ୍ରୀକୃଷ୍ଣଙ୍କର ବାଲ୍ୟ, କୈଶୋର ଆଉ ଯୌବନାବସ୍ଥାର ବହୁ କରୁଣ ମଧୁର ସୁନ୍ଦର ଉପାଖ୍ୟାନମାନ ଶୁଣିଛନ୍ତି ବିଭୋର ହୋଇ । କେତେ ନିର୍ଜନ ସକାଳ, କେତେ ନିରେଳା ସଂଧ୍ୟା ଆଉ କେତେ ଗଭୀର ରାତ୍ରିର ଆଲିଙ୍ଗନକୁ ଉପେକ୍ଷା କରିଦେଇ ସ୍ୱାମୀଜୀଙ୍କ ଆଦର୍ଶ ବାଣୀକୁ ମଧ୍ୟ ଶୁଣିଛନ୍ତି ଉତ୍‌କର୍ଣ୍ଣ ହୋଇ । ମାତ୍ର ଆଜିର ଏ ବାଣୀ ।.....ଅହଲ୍ୟାଙ୍କ ପାଇଁ ଏକ ଅଭିନବ ଦିଗର ଦର୍ଶନ ଯେମିତି.....

ଅଶ୍ରୁ ସଜଳ ଦୁଇ ଆଖିର ପତାକୁ ଲୁଗା କାନିରେ ଚାପି ଦେଇ, ବଡ଼ କରୁଣ ସ୍ୱରରେ ସ୍ୱାମୀଜୀଙ୍କୁ ପ୍ରଶ୍ନ ତୋଳିଲେ ଅହଲ୍ୟା, ଅଚ୍ଛା ସ୍ୱାମୀଜୀ । ଆପଣ ଏ ଯେଉଁ ବାଣୀ ଶୁଣାଇଲେ, "ସନ୍ତାନ ଯେତେ ବେ ଭୁଲ୍ କଲେ ବି ମାଆ ତାକୁ କ୍ଷମା ଦେବା ଉଚିତ୍"‌.....ଏହା କ'ଣ ଜୀବନ ପାଇଁ ବାସ୍ତବରେ ସତ୍ୟ..... ? ମୁଁ କିନ୍ତୁ ଏଥିରେ ଆଦୌ ଏକମତ ନୁହେଁ ।

ଉପସ୍ଥିତ ଭକ୍ତବୃନ୍ଦ ସ୍ତବ୍‌ଧ ହୋଇଗଲେ । ସ୍ୱାମୀଜୀଙ୍କ ବାଣୀରେ ଯୁକ୍ତି .....? ଅହଲ୍ୟା ଆଜି କ'ଣ ପାଗଳି ହୋଇଗଲେ.....? ସ୍ୱାମୀଜୀଙ୍କ ବକ୍ତବ୍ୟକୁ ତ କେବେହେଲେ ଅହଲ୍ୟା ଅସମ୍ମାନନା କରି ନାହାନ୍ତି..... । କ'ଣ ଆଜି ତାଙ୍କର ହେଲା.....? ଏଭଳି ବ୍ୟତିକ୍ରମ କାହିଁକି.....? ଜମସ୍ତେ ଆଶ୍ଚର୍ଯ୍ୟ ଆଖିରେ ଚାହିଁ ରହିଲେ ଅହଲ୍ୟାଙ୍କୁ ।

ସ୍ୱାମୀଜୀଙ୍କ ସୌମ୍ୟ ବଦନରେ ମଧ୍ୟ ବିସ୍ମୟ ପରିସ୍ଫୁଟ ହେଲା । ଏଏ କି ବ୍ୟତିକ୍ରମ ଆଜି ଅହଲ୍ୟାଙ୍କର..? ଅହଲ୍ୟା ତ ଅଜ୍ଞ ନୁହନ୍ତି.....। ପ୍ରତିଟି ଭକ୍ତଙ୍କ ଅପେକ୍ଷା ଅଧିକ ବୁଦ୍ଧି ତ ଅହଲ୍ୟାଙ୍କର । ତେଣୁ ଏ ବିଚକ୍ଷଣା ନାରୀଟିକୁ ସ୍ୱାମୀଜୀ ମନେ ମନେ ବେଶ୍ ଖାତିର କରନ୍ତି..... । ଆଜି କିନ୍ତୁ ବଡ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ସ୍ୱାମୀଜୀ । ନାରୀ ହୋଇ ଅହଲ୍ୟା ଏଥିରେ ଏକମତ



ଶ୍ରୀମତୀ ସୁଧାଂଶୁ ବାଳା ପଣ୍ଡା

କୁହନ୍ତି କେମିତି....? କେମିତି ବୁଝାଇବେ ଏ ମାତୃସ୍ନେହର ଭଳିଭଳିକୁ....? ଅସ୍ଥିର ହୋଇ ପଡ଼ିଲେ ସ୍ୱାମୀଜୀ.....

ଭାଳୁଛି ମମତାରେ କି ଅହଲ୍ୟା ଙ୍କ ରୂପର ନୁହନ୍ତି । ସ୍ୱାମୀଜୀଙ୍କର ଗୋଟାଏ ଗୋଟାଏ ଗ୍ରଥିତ ମୁହୂର୍ତ୍ତରେ ଅହଲ୍ୟାଙ୍କ ହାତ ତିଆରି ପାଏସ୍ ଟିକକ କି ଦୁର୍ଭି, ତିଏ.....। ସ୍ୱାମୀଜୀ ଆଗ୍ରହରେ ଖାଉ ଥିବାର ଦେଖି, ଆଉ ଟିକିଏ ଆଉ ଟିକିଏ କହି ସ୍ନେହର୍ ସ୍ନେହର୍ ଢାଳି ଖୁଲନ୍ତି ଅହଲ୍ୟା.... । ତଥାପି ସ୍ୱାମୀଜୀଙ୍କର ଶିରି ପାତ୍ର ଶୂନ୍ୟ ହୋଇଯାଏ..... । ମନେ ମନେ ଲଜ୍ଜିତ ହୁଅନ୍ତି ସ୍ୱାମୀଜୀ.... । ପର ମୁହୂର୍ତ୍ତରେ ଭାବନ୍ତି, କେତେ ସ୍ନେହ, କେତେ ଶ୍ରଦ୍ଧା ଏ ନାରୀଟିର..... ଆଃ । ଯାଙ୍କର କୋଳରେ ଜନ୍ମ ଗ୍ରହଣ କରି ଥରଟିଏ ମାତ୍ର "ମାଆ" ବୋଲି ଡାକି ଦେଇଥିଲେ ଜୀବନ ସାର୍ଥକ ହୋଇ ଯାଇଥାନ୍ତା । ଅଥଚ ଏଭଳି ସନ୍ତାନବତ୍ସଳା ଜନନୀ ହୃଦୟରେ ସନ୍ତାନ ପ୍ରତି କ୍ଷମା ନାହିଁ....? ଏହା କି ସମ୍ଭବ.....?

ଅଦ୍ଭୁତ ସତେ କି ଅହଲ୍ୟା । ସନ୍ତାନ ପ୍ରତି ଅନ୍ତରରେ କ୍ଷମା ନ ଥାଇ, ଏ ଆଶ୍ରମର ପରିସ୍ଥିତିକୁ କାମକୁ କିପରି ବାଛି ନେଇଛନ୍ତି....? ଓଳିଏ ନ ଖାଇଲେ ମନ ତାଙ୍କର ଦୁଃଖରେ ବିଦୀର୍ଣ୍ଣ ହୋଇଯାଏ କିପରି....? ଆଖିରୁ ଲୁହ ପୋଛି ଅପର ଆଗରେ କୁହନ୍ତି, ଛିଃ.....ଏ ନିର୍ଯ୍ୟାତନା ତ୍ୟାଗଟା କାହିଁକି ମୋତେ ସାଧୁଚି....କିପରି ଅଛି ସ୍ୱାମୀଜୀ ଖାଇଲେ....? କିଏ ଖୋଜିକରି ଦେଖୁ ଆଶ୍ରମ-ବାସୀଙ୍କୁ....? ସ୍ୱାମୀଜୀ କି ଉପଲବ୍ଧି କରନ୍ତି ଅହଲ୍ୟାଙ୍କ ହାତ ରନ୍ଧାର ଅଶ୍ରୁଜଳକୁ..... ।

ଷାଠିଏ-ସତୁରୀ ବର୍ଷର ବୃଦ୍ଧା ଅହଲ୍ୟାଙ୍କ ଅନ୍ତର ଏଭଳି ଭାବେ ସ୍ନେହସିକ୍ତ ଯେ, ଆଖିରେ ଚଷମା ଲଗାଇ ଗୁଡ଼ିକରୁ ଗୋଟି ଗୋଟି କରି ଧାନ ଖୁଦ ବାଛି ରଖନ୍ତି । ଠିକ୍ ଠିକ୍ ପିଇବା ପାଣିରେ ସବୁ ଅନ୍ନ, ମେଞ୍ଚି ମେଞ୍ଚି ମୁଗ ଡାଲି, ଟେକା ଟେକା କଞ୍ଚା କଦଳୀ ଭଜା, ଅଟନ୍ଧା ଶାଗ ଖଣ୍ଡି ଯେତେବେଳେ ଅହଲ୍ୟା, ସ୍ୱାମୀଜୀଙ୍କ ପାଖରେ ନେଇ ରଖନ୍ତି, ସହୃଦୟତାରେ ସ୍ୱାମୀଜୀଙ୍କ ଅନ୍ତର ଉଦ୍‌ବେଳିତ ହୋଇଉଠେ..... । କୃତଜ୍ଞତାରେ ବିଭୋର ହୋଇ ପଡ଼ନ୍ତି ସେ....। ସେଇ ସ୍ୱାମୀଜୀ, ଅହଲ୍ୟାଙ୍କର ଏଇ ଉପେକ୍ଷିତ ହୃଦୟ ନେଇ ବିବ୍ରତ ଆଉ ବିବ୍ରତ ।

ଯାହାଙ୍କ ପାଖେ ଏଭଳି ଅନାବିଳ ପ୍ରେମ, ଅଶାତୀତ ଆନ୍ତରିକତା ଦେଖିବାକୁ ମିଳେ, ସେଇ କିପରି ନିଜର ମାତୃତ୍ୱ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି....? ସତରେ କ'ଣ ହେଲେ, ସେ କ'ଣ ତାଙ୍କର ଅନେମଣୀୟ ସନ୍ତାନକୁ କ୍ଷମା ଦେଇ ନାହାନ୍ତି....? ସେ କ'ଣ ସତରେ ଏତେ ଦୂର ହୃଦୟହୀନା..? ସ୍ୱାମୀଜୀଙ୍କ ମନରେ ବିସ୍ମୟ ଓ କୌତୁହଳ..... । ନାଁ....ଇଏ ତାଙ୍କ ସ୍ୱଭାବ ମନର ପରିଚୟ ନୁହେଁ ।

ତେବେ କ'ଣ ଅହଲ୍ୟା ମାତୃତ୍ୱରୁ ବଂଚିତା.....?

ଭାବନାରେ ଅଟକି ଗଲେ ସ୍ୱାମୀଜୀ..... । ଛିଃ...., ଏଭଳି ଅସଂଗତ ଭାବନା କାହିଁକି ସ୍ପର୍ଶ କରୁଚି ମନକୁ....? ଅବଶ୍ୟ ଅହଲ୍ୟାଙ୍କ ଅତୀତ ସ୍ୱାମୀଜୀଙ୍କୁ ଅଜଣା..... । ଯଦିଓ ଏ ଆଶ୍ରମରେ ରହିବାର ଅନେକ ଦିନ ହୋଇ ଗଲାଣି....ତଥାପି ଥରଟିଏ ହେଲେ ସ୍ୱାମୀଜୀ ପଚାରି ଦେଇ ନାହାନ୍ତି ଅହଲ୍ୟାଙ୍କୁ, ତୁମର ଘର କେଉଁଠି ମା....? କେଉଁଠୁ ଆସିଚ ତୁମେ....? କିଏ କିଏ ତୁମର ଅଛନ୍ତି ? ନାଁ—କିଛି ହେଲେ ବି ସେ ପ୍ରଶ୍ନ କରି ନାହାନ୍ତି ତାଙ୍କୁ.....। କେବଳ ପ୍ରଥମ ଦିନର ସେଇ ଲୁହ ଧୁଆ ଦୁଇ ଆଖିର ଭାଷା ସ୍ୱାମୀଜୀଙ୍କୁ ବିହ୍ୱଳ କରି ପକାଇଚି ଆଜି ପର୍ଯ୍ୟନ୍ତ..... । ଅବଶ୍ୟ ଏ ଭଳି ଜଣେ ଭକ୍ତଙ୍କୁ ପାଇ ସ୍ୱାମୀଜୀ ଅତି ଗର୍ବିତ.....। ମାତ୍ର.....

ନାଁ....ନାଁ....ଆଉ ତାଙ୍କୁ ସନ୍ଦେହ କରାଯିବା ଠିକ୍ ହେଉନି.... । ବଡ଼ ଉଦାସ ଆଖିରେ ଚାହିଁ ଦେଖିଲେ ସ୍ୱାମୀଜୀ, ସେଇମିତି ନିଶ୍ଚଳ ହୋଇ ଠିଆ ହୋଇ ରହିଛନ୍ତି ଅହଲ୍ୟା ଉତ୍ତର ପାଇବା ଆଶା ନେଇ....

କି ଉତ୍ତର ଦେବେ ସ୍ୱାମୀଜୀ....? ଇଏ ତ କିଛି ଗୋଟାଏ ନିଗୂଢ଼ ତତ୍ତ୍ୱ ନୁହେଁ ଯେ, ବୁଦ୍ଧି ଖଟାଇ ସ୍ୱାମୀଜୀ ବୁଝାଇ ଦେବେ ପ୍ରାଞ୍ଜଳ ଭାବେ..... । ଇଏ ତ ମାତୃତ୍ୱର ଉତ୍ସ..... । ଯାଙ୍କୁ କ'ଣ ଭାଷା ସାହାଯ୍ୟରେ ବୁଝାଯାଇପାରେ....?

ସ୍ୱାମୀଜୀଙ୍କ ନୀରବତା ଆଉ ଅହଲ୍ୟାଙ୍କ ମନର ବ୍ୟତିକ୍ରମ ଦେଖି, ସ୍ତବ୍ଧ ଭକ୍ତ ମଣ୍ଡଳି ଗୋଟି ଗୋଟି ହୋଇ ସେ ସ୍ଥାନରୁ ବିଦାୟ ନେଇ ଚାଲିଗଲେଣି । କେବଳ ଅଭିମାନରୁଦ୍ଧା ଅହଲ୍ୟା ଉତ୍ତର ପାଇବା ଆଶା ନେଇ ଏକାକୀ ଠିଆ ହୋଇ ରହିଛନ୍ତି ନିଶ୍ଚଳ ଭାବେ..... । ସ୍ୱାମୀଜୀଙ୍କ ପ୍ରତିଟି ଉକ୍ତିକୁ ସେ ହୃଦୟ ଦେଇ ଗ୍ରହଣ କରି ନେଉଥିଲେ.....କିନ୍ତୁ ଆଜି ଏ ଉକ୍ତିର.....

ସ୍ୱାମୀଜୀ ଦେଖିଲେ, ଆଉ ନୀରବ ରହି, ପରିସ୍ଥିତିକୁ ଅଧିକ ଗୁରୁଗମ୍ଭୀର କରିବା ଉଚିତ୍ ନୁହେଁ । ଭୟ ବିଜଡ଼ିତ କଣ୍ଠରେ ସେ ପ୍ରଶ୍ନ ତୋଳିଲେ, ମା ! ତମେ କ'ଣ ମାତୃତ୍ୱରୁ ବଂଚିତ..?

ଦୁଇ ହାତରେ ପାପୁଲିକୁ ମୁହଁ ଉପରେ ଚାପି ଦେଇ ଅବୁଝା ଶିଶୁ ପରି କାନ୍ଦି ଉଠିଲେ ଅହଲ୍ୟା..... । ସେ କରୁଣ କାତର କ୍ରନ୍ଦନ ଧ୍ୱନି ସ୍ୱାମୀଜୀଙ୍କୁ ବିଚଳିତ କରି

ପକାଇଲା.. । ଛଅ ବର୍ଷର ଛୋଟ ଝିଅଟିଏ ଭଳି ଷାଠିଏ ବର୍ଷର ବୃଦ୍ଧା ଅହଲ୍ୟା କ୍ରନ୍ଦନରେ ଅଧିର ହୋଇ ଉଠିଲେ । ବୋଧହୁଏ, ଏ ଅପ୍ରିୟ ସତ୍ୟ ପ୍ରଶ୍ନ କରି ଦେଇ ଭୁଲ୍ କରିଦେଲେ ସ୍ୱାମୀଜୀ..... । ଅପ୍ରିୟ ସତ୍ୟ କହିବା ନିର୍ବୋଧତା ହେଲେ ବି, ଉପାୟ କ'ଣ—? କ'ଣ କହି ବା ସେ ସାନ୍ତ୍ୱନା ଦେଇ ଥାଆନ୍ତେ.....? ମନୁଷ୍ୟକୁ ସାନ୍ତ୍ୱନା ଦେବା କ'ଣ ଏତେ ସହଜ ବ୍ୟାପାର.....?

କ୍ରନ୍ଦନରେ ଅସ୍ଥିର ହୋଇ ସଜ୍ଞାହୀନ ଭଳି ଲୋଟି ପଡ଼ିଛନ୍ତି ଅହଲ୍ୟା ଭୂମି ଉପରେ । ବଡ଼ କରୁଣ ଲାଗିଲା ଏ ପରିସ୍ଥିତି ସ୍ୱାମୀଜୀଙ୍କୁ..... ।

ନିଜ ଆସନରୁ ଉଠି ଆସି ସ୍ୱାମୀଜୀ, ଅହଲ୍ୟାଙ୍କୁ ଟେକି ଧରି କହିଲେ, ଉଠ ମା.....ମୁଁ ଆଜି ଆଦୌ ସକ୍ଷମ ହୋଇ ପାରୁନି ତୁମକୁ ବୁଝାଇବା ଲାଗି । ଏଥିଲାଗି ମୋତେ କ୍ଷମା ଦେଇ ତୁମେ ତୁନି ହୁଅ ମା.....

ଆଃ.....ସେ ସ୍ପର୍ଶ କେତେ ଆନ୍ତରିକତାର ....ଅନୁଭବ ନ କଲେ ଜାଣିବା କ'ଣ ସମ୍ଭବ ? ନିରୀହ ଗାଭୀ-ଟିର ଆଖିପରି ଅହଲ୍ୟାଙ୍କ ଦୁଇ ଆଖି ସ୍ଥିର ହୋଇ-ଗଲା ସ୍ୱାମୀଜୀଙ୍କ ଆଖି ଉପରେ । ଅଭିମାନରୁଦ୍ଧ କଣ୍ଠରୁ ବାହାରି ଆସିଲା, " ଠିକ୍ ତୁମ ଭଳି ମୋର ବି ଏକ ପୁତ୍ର ଅଛି ସ୍ୱାମୀଜୀ ".....

ମା.....ଚମକି ଉଠିଲେ ସ୍ୱାମୀଜୀ, ବିସ୍ମୟ ତାଙ୍କର ଦି'ଗୁଣ ବଢି ଉଠିଲା । ଭାବନାଗୁଡାକ ଓଲଟ ପାଲଟ ହୋଇଗଲା । ଅନୁତାପଦଗ୍ଧ କଣ୍ଠରେ କହିଲେ ସ୍ୱାମୀଜୀ, ପୁତ୍ର ସନ୍ତାନର ଜନନୀ ହୋଇ ଏ ଆଶ୍ରମରେ.........

ଆଶ୍ରୟପ୍ରାର୍ଥିନୀ ମୁଁ—

ଆଖିରୁ ଅଶ୍ରୁ ପୋଛିଲେ ଅହଲ୍ୟା । କିନ୍ତୁ ଅନ୍ତର ମନ୍ଥିତ କରି ବୋହି ପଡୁଛି ଆହୁରି କେତେ ବେଦନାର ଅଶ୍ରୁ.... । ବିଗତ ଦିନର ସ୍ମୃତି ଯେମିତି କଣ୍ଟା ପରି ଫୋଡ଼ି ହୋଇ ଯାଉଛି ମନରେ । ନାଁ—ଏ ଅଶ୍ରୁ ଯେମିତି ଥମିବାର ନୁହେଁ ।

ସ୍ୱାମୀଜୀଙ୍କ ପାଇଁ ଏହା ଚରମ ବିସ୍ମୟ । ପ୍ରତିଟି କଥା ପଶୁରି ଦେଇ ଅସଲ କଥାଟା ଜାଣିଦେବା ପାଇଁ ବ୍ୟଗ୍ର ହୋଇ ଉଠିଲେଣି ସ୍ୱାମୀଜୀ..... । କିନ୍ତୁ ଅହଲ୍ୟା ଯେ କ୍ରନ୍ଦନରତା..... । କ୍ରନ୍ଦନର ଆବେଗରେ ସେ ଭାଙ୍ଗି ପଡୁଛନ୍ତି ରହି.....ରହି.....

ନୀରବ ବିସ୍ମୟରେ କେତୋଟି ମୁହୂର୍ତ୍ତ କଟିଯିବା ପରେ ସ୍ୱାମୀଜୀ ଶୁଣିବାକୁ ପାଇଲେ, ଭଙ୍ଗା ଭଙ୍ଗା କଣ୍ଠ ତୋଳି ଗୋଟିଏ କାହାଣୀ ଆରମ୍ଭ କରି ଦେଇ-ଛନ୍ତି ଅହଲ୍ୟା...... ....

" ବହୁ ଅତୀତରେ ସ୍ୱାମୀ ପୁତ୍ରର ଏକ ଛୋଟ ସଂସାର ଭିତରେ ବୁଡ଼ି ରହିଥିଲି ମୁଁ । ଗୋଟାଏ ଗୋଟାଏ ମଧୁର ଛନ୍ଦରେ ପ୍ରତିଟି ମୁହୂର୍ତ୍ତ କଟି ଯାଉଥିଲା ଅତି ଆନନ୍ଦରେ । କିନ୍ତୁ ସ୍ୱାମୀଜୀ । ମୋର ସେ ସୁଖକୁ ବୋଧହୁଏ ସହ୍ୟ କରି ପାରିଲେନି ଈଶ୍ୱର । ଗୋଟାଏ ଶାନ୍ତ ସୁନ୍ଦର ସନ୍ଧ୍ୟା ହଠାତ୍ କରୁଣ ହୋଇ ଉଠିଲା ମୋ ପାଇଁ । କିଏ ଜଣେ ଆସି ଖବର ଦେଲା ଆକ୍ସିଡେଣ୍ଟରେ ମୃତ୍ୟୁ ଘଟିଛି ସ୍ୱାମୀଙ୍କର । ଉଦୟ ସୂର୍ଯ୍ୟ ଅସ୍ତମିତ ହୋଇଗଲେ ଚିରଦିନପାଇଁ । ସେଇ ଅନ୍ଧକାର ଭିତରେ ମତେ ସାରା ଜୀବନ କଟାଇବାକୁ ପଡ଼ିଲା ଏଇ ମାତ୍ର ପୁତ୍ରକୁ ଧରି ।

ଯନ୍ତ୍ର ଚାଳିତ ପରି ଟିକେ ଚହଲି ଗଲେ ସ୍ୱାମୀଜୀ, କିନ୍ତୁ ଅନୁଭବ କଲେ, ଖୁବ୍ ବେଗି ବେଗି ତାଙ୍କର ସଜ୍ଞା ଯେମିତି ଲୋପ ପାଇବାକୁ ଆରମ୍ଭ କରୁଛି । ତଥାପି ଶୁଣିବାପାଇଁ ମନ ଉଦ୍‌ବେଗ, ଅସ୍ଥିର ।

ଅହଲ୍ୟା କହୁଛନ୍ତି, ସ୍ୱାମୀଜୀ । ଏ କାହାଣୀ କେଉଁ ଆରବ୍ୟ ଦେଶର ରୋମାଞ୍ଚକର କାହାଣୀ ନୁହେଁ.....କି କେଉଁ ରାଜପୁତ୍ରର ଘୋଡ଼ା ଚଢ଼ି ଯିବା ବାଟରେ ରାଜକୁମାରୀ ସହିତ ଲୁଚିଆଖି ମିଳନର କାହାଣୀ ଏ ନୁହେଁ । ଏ ମୋର ଦୁଃଖ, ନୈରାଶ୍ୟ ଆଉ ବେଦନାର ଗୁରୁଭାର ସମ୍ଭାଳି ନ ପାରିବାର କାହାଣୀ ।

ହୁଏତ ଏ କାହାଣୀ ଶୁଣାଇ ଦେଇ କେତେକାଂଶରେ ମୁଁ ଆଶ୍ୱସ୍ତି ଅନୁଭବ କରିବି । କିନ୍ତୁ ସ୍ୱାମୀଜୀ ଦୁଃଖିନୀର ଏ ଦୁଃଖ କାହାଣୀ ଶୁଣିବାରେ ବିବ୍ରତ ହୋଇ ପଡ଼ିବେ ନାହିଁତ.....ଆପଣ ..... ?

ନାହିଁ ମା.....ଏମିତି ଭାବନା ମନରେ ପୂରାଅନି । ତୁମେ ଯଦି କାହାଣୀ ଶୁଣାଇ ଆଶ୍ୱସ୍ତ ହେବ ମୁଁ କ'ଣ ଆଶ୍ୱସ୍ତ ହେବିନାହିଁ ? ଉତ୍ତର ଗୁହାରୀ ଶୁଣି ଶୁଣି ଈଶ୍ୱର କେବେ ବ୍ୟସ୍ତ ହୋଇ ପଡ଼ିବାର ଶୁଣିଛ ତୁମେ ? କେହି ଅନୁଭବ କରିଛି ତାଙ୍କ ବିବ୍ରତତା ? ଆମେ ତ ଛାର ମଣିଷ ମାତ୍ର..... ଦୁଃଖତ ଆମ-ମାନଙ୍କର ଚିର ସାଥି.. ଯା'କୁ ନ ଶୁଣିବାର ଅବ-ମାନନା ସମ୍ଭବ ନୁହେଁ ମା.........."

ଭାବ ଗମ୍ଭୀର ଅହଲ୍ୟା ପୂର୍ବପରି କହି ଚାଲିଲେ, ଅଭାବ, ଅନାଟନ, ଦାରିଦ୍ର୍ୟ ଭିତରେ ବଂଚିବା ପାଇଁ ଏକମାତ୍ର ଆଲୋକବର୍ତ୍ତିକା ମୋର ଦୀପୁ..... । ଭଲ

ନାଇଁ ତାର ପ୍ରତାପ । ସେଇ [ପ୍ରଦୀପର ଶିଖା ଦେଖି ଦେଖି ଗୋଟିଏ ଶାନ୍ତି ସନ୍ତର ଯୋଗୀ ପୁତ୍ର ହୋଇ ଉଠୁଥିଲା ଦୀପୁ । ଡାକ୍ତରୀ ପାଶ୍ କରି ବିଦେଶକୁ ଯିବା ପାଇଁ ମନୋନୀତ ହେଲା ସେ.. ।

ତାପର.... ? ସ୍ୱାମୀଜୀଙ୍କ ମନରେ ବିସ୍ମୟର ଏକ ନୂଆ ଅନାବ । ଉତ୍କର୍ଣ୍ଣ ହୋଇ ଶୁଣିବାକୁ ଲାଗିଲେ ସ୍ୱାମୀଜୀ ।

ସ୍ୱପ୍ନାଚ୍ଛନ୍ନିତା ପରି ଯଉଁଠି ରହିଛନ୍ତି ଅହଲ୍ୟା ମୁକ୍ତ ପ୍ରାଙ୍ଗଣ ଆଜେ... ସବୁଠି ନିବିଡ଼ ହୋଇ ଆସିଲାଣି । ଆଶ୍ରମବାସୀ ଭୋଜନାଦି ସାରି ଗଭୀର ନିଦ୍ରାରେ ନିଦ୍ରା ଗଲେଣି । ଏ ସ୍ୱାର୍ଥପର ଦୁନିଆରେ କିଏ କାହାର ଦୁଃଖ ଶୁଣିବା ପାଇଁ ଉଦ୍‌ବେଗ ହେଉଛି.....? କିଏ ଅନୁଭବ କରୁଛି କାହା ହୃଦୟର ମର୍ମନାୟ-ତାକୁ ? ଯିଏ ଯାହାର ସ୍ୱାର୍ଥ ନେଇ ପାଗଳ..... । ଏଇ କାମ, କ୍ରୋଧ, ମୋହରୁ ମୁକ୍ତି ପାଇବା ପାଇଁ ତ ଦଉଡ଼ି ଆସିଛନ୍ତି ଏ ଆଶ୍ରମକୁ । ସେମାନେ କାହିଁକି ଜାଣିବେ ଯେ, ଏ ଆଶ୍ରମରେ ବି ଦୁଃଖ ଶୋକାଦିର ସମ୍ମୁଖୀନ ହେବାକୁ ହୁଏ ବୋଲି ?

ମା.....ସ୍ୱାମୀଜୀଙ୍କ ହାଲକା ଡାକରେ ଚମକିତ ହୋଇ ଉଠିଲେ ଅହଲ୍ୟା..... । ଯେମିତି କାହାର ଆଘାତ ପାଇ ତାଙ୍କ କଳ୍ପନାର କାଚ ଘରଟା ଚୁନା ହୋଇଗଲା.... ଅନ୍ୟ ମନସ୍କତା କାଟି ପୁଣି କାହାଣୀର ଖିଅ ଧରିଲେ ଅହଲ୍ୟା....

ସ୍ୱାମୀଜୀ । ବିଦେଶକୁ ଛାଡ଼ିବା ପାଇଁ ମୋର ଆଦୌ ଇଚ୍ଛା ନ ଥାଏ । ଦୀପୁର ଦୀର୍ଘ ଅନୁପସ୍ଥିତି ମୋତେ କେତେ ଯନ୍ତ୍ରଣାଦାୟକ ଆପଣ ନିଶ୍ଚୟ ଅନୁଭବ କରୁଥିବେ । କିନ୍ତୁ ତା'ର ଅଭ କସଯାଏନା- ବିଦେଶକୁ ଯିବା ଦିନ ତା' ମୁଣ୍ଡରେ ଚନ୍ଦନର ଟିପା ପିନ୍ଧାଇ ଦେଇ କହିଥିଲି, ବାପା । ଏ ଟିପା କେବଳ ବିଜୟର ଟିପା ନୁହେଁ..... ଏ ଟିପା ହେଉଛି ପୁଣ୍ୟର ଟିପା..... । ତୁ ଭାବେ ନାଁ ଯେ ବିଦେଶକୁ ଯାଇ ଗୋରୁମାଂସ ଖାଇ ଜାତି ହସାଇବା ପାଇଁ ମୁଁ ଡରୁଛି ବୋଲି । ସେ ଭୟ ମୋର ନାହିଁ । କାରଣ ତୁ ନିରାମିଷାଶୀ । କିନ୍ତୁ ଗୋଟିଏ କଥାକୁ ମୋର ଖୁବ୍ ଭୟ, ସେଇଟି ହେଲା ଚରିତ୍ର..... । ସେ ଦେଶର ଝିଅଗୁଡ଼ାକ ବାପା ବଡ଼ ଡାହାଣୀ । ଦେହର ଡାହାଣୀ ରଙ୍ଗ ଆଉ ମିଠାକଥା କହି ଭୁଲାଇ ଦିଅନ୍ତି ଆମ ଦେଶର ପୁଅମାନଙ୍କୁ.... । ତୁ ବାପା ସେ ଖପରାରେ ଯାଇ ଗୋଡ଼ ଖସାଇ ଦେବୁ ନାହିଁତ.....?

ଦୀପୁ ତଣ୍ଟିର "ନାଇଁ" ବୋଲି ସୂଚେଇ ଦେଉଥିବା ସେଇ ନିରୀହ ବୋଲା ଦୁଇଟି ଏବେ ବି ମୋ ମନକୁ ସଂକୁଚିତ କରି ପକାଉଛି କିନ୍ତୁ ସ୍ୱାମୀଜୀ..........

ଆଉ କହିପାରିଲେ ନାଇଁ ଅହଲ୍ୟା.... । କିନ୍ତୁ ଏତିକିରେ ରହି ଗଲେ ମନରେ କି ଶାନ୍ତି ଆସୁଛି ? ସ୍ୱାମୀଜୀଙ୍କୁ କି ଜଣାଇ ହେଉଛି ତାଙ୍କ ଆଦର୍ଶ ବାଣୀର ବିଫଳତା କିପରି ମୋ ଜୀବନରେ.... । କିପରି ଅକ୍ଷମ ହୋଇଛି ପୁତ୍ରକୁ କ୍ଷମା ଦେବା ପାଇଁ.. । ଏ ଭଳି ଭୁଲ୍‌କୁ କ'ଣ କ୍ଷମା ଦିଆ ଯାଇ ପାରେ ସ୍ୱାମୀଜୀ.....? କୁହନ୍ତୁ ମା..... କିଛି ବ୍ୟକ୍ତ ନ କରି ଏତିକି ବେଳୁ ଏମିତି ଅଧୈର୍ଯ୍ୟ ହୋଇ ଉଠୁଛନ୍ତି..... ?

ସ୍ୱାମୀଜୀ । ଦୀପୁର ସେ ଛୋଟ ଚିଠି ଖଣ୍ଡକ ମୋ ମନରେ କେତେ ଯେ ଆନନ୍ଦ ଭରି ଦେଇଥିଲା.......... କିପରି ବ୍ୟକ୍ତ କରିବି ଆପଣଙ୍କୁ.....? ଦୀପୁ ଆସୁଛି..... ଦୀପୁ ଫେରି ଆସୁଛି ପୁଣି ମୋରି କୋଳକୁ.......... । ସେ' ଦିନଟି ଯାକ ଆନନ୍ଦରେ ମୋ ଗୋଡ଼ ଲାଗୁ ନ ଥାଏ ତଳେ..... । ଏତେ ଆନନ୍ଦ ଜୀବନରେ କେବେ ଅନୁଭବ କରି ନ ଥିଲି ମୁଁ । କିନ୍ତୁ ହାୟ । ସେ ଆନନ୍ଦ ଭିତରେ ଏତେ ଦୁଃଖ ଛପି ରହିଥିଲା ବୋଲି..... ଜାଣି ଥିଲା କିଏ.... ?

ସନ୍ଧ୍ୟା ନଇଁ ଆସୁଥାଏ..... ମୁଁ ଡର ଡର ହୋଇ ତୁଳସୀ ମୂଳେ ସଞ୍ଜ ଦେବା ପାଇଁ ଉଦ୍ୟତ ହେଉଛି, ଦୀପୁ ଆସି ମୋ ଗୋଡ଼ ଛୁଇଁ ପ୍ରଣାମ କଲା.......... ମୁଁ ତାକୁ ତଳୁ ଉଠାଇ ନେଇ ଆଶ୍ଲେଷି ଧରିଲା ବେଳେ ଦେଖିଲି ପଛ ପାଖେ ତାର ଜଣେ ବିଦେଶିନୀ ସୁନ୍ଦରୀ ତରୁଣୀ..... । ମୋତେ ଚାହିଁ ଦେଇ ମୃଦୁ ହସି ସେ ଯାହା ବ୍ୟକ୍ତ କଲା ମତେ, ତା' ଭାଷାରେ ସେଥିରୁ ମୁଁ ଯାହା ବୁଝିଲି, ସେ କହୁଛି, "ତମେ ମତେ ଚିହ୍ନି ପାରୁନା.....? ଅଥଚ ମୁଁ ତୁମର ବୋହୂ ହୋଇ ଆସିଛି.......... ଦୟାକରି ମତେ ସ୍ୱାଗତ କର ମାଆ".........

ସ୍ୱାମୀଜୀ । ସେ ମମତାସିକ୍ତ ଭାଷା ଏବେ ବି ମୋ ହୃଦୟକୁ ସ୍ପର୍ଶ କରୁଛି ବାରମ୍ବାର । କିନ୍ତୁ ଶରୀରକୁ ତାର ସ୍ପର୍ଶ କରି ପାରିଲିନି ମୁଁ.......... । ଅବଗୁଣ୍ଠନ ଟାଣି ଦେଇ ବୋହୂ ବୋଲି ଆଶ୍ଲେଷି ଧରି ପାରିଲିନି ତାକୁ..... । ନୀରବରେ ବୋହି ଚାଲିଥାଏ ଆଖିରୁ ଅଜସ୍ର ଅଶ୍ରୁ..........

ମୋ ଭାବ ଦେଖି ସେ ବିସ୍ମିତ ହେବା ସ୍ୱାଭାବିକ..... । ତା' ଭାଷାରେ ମତେ ବାରମ୍ବାର ବାରଣ

କରୁଥାଏ ନ କାନ୍ଦିବା ପାଇଁ..... । କିନ୍ତୁ ସ୍ୱାମୀଜୀ ! ସେ କ'ଣ କାନ୍ଦ..... ? ମନକୁ ସାନ୍ତ୍ୱନା ଦେଇ ନ ପାରିବାର ଅପାରଗତା ସେ..... । କେମିତି ସାନ୍ତ୍ୱନା ଦେବି କୁହନ୍ତୁ ଭଲା..... ମୁଁ କ'ଣ ଜାଣିଥିଲି, ଦୀପୁ ସବୁ ଜାଣି କରି ବି ଏତେ ବଡ଼ ଭୁଲ କରି ବସିବ ବୋଲି .. ? କେତେ ଆଶା କରିଥିଲି, ବୋହୂଟିଏ ଆସିଲେ, ମତେ ରାନ୍ଧି କରି ଗଣ୍ଡେ ଦେବ ବୋଲି । ନିଜେ ରାନ୍ଧି ବାଢ଼ି ଖାଇବାରେ ଯେଉଁ ବିରକ୍ତି..... କିନ୍ତୁ ସ୍ୱାମୀଜୀ ! ସେଇ ବିରକ୍ତି ମୋର ଚିର ସାଥୀ ହୋଇ ରହିଲା..... ।

ଦୁଃଖ, ହତାଶା, ଘୃଣା ଆଉ କ୍ଷୋଭରେ ପଥର ପାଲଟିଗଲି ମୁଁ । ଦୀପୁର ବ୍ୟସ୍ତତା, ବୋହୂର ବ୍ୟାକୁଳତା ଶୁଣିବା ପାଇଁ ଓ ଦେଖିବା ପାଇଁ ଧୈର୍ଯ୍ୟ ରହିଲାନି ମୋର..... । ଅନୁଭବ କଲି ଦେହରେ ମୋର ପ୍ରଚୁର ତାତି..... ଯନ୍ତ୍ରଣାରେ ଛାତିଟା ଯେମିତି ଫାଟି ଯାଉଚି..... ମୃତ୍ୟୁର ଯେମିତି ପୂର୍ବ ମୁହୂର୍ତ୍ତ ଏଇଟା..... ।

ସକାଳର ଆଲୁଅରେ ଆଖି ଖୋଲି ଦେଖିଲି, ଶଯ୍ୟା ଧାରରେ ବସି ରହିଚି ଦୀପୁ..... । କମ୍ପିତ ହସ୍ତରେ କ'ଣ ଗୋଟାଏ ଔଷଧ ଧରି ପିଇବା ପାଇଁ ମତେ ନିବେଦନ କରୁଚି ବୋହୂ..... । (ବୋହୂ ବୋଲି ଉଚ୍ଚାରଣ କରିବାରେ ମତେ ଘୃଣା ଲାଗୁଚି ସ୍ୱାମୀଜୀ.....) ଉପାୟଶୂନ୍ୟ ଭାବେ ମୁଁ ଚୁପ୍ ଚାପ୍ ଆଖି ଦୁଇଟିକୁ ବନ୍ଦ କରି ଆଣିଲି । କିନ୍ତୁ କାନକୁ ତ ବନ୍ଦ କରିବାର ଉପାୟ ନାହିଁ । ଦୀପୁ ମୋତେ ବୁଝାଇବାରେ ଲାଗିଚି..... "ତୁ ବ୍ୟସ୍ତ ହୁଅନା ବୋଉ..... ମୁଁ ଯାହା କହୁଚି ଶୁଣ.....ଏ ଝିଅଟିକୁ ଅଯଥା ଦୋଷ ଦେଇ ତୋ ସ୍ନେହରୁ ବଞ୍ଚିତ କରନା ତାକୁ..... । ତୋର ସ୍ନେହ ଶ୍ରଦ୍ଧା ଶୁଣି ଶୁଣି ମୋ ଠାରୁ କେତେ ଆଶାୟୀ ହୋଇ ଆସିଥିଲା..... । କିନ୍ତୁ କାଲିର ବ୍ୟବହାରରେ ସେ ଏକବାରେ ଆଶ୍ଚର୍ଯ୍ୟ..... । ମୁଁ ତାକୁ ବୁଝାଇ ରଖିଚି ଯେ, ବୋଉର ଏମିତି ବେଳେ ବେଳେ ମୁଣ୍ଡ କ'ଣ ହୋଇଯାଏ..... ଏବଂ ଏ ରୋଗ ତାର ବହୁ ଦିନର.....ବାପା ଚାଲି ଯିବାର ପର ଠାରୁ..... । ମୋ କଥା ଶୁଣି, ଭୁଲି ଯାଇ ଚୁପ୍ ରହିବା ଝିଅ ନୁହେଁ ସେ..... ସାରା ରାତି ଅନିଦ୍ରା ରହି ରୋଗର ଉପଶମ ପାଇଁ ବହି ପଢ଼ି ପଢ଼ି ଔଷଧ ଯୋଗାଡ଼ କରି କହୁଚି, "ତମେ ମାଆଙ୍କର ରୋଗ ଭଲ କରି ପାରିନା......... ଅଥଚ ଅପରର ରୋଗ ଭଲ କରିବା ପାଇଁ ବିଶେଷ ଯୋଗ୍ୟତା ହାସଲ କରିବାକୁ ବିଦେଶ ଚାଲିଗଲ..... ଛି..... ଛି..... କି ଅନ୍ୟାୟ କଥା ଏ......... ବୋଉ । ଏଭଳି ଗୋଟିଏ ଝିଅ ପାଇଁ ମନରେ ତୋର ଦୟା ଆସୁନି କିବେ..... ? ଦେଖିଲୁ କେଡ଼େ ଭଲ ଝିଅଟିଏ ଏ..... । ଔଷଧ ଧରି ସେଇମିତି ଠିଆ ହୋଇ ରହିଚି..... । ଏଇମିତି ଠିଆ ହୋଇ ରହିଥିଲା ମାସ ମାସ ଧରି ମୋ ପାଇଁ ଗୋଟାଏ ଦୁର୍ଘଟଣାର ସମ୍ମୁଖୀନ ହୋଇ ଜୀବନ ହରାଉ ଥିବା ବେଳେ, ଏ ଝିଅଟିର ସହାୟତାରେ ଜୀବନ ଫେରି ପାଇଲି ମୁଁ । ତାର ସେଇ ସେବା, ଆନ୍ତରିକତା ମୁଗ୍ଧ କଲା ମତେ । ଆରୋଗ୍ୟ ହେବା ପରେ ବି ତାକୁ ଛାଡ଼ି ଦେଇ ମୁଁ ଏକାକି ଚଳିବା ସମ୍ଭବ ହେଲାନି ଆଉ ।

ଦିନେ ଭାବିଲି, ପ୍ରତି ଦିନ ଏଇମିତି ଜଳି ପୋଡ଼ି ମରିବା ଅପେକ୍ଷା ବିବାହ କରି ଦେଲେ କ୍ଷତି କ'ଣ ହୁଅନ୍ତା..... ? ତୋ କଥା ବି ମୋର ମନେ ପଡ଼ିଲା..... । ବିଶ୍ୱାସ କର ବୋଉ । ଏ ଝିଅ ଆଦୌ ଡାହାଣୀ ନୁହେଁ..... । ବରଂ ତାରି ଆଦର୍ଶରେ ଅଭିଭୂତ ହୋଇ ପୁଅ ତୋର ଡାହାଣା ପାଲଟି ଗଲା..... । ତୋର ସେବା ଶୁଶ୍ରୂଷାରେ କିଛି ହେଲେ ଅଭାବ ହେବନି ବୋଉ..... । ଠିକ୍ ତୋରି ପୁଅ ଭଳି ସେ ବି ଗୋଟିଏ ଡାକ୍ତର..... । ମୋ ଠାରୁ ତାର ଯୋଗ୍ୟତା ଅହୁରି ବେଶି । ତୋର ମନ ଲାଖି ଗୋଟିଏ ବୋହୂ ନେଇ ତୋତେ ଅବାକ୍ କରାଇ ଦେବି ବୋଲି ଭାବିଥିଲି । କିନ୍ତୁ ବୋଉ ତୁ ମତେ ଅବାକ୍ କରାଇ ଦେଲୁ.........

ଆଉ..... । ଆହତ ଅଭିମାନରେ ମୁହଁ ଫେରାଇ ଆଣିଲି.....ମୁଁ କି ଚପଳ ଶିଶୁ ! ଆଦର୍ଶ ଶୁଣି ଶୁଣି ନିଜ ଉପରୁ ବିଶ୍ୱାସ ହରାଇବି..... ? ପ୍ରତ୍ୟେକ ମଣିଷ ଏକ ହେଲେ ବି, ଧର୍ମର ତ ପୁଣି ଗୋଟାଏ ତଫାତ୍ ଅଛି..... । କାହାକୁ କିଛି ନ କହି ଦିଅଁ ଗଣ୍ଠାକ ଧରି ଉପର ଖଞ୍ଜାକୁ ଚାଲି ଆସିଲି ।

ଅନ୍ତର ମଣ୍ଡିତ କରି ବୋହି ଚାଲିଥାଏ, ଅନବରତ ବେଦନାର ଅଶ୍ରୁ..... । ଯାହାକୁ ସହାୟ କରି ମୁଁ ଏ ପର୍ଯ୍ୟନ୍ତ ବଞ୍ଚି ଆସିଥିଲି । ତାକୁଇ ପର କରି ଦେଇ ନିଃସହାୟ ହୋଇଗଲି । ସେ ପରିବେଶ, ସେ ପୁଅ ବୋହୂ ମତେ ସମ୍ପୂର୍ଣ୍ଣ ଅପବିତ୍ର ମନେହେଲା..... । ସେଠାରେ ଆଉ ଦିଅଁଙ୍କର ସ୍ଥାନ କାହିଁ..... ? ନିଜର ପୁଅ ବୋହୂ ବୋଲି ନିଜର ଧର୍ମକୁ ତ ବୁଡାଇ ଦେବିନି..........

ପ୍ରତିଟି ଦିନ, ପ୍ରତିଟି ମୁହୂର୍ତ୍ତ, ଦୁଃଖ ଯନ୍ତ୍ରଣା ଆଉ ହତାଶା ଭିତରେ ଗତି କରୁଥାଏ..... । ବାହାର ଲୋକଙ୍କୁ ମୁହଁ ଦେଖାଇବା ପାଇଁ ଆଉ ମୁହଁ ନ

ଥାଏ ମୋର । କିନ୍ତୁ କିଏ କୋଉ କାଳରେ ଆସି କହି ଦେଇଯାଏ ମୋତେ, "ସକାଳେ ଆଉ ଦୀପୁ-ବାବୁ ପଖଳା ସନ୍ତୁଳା ଖାଉ ନାହାନ୍ତି........ଖାଉଛନ୍ତି, ଅଣ୍ଡା ଅଉ ପାଉଁରୁଟି".....। ଆଉ କିଏ କୁହେ ଆସି, "ସାଆନ୍ତାଣୀ । ଗାଆଁଟା ଯାକରେ ଆଉ ଗୋଟିଏ କୁକୁଡ଼ା ଅଛି.... ? ସବୁ ତମ ବୋହୂ ସାଆନ୍ତାଣୀଙ୍କ ପେଟରେ । ଯାକୁ ଶୁଣି ଦେଇ ଘୃଣାରେ ମୋ ନାସିକା କୁଞ୍ଚନ ହୋଇ ଉଠେ.... । କିନ୍ତୁ ଉପାୟ କ'ଣ..... ?

ଏଇ ଘରର ଅଧ ପଟେ ଆନନ୍ଦର ହରିଲୁଟ୍ ଚାଲିଛି । ଏପଟେ ଚାଲିଛି ଦୁଃଖର କିଣା ବିକା.....। ଦୀପକୁ ସମ୍ବର୍ଦ୍ଧନା ଦେବା ପାଇଁ କେତେ ସଭା ସମିତି ଉତ୍ସବ..... କୃତଜ୍ଞତା ଜ୍ଞାପନ....। କିନ୍ତୁ ସ୍ୱାମୀଜୀ ! ମୁଁ.....? ମୁଁ.....?

ମୁଁ ସେଇ ବିଧବାବ୍ରାହ୍ମଣୀ.....। ନିଃସ୍ୱ.....। ଗାଁର ଗୋଟାଏ ମର୍ଯ୍ୟାଦାବିହୀନା ବୁଢ଼ୀ.....। ଯାହା ଆଖିର ଅଶ୍ରୁରେ ମୂଲ୍ୟ ନାହିଁ.....। ଯାହାର ତ୍ୟାଗ ପାଇଁ କେହି ହୃଦୟ ଦେଇ ଅନୁଭବ କରିବାର ନାହିଁ । ନିଜକୁ ଏକାକିଆ ଭାବେ କଂସ୍ୱର ଉଷିକାର କି ମର୍ମ ବେଦନା.....

କେଉଁ ଦିନ, ଦିନ ଯାଉଥିଲେ ପରେ, କେଉଁ ଦିନ କିଛି ବି ନୁହେଁ । ନ ଖାଇ ନ ଖାଇ କ୍ଷୀଣରୁ କ୍ଷୀଣତର ହେଲି କ୍ରମେ । କିନ୍ତୁ କ'ଣ ତାର ମୂଲ୍ୟ.....? ସେଥିରେ ଶାନ୍ତି ତ ମିଳିଲାନି....ବରଂ କ୍ଲାନ୍ତି ବଢ଼ି ଉଠିଲା ଅଧିକ..... ।

ପୁଅ ବୋହୂ କିନ୍ତୁ ଦିନେ ହେଲେ ମତେ ଅବହେଳା କରନ୍ତି ନାହିଁ । ଦୀପୁ ମୋ ପାଖେ ବସି ବସି କୁହେ, ଜେଜେ ! ଏ ଅପରାଧକୁ ମତେ କ୍ଷମା ନ ଦେଇ ଅଭିଶାପ ଦେଉଛୁ.....। ଦୁଃଖରେ ମୋ ଅନ୍ତର ତରଳି ପଡ଼େ ପଡ଼େ ମନକୁ ବଦଳାଇ ପାରେନା ଆଦୌ— ।

ବୋହୂ ତା' ଭାଷାରେ ନମ୍ରତାର ସହିତ କୁହେ, ଅନ୍ତ୍ୟଜ-କନ୍ୟା ବୋଲି ମୁଁ ତୁମକୁ ବାଢ଼ିକରି ସିନା ଦେଉନି ଖାଇବାକୁ, କିନ୍ତୁ ଏ ଫଳ, ପିଜୁଳି.....ସେଓ..... ବାନାନାରେ ତ କିଛି କ୍ଷତି ନାହିଁ.....। ହିନ୍ଦୁ ଶାସ୍ତ୍ରରୁ ପଢ଼ିଛି ମୁଁ, ତମ ରାମଚନ୍ଦ୍ର ଜାତିହୀନ ଶବରୁଣୀଠାରୁ କୁଆଡେ ଅଇଁଠା ଫଳ ଖାଇଥିଲେ..... ।

ତା' କଥା ଶୁଣି, ମୋ ବେଦନାର ଅଧର ପ୍ରାନ୍ତରେ ଧୀରେ ହସ ଫୁଟିଯାଏ.....। କିନ୍ତୁ ହାତ ବଢ଼ାଇ ତା' ହାତରୁ ଫଳର ପ୍ଲେଟ୍ ନେଇ ଆସି ପାରେନି । କିଏ ଯାଆନା—ଆମ ଦେଶର ଶବରୀ ସଙ୍ଗେ କ'ଣ ସେମାନେ ସେମିତି ମତେ ବାରଣ କରେ, ଏ ମିଠା କଥାରେ ଭୁଲି ତୁଳନାର ଯୋଗ୍ୟ....?

କିଛି ଦିନର ବ୍ୟବଧାନ ପରେ, ଦୁଆରେ ଆସି ଥୁଆ ହୁଏ ଗୋଟିଏ ଗାଡ଼ି.....। ଏବଂ ସେଇ ଗାଡ଼ିରେ ପୁଅ ବୋହୂ ମିଶି ଡାକ୍ତରଖାନା ଯାଆନ୍ତି.....। ଉଭୟ ଡାକ୍ତର.....। ଚାକିରୀ କରିବାରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି.....? ଆଜି କାଲିତ ଘର ଛାଡ଼ି ବାହାରେ ଚାକିରୀ କରିବାରେ ଅଧିକ ଗୌରବ..... ।

ମୁଁ ଅବାକ ହୋଇ ରହିଗଲି ସେମିତି..... ।

ବର୍ଷକର ବ୍ୟବଧାନ ପରେ, ଗୋଟାଏ ଶାନ୍ତ ଅପରାହ୍ଣରେ ଘରକୁ ସୁନ୍ଦର କରି ଜନ୍ମ ନେଲା ଏକ ପୁତ୍ର ସନ୍ତାନ । ସ୍ୱାମୀଜୀ ! ସେ' ଦିନ ମୋର କି ସୁଖର ଦିନ !

ଇତଃସ୍ତତଃ ହୋଇ ଉଠିଲେ ସ୍ୱାମୀଜୀ ! ସନ୍ନ୍ୟାସୀ ହେଲେ ବି, ସଂସାରର ଆନନ୍ଦକୁ ଉପଲବ୍‌ଧି କରିବା ପାଇଁ କ'ଣ ସେମାନେ ଅକ୍ଷମ.....? ଆନନ୍ଦରେ ଉଜ୍ଜ୍ୱଳି ଉଠିଲା ସ୍ୱାମୀଜୀଙ୍କ ସୌମ୍ୟ ବଦନ..... ।

କିନ୍ତୁ ସ୍ୱାମୀଜୀ ! ମୋର ଦୁଇ ଆଖିରୁ ବୋହି ଚାଲୁଥାଏ ଶ୍ରାବଣର ଧାର..... ।

ଏଥର, ଆଶ୍ଚର୍ଯ୍ୟର ସୀମା ଟପିଲେ ସ୍ୱାମୀଜୀ । "ତମେ କ'ଣ ସତରେ ଅଦ୍‌ଭୁତ୍ ମା....? ଏତେ ଆନନ୍ଦ ଭିତରେ ଆସିଲେ ତମର ଅଶ୍ରୁ.....? କାହିଁକି.....?

—ମୁଁ ତ ତାଙ୍କୁ ସ୍ପର୍ଶ କରି ପାରିବିନି.....।

ସ୍ୱାମୀଜୀଙ୍କ ମନ, ଦୁଃଖରେ ଭାରାକ୍ରାନ୍ତ ହୋଇ ଉଠିଲା । କିଛି କହି ନ ପାରି ନୀରବ-ବିସ୍ମୟରେ ଚାହିଁ ରହିଲେ କେବଳ.....

କିଛିଦିନ ପରେ, ବୋହୂ ଡାକ୍ତରଖାନା ଯିବା ପାଇଁ, ନାତିର ଦାୟିତ୍ୱ ନେବାକୁ ମତେ ଅନୁରୋଧ କଲା ଦୀପୁ..। ମୁଁ ତାକୁ ଛୁଇଁବି ନାହିଁ ବୋଲି ଦୀପୁକୁତ ମୁହଁ ଖୋଲି କୁହା ଯାଇ ପାରେନା— । ଏ କଥା ତ ଆଉ ସମ୍ଭବ ନୁହେଁ । ମୁଁ ତାକୁ ବୁଝାଇବା ଢଙ୍ଗରେ କହିଲି, ଦେଖ ବାପା ! ମୁଁ ତ ବୁଢ଼ୀ ହେଲିଣି..ପିଲାକୁ ସମ୍ଭାଳି ପାରିବାର ଶକ୍ତି କାହିଁ ଆଉ.....?

ମୋ ଅଭିମାନକୁ ଭ୍ରୁକ୍ଷେପ ନ କରି ଘରକୁ ଆଣିଲେ ଆୟା..... । ସେବା ଶୁଶ୍ରୂଷାରେ ହେଳା ନାହିଁ । ପିଲାକୁ ଆଦର ଯତ୍ନରେ ବି ଅଭାବ ନାହିଁ । ମାତ୍ର ତାର ଗୋଟିଏ ବଦ୍ ଗୁଣ ଥାଏ, ଦ୍ୱିପ୍ରହରେ ଘଣ୍ଟାଏ ଦେଢ଼ ଘଣ୍ଟା ପାଇଁ ଯାଏ ସେ ତାର ସ୍ୱାମୀ ପାଖକୁ.....। ମନା କରିବାର ଉପାୟ ନାହିଁ ମୋର । ସ୍ୱାମୀ ତାର ପକ୍ଷାଘାତ ରୋଗୀ । ସେଇ ସମୟରେ ହିଁ ସେ ଖାଏ.....। ତାର ଅନୁପସ୍ଥିତିରେ ସେଇ ଘଣ୍ଟାଏ ଦେଢ଼ ଘଣ୍ଟା ମତେ ପିଲାର ଦାୟିତ୍ୱ ବହନ

ିବାକୁ ପଡ଼େ..। ମାତ୍ର କେବେ ହେଲେ ପରେ ତାକୁ
ି ପକାଇବା ପାଇଁ ଦରକାର ପଡ଼େନି । ସେ ଶୋଇ
ା ଅବସ୍ଥାରେ ଯାଇ, ପୁଣି ଫେରି ଆସେ ସେଇ
ାଇବା ଅବସ୍ଥାରେ । ମାତ୍ର ଗୋଟାଏ ଦିନ..

ମକି ପଡ଼ିଲେ ସ୍ୱାମୀଜୀ । "କ'ଣ ହେଲା ମା..?

ଖିଲା ମୁହଁଟା ଉପରେ ଅହଲ୍ୟାଙ୍କ ଅଭ୍ୟସ୍ତ ହାତଟା
ରି ଯାଇ ଅଟକି ଗଲା.....ଘନ ଘନ ନିଶ୍ୱାସ ବାହାରି
ଲା..ମନର ଦୋଳନ କ୍ଷିପ୍ର ହୋଇ ଉଠିଲା । ନାଁ—
ଗୋପନ କରିବା ସମ୍ଭବ ନୁହେଁ । ପ୍ରକୃତିସ୍ଥ ହୋଇ
ଲ୍ୟା କହିଲେ, ଦିନେ ତାରି ନିଦ ଭାଙ୍ଗି ଗଲା..।
ି କାନ୍ଦି ଅଥୟ ହେଉଥାଏ ସେ । କେତେ ବାର
ଶିଥିଳ ହାତ ଦୁଇଟି ପ୍ରସରି ଯାଉଛି ତାକୁ ଧରି
ବା ପାଇଁ....ମାତ୍ର ପାରୁ ନ ଥାଏ ମୁଁ..ଫେରି
ଥାଏ ହାତ ଦୁଇଟି ତାର ଯଥା ସ୍ଥାନକୁ..। ବହୁ
ଷ୍ଟା କରି ବି ତାକୁ ସ୍ପର୍ଶ କରି ପାରିଲିନି..। ମନରେ
ଦୁଃଖ..। ନୈରାଶ୍ୟରେ ଭାଙ୍ଗି ପଡ଼ି ଭାବୁଥାଏ, ଈଶ୍ୱର
ତ ଏ ଦୁଃଖ ଦେଲେ କାହିଁକି..? ନିଜ ଜାତିର ଯଦି
ହୁଟିଏ ଆଣିଥାଆନ୍ତା ଦୀପୁ, ତେବେ କ'ଣ ଏଭଳି
ନୀୟ ପରିସ୍ଥିତିର ସମ୍ମୁଖୀନ ହୋଇ ଥାଆନ୍ତି ମୁଁ..?
ହାତକୁ ସଜୋରରେ ମୁଣ୍ଡରେ ପିଟି ଦେଇ ଆଖି ଦୁଇଟା
ଦେଲାବେଳେ, ଗୁରୁଣ୍ଡି ଗୁରୁଣ୍ଡି ଲେଉଟି ପଡ଼ିଲା ସେ
ତଳକୁ..। ଠିକ୍ ସେଇ ଅବସରରେ ବଡ଼ ଆଶ୍ଚର୍ଯ୍ୟ
ହ ଆସି ପହଞ୍ଚିଲା ଦୀପୁ । ପଛେ ପଛେ ତାର ଆୟା
।

ଶ୍ଚର୍ଯ୍ୟ ଆଖିରେ ମତେ ଚାହିଁ ରହିଛି ଦୀପୁ..।
ାିଯୁକ୍ତ ଆସାମୀ ପରି ସେ ଘରୁ ବାହାରି ଆସିବା
ଅନ୍ୟ ଉପାୟ ମୋର ନ ଥିଲା..। ଧରା ପଡ଼ିଯିବା
ରେ ମୁଁ ସେଠାରୁ ଚାଲି ଆସିଲି ସିନା, କିନ୍ତୁ ଯାହା
ାକୁ ପାଇଲି, ସେଇ ମୁହୂର୍ତ୍ତରେ ଜୀବନ ହରାଇ
ାକୁ ମନ ହେଉଥାଏ..

ତ କଣ୍ଠରେ ଦୀପୁ କହୁଥାଏ, ଏଇଟି ଠିଆ ହୋଇ
, ଅଥଚ ପିଲାଟା ପଡ଼ିଗଲା ପଛେ ଟିକିଏ ଧରି
ଇଲା ନାଇଁ ।

ା କହୁଥାଏ, ସେ'ତ ପୁପୁନ୍ ବାବୁଙ୍କୁ ଆଦୌ
ିକି ଦିଅନ୍ତି ନାହିଁ । ଦିନେ ସେ ଖାଇ ବସିଥିବା
ପୁପୁନ୍ ବାବୁ ଗୁରୁଣ୍ଡି ଯାଇ ତାଙ୍କୁ ଛୁଇଁ ଦେଲେ
ସଙ୍ଗେ ସଙ୍ଗେ ବଡ଼ମାଆ (ମୁଁ) ଖାଇବାଠୁଁ ଉଠି
ଲି । କେତେଥର ଯାଇ ଗାଧୋଇଲେ..ଗଙ୍ଗା
ି ମୁଣ୍ଡ ଧୋଇଲେ....ଘର ସାରା ତାଙ୍କର ଗଙ୍ଗା ପାଣି
ଲି....

—ଥାଉଥାଉ ତୁ ତୁନି ହୁଅ..ସେ ଯଦି ଆମକୁ ଏଭଳି ଅସ୍ପୃଶ୍ୟ ବୋଲି ଭାବୁଥାଏ, ତେବେ ସେ ଆମ ପାଖେ ରହୁଛି କାହିଁକି..? ଦିନେ ହୁଏତ ଆମେ ତାକୁ ଛାଡ଼ିବା ପାଇଁ ବାଧ୍ୟ ହେବୁ..। ନଚେତ୍ ସେ ଆମକୁ..। (ଆୟା ପ୍ରତି ଦୀପୁର ଏ ଅଭିମାନ ସ୍ୱର..)।

ମତେ କିନ୍ତୁ ଦୀପୁର ସେ କଥା ପଦକ ଭରି ବାଧିଲା ସ୍ୱାମୀଜୀ..। ସବୁ ତାର ଅନ୍ୟାୟକୁ ସହି ଯାଉଥିଲି..। କିନ୍ତୁ ୟା'କୁ ପାରିଲିନି.....। ସେଇ ମୁହୂର୍ତ୍ତରେ ମନସ୍ଥ କରି ନେଲି ଘର ଛାଡ଼ିବା ପାଇଁ । କିନ୍ତୁ ସ୍ୱାମୀଜୀ । ସେ କ'ଣ ଏତେ ସହଜ କଥା.....? କୁଆଡ଼େ ଯିବି.....କିପରି ଚଳିବି ଏଇକଥା ଭାବି ଭାବି ଦିନେ ମୋ ଅନ୍ତରଙ୍ଗ ବାନ୍ଧବୀ ସୌମିତ୍ରାକୁ ଏ ଦୁଃଖ ଜଣାଇଲି..। ମୋ ଦୁଃଖ ଶୁଣି ସୌମିତ୍ରା ଲୋତକ ଝରିଲା ସିନା, ପୁଅ ତାର ବତାଇ ଦେଲା ମତେ ଆପଣଙ୍କ ଠିକଣା..। ଆଶ୍ୱାସନା କଣ୍ଠରେ କହିଲା, ମାଉସା । ଆପଣ ଚାଲିଯାଆନ୍ତୁ ଏ ଆଶ୍ରମକୁ । ନିଅନ୍ତୁ ଏ ଖବର କାଗଜ ଖଣ୍ଡିକ ଏଥିରେ ଆଶ୍ରମର ସମସ୍ତ ବିବରଣ ପ୍ରକାଶ ପାଇଛି..। (ଏବେ ବି ମୋ ଟିଣ ସୁଟ୍‌କେଶ୍ ଭିତରେ ସେ ଖବର କାଗଜ ଖଣ୍ଡିକ ସାଇତା ହୋଇ ଥୁଆ ହୋଇଛି) ଏଠି ରହିବାକୁ ହେଲେ ନିଜର ହାତରୁ ଖର୍ଚ୍ଚ ବହନ କରିବାକୁ ପଡ଼େନା କେବଳ ସ୍ୱାମୀ ସଦାନନ୍ଦଜୀଙ୍କ ପାଖେ ନିଜକୁ ଭକ୍ତ ଭାବେ ଉତ୍ସର୍ଗ କରି ଦେଲେ, ସ୍ୱାମୀଜୀ ଭକ୍ତର ସମସ୍ତ ଖର୍ଚ୍ଚ ବହନ କରନ୍ତି..।

ଏ ବକ୍ତବ୍ୟ ଶୁଣି, ସ୍ୱାମୀଜୀ ପ୍ରୀତ ହୋଇ ଉଠିଲେ । ମୋର କିଛି ପୁଞ୍ଜି ନାହିଁ ମା..। ଏହି ଭକ୍ତମାନଙ୍କର ସାହାଯ୍ୟରେ ଆଶ୍ରମଟି ଚଳେ.. । ଡାକ୍ତରମାନଙ୍କ ସୁକର୍ମରେ ମୁଁ ବଞ୍ଚି ପାରିଛି ମା..

—ଖାଲି ବଞ୍ଚି ନାହାନ୍ତି ସ୍ୱାମୀଜୀ । ଆମମାନଙ୍କୁ ବଞ୍ଚାଇ ପାରିଛନ୍ତି । ଏ ତପୋବନର ମାୟା କ'ଣ କମ୍..? ଦେଖୁନାହାନ୍ତି ଜୀବନର ସର୍ବସ୍ୱ ମମତା ତୁଟାଇ କେମିତି ଅଟକି ଯାଇଛି ଏଠି..।

ମୁଁ ଅନେକ ଦିନୁ ଖୋଜୁଥିଲି, ଏଇମିତି ଏକ ଶାନ୍ତସୁନ୍ଦର ପରିବେଶ.....। ଆଉ ଖୋଜୁଥିଲି ମଧ୍ୟ ଠିକ୍ ଆପଣଙ୍କ ଭଳି ଜଣେ ସନ୍ୟାସୀଙ୍କୁ.....। ଯାହାର ହୃଦୟ ଠିକ୍ ଆପଣଙ୍କ ଭଳି ମହତ୍ ହୋଇଥିବ.....। ଯେଉଁଠାରେ କି ପ୍ରତି ରନ୍ଧ୍ରେ ରନ୍ଧ୍ରେ ଭରି ରହିଥିବ ପବିତ୍ରତା.....। ସ୍ୱାମୀଜୀ । ୟା'କୁ ପାଇବା ପାଇଁ ମୋର କ'ଣ କମ୍ ପ୍ରୟାସ....? ବିଶ୍ୱାସ କରନ୍ତୁ ମୁଁ ଦାଣ୍ଡ ଦୁଆରୁ ଗୋଡ ବାହାର କରେନି.....। କିନ୍ତୁ କି ଆଶ୍ଚର୍ଯ୍ୟ ଶକ୍ତି ବଳରେ ମୁଁ ଏକାକୀ ଏ ପବିତ୍ର ଭୂଇଁ ବୃନ୍ଦାବନରେ ପାଦ ଦେଇ

ପାରିଛି । ଈଶ୍ୱର ମୋ ଡାକ ଶୁଣିଛନ୍ତି ସ୍ୱାମୀଜୀ.... ସେ ଅସ୍ପୃଶ୍ୟ ହରିଜନଙ୍କୁ ମୁକ୍ତି ଆଣି ଶାନ୍ତିରେ ନିଶ୍ୱାସ ମାରୁଛି ଏଠି....। ଏଭଳି ଦୋଷରେ ଜଣ ପୁଅକୁ କ୍ଷମାଦିଆଯାଇ ପାରେ....?

ଏ କ'ଣ...? ସ୍ୱାମୀଜୀଙ୍କ ଆଖିରେ ଯେ ଅଶ୍ରୁ....। ଉତ୍ତେଜିତା ହୋଇ ଉଠିଲେ ଅହଲ୍ୟା, ନିଜର ଅଜାଣାରେ କେତେବେଳେ ତରଳି କଣ୍ଠରୁ ବାହାରି ଆସିଲା, ଛିଃ.... ଆପଣ କାନ୍ଦୁଛନ୍ତି ସ୍ୱାମୀଜୀ....? ଏ ଦୁଃଖିନୀର ଦୁଃଖ ଶୁଣି ଆପଣଙ୍କ ଆଖିରେ ଅଶ୍ରୁ....? ମୋର ସକଳ ଦୁଃଖକୁ ଭୁଲିଦେଇ ଆପଣଙ୍କ ଚରଣ ତଳେ ଆଶ୍ରୟ ନେଇ ନିଜକୁ ଅତି ପବିତ୍ର ମନେ କରୁଛି ମୁଁ.....

—କିନ୍ତୁ ମା ! ଯେଉଁ ଚରଣ ଦୁଇଟି ତଳେ ଆଶ୍ରୟ ନେଇ ନିଜକୁ ପବିତ୍ର ମନେ କରୁଛ, ସେଇ ଚରଣ ଦୁଇଟି ଯେ....ଅପବିତ୍ର....

—ସ୍ୱାମୀଜୀ ! ଏ କ'ଣ କହୁଛନ୍ତି ଆପଣ....? (ଯେମିତି ଆକାଶରୁ ପଡ଼ିଲେ ଅହଲ୍ୟା....)

—ସତ କହୁଛି ମା ..... ନିରୁଟ ସତ୍ୟ ଏ. . . .

ମତେ ମନେ ହେଉଛି ପରିହାସ କରୁଛନ୍ତି ଆପଣ । ପରୀକ୍ଷା କରୁଛନ୍ତି ଏ ନିଃସହାୟ ବୃଦ୍ଧାକୁ. . . ;

—ବିଶ୍ୱାସ କରନ୍ତୁ ମା . . . .ଏ ପରିହାସ ନୁହେଁ.... କି ପରୀକ୍ଷା ବି ନୁହେଁ । ମନୁଷ୍ୟ ଜୀବନର ଏକ ନିରୁଟ ସତ୍ୟ ଘଟଣା....। ଏ ଆଶ୍ଚର୍ଯ୍ୟ ପୃଥିବୀରେ କିଛି ଅସମ୍ଭବ ଅଛି ମା .....?

—ମୁଁ ମୋଟେ ବିଶ୍ୱାସ କରି ପାରୁନି ସ୍ୱାମୀଜୀ...., ଦୟାକରି ମୋତେ ଚରମ ବିସ୍ମୟରେ ଉପନୀତ କରାନ୍ତୁ ନାହିଁ ।

—ହୁଏତ ମା ସମସ୍ତଙ୍କ ପାଇଁ ଏହା ଚରମ ବିସ୍ମୟ.. କିନ୍ତୁ ଏହାର ସତ୍ୟତା ଉପରେ କ'ଣ ଅବିଶ୍ୱାସ କରଯାଏ....? ଏହା ତ, ମୋର ଅଙ୍ଗେ ନିଭାଇବା ଘଟଣା. . . .

—ସ୍ୱାମୀଜୀ ।

—ବିସ୍ମିତ ହୁଅନ୍ତୁ ନାହିଁ ମା ,....ଯଦିଓ ମୁଁ ସନ୍ନ୍ୟାସୀ.....ଏବଂ ସନ୍ନ୍ୟାସୀମାନଙ୍କ ପକ୍ଷରେ ପୂର୍ବାଶ୍ରମର ଇତିହାସ ଅନ୍ୟ ଆଗରେ ବଖାଣ କରିବା ଅନୁଚିତ୍ ତଥାପି....ତଥାପି ଆପଣଙ୍କ ଆଗରେ ମୁଁ ସତ୍ୟକୁ ଉନ୍ମୋଚନ କରିବାରେ ଟିକେ ହେଲେ କୁଣ୍ଠାବୋଧ କରୁନି....। ମୋ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆସୁ ପଛେ ମୁଁ ମୋ ଧର୍ମକୁ ଅବଜ୍ଞା କରେ ପଛେ, ତଥାପି ସତ୍ୟକୁ ଜାଣେକୁ ଉପେକ୍ଷା କରି କହିବା ପାଇଁ ବାଧ୍ୟ ହେଉଛି, କେବଳ ମନୁଷ୍ୟ ମନର ଅନ୍ଧବିଶ୍ୱାସକୁ ପୋଛି ଦେବା ପାଇଁ....। ପ୍ରତ୍ୟେକ ମନୁଷ୍ୟ ସମାନ ମା. . . .ଛୁଆଁ ଅଛୁଆଁ କେବଳ ମନର ବିକାର. . . . ଅନ୍ଧ ବିଶ୍ୱାସର କାରଣ. . . .। କୁହନ୍ତୁ ମା . . . .କଥା ଦିଅନ୍ତୁ ମତେ, ମୁଁ ମୋର ପ୍ରକୃତ ପରିଚୟ ଦେଲେ ଭୁଲ ବୁଝିବେ ନାହିଁ ତ ମୋତେ....? ଆପଣଙ୍କ ପୁଅପରି ଦୂରେଇ ଦେବେ ନାହିଁ ତ ମତେ....? କରିବେ ନାହିଁ ତ ଘୃଣା.....?

ସ୍ୱାମୀଜୀଙ୍କ କଥା କରୁଣ ଜଣା ପଡ଼ିଲା ଅହଲ୍ୟାଙ୍କୁ. . . ., ତଥାପି ମନକୁ ସେ ବୁଝାଇ ନ ପାରି କହିଲେ, ଯାହାହେଲେ ବି ସ୍ୱାମୀଜୀ ଆପଣ ତ ଅଛୁତ୍ ହୋଇ ନ ଥିବେ.....

—ମୁଁ ହରିଜନ୍ ମା ....

—ହରିଜନ ! ....ନିଜ ଅଜାଣାରେ ଦି' ପାହୁଣ୍ଡ ପଛକୁ ଘୁଞ୍ଚି ଗଲେ ଅହଲ୍ୟା.....। ଏ ଚଳନ୍ତି ପୃଥିବୀଠାରୁ ସେ ଯେମିତି ଦୂରେଇ ଯାଉଛନ୍ତି.....। କେତେ ଆଗ୍ରହରେ କେତେ କଷ୍ଟ ସହି ସେ ଆସିଥିଲେ ଏଠିକୁ କେବଳ ଏଇ ଅସ୍ପୃଶ୍ୟତାରୁ ରକ୍ଷା ପାଇବେ ବୋଲି । କିନ୍ତୁ ଈଶ୍ୱର ତାଙ୍କୁ ସେଇଥିରେ ଦୁଃଖ ଦେଇ ଚାଲିଛନ୍ତି ଅନବରତ୍.....। ଯାହାଙ୍କୁ ସେ ଦେବତା ଭଳି ପୂଜା କରି ଆସୁଥିଲେ, ନିଇତି ଭୂମିଷ୍ଠ ପ୍ରଣାମ ଜଣାଇ ଉଚ୍ଛିଷ୍ଟ ସେବା କରୁଥିଲେ, ସେଇ ସ୍ୱାମୀଜୀ ହରିଜନ—? ଆଉ ଭାବି ପାରିଲେ ନାହିଁ ଅହଲ୍ୟା.....। ମନ ଭିତରେ ଅବଚେତନାର ଅସଂଖ୍ୟ ବୁଦ୍ ବୁଦ୍ ।

ସ୍ତମ୍ଭୀଭୂତ ହୋଇ ସ୍ୱାମୀଜୀଙ୍କ ଆଗତ ବକ୍ତବ୍ୟକୁ ଅପେକ୍ଷା କରି ରହିଲେ ଅହଲ୍ୟା.....

—ବିଶ୍ୱାସ ହେଉନି ମା.....?

—କେମିତି ବିଶ୍ୱାସ କରିବି କୁହନ୍ତୁ ସ୍ୱାମୀଜୀ.....? ସତରେ କ'ଣ ଏହା ବିଶ୍ୱାସଯୋଗ୍ୟ.....? ଆପଣଙ୍କ ପାଟିରୁ ଏହା ଶୁଣିକି ଶୁଣି ପାରୁନି ମୁଁ । ହଠାତ୍ ଅସ୍ୱାଭାବିକ ଭାବେ ଗମ୍ଭୀର ହୋଇ ଉଠିଲେ ଅହଲ୍ୟା.... ବୋଧହୁଏ ସ୍ୱାମୀଜୀଙ୍କ ଏ ଉକ୍ତିକୁ ସେ ସନ୍ଦେହ କରୁଛନ୍ତି ନିଶ୍ଚୟ ।

ଅହଲ୍ୟାଙ୍କର ଏ ଭାବ, ଏ ମୌନତା ସ୍ୱାମୀଜୀଙ୍କୁ ଅଛପା ରହିଲାନି....। ବହୁ ଚିନ୍ତାକରି ସ୍ୱାମୀଜୀ ସ୍ଥିର କଲେ, ନା' ଏହାକୁ ଲୁଚେଇ ରଖି, ଅନ୍ଧବିଶ୍ୱାସକୁ

...ତ୍ୟା କରି ଯାଇ ପାରେନା, କରନ୍ତୁ ପଛେ ଅହଲ୍ୟା ...ଣା . . . —ସ୍ୱାମୀଜୀ ବୋଲି ନ ମାନନ୍ତୁ ପଛେ ତଥାପି ସେ ସତ୍ୟଟାକୁ ଉନ୍ମୋଚନ କରିବେ, ଛୁଆଁ ଅଛୁଆଁର ...ଭେଦ ସବୁକୁ ମନୁଷ୍ୟ ମନରୁ ଘୁଞ୍ଚାଇବେ । ଆଉ ଏଇ ...ହଲ୍ୟାଙ୍କ ଭଳି ଯେଉଁ ନାରୀ, ଛୁଆଁ ଅଛୁଆଁ ଉପରେ ...କାର ଦେଇ, ନିଜର ପୁଅ, ବୋହୂ, ନାତିକୁ ପର କରି ...ଦେଇ, ଜଣେ ଅଜଣା ଅଶୁଣା ବ୍ୟକ୍ତିର ପରିବେଶକୁ ...ଜର କରି ପବିତ୍ର ମନେ କରୁଛି, ସେଇ ଭଳି ...କ ନାରୀର ମନରୁ ଯଦି ସେ ପୋଛି ଦେଇ ପାରିବେ ... ଅନ୍ଧ ବିଶ୍ୱାସକୁ ତେବେ, ସେ ବୋଧେ ଜୀବନର ...ମସ୍ତ ସାଧନାର ସିଦ୍ଧି ଲାଭ କରିବେ . . . .। ହୁଏତ ...ହା ତାଙ୍କ ଜୀବନର ସର୍ବଶ୍ରେଷ୍ଠ କୃତି ହୋଇପାରେ । ...ତାତକୁ ଲୁଚାଇ ରଖିବାରେ କିନ୍ତୁ ଆନନ୍ଦ ନାହିଁ ।

—ମା । ଦିନେ ମୋ ଉପରେ ସମସ୍ତ ବିଶ୍ୱାସ ...ଳିଦେଇ ନିଜକୁ ବଞ୍ଚାଇ ରଖିଥିଲେ . . . .। ସେଇ ...ଶ୍ୱାସର ମନୁଷ୍ୟ ଆଜି କ'ଣ କେବେ ଅବିଶ୍ୱାସର ...ହାଣୀ ଶୁଣାଇ ପାରେ . . . ? ମୁଁ ଏଇଲେ ଆପଣଙ୍କ ...ଖିରେ ଜଣେ ସନ୍ୟାସୀ ହୋଇ ପାରେ, କିନ୍ତୁ ମା । ...ଁ କାହିଁକି ସନ୍ୟାସୀ ହେଲି, ସେ କଥା ଯଦି ଶୁଣିବେ, ...ତେବେ କ'ଣ ଅବିଶ୍ୱାସ କରିବେ ? ଆପଣ ପଛେ ...ବିଶ୍ୱାସ କରନ୍ତୁ, କିନ୍ତୁ ଶୁଣିବା ପାଇଁ ଉତ୍ସାହର ...ଣିତ ଦେଲେ ମୁଁ ସୁଖୀ ହେବି ମା . .

ଅହଲ୍ୟା ନିରେଖି ରହିଁଲେ ସ୍ୱାମୀଜୀଙ୍କୁ । ଆଃ । ...ସୁନ୍ଦର ପ୍ରଶସ୍ତ ଲଲାଟ ..... ତୀକ୍ଷ୍ଣ ନାସିକା.....ଗୌର ...କାନ୍ତି ଦୀର୍ଘାଙ୍ଗ ବପୁ ବିଶିଷ୍ଟ ଅତି ଆକର୍ଷଣୀୟ ...ଚେହେରା ! କି ନରମ ଏ କଥା.....ସତେ ଯେମିତି ...ମୃତ ଝରୁଚି..... । ଏ କ'ଣ କେବେ ହେଲେ ...ରିଜନ ହୋଇ ପାରନ୍ତି ? କେବଳ ମୋ ମନକୁ ...ଳାଇବା ପାଇଁ ହୁଏତ ଏ କଳ୍ପନାର କାହାଣୀ ସୃଷ୍ଟି ...କରୁଛନ୍ତି ..... ; କିନ୍ତୁ ସତରେ କ'ଣ ମୁଁ ଭୁଲି ଯିବି..... ?

ନିଜ ଉପରେ ଗଭୀର ବିଶ୍ୱାସ ରଖି ଅହଲ୍ୟା ...ହିଲେ, ଶୁଣିବାପାଇଁ ମୋର କୌଣସି ଆପତ୍ତିନାହିଁ ...ମୀଜୀ.... କିନ୍ତୁ ଏ କାହାଣୀ ଶୁଣାଇ ମତେ କ'ଣ ...ଦଳାଇ ଦେଇ ପାରିବେ.....? ଜୀବନର ସମସ୍ତ ...ବିତ୍ରତାକୁ ବୁଡାଇ ଦେଇ ପାରିବେ ଅସ୍ପୃଶ୍ୟତାରେ.....?

— ଆପଣ ନିଜେହିଁ ବୁଝିଯିବେ ମା..... । କାହାକୁ ... ପର୍ଯ୍ୟନ୍ତ କହି ନାହିଁ.....। ଜଣ ଜଣଙ୍କୁ ପରୀକ୍ଷା ...ରି ଦେଖିଛି, ସମସ୍ତେ ଏଇ ଅନ୍ଧ ବିଶ୍ୱାସରେହିଁ ...ହିତ । କେହି କେବେ ଅଦ୍ଭୁତ ଲୋକକୁ ସ୍ପର୍ଶ କରିବା-ପାଇଁ ମନ ବଳାଇନାହାଁନ୍ତି କି ତା'ର ହୃଦୟ ଚିହ୍ନିବା-ପାଇଁ କେହି କେବେ ବ୍ୟାକୁଳ ହୋଇ ଉଠିନି.....। ମଣିଷହୋଇ ମଣିଷଠାରୁ ଦୂରେଇ ରହିବା କେତେଦୂର ହୃଦୟବିଦାରକ ତା' କ'ଣ କେବେ ଅନୁଭବ କରିଛନ୍ତି ମା.....?

ଅହଲ୍ୟାଙ୍କ, ଅବଗୁଣ୍ଠନ ବିହୀନ ନିଶ୍ଚଳ ମସ୍ତିଷ୍କ ଦୋହଲି ଯାଇ 'ନାହିଁ' ର ସୂଚନା ଦେଲା.........

ଝର ଝର ହୋଇ ଝରି ପଡ଼ିଲା ସ୍ୱାମୀଜୀଙ୍କ ଚକ୍ଷୁରୁ ଅଶ୍ରୁ.....। କାହାରି ଏ ଅନୁଭୂତି ନାହିଁ ମା..... । ଅଛି କେବଳ ମୋର ସେ କେତେଦୂର ମର୍ମନ୍ତୁଦ ଆପଣ ବିଚାର କରନ୍ତୁ ମା ...............

..........ମେଦିନୀପୁରର ହରିଜନ ବସ୍ତିରେ ମୋର ଘର । କିନ୍ତୁ ପିଲାଟି ଦିନରୁ ଅନ୍ୟ ଲୋକର ତତ୍ତ୍ୱାବ-ଧାନରେ କଲିକତାରେ ମୁଁ ଉଚ୍ଚ ଶିକ୍ଷାପାଏ । ପରେ ପରେ ଈଶ୍ୱରଙ୍କ କୃପାରୁ ମୁଁ ହୁଏ ପଦସ୍ଥ ଅଫିସର । ଘର ଦ୍ୱାର ଛାଡ଼ି କୁଟୁମ୍ବଙ୍କ ସହିତ ମୋର ସମ୍ପର୍କ ନ ଥାଏ କହିଲେ ଚଳେ, କିନ୍ତୁ ମାଆର ମୃତ୍ୟୁ ଖବର ପାଇ ଚୁପ୍ ରହିଯିବାତ ସମ୍ଭବ ନୁହେଁ । ଆସେ, ମାଆର ଶୁଦ୍ଧକ୍ରିୟା କରିବାପାଇଁ ମେଦିନୀପୁର । ମେଦିନୀପୁରର ସମାଜ ପାଖରେ ମୁଁ ଏକବାରେ ଅପରିଚିତ.....। କିନ୍ତୁ ସେମାନେ ମୋର ଉପସ୍ଥିତିରେ ମତେ ଚିହ୍ନିଯାଇ ଥାଆନ୍ତି ସମସ୍ତେ.....। ଦିନେ ଗୋଟାଏ ଉତ୍ତପ୍ତ ମଧ୍ୟାହ୍ନରେ ମୁଁ କୌଣସି କାମ ସାରି ସାଇ ଭିତର ଦେଇ ଫେରୁଥାଏ, ଏତିକି ବେଳେ ଜଣେ ସନ୍ୟାସୀ ମୋର ସମ୍ମୁଖସ୍ଥ ହୋଇ ମୋଠାରୁ କିଛି ଭିକ୍ଷା ରହିଁଲେ । ବୈଶାଖର ଖରା.....ସେଥିରେ ପୁଣି ମଧ୍ୟାହ୍ନ....ପକେଟରୁ କିଛି ଟଙ୍କା ଦେଇ ଆପ୍ୟାୟିତ କରିବାପାଇଁ ମନ ବଳିଲା ନାହିଁ । ଅନୁରୋଧ କଲି ଘରକୁ ଆସି କିଛି ଜଳଯୋଗ କରି ଯିବାପାଇଁ । ସନ୍ୟାସୀ ଆନନ୍ଦରେ ବିହ୍ୱଳିତ ହୋଇଯିବାପାଇଁ ସମ୍ମତି ଦେଉ ଦେଉ ହସି ଉଠିଲେ ଜନତା—। କିଏ ଓଦା ଗାମୁଛା କାନ୍ଧରେ ପକାଇ ଦଉଡ଼ି ଆସିଲା ପିଣ୍ଡା ଉପରୁ.....। ଘର ଭିତରୁ କିଏ ଦଉଡ଼ି ଆସିଲା ପଖାଳ କଂସା ଛାଡ଼ି..... ଆଉ କେତେ ଜଣ ଟେରିଲିନ୍ ପିନ୍ଧା ଆଧୁନିକ ଯୁବକ ତାସ୍ ଆଡ୍ଡାରୁ ଓହରି ଆସି, ଦୁର୍ଘଟଣା ଟାଏ ଘଟି ଗଲା-ପରି ପାଟିକରି ଉଠିଲେ, କ'ଣ.....କ'ଣ.....କହିଲୁ । ସନ୍ୟାସୀଙ୍କୁ ଡାକି ନେଉଚୁ ଘରକୁ ? ଦି' ଅକ୍ଷର ପଢ଼ି-ଦେଇ ଚାକିରିଟାଏ କରିଦେଲୁ ବୋଲି ଜାତି, ଗୋତ୍ର ଭୁଲିଗଲୁ....ହାଡ଼ିଟାଏ ହୋଇ ଏତିକି ଆସ୍ପର୍ଦ୍ଧା..... ?

ସନ୍ୟାସୀ ଏ ଅଶୋଭନୀୟ ପରିସ୍ଥିତିର ସମ୍ମୁଖୀନ ହୋଇ କ୍ରୋଧ କମ୍ପିତ କଣ୍ଠରେ ମୋତେ ଅଭିଶାପ ଦେବାକୁ ଲାଗିଲେ । ମା ! ଅଭିଶାପକୁ ମୋର ଭୀଷଣ ଭୟ । ତାଙ୍କର କ୍ରୋଧାଗ୍ନିକୁ ଶାନ୍ତ କରାଇବାପାଇଁ ନମ୍ରତାର ସହିତ କହିଲି, ସ୍ୱାମୀଜୀ ! ଆପଣ କ'ଣ ବିଶ୍ୱାସ କରନ୍ତି ମନୁଷ୍ୟ ମନୁଷ୍ୟ ପାଖରେ ଅସ୍ପୃଶ୍ୟ....?

ମୋ ଅପର୍ଣ ବକ୍ତବ୍ୟକୁ ଫୁତ୍କାରରେ ଉଡ଼ାଇ ଦେଲେ ଜନତା....। ସ୍ୱାମୀଜୀ ଉତ୍କ୍ଷିପ୍ତ ହୋଇ କହି ଉଠିଲେ, ହାଡ଼ିଟାଏ ହୋଇ ମତେ ଆଦର୍ଶବାଣୀ ଶୁଣାଉଛୁ....?

ବାରମ୍ବାର ହାଡ଼ିର ଉଚ୍ଚାରଣରେ ମୁଁ ଉତ୍ତେଜିତ ହୋଇ ପଡ଼ିଲି ମା....। ପ୍ରତିଶୋଧ ନେବା ଢଙ୍ଗରେ କହି ଉଠିଲି, ସନ୍ୟାସୀ ମହାଶୟ । ଆପଣ ଭୁଲି ଯାଉଛନ୍ତି ଯେ, ମୁହୂର୍ତ୍ତେ ପୂର୍ବରୁ ମତେ ହାତ ପତାଉ ଥିଲେ ଭିକ୍ଷା ପାଇଁ....। ଏବେ ହାଡ଼ିଟାଏ ଉକ୍ତି ଘୃଣା କରୁଛନ୍ତି....। ଅସ୍ପୃଶ୍ୟ କହି ଲାଂଛନା ଦେଉଛନ୍ତି....। କେଉଁଠି ମୋ ଦେହରେ ଅସ୍ପୃଶ୍ୟତାର ଛାପ ମରା ହୋଇଛି ଦେଖାଇଦେଲେ....। ମୁଁ ଯଦି କୁହେ, ଆପଣ ଅସ୍ପୃଶ୍ୟ.... ଆଉ ଏ ଗେରୁଆ ବସନ ଆପଣଙ୍କର ମିଥ୍ୟା ଆବରଣ....?

ମିହିତ ସ୍ୱରରେ ହସି ଉଠିଲେ ସମସ୍ତେ..। ସେ ତ ହସ ନୁହେଁ ମା .... ତାଚ୍ଛଲ୍ୟ ଭରା ଉପହାସ..। ପରେ ପରେ ବର୍ଷା ଭଳି ଗାଳି ବୃଷ୍ଟି ହୋଇଗଲା ମୋ ଉପରେ । କି ଉଦର୍ଯ୍ୟ ଘଟଣା.... ଜୀବନରେ ମୁଁ ପ୍ରଥମ ଥରପାଇଁ ଶୁଣିଲି । ମଣିଷ ହୋଇ ମଣିଷକୁ ପୁଣି ଏ ଭଳି ବ୍ୟବହାର କରେ.. ଏ ଭଳି କଟୁକ୍ତି ପ୍ରୟୋଗରେ....ଏହା ମୋର କଳ୍ପନାର ଅତୀତ ଥିଲା..। କ୍ରୋଧ ଆଉ ଅପମାନରେ ଜଳି ପଡ଼ିଲି ମୁଁ....। ସେଇ ମୁହୂର୍ତ୍ତରେ ମନସ୍ଥକଲି, ମୁଁ ହେବି ଏକ ସନ୍ୟାସୀ..। ମନୁଷ୍ୟର ଶ୍ରେଷ୍ଠ ଆସନ ଗ୍ରହଣକରି ଶିଖେଇବି ମଣିଷକୁ....ଯେମିତି ସେ ବିଶ୍ୱାସ କରିବ ଯେ, ଅସ୍ପୃଶ୍ୟତା କେବଳ ଅନ୍ଧ ବିଶ୍ୱାସ । ମନୁଷ୍ୟ ପାଖରେ ସବୁ କିଛି ହିଁ ସମ୍ଭବ..।

ସେଇ ଘଡ଼ି ଘଡ଼ି ବୃନ୍ଦାବନ ଅଭିମୁଖେ ଯାତ୍ରାକଲି । ଅସଂଖ୍ୟ ପଦାତିକଙ୍କ ଭିଡ଼ ଠେଲି ମୁଁ କେବଳ ଜଣଙ୍କୁ ଖୋଜୁଥାଏ, ସେ ହେଉଛନ୍ତି ପ୍ରଭୁ ଶ୍ରୀକୃଷ୍ଣ..। ତାଙ୍କୁ ପାଇବା କ'ଣ ଏତେ ସହଜ ମା ........

ଉତ୍କର୍ଣ୍ଣ ହୋଇ ଶୁଣି ଯାଉଛନ୍ତି ଅହଲ୍ୟା..। କେବେ-କେବେ ବିସ୍ମୟରେ, ଆଉ କେବେକେବେ ଦୁଃଖରେ ଆଖିପତା ତିନ୍ତିତ ହୋଇ ଯାଉଛି ତ ସଂକୁଚି ଯାଉଛି..। କ'ଣ କହିବେ କହିବେ ହୋଇ କହିପାରୁ ନାହାନ୍ତି ଆଉ । ମନଟା ଯେମିତି ସଂକୀର୍ଣ୍ଣ ହୋଇ ଆସୁଛି ଆସ୍ତେ ଆସ୍ତେ....।

—ଦିନ ନାହିଁ.. ଘଡ଼ି ନାହିଁ‥ ଅଖିଆ ଅପିଆ ପଡ଼ି ରହିଥାଏ ମନ୍ଦିର ପ୍ରାଙ୍ଗଣରେ‥। କେବଳ ଏତିକି ମାତ୍ର ମିନତି ଜଣାଇବାପାଇଁ, ସତରେ କ'ଣ ଛୁଆଁ.. ଅଛୁଆଁ ତମେ ଦୁଇଟି ଜାତି ସୃଷ୍ଟି କରିଛ ପ୍ରଭୁ..?

କେତେଥର ଏଇ ପ୍ରଶ୍ନ ପଚାରି ମୁଁ ଅପେକ୍ଷା କରିଛି ମା .... କିନ୍ତୁ ଉତ୍ତର ମିଳିବା ଆଦୌ ସମ୍ଭବ ହେଉନି । ଖରା, ବର୍ଷା, ଶୀତ, କାକର ଖାଇ ଖାଇ ମାସ ମାସ କଟିଗଲା । ତଥାପି ମୋର ଧୈର୍ଯ୍ୟ ଚ୍ୟୁତିନାହିଁ..। ସେଇମିତି ପଡ଼ିରହିଥାଏ ମୁଁ ଗୋଟାଏ ଅଗଣିତ ପଶୁଠାରୁ ବି ହୀନପରି । ମନରେ କି ବ୍ୟାକୁଳତା....କି ଅଭିମାନ‥ସେଇ ଚିର ଅଛୁଆଁ ଶ୍ରୀକୃଷ୍ଣଙ୍କ ବିଗ୍ରହ ପାଖକୁ ଛୁଇଁ ଦେବାପାଇଁ ହାତ ମୋର ବାରମ୍ବାର ପ୍ରସାରି ଯାଉଥାଏ..; କିନ୍ତୁ ମା । ତାହା କ'ଣ କେବେ ସମ୍ଭବ..? ଯାହାକୁ ଧରିବାପାଇଁ ମନା, ସେ ଯଦି ନିଜେ ଧରା ନ ଦେବ ଆସି, ତେବେ ତାଙ୍କୁ ବଳାତ୍କାର ଭାବେ ଧରିବାରେ ବାହାଦୁରି କାହିଁ.....?

କିନ୍ତୁ ମା ! ଗୋଟାଏ ନିଶାର୍ଦ୍ଧରେ ଶୁଣିବାକୁ ପାଇଲି କାହାର ଏକ ହତାଶାର ସ୍ୱର....ଚମକି ଉଠିଲି; ଏଁ....ଏ ଯେ ସେଇ ବୃଦ୍ଧ ସନ୍ୟାସୀ... ଯାହାକି ଖସି ଲାଂଛିତ ହୋଇ ଗୋଟାଏ ହୀନ ନରାଧମପରି ପଡ଼ି ରହିଛି ଏଠି‥। ସେ ପୁଣି କାହିଁକି ମୋ ପିଛା ଧରିଛନ୍ତି‥? ଅହେତୁ ଅଭିମାନରେ ମୁହଁ ଫେରାଇ ଆସିଲି ମୁଁ ; କିନ୍ତୁ ଏ ପାଖରେ ସ୍ୱୟଂ ଶ୍ରୀକୃଷ୍ଣଙ୍କ ଦରହସିତ ମୁହଁ....ହାତ ବଢ଼ାଇ ଡାକୁଛନ୍ତି, ଯେମିତି କାହିଁ କେଉଁ ଯୁଗର ମୁଁ ଦାସ ତାଙ୍କର ........। ବିସ୍ମୟରେ ନିବୁଜ ହୋଇ ଆସିଲା ମୋ ଦୁଇ ଆଖି....। ସେଇ ବୁଜା ଆଖି ଭିତରେ ବି ମୁଁ ଦେଖିବାକୁ ପାଇଲି ପୁଣି ସେଇ ସନ୍ୟାସୀଙ୍କୁ ... ଭିକାରି ଭଳି ଦେଖାଇ କହୁଛନ୍ତି, ଅନେକ ଦିନୁ ମୁଁ କ୍ଷୁଧିତ ବାପା.....କିଛି ହାତ ତିଆରି ବ୍ୟଞ୍ଜନ ନାହିଁ....? ସେଇ ଅର୍ଦ୍ଧ ଜାଗରଣ ଅବସ୍ଥାରେ ବି ମୁଁ ପ୍ରତିଶୋଧ ନେବାକୁ ଭୁଲି ନାହିଁ · ଘୃଣିତ କଣ୍ଠରେ ଉତ୍ତରଦେଲି, ଏ ଅଛୁଆଁ ହାତ ତିଆରି ବ୍ୟଞ୍ଜନ ଗ୍ରହଣରେ ଆପଣ ଅପବିତ୍ର ହୋଇ ଯିବେନି ସନ୍ୟାସୀ ମହାଶୟ.....? କିନ୍ତୁ ଏ ସେଇ ବୃଦ୍ଧ ସନ୍ୟାସୀଙ୍କ ଭିତରେ ମୁଁ ଦେଖିବାକୁ ପାଇଲି ଶ୍ରୀକୃଷ୍ଣଙ୍କୁ‥। ମୋତେ ଜାକିଧରି

କହୁଛନ୍ତି, ଆଉ ଅଭିମାନ କରନାହିଁ....ଉଠ**ଉଠ ତମେ ଏଥର..। ମନୁଷ୍ୟ କ'ଣ କେବେ ଅସ୍ପୃଶ୍ୟ ହୋଇପାରେ....? ଅନ୍ଧାର ଆଲୁଅର ଲୁଚକାଳି ଖେଳ ପରି, ମୋର ଅର୍ଦ୍ଧ ଜାଗରଣ ଅର୍ଦ୍ଧ ନିଦ୍ରିତ ଅବସ୍ଥାରେ ଯାହା ଘଟିଗଲା, ସେ' କ'ଣ ମା ଭୁଲିବାର....?

ମୋର ପୁନର୍ଜନ୍ମ ଲାଭହେଲା ଯେମିତି....ଉଠି ବସିଲି, କାହିଁ କେହିତ ନାହାନ୍ତି....। ଚତୁଃପାର୍ଶ୍ୱ ମୋର ନୀରବ-ନିର୍ଜନ**; କିନ୍ତୁ ସେ ସ୍ପର୍ଶ, ସେ ଅମୃତବାଣୀ ମୋ ଚେତନା ସ୍ରୋତରେ ଭରିଦେଲା ଅମାପ ଶକ୍ତି**। ସେ ସ୍ୱର ଶୁଣାଯାଉଚି ଯେମିତି ଅତି ସ୍ପଷ୍ଟ**। ସେ ସ୍ପର୍ଶ ଜଣାଯାଉଚି ଯେମିତି ଅତି ଆପଣାର ।

ଆଖିରେ ମୋର ଲୁହ ଝୁଲି ଆସିଲା**।

ଭାବିଲି, ମଣିଷଗୁଡ଼ାକଙ୍କର କି ଅଦ୍ଭୁତ ଅହଙ୍କାର ! ଈଶ୍ୱର ଯାହାକୁ ସ୍ପର୍ଶ କରୁଛନ୍ତି, ତାକୁ ମଣିଷ ଅସ୍ପୃଶ୍ୟ କହି ଲାଂଛିତ କରୁଚି**। ମଥା ମୋର ଆପେ ଆପେ ନତ ହୋଇଯାଇ ବିନମ୍ର ପ୍ରଣତି ଜଣାଇଲା, ପ୍ରଭୁ । ଏ ଅଜ୍ଞ ମନୁଷ୍ୟକୁ କ୍ଷମା ଦିଅ........

ଅହଲ୍ୟାଙ୍କର ମନେହେଲା, ତାଙ୍କର ଦୁଇ ସଂକୁଚିତ ହସ୍ତ ଯେମିତି ଚୋଲି ଧରୁଚି ସେଇ ସୁସ୍ଥ ସୁନ୍ଦର ଗୋଲ୍ ଗାଲ ନାତିଟିକୁ ଏବଂ ତାର କଅଁଳ ଗାଲରେ ଭାବ ବିହ୍ୱଳ ହୋଇ ଅଜସ୍ର ଚୋବଦେଇ ଚାଲିଛନ୍ତି ସେ........

ତା' ପରେ ପରେ ସ୍ୱମୀଜୀଙ୍କ ସନ୍ୟାସୀ ଜୀବନ ଆରମ୍ଭ ହୋଇ, ସନାତନ ନାୟକ ସ୍ଥାନରେ କିପରି ସ୍ୱାମୀ ସଦାନନ୍ଦଜୀ ଜନ୍ମନେଲା ଆଉ ଶୁଣିବାପାଇଁ ଆଗ୍ରହ ନ ଥିଲା ଅହଲ୍ୟାଙ୍କର.....। ସେ ଅନୁଭବକଲେ, ପୂର୍ବପରି ସ୍ୱାମୀଜୀ କାହାଣୀ ଶୁଣାଇଲା ପରେ ସେ ଯେମିତି ଭୂମିଷ୍ଠ ପ୍ରଣାମ ଜଣାନ୍ତି, ଠିକ୍ ସେଇ ଭଳି ସେ ଭୂମିଷ୍ଠ ହୋଇ ପଡ଼ିଛନ୍ତି ସ୍ୱାମୀଜୀଙ୍କ ଚରଣ ତଳେ........

—ଃ୦ଃ—

## କୃତ୍ରିମ ଅଭାବ ସୃଷ୍ଟି କରୁଥିବା ବ୍ୟବସାୟୀମାନଙ୍କୁ ଚେତାବନୀ

୧୯୭୭ ଜାନୁଆରୀ ୮ ତାରିଖ ଦିନ କୋରାପୁଟ ଜିଲ୍ଲାର ଜୟପୁରଠାରେ ନାଗରିକ ଦ୍ୱାରା ଆୟୋଜିତ ଏକ ଜନସମାବେଶରେ ପୌରୋହିତ୍ୟକରି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ଉଲାକା କହିଲେ ଯେ ସମାଜରେ ଥିବା ଦୁର୍ବଳ ଶ୍ରେଣୀ ଲୋକଙ୍କର ଆର୍ଥିକ ଓ ସାମାଜିକ ବିକାଶ ନିମନ୍ତେ ୨୦ ଦଫା କାର୍ଯ୍ୟକ୍ରମକୁ ସଫଳ କରିବା ବର୍ତ୍ତମାନର ସରକାରଙ୍କ ପ୍ରଧାନ ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମ ସହିତ ଜନସାଧାରଣଙ୍କୁ ଜଡ଼ିତ କରାଇବା ଦିଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ମୁଖ୍ୟ ଭୂମିକା ଗ୍ରହଣ କରିବା ଉଚିତ ବୋଲି ଶ୍ରୀ ଉଲାକା ପ୍ରକାଶ କରିଥିଲେ ।

ଏହାପରେ ପଣ୍ଡରା ଓ କୋଇନଗଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ଉଲାକା କହିଲେ ଯେ ମରୁଡ଼ି ପରିସ୍ଥିତିର ସୁଯୋଗ ନେଇ ରାଜ୍ୟରେ କୃତ୍ରିମ ଅଭାବ ସୃଷ୍ଟି କରିବା ପାଇଁ ଉଦ୍ୟମ କରୁଥିବା ଅସାଧୁ ଓ ମୁନାଫାଖୋର ବ୍ୟବସାୟୀଙ୍କୁ କଠୋର ହସ୍ତରେ ଦମନ କରିବାକୁ ସରକାର କେବେହେଲେ ପଛେଇବେ ନାହିଁ । ତେଣୁ ଏ ଦିଗରେ ଜନସାଧାରଣ ସରକାରଙ୍କ ସହିତ ସହଯୋଗ କରିବା ପାଇଁ ଶ୍ରୀ ଉଲାକା ନିବେଦନ କରିଥିଲେ ଓ ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେଠାରେ ଉପସ୍ଥିତ ଥିବା ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ORISSA MARCHES AHEAD IN FAMILY PLANNING

By the end of October 1976, the State has performed 1,96,036 Sterilisations and has exceeded the annual target of 1·95 lakhs fixed by Government of India.

During September, 1976 alone the State performed 70,000 Sterilisations with an average of more than 2,000 Sterilisations per day.

This remarkable achievement has been possible only through education and motivation and without any element of compulsion or extra incentives.

Our achievements in the field of Family Planning are as follows :—

| Year | Method | | Target | Achievement | Per-centage |
|---|---|---|---|---|---|
| 1975-76 | Sterilisation | .. | 1,09,200 | 1,25,040 | 114% |
| | I. U. D. | .. | 32,300 | 23,976 | 74% |
| | C. C. Users | .. | 49,800 | 43,557 | 87% |
| 1976-77 (till October 1976). | Sterilisation | .. | 1,95,500 | 2,22,430 | 114% |
| | I. U. D. | .. | 32,500 | 12,489 | 38% |
| | C. C. Users | .. | 41,100 | 27,871 | 68% |

Since inception till the end of November, 1976

| | | |
|---|---|---|
| Sterilisation | .. | 11,40,326 |
| I. U. D. | | 3,67,737 |

State Family Planning Bureau
Bhubaneswar

# ଓଡ଼ିଆ ଭାଷାରେ ଲିଖିତ ବିଶ୍ୱବିଦ୍ୟାଳୟସ୍ତରୀୟ ପାଠ୍ୟପୁସ୍ତକ ପ୍ରଣୟନ

ଡକ୍ଟର ଗଦାଧର ମିଶ୍ର

ଉଚ୍ଚ ହେବାପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।

—ସ୍ୱଭାବ କବି ଗଙ୍ଗାଧର

କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଅଧ୍ୟାପନା ଓ ଅଧ୍ୟୟନ କାର୍ଯ୍ୟ ଭାରତୀୟ ଭାଷାରେ ସମାହିତ ହେବା ସର୍ବଥା ସମୀଚୀନ ; ଏ କଥା ବହୁ ଯୁକ୍ତିଯୁକ୍ତ କାରଣ ସହ ଅତି ବଳିଷ୍ଠ ଭାବରେ ଉପସ୍ଥାପିତ କଲେ କୋଠାରୀ କମିସନ (୧୯୬୪—୬୬) ।

କୋଠାରୀ କମିସନଙ୍କ ଯୁକ୍ତି ମଧ୍ୟରେ ପ୍ରଧାନ କେତୋଟି ହେଉଛି ଯେ ଭାରତ ବର୍ଷରେ ଗଣତନ୍ତ୍ର ଓ ସମାଜବାଦର ପ୍ରକୃତ ବିକାଶ ହେବ ଉଚ୍ଚ ଶିକ୍ଷାୟତନ-ମାନଙ୍କରେ ଆଞ୍ଚଳିକ ଭାଷାରେ ଅଧ୍ୟୟନ କାର୍ଯ୍ୟର ପ୍ରସାର ମାଧ୍ୟମରେ । ଭାରତର ମୁଷ୍ଟିମେୟ ଉଚ୍ଚ ଶିକ୍ଷିତ ଓ କୋଟି କୋଟି ନିରକ୍ଷର ଜନତାଙ୍କ ମଧ୍ୟରେ ବିଦେଶୀ ଭାଷା ଯୋଗୁଁ ବୁଝାମଣାର ଯେଉଁ ଅସୁବିଧା ରହୁଛି ଏବଂ ସେହି ଦୃଷ୍ଟିରୁ ଆମ ସରକାରଙ୍କ ଉନ୍ନୟନ-ମୂଳକ କାର୍ଯ୍ୟକ୍ରମଗୁଡ଼ିକ ଆନ୍ତରିକତାର ସହିତ କାର୍ଯ୍ୟକାରୀ ହେବାରେ ଯେଉଁ ବ୍ୟାଘାତ ସୃଷ୍ଟି ହେଉଛି, ତାହାର ଦୂରୀକରଣ ହୋଇପାରିବ ଆଞ୍ଚଳିକ ଭାଷାରେ ଲିଖିତ ପାଠ୍ୟକ୍ରମରେ, ବିଜ୍ଞାନ ତଥା ବୈଷୟିକ ଜ୍ଞାନ ସମ୍ବନ୍ଧୀୟ ଜଟିଳ ଜ୍ଞାନରାଶି କଲେଜ ଓ ବିଶ୍ୱବିଦ୍ୟାଳୟ ବିଜ୍ଞାନାଗାର ଗୁଡ଼ିକରେ ସୀମିତ ନ ରହି ଗାଁ ଗହଳର କୃଷି ମୂଲିଆଙ୍କ ମଧ୍ୟରେ ଓ ସହରରେ ଶ୍ରମିକମାନଙ୍କ ମଧ୍ୟରେ ଆଞ୍ଚଳିକ ଭାଷାର ମାଧ୍ୟମରେ ହିଁ ପ୍ରସାରିତ ହୋଇପାରିବ । ଛାତ୍ର ଛାତ୍ରୀମାନେ ଅଧ୍ୟାପକ ଅଧ୍ୟାପିକାମାନଙ୍କର ବକ୍ତୃତା-କ୍ଲିଷ୍ଟ ବିଦେଶୀ ଭାଷାରେ ଶୁଣି ଅବୋଧ୍ୟତା-ଅନ୍ଧକାରରେ ପଥହରା ନ ହୋଇ ଆଞ୍ଚଳିକ ଭାଷା ମାଧ୍ୟମରେ ସେଗୁଡ଼ିକର ଭାବ ହୃଦୟଙ୍ଗମ କରି ପ୍ରକୃତ ଜ୍ଞାନରାଶି ଆହରଣ କରି ବ୍ୟବହାରିକ

ସେଥିରେ ସେଗୁଡ଼ିକର ଯଥାଯଥ ପ୍ରୟୋଗ କରିବେ ଦେଶ ଓ ଦଶର ମଙ୍ଗଳ ସାଧନ କରିପାରିବେ । ଆଞ୍ଚଳିକ ଭାଷାରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ଓ ଅଧ୍ୟୟନ କାର୍ଯ୍ୟ ଚାଲିଲେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲୁକ୍କାୟିତ ଭାବରେ ରହିଥିବା ଅନ୍ତର୍ନିହିତ ସୃଜନଶୀଳତାର ଉନ୍ମେଷ ଓ କ୍ରମବିକାଶ ହୋଇପାରିବ । ତାହାହିଁ ସେମାନଙ୍କୁ ପ୍ରକୃତ ଶିକ୍ଷା-ପଥରେ ଅଗ୍ରସର କରାଇବାରେ ସମଧିକ ପରିମାଣରେ ସହାୟକ ହୋଇପାରିବ, ଏହା ନିଃସନ୍ଦେହରେ ସ୍ୱୀକାର କରିବାକୁ ହେବ ।

ତତ୍‌କାଳୀନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡକ୍‌ଟର ତ୍ରିଗୁଣା ସେନ୍ ୧୯୬୭ ମସିହାରେ ଭାରତର ସବୁ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ଏକ ସମ୍ମିଳନୀରେ ଏକତ୍ରିତ କରାଇ କୋଠାରୀ କମିସନଙ୍କ ସୁପାରିଶ ଗୁଡ଼ିକୁ ଉପସ୍ଥାପିତ କଲେ ଓ କୁଳପତି ମାନଙ୍କର ମତାମତ ଜାଣିବାକୁ ଇଚ୍ଛା ପ୍ରକାଶ କଲେ । ଅତି ଆନନ୍ଦର ସହିତ କୁଳପତି ସମ୍ମିଳନୀ କୋଠାରୀ କମିସନ୍‌ଙ୍କ ସୁପାରିସକୁ ସର୍ବସମ୍ମତିକ୍ରମେ ଅନୁମୋଦନ କଲେ । କେନ୍ଦ୍ର ସରକାରଙ୍କ ୧୯୬୮ ଜାନୁଆରୀ ୧୮ ତାରିଖ ଦିନ ଭାରତ ପାର୍ଲିଆମେଣ୍ଟର ଉଭୟ ସଦନରେ, ଏହା ଉପରେ ଆଧାରିତ ଜାତୀୟ ଶିକ୍ଷାନୀତି ଉପସ୍ଥାପିତ କଲେ । ଏହାର ମୂଳକଥା ହେଉଛି ସହଯୋଗୀ ଇଂରେଜୀ ଭାଷା ସହିତ ଭାରତର ଅନ୍ୟ ତେରଗୋଟି ଆଞ୍ଚଳିକ ଭାଷାରେ କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଅଧ୍ୟୟନ ଓ ଅଧ୍ୟାପନା କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇ ପାରିବ ଏବଂ ସେଥିପାଇଁ ଭାରତ ସରକାର ଯଥାର୍ଥତଃ ନୀତି ନିର୍ଦ୍ଧାରଣ କଲେ । ଏହି ନୀତିକୁ କାର୍ଯ୍ୟକାରୀ କରିବାପାଇଁ କେନ୍ଦ୍ର ସରକାର ତେରଗୋଟି ଭାଷାରେ ଉଚ୍ଚକୋଟୀର ବିଶ୍ୱବିଦ୍ୟାଳୟ ସ୍ତରୀୟ ପାଠ୍ୟପୁସ୍ତକ ପ୍ରଣୟନ କରିବାପାଇଁ ଅର୍ଥିକ ସାହାଯ୍ୟ ଘୋଷଣା କଲେ । ଏହି ନୀତି ଅନୁସାରେ ଓଡ଼ିଶାରେ ୧୯୭୦ ମାର୍ଚ୍ଚ ୧୧ ତାରିଖ ଦିନ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଗଠିତ ହେଲା । ରାଜ୍ୟର ଶିକ୍ଷାମନ୍ତ୍ରୀ ଏହି ସଂସ୍ଥାର ସଭାପତି ଓ ଶିକ୍ଷା ସଚିବ ଏହାର ଉପସଭାପତି । ଏହାର କାର୍ଯ୍ୟକାରୀ କମିଟି ଓ ପରିଚାଳନା ସଭାରେ ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍‌ମାନେ ରହିଛନ୍ତି ଓ ସେମାନଙ୍କର ସୁଚିନ୍ତିତ ପରାମର୍ଶ କ୍ରମେ ବିପୁଳ ଉତ୍ସାହରେ ଏହାର କାର୍ଯ୍ୟ ସୁସ୍ଥୁରୂପେ ସମାହିତ ହେଉଅଛି । ଏହି ସଂସ୍ଥାର ଉଦ୍ଦେଶ୍ୟ ନିମ୍ନରେ ପ୍ରଦତ୍ତ ହେଲା—

୧ । ସାଧାରଣ ଭାବେ ଶିକ୍ଷା ପ୍ରସାରରେ ସହାୟତା-ଦାନ ଓ ଏହାର ଉନ୍ନତି ବିଧାନ ।

୨ । ପାଠ୍ୟପୁସ୍ତକ ଶିକ୍ଷକମାନଙ୍କ ନିମନ୍ତେ ନିର୍ଦ୍ଦେଶନ-ପୁସ୍ତକ, ଛାତ୍ରମାନଙ୍କ ପାଇଁ ସହାୟକ ବହି, ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିକ୍ଷାଦାନ ଓ ବିଦ୍ୟାଚର୍ଚ୍ଚାର ପ୍ରସାର ଉପଯୋଗୀ ଶିକ୍ଷା ସମ୍ପର୍କୀୟ ସାହିତ୍ୟ ଏବଂ ଓଡ଼ିଶାର ଆଞ୍ଚଳିକ ଭାଷାରେ ଉଚ୍ଚଶିକ୍ଷା ନିମନ୍ତେ ଆବଶ୍ୟକ ପୁସ୍ତକ ପ୍ରଣୟନ ।

୩ । ଓଡ଼ିଆରେ ପାଠ୍ୟପୁସ୍ତକ ରଚନାରେ ଜ୍ଞାନୀ, ଅଭିଜ୍ଞ ଓ ପ୍ରବୀଣ ଲେଖକମାନଙ୍କ ସହଯୋଗ ଏବଂ ସମାଜଙ୍କୁ ଉତ୍ସାହ ଦାନ । ସରକାର ଅଥବା ଅନ୍ୟାନ୍ୟ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଶିକ୍ଷାର ବିଭିନ୍ନ ସ୍ତର ଓ ପାଠ୍ୟକ୍ରମ ନିମନ୍ତେ ନିର୍ଦ୍ଧାରିତ ବିଭିନ୍ନ ବିଷୟରେ ପ୍ରାମାଣିକ ପୁସ୍ତକଗୁଡ଼ିକର ଓଡ଼ିଆରେ ଅନୁବାଦ, ସରକାର ବା ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କୁ ଆବେଦନ କରି ଏ ପୁସ୍ତକଗୁଡ଼ିକ ନିମନ୍ତେ ସେମାନଙ୍କ ଅନୁମୋଦନ ଲାଭ ।

୪ । ପାଠ୍ୟପୁସ୍ତକ ପ୍ରଣୟନ ସମ୍ପର୍କରେ ଗବେଷଣାର ବ୍ୟବସ୍ଥା ଓ ଏଥିନିମନ୍ତେ ସହାୟତା, ଶିକ୍ଷାର ବିଭିନ୍ନ ପଦ୍ଧତି ସମ୍ବଳିତ ଶିକ୍ଷା ସମ୍ପର୍କୀୟ ସାହିତ୍ୟର ଗବେଷଣା ଶିକ୍ଷା ବ୍ୟାପାରରେ ସହାୟତା, ସାଧାରଣ ଶିକ୍ଷାଗତ ମାନଦଣ୍ଡରେ ସହଯୋଗ ।

୫ । ସାଧାରଣ ଶିକ୍ଷାଗତ ମାନର ଉନ୍ନତିବିଧାନ ଉଦ୍ଦେଶ୍ୟରେ ପାଠ୍ୟକ୍ରମ ଓ ଶିକ୍ଷାକ୍ରମ ବିଷୟରେ ସରକାର ଓ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଓ ସୁପାରିଶ ; ଏହାର ସୁଚିନ୍ତିତ ପରିକଳ୍ପନା ଓ ଅଧିକ ଉନ୍ନତି ଲାଗି ପନ୍ଥା ନିର୍ଦ୍ଧାରଣ ।

୬ । ଗ୍ରନ୍ଥାଗାର ସ୍ଥାପନ ଓ ସଂରକ୍ଷଣପୂର୍ବକ ସାଧାରଣତଃ ଗବେଷଣାରେ ସହାୟତା ଏବଂ ବିଶେଷ-ଭାବେ ଶିକ୍ଷାକ୍ରମ, ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ପ୍ରଣୟନ ସମ୍ପର୍କରେ ସୁଯୋଗ ଦାନ ।

୭ । ଭାରତ ସରକାର ବା ଓଡ଼ିଶା ସରକାରଙ୍କ ଅନୁକୂଲ୍ୟରେ ଲାଭ କରୁଥିବା ଦାନପତ୍ରଗୁଡ଼ିକର ସଂରକ୍ଷଣ ଉପଯୋଗ ଓ ସନ୍ତୋଷଜନକ ହିସାବରକ୍ଷା ।

୮ । ପୁସ୍ତକଗୁଡ଼ିକର ଅବାଧ ଯୋଗାଣ ସଂପର୍କରେ ଯେକୌଣସି ଯୋଜନା କାର୍ଯ୍ୟକାରୀ କରିବା ।


୧୯୭୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହି ସଂସ୍ଥା କେନ୍ଦ୍ର ସରକାରଙ୍କ ଠାରୁ ୪୧·୫ ଲକ୍ଷ ଟଙ୍କା ଆର୍ଥିକ ସାହାଯ୍ୟ ପାଇଅଛି । ଅଜି ସୁଦ୍ଧା ଏହି ସଂସ୍ଥା ଦ୍ୱାରା ୧୫୫ ଖଣ୍ଡି ପାଠ୍ୟପୁସ୍ତକ ପ୍ରକାଶିତ ହୋଇ ସାରିଲାଣି । ଇଣ୍ଟର

ମିଡିଏଟ୍ ଶ୍ରେଣୀ ପାଇଁ କଳା, ବିଜ୍ଞାନ ଓ ବାଣିଜ୍ୟରେ ପ୍ରାୟ ସମସ୍ତ ପାଠ୍ୟପୁସ୍ତକ ପ୍ରଣୀତ ହୋଇସାରିଲାଣି । ଡିଗ୍ରୀ ପାସ୍ ଓ ଡିଗ୍ରୀ ଅନର୍ସ କ୍ଲାସ ପାଇଁ ମଧ୍ୟ ଅନେକ-ଗୁଡ଼ିଏ ଉପାଦେୟ ପୁସ୍ତକ ପ୍ରକାଶିତ ହୋଇଛି । ଓଡ଼ିଶାର ବିଶ୍ୱବିଦ୍ୟାଳୟ ଓ କଲେଜର ଅଧ୍ୟାପକ, ଅଧ୍ୟାପିକାବୃନ୍ଦ ଏହି ପାଠ୍ୟପୁସ୍ତକଗୁଡ଼ିକୁ ପ୍ରଣୟନ କରିଛନ୍ତି । ସେଗୁଡ଼ିକ ପୁଣି ବିଶିଷ୍ଟ ଅଧ୍ୟାପକମାନେ ସମୀକ୍ଷା କରିଛନ୍ତି ଓ ସେଗୁଡ଼ିକର ଭାଷା ସଂଶୋଧନ ମଧ୍ୟ ଭାଷା ବିଶେଷଜ୍ଞଙ୍କ ଦ୍ୱାରା ହୋଇଅଛି । ପ୍ରତି ବିଷୟରେ ବିଶେଷଜ୍ଞମାନଙ୍କର ଏକ କମିଟି ସେହି ବିଷୟରେ କେଉଁ ପୁସ୍ତକ ପ୍ରଣୀତ ହେବ ଓ କିଏ ସେ ପୁସ୍ତକ ଲେଖିବେ ଓ କିଏ ସମୀକ୍ଷା କରିବେ ତାହା ସ୍ଥିର କରିଛନ୍ତି । ମୋଟ ଉପରେ ଅତି ବିଶିଷ୍ଟ ବିଶେଷଜ୍ଞ ଅଧ୍ୟାପକ ଓ ଅଧ୍ୟାପିକାମାନେ ଆମ ପୁସ୍ତକର ଲେଖକ ଓ ସମୀକ୍ଷକରୂପେ କାର୍ଯ୍ୟ କରି ଏହି ସଂସ୍ଥାର ପ୍ରକାଶିତ ପୁସ୍ତକଗୁଡ଼ିକର ଗୁଣାତ୍ମକ ମାନ ଉନ୍ନତ ଓ ଅକ୍ଷୁର୍ଣ୍ଣ ରଖିଛନ୍ତି । ବର୍ତ୍ତମାନ ଆମ ସଂସ୍ଥାରେ ପ୍ରାୟ ଦଶ ଲକ୍ଷ ଟଙ୍କା ମୂଲ୍ୟର ପୁସ୍ତକ ଗଚ୍ଛିତ ହୋଇ ରହିଛି । ପୁସ୍ତକ ପ୍ରକାଶିତ ଓ ଗଚ୍ଛିତ ହୋଇ ରହିଲେ ଭାରତ ସରକାରଙ୍କ ଜାତୀୟ ଶିକ୍ଷା ନୀତିର ଉଦ୍ଦେଶ୍ୟ ସାଧିତ ହେବ ନାହିଁ । ପ୍ରତି କଲେଜରେ ଅଧ୍ୟାପକ ଅଧ୍ୟା-ପିକାମାନେ ସହୃଦୟତାର ସହିତ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ କରିବା ଫଳରେହିଁ ଛାତ୍ର ଛାତ୍ରୀମାନେ ଆଞ୍ଚଳିକ ଭାଷା ପ୍ରତି ଆକୃଷ୍ଟ ହେବେ । ଛାତ୍ର ଛାତ୍ରୀମାନେ ଆଞ୍ଚଳିକ ଭାଷାରେ ପ୍ରତି ବିଷୟ ଅଧ୍ୟୟନ କରି କଲେଜ ଓ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଆଞ୍ଚଳିକ ଭାଷାରେ ଉତ୍ତର ପ୍ରଦାନ କରିବା ଫଳରେ ଜାତୀୟ ଶିକ୍ଷାନୀତି କ୍ରମଶଃ ଆଦୃତ ଓ ଗୃହୀତ ହେଲା ବୋଲି ସ୍ୱୀକୃତ ହେବ । ତେଣୁ ଆମର ସୁଧୀ ଅଧ୍ୟାପକ ଅଧ୍ୟାପିକାବୃନ୍ଦଙ୍କୁ ମୁଁ ବିନୀତ ଭାବରେ ନିବେଦନ କରୁଛି ଯେ ସେମାନେ ଓଡ଼ିଆ ଭାଷା ମାଧ୍ୟମରେ କଲେଜରେ ଅଧ୍ୟାପନା ପ୍ରତି ସମଧିକ ମନୋନିବେଶ କରନ୍ତୁ ଏବଂ ଛାତ୍ର ଛାତ୍ରୀମାନେ ଓଡ଼ିଆ ଭାଷାରେ ପ୍ରତି ବିଷୟ ଅଧ୍ୟୟନ କରନ୍ତୁ । ଓଡ଼ିଆ ଭାଷା କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ସୁପ୍ରତିଷ୍ଠିତ ହେଉ । ଆମର ପୂର୍ବ ସୂରି ଗଙ୍ଗାଧର ମେହେର, ଫକୀର ମୋହନ ସେନାପତି ପ୍ରଭୃତି ଏହି ଓଡ଼ିଆ ଭାଷା ବଂଚି ରହିବା ପାଇଁ ଯେଉଁ ଆପ୍ରାଣ ଚେଷ୍ଟା କରିଥିଲେ କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରୀୟ ପାଠ୍ୟକ୍ରମରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଦ୍ୱାରା ସେମାନଙ୍କର ସେହି ମହନୀୟ ସ୍ୱପ୍ନ ସର୍ବାଙ୍ଗୀନ ସଫଳତା ଲାଭ କରି ପାରିବ ଏବଂ ଏ ଜାତିର ମହତ୍ତ୍ୱ ଅଧିକ ସୁପ୍ରତିଷ୍ଠିତ ହୋଇପାରିବ ।



ଗତ ୨୫-୧୧-୧୯୭୬ ତାରିଖରେ ଟିଟିଲାଗଡ଼ ଡି. ଏ. ଭି କଲେଜର ଦ୍ୱିତୀୟ ଛାତ୍ରାବାସ "ଗୋପବନ୍ଧୁ ଛାତ୍ରାବାସ" ଉଦ୍‌ଘାଟନ ଉତ୍ସବରେ ଉଦ୍‌ଘାଟକ ଡଃ ଖୋସଲା, ଓ କଲେଜର କର୍ମକର୍ତ୍ତାବୃନ୍ଦ

# ମୁଖ୍ୟ ଶିଳ୍ପ ସଂସ୍ଥା ଗୁଡ଼ିକର ପରିପୁଷ୍ଟି ନିମନ୍ତେ ରାଉରକେଲା ଇସ୍ପାତ କାରଖାନା ତରଫରୁ ଆବଶ୍ୟକୀୟ ଯୋଗାଣ



ଗୁରୁତ୍ୱପୂର୍ଣ୍ଣ ମୁଖ୍ୟ ଶିଳ୍ପୋଦ୍ୟୋଗ ଗୁଡ଼ିକ ଯଥା :—ଜାହାଜ ନିର୍ମାଣ, ମୋଟର ଗାଡ଼ି, ରେଳ ଇଂଜିନ, ବଗି ଶିଳ୍ପ, ଯାନବାହନ ନିର୍ମାଣ, ଡାଇନାମୋ, ଟ୍ରାନ୍ସଫର୍ମର, ନଳ ଓ ପାଇପ, ଘରୋଇ ଉପକରଣ, କୃଷି ତଥା ପ୍ରତିରକ୍ଷା ପାଇଁ ଆବଶ୍ୟକୀୟ ଦ୍ରବ୍ୟାଦି ଆଦି ଆମର ଜାତୀୟ ଅର୍ଥନୀତିର ମୂଳ ଭିତ୍ତି ସ୍ୱରୂପ ।

ଏଗୁଡ଼ିକ ବ୍ୟତୀତ ଅର୍ଥନୀତିର ଦୃଢ଼ତା କଥା, କୌଣସି ଜାତି ମଧ୍ୟ ଚିନ୍ତା କରି ପାରେ ନା ।

ଏହି ସବୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପସଂସ୍ଥା ଗୁଡ଼ିକର ପରିପୁଷ୍ଟି ପାଇଁ ମୌଳିକ ଆବଶ୍ୟକତା ସ୍ୱରୂପ ରାଉରକେଲାର ଫ୍ଲାଟ୍ ଦ୍ରବ୍ୟ, ଅଧୁନିକ ଧରଣର ପ୍ଲେଟ୍, ହଟ୍ ଓ କୋଲ୍ଡ ରୋଲ୍ଡ ସିଟ୍ ଏବଂ ଷ୍ଟ୍ରିପ୍, ଟିନ୍ ପ୍ଲେଟ୍, ଗାଲଭାନାଇଜ୍ଡ ସିଟ୍, ଇଲେକ୍ଟ୍ରିକାଲ୍ ସିଟ୍, ପାଇପ ଇତ୍ୟାଦି ଯୋଗାଇ ଦିଆ ଯାଇ ଥାଏ ।

ରାଉରକେଲା ଠାରେ ଅଧୁନିକ ଧରଣର ଉତ୍ପାଦନ ପ୍ରଣାଳୀ ଅନୁସୃତ ହେଉଛି । ଉଦାହରଣ ସ୍ୱରୂପ, ବଡ଼ଆକାର ବ୍ୟାସ ପାଇପ ପ୍ଲାଣ୍ଟ—ଏକ ଉଲ୍ଲେଖଯୋଗ୍ୟ ସାଫଲ୍ୟ । ଏହା ବ୍ୟତୀତ, ସାର କାରଖାନାରୁ ସୁପରିଚିତ 'ସୋନା' ସାର ଏବଂ ଏହାର ବାଇ-ପ୍ରଡକ୍ଟ କାରଖାନାରୁ 'ବର୍ଣ୍ଣ' ସାର ଓ ବହୁ ଉପଜାତ ଦ୍ରବ୍ୟ ଉତ୍ପାଦନ ହୋଇ ଥାଏ ।

"ମୁଖ୍ୟ ଶିଳ୍ପସଂସ୍ଥା ପାଇଁ ଆବଶ୍ୟକୀୟ ମୌଳିକ ଦ୍ରବ୍ୟ ଯୋଗାଣ" ବଢ଼ାଇ ଚାଲିଅଛି । ଯେତେବେଳେ ପ୍ରତିବର୍ଷର ଅଧିକ ଚାହିଦା, ଅଧିକ ଶିଳ୍ପସଂସ୍ଥାକୁ ଅଧିକ ଧରଣର ଉନ୍ନତମାନ ଦ୍ରବ୍ୟ ଯୋଗାଇଦେବା ନିମନ୍ତେ ରାଉରକେଲା ଇସ୍ପାତ କାରଖାନା ପ୍ରତିଶ୍ରୁତିବଦ୍ଧ ।

ରାଉରକେଲା ଇସ୍ପାତ କାରଖାନା

# ସଙ୍କର ଜର୍ସି ଗାଈ ପାଳନ


ଅଧ୍ୟାପକ ବିଭୂତିଭୂଷଣ ରଥ

ଭାରତ ବର୍ଷର ଗ୍ରାମାଞ୍ଚଳ ଏବଂ ଆମ ରାଜ୍ୟରେ ଆଜିକାଲି ସମସ୍ତେ ହଲଷ୍ଟିନ୍, ଜର୍ସି, ବ୍ରାଉନ୍ ସ୍ୱିସ୍ ଆଦି ବୈଦେଶିକ ଗୋରୁଙ୍କ ବିଷୟରେ କିଛି କିଛି ଜାଣିଲେଣି ଦିନକୁ ୬୦—୮୦ ପାଉଣ୍ଡ ଏପରିକି କେତେକ ହଲଷ୍ଟିନ୍ ୧୦୦ ପାଉଣ୍ଡରୁ ଅଧିକ ଦୁଧ ଦେଇ ଆଧୁନିକ କାମଧେନୁ ହୋଇଛନ୍ତି । କ୍ରମଶଃ ଏମାନେ ଆମ ଦେଶରେ ପ୍ରସାରଲାଭ କଲେଣି । ବିଶେଷକରି ଆମ ରାଜ୍ୟରେ ବର୍ତ୍ତମାନ ଜର୍ସି ଖୁବ୍ ଲୋକପ୍ରିୟ ହେଉଛି । ପଶୁପାଳନ "ଗ୍ରାମକେନ୍ଦ୍ର" (କି ଭିଲେଜ) ଓ "ସଘନ ଗୋ-ଉନ୍ନୟନ ଯୋଜନା" ଅଞ୍ଚଳରେ ଏହାର ଦ୍ରୁତ ପ୍ରସାର ହେଉଛି । ଏପରି ଆଉ କିଛିଦିନ ଚାଲିଲେ, ଅଖିଳ ସର୍ବଭାରତୀୟ ସ୍ତରରେ ଜଣପିଛା ଦିନକୁ ପ୍ରାୟ ୧୬୦ ଗ୍ରାମ, ପଞ୍ଜାବ-ହରିୟାଣାରେ ୩୬୫ ଗ୍ରାମ ଦୁଧ ମିଳୁଥିଲାବେଳେ, ଆମ ଓଡ଼ିଶାରେ ଯେ ଦିନକୁ ମାତ୍ର ୬୫ ଗ୍ରାମ ଦୁଧ ମିଳୁଛି ତାହା ଅନ୍ତତଃ ବଢ଼ି ବଢ଼ି ସର୍ବଭାରତୀୟ ସ୍ତରକୁ ଆସିପାରିବ । ଆମର ଜଣପିଛା ଦିନକୁ ଅନ୍ତତଃ ୩୦୦ ଗ୍ରାମ୍ ଦୁଧ ଦରକାର ଏହା କେବଳ ଜର୍ସି ଗାଈଙ୍କ ଦ୍ୱାରା ସମ୍ଭବ ହେବ । ପୂର୍ଣ୍ଣ ଜର୍ସି ଷଣ୍ଢଙ୍କ ଠାରୁ କୃତ୍ରିମ ପ୍ରଜନନ ଜରିଆରେ ଆମ ଦେଶୀୟ ଗାଈଙ୍କଠାରୁ ଯେଉଁ ଅଧା ଜର୍ସି ଓ ଅଧା ଦେଶୀ ବାଛୁରୀ ମିଳୁଛନ୍ତି ସେଇମାନଙ୍କୁ ହିଁ ସଙ୍କର-ଜର୍ସି କୁହାଯାଏ । ଏମାନଙ୍କ ଠାରେ ପୂର୍ଣ୍ଣ ଜର୍ସି ଗୋରୁଙ୍କ ଠାରୁ ବହୁତ ଦୁଧ ଦେବା ଶକ୍ତି ଓ ଦେଶୀ ଗୋରୁଙ୍କ ପରି କଷ୍ଟ ସହିବା ଓ ରୋଗ ନିରୋଧିକା ଶକ୍ତି ରହିଅଛି । ତେଣୁ ପୂର୍ଣ୍ଣ ଜର୍ସି ଗୋରୁଙ୍କ ଅପେକ୍ଷା ଏମାନେ ଆମ ଜଳବାୟୁରେ ଭଲ ଉଧଉଛନ୍ତି ।

ଆମର ଗ୍ରାମାଞ୍ଚଳରେ ଜର୍ସି ଗୋରୁ ଭଲ ଦୁଧ ଦିଅନ୍ତି ବୋଲି ସମସ୍ତେ ଏକମତ । କେତେକ ସ୍ଥଳରେ ଏଇ ସଙ୍କର ଜର୍ସି ଗାଈମାନେ ୧୫ ଲିଟର ପର୍ଯ୍ୟନ୍ତ ଦୁଧ ଦେଇ ୪ ହଜାରରୁ ଅଧିକ ଟଙ୍କା ମୂଲ୍ୟରେ ବିକ୍ରି ହେଲେଣି । ଜର୍ସି ବଳଦ ହଳ କରିବା ବିଷୟରେ କେତେକ ସନ୍ଦିହାନ ମାତ୍ର ବାଛୁରୀ ଦିନୁ ମାଈ ବାଛୁରୀ ଭଲଗାଈ ହେବବୋଲି ଯେପରି ଲୋକେ ଯତ୍ନ ନେଉଛନ୍ତି, ଅଣ୍ଡିରା ବାଛୁରୀ ପ୍ରତି ଯତ୍ନ ନେଲେ ସେ ମଧ୍ୟ ସେପରି ବଳଦ ହେବ । ସରକାରୀ ଫାର୍ମ ମାନଙ୍କରେ କାମ କରୁଥିବା ସଙ୍କର ଜର୍ସି ବଳଦ ମାନଙ୍କୁ ଦେଖିଲେ ଏହା ଲୋକେ ଜାଣି ପାରିବେ । ଚୂଲ, କମଳ ନ ଥାଇ ମଈଷି ପଣ୍ଡାମାନେ ଯେପରି ହଳ କରୁଛନ୍ତି ଜର୍ସି ବଳଦମାନେ ମଧ୍ୟ ଠିକ୍

ଯେପରି ହିଟ କରନ୍ତି ତା ଠାରି ଜାଣନ୍ତି । ଭ୍ରମ ଧାରଣାରେ ପଡ଼ି ଜର୍ସି ଷଣ୍ଢର ବାଛୁରୀ ପ୍ରତି ହେୟଜ୍ଞାନ କରିବା ଅନୁଚିତ ।

ସଙ୍କର ଜର୍ସି ଗାଈମାନେ ଭଲ ଦୁଧ ଦିଅନ୍ତି ତା ଷଣ୍ଢମାନେ ଭଲ ହିଟ କରନ୍ତି ବୋଲି ଗାଳି କହିଲେ ଚଳିବ ନାହିଁ । ଯେଉଁମାନେ ଏମାନଙ୍କୁ ରଖୁଛନ୍ତି ସେମାନେ ଏ ଗୋରୁଙ୍କର ପାଳନ ପଦ୍ଧତି ମଧ୍ୟ ଜାଣିବା ଉଚିତ । ମୋଟା ମୋଟି ଭାବେ ସଙ୍କର ଜର୍ସିଙ୍କ ବିଷୟରେ କିଛି ଜାଣି, ଆବଶ୍ୟକ ସ୍ଥଳେ ନିକଟବର୍ତ୍ତୀ ପଶୁଡାକ୍ତର ଖାନାରେ ସମ୍ପର୍କ ରଖିଲେ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ।



## ପ୍ରଜନନ ପ୍ରଣାଳୀ

ଆମର ଦେଶୀ ଗାଈ ୩-୪ ବର୍ଷରେ ଫଳ ଯାଉଥିବା-ବେଳେ ସଙ୍କରଜର୍ସି-ଛଡ଼ା ମାତ୍ର ୧୫-୧୮ ମାସ ବୟସରେ ଫଳ ଯାଆନ୍ତି ଓ ୨ ରୁ ୨½ ବର୍ଷ ବୟସରେ ଗାଈ ପଡ଼ିଆ ହୋଇ ଦୁଧ ଦିଅନ୍ତି । ଏମାନେ ୧୦ ମାସ ଦୁଧ ଦେବା ସମୟରେ ସାଧାରଣତଃ ଦିନକୁ ୬-୭ ଲିଟର ଦୁଧ ଦେଇ ପ୍ରାୟ ୨,୦୦୦ ଲିଟର ଦୁଧ ଦିଅନ୍ତି । ଅଧିକାଂଶ ସ୍ଥଳରେ ଦିନକୁ ୧୦ ଲିଟର ଦେଇ ୧୦ ମାସକୁ ୩ ହଜାର ଲିଟର ଦୁଧ ଦେବା ଦେଖା ଯାଉଛି । ଏମାନେ ବର୍ଷକୁ ବର୍ଷ ଛୁଆ ଜନ୍ମ କରନ୍ତି ଏବଂ ମାତ୍ର ମାସେ ଦିମାସ ପଡ଼ିଆ ରହି ପୁଣି ଦୁଧ ଦିଅନ୍ତି । ସଙ୍କର ଜର୍ସି ଗାଈମାନେ ସାଧାରଣତଃ ୧୦ଟା ଛୁଆ ସାରା ଜୀବନକାଳ ମଧ୍ୟରେ ଦେଇଥାଆନ୍ତି । ନିୟମିତ ଗରମ ହେବାରେ, ଗରମ ଲକ୍ଷଣ ଦେଖାଇବାରେ, ବର୍ଷକୁ ବର୍ଷ ଓ ଏତେ ଛୁଆ ଜନ୍ମ କରିବାରେ ସଙ୍କର ଜର୍ସି ଗୋରୁଙ୍କର ତୁଳନା ନାହିଁ ।


ସବୁ ଗୋରୁଙ୍କ ପରି ସଙ୍କର ଜର୍ସି ଠିକ୍ ୨୧ ଦିନରେ ଥରେ ଗରମ ହୁଏ ଓ ଗରମ ଜଣା ପଡ଼ିବାର ୧୨ ରୁ ୨୦ ଘଣ୍ଟା ମଧ୍ୟରେ ପାଳଗଲେ ଫଳ ରହେ । ଥରେ ଦିଥରେ ଲେଉଟାଉଥିବା ଗାଈକୁ ଦେଶୀ ଷଣ୍ଢ ପାଖକୁ ନ ନେଇ ଲେଉଟାଇବାର କାରଣ ଡାକ୍ତରଙ୍କୁ ପଚାରି ପ୍ରତିକାର କରିବା ଉଚିତ । ଫଳ ଯିବାର ୨ ରୁ ୩ ମାସ ମଧ୍ୟରେ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇ ଫଳ ରହିଛି କି ନାହିଁ ନିର୍ଦ୍ଧାରଣ କରିନେବା ଉଚିତ । କାରଣ ବହୁ ସ୍ଥଳରେ ଷଣ୍ଢ ବା କୃତ୍ରିମ ପ୍ରଜନନରେ ଫଳ ଯାଇ ଗାଈ ଫଳ ନରହି ମଧ୍ୟ ଲେଉଟାନ୍ତି ନାହିଁ । ପରୀକ୍ଷା ପରେ ଫଳ ନାହିଁ ବୋଲି ଜଣା ପଡ଼ିଲେ ଆଉଥରେ ଗରମ କରାଇ ସଙ୍ଗମର ବ୍ୟବସ୍ଥା କରାଯାଇ ପାରିବ । ଫଳଥିଲେ ଯଥା ସମୟରେ ଗର୍ଭିଣୀ ଗାଈର ଯତ୍ନ ନେବା ଉଚିତ ।

ଗାଈ ଫଳଯିବାର ପ୍ରାୟ ସାଢେ ନ' ମାସରେ ବାଛୁରୀ ଜନ୍ମକରେ । ଗାଈ ଦୁଧ ଦେଉଥିଲେ ଜନ୍ମ କରିବାର ମାସେ ଦିମାସ ପୂର୍ବରୁ ଦୁଧ ଦୁହିଁବା ବନ୍ଦ କରିବା ଉଚିତ । ଅବଶ୍ୟ ଦେଶୀ ଗାଈଙ୍କ ପାଇଁ ଏ ପ୍ରଶ୍ନ ଉଠେ-ନାହିଁ, କାରଣ ଦେଶୀ ଗାଈ ହୁଏତ ଛାଡ଼ ଗଲେ ଫଳ-ଯାଆନ୍ତି ବା ଜନ୍ମକାଳ ବହୁ ଆଗରୁ ଛାଡ଼ ଯାଇଥାଆନ୍ତି । ଗାଈ ପ୍ରସବ କରିବାପାଇଁ କଷ୍ଟ ପାଇବାର ୪-୮ ଘଣ୍ଟା ମଧ୍ୟରେ ବାଛୁରୀ ନ ବାହାରିଲେ ବା ବାଛୁରୀ ଜନ୍ମବାର

୧୫-୨୦ ଘଣ୍ଟା ମଧ୍ୟରେ ଫୁଲ ନପଡ଼ିଲେ ଡାକ୍ତରକୁ ଡ଼କାଇବା ଦରକାର । ଭଲରେ ଛୁଆ ଜନ୍ମିଥିଲେ ବା ଫୁଲ ପଡ଼ିଥିଲେ ଗାଈ ପ୍ରାୟ ୩ମାସ ପରେ ପୁଣି ଗରମ ହୁଅନ୍ତି । ଗାଈ ୩ମାସ ବେଳକୁ ଫଳଗଲେ ୧୦ ମାସ ଦୁଧ ଦେଇ ସାରିବାର ୩ ମାସ ବେଳକୁ ପୁଣି ଜନ୍ମକରେ । ତେଣୁ ବର୍ଷରେ ଗାଈ ଖୁବ୍ ହେଲେ ୩ ମାସ ପଡ଼ିଆରହେ । ଏହାହିଁ ଉପଯୁକ୍ତ ପ୍ରଜନନ ପ୍ରଣାଳୀ ।

## ଦାନାଚର ବ୍ୟବସ୍ଥା


ଗାଈଙ୍କୁ କେବଳ ଦାନା ଖୋଇ ଦୁଧ ଦୁହିଁବା ବ୍ୟୟସାପେକ୍ଷ । ଘାସ ନ ମିଳୁଥିଲେ ବା ଚାଷ କରିବା ସୁବିଧା ନଥିଲେ ଜର୍ସି ଗାଈ ସେତେ ଲାଭ ଜନକ ହେବନାହିଁ । ୬ ଗୁଣ୍ଠ ବା ଏକରକର ୪ ଭାଗରୁ ଭାଗେ ଜମିରେ ଘାସ ଚାଷ କଲେ ଗୋଟିଏ ସଙ୍କର ଜର୍ସି ଗାଈ ବର୍ଷସାରା ଦିନକୁ



୨୫ ରୁ ୩୦ କିଲୋ ଘାସ ପାଇବ । ଏଥିରୁ ୨ ଗୁଣ୍ଠ ପାରା ବା ହାଇବ୍ରିଡ୍ ନେପିୟର କଲେ ବର୍ଷସାରା ଘାସ ମିଳିବ । ଅବଶିଷ୍ଟ ୪ ଗୁଣ୍ଠ ଜମିରେ ବର୍ଷାଦିନେ ମକା ବା ଜଓ୍ବାର ସହ ବରଗୁଡି ଓ ଶୀତଦିନେ ଓଟ୍ ଓ ସୋରିଷ ସହ ବର୍ସିମ୍ ଚାଷ କଲେ ଗାଈକୁ ପ୍ରଚୁର ସବୁଜ ଘାସ ମିଳିବ ଓ ତାହା ୬-୭ କିଲୋ ଦୁଧ ଦେଉଥିବା ଗାଈ ପାଇଁ ଯଥେଷ୍ଟ । ତା ପାଇଁ ଆଉ ଦାନାର ଆବଶ୍ୟକତା ନାହିଁ । ଏପରି ଘାସ କିଣିଲେ ମଧ୍ୟ ଦାନାର ଅଧେ ଖର୍ଚ୍ଚ ହେବ । ୨୫—୩୦ କିଲୋ ଘାସ ମିଳୁଥିଲେ ଏବଂ ୬-୭ କିଲୋରୁ ଅଧିକା ଦୁଧ ଦେଉଥିଲେ ପ୍ରତି ୩ କିଲୋ ପାଇଁ ଏକ କିଲୋ ମିଶ୍ରିତ ଦାନା ଗାଈ ପାଇଁ ଆବଶ୍ୟକ । ମିଶ୍ରିତ ଦାନାରେ ଶତକଡ଼ା ୨୫ ଭାଗ ବିରି, କୋଳଥ ବା ବୁଟ, ୫୦ ଭାଗ କୁଣ୍ଡା ଶେକଡ଼ା ୨୫ ଭାଗ ଚିନାବାଦାମ ପିଡ଼ିଆ ଓ ୫୦ ଗ୍ରାମ ଧାତବ ଲବଣ (ମିନ୍‌ରାଲ ମିକଶ୍ଚର) ଥାଏ । ୮ ଲିଟର ଦୁଧ ଦେଉଥିବା ଏକ ସଙ୍କର ଜର୍ସି ଗାଈ ପାଇଁ ଦିନକୁ ୩୦ କିଲୋ ଘାସ, ଓ ୨ କିଲୋ ମିଶ୍ରିତ ଦାନା ଦେଲେ ଯଥେଷ୍ଟ । ଘାସର ବ୍ୟବସ୍ଥା ନକଲେ ଗାଈଙ୍କୁ କେବଳ ଦାନା ଖୋଇ ଦୁଧ ଦୁହିଁବା ଅନୁଚିତ । ତା ଛଡ଼ା ୬ ଗୁଣ୍ଠ ଜମିରେ ନୂଆ ପଦ୍ଧତି ଅନୁସାରେ ଘାସ ଚାଷ କରି ଗୋଟିଏ ସଙ୍କର ଜର୍ସିକୁ ଖୋଇ ଯେଉଁ ମୂଲ୍ୟର ଦୁଧ ମିଳିବ, ସେତେ ପଇସା ବର୍ଷ ମଧ୍ୟରେ କୌଣସି ଫସଲରୁ ମିଳିବ ନାହିଁ । ସଘନ ଗୋଉନ୍ନୟନ ଯୋଜନା ଅଞ୍ଚଳରେ ହାଇବ୍ରିଡ୍ ନେପିୟର, ପାରା ଆଦି ସବୁଦିନିଆ ଘାସ, ମକା, ବରଗୁଡ଼ି ଆଦି ବର୍ଷାଦିନିଆ ଘାସ ଓ ବରସିମ୍ ପରି ଅତି ଉପକାରୀ ଶୀତ ଦିନିଆ ଘାସ ଚାଷ ପାଇଁ ସରକାରଙ୍କ ତରଫରୁ ସମସ୍ତ ସାହାଯ୍ୟ ଦିଆଯାଉଛି । ଲୋକେ ଏ ବ୍ୟବସ୍ଥାର ସଦୁପଯୋଗ କରିବା ଉଚିତ । ହରିୟାଣା—ପଞ୍ଜାବରେ ଯେପରି ଲୋକେ କେବଳ ଘାସ ଚାଷ କରି ଗୋରୁ ମଇଁଷିଙ୍କୁ ଖୁଆନ୍ତି, ସେ ବ୍ୟବସ୍ଥା ଆମ ରାଜ୍ୟରେ ପ୍ରଚଳିତ ହେବ । ଉଚିତ । ତାହାହେଲେ ତାଙ୍କ ପରି ଆମକୁ ମଧ୍ୟ ଲାଭ ମିଳିବ । ଘାସ ଚାଷରେ ଲୋକସାନ୍ ହେବ ବୋଲି ଆମର ଏଠି ଯେଉଁମାନେ କହନ୍ତି, ସେମାନେ ମାତ୍ର ୬ ଗୁଣ୍ଠ ଜମିରେ

ଘାସ କରି ଗୋଟିଏ ସଙ୍କର ଜର୍ସି ଗାଈକୁ ଖୋଇ ତାଠାରୁ ଦୁଧ ଦୁହିଁ ପରୀକ୍ଷା କରନ୍ତୁ । ଧାନର ନଡ଼ା ବା ପାଳ ନିକୃଷ୍ଟ ଖୋରାକ, ମାତ୍ର ଖେତାଇବା ପାଇଁ କିଛି ଦିଆ-ଯାଇ ପାରେ । ସେଥିରେ ଦୁଇଟି ପଇସା ଖର୍ଚ୍ଚ କରିବା ଅନୁଚିତ । ସେପରି ଖେଳନ୍ତ ବା କିଣିରେ ଖୁବ୍ ପଇସା ଖର୍ଚ୍ଚ ନକରି ପିଡ଼ିଆ ଓ ଧାନର ଲବଣ ଚୂନାରେ ଅଧିକ ଖର୍ଚ୍ଚ କରିବା ଉଚିତ ।

ଘରେ କିଛି ଖାଇବାକୁ ନ ଦେଇ କେବଳ ଶୁଖିଲା ପଡ଼ିଆ ବାଡ଼ିରେ ଚରିବାକୁ ଛାଡ଼ି ଯେଉଁମାନେ ୪୦-୫୦ ଗାଈ ରଖିଛନ୍ତି ସେମାନେ କେବଳ ଗୋବର ପାଇଁ ଗାଈ ପାଳନ୍ତି । ଦେଶରେ ଦୁଧ ଉତ୍ପାଦନ ବୃଦ୍ଧି ପାଇଁ ଏହା ଏକ ଅନ୍ତରାୟ । ଅନ୍ୟ ପକ୍ଷରେ ଅଳ୍ପ କେତୋଟି ଜର୍ସି ଗାଈ ରଖି ତାକୁ ଘରେ ଚସ୍ ଘାସ ଦେଲେ ସେମାନେ ଯେମିତି ଅଧିକ ଦୁଧ ଦେବେ, ସେହିପରି ଯଥେଷ୍ଟ ଗୋବର ମଧ୍ୟ



ମିଳିବ । ତା ସଙ୍ଗେ ସଙ୍ଗେ ଅଧିକ ଗୋରୁଗାଈଙ୍କ କାରଣରୁ ଯାହା କିଛି ଗୋଚର ଅଛି; ତାହା ଅତ୍ୟଧିକ ଚରିବା ଯୋଗୁଁ ଯେ ଦିନକୁ ଦିନ ନଷ୍ଟ ହୋଇ ଯାଉଛି, ତାହା ମଧ୍ୟ ହୁଅନ୍ତା ନାହିଁ । ମୋଟ ଉପରେ ଗାଁର ନିକୃଷ୍ଟ ଗୋଚର ବା ଦାମିକା ଗୋରୁ ଦାନା ଉପରେ ନିର୍ଭର ନକରି ଚାଷ ଦ୍ୱାରା ଘାସ ଉତ୍ପାଦନ କରି ଗୋରୁଙ୍କୁ ଖୋଇବା ସର୍ବାଦୌ ଉଚିତ ।

## ରୋଗ ପ୍ରତିଷେଧ ଉପାୟ

ଉତ୍ପାଦନ ଅଧିକ କରୁଥିବା ସଙ୍କରଜାତ, ଜୀବଜନ୍ତୁ ସମସ୍ତେ ସୁକୁମାରିଆ । ଅଧିକ ଅମଳକ୍ଷମ ଧାନ ବା ଆଳୁ ପାଇଁ ଦେଶୀୟ ଧାନ ବା ଆଳୁଠାରୁ ବେଶୀ ଯତ୍ନ ଆବଶ୍ୟକ । ସେହିପରି ଦେଶୀୟ ଗୋରୁଙ୍କଠାରୁ ଜର୍ସି ଗୋରୁଙ୍କପାଇଁ ଅଧିକ ଯତ୍ନ ଦରକାର । ତା ଛଡ଼ା ଆମ ଦେଶୀୟ ଗୋରୁଗାଈ ଆମ ଜଳବାୟୁରେ ଅନାଦି କାଳରୁ ରହିଆସୁଥିବାରୁ ବହୁ ରୋଗବ୍ୟାଧି ବିରୁଦ୍ଧରେ ତାଙ୍କର ସ୍ୱଭା ରୋଗ ନିରୋଧିକା ଶକ୍ତି ଅଛି । ସେହିପରି ଜର୍ସି ଗୋରୁ ଆମ ପାଣି ପବନରେ ବହୁଦିନ ରହିଗଲେ ସେମାନେ ମଧ୍ୟ ଏତେ ଯତ୍ନ ଖୋଜିବେ ନାହିଁ । ତେଣୁ ବର୍ତ୍ତମାନ ନୂଆ ନୂଆ ଦେଶେ ତାଙ୍କର କେତୋଟି ରୋଗ ପାଇଁ ଖାସ୍ ଯତ୍ନ ଦରକାର ।


ଗୋରୁଙ୍କର ମୁଖ୍ୟତଃ "ଶାହାଣା" ଓ "ବଜବଜିଆ" ଦୁଇଟି ମାରାତ୍ମକ ସଂକ୍ରାମକ ରୋଗ । ଏଥିପାଇଁ ବିନା-ମୂଲ୍ୟରେ ସରକାରୀ ଡାକ୍ତରଖାନାର ଟୀକା ଦିଆଯାଏ । ଅନ୍ୟ ଏକ ରୋଗ "ପାଟୁଆ", ଯାହାପାଇଁ ସାମାନ୍ୟ ମୂଲ୍ୟରେ ଟୀକା କିଣିବାକୁ ମିଳୁଛି । "ଗୋବସନ୍ତ" ନିରାକରଣ ଯୋଜନାରେ ଏ ରୋଗ ମୂଳପୋଛ ହେଲାଣି । କ୍ରିମିରୋଗରେ ଛୋଟ ବାଛୁରୀମାନେ ବହୁ ସଂଖ୍ୟାରେ ମରୁଛନ୍ତି । ଏଥିପାଇଁ ଅତି ଉତ୍କୃଷ୍ଟ ଔଷଧ ମିଳୁଛି । କେବଳ ନିକଟବର୍ତ୍ତୀ କୌଣସି ପଶୁଡାକ୍ତରଙ୍କ ସହ ପରାମର୍ଶ କଲେ ଗୋରୁଙ୍କୁ କୌଣସି ରୋଗ ହେବ ନାହିଁ । ତାଛଡ଼ା କୌଣସି କାରଣରୁ ଗୋରୁ ବାଛୁରୀଙ୍କୁ ରୋଗ ହେଲେ ଅବହେଳା ନକରି ଡାକ୍ତରୀ ବ୍ୟବସ୍ଥା କରିବା ଉଚିତ । କାରଣ ଆଜିକାଲି ସବୁ ଗୋରୁରୋଗ ପାଇଁ ଅତି ନିର୍ଭରଯୋଗ୍ୟ ଔଷଧମାନ ମିଳିଲାଣି ।

# ଅନ୍ୟାନ୍ୟ ପାଳନ କୌଶଳ

ଗୋରୁ ଗୁହାଳେ ଆଲୁଅ ଓ ପବନ ପାଇଁ ଝରକା ବା ଅଧାକାନ୍ଥି ହେଲେ ଚଳିବ । ମାତ୍ର ତଳଟି ପଥର, ଟାଇଲ ବା ସିମେଣ୍ଟ ଦେଇ ପକ୍କା କରିବା ନିହାତି ଆବଶ୍ୟକ ଯେପରି ପାଣି ବା ପରିସ୍ରା ଜମି ନ ରହେ । ନଡ଼ା, ପାଳ ବା ଘାସ ତଳେ ନ ପକାଇ କୁଣ୍ଡ ବା ଟୋକେଇରେ ଦେଲେ ଉଆଳିରେ ନଷ୍ଟ ହୁଏ ନାହିଁ । ଦାନା ଅଲଗା ଓ ତାପରେ ଦିନରେ ୨।୪ ଥର ପରିଷ୍କାର ପାଣି ପିଆଇବା ଉଚିତ । ଗୋଟିଏ ଜର୍ସି ଗାଈ ପାଇଁ ପ୍ରାୟ ୬୦ ବର୍ଗଫୁଟ ଯାଗା ଦରକାର ।

ଯେଉଁମାନେ ୫।୬ଟିରୁ ଅଧିକ ଜର୍ସିଗାଈ ବାହାରକୁ ନଛାଡ଼ି ଘରେ ରଖି ପୋଷିବା ଇଚ୍ଛା କରନ୍ତି । ସେମାନେ ଗାଈପ୍ରତି ପ୍ରାୟ ୩୨ ବର୍ଗଫୁଟ ତଳ ପକ୍କା ଓ ଉପରେ ଛାତଥିବା ଘର ଓ ଚଲବୁଲ୍ କରିବାପାଇଁ ପ୍ରାୟ ୬୦ ବର୍ଗଫୁଟ ଚାରିପଟେ ବାଡ଼ଦିଆ ମାତ୍ର ଉପର ଖୋଲା ଓ ତଳ ପକ୍କା ଯାଗା ଦରକାର । ଏଥିରେ ଗାଈମାନେ ବନ୍ଧା ନ ହୋଇ ଖୋଲାରେ ବୁଲନ୍ତି ।

ଗାଈ ଜନ୍ମକଲା ପରେ ତାର ୩।୪ ଦିନ ଯାଏ ଯେଉଁ କଷ ବା ହଳଦିଆ ଦୁଧ ବାହାରେ, ବାଛୁରୀ ପେଟ ଭର୍ତ୍ତି ହେଲା ପର୍ଯ୍ୟନ୍ତ ତାହା ପିଇ ଅବଶିଷ୍ଟ ଦୁହିଁ ଦେବା ଉଚିତ ।



କେତେକ ଅଞ୍ଚଳରେ ବାଛୁରୀକୁ ସାମାନ୍ୟ ମାତ୍ର ଦେଇ ତାକୁ ଛେନାକରି ଲୋକେ ଖାଆନ୍ତି ବା ଦୁହିଁ ପାଣିରେ ଢାଳି ଦିଅନ୍ତି । ମାତ୍ର ଏହା ଛୁଆ ବାଛୁରୀପ୍ରତି ଅମୃତ ପରି । ଛୁଆ ବାଛୁରୀର ଉତ୍ତମ ସ୍ୱାସ୍ଥ୍ୟପାଇଁ ତାର ଶରୀର ଓଜନର ଦଶଭାଗରୁ ଭାଗେ ସେ ଦୁଧ ପିଇବା କଥା । ତେଣୁ ୩।୪ ସପ୍ତାହ ବାଛୁରୀ ପୂରା ମା' ଦୁଧ ପିଇଲା ପରେ ୨ୟ ମାସଠାରୁ ମା' ଦୁଧ ଉପରେ ନିର୍ଭର ନ କରି କଅଁଳିଆ ଘାସ ବା ଗୁଣ୍ଡ ଦୁଧ, ଚିରିଚୁନା ଆଦି ଖୁଆଇବା ଉଚିତ ।

ପରିଷ୍କାର ଦୁଧ ଉତ୍ପାଦନ କରିବା ପାଇଁ ଗାଈର ପହ୍ନା ଓ ଦେହକୁ ଦୁହିଁଲାବେଳେ ନଖ ଉଷୁମ ପାଣିରେ ଧୋଇ ଚିକ୍କଣ କରି ପୋଛି ଦୁଧ ଦୁହିଁବା ଦରକାର । ଘଡ଼ି, ଡେକଚି ବା ବାଲଟିକୁ ଗରମ ପାଣିରେ ଧୋଇ ନିଆଁରେ ଦେଖାଇବା ଉଚିତ ।

ନିଜ ବାଛୁରୀ ଗୋରୁଙ୍କୁ ଚିହ୍ନିବା ପାଇଁ ତାଙ୍କ କାନରେ ନମ୍ବର କରିବା ବ୍ୟବସ୍ଥା ସମସ୍ତ ସରକାରୀ ଡାକ୍ତରଖାନାରେ ଅଛି । ବାଛୁରୀ ଜନ୍ମ ହେବାର ୮।୧୦ ଦିନ ମଧ୍ୟରେ ତାକୁ ଡାକ୍ତରଙ୍କୁ ଦେଖାଇଲେ ତାର ଭବିଷ୍ୟତକୁ ଯେପରି ଶିଙ୍ଘ ନ ହେବ, ସେଥିପାଇଁ ମଧ୍ୟ ବ୍ୟବସ୍ଥା ହୋଇପାରେ । ଅଣ୍ଡିରା ବାଛୁରୀମାନଙ୍କୁ ୧-୧½ ବର୍ଷ ମଧ୍ୟରେ ଧରଣ କଲେ ବଳଦ ପାଇଁ ସେମାନେ ଉପଯୁକ୍ତ ହେବେ ।

## ଗୋରୁଗାଈ ଓ ଦୁଧ ବିକ୍ରିବଟା ବ୍ୟବସ୍ଥା

ଜର୍ସି ଗାଈଗୋରୁ ପାଳନରେ ଲାଭକ୍ଷତି ଜାଣିବା ପାଇଁ ବହୁ ପ୍ରକାର ଖାତା ରଖିବା ବ୍ୟବସ୍ଥା ଅଛି । ଦୈନିକ ଖର୍ଚ୍ଚ, ଦୈନିକ ଆୟ, ସ୍ୱାସ୍ଥ୍ୟ ଓ ପ୍ରଜନନ ଖାତା ନିହାତି ରଖିବା ଆବଶ୍ୟକ । ବୈଦେଶିକ ରାଷ୍ଟ୍ରରେ ପ୍ରତ୍ୟେକ ଗୋରୁଙ୍କର ଗତ ପ୍ରାୟ ୨।୩ ଶହ ବର୍ଷର ବାପ ମା, ଅଜା ଅଈଙ୍କର ବିବରଣୀ ଲିପିବଦ୍ଧ ହୋଇ ରହିଛି । ଏ ଜନ୍ମ ପତ୍ରିକା ଦେଖିଲେ କେଉଁ ଗାଈର ବାଛୁରୀ କେତେ ଓ କି ପ୍ରକାର ଦୁଧ ଦେଇ କେତେ ଲାଭ

ହେଉ ତାହା ଅତି ସହଜରେ ଜାଣିହୁଏ । ଲୋକେ ଗୋବୁ ଗାଈ କିଣି ଯେ ଠକରେ କେତେ କେତେ ପଡନ୍ତି, ଏପରି କାଗଜ ପତ୍ର ଦେଖି କିଣିଲେ ସେପରି ହୁଅନ୍ତା ନାହିଁ ।

ଗୋବୁଗାଈ ବା ଦୁଧ ବିକ୍ରିବଟାରେ ଲାଭ କରିବା ପାଇଁ ସମବାୟ ହିଁ ଉତ୍କୃଷ୍ଟ ପନ୍ଥା । ଯେଉଁଠି ବେଶୀ ଜର୍ସି ଗାଈ ଓ ଦୁଧ ମିଳୁଛି ସେଠି ଗ୍ରାମ ସ୍ତରରେ ସମବାୟ ସମିତିମାନ ଗଢ଼ି ଏ ସବୁ ବିକିଲେ ମଧ୍ୟସ୍ଥ ବ୍ୟବସାୟୀଙ୍କ ଯୋଗୁଁ ଏ ସବୁ ଜିନିଷ କଉଡା ଦରରେ ବିକ୍ରି ହୁଅନ୍ତା ନାହିଁ । ପିପିଲି, ନିମାପଡ଼ା, କାଳିଆପାଟଣା ଓ ନିଆଳୀ ଆଦି ସଘନ ଗୋ-ଉନ୍ନୟନ ଯୋଜନା ଅଞ୍ଚଳରେ ଯେଉଁ ହଜାର ହଜାର ମାଈ ଜର୍ସି ବାଛୁରୀ ଜନ୍ମୁଛନ୍ତି ସେମାନଙ୍କୁ ଗରିବ କୃଷକଙ୍କର ଆର୍ଥିକ ଦୁର୍ଗତିର ସୁଯୋଗ ନେଇ ଏହି ମଧ୍ୟସ୍ଥ ବ୍ୟବସାୟୀମାନେ ନାମ ମାତ୍ର ମୂଲ୍ୟରେ ଏପରି କି ଶହେ ଦୁଇଶହ ଟଙ୍କାରେ ଟ୍ରକ୍ ଟ୍ରକ୍ କରି ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଓ ଓଡ଼ିଶା ବାହାରକୁ ବୋହି ନେଉଛନ୍ତି । ସମବାୟ ସମିତି କରିଥିଲେ ଏମାନଙ୍କୁ ଏକତ୍ର ବିକିଲେ କୃଷୀ ମାନଙ୍କର ବେଶ୍ ଦି ପଇସା ଅଧିକ ଲାଭ ହୁଅନ୍ତା ।

ଜର୍ସି ଗୋବୁଗାଈ ସ୍ୱର୍ଗରୁ ଆସିଲା ଭଳିପରି ବହୁ ଲୋକଙ୍କ ଧାରଣା ତାଙ୍କୁ ପାଳିବା ପାଇଁ ସେମିତି କିଛି ତଦାରଖର ଆବଶ୍ୟକତା ନାହିଁ । ମାତ୍ର ଆମ ଲୋକେ ଗୋବୁ ଗାଈଙ୍କର ଯେ ମୋଟେ ତତ୍ତ୍ୱ ନିଅନ୍ତି ନାହିଁ । ଜର୍ସିଙ୍କ ପ୍ରତି ସେମିତି ହେଲେ ଚଳିବ ନାହିଁ । ଅନ୍ତତଃ କେବଳ ଘାସ ଓ ରୋଗ ପାଇଁ ପ୍ରତିଷେଧର ବ୍ୟବସ୍ଥା କଲେ ଯଥେଷ୍ଟ । ଘରେ ଜର୍ସି ଗାଈ ପ୍ରତି ମନ ଦେଲେ ଏ ଦେଶରେ ନନ୍ଦିନୀ, କାମଧେନୁର ଯୁଗ ଫେରି ଆସିବ ଶ୍ୱେତ ବିପ୍ଳବ ସହସା ସଂଘଟିତ ହେବ । ଆମ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କହିଥିଲେ—

"ହୋଇଲେ ଗୋ ଜାତି ଉନ୍ନତି,
ମେଣ୍ଟିବ ଲୋକଙ୍କ ଦୁର୍ଗତି ।"

## ଜାତୀୟ ସମର ଶିକ୍ଷାର୍ଥୀ ଆକାଶ ବାହିନୀ ଶିକ୍ଷାର୍ଥୀଙ୍କ କୃତୀତ୍ୱ



ଭୁବନେଶ୍ୱର, ବକ୍ସି ଜଗବଂଧୁ ବିଦ୍ୟାଧର ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ଆକାଶ ବାହିନୀର ଶିକ୍ଷାର୍ଥୀ ଶ୍ରୀ ଆଶୀଷ କୁମାର ଦାସ ଗ୍ଲାଇଡର ଉଡାଜାହାଜ 'ସୋଲୋ' (ଏକାକୀ—ପାଇଲଟ୍‌ଙ୍କ ସାହାଯ୍ୟ ବ୍ୟତୀତ) ଚଳାଇ ସର୍ବ ଭାରତୀୟ ସ୍ତରରେ କୃତୀତ୍ୱ ହାସଲ କରିଅଛନ୍ତି ।

୧୯୫୨ ମସିହାରୁ ଓଡିଶାରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଆକାଶ ବାହିନୀ ପ୍ରତିଷ୍ଠିତ ହୋଇଥିଲେ ହେଁ ଆଜିଯାଏ କେହି ଏକାକୀ ଗ୍ଲାଇଡର ଚଳାଇବାର ଦକ୍ଷତା ଅର୍ଜ୍ଜନ କରିନଥିଲେ । ଶ୍ରୀ ଆଶୀଷ କୁମାର ଦାସ ଏହି ଗୌରବ ଅର୍ଜ୍ଜନ କରିବାରେ ଓଡିଶାର ପ୍ରଥମ ଶିକ୍ଷାର୍ଥୀ ।

ଗତ ମାସରେ ଉଚ୍ଚଶିକ୍ଷା ବିଭାଗନିର୍ଦ୍ଦେଶକ ଡକ୍ଟର ଦେବେନ୍ଦ୍ର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜାତୀୟ ସମର ଶିକ୍ଷାର୍ଥୀ ଆକାଶ ବାହିନୀର ବାର୍ଷିକ ଶିବିରର ଉଦଯାପନ ଉତ୍ସବରେ ତାଙ୍କୁ ପ୍ରଶଂସିତ କରାଯାଇଥିଲା । ଆଗାମୀ ଜାନୁଆରୀ ମାସରେ ଦିଲ୍ଲୀଠାରେ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଗ୍ଲାଇଡର ଚାଳନା ପ୍ରତିଯୋଗୀତାରେ ସେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ ।



ସେ ଦିନ ଯେଉଁ ମହାତ୍ମା ଧ୍ୱନୀ ଦେଇଥିଲେ 'ଜୟ ଜଓ୍ୱାନ ଓ ଜୟ କିଷାନ' ସେହି ପ୍ରିୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଆଜ ନାହାନ୍ତି । ଏ ଧରିତ୍ରୀର କୋଳରେ ଲାଳିତ ପାଳିତ ଆମେ । ଏ ଶସ୍ୟ ଶ୍ୟାମଳା, ସୁଜଳା, ସୁଫଳା ଧରିତ୍ରୀ ଆମକୁ ଅତି ଆଦରରେ, ସ୍ନେହରେ ପାଳୁଛି । ତା'ର ସବୁଜ ପଣତ ଦେଖି ହସି ଉଠନ୍ତି ସମସ୍ତେ । ସର୍ବଂସହା ଏ ଧରଣୀ । ଆମକୁ ଦିଏ ଅନ୍ନ, ବସ୍ତ୍ର ଆଦି ସବୁକିଛି । ଯେଉଁ ଭାଇମାନେ ମାଟିଭାଡ଼ି ମୁଣ୍ଡ ଝାଳ ତୁଣ୍ଡରେ ମାରି ଖରକାକର ସହି ଆମକୁ ଦିଅନ୍ତି ଅନ୍ନ, ବସ୍ତ୍ର ସେମାନଙ୍କୁ ଭୁଲିଗଲେ ଆମେ କୃତଘ୍ନ ହେବା । ସେମାନେ ଆମକୁ ଦିଅନ୍ତି ଖାଦ୍ୟ; କିନ୍ତୁ ସେମାନଙ୍କୁ ଆମେ ଦେଖି ନାକଟେକୁ, ଘୃଣାକରୁ, ମଫସଲିଆ—ବାଲି ଜାଣି ନାହିଁ, ଖାଇ ଜାଣେନାହିଁ, କେଉଁ ଖାଦ୍ୟକୁ କ'ଣ କୁହାଯାଏ ଜାଣେ ନାହିଁ ବୋଲି ହସରେ ଉଡ଼ାଇ ଦେଉ; କିନ୍ତୁ ସେମାନେ ଆମକୁ ବଞ୍ଚାନ୍ତି । ଆମେ ପୁସ୍ତକ ପଢ଼ୁ, ଗଣତନ୍ତ୍ର କ'ଣ ଜାଣୁ, 'ଧର୍ମ' କ'ଣ ଜାଣୁ ତଥାପି ବିପରୀତ ଆଚରଣ କରୁ । ଏଇ ଆମର ଶିକ୍ଷା ।



ଶ୍ରୀ ନୟନରଞ୍ଜନ ମହାନ୍ତି

ପ୍ରଧାନମନ୍ତ୍ରୀଙ୍କ ପଞ୍ଚବିଂଶ ସୂତ୍ରୀ କାର୍ଯ୍ୟକ୍ରମ ଭିତରେ କୃଷିକୁ ଅଗ୍ରାଧିକାର ଦିଆଯାଇଛି । କାରଣ ଖାଦ୍ୟ ବିନା ଦେଶରେ ହାହାକାର ପଡ଼େ । ଖାଦ୍ୟ ବିନା ସମସ୍ତେ ହୋଇ ଯାଆନ୍ତି ପାଗଳ । ଏଣୁ ପ୍ରଥମତଃ ଖାଦ୍ୟ ହିଁ ଆବଶ୍ୟକ ପ୍ରତ୍ୟେକଙ୍କର । ଏଇ ଖାଦ୍ୟ ସମସ୍ୟାର ସମାଧାନ କରିବା ପାଇଁ ଆଜି କୃଷକକୁଳ ଅଣ୍ଟାଭିଡ଼ିଛି । ଏଇ କୃଷକମାନଙ୍କୁ ସାହାଯ୍ୟ, ସହାନୁଭୂତି ଦେଖାଇବା ସରକାରଙ୍କର ତଥା ଆମ୍ଭମାନଙ୍କର ଅବଶ୍ୟ କର୍ତ୍ତବ୍ୟ । ଯେଉଁମାନେ ଲଙ୍ଗଳଧରି ଭୂଇଁ ତାଡ଼ି ସବିତାଙ୍କର ତ୍ରିବିଦ୍ରତାପ ଅଷାଢ଼ ଶ୍ରାବଣର ଧାର ଓ୍ ଶୀତର ଶୈତ୍ୟକୁ ଭୟ ନକରି କାମକରି ଫସଲ ଅମଳ କରି ଦେଶକୁ ବଞ୍ଚାନ୍ତି ସେଇମାନେ ହେଉଛନ୍ତି ପ୍ରକୃତ ଚାଷୀ—ସେଇମାନଙ୍କୁ ସବୁକିଛି ଯୋଗାଇଦେଲେ ତ ଉତ୍ତମ ଫଳହେବ ବୋଲି ଆଶା ।

କଳକଳନାଦିନୀ ବ୍ରାହ୍ମଣୀର ତଟଦେଶରେ ସେଦିନ ଦଣ୍ଡାୟମାନ ହୋଇଥିଲେ ଜଣେ ବେକାର ଶିକ୍ଷିତ ଯୁବକ । ତାଙ୍କର ନାମ ଲକ୍ଷ୍ମଣ ଦାଶ । ଠିକ୍ ବ୍ରାହ୍ମଣୀର ତଟର ସମୀପରେ ତାଙ୍କର ଘର । ଗ୍ରାମ ଦୁର୍ଗାପୁର । ଏହା କଟକଜିଲ୍ଲାର ଧର୍ମଶାଳା ଥାନାର ରସୁଲପୁର ବ୍ଳକରେ ଅବସ୍ଥିତ । ଲକ୍ଷ୍ମଣବାବୁଙ୍କ ଅଦୂରରେ ଦଣ୍ଡାୟମାନ ହୋଇଥାନ୍ତି ତାଙ୍କର ବନ୍ଧୁ । ଅସ୍ତାଚଳଗାମୀ

ଶରିବାଙ୍କର ଜନକ ଚିଉଣରେ ଜ ନଳିତ ହୋଇ ଉଠୁଥାଏ ବ୍ରାହ୍ମଣୀର ବାଲୁକାଶଯ୍ୟା । ସେଇ ମଧୁମୟ ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇଥିଲେ ସେ । ହଠାତ୍ ଚିନ୍ତା କଲେ ଯେ ଏଇ ଛାଇ ଜଳଧାରରେ ସମାପରେ ଧାନ ଚାଷକଲେ ହୁଅନ୍ତା ନାହିଁ ? ବନ୍ଧୁଙ୍କୁ ମଧ୍ୟ ଏକଥା କହିଲେ । ପାଗଳର ପ୍ରଳାପ ବୋଲି ବନ୍ଧୁଜନେ କହି ତାଙ୍କୁ ଉପହାସ କଲେ । ଲକ୍ଷ୍ମଣବାବୁ ପ୍ରତ୍ୟୁତ୍ତର ରେ କହିଲେ ଦେଖାଯାଉ, ଉଦ୍ୟମ ହେଉ, କ'ଣ ହେଉଛି ଦେଖାଯାଉ । ଇସ୍ରାଏଲର ମରୁଭୂମିକୁ ତ ଇହୁଦୀମାନେ ଶସ୍ୟଶ୍ୟାମଳା କରିଦେଇଛନ୍ତି । କେତେଆଶା ନେଇ ଆରମ୍ଭ କଲେ ସୁଦୀର୍ଘ ବାଲୁକା ଶଯ୍ୟାରେ ଲକ୍ଷ୍ମଣବାବୁ ।

କେତେ ଏକର ବାଲୁକା ଶଯ୍ୟାରେ ତାଙ୍କ ନେତୃତ୍ୱରେ "ଜୟା" ଓ "ପଦ୍ମା" ଧାନଚାଷ ଆରମ୍ଭ ହେଲା । କେତେକ ଚାଷୀଙ୍କୁ ନେଇ ଚାଷ ଆରମ୍ଭ କରିଦେଲେ । କେତେଦିନ ପରେ ସବୁଜିମାରେ କ୍ଷେତ ହସି ଉଠିଲା । ଚାଷର ଯାବତୀୟ କାମ କଲେ ଠିକ ଠିକ ସମୟରେ । ଚାଷ ବିଷୟରେ କୌଣସି ତାଲିମ ନପାଇ ଅଭିଜ୍ଞ ଚାଷକାମରେ ସଫଳ ହୋଇପାରିଲେ ସେ । ଆସିଲେ ବଡ଼ ବଡ଼ ହାକିମ, ଦେଖିଲେ, ସନ୍ତୁଷ୍ଟ ହେଲେ ଏ ଚାଷ କାମ ଦେଖି ।

ଧାନ ଆଶାନୁରୂପ ଅମଳ ହେଲା ।



ବ୍ରାହ୍ମଣୀ ନଈର ବାଲିରେ ଧାନଫସଲ ହୋଇଛି

ଧାନ ଯେତେବେଳେ ଅମଳ ହେଲା ତାଙ୍କର ଖଳାରେ ମୁଁ ଦେଖିଛି ତାଙ୍କର ସାନଭାଇ ଭରତ ମଧ୍ୟ ଲାଗିଯାଇ ଥିଲା ସେ କାମରେ । ସେ ଖରା ପରିଶ୍ରମୀ । ସେ ବର୍ତ୍ତମାନ ୨ୟ ବର୍ଷ ବିଜ୍ଞାନଛାତ୍ର । ଲକ୍ଷ୍ମଣବାବୁ ତାଙ୍କର ଚାଷ ସଂପର୍କରେ କହି ସାରିଲେଣି ରେଡ଼ିଓ ମାଧ୍ୟମରେ । ସେ ଆଜି ପ୍ରଶଂସାର ପାତ୍ର । ଦୈନିକ ସଂବାଦପତ୍ରରେ ତାଙ୍କର ପ୍ରଶଂସା । ବାସ୍ତବିକ ତାଙ୍କର ଶ୍ରମ ଆଜି ସାର୍ଥକ ହୋଇଛି । ସେ ଯଶସ୍ୱୀ ହୁଅନ୍ତୁ ଏହାହିଁ ଈଶ୍ୱରଙ୍କଠାରେ ପ୍ରାର୍ଥନା । ସେ କୃଷକକୁଳର ପଥପ୍ରଦର୍ଶକ ହେବେ ବୋଲି ଆଶା କରୁଛି ।



ଗାଡ ଦୁର୍ଗାଦେଈପୁର କାଠପୋଲ ଟପି କେନାଲ କୂଳେକୂଳେ ମୁଁ ପ୍ରାୟ ଦି କିଲୋମିଟର ବାଟ ଆଗେଇ ଆସିଲିଣି । ରମେଶଭାଇ କହୁଥିଲେ ସେ କାଠ-ପୋଲଟା ଟପି ଚାରି ପାଞ୍ଚ କିଲୋମିଟର ବାଟ ସିଧା ଆଗେଇ ଚଲେ କନକପୁର ଗାଁ ପଡ଼ିବ ।

କେନାଲ କୂଳେକୂଳେ ବେଶ୍ କିଛି ତାଳ, ନଡ଼ିଆ ଆଉ ଖଜୁରୀ ଗଛମାନ । ଠାଏ ଠାଏ ଅରଖ, ଦୁଦୁରା ଆଉ ଭୁଇଁ ବରକୋଳି ବୁଦାସବୁ କାବା କାନ୍ଦାରୁ ହୋଇ ଆକାଶକୁ ଚାହିଁ ରହିଛନ୍ତି । ପହିଲି ପହିଲି ଆଷାଢ଼ । ଆକାଶଟା ମେଘରେ ଥମ ଥମ । ମନ ମୋର ବେଳୁ ବେଳ ଚଞ୍ଚଳ ହୋଇ ଉଠୁଛି । ଜୋରରେ ପାଦ ପଡ଼ୁଛି ଆଗକୁ......... ଆଗକୁ । କେମିତି ଯାଇ ମାଧବ ଭାଇଙ୍କୁ ଟିକିଏ ଦେଖା କରିବି ଏଇଆ ଖାଲି ଭାବନା ।

ସେଇ ରମେଶ ଭାଇ କହୁଥିଲେ—

ଗତବର୍ଷ ଖରଦିନର କଥା । କାକଟପୁର ମା ମଙ୍ଗଳାଙ୍କ ଝାମୁଯାତ୍ରା ଦେଖି ସେ ଘରକୁ ଫେରୁଥିଲେ । ବେଳ ରଡ ରଡ । ଚାରି ଛକ ବଜାରଠି ହଠାତ୍ ତାଙ୍କର ଦେଖା ହୋଇଗଲା ମାଧବ ଭାଇଙ୍କ ସହିତ । ଦେଖୁ ଦେଖୁ ମାଧବ ଭାଇ ଆଦରରେ ତାଙ୍କୁ କୁଣ୍ଢେଇ ପକେଇଲେ । ଚା' ଜଳଖିଆ ବ୍ୟବସ୍ଥା କରି ପେଟେ ଖୁଆଇଲେ । ତର-ତରରେ ଘରକୁ ବାହାରିଲାରୁ କହିଲେ— କ'ଣ ହେଲା, ଯା ନାଁ କଣ ଗୋଟାଏ କଥା ? ଦେଖା ହେଉ ହେଉ ପୁଣି ଚାଲିଯିବୁ ? ଆରେ ତମେ ସବୁ ଆଉ କାହିଁକ ପଚାରିବରେ !! ସମସ୍ତେ ତ ଧୀରେ ଧୀରେ ଭୁଲିଗଲେଣି । ନାଁ ନାଁ ବାପ, ସେ କଥା ମୋତେ ହୋଇ ପାରିବନି । ଆଜି ରାତିଟା ଯେମିତି ହେଲେ ମୋ କୁଡ଼ିଆରେ କଟେଇ ଦେଇ କାଲି ଭାଙ୍ଗୁଲୁ ଭାଙ୍ଗୁଲୁ ପାହାନ୍ତିଆରୁ ବାହାରି ପଡ଼ିବୁ । ତୁ ଆଉ ମନା କରନା ପୁତ । ଆଉ କିଛି ମୋତେ କୁହାଇ ଦେଲେନିରେ ।



ଶ୍ରୀ ରଜକିଶୋରମହାନ୍ତି

ଶୁଣେ। ଶୁଣେ। କାହେଇ ଲୁଚେଇ ଘରକୁ ଚାଲି ଗଲେ । କେବେ ଅଡ଼ର କେତେ ଗପ ପଡ଼ିଲା । ଗପୁ ଗପୁ ରାତି ପାହି ସକାଳ ହେଲା । ତଥାପି ଗପ ସରିଲା ନାହିଁ । ମୁଁ ସେଠୁ ତାହାଙ୍କୁ ବାହାକୁ ଜଣେଁକ ଗାଧୁଆ ଦେଇ ।

କେତେ ଆଗ୍ରହରେ ସେ ମୋ କଥା ପଚାରୁଥିଲେ । କହିଲେ— ଆରେ ରମୁ, ଆମ ପ୍ରକାଶ ବାବୁ ଏତେ କେଉଁଠି ? ଜାଣିଛ ନା ଟିଭିରେ ମ ? କେଉଁ ଦିନଠୁ ତାଙ୍କୁ ଟିକିଏ ଦେଖିନିରେ ପୁତ । କେମିତି ଖାଲି ତାଙ୍କ ସହିତ ଟିକିଏ ସାକ୍ଷାତ ହୁଅନ୍ତା । ଏବେ କେତେ ଉଚ୍ଚ ଲୋକ ସେ— କେତେ ନାମ ତାଙ୍କର । କେତେ-ଆଡ଼େ କେତେ ଖାତିର । କାହିଁ କେଉଁ ଇଂରାଜୀ, ବଙ୍ଗଳା, ହିନ୍ଦି, ତାମିଲି, ତେଲୁଗୁ ଖବର କାଗଜରେ, ପତ୍ର ପତ୍ରିକାରେ ଲେଖାମାନ ତାଙ୍କର ବାହାରୁଛି । ଫଟୋ ଛପା ହେଉଛି । କେତେ ଆଡ଼େ କେତେ ବକ୍ତୃତା ଦେଉଛନ୍ତି । ରେଡ଼ିଓରେ ସେ ସବୁ ବକ୍ତୃତା ପ୍ରଚାର ହେଉଛି । ତଥାପି ତାଙ୍କର ଯାହା ସେଇ ପିଲାକିଆମି ଗଲାନାହିଁ । ସେଥର ବଡ଼ଲୋକ ଯେଉଁ ବଢ଼ିଆ ଚିତ୍ରବାଲା ହପ୍ତିକିଆ ପୁସ୍ତକ ବାହାରେ ନାହିଁ, ସେଥିରେ ପୁଣି ମୋ ଭଳି ଗୋଟାଏ ଲୋକର ଫଟୋ ଛାପି, ମୋ ଉପରେ କେତେ କଣ ଲେଖିଦେଇ ଗଲେ ।

ଆମ ଏ ଗୋପାଳଜୀଉ ହାଇସ୍କୁଲର ଟିଚ୍ଚ ସାରେ ମୋତେ ସେ ପତ୍ରିକାଟା ଦେଖେଇ ଥିଲେ । ଓଃ ମୋର ପୁଣି ସେ କି ଫଟୋ !! ସେଥିରେ ପୁଣି କେତେ ରଙ୍ଗ, କେତେ ନକ୍ସା । ମୋ ମୁହଁ ଲାଜରେ ଲାଲିଗଲା । ମୋ ମୁଣ୍ଡ ତଳକୁ ନଇଁଗଲା । ହେ ଭଗବାନ, ମୋ ଭଳି ଗୋଟାଏ ନିଲଜୁଆ ଲୋକ ପାଇଁ ଏତେ କଥା— ଏତେ ପୁଣି କାଣ୍ଡ କାରଖାନା !! ଆଉଥରେ ପୁଣି ରେଡ଼ିଓରେ କହିଲେ— ମୁଁ ବୁଝେଇ ଜଣେ ଉଚ୍ଚ କୋଟୀର କଳାକାର । ଗାଁ ଗହଳିରେ ଲକ୍ଷ ଲକ୍ଷ ଜନତାଙ୍କୁ ଜୀବନ-ସାରା ଲୋକ ଉପାସରେ, ବିମଳ ଆନନ୍ଦ ଓ ବିଶୁଦ୍ଧ କଳା ପରିବେଷଣ କରିଛି । କେଜାଣି କଣ ସେ ସବୁ କଥା । ମୁଁ କିଛି ବୁଝି ପାରିଲିନିରେ ପୁତ ।

ଆରେ କଳା ତ କଳା, ସେଥିରେ ପୁଣି ବିଶୁଦ୍ଧ ଆଉ ଅଶୁଦ୍ଧ କଣ । କେଜାଣିରେ ବାବା, ଏ ଯୁଗକୁ ତ କେତେ କଥା ଦେଖା ଦେଲାଣି । କେତେ ଭେଜାଲ ବାହାରିଲାଣି । କଳା, ସାହିତ୍ୟ ଆଉ ବିଦ୍ୟାରେ ପୁଣି କଣ ସେ ଶୁଦ୍ଧ ଆଉ ଅଶୁଦ୍ଧ, ଅସଲ ଆଉ ଭେଜାଲ !! ଖୁବ୍ ତାଳେ ସେ ହସି ଉଠିଲେ ।

ମୁଁ ବି ଜୋରରେ ହସି ଉଠିଲି । ନିର୍ଜନ କେନାଲ କୂଳର ଛାଇଛାଇଆ ଗହଳ ବାଟରେ ମୋ ହସରେ ମୁଁ ନିଜେଇ ଚମକି ପଡ଼ିଲି । ଆହା' ମାଧବ ଭାଇ, କି ସରଳ ତମେ, ସତେ କେଡ଼େ ନିର୍ମଳ । ବିଜ୍ଞାପନର ଏ ବିକଟ ଶ୍ଳୋଗାନମୟ ଯୁଗରେ' ପ୍ରଚାର ଓ ବକ୍ତୃତାର ତୁମୁଳ ହଟ୍ଟଗୋଳ ଭିତରେ ପଶୁ ଟିଙ୍ଗୁଡ଼ି ଯେଉଁଠି ତୁମୁଳ; ସେଠି ପୁଣି ତୁମର ଏ ନିର୍ବୋଧ ସାରଲ୍ୟ !! ଯୁଗ ପଛେ ଆକାଶକୁ ଉଠୁ ବା ପାତାଳକୁ ଖସୁ ମାଧବ ଭାଇ, ତମର କିନ୍ତୁ ଏ ସରଳ ବିଶ୍ୱାସ ଟିକକ, ନିର୍ମଳ ମୂଲ୍ୟବୋଧଟିକ ବଜାୟ ରହୁ । ମଣିଷ ଉପରୁ' ଏ ଦୁନିଆ ଉପରୁ ସେ ଆସ୍ଥା ନ ତୁଟୁ— ଭରସା ନ ଖସୁ ।

ମୁଁ ଆଗେଇ ଚାଲିଥିଲି । ହେ ଭଗବାନ, ମାଧବ ଭାଇ ଭଲ ଥିବେ କି । ସମସ୍ତ କୁଶଳ ହୋଇଥିବ କି ତାଙ୍କର । ରମେଶ ଭାଇଙ୍କଠୁ ତାଙ୍କ ଅବସ୍ଥା ଶୁଣି ମୁଁ ବଡ଼ ବ୍ୟସ୍ତ ଚଞ୍ଚଳ ହୋଇ ପଡ଼ିଛି । ନିଜକୁ ବଡ଼ ଅପରାଧୀ ମନେ କରିଛି ।

ପେଟ ପାଟଣାର ନିର୍ମମ ସଂଗ୍ରାମରେ, ନିଜକୁ ପ୍ରତିଷ୍ଠିତ କରିବାର ପ୍ରବଳ ଘୋଡ଼ା ଦୌଡ଼ରେ ଏମ୍. ଏ. ପାଶ ପରେ ମୁଁ ଏଣେ ତେଣେ ଘୂରି ଘୂରି ଦୀର୍ଘ କୋଡ଼ିଏ ବର୍ଷ ପରେ ଏବେ ମାତ୍ର ଗାଁକୁ ଫେରିଛି । ତା ପୁଣି ବୋଉର ମୃତ୍ୟୁ ସମ୍ବାଦ ପାଇ । ଆଃ, ହତଭାଗା ମୁଁ, ଶେଷ ବେଳାରେ ଜନ୍ମ କଲା ଜନନୀକୁ ବି ଟିକିଏ ଦେଖି ପାରିଲିନି । ତୁଣ୍ଡରେ ଟିକିଏ ନିର୍ମାଲ୍ୟ ପାଣି ବି ଦେଇ ପାରିଲିନି ।

ଏହା ଭିତରେ ଦୀର୍ଘ କୋଡ଼ିଏ ବର୍ଷ କଟି ଗଲାଣି । କଟି ଗଲାଣି କେତେ ସ୍ନେହ, ପ୍ରୀତି, ମାୟା, ମମତାର ବନ୍ଧନ । କିନ୍ତୁ ମାଧବ ଭାଇ, ଓଃ ସେ ଯେ କଣ,……… ତାଙ୍କୁ ଆଉ ଏ ଜୀବନରେ ଭୁଲି ପାରିବି ନାହିଁ । ଆଜି ମନେ ପଡ଼ୁଛି । ବହୁଦିନ ତଳର ଘଟଣା …… .. ….. ।

ସେତେବେଳେ ମୋଟେ ମୁଁ ନବମ ଶ୍ରେଣୀର ଛାତ୍ର । ସେଥର ଗ୍ରୀଷ୍ମ ଛୁଟିରେ ଆମ ଗାଁ। ମେଳନ ପଡ଼ିଆରେ ଖୁବ୍ ଜାକଜମକରେ ଯାତ୍ରା' ହେଉଥାଏ । ନରଣପୁର ଆଉ ଶରଣପୁର ଦୁଇ ଦଳଙ୍କ ଭିତରେ ଲଢ଼େଇ ଯାତ୍ରା । ବେଳ ବୁଡ଼ୁ ନବୁଡ଼ୁଣୁ ଲୋକେ ଥାଟପଟାଳି ଲଙ୍ଗୁଥାନ୍ତି ଯାତ୍ରା ଦେଖିବା ପାଇଁ । ହୋ ହା, ଗୋ ଗାରେ କାନ ଅତଡ଼ା ପଡ଼ୁଥାଏ ।

ଆଗ ଉଠିଲେ ନରଣପୁର ଦଳ । ଗୋଟି ପିଲା ନାଚି-ନାଚି ଗଲେ । ରଜା ଆସିଲେ, ମନ୍ତ୍ରୀ ଗଲେ । ରାଣୀ ବାହାରିଲେ, ସଖୀ, ସହଚରୀ ଥିଲା ତାମସା, ହସ ଖୁସି କରି ଫେରିଗଲେ । ତଥାପି ପାଟିଗୋଳ ଥମିଲାନି— ସୋ ଘା କମିଲାନି । ସେଇଠୁ ଖଣ୍ଡିଆ ଜାମା ପଟା, ଭିର ମଇଳା, ନାଲିଆ ପ୍ୟାଣ୍ଟ ଆଉ ହରରଙ୍ଗୀ ପଟକି

ାଣି ବିଆରୁଦା ଅଉ ଗଛ ଉହାଡରୁ ବିଚିତ୍ର ସୁରରେ
ାଇ ଗାଇ ହୁସ୍‌କିନା ବାହାରିପଡ଼ିଲେ ରଙ୍ଗିଆ ଦୁଆରୀ ।

—ଆମେ ଆସିଗଲୁ ହୋ, ଆସିଗଲୁ ଆମେ

ରଙ୍ଗିଆ ଦୁଆରୀ; ଖଣ୍ଡିଆ ଘୋଡ଼ାରେ ଚଢ଼ି,
ଆମେ ଆସିଗଲୁ ହୋ...... . .

ାମ ଆଗେ ଆଗେ, ସୁଣୀ ଗୁଲିଗଲେ,

କୋକି ଗଲୁ ଏଣେ ବାହାରି,

ଆମେ ......... .... ।

ଏତେ ଘୋ ଘା, ହଇହଲ୍ଲା, ପାଟି ଗୋଳ କ୍ଷଣକେ ଚୁପ୍
ଡ଼ିଗଲା । ମେଳନ ପଡ଼ିଆରେ ପତ୍ର ଖସା ନୀରବତା ।
ିଆ ବୋହୂ, ମାଇପେ ମରଦମାନେ, ସମସ୍ତେ କୁହାବୁହି
ହେଲେ— ହେଇ ଆସି ଗଲା, ଆସିଗଲା ଲୋ ମା, ରଙ୍ଗିଆ
ୁଆରୀ ।

ସେଇଠୁ ରଙ୍ଗିଆ ଦୁଆରୀ ସଜ୍ଜନଙ୍କୁ ଅବଧାନ ହୋଇ
ାଙ୍କର ଘରକଥା ବୟାନ କରନ୍ତି । "ଆଜ୍ଞା ଭଲା କରକୁ
ଯୋଡ଼ି ଜଣାଏ କି ଆଜ୍ଞା ମଣିମା ଆଜ୍ଞା ସାଆନ୍ତେ,
ହୁଇଚି ମଉସା ବା, ହୋ ଖୁଡ଼ମାନେ, ଏ ଘର କଥା
ଘାର । କଣ ଆଉ ଆଜ୍ଞା ଆପଣ, ତମମାନଙ୍କୁ କହିବା
ସଭ ମଧ୍ୟରେ । ଆମ ଏ ଖାଲି ମା,ମାନେ ଆମ ଗୃହିଣୀ
ାନେ ମାନେ ଆମ ଇସ୍ତିରୀ ....ଅର୍ଥାତ୍ ... । ସେଇଠୁ ତ
ଲୋକମାନେ ହସି ହସି ଗଡ଼ିଯାନ୍ତି । ତାପରେ ଘନ ଘନ
ରତାଳିରେ ଯାତ୍ରାସ୍ଥଳ କମ୍ପିଉଠେ । ଗଗନ ପବନ
ରିଯାଏ । ମହାରାଜା ଆସି, ଖଣ୍ଡା ଦେଖାଇ ରଙ୍ଗିଆ
ଆରୀକି ଘଉଡ଼େଇ ଦେଲେ । ସେଇଠୁ ସେ ଅତରଛ
ହୋଇ,ଜାମାପଟା ଛିଣ୍ଡାଇ ଧାଇଁ ପଳାନ୍ତି । ଗୁରିଆଡ଼
ାଟିତୁଣ୍ଡ ହୁଏ—ନାଇଁ ନାଇଁ ରଙ୍ଗିଆ ଦୁଆରୀ ଫେରି
ାସନ୍ତୁ—ଫେରି ଆସନ୍ତୁ । ଆମପରି ବି ଗୃହିଜଣ ମାଟି କ
ରୁଥିବା ଟୋକା ଜନ୍‌କୋର ଛାଡ଼ି ଦିଅନ୍ତି ।

ସୁଆଙ୍ଗ ଗୁଲିଥିବାବେଳେ, ସମାଜ (ନାଟକ ଅର୍ଥରେ)
ଡ଼ି ପଡ଼ି ଆସୁଥିଲାବେଳେ, ଧଡ଼ାଏକିନା ବେଶ ବଦଳାଇ
କେତେବେଳ ଛୋଟା ଭଗିଆ ଢଙ୍ଗରେ, କେତେବେଳେ
ଣୀ ମାଧିଆ ଭଙ୍ଗୀରେ, ଖନା ସୁକୁଟା ବାଗରେ, ଅଥବା
ାଇ ବେମାରିଆ ହରିଆ ମଳିକ ଢଙ୍ଗରେ ବାହାରି ପଡ଼ି,

"ଆଜ୍ଞାଃ ଭଲା କରକୁ ଯୋଡ଼ି ଜଣାଏ କି ସଜ୍ଜନେ,

ଦୋଷ ମୋ ନ ଧରିବ ମନେ କି, ସଜ୍ଜନେ" ଗାଇ
ାଇ ସଭିଙ୍କୁ ଚମକାଇ ଦିଅନ୍ତି । ସେ କାଳରେ ଜମିଦାରର
ାଲିଆଖି, ପିଆଦାର ଜୁଲମ, ମହାଜନର ଡାଗିଦା,
ାତକର ହନ୍ତସନ୍ତିଆ, ନିଦରୁଣା ଜୀବନ, ନାଲି ପଗଡ଼ିଆଙ୍କ

କୋକୁଆ ଭୟ, ଶାଶୁ ନଣନ୍ଦଙ୍କ ଗଂଜଣା ଆଉ ବିସ୍ମରୀ
ନିରିମାଖି ବୋହୂ ଝିଲାଟିର ବାବ ଦହଗଂଜ ଜୀବନ ତାଙ୍କରି
ଫାର୍ସ ମଧ୍ୟରେ, କମିକ୍ ଭିତରେ ନିଖୁଣ, ଜୀବନ୍ତ ରୂପେ
ଫୁଟି ଉଠେ ।

"କ୍ଷିତିକି ଭିଣି ହେଲା ପ୍ରବଳ,
"ବନା ମା, ହନା ଥରେ ହାମ ଅଡ଼କୁ,"

"ଖାଇ ହୋ, ସରିଗଲା, ସରିଗଲା ଆମ ସୁଖ ସଂସାର,"
"ଚାଲେ ହଗୁର ମା, ପଳେଇବା ଏ ଗାଁ ଛାଡ଼ି" ଅଥବା

'ଟିକେଟ୍ କାଟିବା, ରେଳରେ ଚଢ଼ିବା, ଦେଖିବା
ହାବେଡ଼ା ପୋଲରେ ମନ, କଲିକତାକୁ ଚାଲ" ପ୍ରଭୃତି
ଶୁଣୁ ଶୁଣୁ ସମବେତ ଅସୁମାରି ଜନତା ହତ ଚକିତ ହୋଇ-
ଯାନ୍ତି—ମନ୍ତ୍ର ମୁଗ୍ଧ ହୋଇ ପଡନ୍ତି ।

ପୁଣି ବେଳେବେଳେ ସେ ଗେରୁଆ ଧୋତି ପିନ୍ଧି
ଫୁଙ୍ଗୁଳା ଦେହରେ ନାମାବଳି ଚଦର ଖଣ୍ଡେ ପକାଇ,
ବେକରେ କନିଅର, ଟଗର, ମଲି ଆଉ ତସ୍ୱରର ଗଜରା
ମାଳ ଲମ୍ବାଇ, ନିୟତି ରୂପରେ ଦେଖା ଦିଅନ୍ତି । ସୀତା
ହରଣ ବେଳେ ରାବଣକୁ, ମହାଭାରତ ଯୁଦ୍ଧରେ
ଦୁର୍ଯ୍ୟୋଧନକୁ, ରଂଗ ସଭାବେଳେ କଂସାସୁରକୁ
ଚେତାବନୀ ଶୁଣେଇ ଶୁଣେଇ ସେ ଗାଇ ଉଠନ୍ତି—

ଏ ଦମ୍ଭ ରହିବ ନାହିଁଟି ବାୟା,
କାଳ ସବୁନେବ ଛଡ଼ାଇ

କିମ୍ବା

ଝରିପୋକ ହଉଥା ଗେଟେଲ୍ଲାଇରେ, ବେଂଗ ବସିଛି ପାଟି
ମେଲାଇ,

ଅଥବା,

ଆଉ କାନ୍ଦନା ବାୟାଣୀଲୋ; ପାହାନ୍ତିଆ ତାରା ଏଣେ
ଦେଖା ଦେଲାଣି ।

ସେଇ ଉଦାତ୍ତ, ନିର୍ଭୀକ କଣ୍ଠରେ ଆଶା ଓ ବିଶ୍ୱାସର,
ସତ୍ୟ ଓ ଧର୍ମର ପବିତ୍ର ବାଣୀ ଶୁଣେଇ ଶୁଣେଇ ସେ
ସମସ୍ତଙ୍କୁ ଉଦ୍‌ବୁଦ୍ଧ କରିଛନ୍ତି ।

ଥରେ ଥରେ ତାଙ୍କରି କଣ୍ଠରୁ, "ଦୀନବଂଧୁ ଦଇତାରି,
ଦୁଃଖ ନଗଲା ମୋହରି"
"ଆହେ ନୀଳ ଶଇଳ, ପ୍ରବଳ ମତ୍ତ ବାରଣ"
"ଅଳକା ମନ ଚାଲ ଯିବା, ଚକା ନୟନ ଦେଖିବା"
ଅଥବା

"ମୁରୁଣୀ ସ୍ତୁତି, କଳାକଳେବର କହ୍ନେଇ, କୋଇଲି
ଲୋ, କେଶବ ସେ ମଥୁରକୁ ଗଲା"ପ୍ରଭୃତି ନାନା ଭଜନ,
ଜଣାଣ, ଛାନ୍ଦ ଚଉପଦି ପ୍ରଭୃତି ଶୁଣିବାକୁ ମିଳେ । ହାସ୍ୟ

ଓ ଅଶ୍ରୁର, କାରୁଣ୍ୟ ଓ ମାଧୁର୍ଯ୍ୟର ସମାହାରର ସ୍ରୋତରେ ଭାସି ଭାସି ଦେଖଣାହାରୀ ଜନତା, ଯେତିକି ଦେଖେ—ସେତିକି ହସେ—ଯେତିକି ହସେ ସେତିକି କାନ୍ଦେ । ରଂଗିଆ ଦୁଆରୀ—ନରସିଂହପୁର ଦଳ ମାଷ୍ଟ୍ରଙ୍କ ଆଖଡ଼ାର ଯୋଗ୍ୟ ହାସ୍ୟାଭିନେତା ଓ କଣ୍ଠଶିଳ୍ପୀ ଶ୍ରୀ ମାଧବ ଚରଣ ସ୍ୱାଇଁ ।

ରାତି ରାତି କେତେ ଅନିଦ୍ରା ହୋଇ, ଦିନ ଦିନ କେତେ ଲୋକଲୋଚ ଭୁଲି, କେତେ ଖାଲି, ଖମା, ନଈନାଳ, ବଣ ପାହାଡ଼, ବିଲମାଳ, ଭୁଜ ପଡ଼ିଆ ଡେଇଁ ଡେଇଁ ଲୋକେ ଛୁଟିଛନ୍ତି ତାଙ୍କ ଯାତ୍ରା ଦେଖିବା ପାଇଁ—ରଂଗିଆ ଦୁଆରୀର ମନଲୁଭା ନିଛକ ହାସ୍ୟରସ ଉପଭୋଗ କରିବା ପାଇଁ । କାହିଁ କେଉଁ ବିଳାପୁରି ଆଉ ନିଆଳି, ବାଙ୍କିହାଟି ଆଉ ଯୋଷରା ଗାଁ, ନୈନିପୁର ଆଉ ବିଶ୍ୱନାଥପୁର, ନୁଆହାଟ ଜୋହଳ, ଶାସନପଦା, ଲୁନ୍ଦର ଗାଁ ମୁଁ ଖାଲି ପାଦରେ ଚାଲି ଚାଲି ତାଙ୍କ ଯାତ୍ରା ଦେଖିଛି । ପେଟ୍ରୋମାକ୍ସର ଝାଳେଇ ଆଲୁଅ ତଳେ, ମଶାଲର ନାଲିଚିଆ ମଳିନା ଆଲୁଅ ଭିତରେ, ଲଣ୍ଠନର ଟିକିଟିକି ଟିମିଟିମିଣି ଆଲୁଅରେ କଷ୍ଟ ଓ ବେଦନାକୁ, ଦୈନ୍ୟ ଓ ଯାତନାକୁ ଉପହାସ କରି ତାଙ୍କରି ସେଇ ସରଳ, ନିରଭିମାନ ମୁହଁଟି ଝଲସି ଉଠିଛି । ହସି, ହସାଇଛି—ନାଚି, ନଚାଇଛି—କାନ୍ଦି କନ୍ଦାଇଛି ।

ଦିନକର କଥା । ଶରତଦିନ । ସକାଳୁଆ ସ୍କୁଲ ସାରି ଉହୁଉଡ଼ିଆ ଟି ପଥରେ ମୁଁ ଘରକୁ ଫେରୁଥାଏ । ଚାରିଆଡ଼େ ଶୁନ୍‌ଶାନ । କାଉ କୋଇଲିର ସୋର ଶବ୍ଦ ନାହିଁ । ଭୋକରେ ପେଟ ଜଳୁଥାଏ । ଧଇଁସଇଁ ହୋଇ ମୁଁ ଛୁଟିଥାଏ । ହଠାତ୍ ସଂଗୀତର ଏକ ମଧୁର ମୂର୍ଚ୍ଛନା କେଉଁଠୁ ଭାସି ଆସିଲା । ଟିକିଏ ଅଟକିଯାଇ ମୁଁ ଚାରିଆଡ଼କୁ ନିଘା କଲି । ଏପରି କାନରେ ବାଜି ବାଜି ଗଲା—

ହେ ଦୟାମୟ, ହେ କରୁଣାସିନ୍ଧୁ,
ଅଂଜଳି ମୋର ଭରି ଦେଇଛ ଅସରନ୍ତି ମଣିମାଣିକ୍ୟରେ,
ଅନ୍ତର ମୋର ପୂର୍ଣ୍ଣ କରିଛ ଅଶେଷର ଶାନ୍ତ ବାରିଧାରରେ । ମୋର ଆଉ କିଛି ଲୋଡ଼ା ନାହିଁ, ପ୍ରଭୋ, ତମରି ପାଦ ପଦ୍ମରେ କୋଟି କୋଟି ପ୍ରଣାମ କରୁଛି ।

ମୁଁ ସବୁ ଭୁଲିଗଲି । ଭୋକଶୋଷ ମୋର କୁଆଡ଼େ ଉଭେଇ ଗଲା । ନଇଁ ପଡ଼ି ଦେଖେଁ ତ ଅଳ୍ପ ଦୂରରେ ଏକ ଘଞ୍ଚାଳିଆ ବରଗଛ । ତା ଦେହକୁ ଆଉଜି ପଡ଼ି ମାଧବ ଭାଇ ଗାଇ ଚାଲିଛନ୍ତି—ହେ ଦୟାମୟ କରୁଣା ସିନ୍ଧୁ.... ........ଅଶ୍ରୁ ତାଙ୍କର ଛଳଛଳ । ସାରା ଦେହରେ ଅପୂର୍ବ ଶିହରଣ । ସେଇ ଆୟତ ଆଖି ଦୁଇଟିର ସ୍ନିଗ୍ଧ ମେଦୁର ଚାହାଣି, ସାରା ଦେହର ଅପୂର୍ବ ଶିହରଣ ବରଗଛର ପତ୍ର ଗହଳିରେ ମର୍ମରିତ ହୋଇ ଉଠୁଛି । ମୁଁ ଆଉ କିଛି ସ୍ଥିର ପାରିଲିନି । ସେଇଠି, ତାଙ୍କରି ପଛପଟେ ଚୁପ୍‌ଚାପ ବସି ପଡ଼ିଲି । କେତେବେଳକେ ଗାନ ବନ୍ଦ କଲାରୁ ମୁଁ ଚମକି ପଡ଼ିଲି । ପଡ଼ି କହି ପକାଇଲି—ଆଜ୍ଞା ବନ୍ଦ ହେଲେ କାହିଁକି ? ଗାଆନ୍ତୁ ନା............ । ସେ ବି ଚମକି ପଡ଼ି ପଛକୁ ଚାହିଁଲେ । ପଚାରିଲେ—ଆରେ ଏ ପିଲା, ତୁ କିଏ ? ଏ ଅବେଳାଟାରେ ଏଠି କାହିଁକି ? ଏତିକି ପଚାରିଦେଇ ମୋ ଆଡ଼େ କିପରି ଏକ ସ୍ନେହଶୀଳ ଆଖିରେ ସେ ଚାହିଁଲେ । ଆଃ, ସେ ଆଖିର କୋମଳତା, ସେ କଣ୍ଠର ମାଧୁର୍ଯ୍ୟକୁ ଜୀବନରେ ପୁଂଜିକରି ମୁଁ ପଥ ଚାଲିଛି ।

ମୋର ବ୍ୟାଗ୍ ଆଉ ବହିପତ୍ର ଦେଖି ସେ ପୁଣି ପଚାରିଲେ—ତୁ କେଉଁ କ୍ଳାସରେ ପଢୁଛୁରେ ବାବୁ ? ନା ଟି ତୋର କଣ ? ମୁଁ ସବୁକଥା କହି ଦେଇଗଲି । ତା ପରେ ପଚାରିଲି—ତମେ ଏଠି, ଆଉ ଅନ୍ୟ ଯାତ୍ରାକାରୀମାନେ, ପିଲାମାନେ ସବୁ କାହାନ୍ତି ? ସେ ପାଖ ଆମ୍ବତୋଟା ଆଡ଼େ ହାତ ଦେଖାଇଦେଲେ । ଛିଣ୍ଡା, ମଇଳା ଗାମୁଛାଟିମାନ ପାରିଦେଇ କେ କୁଆଡ଼େ ଲମ୍ବି ଯାଇଛନ୍ତି । ମସ୍ତ ଗୋଟାଏ ଅହିଆ ଖୋଳା ହୋଇ ତା ଉପରେ ହଣ୍ଡା ବସିଛି । ଗୋ ଘସି ଆଉ କଂଚା କାଠର ଧୂଆଁ ତୋଟା ସାରା ଖେଳେଇ ହୋଇ ଯାଇଛି । ମୁଁ ପଚାରିଲି—କଣ, ଏତେବେଳଯାଏ ତମମାନଙ୍କର ଖିଆପିଆ ସରିନାହିଁ ନା କଣ ?

ସେ ଖାଲି ଟିକିଏ ହସି ଦେଲେ । ତା ପରେ କହିଲେ — କାଲି ସେଇ ସଂଜ ପହରୁ ଦିଟା ଶୁଖିଲା ହୁଡ଼ୁମ୍ବ ଆଉ ଅଂଜୁଳାଏ ଲେଖାଁ ପାଣି ପିଇ ଆମେ ସଭାରେ ଠିଆ ହୋଇଥିଲୁ । ସମାଜ ସରିଲା ପାହାନ୍ତିଆକୁ । ମାଷ୍ଟ୍ରେ ଆଜି ସକାଳୁ ଯାଇ ଗାଁ ଗାଁ ବୁଲି ମାମଲତକାରମାନଙ୍କୁ କେତେ ବୁଝ ବୋଲ କରିବାରୁ ଗାଧୁଆବେଳକୁ ମକଦମଘର ଅଧ ଟୋକେଇଏ ସେମେଟା ଖଇ ପଠେଇଥିଲେ । ସେଥିରୁ ମୁଠାଏ ମୁଠାଏ ଆମେ ଖାଇଛୁ ।

ମୋ ଆଖି ଲୁହରେ ଛଳେଇ ଆସିଲା । ଦିଟା ଶୁଖିଲା ହୁଡ଼ୁମ୍ବ ଆଉ ସେମେଟା ଖଇ ଯାହାର ଖାଦ୍ୟରେ ବି ଠିକ୍ ବେଳାକାଳରେ ଯୁଟେନି ସେ ପୁଣି ଗୀତ ଗାଉଛି—

ହେ ଦୟାମୟ, ହେ କରୁଣାସିନ୍ଧୁ,
ଅଂଜଳି ମୋର ଭରି ଦେଇଛ ଅସରନ୍ତି
ମଣି ମାଣିକ୍ୟରେ ।

ହେ ଭଗବାନ, କଳାକାରର ଏ ବଦାନ୍ୟତା, ଏ ବିଶାଳତା ପାଖରେ ତମେ କଣ ଲଜ୍ଜିତ ନା ଈର୍ଷାନ୍ୱିତ ! ! ଆଜିଯାଏ ବି ଭଗବାନଙ୍କୁ ଏଇ ପ୍ରଶ୍ନ ପଚାରି ପଚାରି ମୁଁ ବାଟ ଚାଲୁଛି ।

ଏମିତି କେତେଦିନ ବିତିଯାଇଛି । ଶୁଣିଲୁ ପେଟରେ
ଓଦା ଗାମୁଛା ପକାଇ, ଷ୍ଟେଜ ଉପ.ସରେ, ହାରମୋନିୟମ,
ବିଗୁଲ ଆଉ ବଂଶୀ, କ୍ଲାରିଓନେଟ୍‌ର ବାଦ୍ୟମାନ, ଢୁବି
ତାବଲ୍, ଖଣ୍ଡା, ତଲୁଆର, ପୋଷାକପତ୍ରର ଗଣ୍ଠିଲିତକ
ମୁଣ୍ଡରେ ମୁଣ୍ଡେଇ, କାନ୍ଧରେ ନଦି, କେତେ ନଈନାଳ,
ବିଲବଣ, ଖାଲଢିପ, ଡେଇଁ ଡେଇଁ ଏ ଗାଁରୁ ସେ ଗାଁ, ଏ
ବଜାରରୁ ସେ ହାଟ ଯାତ୍ରାଦଳମାନେ ଦଉଡ଼ିଛନ୍ତି । ଭାଗ
ହାର ଶୁଖି ପିଣ୍ଡା ହୋଇଛନ୍ତି । ଛିଣ୍ଡା ହେଁସ, ଖଣ୍ଡିଆ
ଜତସ୍ତରେ ଗ୍ରୀନ୍ ରୁମ୍ ସଜେଇ ଦେହ ମୁଣ୍ଡରେ ରଂଗ
ବୋଳି ହୋଇଛନ୍ତି । ପାଉଡ଼ର ମାଖିଛନ୍ତି । ଶୁଣିଲୁ,
ନିଛାଟିଆ ତୋଟାମାଳ, ସଦା ପଡ଼ିଆରେ ନାଚିକୁଦି,
ଛାନ୍ଦ ଚଉପଦୀ ଭଜନ ଜଣାଣ ଗାଇ ଗାଇ ଶ୍ମଶାନର
ନୀରବତାରେ ପ୍ରାଣର ସ୍ପନ୍ଦନ ଖେଳେଇ ଦେଇଛନ୍ତି ।

ପାର୍ଟିପାଇଁ, ଅଭିନୟ ପାଇଁ, ପଇସାପତ୍ର ପାଇଁ, ଦର-
ଦାମ କଷାକଷି ନେଇ, କେବେ କେଉଁଠି ମାଧବ ସୋଈଏ
ଓସ୍ତାଦଙ୍କ ପାଖରେ ବା ମାଷ୍ଟ୍ରଙ୍କ ନିକଟରେ ଓଜର, ଆପତ୍ତି
କରି ନାହାନ୍ତି । ପ୍ରତିବାଦ ଜଣାଇ ନାହାନ୍ତି । ଯେତେବେଳେ
ଯେଉଁ ଭୂମିକା ଦିଆଯାଇଛି, ଯେତେ ଛୋଟ, ଯେତେ
ସାମାନ୍ୟ ହେଲେ ବି, ନିଜର ଅସାମାନ୍ୟ ପ୍ରତିଭା ଓ ଏକ-
ନିଷ୍ଠ ସାଧନାରେ ତାକୁ ସେ ମହୀୟାନ କରି ଦେଇଛନ୍ତି ।

ଅଭିନେତାର ଅହଂକାର, ମୁଖ୍ୟ ଭୂମିକାର ବଡ଼ିମା,
କେବେ ତାଙ୍କୁ କଳୁଷିତ କରିନାହିଁ । ସେଇ ହସ,
ସେଇ ସରଳତା, ସେଇ ସାଧନା ଆଉ ଉଦାରତା
ତାଙ୍କୁ ମହାନ କରିଛି—ବିରାଟ କରିଛି । ସେଇ
ନିରହଂକାର, ନିରାଡମ୍ବର, ନୀରବ ସାଧକଙ୍କୁ ବହୁ
କ୍ଷେତ୍ରରେ ବହୁବାର ମୁଁ ପ୍ରଣତି ଜଣାଇଛି । ସେବି
ମୋତେ ବହୁତ ଆଶୀର୍ବାଦ କରିଛନ୍ତି । ମୋ ଦେହ-
ମୁଣ୍ଡରେ ହାତ ବୁଲେଇଆଣି, ଛଳ ଛଳ ଆଖିରେ କହି-
ଛନ୍ତି—ଜଗନ୍ନାଥେ ତୋତେ ବଡ଼ଲୋକ କରନ୍ତୁ ବାପ,
ତୁ ମନଲଗେଇ ପାଠ ପଢ଼—ବଡ ହ.........ଆହୁରି
ବଡ । ଆମଏ ନାଟୁଆ, ବେହିଆ, ହେତେସାଙ୍କ ଦୁଃଖକଷ୍ଟ
ବୁଝୁ ବାପ..................................

ଗଲାଣି—ସେକାଳ କୁଆଡେ ଗଲାଣି । ଆଜିର ପରି-
ବର୍ତ୍ତିତ ପରିସ୍ଥିତିରେ ସେ ସବୁ ନାଟଦଳ କେ
କୁଆଡେ ଛିନ୍‌ଛତର ହୋଇ ଶିମିଳି ତୁଳାପରି ଉଡ଼ି
ଗଲେଣି । ସେ ଦିନର ତାଡ଼କା ଆଉ ହିଡ଼ିମ୍ବି,
ବକାସୁର ଓ ମହିଷାସୁର, କଂସାସୁର କି ଭୀମସେନ,
ସାବିତ୍ରୀ, ଦ୍ରୌପଦୀ, କାଂଚନମାଳା, ସୁଶୀଳ ମାଳତୀ
ଆଜି କାହାର ଆକୁକିଆରିରେ ପାଣି ମଡାଉଛନ୍ତି ।
କାନ ବରଡକୁ ମାଟି ବୋହୁଛନ୍ତି ଅଥବା କଟକ,
ଭୁବନେଶ୍ୱର ରାଜ ରାସ୍ତାରେ ମୋଟ ବୋହି ବୋହି
ଘାସକୁ ଛୋଟ, ପାଳକୁ ଲମ୍ବ ହୋଇ ପଡ଼ି ରହିଛନ୍ତି ।
ଗଲାଣି—ସବୁ କଥା ଓଲଟ ପାଲଟ ହୋଇ ଗଲାଣି ।

ମାଧବ ଭାଇଙ୍କ ଜୀବନରେ ଏହା ମଧ୍ୟରେ କେତେ
ଝଡ଼ଝଂଜା ବହି ଯାଇଛି । ନାଟତାମେସା କରି, ହେତେ-
ସାଙ୍କ ଭଳି ଗୁଡାଏ ଏପେଟେଣେ ବୁଲି ଉଦା ଖାଉଛି ବୋଲି;
ଓଲଟି ଅଭିଯୋଗ କାଢ଼ି ଭାଇମାନେ କେବେଠୁ ତାଙ୍କୁ
ଭିନେ କରି ଦେଲେଣି । ସାନଘର ଜମି କେଇ
ଗୁଣ୍ଠ ଭାଗରେ କରୁଥିଲୁ ଯେ, ଏବେ ଦି ବରଷ
ହେଲା ଭାଗ ଧାନ ଗଣ୍ଡାକ ବଂଦ କରିଦେଇ, ଭାଗ-
ଚାଷୀର ସତ୍ତ୍ୱ ବଜାୟ ଲାଗି ତହସିଲ ଅଫିସରେ
ଦରଖାସ୍ତ ଛାଡ଼ି ଦେଇଛି ।

ଏସବୁ କଥାକୁ ସୋଈଏ କେବେ ନଜର ଦେଇ
ନାହାନ୍ତି । ପରବାଏ କରି ନାହାନ୍ତି । ସବୁବେଳେ
ସେଇ ହସ—ମନଖୋଲା ସ୍ନେହ ଠୋକ କଥା ।
ଯୋଗକୁ ସେଇ ହସକୁରା, ଫିଙ୍ଗୁଲି ଫାଡ଼ିମାବିବି
ବି ତାଙ୍କୁ ଜୁଟି ଯାଇଛି । ଦୁଃସହ ଜୀବନର;
ଧୂ ଧୂ ମରୁବାଲିରେ ଫାଡ଼ିମା ତାଙ୍କର ଚଲାପଥର
ଏକମାତ୍ର ରକ୍ତ ଗୋଲାପ ।

ବହୁଦିନ ତଳର କଥା ସେ । ସେଥର ଅବଦୁଲ-
ପୁର ତୋଟାରେ ଅଗ୍ନିଭୂତୀୟାକୁ ଯାତ ହଉଥାଏ ।
"ଡେଲାଇଟ୍" ର ହାଲୋକ ଆଲୁଅରେ ତୋଟାମାଳ
ଉଜ୍ଜ୍ୱଳି ପଡୁ ଥାଏ । ଯାତ୍ରାର ଶେଷ ପ୍ରହର ।
ଗୋଟାଏ ଆମ୍ବ ଗଛକୁ ଆଉଜିପଡ଼ି ସୋଈଏ ଟିକିଏ
ଦମ ନେଲେ । ମଥାରୁ ଝାଳ ପୋଛିଲେ । ପକେଟରୁ
ବିଡ଼ି ଖଣ୍ଡେ କାଢ଼ି ନିଆଁ ଧରାଇଲେ । ହଠାତ୍
ତାଙ୍କର ଆଖି ଯେମିତି ଓଟାରି ହୋଇଗଲା । ଗଛ
ଗହଳିର ଗୋଟିଏ କଣକୁ, ନିରାପଦ ସ୍ଥାନରେ ସ୍ତ୍ରୀ
ଲୋକମାନେ ବସିଥାନ୍ତି । ତାରି ଭିତରୁ, ସେଇ ସବୁ
ରଂଗ ବେରଂଗର ଶାଢ଼ି ଆଉ ହାସ୍ୟୋଜ୍ଜ୍ୱଳ ମୁହଁଟି
ମାନ ଭିତରୁ ଦୁଇଟି ଆଖି, ସଜଳ କଜଳ ଆଖି,
ଯେମିତି ତାଙ୍କ ଆଡେ ଚାହିଁ ରହିଛି । ସୋଈଏ
ଟିକିଏ ହତବତେଇ ଗଲେ । ପୁଣି ପରେ ସେ ସାହସ
ସଂଚୟ କରି ସେଇଆଡେ ଚାହିଁଲେ । ହଁ ସେଇ
ମୁଗ୍‌ଧବିହ୍ୱଳ, ଦୁଇଟି ଆୟତ ଆଖିର ନୀରବ ଭାଷା
ତାଙ୍କୁ ଯେମିତି ଅଭିନନ୍ଦନ ଜଣାଉଛି । ଅଂଜୁଳା
ଅଂଜୁଳା ମଧୁମାଳତି ଆଉ ଗଂଗଶିଉଳି ସୋଈଙ୍କ
ଛାତିରେ ମହକ ଛୁଟାଇ ହଠାତ୍ ହସି ଉଠିଲେ ।
ସୋଈଏ ଚାହିଁଲେ—ଖାଲି ଚାହିଁ ରହିଲେ ।

ତାପର ଦିନ ଭୋର ପାଧୁଆଥିଲେ । କୁଶଭଦ୍ରା ନଈକୁ ଗାଧୋଇବାକୁ ଯାଇ ଯାଇ ହଠାତ୍ ନଈ କୂଳରେ ଦେଖିଲେ ପାଣି ମାଠିଆ ଡାଖେଇ ସେ ଅଳ୍ପ କିଏ ଅଛନ୍ତି । ଗୋଟିଏ ଚମକିଲେ—ଅଟକି-ଗଲ୍ପ କିଏସି । ରଜନୀଗନ୍ଧାର ଆନନ୍ଦସ୍ରୋତ ଆଉ ତିନିଟି ତଳକୁ ନଇଁ ଗଲ୍ପ । ଏଇ ଜମକ ଓଠ ଦୁଇଟି ସନ୍ତର୍ପଣକୋଳରେ ଟାଣିକି ଯାଇ ଯାଇ ପ୍ରତି ବିଶେଷ ଦୃଷ୍ଟରେ ଉଲୁସି ଉଠିଲ୍ଲ । ଏଇ ମିଶ୍ରପ୍ରତିକ୍ରିୟା, ବିପରୀତ ତାଙ୍କର ବିଚିତ୍ର ଯୋଗସୂତ୍ର ସ୍ୱାର୍ଥରୁ ବିଚଳିତ ଜନ୍ମ—ଅଥଚ ଜନ୍ମ । ତାପରେ.........ତାପରେ......... । ଗୋଟିଏ ବୁଝିଲେ ସେ ଗୋଟିଏ ମୁସଲମାନଝିଅ—ନାମଟି ତାର ଫାତିମା ।

ଫାତିମାର ସାଦି ହୋଇଥିଲ୍ଲ ଆଉ ଜଞ୍ଜିର ହମିଦ ସହିତ । ସାଦିର ମାତ୍ର ଚାରିଦିନ ପରେ ହମିଦ ଗଲ୍ଲ ଖଡ଼ଗପୁର ତା ମାମୁଁ ସଂଗରେ, ରେଲବାଇରେ କାଂଶ ଚାକିରି କରିବ ବୋଲି । ବାପ୍, ସେଇଦିନଠୁ ସେ ସେଇ ଅଛେ । ଚାହୁଁ ଚାହୁଁ ପାଂଚ ବର୍ଷ ବିତି ଗଲ୍ଲଣି, ସେ ଆଉ ଘରକୁ ଫେରୁନାହିଁ । ଏବେ ଖବର ମିଳିଲ୍ଲଣି ଯେ, ସେଠେ କୁଆଡେ କାହାକୁ ସେ ନିକା ହୋଇ ଭଲରେ ଘରଦ୍ୱାର କରି ରହିଲ୍ଲଣି ।

ଆଉ ଏଣେ, କାହାପାଇଁ, କେଉଁ ବାଟକୁ ଚାହିଁ ଚାହିଁ ଫାତିମା ନାଇବରେ ଲୁହ ଢାଳେ କେଜାଣି ॥

ସେଦିନ ସଂଜରେ ମାଧବ ଭାଇ, ହଠାତ୍ ଯାଇ ପଚାରି-ଲେ ଫାତିମା, ତୁ ମୋତେ ପୁଣି ଥରେ ସାଦି କରିବୁ ଫାତିମା । ନା, ନା, ଫାତିମା, ମୁଁ କାହାକଥା ଶୁଣିବାକୁ କାହା ମତାମତ ନେବାକୁ ଚାହେଁନା ।

ଜାତି, କୁଳ, ମାନ ମହତର ପ୍ରଶ୍ନ ତୁ ଉଠାନା ଫାତିମା । ଖାଲି କହ, ଅଳ୍ପଟିଏ ଖାଲି କହ, ତୁ ରାଜି କି ? ବାପ୍, ଚୁପ୍ ଚାପ ଫାତିମା ତାଙ୍କ ପଛେ ପଛେ ସେଇଠୁ ଉଠି ଚାଲି ଆସିଲ୍ଲ । ସେଇ ମୁହୂର୍ତ୍ତରୁ ଛାଇ ପରି ତାଙ୍କ ପଛେ ପଛେ ସେ ରହିଛି ।

ତାରିଲ୍ଲରି କେତେ କଥା; କେତେ ବାଧା, କେତେ ଉଡ଼ ଝଂଜା କେତେ ହୋହଲ୍ଲା; ପାଚିଗୋଳ କଳି କଜିଆ । ହିନ୍ଦୁ ମୁସଲମାନ, ଜାତି ଅଜାତି ନେଇ କେତେ ଦଳାଦଳି, ଘଣ୍ଟା ବଇଠା । ସବୁ ଧକ୍କାକୁ, ସମସ୍ତ ଝଡ଼କୁ ସେ ଦେହରୁଅ ଛାତି ପତେଇ, ଉନ୍ନତ ଶିର ଦେଖାଇ ଏକା ଏକା ସହିଛନ୍ତି—ସବୁ କିଛି ସହିଛନ୍ତି । କେହି ଚିଡ଼ିଏ ପଚାରି ନାହାନ୍ତି ଏତେବେଳେ । କେହି ଆହା କହିନାହାନ୍ତି । ଚୁପ ହୋଇ ସମସ୍ତେ ନିଜେ ଦେଖିଛନ୍ତି । ମେଳା ମେଳା ହୋଇ ଏଠି ସେଠି ଫୁସ୍ ଫାସ୍ ହୋଇ-ଛନ୍ତି । କାନକୁହା କଥା ଶୁଣିଛନ୍ତି । ଗୁଜବ ଉଠାଇଛନ୍ତି । ନଖଘଷି ଦାନ୍ତ ନେଫେଡ଼େଇଛନ୍ତି । ପାଖକୁ ଚିଢ଼ିଏ ଡାକିଲେ; କେଉଁ ଛଟକରେ, କେଉଁ ବାଟରେ ଖସିଯାଇ, କବାଟ କିଳି ଶୋଇ ପଡ଼ିଛନ୍ତି । କାନଡେରି ଉଡ଼ାକଥା ଶୁଣିଛନ୍ତି ।

ଘରଦ୍ୱାର, ବାଡ଼ିବଗିଚ୍ଛ, ଧନ ଦରବ ସବୁ ତେଜ୍ୟା କରିଦେଇ, ନଈକୂଳର ନିଛାଟିଆ ମଶାଣିପଦା ପାଖରେ ଗୋଟାଏ ଛୋଟ କୁଡ଼ିଆ କରି ପଡ଼ିରହିଛନ୍ତି । ସେ ନଈର ବାଲିକୁଦ, ନେଳିଆ ପାଣି, ଗୋଳିଆ ବଢ଼ି ଆଉ ଆଉ ଗଛ ଲତା, ପତ୍ରଫୁଲ, କାଉ କୋଇଲି, କଉଳପାତି, ଝଲତି ଦେଉଙ୍କ ନାଚ ଗୀତରେ ସବୁ ଭୁଲିଛନ୍ତି । ଆସନ୍ତା କାଲିର ରଂଗିନ ସ୍ୱପ୍ନ ଦେଖିଛନ୍ତି ।

.........ଗଲ୍ଲଣି—କେତେଦିନ ଗଡ଼ି ଗଲ୍ଲଣି, ଏ ନଈରେ କେତେ ପାଣି ବହି ଗଲ୍ଲଣି । ଏ କୁଦରୁ କେତେ ବାଲି ଉଡ଼ି ଗଲ୍ଲଣି । ଏ ମନରୁ କେତେ ସ୍ୱପ୍ନ ହଜିଗଲ୍ଲଣି । ସେଇ ମାଧବଭାଇ ଏବେ ରହି ଗଲେଣି । ଭଲକରି ଚାଲବୁଲ କରି ପାରୁନାହାନ୍ତି । ରମେଶ ଭାଇଙ୍କଠୁ ଏସବୁ କଥା ମୁଁ ଶୁଣିଛି ।

ଏବେ ଛମାସ ହେଲ୍ଲ ବାଇ ବେମାରିରେ ସେ ପଡ଼ି-ଛନ୍ତି । ଅନ୍ଧାବାଇ କେତେବେଳେ ପେଟକୁ, କେତେ-ବେଳେ ଅଣ୍ଟାକୁ ବା ଛାତିକୁ ଖେଁଚୁଛି, ଅଣ୍ଟା ସଳଖି ପାରୁ-ନାହାନ୍ତି ଅହା, ଜୀବନରେ କିଛି ତାଙ୍କୁ ଦେଇ ପାରିନି । କିଛି ହେଲେ ତାଙ୍କର କରି ପାରିନି । ତାଙ୍କରିଠୁ କେତେ କାଂଶ ସବୁ ନେଇଛି । ତାଙ୍କରି ଆଶୀର୍ବାଦରୁ, ତାଙ୍କରି କଲ୍ୟାଣରୁ, ମୁଁ ଆଜି ସାହିତ୍ୟିକ ବୋଲ୍ଲାଇ ଚାରିଆଡେ ଘୂରି ବୁଲୁଛି, ଏଣେ ତେଣେ ବକ୍ତୃତା ଝାଡୁଛି । ପତ୍ର ପତ୍ରିକାରେ ଲେଖା ଛାପୁଛି—ସମ୍ପାଦନା କରୁଛି, ଅଥଚ୍ ଏଇଠି—ଏଇ ମୋ ଗାଁ ମାଟିରେ, ଯିଏ ମୋ ଆଖିରେ ପ୍ରଥମ ସ୍ୱପ୍ନ; କଳ୍ପନାରେ ଡେଣା ଲଗେଇ ଦେଇଛି, ଯିଏ ମୋତେ ପ୍ରଥମେ ଚଖେଇଛି କଳା ଓ ସାହିତ୍ୟର ଅମୃତ-ସ୍ୱାଦ, ତାପାଇଁ କାଂଶ ବା କରି ପାରିଛି ॥ ଆମେ ସବୁ 'ମେଡ଼ିଓକୋର' ଫାଙ୍କିବାଜ, 'ଇଣ୍ଟିମ୍ୟାର' ବୁଦ୍ଧିଜୀବିଦଳ । ଜୀବନ ଠାରୁ, ଦୁନିଆଠାରୁ ଦୂରରେ ରହି, ଘଟଣା ସଙ୍ଗେ ସଂଶ୍ଳିଷ୍ଟ ନ ହୋଇ, ନାନା ଘାତ, ପ୍ରତିଘାତ ପ୍ରତି ନଜର ନ ଦେଇ, ମନର ଖିଆଲରେ ଏଣୁତେଣୁ ଗୁଡାଏ ଧାର କରା କଥାକୁ ପୁଂଜି କରି 'ମହା ମଉଜରେ ଧାଁଧପଡ଼ କରୁଛୁ । ନିଜର ପ୍ରତିଷ୍ଠା ପାଇଁ, ନିଜର ଖ୍ୟାତିଲ୍ଲାଗି, ସାହିତ୍ୟ, ସଂଗୀତ, ନୃତ୍ୟ ନାଟକକୁ ବିନିଯୋଗ କରି; ତୁମୁଳ ହଟଗୋଳ ଆଉ ଧୂଆଁ ବାଣରେ ବାୟୁ ମଣ୍ଡଳକୁ ଅଧିକ ଉତପ୍ତ, ଅଧିକ ଶ୍ୱାସରୁଦ୍ଧ କରୁଛୁ ।

ଛି ଯଦି ଏ ବୟସରେ, ଏ ଦୁର୍ଦ୍ଦିନରେ, ବନ୍ଧୁ ବିଳମ୍ବ ତ୍ତେ ବି କିଛି ହେଲେ ତାଙ୍କର କରିପାରେ...........କରି ରେ............... । ହାତର ବ୍ରିଫ୍‌କେସ୍ ଖୋଲି ମୁଁ ଡ଼ାଏ କାଗଜପତ୍ର ଅଣ୍ଡାଳି ପକାଇଲି । ହଁ, ସବୁ ଠିକ୍ ଛି ।

ବାଟ ସରି ଆସୁଛି । ମାଇ ସଂଡର ପାତଳ ଅନ୍ଧାର ହ ଲତାର ମଥାନରୁ, ନଈପଠା ଓ କେନାଲ ଛାଡ଼ିରୁ ରେ ଧୀରେ ମାଡ଼ି ଆସୁଛି । ତାଳ, ନଡ଼ିଆ, ଆମ୍ବ, ପଣସ ାର କନକପୁର ଗାଁ ଏଇ ମୋ ସାମନାରେ ।

+ × × ×

କବାଟ ଠକ୍ ଠକ୍ କରି ମୁଁ ଡକା ଛାଡ଼ିଲି ମାଧବ ଭାଇ, ା, ମାଧବ ଭାଇ, ଘରେ ଅଛ ମାଧବ ଭାଇ ? କବାଟ ାଲି ୧ ୨ ୧ । ଜଣକ ସଂଭ୍ରମରେ ଠିଆ ହେଲେ । ମସ୍କାର ଜଣାଇ କହିଲି—ମୁଁ...............ମୁଁ . . . . . .ମୁଁ ଇଛି ପ୍ରକାଶ ମହାନ୍ତି । ଆଇଛି ମାଧବ ଭାଇଙ୍କୁ ଟିକିଏ ଦେଖିବା ପାଇଁ । ବୃଦ୍ଧାଙ୍କ ମୁହଁରେ ହସ ଉକୁଟିଲା ।

ଘରଆଡ଼େ ମୁଁ ଆଗେଇ ଗଲି । ମାଇସଂଡର ସେଇ ତଳ ଅଂଧାରରେ ମାଧବଭାଇ ପିଣ୍ଡାରେ ବସି ଖଣ୍ଡେ ହିଁସ ବୁଣୁଥିଲେ, ମୋତେ ଦେଖି ଆନନ୍ଦରେ କୁରୁଳି ି କହିଲେ—ଆରେ ପ୍ରକାଶ, ତୁ ଆସିଛୁ ? ଆ ବାପ. . . .ଆ. . . .ଆ......... । ମୁଣ୍ଡିଆ ମାରି ତାଙ୍କୁ ମୁଁ ଛୁରିଲି—ଆଉ ଖବର ସବୁ କ'ଣ ମାଧବଭାଇ ? ସବୁ ଗଳତ ? ମାଧବ ଭାଇ ସେମିତି ହସି ହସି କହିଲେ— ରୁ ଦୁର୍ଯୋଗ ଓ ଦୁର୍ବିପାକ, ଅମଙ୍ଗଳ ଓ ଅକଲ୍ୟାଣକୁ ଏ କୁଶଳ ଆଉ ଆନନ୍ଦ ବୋଲି ଗ୍ରହଣ କରି ନେଇଛି ର ପୁଣି ଦୁଃଖ କଣ ? କଷ୍ଟ କେଉଁଠି ପାଇଁ ? ଏଇତ ଖୁଛୁ ବାପ, ହେଁସ ଖଣ୍ଡେ ବୁଣୁଛି । ବୟସ ବେଳେ ସହସରେ ବେଳଗଲା । ଆଉ ଏଇନେ ହେଁସକୁ ଧରିଛି । ରି ଆଉ ହେଁସର ବେଉସା ଭିତରେ ହାନି ଲାଭର ପ୍ରଶ୍ନ ଇଁରେ ବାପ ! ଆଉ ତୁ କେମିତି ଏଣେ ଏ ଅବେଳଟାରେ ଡ଼ି ପଡ଼ିଲୁ ମ ? ଫାଡ଼ିମା ଭାବୀ ଦି ଗ୍ଲାସ ଚା ଆଉ କୋର ଡ଼ିଆ ପକା ଚୁଡ଼ାଭଜା ଦି ଥାଳିଆ ଥୋଇ ଦେଇ ଗଲେ, ଡାଭଜା ଆଉ ଚା ପିଉ ମୁଁ କହିଲି—

ବହୁ ଅସମ୍ମାନ, ବହୁ ଅଣଦେଖା ଆମେ ତମମାନଙ୍କୁ ଛିଁ । ଆମକୁ ସବୁ ତମେ କ୍ଷମାକର ମାଧବଭାଇ । ଆଜି ଲ ଯୁଗ ଓଲଟି ଯାଇଛି । ଶିଳ୍ପୀ, କଳାକାରର ତ୍ୟାଗ ପ୍ରତିଭାକୁ ଏ ଦେଶ, ଏ ସରକାର ଆଜି ସ୍ୱୀକୃତି ଇଛି । ସେମାନଙ୍କ ଭରଣ ପୋଷଣ ପାଇଁ ଆର୍ଥିକ ନ୍‌ସନର ମଧ୍ୟ ବ୍ୟବସ୍ଥା କରି ଯାଉଛି । ଯା ଭିତରେ ଭୁବନେଶ୍ୱର ଯାଇ ସରକାରୀ ଉଚ୍ଚ କର୍ମକର୍ତ୍ତାମାନଙ୍କ ସହ କଥାବାର୍ତ୍ତା କରି ତମପାଇଁ ପେନ୍‌ସନ୍‌ର ବ୍ୟବସ୍ଥା କରି ସାରିଛି । ନାଁ, ନାଁ, ତମେ ଆଉ ମନାପନା କରନା । ସେ ପିଲ୍ଲିଆମି ଆଉ ଦେଖାଅନା । ଖାଲି ଏ ଫର୍ମ କେଇଖଣ୍ଡରେ ଦସ୍ତଖତ କରିଦିଅ । ତମର କେତେଖଣ୍ଡ ଫଟୋ ମଧ୍ୟ ଏଥିରେ ରହିବ ମୁଁ ସଙ୍ଗରେ କାମେରା ନେଇ ଆସିଛି । କାଲି ସକାଳେ ସେ ସବୁର ବ୍ୟବସ୍ଥା କରିଦେବି ।

ମାଧବ ଭାଇଙ୍କ ହାତରୁ ଚୁଡ଼ାଭଜା ଗଣ୍ଡାକ ଥାଳିଆ ଉପରେ ଖସି ପଡ଼ିଲା । ସେ ମୋଆଡ଼େ କିପରି ଏକ ଆଶ୍ଚର୍ଯ୍ୟ ଆଖିରେ ଚାହିଁ ରହିଲେ । ଛାତିରେ ମୋର ଛନକା ପଶିଲା । ବହୁଦିନ୍ ଯାହା ଆଶଙ୍କା କରୁଥିଲି, ଉପସ୍ଥିତ ପରିସ୍ଥିତିରେ ତାର ମୁହାଁ ମୁହିଁ ହେବାକୁ ଯାଉ-ଥିବାରୁ ଟିକିଏ କିପରି ଶଙ୍କିଗଲି । ମାଧବଭାଇ ଛେପ-ଢୋକି, ଗଳାସଫାକରି କହିଲେ—ବୁଝିଲୁ ପ୍ରକାଶ' ପିଲ୍ଲିଆମି ମୋର ନୁହଁରେ, ସବୁବେଳେ ତୋର ସ୍ୱଭାବ ଏମିତି । ତୁ ଅଛୁ, ସେଇ ମୋର ଯଥେଷ୍ଟ । ଏ ବିଶ୍ୱବ୍ରହ୍ମାଣ୍ଡ ଭିତରେ କେହି ଜଣେହେଲେ ମୋ ପାଇଁ ଅଛି, ମୋ ପାଇଁ ଭାବୁଛି, ସେଇ ମୋର ପରମ ଭାଗ୍ୟ— କୋଟିନିଧି ।

ତୁ ଜାଣୁ—ଜାଣୁ ତୁ ପ୍ରକାଶ, ଆରେ ହଟ ମାଷ୍ଟର ଏବେ ବି ବଞ୍ଚିଛିରେ । ନ ମରି ଯାହା ଦୁଃଖଟା ଖାଲି କଲବଲ ହଉଛି । ଭୋକ ଉପାସରେ, ପଥିପାଉନ ଟିକିଏ ନ ପାଇ ବୁଢ଼ୀଟା ଛଟପଟ ହୋଇ ମଲା । ଦିଦିଟା ଝିଅ ବାହା ହୋଇ ନପାରି, ପେଟ ବିକଳରେ ଦଉଡ଼ିଦେଇ ମଲେ । ଗୋଟିଏ ବୋଲି ଭେଣ୍ଡାପୁଅ, କି ବେମାରି ଧରିଲା କେଜାଣି, ଉପୁମାନେ ଗଲାପନ ଟଳି ପଡ଼ିଲା । ଆହାହା, ଆଉ କହନା, ବାପ, ଶତ୍ରୁକୁ, ଘୋର ପାଷାଣ୍ଡକୁ ବି ଏ ଦଶା ନ ପଡ଼ୁରେ ।

ଆରେ ହଟ ମାଷ୍ଟର କାହାକୁ ମଣିଷ ନ କରିଛି ? କେଉଁ ନାଟ ବାଲ୍ୟଠି, କେଉଁ ଗାୟକ ବାୟକଠି, ଏ ଆଡ଼ ଦୀର୍ଘ ଦଶକୋଶରେ ତା ଛାଟ ନ ବାଜିଛି ? ଆହା, କି ଛାନ୍ଦ, କି ଚଉପଦୀ, କି ଚମ୍ପୂ, କି ଭଜନ, କୀର୍ତ୍ତନ ତା କଣ୍ଠରୁ ନ ବାହାରିଛି ? ଚଟ୍‌କିନା ବେଶ ବଦଳେଇ ସଙ୍ଗେ ସଙ୍ଗେ କଂସାସୁରରୁ ତାଡ଼କା, ପୁତନା ହୋଇଯିବ । ରାବଣାସୁରରୁ ସୁଗ୍ରୀବ, ବିଭିଷଣ ସାଜିଯିବ, କେତେବେଳେ ମହାରାଜା ତ, କେତେ-ବେଳେ ପୋଇଲି, ପରିବାରୀ, ପୁଣି କେତେ-ବେଳେ ବୁଢ଼ା ମନ୍ତ୍ରୀ ତ, ଖୁହୁଁ ଖୁହୁଁ ପୁଣି

ଦୁଃଖଟା ମୁହୂର୍ତ୍ତକି । ଏ କି ଅଲୌକିକ ଶକ୍ତି ତାର— କି ଯେ ଯାଦୁକାରଣା ତାର !! ତାକୁ ଶୁଣି ଶୁଣି ଲୋକେ ଗାୟକ ହୋଇ ଯାଉଛନ୍ତିରେ, ଦେଖି ଦେଖି ଉସ୍ତାଦ ବନି ଯାଉଛନ୍ତି, ତାକୁ ଜାଣେଇ ଜାଣେଇ ନାୟକ ପାଲଟି ଯାଉଛନ୍ତି ।

ସେଇ ଦୁଖୀ, ସେଇ ହଟ ମାଷ୍ଟର, ତାକୁ ତମେ ଜାଣାଣ, ଶିଳ୍ପୀ ବା ଅଭିନେତା, ନିର୍ଦ୍ଦେଶକ ଯାହାକିଛି କହନା କାହିଁକି, ସେ ଅଛି ପଙ୍କ କାଦୁଅ ପଚପଚ, ମଶାମାଛି ଭଣଭଣ ଗୋବରଖତରେ ସଲବଲ ହୋଇ କୁହୁ କୁହୁ କରି ଶୋଉଛି । ତା କଥା ଟିକିଏ ବୁଝରେ ବାପ—ତା ପାଇଁ ଟିକିଏ ପଥିପାଇଣର ବେବସ୍ଥା କର । ମୋ କଥା କାହିଁକି ଅଣ ପଡ଼ିଛି ? ମୁଁ ତ ହେଲେ ଦେଶ ବୁଣି ଚଳି ପାରୁଛି । କିନ୍ତୁ ହଟ ମାଷ୍ଟ୍ରଙ୍କର ଯେ ଆଉ ହାତ ଗୋଡ଼ ଚଳୁ ନାହିଁ !!!

ମାଧବ ଭାଇ ଆଉ କିଛି କହି ପାରିଲେ ନି । କଣ୍ଠସ୍ୱର ତାଙ୍କର ବନ୍ଦ କନ୍ଦ ହୋଇ ଉଠିଲା । ସେତେବେଳେ ଆଖିରୁ ଲୁହଟପି ପଡ଼ିଲା ତାଙ୍କ ଆଉ ପିଂଜରା ହାଡ଼ ଦିଶେଇ ଦେଲା ।

ସେତେବେଳେ, ସେଇ ଶାନ୍ତ ସୁନ୍ଦର, ତ୍ୟାଗ ମଧୁର ମୁହଁଆଡ଼େ ମୁଁ ଚାହିଁ ରହିଥିଲି । ସ୍ଥିର ନିଶ୍ଚଳ, ନିଷ୍କମ୍ପ ଏକ ସାରସ୍ୱତ ଦୀପ ଶିଖା ଯେପରି ଦାଉ ଦାଉ ହୋଇ ଜଳି ଉଠୁଛି । ସେ ଶିଖାର ଧାସ ବାଜି କେତେ ନିଷ୍ପ୍ରଭ ପ୍ରଦୀପ ଜଳି ଉଠୁଛି—ଆଲୋକିତ କରୁଛି । ମୋର କଣ୍ଠସ୍ୱର ଭାଙ୍ଗି ଉଠିଲା—ମୁଁ ମାଧବ ଭାଇଙ୍କ ପାଦଧୂଳି ମୁଣ୍ଡିଆ ମାରିଲି । କହିଲି—ମାଧବ ଭାଇ, ! ତୁମେ ଯଥାର୍ଥରେ ସରସ୍ୱତୀଙ୍କର ବରପୁତ୍ର ।



ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ, ୧୯୭୭ ଜାନୁଆରୀ ୧୦ ତାରିଖ ଦିନ ଭୁବନେଶ୍ୱରସ୍ଥିତ ଓଡ଼ିଶା ଇଂଜିନିୟରିଂ କଂଗ୍ରେସରେ ଉଦ୍‌ବୋଧନ ଦେଉଛନ୍ତି

# ଶିକ୍ଷା କ୍ଷେତ୍ରରେ ବିଗତ ପ୍ରଗତିଶୀଳ ଦଶନ୍ଧି

ଅଧ୍ୟାପକ ଶ୍ରୀ ଜଗନ୍ନାଥ ମହାନ୍ତି

୧୯୬୬ ମସିହା ଜାନୁୟାରୀ ୨୬ ତାରିଖ । ଭାରତର ଶ୍ରୀମତୀ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ । ଏବେ ଏହା ଦଶୋଟି ବର୍ଷ ତଳର କଥା । ଏହି ମହାଜାତିର ଦୀର୍ଘ ଇତିହାସରେ ଏତିକି ସମୟ ବେଶୀ କିଛି ନୁହେଁ । କିନ୍ତୁ ସ୍ୱାଧୀନ ଭାରତ ଆଜିର ବିଶ୍ୱରେ ଏକ ଉନ୍ନତ ଓ ସମୃଦ୍ଧ ରାଷ୍ଟ୍ର ହେବା ଦିଗରେ ଯେଉଁ ଦୃଢ଼ ପଦକ୍ଷେପ ଗ୍ରହଣ କରିଛି, ସେହି ଦୃଷ୍ଟିରୁ ଏହି ଦଶୋଟି ବର୍ଷ ଏକ ସାଫଲ୍ୟମଣ୍ଡିତ ଦଶନ୍ଧି । ଅନ୍ୟାନ୍ୟ ସବୁ କ୍ଷେତ୍ର ପରି ଶିକ୍ଷା ଦିଗରେ ଭାରତର ଅଭୂତପୂର୍ବ ଉନ୍ନତି ସାଧିତ ହୋଇଛି ଏହି ସମୟ ମଧ୍ୟରେ ।

ଭାରତର ସଂବିଧାନ ଅନୁସାରେ ଶିକ୍ଷା ହେଉଛି ରାଜ୍ୟ ସରକାରମାନଙ୍କ ଦାୟିତ୍ୱ । କିନ୍ତୁ କେନ୍ଦ୍ର ସରକାର କେବଳ କେତେକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ବହୁ ଜାତୀୟ ଗୁରୁତ୍ୱସମ୍ପନ୍ନ ଶିକ୍ଷାନୁଷ୍ଠାନର ପରିଚାଳନା କରନ୍ତି ନାହିଁ, ସେ ସାର୍ବଜନୀନ ପ୍ରାଥମିକ ଶିକ୍ଷା ପାଇଁ ଥିବା ସାଂବିଧାନିକ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଦିଗରେ ସର୍ବଦା ଯତ୍ନଶୀଳ । ତେଣୁ ଶିକ୍ଷାର ପରିମାଣୀୟ ପ୍ରସାର ଓ ଗୁଣାତ୍ମକ ବିକାଶ ଦିଗରେ କେନ୍ଦ୍ର ସରକାରଙ୍କ ନେତୃତ୍ୱ ବିଶେଷ ଉଲ୍ଲେଖ ଯୋଗ୍ୟ ।

ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଜାତିର ନେତୃତ୍ୱ ଗ୍ରହଣ କରିବା ପରେ କେନ୍ଦ୍ର ସରକାର ଶିକ୍ଷାକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଥିଲେ । ତେଣୁ ବିଜ୍ଞ ଓ ପ୍ରଗତିଶୀଳ ଚିନ୍ତାଧାରା ସମ୍ପନ୍ନ ଶ୍ରୀ ଏମ୍. ସି. ଛାଗଲାଙ୍କୁ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଶିକ୍ଷାମନ୍ତ୍ରୀ ଭାବରେ ମନୋନୀତ କରାଯାଇଥିଲା । ସେ ଶିକ୍ଷାର ବିକାଶ ଓ ସଂସ୍କାର ଦିଗରେ ଦୃଢ଼ ପଦକ୍ଷେପ ନେଇଥିଲେ । ଶିକ୍ଷାକୁ ଜାତୀୟ ପୁନର୍ଗଠନ କ୍ଷେତ୍ରରେ କିପରି ଏକ ଶକ୍ତିଶାଳୀ ଆୟୁଧ ଭାବରେ ବିନିଯୋଗ କରିବାକୁ ହେବ, ସେଥିପାଇଁ ପରାମର୍ଶ ଦେବାକୁ ଏକ ଜାତୀୟ ଶିକ୍ଷା ଆୟୋଗ ଗଠିତ ହୋଇଥିଲା । ତାହା ଏହି ସମୟରେ ସେମାନଙ୍କର ସୁଚିନ୍ତିତ ରିପୋର୍ଟ ଦାଖଲ କରିଥିଲେ । ଉକ୍ତ ଆୟୋଗର ଅଧ୍ୟକ୍ଷ ଡକ୍ଟର ଡି. ଏସ୍. କୋଠାରୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଛାଗଲାଙ୍କୁ ଏହି ରିପୋର୍ଟ ୧୯୬୬ ମସିହା ଜୁନ୍ ୨୯ ରେ ସମର୍ପଣ କରିଥିଲେ ।

ଶ୍ରୀ ଛାଗଲାଙ୍କ ପରେ ବର୍ତ୍ତମାନର ରାଷ୍ଟ୍ରପତି ଶ୍ରୀ ଫକିରୁଦ୍ଦିନ୍ ଆଲି ଆହମଦ୍ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଶିକ୍ଷା ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କପରେ ଡକ୍ଟର ତ୍ରିଗୁଣା ସେନ୍ ଏବଂ ବର୍ତ୍ତମାନ ପ୍ରଫେସର ଶ୍ରୀ ନୁରୁଲ ହାସାନ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରହି ଜାତୀୟ ଶିକ୍ଷା କ୍ଷେତ୍ରରେ ନୂତନ ନେତୃତ୍ୱ ଓ ମାର୍ଗ ଦର୍ଶନ ଦେଇ ଆସୁଛନ୍ତି ।

୧୯୬୮ ମସିହାରେ ଭାରତୀୟ ପାର୍ଲାମେଣ୍ଟ ଦେଶର ଶିକ୍ଷା କ୍ଷେତ୍ରରେ ନୂତନ ସଂସ୍କାର ଓ ଦିଗଦର୍ଶନ ଦେବା ଉଦ୍ଦେଶ୍ୟରେ ଜାତୀୟ ଶିକ୍ଷାନୀତି (National Policy of Education) ଗ୍ରହଣ କରିଥିଲେ । ସଂବିଧାନର ନିର୍ଦ୍ଦେଶ ଓ ଲକ୍ଷ୍ୟକୁ ଯଥାଯଥ ଭାବରେ ପାଳନ କରିବା ସଙ୍ଗେ ସଙ୍ଗେ ନିରକ୍ଷରତା ଦୂରୀକରଣ, ବୃତ୍ତିଗତ ଶିକ୍ଷାଦାନର ବ୍ୟବସ୍ଥା, ତ୍ରିଭାଷାସୂତ୍ର ଗ୍ରହଣ, ୧୦+୨+୩ ଢାଞ୍ଚାର ନୂତନ ଶିକ୍ଷା ପ୍ରଣାଳୀ ପ୍ରବର୍ତ୍ତନ, ଜାତୀୟ ଆୟର ଶତକଡ଼ା ୬ ୭ ସ୍ଥଳେ ୬ ଭାଗ କେବଳ ଶିକ୍ଷା ଦିଗରେ ବ୍ୟୟ କରିବା

ସୁକ୍ରତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ଏହି ଜାତୀୟ ଶିକ୍ଷାନୀତି ମଧ୍ୟରେ ଗୃହୀତ ହୋଇଥିଲା ।

ଏହି ନିଷ୍ପତ୍ତିମାନ କାର୍ଯ୍ୟକାରୀ କରିବା ଦିଗରେ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ । କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ଶିକ୍ଷା ଉପଦେଷ୍ଟା ବୋର୍ଡର ବୈଠକଗୁଡ଼ିକ ଅନୁଷ୍ଠିତ ହୋଇ ବିଭିନ୍ନ ରାଜ୍ୟର ଶିକ୍ଷାମନ୍ତ୍ରୀ, ଶିକ୍ଷାସଚିବ, ଶିକ୍ଷା ନିର୍ଦ୍ଦେଶକ ଓ ଦେଶର ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କ ପରାମର୍ଶରେ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ ହେଲା । ଏହି ବୋର୍ଡର ଶେଷ ବୈଠକ ୧୯୭୫ ମସିହା ନଭେମ୍ବର ୨୭ ଓ ୨୮ ତାରିଖରେ ବସି ଦେଶର ଶିକ୍ଷା ବ୍ୟବସ୍ଥାର ପର୍ଯ୍ୟାଲୋଚନା କରିଥିଲେ । ଏଥିରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଭାଷଣ ଦେଇ ଶିକ୍ଷାର ଉନ୍ନତି ଓ ପ୍ରସାର ଦିଗରେ କେନ୍ଦ୍ର ସରକାରଙ୍କ ଆଗ୍ରହ ସୂଚାଇବା ସଙ୍ଗେ ସଙ୍ଗେ ଜାତୀୟ ଶିକ୍ଷା ନୀତିରେ ଘୋଷିତ ଲକ୍ଷ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ ।

## ସଂଖ୍ୟାତ୍ମକ ଉନ୍ନତି

ଗତ ୧୦ ବର୍ଷ ମଧ୍ୟରେ ଭାରତରେ ଶିକ୍ଷାନୁଷ୍ଠାନଗୁଡ଼ିକର ସଂଖ୍ୟା ଅଭୂତପୂର୍ବ ଭାବରେ ବୃଦ୍ଧିପ୍ରାପ୍ତ ହୋଇଛି । ୧୯୬୫ ମସିହାରେ ୩ ଲକ୍ଷ ୮୬ ହଜାର ପ୍ରାଥମିକ ବିଦ୍ୟାଳୟ ଥିଲାବେଳେ ୧୯୭୫ ମସିହାରେ ଏହାର ସଂଖ୍ୟା ୪ ଲକ୍ଷ ୨୨ ହଜାର ହୋଇଛି । ସେହିପରି ୧୯୬୫ ରେ ମି. ଇ. ସ୍କୁଲ ସଂଖ୍ୟା ୨୨ ହଜାର ଥିଲାବେଳେ ୧୯୭୫ ରେ ଏହି ସଂଖ୍ୟା ୮୮ ହଜାରକୁ ବଢ଼ିଯାଇଛି । ୧୯୬୫ ରେ ହାଇସ୍କୁଲ ସଂଖ୍ୟା ମୋଟ ୧୧ ହଜାର ଥିଲାବେଳେ ୧୯୭୫ ରେ ଏହି ସଂଖ୍ୟା ୩୨ ହଜାରରେ ପରିଣତ ହୋଇଛି । କଲେଜର ସଂଖ୍ୟା ମଧ୍ୟ ଦ୍ରୁତ ବଢ଼ିଯାଇଛି ।

୧୦ ବର୍ଷ ମଧ୍ୟରେ କେବଳ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୩ କୋଟି ୫୮ ଲକ୍ଷରୁ ୬ କୋଟି ୬ ଲକ୍ଷକୁ ବଢ଼ିଯାଇଛି । ସେହିପରି ହାଇସ୍କୁଲ ଓ କଲେଜରେ ଛାତ୍ର ସଂଖ୍ୟା ଓ ଶିକ୍ଷକ ସଂଖ୍ୟା ମଧ୍ୟ ଅପ୍ରତ୍ୟାଶିତ ଭାବରେ ବୃଦ୍ଧିପ୍ରାପ୍ତ ହୋଇଛି । ଭାରତର ସମସ୍ତ ରାଜ୍ୟରେ ଏହି ବୃଦ୍ଧିର ହାର ସମାନ ନୁହେଁ । କେଉଁ ରାଜ୍ୟରେ ଶିକ୍ଷାର ସଂପ୍ରସାରଣ ଖୁବ୍ କ୍ଷିପ୍ର ଓ କେଉଁ ରାଜ୍ୟରେ ଏହା ଖୁବ୍ ମନ୍ଥର । ଅଧିକାଂଶ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟର ସଂଖ୍ୟା ଶତକଡ଼ା ୨୦ ବଢ଼ିଥିଲାବେଳେ ମଧ୍ୟ ପ୍ରଦେଶରେ ୪୧, ଜାମ୍ମୁ-କାଶ୍ମୀରରେ ୪୩ ଓ ଓଡ଼ିଶାରେ ମାତ୍ର ୩୬ ଭାଗ ବଢ଼ିପାରିଛି । ସେହିପରି ହାଇସ୍କୁଲ ସଂଖ୍ୟା ସମସ୍ତ ରାଜ୍ୟରେ ଶତକଡ଼ା ୪୮ ରୁ ୭୨ ମଧ୍ୟରେ ବୃଦ୍ଧିପ୍ରାପ୍ତ ହୋଇଛି ।

ଆମ ଓଡ଼ିଶାରେ ଶିକ୍ଷାର କିପରି ସଂପ୍ରସାରଣ ଘଟିଛି ଦେଖାଯାଉ । ବିଭିନ୍ନ ଶିକ୍ଷାନୁଷ୍ଠାନର ସଂଖ୍ୟା, ଛାତ୍ର ସଂଖ୍ୟା, ଶିକ୍ଷକ ସଂଖ୍ୟା, ଆଦି ପ୍ରତ୍ୟେକ କ୍ଷେତ୍ରରେ ଅପୂର୍ବ ଭାବରେ ବୃଦ୍ଧି ଘଟିଛି । ୧୯୬୫ ରୁ ୧୯୭୫, ଏହି ଦଶ ବର୍ଷ ମଧ୍ୟରେ ପ୍ରାଥମିକ ବିଦ୍ୟାଳୟର ସଂଖ୍ୟା ୨୫ ହଜାରରୁ ୩୨ ହଜାରକୁ, ମି. ଇ. ସ୍କୁଲ ସଂଖ୍ୟା ୩ ହଜାରରୁ ସାଢ଼େ ୫ ହଜାରକୁ, ହାଇସ୍କୁଲ ସଂଖ୍ୟା ୧ ହଜାରରୁ ୨ ହଜାରକୁ ବଢ଼ିଯାଇଛି । ଛାତ୍ର ସଂଖ୍ୟା ଓ ଏହି ସମୟ ମଧ୍ୟରେ ଯେତେ ବଢ଼ିଛି, ତାହା କଳ୍ପନା କରିବା କଷ୍ଟକର । ଛାତ୍ରଛାତ୍ରୀଙ୍କ ସଂଖ୍ୟା ପ୍ରାଥମିକ ବିଦ୍ୟାଳୟରେ ୧୬ ଲକ୍ଷରୁ ୨୩ ଲକ୍ଷ, ମି. ଇ. ସ୍କୁଲରେ ୨ ଲକ୍ଷରୁ ୪ ଲକ୍ଷ, ହାଇସ୍କୁଲରେ ୨ ଲକ୍ଷରୁ ଅଢ଼େଇ ଲକ୍ଷକୁ ବଢ଼ିଯାଇଛି ।

| ସ୍ତର | ଶିକ୍ଷାନୁଷ୍ଠାନର ସଂଖ୍ୟା | | ଛାତ୍ରଛାତ୍ରୀ ସଂଖ୍ୟା | |
|---|---|---|---|---|
| | ୧୯୬୫-୬୬ | ୧୯୭୫-୭୬ | ୧୯୬୫-୬୬ | ୧୯୭୫-୭୬ |
| ପ୍ରାଥମିକ .. | ୨୫ ହଜାର | ୩୨ ହଜାର | ୧୬ ଲକ୍ଷ | ୨୩ ଲକ୍ଷ |
| ମି. ଇ. .. | ୩ ହଜାର | ସାଢ଼େ ୫ ହଜାର | ୨ ଲକ୍ଷ | ୪ ଲକ୍ଷ |
| ହା. ଇ. .. | ୧ ହଜାର | ୨ ହଜାର | ୨ ଲକ୍ଷ | ଅଢ଼େଇ ଲକ୍ଷ |

ଏହିସବୁ ସାଧାରଣ ବିଦ୍ୟାଳୟ ବ୍ୟତୀତ ଆଦିବାସୀ ଓ ହରିଜନପିଲାମାନଙ୍କ ପାଇଁ ସେବାଶ୍ରମ ଓ ଆଶ୍ରମସ୍କୁଲ ଏବଂ ମୌଳିକ ଢାଞ୍ଚାରେ ଜୁନିୟର ଓ ସିନିୟର ମୌଳିକ ସ୍କୁଲ ପ୍ରଭୃତି ରହିଛି । କେନ୍ଦ୍ର ସରକାରୀ କର୍ମଚାରୀ ପିଲାମାନଙ୍କ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ଓ ସୈନିକ ପ୍ରସ୍ତୁତି ପାଇଁ ସୈନିକ ସ୍କୁଲମାନ ଭାରତ ସରକାର ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ବିଭିନ୍ନ ପ୍ରକାର ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସଂଖ୍ୟା ମଧ୍ୟ ସ୍ୱାଭାବିକ ଭାବରେ ବୃଦ୍ଧିପ୍ରାପ୍ତ ହୋଇଛି । ଏହି ସଂଖ୍ୟା ୧୦ବର୍ଷ ମଧ୍ୟରେ ପ୍ରାଥମିକ ବିଦ୍ୟାଳୟରେ ୫୦ହଜାରରୁ ୭୦ ହଜାରକୁ, ମ:ଇ: ସ୍କୁଲରେ ୧୧ ହଜାରରୁ ୧୬ ହଜାରକୁ, ହାଇସ୍କୁଲରେ ୯ ହଜାରରୁ ୧୮ ହଜାରରେ ପରିଣତ ହେଲାଣି ।

| ଶିକ୍ଷାସ୍ତର | ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସଂଖ୍ୟା | |
|---|---|---|
| | ୧୯୬୫-୬୬ | ୧୯୭୫-୭୬ |
| ପ୍ରାଥମିକ ବିଦ୍ୟାଳୟ | ୫୦ ହଜାର | ୭୦ ହଜାର |
| ମ. ଇ. ବିଦ୍ୟାଳୟ | ୧୧ ହଜାର | ୧୬ ହଜାର |
| ହା. ଇ. ସ୍କୁଲ | ୯ ହଜାର | ୧୮ ହଜାର |

ଏହି ସବୁ ବିଦ୍ୟାଳୟରେ ଦକ୍ଷତାର ସହିତ ଶିକ୍ଷକତା କରିବାରେ ତାଲିମ ଦେବା ଲାଗି ରାଜ୍ୟରେ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନ ରହିଛି । ସେଗୁଡ଼ିକ ମଧ୍ୟରେ ଇ: ଟି: ସ୍କୁଲ, ଏସ୍:ଟି: ସ୍କୁଲ ଓ ଟ୍ରେନି କଲେଜମାନ ଉଲ୍ଲେଖଯୋଗ୍ୟ । ୧୯୬୫-୬୬ରେ ଶିକ୍ଷାବର୍ଷରେ ଉଭୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ତାଲିମଦାନ ପାଇଁ ୮୩ଟି ଇ:ଟି: ସ୍କୁଲ ରହିଥିଲା । କିନ୍ତୁ ଏଗୁଡ଼ିକ ନିମ୍ନସ୍ତରର ତାଲିମକେନ୍ଦ୍ର ହୋଇଥିବାରୁ ଏଗୁଡ଼ିକ ମଧ୍ୟରୁ କେତେକଙ୍କୁ ଉଠାଇ ଦିଆଯାଇଛି ଏବଂ କେତେକଙ୍କୁ ଏସ୍. ଟି. ସ୍କୁଲରେ ଉନ୍ନୀତ କରାଯାଇଛି । ବର୍ତ୍ତମାନ ଏଇ ଇ. ଟି. ସ୍କୁଲଗୁଡ଼ିକର ସଂଖ୍ୟା ମାତ୍ର ୬ଟି । ଅଥଚ ୧୯୬୫-୬୬ରେ ଉଭୟ ସାଧାରଣ ଓ ମୌଳିକ ପ୍ରଶିକ୍ଷଣ ବିଦ୍ୟାଳୟର ସଂଖ୍ୟା ୧୮ଟି ଥିଲାବେଳେ ୧୯୭୫-୭୬ରେ ଏହି ସଂଖ୍ୟା ୧୦୦କୁ ବୃଦ୍ଧିପ୍ରାପ୍ତ ହୋଇଛି । ବର୍ତ୍ତମାନ ଏଠାରେ ପ୍ରତିବର୍ଷ ପ୍ରାୟ ୧୦ ହଜାର ଶିକ୍ଷକ ତାଲିମପ୍ରାପ୍ତ ହେଉଛନ୍ତି ।

ବର୍ତ୍ତମାନ ଆମ ରାଜ୍ୟରେ ଟ୍ରେନିଂ କଲେଜର ସଂଖ୍ୟା ୬ଟି । କିନ୍ତୁ ୧୦ ବର୍ଷ ତଳେ ଏହି ସଂଖ୍ୟା ଥିଲା ୪ଟି । ଏଠାରେ ତାଲିମ ପାଉଥିବା ଭାବୀଶିକ୍ଷକଗଣ ସ୍ନାତକୋତ୍ତର ଡିଗ୍ରୀପ୍ରାପ୍ତ ହୋଇଥାନ୍ତି । ଏହି ପ୍ରଶିକ୍ଷଣ ମହାବିଦ୍ୟାଳୟଗୁଡ଼ିକରୁ ୧୯୬୫-୬୬ରେ ମାତ୍ର ୫୬୦ ଜଣ ଶିକ୍ଷକ ଉତ୍ତୀର୍ଣ୍ଣ ହେଉଥିଲା ବେଳେ ସଂପ୍ରତି ୧୨ଶହରୁ ଅଧିକ ବି. ଇଡ଼ି. ଡିଗ୍ରୀ ଲାଭ କରୁଛନ୍ତି । କଟକ, ଅନୁଗୋଳ, ଭୁବନେଶ୍ୱର, ସମ୍ବଲପୁର, ବଲାଙ୍ଗୀର ଓ ବ୍ରହ୍ମପୁର ଠାରେ ଏହି ପ୍ରଶିକ୍ଷଣ ମହାବିଦ୍ୟାଳୟମାନ ରହିଛି । ଏଗୁଡ଼ିକ ମଧ୍ୟରେ କଟକସ୍ଥିତ ରାଧାନାଥ ପ୍ରଶିକ୍ଷଣ ମହାବିଦ୍ୟାଳୟ ସବୁଠୁ ପୁରାତନ । ବି. ଇଡ଼ି. ବ୍ୟତୀତ ଏଠାରେ ମଧ୍ୟ ଏମ୍. ଇଡ଼ି. ପାଠ୍ୟକ୍ରମର ବ୍ୟବସ୍ଥା ରହିଛି । ସେହିପରି ଭୁବନେଶ୍ୱରସ୍ଥ ଆଞ୍ଚଳିକ ଶିକ୍ଷାମହାବିଦ୍ୟାଳୟ ଶିକ୍ଷକ ପ୍ରସ୍ତୁତି କ୍ଷେତ୍ରରେ ଏକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଛି । ଏଠାରେ ଭାରତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଛାତ୍ରଛାତ୍ରୀଗଣ ଅଧ୍ୟୟନ କରନ୍ତି, ଏବଂ ବିଭିନ୍ନ ବିଷୟ ସହିତ ପ୍ରଶିକ୍ଷଣରେ ଡିଗ୍ରୀଲାଭ କରି ପ୍ରତିବର୍ଷ ଶହ ଶହ ସଂଖ୍ୟାରେ ଶିକ୍ଷକ ଶିକ୍ଷୟିତ୍ରୀଗଣ ଏଠାରୁ ଉତ୍ତୀର୍ଣ୍ଣ ହେଉଛନ୍ତି ଏଠାରେ ମଧ୍ୟ ଏମ୍. ଇଡ଼ି. ପାଠ୍ୟକ୍ରମ ରହିଛି । ଚଳିତବର୍ଷ ସମ୍ବଲପୁର ପ୍ରଶିକ୍ଷଣ ମହାବିଦ୍ୟାଳୟରେ ମଧ୍ୟ ଏହି ପାଠ୍ୟକ୍ରମର ପ୍ରବର୍ତ୍ତନ ହୋଇଛି । ଏହା ବ୍ୟତୀତ ହାଇସ୍କୁଲ ଗୁଡ଼ିକର ହିନ୍ଦି ଶିକ୍ଷକ ପ୍ରସ୍ତୁତ କରିବା ପାଇଁ କଟକ ଓ ଭୁବନେଶ୍ୱରଠାରେ ଦୁଇଟି ହିନ୍ଦି ଟ୍ରେନିଂ କଲେଜ ରହିଛି ।

ଏହି ଦଶନ୍ଧିରେ ଆମ ରାଜ୍ୟ ଉଚ୍ଚଶିକ୍ଷାରେ ମଧ୍ୟ ଅଭୂତପୂର୍ବ ଅଗ୍ରଗତି କରିଛି । ୧୯୬୫-୬୬ରେ ମୋଟ ୬୨ଟି କଳା ଓ ବିଜ୍ଞାନ କଲେଜ ଥିଲାବେଳେ ବର୍ତ୍ତମାନ ୮୦ଟି ହୋଇଛି । ଏହା ବ୍ୟତୀତ ପୁଣି ୬ଟି ଅଣ୍ଡରଗ୍ରାଜୁଏଟ୍ କଲେଜ, ୩ଟି ଇଞ୍ଜିନିୟରିଂ କଲେଜ, ୩ଟି ମେଡ଼ିକାଲ କଲେଜ, ୧ଟି ଶାରୀରିକ ଶିକ୍ଷା କଲେଜ

ଟି ଅନେକ ମହାବିଦ୍ୟାଳୟ ପ୍ରଭୃତି ରହି ରାଜ୍ୟର ବିଭିନ୍ନ ଆବଶ୍ୟକତା ପୂରଣ କରୁଛନ୍ତି । ଏହିସବୁ କଳା ଓ ବିଜ୍ଞାନ କଲେଜ ମଧ୍ୟରେ କଟକର ରେଭେନ୍ସା କଲେଜ ଅତି ପ୍ରାଚୀନ ।

୧୦ବର୍ଷ ତଳେ ରାଜ୍ୟରେ ୨ଟି ବିଶ୍ୱବିଦ୍ୟାଳୟ ଥିଲା । ଏବେ କିନ୍ତୁ ୪ଟି ବିଶ୍ୱବିଦ୍ୟାଳୟ ରହିଛନ୍ତି । ସେହିପରି ମାଧ୍ୟମିକ ଶିକ୍ଷାପରିଷଦର କେନ୍ଦ୍ର ଅଫିସ କଟକରେହିଁ ଅବସ୍ଥାପିତ ହୋଇଥିଲା । ଏବେ କିନ୍ତୁ ତାର ଦୁଇଟି ଶାଖା ଅଫିସ ବ୍ରହ୍ମପୁର ଓ ସମ୍ବଲପୁରଠାରେ ଉଦ୍‌ଘାଟିତ ହୋଇଛି । ଏହି ସଂସ୍ଥାଗୁଡ଼ିକର କାର୍ଯ୍ୟପରିସର ବିଶେଷ ଭାବରେ ବିସ୍ତୃତ ହୋଇ ପାରିଛି ।

## ଗୁଣାତ୍ମକ ଉନ୍ନତ

ଶିକ୍ଷାର ଗୁଣାତ୍ମକ ଉନ୍ନତି ଦିଗରେ ରାଜ୍ୟ ସରକାରଙ୍କୁ ସାହାଯ୍ୟ କରିବାକୁ ବିଭିନ୍ନ ସ୍ତରରେ କେତେକ ସ୍ୱୟଂ-ଶାସିତ ତଥା ଉପଦେଷ୍ଟା ସଂସ୍ଥା ରହିଛି । ରାଜ୍ୟ ପ୍ରାଥମିକ ଶିକ୍ଷାର ଉନ୍ନତି ଓ ସଂସ୍କାର ଦିଗରେ ପରାମର୍ଶ ଦେବା ପାଇଁ ଗୋଟିଏ ପ୍ରାଥମିକ ଶିକ୍ଷା ପରିଷଦ ରହିଛି । ରାଜ୍ୟ ମୁଖ୍ୟମନ୍ତ୍ରୀ ବା ତାଙ୍କ ଅନୁପସ୍ଥିତିରେ ଶିକ୍ଷାମନ୍ତ୍ରୀ ଏହାର ବୈଠକରେ ଅଧ୍ୟକ୍ଷତା କରନ୍ତି ।

ସେହିପରି ମାଧ୍ୟମିକ ଶିକ୍ଷା ପରିଷଦ କେବଳ ହାଇସ୍କୁଲ ଓ ଟ୍ରେନିଂ ସ୍କୁଲର ଶେଷ ପରୀକ୍ଷାକୁ ନିୟନ୍ତ୍ରଣ କରନ୍ତି ନାହିଁ । ମାଧ୍ୟମିକ ଓ ପ୍ରଶିକ୍ଷଣ ବିଦ୍ୟାଳୟରେ ଶିକ୍ଷାର ମାନୋନ୍ନତି, ପାଠ୍ୟକ୍ରମ ନବୀକରଣ, ପରୀକ୍ଷା ସଂସ୍କାର, ପାଠ୍ୟପୁସ୍ତକ ପ୍ରଣୟନ ଇତ୍ୟାଦି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି । ବିଶ୍ୱବିଦ୍ୟାଳୟ ଗୁଡ଼ିକ ରାଜ୍ୟର ଉଚ୍ଚ ଶିକ୍ଷା ସ୍ତରରେ ଉପଯୁକ୍ତ ମାନରକ୍ଷା କରିବା ସଙ୍ଗେ ସଙ୍ଗେ ସମସ୍ତ ଶେଷ ପରୀକ୍ଷା ପରିଚାଳନା କରିଥାନ୍ତି । ନୂତନ ପାଠ୍ୟକ୍ରମର ପ୍ରଚଳନ, ପରୀକ୍ଷା ପଦ୍ଧତିର ନବୀକରଣ, ଆନ୍ତଃମହାବିଦ୍ୟାଳୟ ପ୍ରତିଯୋଗିତା ମାନଙ୍କର ସଂଗଠନ ଇତ୍ୟାଦି ବିଭିନ୍ନ ପ୍ରକାର ଉଦ୍ୟମ ମାଧ୍ୟମରେ ଉଚ୍ଚଶିକ୍ଷାର ବିକାଶ ପାଇଁ ବିଶ୍ୱବିଦ୍ୟାଳୟ ଗୁଡ଼ିକ କାର୍ଯ୍ୟ କରୁଅଛି ।

ଜାତୀୟ ସ୍ତରରେ ବିଦ୍ୟାଳୟ ଶିକ୍ଷାର ଉନ୍ନତି ସାଧନ ନିମନ୍ତେ ଏନ୍. ସି. ଇ. ଆର୍. ଟି. (NCERT) ବା ରାଷ୍ଟ୍ରୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ବହୁମୁଖୀ ପ୍ରଚେଷ୍ଟା କରିଆସିଛି । ଏହା ସେବାକାଳୀନ ତାଲିମ ଦାନ, ନୂତନ ଓ ଉପାଦେୟ ପୁସ୍ତକ ପ୍ରଣୟନ, ମୂଲ୍ୟାୟନର ଆଧୁନିକ ପଦ୍ଧତିର ପ୍ରଚଳନ, ଗବେଷଣା ଓ ପରୀକ୍ଷା ନିରୀକ୍ଷାର ସଂପାଦନ ଇତ୍ୟାଦି ଉପାୟ ଅବଲମ୍ବନ କରି ସାରା ଦେଶର ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି । ସେହିପରି ରାଜ୍ୟ ସ୍ତରରେ ରାଜ୍ୟ ଶିକ୍ଷା ପ୍ରତିଷ୍ଠାନ ବିଦ୍ୟାଳୟ ଶିକ୍ଷା, ବିଶେଷତଃ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ସେବାକାଳୀନ ତାଲିମ, ଗବେଷଣା, ପ୍ରକାଶନ, ସଂପ୍ରସାରଣ କାର୍ଯ୍ୟକ୍ରମ ପ୍ରଭୃତି ନାନାପ୍ରକାର ଉଦ୍ୟମ କରି ଆସିଛି । ଏବେ ଏହା ପ୍ରାଥମିକ ଶିକ୍ଷାକୁ ଗୋଷ୍ଠୀ-କେନ୍ଦ୍ରିକ କରିବା ପାଇଁ ନୂତନ ପାଠ୍ୟକ୍ରମ ପ୍ରସ୍ତୁତି ଓ ପ୍ରୟୋଗ କରିବା ଦାୟିତ୍ୱ ଗ୍ରହଣ କରିଛି ।

ଆଧୁନିକ ଯୁଗରେ ବିଜ୍ଞାନ ଶିକ୍ଷାର ଗୁରୁତ୍ୱ ଦୃଷ୍ଟିରୁ ଏବଂ ଆମର ବିଦ୍ୟାଳୟ ସ୍ତରରେ ବିଜ୍ଞାନ ଶିକ୍ଷାଦାନ ଆଶାନୁରୂପ ହେଉ ନ ଥିବାରୁ NCERT ଓ UNICEF ପ୍ରଭୃତି ଜାତୀୟ ତଥା ଆନ୍ତର୍ଜାତୀୟ ସଂସ୍ଥାଗୁଡ଼ିକର ସାହାଯ୍ୟ ସହଯୋଗରେ ବିଜ୍ଞାନ ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଛି । ଏହି ଦୃଷ୍ଟିରୁ ସେବାକାଳୀନ ତାଲିମ, ବିଦ୍ୟାଳୟଗୁଡ଼ିକୁ ବିଜ୍ଞାନ ଉପକରଣ ଗୁଡ଼ିକର ଦାନ, ଭ୍ରାମ୍ୟମାଣ ବିଜ୍ଞାନଗାର ପ୍ରଭୃତିର ବିନିଯୋଗ କରାଯାଉଛି । ରାଜ୍ୟ ଶିକ୍ଷା ପ୍ରତିଷ୍ଠାନ, ଶିକ୍ଷା ନିର୍ଦ୍ଦେଶାଳୟ ପ୍ରଭୃତି ଏହିସବୁ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରୁଛି ।

ଗଣତନ୍ତ୍ରର ସଫଳତା ନିମନ୍ତେ ଜାତିର ପ୍ରତ୍ୟେକ ନାଗରିକ ଅନ୍ୟୁନ ପ୍ରାଥମିକ ଶିକ୍ଷା ଲାଭ କରିବା ଏକାନ୍ତ ଆବଶ୍ୟକ । ସେଥିପାଇଁ ସଂବିଧାନରେ ସ୍ପଷ୍ଟ ନିର୍ଦ୍ଦେଶ ରହିଥିଲେହେଁ କେତେକ ଅସୁବିଧାବଶତଃ ଏହା ସମ୍ଭବ ହୋଇପାରି ନାହିଁ । ସର୍ବ ଭାରତୀୟ ସ୍ତରରେ ଶତକଡ଼ା ୮୦ ଜଣ ଛାତ୍ର ଛାତ୍ରୀ ପ୍ରାଥମିକ ଶିକ୍ଷାଲାଭ କରୁଥିଲେହେଁ ଏହା ପ୍ରତ୍ୟେକ ରାଜ୍ୟରେ ସମାନ ନୁହେଁ । ବିହାରରେ ଶତକଡ଼ା ପ୍ରାୟ ୫୩ ଜଣ ପ୍ରାଥମିକ ଶିକ୍ଷା ପାଉଥିଲା ବେଳେ ଓଡ଼ିଶାରେ ଶତକଡ଼ା ୭୦ ଜଣ ଓ କେରଳରେ ଶତକଡ଼ା ୧୦୦ ଜଣ ପ୍ରାଥମିକ ଶିକ୍ଷାଲାଭ କରୁଛନ୍ତି । କିନ୍ତୁ ଅବକ୍ଷୟ ଓ ଅପଚୟ ଯୋଗୁଁ ଅର୍ଥାତ୍ ପିଲାମାନେ ପାଠ ଛାଡ଼ି ଦେଉଥିବାରୁ ଏବଂ ଫେଲ୍ ହେଉଥିବାରୁ ସାକ୍ଷରତାରେ ବିଶେଷ ଉନ୍ନତି ହେଉନାହିଁ । ଏବେ ମଧ୍ୟ ଦେଶରେ ସାକ୍ଷରତା ସଂଖ୍ୟା ମାତ୍ର ୩୦ । ଏହି ଅବସ୍ଥାର ଉନ୍ନତି ପାଇଁ ବିଦ୍ୟାଳୟ ବାହାରେ ରହିଥିବା ୭୦ ଜଣ କିପରି ମୂର୍ଖ ହୋଇ ରହି ନ ଯିବେ ବା ଶିକ୍ଷାଲାଭ କରିପାରିବେ, ସେଥିପାଇଁ ରାତ୍ରିବିଦ୍ୟାଳୟ, ମଧ୍ୟାହ୍ନ ବିଦ୍ୟାଳୟ ପ୍ରଭୃତିର ଯଥେଷ୍ଟ ବ୍ୟବସ୍ଥା କରିବାକୁ ହେଉଛି ।

ଶ୍ରମ ପ୍ରତି ମର୍ଯ୍ୟାଦା ଓ ଆଗ୍ରହ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଜାତୀୟ ଉତ୍ପାଦନ କ୍ଷେତ୍ରରେ କିପରି ସମସ୍ତେ

ସହଯୋଗ କରି ପାରିବେ । ସେଥିପାଇଁ ଶିକ୍ଷା ବିଶେଷତଃ ମାଧ୍ୟମିକ ସ୍ତରରେ ବୃତ୍ତିଗତ ଶିକ୍ଷାର ପ୍ରବର୍ତ୍ତନ ଉପରେ ଖୁବ୍ ଗୁରୁତ୍ୱ ଦିଆଯାଉଛି । ଭାରତ ସରକାର ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ ଏହି କାର୍ଯ୍ୟକ୍ରମକୁ ଖୁବ୍ ନିଷ୍ଠାର ସହିତ କାର୍ଯ୍ୟକାରୀ କରୁଅଛନ୍ତି । ସମଗ୍ର ଦେଶରେ ପ୍ରଥମେ ବଛା ବଛା ହଜାରଟି ହାଇସ୍କୁଲରେ ଏହି ବୃତ୍ତିଗତ ଶିକ୍ଷାର ପ୍ରଚଳନ ହେଉଛି । ଆମ ରାଜ୍ୟ ସରକାର ମଧ୍ୟ ଏ ଦିଗରେ କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଶିକ୍ଷାକୁ ଚିତ୍ତାକର୍ଷକ ଓ ଫଳପ୍ରଦ କରିବା ନିମନ୍ତେ ଭାରତ ସରକାର ୧୯୭୪ ମସିହାରୁ ଶିକ୍ଷା ଉଦ୍ୟୋଗ ପରିକଳ୍ପନାକୁ କାର୍ଯ୍ୟକାରୀ କରୁଛନ୍ତି । ବିଭିନ୍ନ ସାଧନ-ସାମଗ୍ରୀ ଓ ଆଧୁନିକ ଯନ୍ତ୍ରପାତି ସାହାଯ୍ୟରେ ଶିକ୍ଷାର ଗୁଣାତ୍ମକ ଉନ୍ନତି ଘଟାଇବା ସଙ୍ଗେ ସଙ୍ଗେ ଶିକ୍ଷାର ପ୍ରସାର କ୍ଷେତ୍ରରେ ମଧ୍ୟ ଏହି ଯୋଜନା ସହାୟକ ହେବ । ଭାରତ ସରକାର କେନ୍ଦ୍ର ସ୍ତରରେ ପ୍ରତ୍ୟେକ ରାଜ୍ୟରେ ଶିକ୍ଷା ଉଦ୍ୟୋଗ କେନ୍ଦ୍ରମାନ ପ୍ରତିଷ୍ଠା କରି ଏହି ଲକ୍ଷ୍ୟ ସାଧନରେ ସହାୟକ ହେଉଛନ୍ତି । ୧୯୭୫ ମସିହା ଅଗଷ୍ଟ ପହିଲାରୁ ଉପଗ୍ରହ ଦୂରଦର୍ଶନ ଶିକ୍ଷା କାର୍ଯ୍ୟକ୍ରମର ଯେଉଁ ଅଭୂତପୂର୍ବ ପରୀକ୍ଷା ଓଡ଼ିଶା ସମେତ ଭାରତର ୬ଟି ରାଜ୍ୟରେ ସଂପାଦିତ ହେଉଛି, ସେଥିରେ ISRO, AIR, ଦୂରଦର୍ଶନ କେନ୍ଦ୍ର ପ୍ରଭୃତି ସଂସ୍ଥା ସହିତ ରାଜ୍ୟ ଶିକ୍ଷା ଉଦ୍ୟୋଗ କେନ୍ଦ୍ର ଘନିଷ୍ଠ ଭାବରେ ସଂପୃକ୍ତ ।

ଏହିସବୁ ଶିକ୍ଷା-କାର୍ଯ୍ୟକ୍ରମର ମେରୁଦଣ୍ଡ ହେଲେ ଶିକ୍ଷକ ସମାଜ, ତେଣୁ ସେମାନଙ୍କର ସେବାକାଳୀନ ଓ ଅବସରକାଳୀନ ସୁବିଧା ସୁଯୋଗ ବୃଦ୍ଧି ଓ ଶିକ୍ଷକ କଲ୍ୟାଣକର କାର୍ଯ୍ୟକଳାପକୁ ସଫଳତାର ସହିତ କାର୍ଯ୍ୟକାରୀ କରିବାରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ସତତ ଯତ୍ନଶୀଳ । ପ୍ରତିବର୍ଷ ସେମାନଙ୍କ ମଧ୍ୟରୁ କୃତୀ ଶିକ୍ଷକମାନଙ୍କୁ ଜାତୀୟ ଓ ରାଜ୍ୟ ସ୍ତରରେ ଉପାଧି ପ୍ରଦାନ କରାଯାଇ ସମ୍ମାନିତ କରାଯାଉଛି । ସେମାନଙ୍କ ପିଲାମାନଙ୍କର ଅଧ୍ୟୟନ ପାଇଁ ମଧ୍ୟ ସ୍ୱତନ୍ତ୍ର ସୁବିଧା-ସୁଯୋଗ, ବୃତ୍ତି ପ୍ରଭୃତି ସୁବ୍ୟବସ୍ଥା ହୋଇଛି । ଜାତୀୟ ଶିକ୍ଷକ କଲ୍ୟାଣ ପାଣ୍ଠିରୁ ଦୁଃସ୍ଥ ଓ ଅଭାବଗ୍ରସ୍ତ ଶିକ୍ଷକମାନଙ୍କୁ ଓ ସେମାନଙ୍କର ପରିବାରକୁ ସାହାଯ୍ୟ ଦିଆଯାଉଛି ।

ବିଦ୍ୟାଳୟ ଶିକ୍ଷା ହେଉଛି ସମଗ୍ର ଶିକ୍ଷା-ବ୍ୟବସ୍ଥାର ମୂଳଭିତ୍ତି । ରାଜ୍ୟ ସରକାରମାନେ ସଂବିଧାନ ଅନୁସାରେ ଏହାର ଉନ୍ନତି ଓ ପ୍ରସାର ଦିଗରେ ପ୍ରଧାନ ଦାୟିତ୍ୱ ନେଇଥିଲେହେଁ କେନ୍ଦ୍ର ସରକାର ଏହିଦିଗରେ ଜାତୀୟ ଗୁରୁତ୍ୱ ଥିବା ବହୁ ଯୋଜନା କାର୍ଯ୍ୟକାରୀ କରିବାରେ ଆବଶ୍ୟକ ପରାମର୍ଶ ଓ ଅର୍ଥଦାନ କରୁଛନ୍ତି । ସେହି ଯୋଜନାଗୁଡ଼ିକ ମଧ୍ୟରେ ଅଧିକାଂଶ ଶିକ୍ଷାର ଗୁଣାତ୍ମକ ଉନ୍ନତି ଦିଗରେ ମୁଖ୍ୟତଃ ଅଭିପ୍ରେତ ।

ଉଚ୍ଚଶିକ୍ଷା କ୍ଷେତ୍ରରେ ଉପଯୁକ୍ତ ମାନରକ୍ଷା ଓ ଗୁଣାତ୍ମକ ବିକାଶ ସାଧନ ନିମନ୍ତେ କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟା ବିଶେଷଭାବରେ ଉଲ୍ଲେଖଯୋଗ୍ୟ । ଏହି ସ୍ତରରେ ବୌଦ୍ଧିକ ନେତୃତ୍ୱ ଓ ଆର୍ଥିକ ସାହାଯ୍ୟଦେବା ନିମନ୍ତେ ଭାରତ ସରକାର କେତେକ ସଂସ୍ଥା ଓ ଉଚ୍ଚଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି । ସେଗୁଡ଼ିକ ମଧ୍ୟରେ U. G. C. ବା ବିଶ୍ୱ-ବିଦ୍ୟାଳୟ ଅନୁଦାନ ଆୟୋଗ, ଆଲିଗଡ଼, ବନାରସ, ଦିଲ୍ଲୀ, ବିଶ୍ୱଭାରତୀ, ହାଇଦ୍ରାବାଦସ୍ଥିତ କେନ୍ଦ୍ର ବିଶ୍ୱ-ବିଦ୍ୟାଳୟ, ଶାସ୍ତ୍ରୀଭାରତ—କାନଡ଼ା ସଂସ୍ଥା, ସିମଲାସ୍ଥିତ ଉଚ୍ଚତର ଶିକ୍ଷାସଂସ୍ଥା, ସମାଜ-ବିଜ୍ଞାନ ଗବେଷଣା ସଂସ୍ଥା ଭାରତୀୟ ଏବଂ ଐତିହାସିକ ଗବେଷଣା ପରିଷଦ ପ୍ରଭୃତି ପ୍ରସିଦ୍ଧ । U. G. C. କେବଳ ବିଭିନ୍ନ ବିଶ୍ୱ-ବିଦ୍ୟାଳୟକୁ ଆର୍ଥିକ ସାହାଯ୍ୟ ନଦେଇ ପରୀକ୍ଷା ସଂସ୍କାର, ପାଠ୍ୟକ୍ରମ ନବୀକରଣ, ଗବେଷଣାର ଉନ୍ନତି, ସ୍ୱୟଂ-ଶାସିତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରଭୃତି ନୂତନ ଉପାଦେୟ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରୁଛି । ଏହା ବ୍ୟତୀତ ଭାରତ ସରକାରଙ୍କ ତରଫରୁ ଆନ୍ତର୍ଜାତୀୟ ସଦ୍ଭାବ ଓ ଜ୍ଞାନର ବିକାଶ ନିମନ୍ତେ ବହୁ ଆନ୍ତର୍ଦେଶୀୟ ବିନିମୟ କାର୍ଯ୍ୟକ୍ରମ ମଧ୍ୟ ସଂପାଦିତ ହେଉଛି ।

ସବୁସ୍ତରର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶୃଙ୍ଖଳାଜ୍ଞାନ ସ୍ୱଦେଶପ୍ରୀତି, ସମାଜସେବା ପ୍ରଭୃତି ସଦ୍‌ଗୁଣ ଗୁଡ଼ିକରେ ବିକାଶ ନିମନ୍ତେ ବଏଜ୍‌ସ୍କାଉଟସ୍, ଗାଇଡସ୍, ଏନ୍. ସି. ସି., ଏନ୍. ଏସ୍. ଏସ୍. ପ୍ରଭୃତି ବିଭିନ୍ନ ପରିକଳ୍ପନା କାର୍ଯ୍ୟକାରୀ ହେଉଛି । ଏହିସବୁ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ସୁନାଗରିକ ଭାବରେ ଗଢ଼ିବା ସଙ୍ଗେ ସଙ୍ଗେ ସମାଜର ସେବା କରିବା ପାଇଁ ସୁଯୋଗ ଦେଉଛି । ଏହିସବୁ କାର୍ଯ୍ୟକ୍ରମକୁ ମଧ୍ୟ ଶିକ୍ଷାର ଅଙ୍ଗୀଭୂତ କରାଯାଇଛି ।

ବୈଷୟିକ ଶିକ୍ଷାକ୍ଷେତ୍ରରେ ଭାରତ ସରକାରଙ୍କ ଭୂମିକା ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ Indian Institute of Technology ବା ଭାରତୀୟ ଉଦ୍ୟୋଗ ସଂସ୍ଥା, କେତେକ ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରିଂ ଓ ଟେକ୍‌ନୋଲଜି ବିଭାଗ, ଆଞ୍ଚଳିକ ଇଞ୍ଜିନିୟରିଂ କଲେଜ, ଟେକ୍‌ନିକାଲ ଶିକ୍ଷକ ଟ୍ରେନିଂ ସଂସ୍ଥା, ଅନ୍ୟାନ୍ୟ କେତେକ ଇଞ୍ଜିନିୟରିଂ କଲେଜ ପ୍ରଭୃତି ପରିଚାଳିତ ହେଉଛି । ପ୍ରତିବର୍ଷ ଏହିସବୁ ଅନୁଷ୍ଠାନକୁ ହଜାର ହଜାର ସଂଖ୍ୟାରେ ଶିଳ୍ପୀ ଓ କାରିଗର ଶିକ୍ଷା ଓ ତାଲିମ୍‌ପ୍ରାପ୍ତ ହେଉଛନ୍ତି । ନିଖିଳ ଭାରତୀୟ

ବୈଷୟିକ ଶିକ୍ଷା-ପରିଷଦ (All-India Council for Technical Education) କେନ୍ଦ୍ର ସରକାରଙ୍କୁ ଦେଶରେ ବୈଷୟିକ ଶିକ୍ଷାର ବିକାଶ ଓ ପ୍ରସାର ନିମନ୍ତେ ଆବଶ୍ୟକ ପରାମର୍ଶ ଦେଇଥାନ୍ତି । ଏଣେ, ଖଡ଼ଗପୁର, ମାଡ୍ରାସ, କାନପୁର ଓ ଦିଲ୍ଲୀଠାରେ ଅବସ୍ଥିତ ଭାରତୀୟ ଉଦ୍ୟୋଗ ସଂସ୍ଥା (IIT) ଗୁଡ଼ିକ ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ପ୍ରଯୁକ୍ତି ବିଜ୍ଞାନରେ ଉଚ୍ଚଶିକ୍ଷା ପ୍ରଦାନ କରୁଥାଆନ୍ତି ଏବଂ ଏଗୁଡ଼ିକରେ ପ୍ରଦାନ କରାଯାଉଥିବା ଶିକ୍ଷା, ଗବେଷଣା, ତାଲିମ୍ ପ୍ରଭୃତିର ମାନ (Standard) ଖୁବ୍ ଉଚ୍ଚସ୍ତରର । ସମସ୍ତ ଦେଶର ୧୪ ଟି ଆଞ୍ଚଳିକ ଇଞ୍ଜିନିୟରିଂ କଲେଜ ଇଞ୍ଜିନିୟରିଂର ବିଭିନ୍ନ ଦିଗରେ ପ୍ରଥମଡିଗ୍ରୀ କୋର୍ସର ଶିକ୍ଷାଦାନ ଓ ଗବେଷଣାର ବ୍ୟବସ୍ଥା କରିଥାଏ ।

ଗଣତନ୍ତ୍ର ଓ ସମାଜବାଦର ସଫଳତା ନିମନ୍ତେ ଆମ ଦେଶରେ ଯେପରି ପ୍ରତ୍ୟେକ ଛାତ୍ରଛାତ୍ରୀ ଜାତି ଧର୍ମ ବର୍ଣ୍ଣ ଓ ଅବସ୍ଥା ନିର୍ବିଶେଷରେ ନିଜର ସାମର୍ଥ୍ୟ ଅନୁଯାୟୀ ଯଥାସମ୍ଭବ ଶିକ୍ଷାଲାଭ କରିପାରିବେ, ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ସଚେଷ୍ଟ ଓ ସଚେତନ । ଦାରିଦ୍ର୍ୟ ଯେମିତି କୌଣସି ପ୍ରକାର ପ୍ରତିଭାର ବିକାଶରେ ବାଧକ ନ ହେବ, ସେଦିଗରେ ସାହାଯ୍ୟ କରିବାପାଇଁ ବିଭିନ୍ନ ପ୍ରକାର ବୃତ୍ତି ଦାନର ବ୍ୟବସ୍ଥା ହୋଇଛି । ପ୍ରତ୍ୟେକଙ୍କ ବ୍ୟକ୍ତିତ୍ୱର ସର୍ବୋତ୍ତମ ବିକାଶ ହିଁ ଗଣତନ୍ତ୍ରର ମୂଳମନ୍ତ୍ର । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମ ଏହି ନୀତିକୁ ଆହୁରି ଦୃଢ଼ୀଭୂତ କରିଛି ଏବଂ ସହର ମଫସଲର ହଜାର ହଜାର ଦରିଦ୍ର ଓ ନିଃସ୍ୱ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରକାର ସାହାଯ୍ୟ ଦାନର ବ୍ୟବସ୍ଥା ହୋଇଛି ଏହା ଫଳରେ ଶିକ୍ଷାଲାଭ ସହଜ ଓ ସୁଲଭ ହୋଇ ପାରିଛି । ବିଭିନ୍ନ ପ୍ରକାର ବୃତ୍ତିର ସଂଖ୍ୟା ଓ ପରିମାଣ ବୃଦ୍ଧି, ଦରିଦ୍ର ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ଓ ଲିଖନ ସାମଗ୍ରୀ ଯୋଗାଣ ଦରିଦ୍ର ବାଳିକା ମାନଙ୍କୁ ପୋଷାକ ପ୍ରଦାନ, ବିଦ୍ୟାଳୟ ଓ କଲେଜରେ ପାଠ୍ୟପୁସ୍ତକ ବ୍ୟାଙ୍କ ଗଠନ, ଶସ୍ତାରେ ଛାତ୍ରଛାତ୍ରୀମାନଙ୍କୁ କାଗଜ ବଣ୍ଟନ, ଛାତ୍ରାବାସ ପାଇଁ ସୁବିଧା ଦରରେ ଖାଦ୍ୟ ସାମଗ୍ରୀର ବ୍ୟବସ୍ଥା ପ୍ରଭୃତି ପଦକ୍ଷେପମାନ ଅସ୍ୱଚ୍ଛଳ ପିଲମାନଙ୍କୁ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଶିକ୍ଷାର ପ୍ରସାର ଦିଗରେ ସହାୟକ ହେଉଛି ।

ଜାତୀୟ ପୁନର୍ଗଠନ କ୍ଷେତ୍ରରେ ଶିକ୍ଷାର ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ତାର ସଫଳ ରୂପାୟନ ପାଇଁ ଆଜିର ଶିକ୍ଷାକୁ ସକ୍ରିୟ ଓ ସମାଜ-ସଚେତନ କରିବାର ଉଦ୍ୟମ ହେଉଛି । କି ପ୍ରାଥମିକ କି ମାଧ୍ୟମିକ, କି ମହାବିଦ୍ୟାଳୟ, କି ବିଶ୍ୱବିଦ୍ୟାଳୟ ପ୍ରତ୍ୟେକ ସ୍ତରରେ ଶିକ୍ଷାକୁ ଗଠନମୂଳକ ଓ ଉତ୍ପାଦନଶୀଳ କରି ତୋଳିବାକୁ ହେବ, ଏହା ସମସ୍ତେ ବୁଝୁଛନ୍ତି । ସମାଜସେବା, କର୍ମାନୁଭୂତି, ବୈଜ୍ଞାନିକ ପରୀକ୍ଷାନିରୀକ୍ଷା ପ୍ରଭୃତି କାର୍ଯ୍ୟକ୍ରମ ଶିକ୍ଷାକୁ ପ୍ରାଣବନ୍ତ କରିବାକୁ ଯାଉଛି ଏବଂ ଆଧୁନିକ ପଦ୍ଧତି ଓ ସାଧନ ସାମଗ୍ରୀର ବିନିଯୋଗ ଶିକ୍ଷାକୁ ସଫଳ ଓ ଚିତ୍ତାକର୍ଷକ କରିବାରେ ସହାୟକ ହେଉଛି । ଏହିସବୁ ପ୍ରଗତିଶୀଳ ପଦକ୍ଷେପ ଗତ ଦଶନ୍ଧିର ବିଶେଷତ୍ୱ ଏବଂ ଏହିସବୁ ସାମାଜିକ ଚେତନାଶୀଳତା ଗତ ଦଶବର୍ଷର ଦିଗ୍‌ଦର୍ଶନ । ତେଣୁ ସ୍ୱାଭାବିକ ଭାବରେ ଏହି ଦଶନ୍ଧିରେ ଶିକ୍ଷାର ପ୍ରଗତି ଯେମିତି ଗୁରୁତ୍ୱପୂର୍ଣ୍ଣ, ସେମିତି ଅତୁଳନୀୟ ।

(ଦୂରଦର୍ଶନ କେନ୍ଦ୍ର, କଟକ ସୌଜନ୍ୟରୁ)

ଭାରପ୍ରାପ୍ତ ଅଫିସର, ଶିକ୍ଷା ଉଦ୍ୟୋଗ
କେନ୍ଦ୍ର, ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ,
ଓଡ଼ିଶା, ଭୁବନେଶ୍ୱର






**ଶ୍ରୀ କୁଳମଣି ମହାପାତ୍ର**

ଶୁଣ ସୁଜନ ଦେଇ ଚିତ୍ତ । ଏ ଯେ ଶ୍ରୀକଳି ଭାଗବତ ॥
ବିଶେଷେ ଯୌତୁକ ପୁରାଣ । ଶୁଣିଲେ ଖଣ୍ଡେ ଦୁଃଖମାନ ॥
ଦିନେ ନାରଦ ମହାମୁନି । ହସ୍ତରେ ଧରି କଳିମୁଣି ॥
ବୈକୁଣ୍ଠେ ପହଞ୍ଚିଲେ ଯାଇ । ଗୁପ୍ତ ଫାଇଲ ମାନ ନେଇ ॥
ଗୋବିନ୍ଦ ଆଗେ ଉଭା ହେଲେ । ଭାବେ ଶିରେଣ କର ଦେଲେ ॥
ସକାଳୁ ନାରଦଙ୍କୁ ଦେଖି । କୃଷ୍ଣ ହୋଇଲେ ମହା ସୁଖୀ ॥
ଯା ହେଉ ବଡ ଭାଗ୍ୟ ମୋର । ପହଞ୍ଚିଗଲ ମୁନିବର ॥
ଭିକ୍ଷା ନ ଭୁଞ୍ଜୁଣୁ ବାୟସ । ପହଞ୍ଚିଗଲ ମୋର ପାଶ ॥
ସଂସାର ଭଲ ମନ୍ଦ ବାଣୀ । ତୁରିତେ କହ ମହାମୁନି ॥

## ନାରଦ ଉବାଚ

ନାରଦ ବୋଇଲେ କଳିଆ । ଉଚ୍ଛନ୍ନ ହେଉଅଛୁ କିଆଁ ॥
ସବୁ କରି ତୁ ସବୁ ଜାଣୁ । ଉପରେ ଭକୁଆ ପ୍ରମାଣୁ ॥
ତୋହର କଳ୍ପ କର୍ମମାନ । ଭୁଞ୍ଜନ୍ତି ତ୍ରିଭୁବନ ଜନ ॥
ନିଜେ ତୁ ଭୋଗ ନିଜେ ଭୋକ୍ତା । ଫଳ ତୁ ଭୋଗୁ ଫଳଦାତା ॥
ନିଜେ ଦେଇଣ ନିଜେ ହରୁ । ନାମଟି ତୋର ମହାମାରୁ ॥
ଚୋର ରୂପରେ ଚୋରୀ କରି । ପୁଲିସ ରୂପେ ନେଉ ଧରି ॥
ତୋ ବୋଲେ ଭ୍ରମଇ ଜଗତ । କରୁଛି ଜାଲ୍ ଦସ୍ତଖତ ॥
କଳହ ପ୍ରିୟ ନାମ ଦେଲୁ । ଖଳଙ୍କ ମେଳେ ବୁଲାଇଲୁ ॥
ଅନ୍ଧର ମହଲେ ମୁଁ ପଶି । ବନ୍ଧୁ ରୂପେଣ ଯାଏ ମିଶି ॥
ଗୁପ୍ତ କଥାକୁ ନିଏ ଟାଣି । ମୁଁ ସି. ଆଇ. ଡି. ଶିରୋମଣି ॥
ସି. ଆଇ ଏ. ମୋ ଆଗରେ କେତେ । ଗାଡୁଛି ଭାଙ୍ଗୁଛି ନିରତେ ॥
ମୋ ଆଗେ ତୋ କପଟ ପଣ । ଶୋଭା ନ ପାଏ ନାରାୟଣ ॥

## ଶ୍ରୀ ଭଗବାନୁବାଚ

ଭକ୍ତ ବତ୍ସଳ ଭାବଗ୍ରାହୀ । ହସିଲେ ଅଧର କୁଞ୍ଚାଇ ॥
ବୋଇଲେ ବୁଝିଲି ରହସ୍ୟ । ନାରଦ ଧୀରେ ଟିକେ ବସ ॥

ଶୁଣ ହୋଇଣ ଶ୍ରଦ୍ଧା ଦିଅ । ଫିଲମ ପରେ ଟାଣିନିଅ ॥
ଆଜିର ପ୍ରୋଗ୍ରାମାନୁସାରେ । ଆଲୋଚନା ତ ହୋଇପାରେ ॥
ଯା କହି ଦେଖିଲେ ଭାରତୀ । ଚମକି ପଡ଼ିଲେ ଶ୍ରୀହରି ॥
ବୋଇଲେ ତତ ଶୁଣୁଥର । କଥା ଯୌତୁକ କାରବାର ॥
ମର୍ତ୍ତ୍ୟ ଜଣେ ସେତୁହନ୍ତି । ମାନବ ମାନବୀ ସବୁନ୍ତି ॥
ଏକ ଶହାବା ଭାଳ ଧରି । ଚଳି ଆସୁଛି ମର୍ତ୍ତ୍ୟପୁରି ॥
ତେବେ ତ ଏହା ବିରୁଦ୍ଧରେ । ନେତାଏ କହୁଣ ନ ଥିଲେ ॥
ଯୌତୁକ ଜଙ୍ଗେ ସଜନ । ବାଧ୍ୟ ନ ଥିଲୁ ସେତେବେଳ ॥
ଆଖିରେ ଆଙ୍ଗୁଠି ଗେଞ୍ଜିଣ । ଜଣେ ଦେଲୁକ ଦେଖାଇଣ ॥
ସେଇଠୁ ଖୁଲିଲା ଚଳନ । ଯୌତୁକ ପ୍ରଥା ନୁହେଁ ଭଲ ॥
ଏହାକୁ ଖେଳ ମଠନ କରି । ଅନନ୍ତ ଶେଯେ ଥିଲି ପଡ଼ି ॥
ଦାବୀ ନ ହେଲେ କିଏ ଶୁଣେ । ଏ କଥା ରହିଛି ପ୍ରମାଣେ ॥
ଛୁଆ ନ କାନ୍ଦିଲେ ଆଦର । ମାତା ତା ନ ଦିଅଇ କ୍ଷୀର ॥
ସେହି ପ୍ରକାରେ ଅସ୍ତ୍ର ଖେଳ । ମଙ୍ଗଳ କିବା ଅମଙ୍ଗଳ ॥

## ନାରଦ ଉବାଚ

ନାରଦ ବୋଇଲେ ଶ୍ରୀହରି । ଟାଉଟରଙ୍କ ଗୁରୁପରି ॥
କେତେ କହୁଚ ଧରି କଥା । ଓକିଲଙ୍କର ଏ ବ୍ୟବସ୍ଥା ॥
ତୁ ହେଉ ଅଟୁ ହର୍ତ୍ତାକର୍ତ୍ତା । ଜୀବ ଅଜୀବଙ୍କର ଭର୍ତ୍ତା ॥
ତୋର ବିରୁଦ୍ଧେ ପ୍ରଶ୍ନ ଗୋଟି । କେବେହେ ନ ପାରଇ ଉଠି ॥
କିଆଁ ଦେଉଛୁ କୈଫିୟତ । ସବୁ ଯେ ତୋହର ଆୟତ୍ତ ॥
ଏବେ ବିଚାର ତେବେ କର । ଅନେକ ହେଲାଣି ଉଚ୍ଚୁର ॥
ଯଦି ଯୌତୁକ ମନ୍ଦ କଥା । ଉଠାଅ ଶୀଘ୍ର ସେ ବ୍ୟବସ୍ଥା ॥
କୁଳବୁଡ଼ିଆ ଷଣ୍ଢ ତୋର । ପସନ୍ଦ ନ ହୁଅଇ ମୋର ॥

## ଶ୍ରୀ ଭଗବାନୁବାଚ

ହରି ବୋଇଲେ ପରିମାଣି । ଜାଣିଲି ଭକ୍ତ ଶିରୋମଣି ॥
କର୍ତ୍ତବ୍ୟ ପରାୟଣ ବୋଲି । ସି. ସି. ଆର୍. ଖାତାରେ ଲେଖିଲି ॥
ପକ୍ଷଣ ପକ୍ଷକୁ ପକ୍ଷଣ । ହଜାର ଥର ହେଲେ ଦୋଷ ॥
ତୁମ୍ଭ ଷ୍ଟିକିରୀ ଗୋଟି ଥୁଅ । ଯେଣୁ ଉତ୍ତମ ଷ୍ଟିକିରିଆ ॥
ତୁମ୍ଭରେ ହୋଇଛି ପ୍ରସନ୍ନ । ନାରଦ ବର ମାଗି ଘେନ ॥

## ନାରଦ ଉବାଚ

ନାରଦ ଶିରେ କର ଦେଇ । ବୋଇଲେ ନିସ୍ତରିଲି ମୁହିଁ ॥
ଦୟା ସାଗର ମହାବାହୁ । ଏହି ପ୍ରକାରେ ଦୟା ଥାଉ ॥
ଏ ତୋର ଚରଣ ଯୁଗଳ । ଜନ୍ମ ଜନ୍ମକେ ମୋ ସମ୍ବଳ ॥
ତୋ ପଦ ମୋର ଶିରେ ରହୁ । ହା କୃଷ୍ଣ ବୋଲି ଜୀବ ଯାଉ ॥
ଗୋବିନ୍ଦ ମାୟା ହେଲେ ଫେର । ନାରଦ ଗଲେ କାବା ହୋଇ ॥
କର୍ତ୍ତବ୍ୟ କରିବି ଅପିଲି । କେତେବେଳେ ଯେ ଗଲ୍ପ ଭୁଲି ॥
ଏବେ ନାରଦ ହୋଇ ଖର । ବୋଲନ୍ତି ନାହିଁ ବାଗସାର ॥
କଥା ରହିଲୁ ଯାଉ ଜାଣି । ଚକ୍ରତା ମାରୁଛୁ ତୁହାର ॥
ଚାକର ନୁହେଁ ମୁହିଁ ହରି । ତୋର ଆଜ୍ଞାକୁ ଶିରେ ଧରି ॥

ମର୍ତ୍ତ୍ୟେ ବୁଲିଲି ଅହର୍ନିଶ । ଦେଖିବେ ସମସ୍ୟାଟି କିସ ॥
ଜାଣିଲି କରି କଉତୁକ । ଲୋକେ ନିଅନ୍ତି ଯଉତୁକ ॥
ଲାଜ ସରମ ପାଦେ ଦଳି । ସଙ୍ଗରେ ଆଣିଥାନ୍ତି ଥଳୀ ॥
କେ ପୁଣି ଅଣିଥାନ୍ତି ଗାଡ଼ି । ଶଗଡ଼ମାନ ଧାଡ଼ି ଧାଡ଼ି ॥
ଝଖା ବସ୍ତା ଓ ଖାଲି ବାକ୍ସ । ଦେଖିଲେ ଲାଗଇ ସର୍କସ ॥
ସବାରୀ ଦେହେ ବୋହୂ ବସି । ଭସ୍ ଗାଡ଼ିକୁ ଦ୍ୟନ୍ତି ଯୋଖି ॥
ଫେରିଲାବେଳେ କି ହରଷ । ସତେ କି ଜିଣିଛନ୍ତି ଦେଶ ॥
ବାଣ ଫୁଟାଇ ଘନ ଘନ । ରୋଷଣୀ ବାଜା ବଡ଼ ଟାଣ ॥
ବୋହୂକୁ ଦେଖିବାର ପାଇଁ । ଗାଁ ଗଣ୍ଡାରୁ ଯାନ୍ତି ଧାଇଁ ॥
ଯୌତୁକ ପରିମାଣ ଦେଖି । ନିନ୍ଦା ପ୍ରଶଂସା ଦ୍ୟନ୍ତି ଲେପି ॥
ଊଣା ହୋଇବ ଯଦି କିଛି । ଆଉ କି ସେ ବୋହୂ ବଞ୍ଚିଛି ॥
ଜୀବନ୍ତ ମରଣ ଭୋଗିଣ । ନଇ ଗଡ଼ିଆ ଦେଖେ ଜାଣ ॥
ନେତ୍ରୁ ତା ଶ୍ରାବଣର ବାରି । ଅନବରତ ଥାଏ ଝରି ॥
ଏମନ୍ତ ଯୌତୁକର କଥା । ମର୍ତ୍ତ୍ୟରେ ଯାହାକି ବ୍ୟବସ୍ଥା ॥
ତୋ ଆଗେ କହିଲି ବିସ୍ତାରି । ଏବେ ତୋ ଇଚ୍ଛା ନରହରି ॥

### ଶ୍ରୀ ଭଗବାନୁବାଚ

ନାରଦ ମୁଖୁଁ ତଥ୍ୟ ଶୁଣି । କମ୍ପିଲେ ଦେବ ଚକ୍ରପାଣି ॥
କିସ କହିଲ ବ୍ରହ୍ମା ସୁତ । ମୋତେ ଲାଗଇ ବିପରୀତ ॥
ରଖିଲି ଯେଉଁ ଅଫିସର । ଲୁଟିଲେ ଭଣ୍ଡାର ମୋହର ॥
ମିଛ ସମ୍ବାଦମାନ ଦେଇ । ଗୁପ୍ତ କଥାରେ ମନ ମୋହି ॥
ଯୌତୁକ କଥା ମିଛ ବୋଲି । ଲେଖିଲେ ଫାଇଲରେ ଖାଲି ॥
ଯୌତୁକ ନୁହେଁ ପୁରସ୍କାର । ନୋଟ୍ ଯେ ନେଲେ ଅଫିସର ॥
ସସ୍ପେଣ୍ଡ ଡିସ୍ମିସ୍ମାନ । ଏଣିକି କରିବି ବିଧାନ ॥
କଥା କଥାକେ ନଡ଼କରି । ଛଡ଼ାଇ ଆଣିବି ଚାକିରି ॥
ଗାଲୁଆ ପଣ ଯିବ ଘୁଞ୍ଚି । ଦେଖ ମୁଁ ଯାଇଅଛି ରଗି ॥

### ନାରଦ ଉବାଚ

ନାରଦ ବୋଇଲେ ଶ୍ରୀହରି । ଟିକେ କଥାରେ ଯାଉ ଥରି ॥
ଏବେ କା ବଂଶ ବୁଡ଼ାଇବୁ । କାରେ ବା ବିଧବା କରିବୁ ॥
ତୋ କୋପ ଅଟେ ହୁତାଶନ । ଡରଇ ଯାକୁ ଦେଖି ଯମ ॥
ସେ କୋପ ସଂହରି ଶ୍ରୀପତି । ଉପାୟ ପାଞ୍ଚିବା ତତ୍ପତି ॥
ଅଣ୍ଡା ମୁଣ୍ଡରେ ଯାହା କଲେ । ପ୍ରମାଦ ନ ପଡ଼ଇ ଭଲେ ॥
ଦେଖ ଅମୁକ ଲୋକ ଗୋଟି । ରାଗି ତା ବକ୍ଷ ଗଲା ଫାଟି ॥
ସମୁକ ବହୁମୂତ୍ର ରୋଗୀ । କେବଳ ବୃଥା ରାଗି ରାଗି ॥
ତମୁକ ବାବୁ ରାଗି କରି । କରନ୍ତି ଖାଲି ଗୁଣ୍ଡାଗିରି ॥
ରକ୍ତଚାପ ଓ ବହୁମୂତ୍ର । ଘୋଟିଲା ତାହାଙ୍କୁ ଏକତ୍ର ॥
ତା'ଛଡ଼ା ନିରୀହ ମାରିଣ । କି ଯଶ ରଖିବୁ ଭୁବନ ॥

### ଶ୍ରୀ ଭଗବାନୁବାଚ

ନାରଦ ରସମୟ ବାଣୀ । ଆବର ସଙ୍ଗୀତର ଧ୍ୱନି ॥
ଶୁଣି ସନ୍ତୋଷ ନାରାୟଣ । ହସିଲେ କିର୍କିରି ହୋଇଣ ॥

ଲୋଭରେ ଆପଣାର ତୁଣ୍ଡେ | ଶାସନ୍ତ ଅଛି ତୁମ ମୁଣ୍ଡେ ||
ତୁମକୁ ଛାଡ଼ି ପୁରସ୍କାର | ଦେବାକୁ କରୁଛି ବିଚାର ||
ମୋ କୋପ ହେଲ ଶାନ୍ତ କରି | ଧନ୍ୟ ତୁମର ମୁନିଗିରି ||
ଦେବଙ୍କ ମଧ୍ୟେ ହୋଇ ନେତା | ହୋଇଛ ଜଗତ ବିଜେତା ||
ଏପରି କଥା ଯେ ନ କହେ | ଜୀବନେ ଉନ୍ନତି ତା ନୋହେ ||

## ନାରଦ ଉବାଚ

ନାରଦ କହେ ଯୋଡ଼ି କର | ଶୁଣିବା ହେଉ ଚକ୍ରଧର ||
କଥା ବାଗେଇ ଅଣୁ ଅଣୁ | ପୁରାଇ ଦେଉ ଏଣୁ ତେଣୁ ||
ମର୍ତ୍ତ୍ୟେ ଭାରତ ବୋଲି ଦେଶ | ଦେବତା ବ୍ରାହ୍ମଣଙ୍କ ବାସ ||
ତୀର୍ଥ, ଆଶ୍ରମ, ଦେବାଳୟ | ନଦୀର ଜଳ ପୁଣ୍ୟମୟ ||
ପର୍ବତ ଉପତ୍ୟକା ମାନ | ସବୁଠି ବିରାଜୁଛି ପୁଣ୍ୟ ||
ସନ୍ଧ୍ୟା ପ୍ରଭାତେ ପଢ଼ାଯାଏ | ପବନେ ଧର୍ମଶ୍ରବ ବହେ ||
ସେ ଦେଶେ ଯୌତୁକ ବିଧାନ | ପୁଣ୍ୟର ମହା ପ୍ରହସନ ||
ଲୋତକ ଜଳେ ସ୍ନାନ କରି | ସ୍ୱାମୀ ଗୃହକୁ ଯାଏ ନାରୀ ||
ବାଳିକା ଚତୁର୍ଦ୍ଦଶ ବର୍ଷ | କଷଣ ଭୋଗଇ ବିଶେଷ ||
ସମର୍ଥ ନୋହେ ଯେଣୁ ପିତା | କଷଣ ଭୋଗଇ ଦୁହିତା ||
କଥା କଥାରେ ଦୀନ୍ତି ଝାଡ଼ି | କେବେ ବା ଦିଅନ୍ତି ଘଉଡ଼ି ||
ସ୍ୱାମୀର ପ୍ରିୟତମା ବୋଲି | ହେବାକୁ ଅସିଛି ଯେ କାଲି ||
ଅଛି ତା ଉପରେ ପ୍ରହାର | ଚତୁର୍ଦ୍ଦିଗ ତା ଅନ୍ଧକାର ||
ଆଖିରେ ଦେଖିଲଇ ମୁହିଁ | ତୁଣ୍ଡରେ କଲେ ନୋହେ କହି ||
ଏଥିକୁ କରିବୁ ବିଚାର | କଥାତ ନ ଲୁଚଏ ଚୋର ||

## ଶ୍ରୀ ଭଗବାନୁବାଚ

ଶୁଣ ଭକତ ଶିରୋମଣି | ତୋ କଥା ଅଲୌକିକ ମଣି ||
ଅପୂର୍ବ ଭାରତ ଭୁବନ | ଶିକ୍ଷା ସଂସ୍କୃତି ପରିପୂର୍ଣ୍ଣ ||
ସେଠାରେ ଏତେ କଦାଚାର | ସହନ୍ତି ଲୋକେ କି ପ୍ରକାର ||
ସେ ଦେଶେ ନାହିଁକି ଶାସନ | ନାହିଁକି କାର ବୁଦ୍ଧି ଜ୍ଞାନ ||
ସେ ଦେଶ ଲୋକଙ୍କର ମୁଣ୍ଡେ | ଗୋବର ରହିଛି ପ୍ରଚଣ୍ଡେ ||
ଆଦର୍ଶବାଦୀ ଟୋକାଦଳ | ବିବାହ ହେଲେକି ଦୁର୍ବଳ ||
କାହାରି ନାହିଁ ହୋଲକ୍ଷେଳ | ଯାହା ହେଉଛି ସବୁ ଭଲ ||
ସମସ୍ତେ ଭକୁଆ ହୋଇଲେ | ବେଶୀ କି କୁନ୍ଦୁରୀ ଖାଇଲେ ||
ପଖାଳ ତେଣ୍ଡି ନାକଯାଏ | ଘୁଙ୍ଗୁଡ଼ି ମାରନ୍ତି କି ଶୋଏ ||
କେସନେ ଏତେ ବଡ଼ ଦେଶ | କି ପାପ ଫଳେ ହେଲା ନାଶ ||

## ନାରଦ ଉବାଚ

ନାରଦ ବୋଲନ୍ତି ବଚନ | ଶୁଣ ମୋ କଥା ନାରାୟଣ ||
ମାଟ୍ରିକ୍ ପାଅଣ କରିଲେ | ଟୋକାଙ୍କ ଖିଅ ଚଢ଼େ ଉଲେ ||
ଦେଖିକି ନିଜ୍ଞମ ତାଳସ୍ | ବାପାଏ ଲାଗିଯାନ୍ତି ଢସ୍ ||
ରେଡ଼ିଓ ଘଣ୍ଟା ସାଇକେଲ | ମାଗନ୍ତି ହୋଇଲେ ବି ଫେଲ୍ ||
ସ୍କୁଟର ପାଅଣ ବାଳୁଏ | ଦାବୀ କରନ୍ତି ଶେଷଯାଏ ||
ନହେଲେ ବେହାକୁ ଫେରନ୍ତି | କନ୍ୟା ବାଳୁଏ କାନ୍ଦୁଥାନ୍ତି ||

ଦରିଦ୍ର ହେଲେ ବର ଘର । ଯେଷଣା ବଡ଼ ଚମତ୍କାର ॥
କିପରି କରିବେ ଖବନ୍ତି । ଯନ୍ତ୍ରା ଖରଚ ମାଗୁଥାନ୍ତି ॥
ହଜାର ପାଞ୍ଚଦଶ ମାତ୍ର । କନ୍ୟା ପିଅର ଯୋଡ଼ ହସ୍ତ ॥
ରୂପା ବାସନ ପାଟ ଶାଢ଼ି । ସେ ୫ଡ଼ିନାରୀ ତାକୁ ଛାଡ଼ି ॥
କେତେ ସୁନାର ଅଳଙ୍କାର । ହିସାବ ଆଗେ ଦିଅ ତାର ॥
ମୋହର ଦାବୀ କିଛି ନାହିଁ । ବାପାଙ୍କ ସନ୍ତୋଷଟି ଚାହିଁ ॥
ଭାଇର ଏ ବଚନ ଶୁଣି । ଶ୍ୱଶୁର ମନେ ହୁଏ ଖୁସି ॥
ମୋ ଭାଇଁ ଦିଅଇ ବକ୍ତୃତା । ବୁଝିବାକୁତ ଜଣେ ନେତା ॥
ଯୌତୁକ ବିରୁଦ୍ଧେ ଖଷଇ । ଡରଇ ବାପାଙ୍କୁ କିମ୍ପାଇଁ ॥
ଯେବେ ତାହାଙ୍କୁ କହିଦେଲେ । ଯୌତୁକ ଉଠିଯାଆନ୍ତା ଭଲେ ॥
ଝିଅ ଜନମ କରିଥାଇଁ । ସଙ୍ଗେ କି କିଛି ଦେବି ନାହିଁ ॥
ବେକ ଓସ୍ତଇ ମାରି ବିଧା । କଥାଟା ଦିଏ ବଡ଼ ବାଧା ॥
ସବୁ ସମ୍ପତ୍ତି ବିକି ଦେବି । ଝିଅକୁ ବିଭା କରାଇବି ॥
ତାପରେ ହୋଇବୁ ଭିକାରୀ । ବରଂ ଏ ଝିଅ ଯାଉ ମରି ॥
ସମସ୍ତେ ଅନଳେ ଝାସିବା । ନ ହେଲେ ମହୁର ଭକ୍ଷିବା ॥
ଯେତେ ଦୟିନୀ କଲେ ଏବା । ତିଳେ ନୁହଇଁ ଅନୁକମ୍ପା ॥
ବରଟି ବଢ଼ଇ ସୁଧାର । ମୁଣ୍ଡ ହଲାଉ ଥାଏ ତାର ॥
ଦାନ୍ତୁରୀ ହସିଲେ କାନ୍ଦିଲେ । ଦିଶଇ ଯେସନ୍ତେ ଏକା ଭଳେ ॥
ତେସନ୍ତେ ଏ ମୁଣ୍ଡ ହଲା ଠାର । ବୁଝିଲେ ଉଭୟ ପ୍ରକାର ॥
କାମଟି ହୁଅଇ ଅବଶ୍ୟ । ବରକୁ ନ ଲାଗଇ ଦୋଷ ॥
ନରଙ୍କ ମାୟା ବଢ଼ି ପାଣି । ଦେବତା ନ ପାରନ୍ତି ଜାଣି ॥
ଖୁବୀ ବରଙ୍କ କାରବାର । କଳି ନ ପାରନ୍ତି ଅମର ॥
ଭୂଆଁ ବୁଲଇ ସରକାର । ସର୍ବେ ତ ସାଧୁ କାହିଁ ଚୋର ॥
ସବୁରି ମୁଖେ ହରି ନାମ । ସର୍ବେ ଦେଖାନ୍ତି ଦେଶ ପ୍ରେମ ॥
ରହସ୍ୟମୟ ତାଙ୍କ ବାଣୀ । ସଂସାର ସାଗର ତରଣୀ ॥
ବିଷ୍ଣୁ ମାୟାର ବ୍ୟତିରେକେ । ଏହାକୁ ନାଶ କରିବ କେ ॥

## ଶ୍ରୀ ଭଗବାନୁବାଚ

ଶୁଣି ଗୋବିନ୍ଦ ହସ ହସ । ବୋଇଲେ ନାରଦ ହୋ ବସ ॥
ଅବଶ୍ୟ ପ୍ରତିକାର କରି । ହେଲେ ତାରିବି ବସୁନ୍ଧରୀ ।
ବିଷ୍ଣୁ ମାୟାକୁ ପ୍ରକାଶିବି । ତନଙ୍କୁ କଷଣୁ ତାରିବି ॥
ଦେବର୍ଷି ନୁହଁ ଡର ଡର । ଶାସନ କ୍ଷେତ୍ରେ ଏ ପ୍ରକାର ॥
କର୍ମ କଷଣ ଦେହ ସହେ । ଅରଣ୍ୟେ ଅଜଗର ପ୍ରାୟେ ॥
ତୁମକୁ ଦୂତରୂପେ ପେଷି । ମୁଁ କିବା ମଉନେ ବସିଛି ॥
ମୋର ଆଳସ୍ୟ ପଣ ଜାଣି । ନିନ୍ଦେ ତହୁର କମଳିନୀ ॥
ନାରୀଙ୍କ ଦୁଃଖ ନେତ୍ରେ ଦେଖି । ସେଦିନ ମୋତେ ଗଲେ ବକି ॥
ମୋର ପାରିବା ପଣ ନେଇ । ଗଲେ ନିଷ୍ଠୁର କଥା କହି ॥
ଯୌତୁକ ପ୍ରଥା ଲୋପ ପାଇଁ । ତୁରିତେ ଗଲେଣି ପଳାଇ ॥

## ନାରଦ ଉବାଚ

ଶୁଣି ନାରଦ ଆଚମ୍ଭିତ । ପ୍ରଭୁ କି କହ ବିପରୀତ ॥
ମାତା କମଳା ଗଲେ କାହିଁ । ନେତ୍ରେତ ନ ଦେଖିଲି ମୁହିଁ ॥

### ଶ୍ରୀ ଭଗବାନୁବାଚ

ଶୁଣ ନାରଦ ମହାମତି । ସହଜେ ତୁମ ମୋଟା ବୁଦ୍ଧି ॥
ଯୌତୁକ ପଦ୍ଧତିର ପାଇଁ । ବିବାହ ମୋତେ ହେଲା ନାହିଁ ॥
ସଂସାର ନାଶ କି ଚାହିଁବ । ଦେଖା ଶିଖାରେ ନୁହେଁ ଶବ ॥
ଲକ୍ଷ୍ମୀ ଛଡିସ ଲୋକମାତା । ହୋଇଛି ସଂସାରେ ସମ୍ଭୁତା ॥
କି ରୂପେ ରହିଅଛି କାହିଁ । ଜାଣିବାକୁ କି ବୁଝି ନାହିଁ ॥
ସଞ୍ଜୟ ପୁତ୍ର ରୂପ ଧରି । ହେଲେ ତାରୁଣି ବସୁନ୍ଧରୀ ॥
କି ରୂପେ ଜନ୍ମିଣି ରହସ୍ୟ । ତଳେ ତା ବୁଝିବ ଅବଶ୍ୟ ॥
ଯୌତୁକ ନାମ ଯେ ଧରିଛି । ଜୀବନ ଥାଉଁ ସେ ମରୁଛି ॥
ଦେଖିବ ଦେହୀର ଉପର । ବସିଛି ଦୁରନ୍ତରେ ବର ॥
ପୁଅ ବସିଛି ବେଦୀପରେ । ବାପ ଯାଉଛି ବନ୍ଦୀଘରେ ॥
ଭାଳିଣ କହନ୍ତ ସଦର । ଆଜ ମୋ ପୁତ୍ର ବିଭାଘର ॥
ଦୋଷ ମୁହୂର୍ତ୍ତ ନ ଦେଖିଲି । ପୁଲିସ ନେଇଗଲା ଠେଲି ॥
ଧିକ ମୋ ବର ପିତା ପଣ । ଧିକ ଏ ଯୌତୁକ ବିଧାନ ॥
ଯେମନ୍ତ ରୂପେ କଳି କର୍ମ । ବାମ ହୋଇଲା ଏବେ ଧର୍ମ ॥
ତିନି ଲୋକରେ ଅପମାନ । କୁଳରେ କଳଙ୍କ ଲେପନ ॥
ନବ ବଧୂଟି ଆସି ଘରେ । ଧିକ ମୁଁ କହାଇଲି ତାରେ ॥
ଏହା କହିଣ ବାପମାନେ । ରହି ଯେ ଗଲେଣି ମଉନେ ॥
ଏଣେ ହେଲାଣି ଏତେ କଥା । ମାଲୁମ ନାହିଁ ତୁମ୍ଭଙ୍କୁ ତା ॥
ନିଜେ ଅପ୍ରଣା ରମା ଯହିଁ । ମୋହର କାର୍ଯ୍ୟ କିସ ତହିଁ ॥

### ନାରଦ ଉବାଚ

ନାରଦ ଯୋଡ଼ି ବେନି କର । ବୋଲନ୍ତି ଆହେ ଚକ୍ରଧର ॥
ମୋତେ ତୁ ଦେଇ ଛଳ ବଳୁ । ତୋ ମାୟାବଳେ ହେଲି ଓଲୁ ॥
କିପରି କାର୍ଯ୍ୟ ଯାଉ କରି । ତା ଭେଦ ପାଇବି କିପରି ॥

### ନାରଦ ସ୍ତୁତି

ଜୟ ତୁ ଦେବ ଦାମୋଦର । ଅଶେଷ ମହିମା ତୁମର ॥
ଯାହାକୁ ତୋର ଦୟା ହୁଏ । ସେ ପ୍ରାଣୀ ବଇକୁଣ୍ଠ ପାଏ ॥
ଯାକୁ ପ୍ରସନ୍ନ ହୋଇ ହସୁ । ତା ପାଇଁ ତୁ ଅପୂର୍ବ ଦିଶୁ ॥
ଦେଖି ମୁଁ ଭାବେ ମନେ ମନ । ତୋ ପାଟି ଯେସନେ ଅରଣ୍ୟ ॥
ବେଦ, ଅଗମ, ଶାସ୍ତ୍ରଆନ । ଦାମିକା ବୃକ୍ଷମାନେ ପୂର୍ଣ୍ଣ ॥
ସବେ ତୁ ବନ କଣ୍ଟାକ୍ଟର । ନିଲାମ ଧରିଛୁ ଆବର ॥
ଲୋଭରଠାରୁ ମୁଁ ନିରସ । ତୋ ଯଶ ବଖାଣିବି କିସ ॥
ଗୋଟିଏ କଥା ମୋତେ କହି । କେତେ ଯା କରିଗଲୁ ତୁହି ॥
ପାଲୁଅ ନେତାଙ୍କର ପରି । ଦୋମୁହାଁ ଢଙ୍ଗ ତୋର ହରି ॥
ତୋର ସ୍ୱରୂପ ପଣ୍ଡରତ । କି କରିଗଲୁ ନନ୍ଦସୁତ ॥

### ଶ୍ରୀ ଭଗବାନୁବାଚ

ନାରଦ ସ୍ତୁତି କର୍ଣ୍ଣେ ଶୁଣି । ପ୍ରୀତ ହୋଇଲେ ଚକ୍ରପାଣି ॥
ବୋଲିଲେ ଅହେ ମୁନିବର । ଏ ସ୍ତୁତି ଆଉ ତୁ ନକର ॥

କଥା ମିଠା ତୋ ଭକ୍ତିଭାଷା । କଥା ଶୁଣାଅ ପ୍ରାଣ ମଣି ॥
ତୁ ଅଭିଆସ ମୁନିପୁଅ । ତୋତେ ନ ମିଳେ କାହିଁ ଧୁଅ ॥
ଯୌତୁକ ବଜାରେ ଆଦର୍ଶ । ପରି ହୋଇଛ ବିଧିଶିଷ ॥
ଯୌତୁକ ରସ ତୋର ନାମେ । ଉତ୍ସର୍ଗ କଲି ମୁଁ ଏଥିରେ ॥
ଝିଅ ଟିଆରୀ ଯାର ଥିବ । ନିଶ୍ଚେ ଏ ପୁରାଣ ଶୁଣିବ ॥
ନାତୁଣୀ ଶାଳିକୀ ଭଉଣୀ । ଥିଲେ ଏ ପୁରାଣଟି ଶୁଣି ॥
ଯୌତୁକ ପାପ ନ ଲାଗିବ । ଅନ୍ତେ ବୈକୁଣ୍ଠ ହେବ ଠାବ ॥
ଯୌତୁକ ନାମ ଦେଲେ ଶୁଣି । କର୍ଣ୍ଣରେ ହସ୍ତ ଦେବ ପୁଣି ॥
ଛାତିରେ ଛେପ ପକାଇବ । ଛାଞ୍ଚୁଣୀ ଛିଣ୍ଡାଇ ଫୁଙ୍କିବ ॥
ତେବେ ଏ ଯୌତୁକର ଦାବୀ । ତୁମଠି ନ ପାରିବ ଲାଗି ॥
ଶ୍ରୀହରି ଶ୍ରୀହରି ଶ୍ରୀହରି । ଦେବ ଯୌତୁକ ବାଗି ତାରି ॥
ଲୋଭ କରିଲେ ଆୟୁ ହାନି । କହି ଅଛନ୍ତି ମହାମୁନି ॥
ନାରଦ ଚିନ୍ତି ଯହିଁ ଯାଅ । ଆମ୍ଭଙ୍କୁ ଭୁଲିଟି ନଯାଅ ॥
ଓଡ଼ିଶା ରାଜ୍ୟେ ଏ ପୁରାଣ । ଅବଶ୍ୟ କରିବ ଗାୟନ ॥
ଲୋକେ ଶୁଣିବେ ମହା ସୁଖେ । ହସିଣ ଗଡ଼ିଯିବେ ଥୋକେ ॥
ତଥାସ୍ତୁ ମରମ ପାଇବେ । ଯୌତୁକ ପଥୁଁ ନିବର୍ତ୍ତିବେ ॥
ସେ ମୁନି ବାକ୍ୟ ପରିମାଣି । ଖବେ ଭଣିଲେ କୁଳମଣି ॥

ଇତି ଶ୍ରୀମଦ୍ ଯୌତୁକ ଭାଗବତ ପୁରାଣେ ନାରଦ ଭଗବାନ ଉକ୍ତି ପ୍ରତ୍ୟୁକ୍ତି ପ୍ରସଙ୍ଗ ବର୍ଣ୍ଣନେ
ନାମ ମଧ୍ୟମ ଅଧ୍ୟାୟ

ରିଡର, ଓଡ଼ିଆ ବିଭାଗ
ଢେଙ୍କାନାଳ କଲେଜ, ଢେଙ୍କାନାଳ

—୧୦୧—

## ଫୁଲବାଣୀ ଜିଲ୍ଲାରେ ନୂତନ ତହସିଲ୍

୧୯୭୭ ଜାନୁଆରୀ ୧ ତାରିଖ ଦିନ ଫୁଲବାଣୀ ଜିଲ୍ଲାର ବୌଦ ସବ୍‌ଡିଭିଜନ ଅନ୍ତର୍ଗତ କନ୍ଧମାଳଠାରେ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଶ୍ରୀ କାହ୍ନୁ ଚରଣ ଲେଙ୍କା ନୂତନ ତହସିଲ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ଲେଙ୍କା କହିଲେ ଯେ କନ୍ଧମାଳ ନୂତନ ତହସିଲ ଗଠନ ଫଳରେ ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବହୁ ଦିନର ଏକ ଦାବୀ ପୂରଣ ହେଲା । ନୂତନ ବର୍ଷରେ ନୂତନ ଆଶା ଓ ଉଦ୍ଦୀପନା ସହ ପଞ୍ଚବିଂଶ ସୂତ୍ରୀ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶ୍ରୀ ଲେଙ୍କା ଜନସାଧାରଣଙ୍କୁ ନିବେଦନ କରିଥିଲେ ଓ ନବ ବର୍ଷର ଶୁଭେଚ୍ଛା ଜଣାଇ ଥିଲେ । ଏହି ଅବସରରେ ସେ ୧୦୯ ଜଣ ଭୂମିହୀନ ଆଦିବାସୀ ଓ ହରିଜନ ବ୍ୟକ୍ତିଙ୍କୁ ୨୬୫ ଏକର ଜମି ପଟ୍ଟା ବଣ୍ଟନ କରିଥିଲେ ଓ ୧୧ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିଥିଲେ ।

ତହସିଲ ଅଫିସ ଗୃହ ଓ କର୍ମଚାରୀମାନଙ୍କ ବାସଗୃହ ନିର୍ମାଣ ପାଇଁ ୪ ଲକ୍ଷ ୩ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଥିବା ଜଣା ପଡ଼ିଛି । ବୌଦଠାରୁ ୭୪ କିଲୋମିଟର ଦୂର ଏହି କନ୍ଧମାଳ ତହସିଲ ୫୧୭ଟି ଗ୍ରାମକୁ ନେଇ ଗଠନ କରାଯାଇଛି ଏବଂ ଏହାର ଲୋକ ସଂଖ୍ୟା ପ୍ରାୟ ୯୫ ହଜାର । ଏହାର ୧୪୪୨ ବର୍ଗକିଲୋମିଟର ଅଞ୍ଚଳକୁ ୬ଟି ରେଭିନ୍ୟୁ ଇନ୍‌ସପେକ୍ଟର ସର୍କଲରେ ବିଭକ୍ତ କରାଯାଇଛି ।

# THE ALUMINIUM INDUSTRIES LIMITED

Registered Office

**No. 1, CERAMIC FACTORY ROAD, KUNDARA, KERALA**

Telephone : 3977 QUILON
201 KUNDARA


Grams : ALUMINIUM
Telex : 088-241

*MANUFACTURERS OF :*

- ALUMINIUM CONDUCTORS (ACSR & AAC)
- COVERED ALUMINIUM CONDUCTORS
- L/T UNDERGROUND CABLES
- HIGH TENSILE GALVANISED STEELWIRES
- ACSR CORE WIRES AND SPECIAL STEELWIRES
- TRAWLING ROPES
- ALUMINIUM RODS
- HIGH VOLTAGE SWITCHGEARS
- WIRE WORKING MACHINERY

**Works at :**

**KUNDARA** (Kerala State)
**MANNAR** (Kerala State)
**HIRAKUD** (Orissa State)
**HYDERABAD** (Andhra Pradesh)



ଶ୍ରୀ ଚନ୍ଦ୍ରଶେଖର ନାୟକ

ପ୍ରତ୍ୟେକ ସ୍ୱାଧୀନ ଦେଶର ଏକ ସ୍ୱତନ୍ତ୍ର ପତାକା ରହିଛି ଏବଂ ସେ ପତାକାମାନ ବିଭିନ୍ନ ପ୍ରକାର ହୋଇଥାଏ । ପତାକାଟି କନାରେ ତିଆରି ହେଲେ ବି ତାର ଗୁରୁତ୍ୱ ଖୁବ୍ ବେଶୀ । ଜାତୀୟ ପତାକାକୁ ପ୍ରତ୍ୟେକ ସ୍ୱାଧୀନ ଦେଶର ଲୋକେ ନିଜର ସମ୍ମାନ, ଗର୍ବ, ଗୌରବ ଓ ମର୍ଯ୍ୟାଦା ବୋଧର ପ୍ରତୀକ ରୂପେ ଗ୍ରହଣ କରିଥାନ୍ତି । ପତାକା ହେଲା ଗୋଟିଏ ପ୍ରତୀକ । ସମଗ୍ର ଜାତିର ଆତ୍ମସମ୍ମାନର ତାହା ବାହକ ଅଟେ । ଜଣେ ବ୍ୟକ୍ତି ଯଦି କୌଣସି ବିଦେଶୀ ଦ୍ୱାରା ଅପମାନିତ ହେଲା ସେଥିରେ ସେ ଯେତେ ମନକଷ୍ଟ ନ କରିବ, ଯେତେ ଲଜ୍ୟାବୋଧ ନ କରିବ, ଯଦି ତାର ଦେଶର ଜାତୀୟ ପତାକାକୁ କେହି ସାମାନ୍ୟ ଅବମାନନା କରେ, ତେବେ ତାର ରକ୍ତ ତାତି ଉଠିବ । ସମଗ୍ର ଜାତିର ଅପମାନରେ ସେ ଉତ୍ତ୍ୟକ୍ତ ହୋଇ ଉଠିବ । ଏହି ଦୃଷ୍ଟିରୁ ଜାତୀୟ ପତାକାର ଗୁରୁତ୍ୱ କେତେ ବେଶୀ ତାହା ସମସ୍ତେ ହୃଦୟଙ୍ଗମ କରିପାରିବେ । ଆମର ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ଆମର ସମସ୍ତ ସରକାରୀ ଅଫିସ ଓ ବିଭିନ୍ନ ସଂସ୍ଥାମାନଙ୍କରେ ଘରୋଇଭାବେ ମଧ୍ୟ ଆମେ ଜାତୀୟ ପତାକା ଉତ୍ତୋଳନ ଅତ୍ୟନ୍ତ ଗର୍ବ, ଉଲ୍ଲାସ ଅନୁଭବ କରୁ । ଦେଶର କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର ତିରୋଧାନରେ ଆମେ ଜାତୀୟ ପତାକା ଅର୍ଦ୍ଧନମିତ କରୁ ।

ଆମେ ବର୍ତ୍ତମାନ ଆମ ତ୍ରିରଙ୍ଗା ଜାତୀୟ ପତାକାର ଜନ୍ମବୃତ୍ତାନ୍ତ ସମ୍ପର୍କରେ ଆଲୋଚନା କରିବା ।

## ଇଂରେଜଶାସନ ଓ ଇଉନିୟନ ଜ୍ୟାକ

ଇଂରେଜମାନେ ଆମ ଦେଶକୁ ଦଖଲ କରିବା ପୂର୍ବରୁ କେତେ ରଜା ମହାରଜା ହିନ୍ଦୁ ମୁସଲମାନ ଆମ ଦେଶରେ ରାଜୁତି କରିଥିଲେ । ସେ ସମସ୍ତଙ୍କର ନିଶାଣ ଥିଲା

ଥିଲିନ । ଅନୁମାନ ହିମାଚଳ ଆମେ ଏକ ଓ ଏକଛତ୍ର ନଥିଲୁ; ତେଣୁ ଆମର ଗୋଟିଏ ହୋଇ କୌଣସି ପତାକା ନଥିଲା । ଇଂରେଜ ଶାସନକାଳରେ ଆମର ସେତିକି ଲାଭ ହେଲା । ସେମାନେ ଆମର ସବୁ ଛୋଟ ଛୋଟ ସବୁକୁ ଏକାଠି କରି ଶାସନାଧୀନ କଲେ ଓ ତାଙ୍କ ଦେଶର ପତାକା ୟୁନିୟନଜ୍ୟାକ୍‌କୁ ଆମ ଦେଶର ପତାକା ରୂପେ ଉଡ଼ାଇଲେ ।

## ସିପାହୀ ବିଦ୍ରୋହ ଓ ସବୁଜ ଧ୍ୱଜା

୧୮୫୭ ମସିହାରେ ପଦଚ୍ୟୁତ ଭାରତୀୟ ନରପତିଗଣ ଶେଷ ମୋଗଲ ସମ୍ରାଟ ବାହାଦୁର ସାହ ପ୍ରମୁଖଙ୍କ ନେତୃତ୍ୱରେ କମ୍ପାନୀ ଶାସନ ବିରୁଦ୍ଧରେ ଏକ ସଂଗଠିତ ବିଦ୍ରୋହ ଘୋଷଣା କରିଥିଲେ । ଏହାର ନାଁ ସିପାହୀ ବିଦ୍ରୋହ । ଏହାକୁ ସର୍ବପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଏ । ଏହି ସଂଗ୍ରାମରେ ଅପରପକ୍ଷର ସୈନିକମାନେ ବ୍ୟବହାର କରିଥିଲେ ୟୁନିୟନଜ୍ୟାକ୍ । ଆମ ସୈନିକମାନଙ୍କ ହାତରେ ଥିଲା ଏକ ସବୁଜ ଧ୍ୱଜା । ତେଣୁ ଏହି ସବୁଜ ଧ୍ୱଜାକୁ ଆମ ଜାତୀୟ ପତାକାର ସର୍ବପ୍ରଥମ ପରିପ୍ରକାଶ କୁହାଯାଉଛି । ତେବେ ତ୍ରିରଙ୍ଗା ପତାକାର ଯେଉଁ ରୂପ ଦେଖୁଛନ୍ତି ଘଟଣାକ୍ରମେ ଏହାର ରୂପ ୫ ଥର ବଦଳିଛି । ଅଥଚ ସବୁଥିରେ ସବୁଜରଙ୍ଗ ରହିଛି । ଆମ ଜାତୀୟ ପତାକାର ସବୁଜ ରଙ୍ଗଟି ସର୍ବପ୍ରଥମ ସ୍ୱାଧୀନତା ସଂଗ୍ରାମ ତଥା ଅମର ଶହୀଦବର୍ଗଙ୍କ ବୀରତ୍ୱ ସୂଚାଇ ଆମକୁ ଅଭିଭୂତ କରଏ ।

## ପୁଣି ୟୁନିୟନଜ୍ୟାକ୍

ଘର ଭେଦି କୁମ୍ଭୀର ପାଳି ଆମର ଏ ସଂଗ୍ରାମକୁ ବିଫଳ କରିଦେଲେ । ଆମେ ପରାଜିତ ହେଲୁ ସତ, ମାତ୍ର କମ୍ପାନୀଶାସନ ଭାରତରୁ ଲୋପପାଇଲା । ଖୋଦ୍ ବ୍ରିଟିଶ ସରକାର ଭାରତର ଶାସନ ଦାୟିତ୍ୱ ଗ୍ରହଣ କରି ବ୍ରିଟିଶ ଦେଶର ପତାକା ସେହି ୟୁନିୟନ ଜ୍ୟାକ୍‌କୁ ଭାରତରେ ଉଡ଼ାଇଲେ । ଦେଶ ବିଦେଶରେ ଆମେ ପରାଧୀନ ବୋଲି ପରିଚିତ ହେଲୁ ।

## ଜାତୀୟ କଂଗ୍ରେସର ଜନ୍ମ

ବିଭିନ୍ନ ସ୍ତରରେ ଶାସନକାର୍ଯ୍ୟ ତୁଲାଇବାକୁ ଭାରତୀୟମାନଙ୍କୁ ଅଯୋଗ୍ୟ ମନେକଲେ । ବ୍ରିଟେନରୁ ସାହେବମାନଙ୍କୁ ସ୍ୱତନ୍ତ୍ର ତାଲିମଦେଇ ବ୍ରିଟିଶ ସରକାର ଭାରତକୁ ପଠାଇଲେ । ସେହି ଅଫିସରମାନଙ୍କୁ ସିଭିଲିଆନ୍ କୁହାଯାଉଥିଲା । ଘଟଣାକ୍ରମେ ଜଣେ ଭଲ ସିଭିଲିଆନ୍ ଭାରତକୁ ଆସିଲେ । ତାଙ୍କ ନାଁ ମିଃ ହ୍ୟୁମ୍ । ସତେଯେପରି ଆମ ପାଇଁ ସେ ବିଧିପ୍ରେରିତ ଥିଲେ । ସେ ଥିଲେ ସ୍ୱାଧୀନଚେତା । ସେତେବେଳେ ଇଂରେଜ ସରକାର ଭ… ସିଭିଲିଆନ ଅଫିସରମାନଙ୍କୁ କେତୋଟି ଗୁପ୍ତ ନିର୍ଦ୍ଦେ… ଦେଇଥିଲେ । ଭାରତୀୟମାନଙ୍କ ଆଶାକୁ କଳୁଷିତ କ… ଦେବାପାଇଁ କେତେକ ଚତୁର ପଦକ୍ଷେପ ସେହି ନିର୍ଦ୍ଦେଶ… ନାମାରେ ଥିଲା । ଏସବୁ ଶ୍ରୀଯୁକ୍ତ ହ୍ୟୁମ୍‌ଙ୍କ ମନକୁ ପାଇ… ନାହିଁ । ସେ ଅବସରେ ଗ୍ରହଣ କରି ଦେଶକୁ ଫେରିଗଲେ…

ଭାରତୀୟ ନେତୃବୃନ୍ଦଙ୍କୁ ସେ କେତୋଟି ବାସ୍ତ… ପରାମର୍ଶ ଦେଇ କହିଲେ "ଆଉ ବିଦ୍ରୋହ ବିପ୍ଳ… ଆଡ଼କୁ ମନଦିଅ ନାହିଁ । ବରଂ ସଂଗଠିତ ଭାବରେ … ଚାକିରୀ କରି, ଶିକ୍ଷା ଓ ଶାସନ କ୍ଷେତ୍ରରେ ଭାରତୀୟ… ପ୍ରବେଶପାଇଁ ଆବେଦନ କରଆ" ।

ମିଃ ହ୍ୟୁମ୍‌ଙ୍କର ଏହି ପରାମର୍ଶ ଭାରତୀୟ ନେତୃବର୍ଗ… ମନକୁ ପାଇଲା । ୧୮୮୫ ଡିସେମ୍ବର ୨୮ ତାରିଖ… ବମ୍ବେ ନଗରୀରେ କଲିକତାର ସ୍ୱନାମଧନ୍ୟ ବାରିଷ୍ଟ… ଶ୍ରୀଯୁକ୍ତ ଉମେଶଚନ୍ଦ୍ର ବାନାର୍ଜିଙ୍କ ପୌରୋହିତ୍ୟରେ ମ… ଭାରତୀୟ ସ୍ତରରେ ୭୨ ଜଣ ପ୍ରତିନିଧିଙ୍କୁ ନେଇ … ସଂସ୍ଥା ଗଠିତ ହେଲା । ଏହାହିଁ ହେଲା ଅଖିଳ ଭାରତ… ଜାତୀୟ କଂଗ୍ରେସର ଜନ୍ମ । ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ … ୧୯୪୨ ଅଗଷ୍ଟ ୮ ତାରିଖରେ ଯେଉଁ କଂଗ୍ରେସ ଭାରତ… ଇଂରେଜ ଶାସନର ତୁରନ୍ତ ବିଲୋପ ଦାବୀକଲେ, ଭାର… ଛାଡ଼ ଡାକ ଦେଇଥିଲା ସେହି କଂଗ୍ରେସ ଜନ୍ମରୁ ଥି… ଇଂରେଜ ଶାସନର ସଂପୂର୍ଣ୍ଣ ଅନୁଗତ । ତେଣୁ ଭାରତପା… ଏକ ସ୍ୱତନ୍ତ୍ର ପତାକାର ପରିକଳ୍ପନା ସେତେବେଳେ… କଂଗ୍ରେସର ନଥିଲା । କଂଗ୍ରେସ ୟୁନିୟନଜ୍ୟା… ନିଜର ପତାକାରୂପେ ବରଣ କରିନେଇ ବାର୍ଷିକ ଅ… ବେଶନରେ ସେହି ପତାକାକୁ ହିଁ ଉଡ଼ାଉଥିଲେ । ସେତେବେଳେ କଂଗ୍ରେସ ପତାକା କହିଲେ ବୁଝାଉଥି… ୟୁନିୟନ ଜ୍ୟାକ୍ ।

## ବିଦେଶରୁ ସ୍ୱାଧୀନତା ପ୍ରେରଣା

ଏହିପରି ଭାବରେ ୧୫ । ୨୦ ବର୍ଷ ବିତିଗଲା … ଇଂରେଜ ସରକାର ଧରି ନେଲେ ଯେ କଂଗ୍ରେସ ତାଙ୍କ… ବିରୋଧି ନୁହେଁ । ତେଣୁ ଭାରତୀୟମାନଙ୍କୁ ଉ… ଚାକିରୀ, ବ୍ୟବସାୟ, ବାଣିଜ୍ୟ ଇତ୍ୟାଦି ପାଇଁ ଦେଶ… ବିଦେଶକୁ ପଠାଇବାର ସୁବିଧା ଦେଲେ । ମା… ଫଳ ହେଲା ଓଲଟା । ପ୍ରବାସୀ ଭାରତୀୟମାନେ … ଦେଶର ସ୍ୱାଧୀନ ନାଗରିକମାନଙ୍କ ସଂସ୍ପର୍ଶରେ … ସ୍ୱାଧୀନତାର ନବ ପ୍ରେରଣା ଲାଭକଲେ । ନି… ଦେଶରେ ବିଦେଶୀଙ୍କ ପରି ହୀନମାନ ହେଉଥି… ଜାଣି ସେମାନେ ସ୍ୱତଃ ଲଜ୍ଜିତ ହେବାକୁ ଲାଗିଲେ ।

## ଜାପାନୀ ପିଲା ଆଖି ଖୋଲିଦେଲା

ୟରେ କଲିକତା ବନ୍ଦରରୁ ଖୋଟାଏ ଜାପାନୀ ାଜ ଜାପାନକୁ ଯିବାପାଇଁ ସଜ ହେଉଥାଏ । ାଜର ଛାତ ଉପରେ ଯାତ୍ରୀମାନେ ଚଲାବୁଲା କରୁ ି । ଜାପାନ ଦେଶର ପତାକା ଜାହାଜରେ ଫର ଉଡୁଥାଏ । ଜାପାନୀ ପିଲାଟିଏ ତାଙ୍କ ଦେଶର ାକାକୁ ଦେଖି ଖୁସୀ ହେଉଥାଏ । ଭାରତ ପତାକା ୟରେ ଜାଣିବାପାଇଁ ତା ମନ ବ୍ୟସ୍ତ ହୋଇ ଉଠିଲା । ଚକୁ ପାଖରେ ଠିଆହୋଇଛନ୍ତି ଜଣେ ଭାରତୀୟ ଶିକ୍ଷିତ । ତାର ସହଯାତ୍ରୀ ଅତି ନମ୍ରତାର ତ ପିଲାଟି ଭାରତୀୟ ଯୁବକଙ୍କୁ ପଚାରିଲା—"ଆଜ୍ଞା ଣଙ୍କ ଦେଶର ପତାକା କଣ ଆମର ଏହି ାନୀ ପତାକା ପରି ? "

ାଣ୍ ଏତିକି । ବିଚରା ପରାଧୀନ ଭାରତୀୟ ଯୁବକ ଣ ସ୍ୱାଧୀନଚେତା ବାଳକର ଏ ସମୁନ୍ନତ ପ୍ରଶ୍ନର କି ାବ ଦେବେ ? ସେ ତ ପରାଧୀନ, ତାଙ୍କର ସ୍ୱ ପତାକା ଆସିବ କେଉଁଠୁ ? ପିଲାଟିକୁ କୌଣସି ଖତରେ ବାଁଆରେଇ ଦେବା ପସନ୍ଦ କଲେ ନାହିଁ । ାରେ ସେ ଭାଙ୍ଗି ପଡିଲେ । ତାଙ୍କ ଆଖିରୁ ଗଡି ଲା ଦୁଇଧାର ଲୁହ ।

## ବନ୍ଦେ ମାତରମ୍

ଏଣେ ଦିନକୁ ଦିନ କଂଗ୍ରେସରେ ନବ ଚେତନଶୀଳ କମାନେ ପ୍ରବେଶ କରିବାକୁ ଲାଗିଲେ । ସ୍ୱଦେଶ ଗ୍ରେସ କ୍ରମେ ସ୍ୱାଧୀନ ଚେତା ହୋଇ ଉଠିଲା ।

୧୯୦୫ ମସିହାର କଥା । ସେତେବେଳେ ଆମ ଶରେ ବଡଲାଟ ଥାନ୍ତି ଲର୍ଡ କର୍ଜନ । ତାଙ୍କ କାୟାରେ ତ ଯେପରି ଭୂତ ପଶିଲା । ସେତେବେଳେ କଲିକତା ଭାରତର ରାଜଧାନୀ । କର୍ଜନ ବିଚାର କଲେ ିକତାରୁ ରାଜଧାନୀ ଦିଲ୍ଲୀକୁ ଉଠିବ । ବଙ୍ଗଦେଶକୁ ଭାଗ କରି ଭାଗେ ବିହାର ଓ ଭାଗେ ଆସାମରେ ାଇ ଦେବେ । ବଙ୍ଗଜାତୀୟତାକୁ ସଂପୂର୍ଣ୍ଣ ଲୋପ ିଦେବେ ।

ମାତ୍ର ବଙ୍ଗୀୟ ଯୁବକମାନେ ଏହା ବରଦାସ୍ତ ୁଛନ୍ତି କେତେକ ! କର୍ଜନଙ୍କ ଫିସାଦୀ ସେମାନେ ବୁଝି- ଲେ । ସମଗ୍ର ବଙ୍ଗଳାରେ ବିଦ୍ରୋହର ନିଆଁ ଜଳିଲା । ସେତେବେଳେ ଗାନ୍ଧୀ ନ ଥିଲେ କି ତାଙ୍କର ଅହିଂସା ମନ୍ତ୍ର ଥିଲା । ବଙ୍ଗୀୟ ଯୁବକମାନଙ୍କ ରକ୍ତ ଗରମ ହୋଇ ଠିଲା । ସେମାନେ ପ୍ରତିଜ୍ଞା ନେଲେ—ମାରିବୁ, ମରିବୁ । ନିଜର କୌଣସି ଘରବିହ ବା ଜମିବାଡି ପାଇଁ ନୁହେଁ— ଜାତି, ଦେଶ ଓ ଜାତୀୟତା ପାଇଁ ଏହା ଚରମ ଆତ୍ମ- ବଳୀଦାନ ।

ବଙ୍ଗଳାର ଜଣେ ଖ୍ୟାତନାମା ପୁରୁଷ—ଋଷି ବଙ୍କିମଚନ୍ଦ୍ର । ତାଙ୍କ ବିରଚିତ "ଆନନ୍ଦମଠ" ଉପନ୍ୟାସରେ ଏକ ମାତୃବନ୍ଦନା ଲେଖିଥିଲେ । ତାର ନାମ "ବନ୍ଦେମାତ୍ରମ୍" । ଏହି ବଙ୍ଗ ବିଚ୍ଛେଦ ଆନ୍ଦୋଳନର ସଙ୍ଗଠନ କଲେ ନାରାୟଣଗଞ୍ଜଠାରେ ଅନୁଷ୍ଠିତ ଏକ ସଭାରେ ଅତ୍ୟନ୍ତ ଅପ୍ରତ୍ୟାଶିତ ଭାବରେ ଆତ୍ମପ୍ରକାଶ କଲା ବନ୍ଦେମାତରମ୍ । ଅଗଣିତ ଜନତାଙ୍କ ମଧ୍ୟରୁ ଜଣକ ତୁଣ୍ଡ-ନିସୃତ ଏହି ବନ୍ଦେମାତରମ୍ ଶତ ସହସ୍ର କଣ୍ଠରେ ଧ୍ୱନିତ ହେବାକୁ ଲାଗିଲା—ଅଭିବାଦନରେ ବନ୍ଦେ- ମାତରମ୍—ଗାନରେ ବନ୍ଦେମାତରମ୍—ଧ୍ୱନିରେ ବନ୍ଦେ- ମାତରମ୍—ସର୍ବତ୍ର ବନ୍ଦେମାତରମ୍ । ଆକୁମାରୀ ହିମାଚଳ ସର୍ବତ୍ର ବନ୍ଦେମାତରମ୍ ଆଣିଦେଲା ଏକ ଚରମ ବିପ୍ଳବର ଶିହରଣ ।

ବଙ୍ଗ ବିଚ୍ଛେଦ ଆନ୍ଦୋଳନ କେବଳ ବଙ୍ଗ ବା ବଙ୍ଗଭାଷୀ ଯୁବକ ଓ ଯୁବତୀମାନଙ୍କ ମଧ୍ୟରେ ନୁହେଁ, ସାରା ଭାରତରେ ଏହା ଉଗ୍ର ଜାତୀୟତାର ବହ୍ନି ଜାଳିଦେଲା ।

ଆଜି ମଧ୍ୟ ତାଙ୍କ ନାମ ଆମ ସ୍ମୃତିରେ ଉଜ୍ଜ୍ୱଳ ହୋଇ ରହିଛି—ବିପ୍ଳବୀ ଖୁଦିରାମ । ବନ୍ଦେମାତରମ୍ ବେଳର ଶହୀଦ । ସେ ଫାଶୀ ପାଇଥିଲେ । ସେହିପରି ମହାରାଷ୍ଟ୍ରର ବାସୁଦେବ ପାଂଡକେ, ପଞ୍ଜାବର ଭଗତସିଂ, ଶ୍ରୀ ମଦନଲାଲ ଧିଙ୍ଗ୍ରା ପ୍ରମୁଖ ବହୁ ବୀର ନିଷ୍ଠୁର ରାଜ- କର୍ମଚାରୀମାନଙ୍କୁ ହତ୍ୟାକରି—ମାରିବୁ ଓ ମରିବୁ ବୋଲି ଆହ୍ୱାନ ଦେଇ ମୃତ୍ୟୁବରଣ କରିଛନ୍ତି । ସେମାନଙ୍କ ପାଖରେ ଆମ ମଥା ସ୍ୱତଃ ନଇଁ ଯାଉଛି ।

## ପ୍ୟାରିସ ନଗରୀରେ ବୈଠକ

ଭାରତ ଭୂଇଁରେ ଏହି "ବନ୍ଦେମାତରମ୍" ଆନ୍ଦୋଳନ କେତେଣେ ପ୍ରବାସୀମାନଙ୍କୁ ଅଥୟ କରିପକାଇଲା । ସ୍ୱାଧୀନ- ଚେତା ବିଦେଶୀ ନାଗରିକଙ୍କ ପାଖେ ଥିଲାବେଳେ ଅନ୍ତତଃ ଭାରତୀୟ ବୋଲି ନିଜର ସ୍ୱାତନ୍ତ୍ର୍ୟ ଓ ମାନମର୍ଯ୍ୟାଦା ରଖିବାକୁ ମନକଲେ । ସମସ୍ତଙ୍କ ମନରକଥା—ଭାରତରେ ନ ହେଉ ପଛେ ଆମେ ପ୍ରବାସରେ ଥିଲାତକ ନିଜରକରି ଗୋଟିଏ ପତାକା ରଖିବୁ । ସମସ୍ତେ ଏକାଠି ହୋଇ ଫ୍ରାନ୍ସର ରାଜଧାନୀ ପ୍ୟାରିସ ନଗରୀରେ ସଭାଟିଏ କଲେ । ଏହାର ନେତୃତ୍ୱ ନେଲେ କିଏ ଜାଣ ?

ଯେଉଁ କେତେଜଣଙ୍କ ନାଁ ଆମେ କ୍ରମେ ଭୁଲିଗଲୁଣି ସେହିପରି କେତେଜଣ ବିପ୍ଳବୀ, ମାଡ୍ୟାମ୍ କେମା ଓ ଶ୍ୟାମଜୀ କୃଷ୍ଣ ବର୍ମା । ଏହି ଭାରତୀୟ ବିପ୍ଳବୀମାନେ

ଯାପନ କରୁଥାନ୍ତି ।

ନିର୍ଣ୍ଣିତ ଜୀବନ ପ୍ରବାହରେ ଯାପନ କରୁଥାନ୍ତି ।
ଏକମାନେ ତ୍ରିରଙ୍ଗ ପତାକାର ଜନ୍ମଦାତା ।

ସେହି ପ୍ୟାରିସ ନଗରୀରେ କଳ୍ପିତ ଭାରତୀୟ ପତାକାର ଶତାବ୍ଦୀରେ ସବୁଜରଙ୍ଗ ଏହା ପ୍ରଥମ ସ୍ୱାଧୀନତା ସଂଗ୍ରାମର ନିଶାଣ । ମଝିରେ ଥିଲା ପୀତରଙ୍ଗ ଓ ତଳଭାଗରେ ନାଲିରଙ୍ଗ । ନାଲି ରଙ୍ଗର ଭାଗରେ ଥିଲା ଆଠଟି ପଦ୍ମର ଚିହ୍ନ । ମଝିଭାଗରେ ନାଗରୀ ଅକ୍ଷରରେ ବନ୍ଦେମାତରଂ ଲେଖା ଯାଇଥିଲା ଓ ତଳ ଭାଗରେ ବାମ ଶୀର୍ଷରେ ଉଦିତ ସୂର୍ଯ୍ୟ, ଦକ୍ଷିଣ ଶୀର୍ଷରେ ଦ୍ୱିତୀୟା ଚନ୍ଦ୍ର ଓ ତାରକାର ଛବି ଥିଲା । ଭାରତର ହିନ୍ଦୁ, ମୁସଲମାନ ଓ ସଂଖ୍ୟାଲଘୁ ଗୋଷ୍ଠୀମାନଙ୍କୁ ପତାକାରେ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି । ଜାତୀୟ ଧ୍ୱନି ବନ୍ଦେମାତରମ୍‌କୁ ସେବେ ଯେପରି ସ୍ୱଦେଶୀ ଆନ୍ଦୋଳନର ପ୍ରାଣକେନ୍ଦ୍ର ରୂପେ ବରଣ କରି ପତାକାର ମଧ୍ୟ ଭାଗରେ ସ୍ଥାନ ଦିଆଯାଇଛି । ଗୋଟିଏ କପଡ଼ାରେ ତିନୋଟି ରଙ୍ଗ ତଳକୁ ତଳ ବୋଳା ଯାଇନାହିଁ । ତିନୋଟି କପଡ଼ା ପରସ୍ପର ସିଲେଇ ହୋଇଛି । ଏଥିରେ ରହିଛି ଏକ ନିଗୂଢ଼ ଅର୍ଥ । ଭାରତରେ ଆମେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ୍, ପାର୍ଶି, ଶିଖ, ଜୈନ, ବୌଦ୍ଧ ଇତ୍ୟାଦି ବିଭିନ୍ନ ଧର୍ମ ଗୋଷ୍ଠୀ ଓ ଭାଷାଭାଷୀ ହିଲେ ମଧ୍ୟ ଆମ ଭିତରେ ଅନୈକ୍ୟ ନାହିଁ । ଆମେ ସମସ୍ତେ ଏକ ଭାରତମାତାର ସନ୍ତାନ । ଆମେ ବିଦେଶୀ ଶାସନ ବିରୁଦ୍ଧରେ ଏକମନ, ଏକଆତ୍ମା ହୋଇ ଲଢ଼ିବୁ ।

## ବର୍ଲିନରେ ଆତ୍ମପ୍ରକାଶ

୧୯୦୭ ମସିହାର ଏକ ଶୁଭ ମୁହୂର୍ତ୍ତ । ଜର୍ମାନୀର ରାଜଧାନୀ ବର୍ଲିନ ନଗରୀରେ ଏକ ବିରାଟ ସଭା ବସିଥାଏ । ସମାଜରୁ ଧନୀ ଦରିଦ୍ର ଭେଦ ଲୋପକରି ସାମ୍ୟବାଦ ପ୍ରତିଷ୍ଠା ପାଇଁ ଯେଉଁମାନେ ଆଗ୍ରହୀ, ସେହିମାନଙ୍କର ଏ ସଭା । ଚତୁଅରୁ ପ୍ରତିନିଧିମାନେ ଏ ସମ୍ମେଳନକୁ ଆସିଥାନ୍ତି । ପ୍ରତିନିଧିମାନେ ନିଜ ନିଜ ଦେଶର ନିଶାଣ ଉଡ଼ାଉଥାନ୍ତି । ଭାରତ ପରାଧୀନ ଥିବା ସତ୍ତ୍ୱେ ପ୍ରବାସୀ ଭାରତୀୟମାନେ ନେତ୍ରୀ ମାଡାମ କେମାଙ୍କ ନେତୃତ୍ୱରେ ଏଥିରେ ଭାଗ ନେଲେ । ନୂଆ-ଭାବରେ । ବିପୁଳ ହର୍ଷଧ୍ୱନି ମଧ୍ୟରେ ମାଡାମ କେମା ପ୍ରସ୍ତୁତ ତ୍ରିରଙ୍ଗ ପତାକା ଥାଏ ସେମାନଙ୍କ ଯେତେବେଳେ ତ୍ରିରଙ୍ଗ ପତାକାକୁ ଉତ୍ତୋଳନ କରନ୍ତି, କୋଟି କୋଟି କଣ୍ଠରୁ ଧ୍ୱନିତ ହୋଇ ଉଠିଲା—Long live India—ଅବାଦହିନ୍ଦ୍ ଜିନ୍ଦାବାଦ—ଅବାଦହିନ୍ଦ୍ ଜିନ୍ଦାବାଦ ॥

## ଭାରତରେ ତ୍ରିରଙ୍ଗ ଝଣ୍ଡା

ବନ୍ଦେମାତରମ୍ ଆନ୍ଦୋଳନରେ ବିପ୍ଳବୀମାନେ ଅ... ଗର୍ବର ସହିତ ଏହି ତ୍ରିରଙ୍ଗ ପତାକାକୁ ନିଜର ... ନେଲେ । ୧୯୦୬ ଅଗଷ୍ଟ ୭ ତାରିଖ । କଲିକ... ପାର୍ସିବାଗାନ ସ୍କୋୟାର (Green Park) ରେ ସ... ସର୍ବପ୍ରଥମେ ଆତ୍ମପ୍ରକାଶ କଲା ଏହି ତ୍ରିରଙ୍ଗ ପ... ଭାରତୀୟ ଜନତାଙ୍କ ଭିତରେ ସୃଷ୍ଟି କଲା ପ୍ର... ଆନ୍ଦୋଳନ । ଇଉନିୟନଜ୍ୟାକ୍ ବିରୁଦ୍ଧରେ ତ୍ରିରଙ୍ଗ ... ଇଂରେଜ ଶାସନର ହୃଦୟତନ୍ତ୍ରୀକୁ ଦୋହଲାଇ ଦେଲା ।

ଲର୍ଡ କର୍ଜନ ବଡ଼ ଦର୍ପରେ କହିଥିଲେ "Partition of Bengal is a settled fact." । ତାର ଉ... ଦେଇଥିଲେ ଶ୍ରୀ ସୁରେନ୍ଦ୍ରନାଥ ବାନାର୍ଜି—"We sh... unsettle the settled fact", ପରିଣାମ... ତାହାହିଁ ହେଲା । କର୍ଜନଙ୍କ ପ୍ରସ୍ତାବ ପ୍ରତ୍ୟାହୃତ ହେଲା ... ତ୍ରିରଙ୍ଗ ଝଣ୍ଡା ଓ ବନ୍ଦେମାତରମ୍ ଲାଭ କଲା ସର୍ବପ୍ର... ସଫଳତା । ସ୍ୱାଧୀନତା ସଂଗ୍ରାମରେ ଏକ ସ୍ମ... ପଦକ୍ଷେପ । X X X

ବର୍ତ୍ତମାନ ତ୍ରିରଙ୍ଗ ପତାକାର ସଂକ୍ଷିପ୍ତ ଇତିହାସରୁ ଅ... ଟିକି ମନେରଖିବା—

୧ । ସିପାହୀ ବିଦ୍ରୋହକୁ ଭାରତର ସର୍ବପ୍ରଥମ ସ୍ୱାଧୀନ... ସଂଗ୍ରାମ କୁହାଯାଏ ।

୨ । ଏହି ସଂଗ୍ରାମରେ ଭାରତୀୟ ସିପାହୀମାନେ ... ସବୁଜ-ପତାକା ବ୍ୟବହାର କରିଥିଲେ ।

୩ । ଆମ ଜାତୀୟ ପତାକାର ସବୁଜ ରଙ୍ଗ ପ୍ର... ସ୍ୱାଧୀନତା ସଂଗ୍ରାମର ସ୍ମୃତି ଜାଗ୍ରତ କରାଉଅଛି ।

୪ । ୧୮୮୫ ମସିହା ଡିସେମ୍ବର ୨୮ ତାରିଖରେ ... ୭୨ ଜଣ ପ୍ରତିନିଧିଙ୍କୁ ନେଇ ଜାତୀୟ କଂଗ୍ରେ... ଜନ୍ମ ନେଇଥିଲା । ଶ୍ରୀ ଉମେଶ ଚନ୍ଦ୍ର ବେନା... କଂଗ୍ରେସର ପ୍ରଥମ ସଭାପତି ।

୫ । ସେତେବେଳେ କଂଗ୍ରେସ ରାଜଭକ୍ତ ଥିଲା । ସେ... ଇଂରେଜଶାସନରେ ପ୍ରତୀକ ଇଉନିୟନଜ୍ୟା... କଂଗ୍ରେସର ପତାକା ଥିଲା ।

୬ । ଭାରତପାଇଁ ଏକ ସ୍ୱତନ୍ତ୍ର ପତାକା କରିବା... ପ୍ରେରଣା ଭାରତବାସୀ ଜଣେ ଜାପାନୀ ଶିକ୍ଷ... ପାଇଥିଲେ ।

୭ । ଋଷି ବଙ୍କିମଚନ୍ଦ୍ର "ବନ୍ଦେମାତରମ୍"ର ଲେଖକ ।

୮ । ବଙ୍ଗ-ଭଙ୍ଗ ଆନ୍ଦୋଳନ ସଂକ୍ରାନ୍ତୀୟ ନାରାୟଣ ଗଞ୍ଜ ସଭାରେ ବନ୍ଦେମାତରମ୍ ଅପ୍ରତ୍ୟାଶିତ ଭାବରେ ଆତ୍ମ-ପ୍ରକାଶ କରି ମହାଭାରତୀୟ ଜାତୀୟଧ୍ୱନିରେ ପରିଣତ ହୋଇଥିଲା ।

୯ । ଭାରତପାଇଁ ଏକ ସ୍ୱତନ୍ତ୍ର ପତାକାର ପରିକଳ୍ପନା ୧୯୦୫ ରେ ପ୍ୟାରିସ ନଗରୀରେ ପ୍ରବାସୀ ଭାରତୀୟ-ମାନେ କରିଥିଲେ । ବିପ୍ଳବିଣୀ ମାଡ଼ାମ କେମା ଓ ବିପ୍ଳବୀ ସ୍ୱାମୀଜୀ କୃଷ୍ଣ ବର୍ମା ଏହାର ନେତୃତ୍ୱ ନେଇଥିଲେ ।

୧୦ । ଏହି ପରିକଳ୍ପିତ ସର୍ବପ୍ରଥମ ଭାରତୀୟ ତ୍ରିରଙ୍ଗ ଝଣ୍ଡା ବର୍ଲିନ ନଗରୀରେ ଅନୁଷ୍ଠିତ ଏକ ସମାଜବାଦୀ ସମ୍ମେଳନରେ ଭାରତୀୟ ପତାକାରୂପେ ସର୍ବପ୍ରଥମ ଉତ୍ତୋଳିତ ହୋଇ ଅଶେଷ ସମ୍ମାନ ଲାଭ କରିଥିଲା ।

୧୧ । "ବନ୍ଦେମାତରମ୍" ଆନ୍ଦୋଳନ କାଳରେ ଏହି ତ୍ରିରଙ୍ଗ ଝଣ୍ଡା ଭାରତରେ ୧୯୦୬ ଅଗଷ୍ଟ ୭ ରେ କଲିକତା-ଠାରେ ସର୍ବପ୍ରଥମେ ଆତ୍ମପ୍ରକାଶ କରିଥିଲା ।

ସହକାରୀ ଜିଲ୍ଲା ଲୋକସମ୍ପର୍କ
ଅଫିସର, ଖୋର୍ଦ୍ଧା




ରାଜସ୍ୱ ମନ୍ତ୍ରୀ ଶ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀ, ୧୯୬୭ ଜାନୁଆରୀ ପହିଲା ଦିନ ସମ୍ବଲପୁର ଜିଲ୍ଲା ଅତାବିରଠାରେ ନୂତନ ତହସିଲ ଉଦ୍‌ଘାଟନ କରୁଛନ୍ତି ।

## ଗାଁ ମାଟିର ସମୃଦ୍ଧିରେ
## ସାରା ଦେଶର ସମୃଦ୍ଧି ।

ଗ୍ରାମ୍ୟ ଅର୍ଥନୀତିକୁ ଉନ୍ନତ କରିବାକୁ ହେଲେ ମାଛଚାଷ, ମାଛଧରା ଓ ମାଛ ବ୍ୟବସାୟ ଉପରେ ଗୁରୁତ୍ୱ ଦିଅନ୍ତୁ ।

* ପୋଖରୀରେ ମାଛଚାଷ କରିବାକୁ ଚାହିଁଲେ କିମ୍ବା ନଦୀ, ହ୍ରଦ, ଜଳଭଣ୍ଡାର ଓ ସମୁଦ୍ର ଉପକୂଳ ଅଞ୍ଚଳରେ ନିଜର ଡଙ୍ଗା ଜାଲ ଆଦି ପାଇଁ ଜାତୀୟକରଣ ବ୍ୟାଙ୍କରୁ (ପୋଖରୀରେ ମାଛଚାଷ ପାଇଁ ଏକରପିଛା ଟ ୪,୦୦୦ ଙ୍କା ଓ ଡଙ୍ଗା ଜାଲ ପାଇଁ ଟ ୩,୬୦୦ ଙ୍କା) ଋଣ ସଂଗ୍ରହ କରନ୍ତୁ ।

* ଋଣ ଉପରେ ଶତକଡ଼ା ୨୫ ଭାଗ ରିହାତି ମିଳିବ ।

* ନିକଟସ୍ଥ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହିତ ପରାମର୍ଶ କରନ୍ତୁ ।

ମତ୍ସ୍ୟବିଭାଗ, ଓଡ଼ିଶା

କଟକ—୭୫୩୦୦୭

# ନଟତି ମମ ମାନସମଧ୍ୟ ପ୍ରଭାତେ*

ଶ୍ରୀ ଉଦୟ ନାରାୟଣ ପାଢ଼ୀ

—୧—

ବାଳ-ବିଶ୍ୱକର-ବିନ୍ଦୁ-ପରାଗୟ-ତିଳକ-ବିଭୂଷିତ-ଭାଲେ ।
ମୋଦଭରେ ଦିହ୍ନ ବିତରିତ-ସୁପୁର-ଶିଶିର-କଣା-ମଣି-ଜାଲେ ।
ପରିମଳ-ସୁରଭିତ-ଶୀତଳ-ବାତେ
ନଟତି ଶିଖାବଳ ଇବ ମମମାନସମଦ୍ୟ  ବିମଳ-ପ୍ରଭାତେ ।।

—୨—

ଗନ୍ଧବହାହୃତ-ସରସ-ସୁସାରସ-ରେଣୁ-ପଟଳ-ପଟ-ପୀତେ ।
ବିବିଧ-ବିହଗ-କଳ-କୂଜନ-କଳକଳ-ମଞ୍ଜୁଳ-ମଙ୍ଗଳ-ଗୀତେ ।
ପରିମଳ-ସୁରଭିତ-ଶୀତଳ-ବାତେ
ନଟତି ଶିଖାବଳ ଇବ ମମ ମାନସମଦ୍ୟ ବିମଳ-ପ୍ରଭାତେ ।।

—୩—

ମୃଦୁଳତରାନିଳ-ଲୋଳ-ଲତା-ଲଳନାକୁଳ-ଦର୍ଶିତ-ରଙ୍ଗେ ।
ସୁମଧୁର-ଗୁଞ୍ଜନ-ଶୀଳ-ଶିଳୀମୁଖ-ଝଙ୍କୃତ-ତାନ-ତରଙ୍ଗେ ।
ପରିମଳ-ସୁରଭିତ-ଶୀତଳ-ବାତେ
ନଟତି ଶିଖାବଳ ଇବ ମମ ମାନସମଦ୍ୟ ବିମଳ-ପ୍ରଭାତେ ।।

—୪—

ତ୍ରିବର୍ଣ୍ଣ-ରଞ୍ଜିତ-ମର୍ମର-ଶିଞ୍ଜିତ-କେତନ-ଦୃପ୍ତ-ବିକାଶେ ।
ଜନଗଣ-କଣ୍ଠ-ସମୁଦ୍‌ଗତ-''ଜନଗଣ''-ଗାନ-ମୁଖର-ସକଳାଶେ ।
ପରିମଳ-ସୁରଭିତ-ଶୀତଳ-ବାତେ
ନଟତି ଶିଖାବଳ ଇବ ମମ ମାନସମଦ୍ୟ ବିମଳ-ପ୍ରଭାତେ ।।

—୫—

ଯାନ ସମୁଦ୍‌ଭୂତ-ବର୍ତ୍ତୁଳ-ଧୂମକ-ବେଷ୍ଟିତ-ବିଳସଦନନ୍ତେ ।
ପାଣି-ବିମୋଚିତ-ଶାନ୍ତି-କପୋତ-କଦମ୍ବକ-ଶୁଭ୍ର-ଦିଗନ୍ତେ ।
ପରିମଳ-ସୁରଭିତ-ଶୀତଳ-ବାତେ
ନଟତି ଶିଖାବଳ ଇବ ମମ ମାନସମଦ୍ୟ ବିମଳ-ପ୍ରଭାତେ ।।

—୬—

ନବ-ବସନାଭରଣାଦିମନୋହର-ଯୁବ-ଜନତା-ଜୟନାଦେ ।
ସ୍ୱ-ଜଳ-ଧନମ୍ବର-ଚାର-ଚୟାରଭ ଜନିତ-ବିପକ୍ଷ ବିଷାଦେ ।
ପରିମଳ-ସୁରଭିତ-ଶୀତଳ-ବାତେ
ନଟତି ଶିଖାବଳ ଇବ ମମ ମାନସମଦ୍ୟ ବିମଳ-ପ୍ରଭାତେ ॥

—୭—

କଣ୍ଟକ-ମଣ୍ଡନ-ଦଣ୍ଡ କୁଶାସନ-ଦଣ୍ଡ-ବିଖଣ୍ଡନ-ଯୁଦ୍ଧେ ।
ତିଳକ-ଲଜପତ-ଜଗତ-ଗୁରୁ-ଭାଷିତ-ପାଠ-କଥା-ସ୍ମୃତି-ଶୁଦ୍ଧେ ।
ପରିମଳ-ସୁରଭିତ-ଶୀତଳ-ବାତେ
ନଟତି ଶିଖାବଳ ଇବ ମମ ମାନସମଦ୍ୟ ବିମଳ-ପ୍ରଭାତେ ॥

—୮—

ଗାନ୍ଧି-ଜବାହର-ଶାସ୍ତ୍ରୀ-ସମାଦର-ଲାଳିତ-ଭାରତବର୍ଷମ୍ ।
ଅୟି କରୁଣାମୟି ! ବାଙ୍ମୟି ! ଚିନ୍ମୟି ! ଭାରତି ! କଳୟ ସହର୍ଷମ୍ ।
ପରିମଳ-ସୁରଭିତ-ଶୀତଳ-ବାତେ
ନଟତି ଶିଖାବଳ ଇବ ମମ ମାନସମଦ୍ୟ ବିମଳ-ପ୍ରଭାତେ ॥


ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ

—୦ଃ—

ପରିସଂଖ୍ୟାନ ଅଫିସର, ନିର୍ମାଣ ବିଭାଗ
ଭୁବନେଶ୍ୱର

---

*ସାଧାରଣତନ୍ତ୍ର ଦିବସ ଉପରେ ଆଧାରିତ ସଂସ୍କୃତରେ ରଚିତ ଏହି ଅଷ୍ଟପଦୀଟି 'ବନ୍ଦେ ମାତରଂ ଶତ-ବାର୍ଷିକୀ' ଉପଲକ୍ଷେ 'ସୂଚନା-ଭବନ', ଭୁବନେଶ୍ୱରରେ ଆୟୋଜିତ କବି-ସମ୍ମିଳନୀରେ ପଠିତ ।



କୃଷି ଓ ଜଳ ସେଚନ ମନ୍ତ୍ରଣାଳୟର ଶାସନ ସଚିବ ଶ୍ରୀ ଆଇ. ଜେ. ନାଇଡୁ, ଜାନୁଆରୀ ୧୦ ତାରିଖ ଦିନ ଭୁବନେଶ୍ୱରଠାରେ ମରୁଡ଼ି ପ୍ରତିକାର କାର୍ଯ୍ୟକ୍ରମ ସଂକ୍ରାନ୍ତରେ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଏକ ବୈଠକରେ ଉଦ୍‌ବୋଧନ ଦେଉଛନ୍ତି ।

# ଅଗ୍ନିଶିଖା



ଅଧ୍ୟାପିକା ଶ୍ରୀମତୀ ଶକୁନ୍ତଳା ବଳିଆରସିଂହ

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ହେଉଛି ଭାରତୀୟ ଜାତୀୟତାର ଉନ୍ମେଷକାଳ । ୧୮୫୭ ଖ୍ରୀଷ୍ଟାବ୍ଦରେ ସଂଗଠିତ ହୋଇଥିବା ଭାରତୀୟ ମହାନ୍ ବିପ୍ଳବ ପରେ ପରେ ହିଁ ଏହାର ସୂତ୍ରପାତ ହୁଏ । ଭାରତବାସୀ ବୋଧହୁଏ ଆତ୍ମବିସ୍ମୃତ ହୋଇପଡ଼ିଥିଲେ । ସେମାନଙ୍କର ଶକ୍ତି, ସାଧନା ଓ ସଂଗ୍ରାମ ସଂବଂଧରେ ବୋଧହୁଏ ସେମାନେ ଅଚେତନ ଥିଲେ ବା ଅଜ୍ଞ ଥିଲେ । ଭାରତୀୟ ଆତ୍ମାର ବିକାଶ ଓ ପୁର୍ନଜାଗରଣପାଇଁ ସେମାନଙ୍କର ଯେ କିଛି ଦାୟିତ୍ୱ ଓ କର୍ତ୍ତବ୍ୟ ଅଛି, ସେ କଥା ସେମାନେ ଭୁଲି ଯାଇଥିଲେ । ମଣିଷର ସମୟେ ସମୟେ ଏହିପରି ଆତ୍ମ-ବିସ୍ମରଣ ହୁଏ । ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସେ ନିଜକୁ ଛାଡ଼ି ଅନ୍ୟ ଆଡ଼େ ଆଖି ପକାଏ । କିନ୍ତୁ ଜଣେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ବିଜ୍ଞତାର ପରଶ ଦେଇ ଏହି ସମସ୍ୟାର ସମାଧାନ କରିଥାନ୍ତି ।

ଏଠାରେ ଆପଣମାନଙ୍କୁ ଗ୍ରୀକ୍ ପୁରାଣରୁ ଏକ କ୍ଷୁଦ୍ର କିମ୍ବଦନ୍ତୀ କହିବି ।

ଏକ ଦୂର ପ୍ରସାରିତ ପ୍ରାନ୍ତରମଧ୍ୟବର୍ତ୍ତୀ ପର୍ବତଟିର ଉପରେ ବସି ରହିଥାଏ ଅଦ୍ଭୁତ ଜୀବଟାଏ । ମୁଖମଣ୍ଡଳ ଏକ ନାରୀର, କଳେବର ସିଂହର, ଲାଞ୍ଜଟି ସର୍ପାକୃତି । ପର୍ବତ ନିମ୍ନଦେଶର ପଥଦେଇ ଯେଉଁ ଯାତ୍ରୀ ଯାଏ, ତାକୁ ସେହି Sphinx ବା ସିଂହାସୁରୀ ପ୍ରଶ୍ନ କରେ; "କୁହ ପାନ୍ଥ । କିଏ ସେହି ଜୀବ, ଯେ ପ୍ରଭାତରେ ଚ଼ାରିଗୋଡ଼ରେ । ପ୍ରଭାତ ଅତିକ୍ରାନ୍ତ ହେଲେ ଦୁଇ ପାଦରେ ଏବଂ ସନ୍ଧ୍ୟାଗମେ ତିନିପାଦରେ ଚ଼ଳବୁଲ କରେ ।"

ଏ ଅଶ୍ରୁତପୂର୍ବ ଧନ୍ଦାର ଉତ୍ତର କେହି ଦେଇ ପାରନ୍ତି ନାହିଁ । ପଥିକ ନିରୁତ୍ତର ହେଲେ ସେ ସିଂହାସୁରୀ ବିକଟ ରଡ଼ିକରି ତା ଉପରକୁ ଡେଇଁପଡ଼ି ତାକୁ ବଧ କରେ । ଯୁଗ ଯୁଗ ବ୍ୟାପୀ ସେ ଅସୁରୀର ଅତ୍ୟାଚାର ଅବ୍ୟାହତ ରହିଥାଏ । ଅବଶେଷରେ ଦିନେ ବୀର ଓଡ଼ିପାସ

(Odipus) ସେହି ପଥରେ ଅତୁଳୀର ମୁକାବିଲା କଲେ । ସିଂହାକୃତୀର ପ୍ରଶ୍ନର ଉତ୍ତରରେ ସେ କହିଲେ—"ତୃମ ସିଂହାକୃତୀର ପ୍ରଶ୍ନର ଉତ୍ତର ମୁଁ ସ୍ୱୟଂ, ଅର୍ଥାତ୍ ମଣିଷ" । ଜୀବନର ପ୍ରଥମରେ ମଣିଷଶିଶୁ ଗୁରିଗୋଡ଼ରେ, ଚିଛିଏ ବଡ଼ ହେଲେ ଦୁଇଗୋଡ଼ରେ ଏବଂ ବୃଦ୍ଧକାଳେ ଦୁଇଗୋଡ଼ ଓ ଗୋଟିଏ ଯଷ୍ଟିର ସାହାଯ୍ୟରେ ବିଚରଣ କରେ । ଏହି ଉତ୍ତର ପରେ ସିଂହାକୃତୀ ତଳକୁ ଲମ୍ଫ ପ୍ରଦାନ କଲା ଆତ୍ମହତ୍ୟା ପାଇଁ ।

ସିଂହାକୃତୀ ଅଜ୍ଞାନର ପ୍ରତୀକ । ମଣିଷ ନିଜେ ହିଁ ତା ପ୍ରଶ୍ନର ଉତ୍ତର । ଅଥଚ ପ୍ରଶ୍ନ ଆଗରେ ସ୍ୱୟଂ ଉତ୍ତର ଭୁଲେ ମଣିଷ । ସେ ସିଂହାକୃତୀ ହାତରେ ନିହତ ହୁଏ । ଅନ୍ୟ ଭାଷାରେ ଅଜ୍ଞାନ ହିଁ ମଣିଷର ମୃତ୍ୟୁର କାରଣ ।

ଯୁଗଯୁଗର ପରାଧୀନତା, ଶୋଷଣ, ନିଷ୍ପେଷଣ ଭାରତୀୟ ଆତ୍ମାକୁ ପଦଦଳିତ, ମଳିନ କରି ରଖିଥିଲା । ଭାରତୀୟମାନଙ୍କର ଆତ୍ମବିସ୍ମୃତି ଓ ଅଜ୍ଞାନତା ଏଥିପାଇଁ ଦାୟୀ ।

ମାତ୍ର ବଙ୍କିମଚନ୍ଦ୍ର ୧୭୭୨ ଖ୍ରୀଷ୍ଟାବ୍ଦରେ ସଂଗଠିତ ହୋଇଥିବା ସନ୍ନ୍ୟାସୀ ବିଦ୍ରୋହକୁ ଆଧାରିତ କରି ୧୮୮୨ ଖ୍ରୀଷ୍ଟାବ୍ଦରେ ପ୍ରକାଶ କଲେ ତାଙ୍କର ଯୁଗାନ୍ତକାରୀ ଉପନ୍ୟାସ ଆନନ୍ଦମଠ । ଏ ମାତୃଭୂମିର କେତେକ ସନ୍ତାନବର୍ଗ ନିଜର ମା'ରୂପୀ ମାତୃଭୂମିକୁ ରକ୍ଷା କରିବାକୁ କିପରି ଦୃଢ଼ ପରିକର ଥିଲେ, ଏବଂ କି ପ୍ରକାର ଅସାଧ୍ୟ ସାଧନ କରିଥିଲେ ତା ହେଉଛି ଏ ଉପନ୍ୟାସର ମୂଳବସ୍ତୁ । ଆନନ୍ଦମଠ ଥିଲା ସେମାନଙ୍କର ବାସସ୍ଥାନ । ଏବଂ ଏହାର ପବିତ୍ର ସଂଗୀତ 'ବନ୍ଦେ ମାତରମ୍' ଏହି ଆନନ୍ଦମଠବାସୀ ସନ୍ତାନମାନଙ୍କର ଥିଲା ପବିତ୍ର ଶ୍ଳୋକ ।

ପରାଧୀନତାର ଲୌହଶୃଙ୍ଖଳରେ ନିଷ୍ପେଷିତ ହେଉଥିବା ମାତୃଭୂମିର ମୁକ୍ତି ପାଇଁ ଏକ ବଳିଷ୍ଠ ସଂକେତ 'ବନ୍ଦେ ମାତରମ୍' ଶୀର୍ଷକ ପଦ୍ୟାବଳୀରେ ଥିଲା । ଆନନ୍ଦମଠ ଉପନ୍ୟାସରେ ଦୁଇଟି ବଳିଷ୍ଠ ଶକ୍ତି କାମ କରୁଥିଲା, ତାହା ହେଉଛି ଉଗ୍ର ଜାତୀୟତାବାଦ ଏବଂ ବଳିଷ୍ଠ ଧର୍ମ ନିରପେକ୍ଷତା । ମାତ୍ର 'ବନ୍ଦେ ମାତରମ୍'ର ବଳିଷ୍ଠ ଶକ୍ତି ହେଉଛି ଏହାର ଗଭୀର ଆଧ୍ୟାତ୍ମିକ ମୂଲ୍ୟବୋଧ, ଯାହା ବିଂଶଶତାବ୍ଦୀର ଆଦ୍ୟଭାଗରେ କୋଟି କୋଟି ଭାରତୀୟ ଜନତାକୁ ଜାଗ୍ରତ କରାଇଥିଲା ।

୧୯୦୫ ଖ୍ରୀଷ୍ଟାବ୍ଦ । ତତ୍କାଳୀନ ଭାରତର ଭାଇସରାୟ ଲର୍ଡ କର୍ଜନ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି କରିବା ପାଇଁ ଭେଦ ନୀତି ପ୍ରୟୋଗ କରି ବଂଗଳା ଦେଶ ବିଭାଜନ କଲେ । ହିନ୍ଦୁ, ମୁସଲମାନ ମଧ୍ୟରେ ଠିଆ ହେଲା ବିଭେଦର ପ୍ରାଚୀର । ନୂତନ ସୃଷ୍ଟ ପୂର୍ବ ବଂଗର ଅଧିକାଂଶ ଲୋକଥିଲେ ମୁସଲମାନ । କର୍ଜନଙ୍କର ଜଣେ ପ୍ରତିନିଧି କହିଥିଲେ "ହିନ୍ଦୁ ଏବଂ ମୁସଲମାନ, ଇଂରେଜମାନଙ୍କର ଦୁଇଟି ପତ୍ନୀତୁଲ୍ୟ । ମୁସଲମାନ କନିଷ୍ଠ ପତ୍ନୀ ହୋଇଥିବାରୁ ଇଂରେଜମାନେ ତାକୁ ବିଶେଷ ଭାବରେ ଭଲ ପାଆନ୍ତି ।" ଏହାପୂର୍ବରୁ ଯଦିଓ ଭାରତୀୟ ଜାତୀୟ କଂଗ୍ରେସର ଉଦ୍ଭବ ହୋଇଥାଏ କିନ୍ତୁ ଏହାର ନେତୃବୃନ୍ଦ ଥିଲେ ଏକାନ୍ତ ଉଦାରପନ୍ଥୀ ।

କିନ୍ତୁ "ବଙ୍ଗ-ଭଙ୍ଗ"ପରେ ଆସିଲେ ଚରମପନ୍ଥୀ ନେତୃବୃନ୍ଦ । ସେମାନେ ହେଲେ ଲାଲା ଲାଜପତ୍ ରାୟ, ବାଳଗଙ୍ଗାଧର ତିଳକ ଏବଂ ବିପିନଚନ୍ଦ୍ର ପାଳ । ଲାଲା ଲଜପତ କହିଥିଲେ "Swaraj is my birth right and I must have it." ଏମାନଙ୍କ ମୁଖରେ ଏହିପରି ଉଗ୍ରଜାତୀୟତାର ଭାଷା ଓ ଅନ୍ତରରେ ଅଫୁରନ୍ତ ଶକ୍ତି ଆଣିଦେଲେ ମହାଯୋଗୀ ଶ୍ରୀ ଅରବିନ୍ଦ ଘୋଷ । ସେ ବରୋଦାରେ ଅଧ୍ୟାପନା କରୁଥିବା ବେଳେ ପ୍ରକାଶ କରିଥିଲେ ପତ୍ରିକା "ଭବାନୀ ମନ୍ଦିର"—ଯହିଁରେ ଭାରତ ଜନନୀଙ୍କୁ ଭବାନୀ, ଦୁର୍ଗା, କାଳୀ ସଦୃଶ ଆରାଧନା କରାଯାଉଥିଲା—ପରେ କଲିକତାରୁ ସେ ପ୍ରକାଶକଲେ ସପ୍ତାହକି "ବନ୍ଦେ ମାତରମ୍" ଯାହାକି ଏ ଦେଶର ଅଗଣିତ ଜନତାର ପ୍ରାଣକୁ ଉଦ୍‌ବେଳିତ କରିଥିଲା । 'ମାନିକତଳା' ବୋମାକେସ୍ ପରେ ସକ୍ରିୟ ରାଜନୀତି ଛାଡ଼ି ଯଦିଓ ଶ୍ରୀ ଅରବିନ୍ଦ ପଣ୍ଡିଚେରୀକୁ ଗମନ କରିଥିଲେ ତଥାପି ଭାରତର ସ୍ୱାଧୀନତା ସଂଗ୍ରାମର ଶେଷ ପର୍ଯ୍ୟନ୍ତ ଏହି ଯାଦୁକରୀ ମନ୍ତ୍ର ଭାରତୀ ଜାତୀୟ ଜୀବନରେ ଆଲୋଡ଼ନ ସୃଷ୍ଟି କରିଥିଲା ।

ଏହି ଆଲୋଡ଼ନ ଓ ଜାଗରଣ ମୂଳରେ ଥିଲା ଜାତୀୟ ଆନ୍ଦୋଳନର ମହାରଥୀମାନଙ୍କର ଅପୂର୍ବ ତ୍ୟାଗ, ଗଭୀର ଆତ୍ମବିଶ୍ୱାସ ଓ ଦୃଢ଼ ଜାତୀୟ ଚେତନା । ଧରାଯାଉ ମହାତ୍ମା ଗାନ୍ଧିଙ୍କ କଥା । ତାଙ୍କର ନ ଥିଲା ବିଶାଳ ସାମ୍ରାଜ୍ୟ, ନ ଥିଲା ବିରାଟ ସୈନ୍ୟବାହିନୀ, ନ ଥିଲା ବିପୁଳ ଐଶ୍ୱର୍ଯ୍ୟ । ତଥାପି ଏହି ସିଧା, ସରଳ ମଣିଷଟି ଥରେ ରୁଷିଲେ ସାରା ପୃଥିବୀ ପ୍ରକମ୍ପିତ ହେଉଥିଲା, ସମଗ୍ର ପ୍ରାଚ୍ୟ ଭୂଖଣ୍ଡ ଦୋହଲି ଯାଉଥିଲା, ଇଂରେଜ ସାମ୍ରାଜ୍ୟ ଟହଲି ଯାଉଥିଲା ।

ଗୋଟିଏ ମଜାର କଥା—

ଗୋଲଟେବୁଲ ବୈଠକରେ ଯୋଗ ଦେବାକୁ ମହାତ୍ମା ଗାନ୍ଧି ଯାଇଥାନ୍ତି ଲଣ୍ଡନ । ବକିଂହାମ୍ ରାଜପ୍ରାସାଦରେ ବୈଠକର ମହାସମାରୋହ । ଗଭୀର ଉତ୍କଣ୍ଠାର ସହ

ତତ୍‌କାଳୀନ ଯୁବରାଜ (ଭବିଷ୍ୟତର ଷଷ୍ଠ ଜର୍ଜ) ଅପେକ୍ଷା କରିଛନ୍ତି ମହାତ୍ମାଗାନ୍ଧିଙ୍କୁ ଦର୍ଶନ କରିବାପାଇଁ । ତାଙ୍କ ପାଖରେ ଉପବେଶନ କରିଥାନ୍ତି ଚର୍ଚ୍ଚିଲ ସାହେବ ।

ମହାତ୍ମା ଗାନ୍ଧିଙ୍କର ଉଆସରେ ପାଦ ପଡ଼ନ୍ତେ ମହାତ୍ମା ଗାନ୍ଧିଙ୍କ ବେଶ ଦେଖି ଚର୍ଚ୍ଚିଲ ସ୍ନିଗ୍‌ଧ ସରସ ହାସ୍ୟ ତଥା ତୀକ୍ଷ୍ଣ ଶାଣିତ ବ୍ୟଙ୍ଗଯନ୍ତ୍ର କହିଲେ "Half naked Fakir" ଅର୍ଥାତ୍ ଅର୍ଦ୍ଧ ଉଲଗ୍ନ ଫକୀର । ଷଷ୍ଠ ଜର୍ଜଙ୍କୁ କଥାଟା ବାଧିଲା । ସେ ସତ୍ୟକଥାଟା କହି ପକାଇଲେ । ଜର୍ଜ କହିଲେ ତୁମେ ଯାହାକୁ ଆଜି ଅର୍ଦ୍ଧନଗ୍ନ ଫକୀର କହୁଛ ସେ ଇଂରେଜ ସାମ୍ରାଜ୍ୟକୁ ପୂର୍ଣ୍ଣ ଲଂଗଳା କରି ଛାଡ଼ିବ ।

ସତକୁ ସତ ସେଇଆ ହେଲା । ଇଂରେଜ ସାମ୍ରାଜ୍ୟର ଶାସନରବି ଅଳ୍ପ ସମୟ ଭିତରେ ଅସ୍ତମିତ ହୋଇଗଲା । ଆଜି ପରାଧୀନତାର ଧ୍ୱାନ୍ତ ଯାମିନୀ ଆମ ଚକ୍ଷୁ ସମକ୍ଷରୁ ଅପସାରିତ ହୋଇଯାଇଛି ସତ୍ୟ, କିନ୍ତୁ ଆମର ଦାୟିତ୍ୱ ଅଶେଷ ।

ଦେଶକୁ ସ୍ୱାଧୀନ କରିବାପାଇଁ 'ବନ୍ଦେ ମାତରମ୍'ର ଆହ୍ୱାନ ଓ ଅଗ୍ରଗାମୀ ନେତାମାନଙ୍କର ପ୍ରେରଣା ଆକୁମାରୀ ହିମାଚଳକୁ ଏକତ୍ରିତ କରାଇଥିଲା । ମାତ୍ର ଆଜି ଦେଶକୁ ବଳିଷ୍ଠତର ଓ ଉନ୍ନତତର କରିବାପାଇଁ ଏକତା ଆମର ଏକାନ୍ତ ଅପରିହାର୍ଯ୍ୟ । ଏଥିପାଇଁ ଆମର ଦରକାର ଗଣତନ୍ତ୍ର, ଐକ୍ୟ, ସାର୍ବଭୌମତ୍ୱ ଓ ଧର୍ମ ନିରପେକ୍ଷତା । ଆମେ ଆଗେଇ ଆସିଛୁ ଅନେକ ବାଟ, ଆହୁରି ଅନେକ ଦୂର ଆମକୁ ଆଗେଇ ଯିବାକୁ ପଡ଼ିବ ।

ବିପ୍ଳବୀ କବି ସ୍ୱର୍ଗତ ନଜରୁଲ ଗାଇଗଲେ—

"ଦୁର୍ଗମ୍ ଗିରି କାନ୍ତାର୍ ମରୁ ଦୁସ୍ତର୍ ପାରାବାର୍,
ଲଂଘିତେ ହବେ ରାତ୍ରି ନିଶିଥେ ଯାତ୍ରୀର ହୁସିଆର"

କବି ଗୋଦାବରୀଶ ଗାଇଲେ:—

"ଉଠ କଙ୍କାଳ, ଛିନ୍ଦ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି,
ଉଠ ଗତ ଗୌରବ, ହୃତ ଗୌରବ, ମୃତ ଗୌରବ
ରାଜି"

ଅସୁମାରୀ ବର୍ଷ ତଳର ସେହି ବନ୍ଦେ ମାତରମ୍ ଧ୍ୱନି ଆମପ୍ରାଣରେ ଏବେବି ଶିହରଣ ଆଣେ, ପ୍ରତିଧ୍ୱନିତ ହୁଏ, ଦେଶଭକ୍ତର ମନରେ ଅଦ୍ଭୁତ ଏକ ମାଦକତା ଜଗାଏ ।

ଯୁଗଯୁଗ ଧରି ଏ ଜାତିର ସେବାପାଇଁ ଏ ଡାକ ଚିରନ୍ତନୀ ହୋଇରହୁ ଏବଂ ଏ ଜାତିର ଭବିଷ୍ୟତର କର୍ଣ୍ଣଧାରମାନେ ଏ ଜାତିର ବିକାଶପାଇଁ ଆଗେଇ ଆସନ୍ତୁ ।

'ଆନୋ ଭଦ୍ରା କ୍ରତବୋଃ ଯନ୍ତୁ ବିଶ୍ୱତଃ'

Let noble thoughts come to us from every side.

ଜୟହିନ୍ଦ୍—

ଓଡ଼ିଆ ବିଭାଗ
ରମାଦେବୀ ମହିଳା କଲେଜ
ଭୁବନେଶ୍ୱର

## ରବି ଫସଲ ପାଇଁ ଜଳ ଯୋଗାଣ

ସର୍ବସାଧାରଣଙ୍କ ଅବଗତି ନିମନ୍ତେ କଟକସ୍ଥିତ ପୂର୍ବାଞ୍ଚଳ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଜଣାଇଛନ୍ତି ଯେ ରବି ଫସଲ ପାଇଁ ନିମ୍ନଲିଖିତ କେନାଲଗୁଡ଼ିକରେ ୧୯୬୬ ଡିସେମ୍ବର ୧୬ ତାରିଖରୁ ତଳି ପକାଇବା ପାଇଁ ଅଳ୍ପ ପାଣି ଛଡ଼ା ଯାଇଥିଲା । ୧୯୬୭ ଜାନୁଆରୀ ୧ ତାରିଖଠାରୁ ପୂର୍ଣ୍ଣମାତ୍ରାରେ ପାଣି ଛଡାଯିବ ଓ ଅପ୍ରେଲ ୨୨ ତାରିଖଠାରୁ ବାର୍ଷିକ ମରାମତି ପାଇଁ କେନାଲ ବନ୍ଦ ରହିବ ।

୧—ତାଳଦଣ୍ଡା କେନାଲ, ୨—ମାଛଗାଁ କେନାଲ, ୩—କେନ୍ଦ୍ରାପଡ଼ା କେନାଲ, ୪—ପଟାମୁଣ୍ଡାଇ କେନାଲ, ୫—ଗୋବ୍ରି କେନାଲ, ୬—ହାଇଲେଭଲ ରେଞ୍ଜ-୧ କେନାଲ ।



"ଦେଶର ବିକାଶ ସାଧନ କରିବା ପାଇଁ, ଦେଶର ଐକ୍ୟକୁ ଶକ୍ତିଶାଳୀ କରିବା ପାଇଁ ଓ ଦେଶକୁ ସ୍ୱାବଲମ୍ବୀ କରିବାପାଇଁ ଆମେ ଉଦ୍ୟମ କରି ଆସିଛୁ। ସ୍ୱାଧୀନତା ଲାଭ ପରଠାରୁ ଏହି ନୀତି ଆମେ ଅନୁସରଣ କରି ଆସିଛୁ।"

ଇନ୍ଦିରା ଗାନ୍ଧୀ
ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀଙ୍କ ଅର୍ଥନୀତିକ କାର୍ଯ୍ୟକ୍ରମକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ପାଇଁ କଠିନ ପରିଶ୍ରମ ଓ ଅଧିକ ଉତ୍ପାଦନ ସହିତ ଅଧିକ ସଞ୍ଚୟ ଏକାନ୍ତ ଦରକାର।

* ପୋଷ୍ଟଅଫିସ ସେଭିଂସ ବ୍ୟାଙ୍କ ଆପଣଙ୍କ ବ୍ୟାଙ୍କ। ଏଥିରେ ୫ଟଙ୍କା ଜମା କରି ଆଜି ଗୋଟିଏ ଏକାଉଣ୍ଟ ଖୋଲନ୍ତୁ। ଏକେଲିଆ ଏକାଉଣ୍ଟରେ ଟ ୨୫,୦୦୦ ଙ୍କା ଓ ଯୁଗ୍ମ ଏକାଉଣ୍ଟରେ ଟ ୫୦,୦୦୦ ଉପରେ ବାର୍ଷିକ ଶତକଡ଼ା ୫ ହାରରେ ଆୟକର ମୁକ୍ତ ସୁଧ ମିଳିବ।

*** ସେଭିଂସ ବ୍ୟାଙ୍କ ଏକାଉଣ୍ଟଧାରୀଙ୍କ ପାଇଁ ସ୍ୱତନ୍ତ୍ର ସୁଯୋଗ—**

ଯେଉଁମାନଙ୍କର ସେଭିଂସ ବ୍ୟାଙ୍କରେ ବର୍ଷସାରା ଅନ୍ୟୂନ ଟ ୨୦୦ ସଞ୍ଚିତ ଥିବ ଓ ବର୍ଷର କୌଣସି ସମୟରେ ଏଥିରୁ କମ ହୋଇ ନଥିବ ସେମାନେ ଭାରତ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ଏକ ପୁରସ୍କାର ଯୋଜନା 'ଡ୍ର' (ଉଠାଣ)ରେ ଅଂଶ ଗ୍ରହଣ କରିପାରିବେ। ବର୍ଷମଧ୍ୟରେ ଦୁଇଥର, ଥରେ ଜାନୁଆରୀ ମାସରେ ଓ ଆଉଥରେ ଜୁଲାଇ ମାସରେ ଏହି ଉଠାଣ ଅନୁଷ୍ଠିତ ହୁଏ ଏବଂ ପ୍ରତି ଉଠାଣରେ ନିମ୍ନଲିଖିତ ପୁରସ୍କାରମାନ ଦିଆଯାଏ।

| | | | | |
|---|---|---|---|---|
| ୧ମ | ପୁରସ୍କାର | (ଗୋଟିଏ) | ପ୍ରତ୍ୟେକ | ଟ ୧,୦୦,୦୦୦ |
| ୨ୟ | ପୁରସ୍କାର | (୫ଟି) | ପ୍ରତ୍ୟେକ | ଟ ୫୦,୦୦୦ |
| ୩ୟ | ପୁରସ୍କାର | (୧୦ଟି) | ପ୍ରତ୍ୟେକ | ଟ ୨୦,୦୦୦ |
| ୪ର୍ଥ | ପୁରସ୍କାର | (୧୦୦ଟି) | ପ୍ରତ୍ୟେକ | ଟ ୫,୦୦୦ |
| ୫ମ | ପୁରସ୍କାର | (୧୦୦୦ଟି) | ପ୍ରତ୍ୟେକ | ଟ ୫୦୦ |
| ୬ଷ୍ଠ | ପୁରସ୍କାର | (୧୦,୦୦୦ଟି) | ପ୍ରତ୍ୟେକ | ଟ ୫୦ |

ଏହିରୂପେ ପ୍ରତି ଉଠାଣରେ ମୋଟ ୧୧,୧୧୬ଟି ପୁରସ୍କାର ଦିଆଯାଏ। ବ୍ରହ୍ମପୁରର ଟ୍ରାଫିକ ହାବିଲଦାର ଶ୍ରୀ ସୁଦର୍ଶନ ଖାଡ଼ଙ୍ଗା ୨ୟ ଥରରେ ଟ ୫୦,୦୦୦ ର ୨ୟ ପୁରସ୍କାର ପାଇଥିଲେ। ତା ଛଡ଼ା ବିଭିନ୍ନ ଉଠାଣରେ ଆମ ରାଜ୍ୟର ବହୁ ଏକାଉଣ୍ଟଧାରୀ ଅନ୍ୟାନ୍ୟ ପୁରସ୍କାର ଲାଭ କରିଛନ୍ତି।


*** ପୋଷ୍ଟଅଫିସ ଟାଇମ ଡିପୋଜିଟ୍ ଏକାଉଣ୍ଟ**—ଏଥିରେ ଉଚ୍ଚହାରରେ ସୁଧ ମିଳେ ଓ ସୁଧ ବର୍ଷକୁ ବର୍ଷ ମିଳେ।

| | (ସୁଧର ହାର) |
|---|---|
| ୧ ବର୍ଷିଆ ଏକାଉଣ୍ଟ | ଶତକଡ଼ା ୮ |
| ୨ ବର୍ଷିଆ ଏକାଉଣ୍ଟ | ଶତକଡ଼ା ୮.୫ |
| ୩ ବର୍ଷିଆ ଏକାଉଣ୍ଟ | ଶତକଡ଼ା ୯ |
| ୫ ବର୍ଷିଆ ଏକାଉଣ୍ଟ | ଶତକଡ଼ା ୧୦ |

ସଞ୍ଚୟୀ ପରିବାର ସୁଖୀ ପରିବାର
ଛୋଟ ପରିବାର ସୁଖୀ ପରିବାର

ବିଶଦ ବିବରଣୀ ପାଇଁ ନିକଟସ୍ଥ ପୋଷ୍ଟଅଫିସରେ ଅନୁସନ୍ଧାନ କରନ୍ତୁ।

ସ୍ୱଳ୍ପସଞ୍ଚୟ ନିର୍ଦ୍ଦେଶକ
ଅର୍ଥ ବିଭାଗ
ଓଡ଼ିଶା ସରକାର



ସବୁକଥାରେ ଗୋଟାଏ ସୀମା ଅଛି । ସେଇଥିପାଇଁ ପର କଥାରେ କହିଛି ଅତିରୁ ଛାଡି..........

ହଁ, ନୁହେଁ ଆଉ କ'ଣ ? ଏଇ ଦେଖୁନା ଆମ ମଦନପୁର ସରପଞ୍ଚ ପଧାନ ବାବୁଙ୍କୁ । ଏ ଚତୁଃପାର୍ଶ୍ୱରେ ତାଙ୍କୁ କିଏ ନ ଜାଣେ ? ଦିନଥିଲା ଗର୍ଭିଣୀ ଗାଈ ବାଟ ଛାଡୁଥିଲା ଟି । କୋଉ ଟଙ୍କା ପଇସା ଅଭାବ ଅଛି ନା ଖାଇବା, ପିନ୍ଧିବା, ରହିବାର ଚିନ୍ତା ଅଛି । ମିଛଟାକୁ ଖାଲି ନିଜର ଉଗ୍ରଚଣ୍ଡୀ ସ୍ୱୀଟା ଲାଗି ଲୋକଟା ବି ଦହଗଞ୍ଜ ନ ହେଉଛି ଭଲା । କିଏସ କ'ଣ ଆଉ କରନ୍ତା.....ଧର୍ମକୁ ସାକ୍ଷୀରଖି ହାତଧରି ବାହା ତ' ହୋଇଛି..........

ଏବେ ଅଚଳାଚଳ ଦମ୍ପତି । ଜୀବନରେ କୋଉ ସୁଖ ଅଛି ନା ଶାନ୍ତି ଅଛି ? ଅବ ଚାଣକ୍ୟ କ'ଣ ଗପେଇ ଖାଇ କହିଥିଲେ "ଦୁଷ୍ଟା ଭାର୍ଯ୍ୟା, ଶଠମିତ୍ର" ଇତ୍ୟାଦି ଇତ୍ୟାଦି—

ସଂଧ୍ୟା ନଇଁ ଆସୁଛି । ପୌଷମାସିଆ ଜାଡ଼ । ବାଟୋଇ ଦୁଇଜଣ ଶୀତରେ ଥରିଥରି ଛପଶିରି ବସ୍ ଷ୍ଟାଣ୍ଡରୁ ସେଇମିତି ଅବିଶ୍ରାନ୍ତ ଭାବେ ଚାଲିଛନ୍ତି । କୌଣସି ପ୍ରକାରେ ଅନ୍ଧାର ହେବା ପୂର୍ବରୁ ସେମାନଙ୍କୁ ମଲ୍ଲୁଗୁଣୀ ନଈଟା ପାର ହେବାକୁ ପଡ଼ିବ । ସେଇ ଅଙ୍କା ବଙ୍କା ଖାଇଢିପ ରାସ୍ତା ଦେଇ ଆଉ ୩ । ୪ କିଲୋମିଟର ବାଟ ଗଲେ ଯାଇ ନାରଗୋଡ଼ା—ତାଙ୍କ ଛୋଟିଆ ଗାଁ ଖଣ୍ଡିକ । ପଥଶ୍ରାନ୍ତକୁ ଲାଘବ କରିବାପାଇଁ କେତେବେଳେ କେମିତି ପାଟିରେ ଦୋକ୍ତା ପକେଇ ତ' ଆଉ କେତେବେଳେ ବିଡ଼ି ଟାଣି ବାଟୋଇ ଦୁହେଁ ସେଇମିତି ଚାଲିଛନ୍ତି ।

ଆଚ୍ଛା ରଘୁଆଡ଼ି' ପଧାନ ବାବୁଙ୍କ ସେ କଥାଟା ଫଇସଲା ହୋଇଗଲାଣି ପରା ?

ଆରେ ମାନ୍ ମହତ୍ କି ଇଜତ୍‌କୁ ଡରଥିଲେ ସିନା ମୁହଁକୁ ଲାଜ ସରମ ମାଡ଼ନ୍ତା । ଯୋଡ଼ବୁଢ଼ାଙ୍କର ବହଳା ମୁହଁ—ତାଙ୍କୁ ଯେତେ ମାଠିବୁ ମାଠ୍ । ସେମାନେ ସାରା ଜୀବନଟା ସେଇ ଦରପୋଡ଼ା କାଠ ହୋଇ ରହିଯିବେ ସିନା.... ଶିକ୍ଷା ଦୀକ୍ଷା କି ଲୋକାଚାରର ମୂଲ୍ୟ ତାଙ୍କ ପାଖରେ କିଛି ନାହିଁ । ହଜାରଥର ଖାଲି ସେଇ କଥାକୁ ସେଇ କଥା । ରାତି ପରେ ସତି ଖାଲି ନ୍ୟାୟ ନିଶାପରେ ପାହି ଯାଉଛି । ହେଲେ ସେ ପ୍ରକୃତିରେ ପରିବର୍ତ୍ତନ କାହିଁ ?

ଶ୍ରୀ ନେତ୍ରାନନ୍ଦ ସାମନ୍ତରାୟ

ହଇତ ସରକାରୀ ଜମି ସିଏ ଗାଁର ଛୁଆପିଲା କି ଝିଅ ବୋହୂ ଚଳିବାପାଇଁ ତୋର ସମା ଭାମା ଅମନକୁ ଦେବ ଚିହ୍ନ ଖଣ୍ଡେ ପଡ଼ି ରହିଥିଲା । ଗାଁରେ କୋଠକୋଠିଆ କାମରେ ଏତେ ସେଟିଲ୍ଭ ପାଇଁ କେତେ ସୁବିଧା ହେଉ ନ ଥିଲା ? ପଧାନଙ୍କ ଘରକୁ ଲାଗି ଚିହ୍ନଟା ପଡ଼ିରହିଛି ବୋଲି ଏଇନେ ସେଇଟା ହୋଇଗଲା ତାଙ୍କର । ସେଥିରେ ପୁଣି ଏତେ ଲୋକ ଯେ ଗାଁଟା ସାରା ଲୋକଙ୍କ ସହ ନାନା ଅଳରେ ତାର ସଦା ହେଉଛି ॥

ତୋର ତୋପାଅଣ୍ଡା ସମ୍ପତ୍ତି ତ' ହୋଇଥିଲେ ସରପଞ୍ଚେ ଅମର ଅଭ ମୁଣ୍ଡ ରଖିନଥାନ୍ତେ । ଓହୋ ! ତାଙ୍କର ଦେଇ ଯୋଉ ଗଉଣୀ ଉଣ୍ଡିକ ନା—କି ବେଳାରେ ଜଣ୍ଡ ଗାଟେଲା କେଜାଣି.........

ବୁଝିଲୁ ମକରୁ—ତୋର ତୋପା ଅଳା ସମ୍ପତ୍ତି ଆଉ ଅଛି ଯେ ? ଆଇନ୍ କାନୁନ୍ ସବୁ ଏମିତି ହେଲାଣି ଯେ କେତେ କେତେ ଲୋକ—ଯିଏ ହାତରେ ମୁଣ୍ଡ କାଟୁଥିଲେ ଏଇନେ ତାଙ୍କ ଜମିଦାରୀ ରହୁନି । ଆଉ ଏ ପଧାନ ବାବୁ ତୋର ଗାଈର ଗୋବର ଯେ ତୁଳାକୁ ଏତେ ଅଡ଼ା.........

ଭଲ୍ ତାଙ୍କର ସେ ସୀତାର କି ସାହସ ଦେଖିଲ ! ହଇତ ତାଙ୍କର ଜମିବାଡ଼ି ଟଙ୍କା ପଇସା ଅଛି ବୋଲି କ'ଣ ଆମ ଉପରେ ଘୋଡ଼ା ଚଢ଼ିବେ ? ଆଗରୁ କୁଆଡ଼େ ସେନ୍ଟ୍ରେଲଗୋଭରମେଣ୍ଟରେ ପ୍ରତିଜ୍ଞା କରିଥିଲେ ଯେ ଗସ୍ତରେ ନ ଯାଇ ମିଶ୍ରି ବହଣରେ ନେଇନେଇ ମଣିଷ ହୋଇଛନ୍ତି । ତା'ରି ବଳରେ ଏଇନେ ହାକିମ ସେ କାହିଁକୁ କ'ଣ । ହଇତ ଇନ୍ଦିରାଗାନ୍ଧୀଙ୍କ ଶାସନରେ ସମସ୍ତେ ସବୁ ସମାନ ନ୍ୟାୟ ପାଇବେ । ଗରିବ ଦୁର୍ବଳଙ୍କ ଉପରେ ଏ ଅନ୍ୟାୟ ଅତ୍ୟାଚାରର କ'ଣ ବିଚାର ହେବନି ? ଦିନେ ନା ଦିନେ ହେବ ହିଁ ହେବ.........

କେବଳ ସେତିକି ନୁହେଁ ରଘୁଆଡ଼ି—ଏବେ ପୁଣି ଦେଶରେ ନାରୀ ଜାଗରଣ ....ନାରୀ ପ୍ରଗତି.....

ଦେଶରେ ନାରୀ ପ୍ରଗତିଟା ଆନନ୍ଦର କଥା । କେତେ-କାଳ ଅଉ ଅମର ଝିଅ ବୋହୂ ମୁଣ୍ଡରେ ଓଢ଼ଣାଦେଇ ହାଣ୍ଡିଶାଳରେ, ଘରକଣରେ ପଡ଼ିଥାଆନ୍ତେ ? ଇଅ ବୋଲି କ'ଣ ମନଇଚ୍ଛା ସରପଞ୍ଚେ ସରକାରୀ ଜାଗାଟାକୁ ବାଡ଼ବନ୍ଦି କରି ଜବରଦସ୍ତ ଦଖଲ କରିବେ.....ଆଉ ଏକଥା କହିଲାବେଳକୁ ତାଙ୍କ ସ୍ତ୍ରୀ ନାକଟେକି ଅଣ୍ଟାରେ ଲୁଗାଭିଡ଼ି ତାଣ୍ଡନୃତ୍ୟରେ ଯାଆନ୍ତୁ ଯାନାହିଁ ତା କହି-ଥିବେ ? ସିଏ ସରପଞ୍ଚଙ୍କ ସ୍ତ୍ରୀବୋଲି କ'ଣ ଅଉ କାହାର ଇଜ୍ଜତ ମହତ ରହିବ ନି । ନିଜର ତ' ଆଗେ ଲୋକ-ଲଜ୍ଜା ରହିବା କଥା । ଏଇନେ ଗାଁ ଗଣ୍ଡାରେ ଯେତେ ପ୍ରଶଂସା ନା..... ଧିକ୍ ସେ ଜୀବନକୁ.....ତାଙ୍କ ବଡ଼ପଣକୁ ପଡ଼ିଥାନ୍ତୁ...କିଛି ନ ହେଲା ବେଳକୁ କଣ୍ଟାବାଡ଼ରେ ଲୁଚି ପଡ଼େଇ.........

ଛି....ଛି....ନାରୀ ପ୍ରଗତି ପାଇଁ ଆମ ପ୍ରଧାନମନ୍ତ୍ରୀ ଯେଉଁ ଜାଗରଣ ସାରା ଦେଶରେ ସୃଷ୍ଟି କରିଛନ୍ତି ତା ଅର୍ଥ କ'ଣ ଏଇଆ ? ହକ୍ କଥା କହିଲେ ତାର ବାଛବିଚାର ନାହିଁ—ସାଙ୍ଗେ ସାଙ୍ଗେ ଯୁଦ୍ଧକୁ ତିଆର । ଏଇମିତି କେତୁଟାଙ୍କ ଲାଗି ଦେଶରେ ସବୁ ଯୋଜନା ପଣ୍ଡ ହୋଇ ଯାଉଛି.........

ଛାଡ଼୍ ଛାଡ଼୍....ସେ କଥାଗୁଡ଼ାକ ଆଉ ଭୁସ୍ତରେ ଧରିବ ନାରେ ମକରୁ । ଖାଲି ପଧାନ ବାବୁଙ୍କ ସ୍ତ୍ରୀ ବୋଲି କଥାଟାକୁ କୌଣସି ପ୍ରକାରେ ଚାପି ଦିଆଯାଉଛି । ସାଇପଡ଼ିଶା ଲୋକମାନେ କ'ଣ ଆଉ କରନ୍ତେ ? ଡରରେ ଖାଲି ମୁହଁ ଆଖି କାନ ବନ୍ଦକରି ଚୁପ୍ ରହିଛନ୍ତି । ସେଦିନ ପଧାନଙ୍କ ସ୍ତ୍ରୀ ଅମ ନରିଆ ଖୁଡ଼ିଘର ଖୁଡ଼ୀଙ୍କୁ ଯେଉଁ ବ୍ୟବହାର କଲେନା.....ହଁ ଧରମ ଥିଲେ ବୁଝିବ । ହଇତ ସରକାରୀ ଜମିଟାକୁ ଜବରଦସ୍ତ ବାଡ଼ବନ୍ଦି କରି ରଖିଛନ୍ତି, ନିଜ ବ୍ୟବହାରରେ ଲଗାଇ ଅନ୍ୟମାନଙ୍କର ଯାବତୀୟ ଅସୁବିଧା ସୃଷ୍ଟି କରୁଛନ୍ତି, ତଥାପି ସବୁ ଜାଣି-ଶୁଣି ଗାଁବାଲା ଚୁପ୍ ହୋଇ ରହିଛନ୍ତି । ଛୋଟପିଲା ଖେଳୁ ଖେଳୁ ସେ ବାଡ଼ି ଭିତରକୁ ଫିଙ୍ଗିଥିବା ଟେଣ୍ଡୁଟାଏ (Ball) ଆଣୁ ଆଣୁ ତମେ ସ୍ତ୍ରୀ ଲୋକଟାକୁ ଘଣ୍ଟା ଘଣ୍ଟା ସ୍ତବିପକାଇ ଦିନ ଦ୍ୱିପ୍ରହରରେ ଅଟକ ରଖିବ ?

ବା ବା ! ଖରି ଭଦ୍ରଘରର ଝିଅ ବୋହୂଟାଏ ସିଏ ? କମ୍ ବୁଦ୍ଧି.....ଜଣା ପଡ଼ୁଛି ମୁଣ୍ଡରେ ବହୁତ ମସଲା ଅଛି । ନ ହେଲେ ଜଣେ ସ୍ତ୍ରୀ ଲୋକକୁ ଅନ୍ୟଜଣେ ସ୍ତ୍ରୀ ଲୋକ ସ୍ତବିପକାଇ ଅଟକ ରଖିବା କ'ଣ କମ୍ ସାହସ ? ସରପଞ୍ଚଙ୍କ ସ୍ତ୍ରୀ ନା'—ତେଣୁ ମଗଜଟା ଖରି ପୋଖତ....

ବୁଝିଲୁ ମକରୁ, ଖାଲି ନରିଆ ଖୁଡ଼ୀଟା ଗୋଟାଏ ପ୍ରକାରର ବୋଲି ସବୁ କଥାକୁ ମୁହଁମାଡ଼ି ସମ୍ଭାଳି ଗଲା । ନ ହେଲେ ସରପଞ୍ଚଙ୍କ ଯେତେ ପେଞ୍ଚପାଞ୍ଚ ସବୁର ଅକଳ ଗୁଡ଼ୁମୁ ହୋଇଯାଇଥାନ୍ତା । ମାଇପଟା ଥାଆନ୍ତା ଏଇନେ ମାମୁଁ ଘରେ....ଘଣା ପେଲି ପେଲି, କଡ଼ା ବାଡ଼େଇ ବାଡ଼େଇ ସେଇଠି ବୁଦ୍ଧି ଶିଖୁ ଥାଆନ୍ତା । ସମସ୍ତଙ୍କୁ ହଇରାଣ ହରକତ କରି କରି ସିନା ଖସି ଯାଉଥିଲା—ହେଲେ ଏମିତି ମଉକା ଆଉ କ'ଣ ମିଳିବ ? ଯାହାକହ, ଯନ୍ତାଟୁ ଖସିଗଲା.........

ଏତେକଥା ହେଲଣି— ପଧାନଙ୍କଠି ତଥାପି ତେତେ ନି । ଖାଲି ପାଗଳା କୁକୁର ଭଳିଆ ଦିନରତି ଦଉଡି- ଏଠିକି ସେଠିକି ଧାଇଁ କାହାକୁ ଥାନାକୁ ଡାକ..... ାକୁ କଚେରୀକୁ . ଭିଡ଼.....ଅଭି ଏମ୍. ଏଲ୍. ଏ. ାକୁ ଧାଁ..... କାଲି କଟକରେ ଓକିଲ ବୁଢ଼୍.....ଏଇସବୁ ଚିନ୍ତାରେ ଅଛନ୍ତି । ନିଜ ସ୍ତ୍ରୀକୁ ଉଦ୍ଧତ୍ କରିବା, ସାଇ ତାରେ ମଳିମିଶି ଚଳିବା, ସ୍ନେହ ଶ୍ରଦ୍ଧାରେ ଅନ୍ୟ- ଙ୍କୁ ନିଜର କରିବା ତାଙ୍କ ଧାତକରେ ନାହିଁ । ହେଉଛି ହାକିମ ହୁକୁମାଙ୍କ ଗୋଡ଼ହାତ ଧରି, ଦୁଆରେ ଅଣିରୁ ଲୁହଗଡ଼େଇ ନେହୁରା ହୋଇ ନ କୁଆଡ଼େ ତାଙ୍କ ସ୍ତ୍ରୀଙ୍କ ବିରୁଦ୍ଧରେ ଯାବତୀୟ ଯୋଗକୁ ଉର୍ଦ୍ଦେବେ । ପେଉଣିଠୁ ଚିଫ୍ ସେକ୍ରେ- ଙ୍କ ଯାଏଁ ଧସ୍ତଧରି ଚାଲିଛି । ସଂସାରେ ଯଦି ନ ଥିବ ପାପ ଦିନେ ନା ଦିନେ ପାତାଳରୁ ଫିଟି ାରିବ । ଲୋକଙ୍କ ଲୁହ ନିଶ୍ୱାସର ତ' ଫେରେ ଅଛି ।

କୁସୁନୋଡ଼ିଁରେ ମଜସ, କଥାର ଭିତରେ ତୁ ପଶୁନ । ପଧାନେ ବିଚରା କ'ଣ କରିବେ କହିଲୁ ? ର ସେଇଯେଉଁ ବୁଣଜନ୍ନ ଘରଣୀ ଝଣ୍ଡିକ ନା ସେ ାକୁ ମାନିବା ଜନ୍ତୁ ନୁହେଁ ରେ ବାପ । କଥା ଖୁବ୍ ଭଳି ହେବାରୁ ସେଦିନ ଭଦ୍ରଲୋକମାନେ ଆସିଥିଲେ ଥିତ ତ, ଭଲ—ସେମାନେ କୋଉ ଭଳିଆ ବ୍ୟବହାର ଶେଷରେ ମୁହଁକାନ ଆଉଁସି ଯେଝାବାଟେ ଯିଏ କୁ ଯିବାକୁ ତର ସହିଲାନି । ଏଗୁଡ଼ାକ କ'ଣ କଥା ା । ନିଜେ ସରପଞ୍ଚ ଥିଲେ ପଶୁ । ସେଇମିତି ଳ କରି ମୁକ ହୋଇ ରହିଁ ଥାଆନ୍ତି । ନିଜର ସ୍ତ୍ରୀ ଟା ଧାଣ୍ଡ ମଝିଟାରେ ପାଞ୍ଚ ପାଞ୍ଚଟା ମରଦଙ୍କୁ ପାଣି ଦେଲା—ପଧାନେ ପାଟି ଫିଟେଇଛନ୍ତି ? ସେଦିନ ଫାଳ ଦିଫାଳ କରିଥିଲେ ତାଙ୍କ ପିଠିରୁ ଆଜିଯାଏଁ ୍ଣି ପ୍ରହାରର ଦରଜ କଟି ନ ଥାନ୍ତା । ବିଚରା କଣ ......ସ୍ତ୍ରୀଟା ଲାଗି ଘରୁ ଆଉ ମୁହଁ କାଢି ପାରୁନି ଲେ ଦୋଷ.....ନ କହିଲେ ବି ଦୋଷ.....

ହିଲ ରଘୁଆଡ଼ି' ସେଇମିତିଆ ମାଇଚିଆ ଭଦ୍ରଲୋକ ି ସେଦିନ ଛାଡ଼ିଦେଲେ । ନ ହେଲେ ଉପରେ ପଡ଼ି କହି ଗାଳିଫଜିତ କରି ଘରୀ ଲୋକଟାଏ ପକେଇ ଥାନ୍ତା ? ଯେଉଁ ୪, ୫ ଜଣ ଯାଇଥିଲେ, ସମସ୍ତଙ୍କର ହୁକାଏ ଲେଖାଁ ଗଳତି—ଆଉ ନ୍ୟାୟ ବିଚାର କହିଥାନ୍ତା କିଏ ? କଥାଟା ସମସ୍ତଙ୍କୁ ଖରି ବାଧିଲା ହେଲେ ସରପଞ୍ଚଙ୍କ କୋପ କିଏ ନ ଜାଣେ ଯେ, ମୁହଁ ଉପରେ ଜବାବ ଦେବ । ଦେଖିବାକୁ ସିନା ଲୋକଟି ଏତେ ସାଧାସିଧା, ହେଲେ ଭିତରେ ଭିତରେ ଏମିତି ପେଞ୍ଚ କରିବ ଯେ ନଇଖଣିଆର ରେକର୍ଡ ବେପାରଠୁ ଗାଈଚୁହାଙ୍କର ଛପର ଖଣ୍ଡିକ ବାଏଁ ବାଏଁ ଉଡ଼ିଯିବ । ସେ ଯେଉଁ ଗ୍ରାମସେବକ ଦିଜଣ ଉଡ଼ାରେ ଅଛନ୍ତି ତାଙ୍କ କଥା ପଦାରେ ବା' କିଏ ? ଆଉ ସେ ପେଟା ବରହମ୍ପୁରିଆ ଡାକ୍ତର ରାଓ ବାବୁଙ୍କ କଥା ନ କହିଲେ ଚଳେ ଭଲ । ସେତ ସାକ୍ଷାତ୍ ଧର୍ମ ଯୁଧିଷ୍ଠିର । ମାଛିକୁ ମ ବୋଲି କହନ୍ତିନି । ନ ହେଲେ ସେଇଦିନ ରାତି ପାଇଥାନ୍ତା.....କଥା ତୁଟିଯାନ୍ତା.....ତୁଅ ଏମିତି ପାନେ ଖାଇଥାନ୍ତା ଯେ ସାତ ଜନ୍ମରେ ବି ଭୁଲି ନ ଥାନ୍ତା ।

ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁରେ ମଜସ । ଏତେ ତ' ପଧାନେ ଲାଗିଥିଲେ । ଆଜି ବି. ଡି. ଓ., କାଲି ଥାନାବାବୁ, ପରଦିନ ତହସିଲ୍- ଦାର. ଏତେ ଧସ୍ତଧରି କରି କ'ଣଟା ଲାଭ ମିଳିଲା କହିଲୁ ? ଖାଲି ଘରର ଇଜ୍ଜତକୁ ଟୁଡ଼ିଆ ପସରା କରି ଦାଣ୍ଡ ଘାଟରେ ବିକିବା ସାର ହେଲା ସିନା । ସତ୍ୟ ହିଁ କାଳେ କାଳେ ସତ୍ୟ । ଶେଷରେ ଗାଁର ଧୋବା ଭଣ୍ଡାରି, କମାର, ଗଉଡ଼ଙ୍କୁ ବି' ମନ୍ତ୍ରଣା ଦିଆଗଲା । ଏବେନେ ସଂସାରଯାକ ସ୍ତ୍ରୀ ତୁଣମଣିଙ୍କ ଦେହଙ୍କୁ ଡିବି ଡିବି ହୋଇ ବାଜୁଛି । ଯା' ଶୁଣିବୁ ପାନଦୋକାନି ଠୁ ଚା' ଦୋକାନ ଯାଏଁ କେମିତି ଚର୍ଚ୍ଚା ଚାଲିଛି । ଏଇନେ ସେ ସିଂହରଡ଼ି ଗଲା କୁଆଡ଼େ ? ସିଂହ ଛାଲକୁ ପିଠିରେ ପକେଇ ଯେତେ ଗର୍ଜନ କଲେ ଲୋକେ କ'ଣ ଆଉ ବିଲୁଆକୁ ଚିହ୍ନିବାକୁ ବାକି ରହିବ ?

ତୁମେ ଯେତେ ବୁଝେଇଲେ ମୋ ମନକୁ ସେଗୁଡ଼ାକ କିଛି ଆସେନି ରଘୁଆଡ଼ି' । ସରକାରୀ ଜମିଟାକୁ ମାଡ଼ିବସି ଚଲା ୨, ୩ ବର୍ଷ ହେଲା ଏ ଗାଁରେ ଯେତେ ପାଲା କରିଛି.....ଦୋଷକୁ ରହିଁ ଦଣ୍ଡ କିଛି ମିଳିଲାନି ।

ଆଉ କ'ଣ ପଧାନଙ୍କ ସ୍ତ୍ରୀକୁ ଫାଶି ହୋଇଥିଲେ ଅଧିକ ହୋଇଥାନ୍ତା ? ଗଲାବର୍ଷ ଯନ୍ତାଳକୁ ଶୋଭିଷ୍ଠତ ରଖିବାକୁ ଜାଗା ଚାଷଣ୍ଡକ ପାଇଁ ସେ ଯେଉଁ କିଦି— ମନେ ଅଛିଟି ? ଗୋଟାଏ ସ୍ତ୍ରୀଲୋକକୁ ଡରି ଖାଁଟା ପାସ ପସ ରହିଥିଲେ । ଶେଷରେ ବଡ଼ପଣିଆ ଦେଖେଇ ପଧାନେ କୋର୍ଟ କଚେରୀକୁ ଗୁଲିଗଲେ । ଏତେ ଅଖିଆ ଅପିଆ ରାତି ଅନିଦ୍ରା ଦଉଡ଼ ଧାପଡ଼ ପରେ ଟଙ୍କାପଇସା ସାରି ସେ ବହଳା ମୁହଁଟା ଆଉ ଅଛିତ ? ଯାହାକୁ ଲାଜସରମ ନ ବାଟିବ ତାକୁ ଜେଲ୍ ଜୋରିମାନା କ'ଣ ଅଧିକ ହେବ ? ଏଇନେ କ'ଣ କରିବାକୁ ହେବ ବୋଲି ଦଉଡ଼ି ଦଉଡ଼ି ମୁଣ୍ଡ ଚକର ଖାଇଲେଣି । ଏହା ସତ୍ତ୍ୱେ

ଯଦି ଜଣେ ନିଜର ଚରିତ୍ର ସଂଶୋଧନ ନକରିବ..... ଆଉ ଉପାୟ କଣ ? ସମୟ ଆସିଲେ ସେବେ ବୁଝିବ.....

ହଁ ରଘୁଆଡି.....କଥାଟା ଯାହା କହିଲୁ ସତ ଯେ, ହେଲେ ସ୍ନେହଟାର ତ, କିଛି ପରିବର୍ତ୍ତନ - ହେଲା ଭଳିଆ ଜଣାପଡୁନି ।

ପଧାନ ବିଚରା ଆଉ କ'ଣ କରନ୍ତେ ? ଖାଲି ନିଜର ଛାତିଟା ଚୋଲରେ ପଡ଼ି କୌଣସି ପ୍ରକାରେ ଭିଡ଼ିଟା ଧରି ଅବସରରେ ଧାଇଁଛନ୍ତି । ଏବେ ଲୋକ ପର ଭିତରେ ଭିତରେ ଲୁଚିକରି ସାହାଯ୍ୟ କରୁଥିଲେ । ଧନୀଟାକୁ ନ୍ୟାୟଟାକୁ ଘୋଡ଼େଇ ପାରିଲେ ? ଯାହା ହୋଇଛି ଯଥେଷ୍ଟ ହୋଇଛି । ଉଆଡ଼େ କମି- ଯାଇଁ ଲୋକଟା ଯେ କି ସାଙ୍ଗ ନ ହେଉଛି—ଦୁନିଆରେ ଧର୍ମ ନ୍ୟାୟ ଏବେ ବି ଅଛି । ମରିଗଲେ ପଛେ ଥିଲେ ସେବେ ବୁଝିବ । ପଣ୍ଡୁ ପାଲଟି ଗଲେ ତା' କଥା ସରିଲା..... ଅଢ଼େଇଦିନିଆ ସଂସାରରେ ମିଛଟୁସିନା ଏ ଗର୍ବ ଦମ୍ଭ—

ଶୁଣାଯାଉଛି ସରକାରଙ୍କର ତୁଆଡ଼େ ପଧାନଙ୍କ ପାଖକୁ ହୁକୁମ୍ ଆସିଛି । ଜାଡ଼ଖଣ୍ଡ.....ଦଖଲ ଛାଡ଼..... ତୋହମାନ ଦିଅ ଏବଂ ଯାଇ ଖୁଡ଼ଙ୍କ ସାଙ୍ଗେ ମିଳି ମିଶି ରହ ଇତ୍ୟାଦି.....ଇତ୍ୟାଦି । ଏବେ ସେବେ ବୁଦ୍ଧି ପଶିବ ଯେ....

ବୁଝିଲୁ ମକର, ଏବେ ବି ଯଦି ଲୋକଟା ସମସ୍ତଙ୍କ ସହ ମିଳିମିଶି ଚଳନ୍ତା ସବୁକଥା ପଦକେ ତୁଟି ଯାଆନ୍ତା । ହେଲେ ସେଇଁଗୁଡ଼ାକ ମାଇପି ବୋଲିଆ ବିବେକ କୁଆଡ଼ୁ ଆସିବ ଯେ... ଠିକ୍ ଜ୍ଞାନ ଆସିବ ଯେତେବେଳେ ନେଡ଼ିଗୁଡ଼ ଯାଇ କହୁଣିରେ ପହଞ୍ଚିବ । ଏବେ ପଇସା ଖର୍ଚ୍ଚ କରି ସର୍ବସ୍ୱାନ୍ତ ହେବ, ହେଲେ ଚୋର ଦୁଃଖକୁ ? ଦିହରୁ ଗରମ ନିଶା ଛାଡ଼ିଗଲେ ଆଖିକୁ ଧୋଇଥିବ..... ଘୁଣକୁ ଖାଉଥିବ ।

ଏହାଭିତରେ ସେମାନେ ଯେ କେତେବେଳେ ଗାଁ ପାଖରେ ପହଞ୍ଚି ଗଲେଣି କଥା ଖେଳରେ ଜାହାରି ମନେ- ନାହିଁ । ହଠାତ୍ ତାହାର ପାଟିଶୁଣି ମକର ପ୍ରକୃତିସ୍ଥ ହେଲା ।

ଯୋଜନା ଓ ସମନ୍ୱୟ ବିଭାଗ
ରାଜ୍ୟ ସଚିବାଳୟ
ଭୁବନେଶ୍ୱର

ଆରେ ! ଗାଁଟା ପାଇ ଗଲୁଣି ଯେ.....

ମକର ରଘୁଆଡି, ପାଖକୁ ଲାଗିଯାଇ ଚୁପ୍ ଚୁପ୍ କ ଣାନରେ କହିଲା : ପଧାନେ କୁଆଡ଼େ ଗାଁଗଣ୍ଡା ଛାଡ଼ି ପ୍ରକୃତ ଯିବାକୁ ବାହାରିଲେଣି । ସତ କି ମିଛ ଭଗବାନ ମୁଁ ଶୁଣିଲି ମହାଦେବଙ୍କ ପାଖ କମାରଶାଳରୁ । ଦାସ ମାର୍ଥା, ଉଲ୍ଲାସ ଧପଟସିଂ, କାର୍ତ୍ତିକ ଦାସ, ନୃସିଂହ ପଣ୍ଡା ସମସ୍ତେ ଗପ କରୁଥିଲେ । ବାଡ଼ି ବଗା ଏତ, ଜମି, ଘର ସବୁ ବିକିଦେବାକୁ ସୁରୁ ହେଲାଣି । ଗାଁସାରା ଚୁପ୍ ଚାପ୍ ଫୁସ୍ ଫାସ୍.........

ତୁ ଜାଣିନୁ କିରେ ମକର ! ଏଇନେ ଯୋଉ ସରକାର ନା ଆଉ ଅନ୍ୟାୟ ଅନାଡ଼ି ଚଳିବନି ରେ ବାପ । ଦେଖୁନୁ ଦରଦାମ୍ କେମିତି କମିଗଲାଣି ? ଗୁଡ଼ଲ ତିନି ସହର ଏତେ ଆସୁଛି ଯେ ସେଗୁଡ଼ାକ କିଏ କେତେ ଖାଇବ ? କେତେ କେତେ ଲୋକ ବେପାରୀ ତା' ଗଲେଣି— ଆଉ ଏ ଅଲଣା ସରପଞ୍ଚଙ୍କୁ କିଏ ଅଟକେଇଛି ଯେ ସବୁ ଘୋଡ଼ାଇବ ? ଏଠୁ ପରେ ପଧାନ ସିଧା ସ୍ୱର୍ଗପୁରର ଇନ୍ଦ୍ରଭବନକୁ ଯାଆନ୍ତୁ.....ହେଲେ ଗ୍ରାମଟା କଟିଯାଉ ବାସିନ୍ଦା ଗୁଡ଼ାକ ଶାନ୍ତିରେ ହେଲେ ନିଶ୍ୱାସ ମାରିବେ ।

ହଁଅ—ଏଠୁ ପଳେଇଗଲେ କା'ଣ ଏମିତି ତାଙ୍କର କ୍ଷତି ହୋଇଯିବ ? ଥରେ ସିନା ଭିଡ଼ାଭିଡ଼ିରେ ହାରିଗଲେ କେତେବେଳେ ତା' ପୁଣି.........

ସଂସାରରେ କାହାରି ଗର୍ବ ରହିନାହିଁରେ ମକର ! ସବୁ କାଳ ଦେହରେ ଗର୍ବ ହୋଇଛି । ଅଢ଼େଇ ଦିନିଆ ଜୀବନରେ ମଣିଷର କି ସବୁ ଅହଙ୍କାର ! ସେଦିନ ଦାଣ୍ଡରେ ପୁରାଣ ଶୁଣୁଥିଲୁ ପରା—ଦୁର୍ଯ୍ୟୋଧନ କେତେ ଗର୍ବ କରି ନ ଥିଲା ? 'ବିନାଯୁଦ୍ଧେ ଦେବିନାହିଁ ସୂଚ୍ୟଗ୍ର ମେଦିନୀ' ର ଦମ୍ଭ ଗଲା କୁଆଡ଼େ ? ଭଗବାନ କାହାରି ଗର୍ବ ସହି ପାରନ୍ତିନି ତା ନ ହେଲେ ଏ ସୃଷ୍ଟି ରହୁଥାଆନ୍ତା ? ଏବେତ ଦେଖିଲୁ ସରକାରୀ ଜମି ଦିଗୁଣ୍ଡୁ ପାଇଁ.........

ଆହା ! ଲୋକଟା ବିଚରା କି ଦହଗଞ୍ଜ ନ ହେଉଛି— ହଠାତ୍ ମକର ପାଟିରୁ ବାହାରି ଆସିଲା ।

# ବିବାହ ଓ ବିଜ୍ଞାପନ

ବିବାହ ଏକ ପବିତ୍ର ସମ୍ପର୍କ, ଯାହା ଦ୍ୱାରା ପୁରୁଷ ଓ ନାରୀ, ସ୍ୱାମୀ-ସ୍ତ୍ରୀ ରୂପେ ଜୀବନ ଯାପନ କରନ୍ତି । ଏହାଦ୍ୱାରା ପରସ୍ପର ମଧ୍ୟରେ ପ୍ରେମ ପ୍ରତିଷ୍ଠା ହୁଏ । ପ୍ରତ୍ୟେକ ପରସ୍ପରକୁ ବୁଝିବାର ଚେଷ୍ଟା କରନ୍ତି ଓ ପରସ୍ପରକୁ ସଂଶୋଧନ କରନ୍ତି । ସାଧାରଣତଃ ବିବାହ କ୍ରିୟାଟି ଦୁଇ ପ୍ରକାରେ ସଂପନ୍ନ ହେଉଥିଲା । (୧) ଅଭିଭାବକମାନଙ୍କ ଦ୍ୱାରା ସ୍ଥିରୀକୃତ ବିବାହ, (୨) ପ୍ରେମ ବିବାହ । ମାତ୍ର ବର୍ତ୍ତମାନ ସମାଜରେ "ବିଜ୍ଞାପନ ଦ୍ୱାରା ବିବାହ ପଦ୍ଧତି" ଏକ ଆଲୋଡ଼ନ ସୃଷ୍ଟି କରିଛି ।

ସାଧାରଣତଃ ସମ୍ବାଦପତ୍ର ଓ ପତ୍ର ପତ୍ରିକାମାନଙ୍କରେ ଆମେ ବିଭିନ୍ନ ପ୍ରତିଷ୍ଠାନ ଓ ଅନୁଷ୍ଠାନ ପ୍ରସ୍ତୁତ ଦ୍ରବ୍ୟାଦି ସମ୍ପର୍କିତ ଆଦି ଉପରେ ନାନା ଆକର୍ଷଣୀୟ ବିଜ୍ଞାପନ ମାନ ଦେଖୁ । ଯଥା ଅମୁକ ଖାଁଙ୍କର ଅଏଲି କଡ଼ା ମାର୍କା ଗୁଡ଼ାଖୁ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଅମୁକ ମାର୍କା ସାବୁନ, ମାତ୍ର ଏଇ କେତେ ବର୍ଷ ହେଲା ବିବାହ ବିଜ୍ଞାପନମାନ ଏହି ପତ୍ର ପତ୍ରିକା ମାନଙ୍କର ପୃଷ୍ଠା ମଣ୍ଡନ କରୁଛନ୍ତି । "ପାତ୍ରୀ ଆବଶ୍ୟକ", "ପାତ୍ର ଆବଶ୍ୟକ" ଆଦି ଶିରୋନାମାମାନ ବହନ କରି ଏହି ବିଜ୍ଞାପନମାନ ଦେଖିବାକୁ ମିଳେ । ଏହିପରି ଗୋଟିଏ ବିଜ୍ଞାପନର ନମୁନା ଦେଲେ ବିଷୟଟି ଅଧିକ ସ୍ପଷ୍ଟ ହେବ । ମନେ କରାଯାଉ ଉକ୍ତ ସମ୍ବାଦ ପତ୍ରର ନାମ ହେଉଛି "ଟାଇମସ୍ ଅଫ୍ ଇଷ୍ଟ ଇଣ୍ଡିଆ (Times of East India) ।

### ପାତ୍ରୀ ଆବଶ୍ୟକ

ତା ୨୨-୧୨-୭୬ କଲିକତା ମେଦିନୀପୁର ଜିଲ୍ଲାର ଜଣେ ଉଚ୍ଚ ଶିକ୍ଷିତ, ସୁଦର୍ଶନ, ସୁଠାମ ଓ ଉଚ୍ଚ ଦରମା-ପ୍ରାପ୍ତ ତିରିଶ ବର୍ଷ ବୟସ୍କ ଯୁବକଙ୍କ ପାଇଁ ଜଣେ ସୁଦର୍ଶନା ଯୌବନବତୀ, ମଧ୍ୟମ ଶିକ୍ଷିତା ପାତ୍ରୀ ଆବଶ୍ୟକ । ଇଚ୍ଛୁକା ପ୍ରାର୍ଥିନୀମାନେ ଅବା ସେମାନଙ୍କର ଅଭିଭାବକଗଣ ସଂପାଦକ, ଟାଇମସ୍ ଅଫ୍ ଇଷ୍ଟ ଇଣ୍ଡିଆ, କିମ୍ବା ପୋଷ୍ଟ ବକ୍ସ ନମ୍ବର ୭୦୪ ମେଦିନୀ ପୁର ଠିକଣାରେ ଯୋଗାଯୋଗ ସ୍ଥାପନ କରନ୍ତୁ ।

ଗୋଟିଏ ଗୋଟିଏ ସମ୍ବାଦ ପତ୍ରରେ କମିକ୍ସ୍ ଛଳରେ ଏ ଧରଣର ବିଜ୍ଞାପନଟିଏ ପ୍ରକାଶିତ ହୋଇଥାଏ । ସାଧାରଣତଃ ଏହା "ଚିତ୍ରେ ସମ୍ବାଦ" ଭଳି ବୋଧ ହୁଏ ଏବଂ ଖୁବ୍ ମାତ୍ରାରେ ପ୍ରଭାବଶାଳୀ ହୋଇଥାଏ ।

ଶ୍ରୀ ଗୁରୁପ୍ରସାଦ ମହାପାତ୍ର

ଲୋକିକର ଲୋହରେ ନିଅଯାଉ । ସୁମୋ ଓ ସୁରେଶର ବିବାହୋତ୍ସବରେ ସୁମୋର ପିତାମାତା ବୁଝି ଅସିଛନ୍ତି । ସୁରମାର ମା ଓ ସୁରମାଙ୍କ ମା'ଙ୍କ ଭିତରେ ଦେଖା-ହୋଇଛି । କଥାଛଳରେ ସୁରମାର ମା କୁହନ୍ତି ଛଳ ଛଳ ଆଖିରେ ନିଜର ଝିଅଟି ମୋ ସୁରମା ଏ ପର୍ଯ୍ୟନ୍ତ ସୁପାତ୍ର ଅଭାବରୁ ଅବିବାହିତ ହୋଇ ରହି ଯାଇଥିବାର କାହାଣୀ ବର୍ଣ୍ଣନା କରୁଛନ୍ତି । ପ୍ରତ୍ୟୁତ୍ତରରେ ସୁମୋର ମା କହେ ପିଅନ୍ତି କି ସେ ମଧ୍ୟ ସମ ଦୁର୍ଦ୍ଦଶା ଭୋଗ କରିଥିଲେ । ମାତ୍ର ତାଙ୍କ ସ୍ୱାମୀଙ୍କର ଜଣେ ପରମ ହିତାକାଂକ୍ଷୀ ବନ୍ଧୁଙ୍କ ପରାମର୍ଶରେ ତାଙ୍କ ଝିଅ ସୁରମା ସମ୍ପର୍କରେ ସବିଶେଷ ଯୋଗାନ ପ୍ରସିଦ୍ଧ ଅମୃତ ବଜାର ପତ୍ରିକାରେ ପ୍ରକାଶ କରିବାରୁ କିଛିଦିନ ପରେ ସନ୍ଦେଶ ପରି ଗୋଟିଏ ସର୍ବଗୁଣ ସମ୍ପନ୍ନ ସୁପାତ୍ର ସେମାନଙ୍କ ଭାଗ୍ୟରେ ମିଳିଛି । ଏହିପରି ସବୁ ତାଙ୍କ ଝିଅ ସଂପର୍କରେ ବିଜ୍ଞାପନ ପ୍ରକାଶ କରିବାକୁ ସୁରମାର ମା ରାଜି ହୋଇଛନ୍ତି ।

ସାଧାରଣତଃ "ପାତ୍ର ଆବଶ୍ୟକ" ଶୀର୍ଷକ ବିଜ୍ଞାପନ-ଗୁଡ଼ିକର ସଂଖ୍ୟା ଅପେକ୍ଷା "ପାତ୍ରୀ ଆବଶ୍ୟକ" ଶୀର୍ଷକ ବିଜ୍ଞାପନମାନଙ୍କ ସଂଖ୍ୟା ଅଧିକ ।

ଏହି ବିଜ୍ଞାପନଗୁଡ଼ିକ ପ୍ରକାଶ କରିବା ଦ୍ୱାରା ସମ୍ବାଦ ପତ୍ରମାନଙ୍କର କାଟତି ସଂଖ୍ୟା ଖୁବ୍ ବଢ଼ିଯାଏ । ଅନେକ ହତାଶ ପିତା ମାତାଙ୍କ ସତୃଷ୍ଣ ନୟନ ଏଧରଣର ବିଜ୍ଞାପନଗୁଡ଼ିକୁ ଖୋଜି ବୁଲୁଥାନ୍ତି । ଅନେକ ବେକାର ଅବିବାହିତ ଯୁବକ ଯୁବତୀ ଏହି ବିଜ୍ଞାପନଗୁଡ଼ିକୁ ଦେଖି ଅଯଥାରେ କଳ୍ପନା ବିଳାସୀ ହୁଅନ୍ତି । ଏହି ବିଜ୍ଞାପନମାନ ଦେଉଥିବା ମଣିଷମାନଙ୍କର ଚରିତ୍ର ସ୍ପଷ୍ଟ ଅନୁମେୟ । ଯାହା ଦେଖାଯାଏ, ଯୁବକମାନେ ହିଁ ଏ ଧରଣର ବିଜ୍ଞାପନ ଅଧିକ ସଂଖ୍ୟାରେ ଦିଅନ୍ତି ।

ପ୍ରଥମ ଶ୍ରେଣୀର ଯୁବକମାନେ ଖୁବ୍ ମାତ୍ରାରେ କଳ୍ପନା ବିଳାସୀ ଏବଂ ନିଜର ଭବୀ ସ୍ତ୍ରୀଙ୍କୁ ମୋନାଲିସା କ୍ଲିଓ-ପାଟ୍ରା, ଜୁଲିଏଟ୍ ଅବା ଲବଙ୍ଗଲତାଙ୍କ ଭଳି ରୂପସୀ ହେବାର କଳ୍ପନା କରୁଥାନ୍ତି । ବିବାହ ବୟସ ଉପନୀତ ହୁଅନ୍ତେ ଯେତେ ଯାଗାରେ ଏ ସ୍ୱପ୍ନ ବିଳାସୀମାନଙ୍କର ସମ୍ବନ୍ଧ ଲାଗେ ସେସବୁ ଗୁଡ଼ିକରେ ତାଙ୍କର ନାପସନ୍ଦ ହୁଏ । କେଉଁଠାରେ ହୁଏତ, କନ୍ୟା ଉଚ୍ଚତ ମେଦବହୁଳା ତ କେଉଁଠାରେ କନ୍ୟାଙ୍କର ଗଜଗମନା ନୁହେଁ । କେଉଁଠାରେ ପାତ୍ରୀଙ୍କର ମୀନ ନୟନା ନୁହେଁ ତ କେଉଁଠାରେ ଲାସମୟୀ ନୁହେଁ । ବାସ୍ । ଏହିଭଳି ସବୁ ନିଖୁଣ ଅନିନ୍ଦ୍ୟ ରୂପସୀମାନଙ୍କର ସନ୍ଧାନ ନେଉନେଉ ବାବୁଙ୍କର ବିବାହ ବୟସ କିଛି ବର୍ଷ ବଢ଼ିଯାଏ । ଶେଷକୁ ବାବୁ ଜଣଙ୍କ ହତାଶ ହୋଇ କାଳେ ବୁଢ଼ା ବୋଲି, ଆଉ କନ୍ୟା ମିଳିବନି, ତେଣୁ ଶୀଘ୍ର ବିବାହ ଆୟୋଜନରେ ଲାଗିପଡ଼ନ୍ତି : ଏ କ୍ଷେତ୍ରରେ ବିଜ୍ଞାପନ ଦ୍ୱାରା ପାତ୍ରୀ ମନୋନୟନ ବ୍ୟବସ୍ଥା ଖୁବ୍ ସହଜ । ଏଥିରେ ପାତ୍ରୀର ଇଣ୍ଟରଭିଉର ବ୍ୟବସ୍ଥା ନ ଥାଏ କିନା । ତେଣୁ ବାବୁଙ୍କର ମନ ଖରାପ ହେବାର କାରଣ ନ ଥାଏ ।

ଦ୍ୱିତୀୟ ଶ୍ରେଣୀର ଯୁବକଗୋଷ୍ଠୀ ହେଉଛନ୍ତି ପ୍ରାକ୍-ବିବାହ କାଳରେ ପ୍ରେମରେ ଅସଫଳତା ଜନିତ ଦୋଷରେ ଦୁଷ୍ଟ । ଯିଏସ୍ ନିଜକୁ ଯେମିତି ମନେକରି କାହାକୁ ପ୍ରେମ କରୁଥିଲେ, ମାତ୍ର ଶେଷକୁ ଧୋକା ଖାଇଗଲେ । ସେମାନଙ୍କର ଅଯିଲା ଜୀବନ ପ୍ରତି ବିତୃଷ୍ଣା । ମାତ୍ର ଅଭିଭାବକମାନଙ୍କର ତାଡ଼ନାରୁ ରକ୍ଷା ପାଇବା ପାଇଁ ବିଜ୍ଞାପନ ଦ୍ୱାରା ଆଗରୁ ଦେଖାଶୁଣା ନ ଥିବା କନ୍ୟାମାନଙ୍କ ସହ ବିବାହ କରନ୍ତି ।

ତୃତୀୟ ଶ୍ରେଣୀର ଯୁବକ ଶ୍ରେଣୀ ଖୁବ୍ ମାତ୍ରାରେ ଧୂର୍ତ୍ତ । ଏମାନେ ବିଦେଶରେ ଚାକିରି କରୁଥାନ୍ତି ଏବଂ ବିଦେଶରେ ଜଣେ ଜଣେ ମେମ୍‌କୁ ଧରି ଥାଆନ୍ତି । ହଠାତ୍ ସ୍ୱଦେଶ ପ୍ରତି ଦାୟିତ୍ୱ ସଚେତନ ହୋଇ ବିଜ୍ଞାପନ ମାଧ୍ୟମରେ ନିଜ ଦେଶରୁ ଜଣେ ରୂପସୀ ସଂଗ୍ରହ କରି ରୂପସୀଙ୍କୁ ବିଦେଶ ଯିବାର ପ୍ରଲୋଭନ ଦେଖାଇ ବିଦେଶକୁ ନେଇ ଯାଆନ୍ତି । ନିଜ ଲାଇଫ୍ ପାର୍ଟନର ମେମ୍‌ଙ୍କୁ ଏକ ଭାରତୀୟ ଦାସୀ ଉପହାର ଦେଇ ନିଜକୁ ଧନ୍ୟ ମନେ କରନ୍ତି । ଏଭଳି ମନୋଭାବାପନ୍ନ ନୀଚ ବ୍ୟକ୍ତିମାନେ "ବିଜ୍ଞାପନ-ବିବାହ"କୁ ନିଜର ଖୁବ୍ ବଡ଼ ଏକ ଅସ୍ତ୍ର ରୂପେ ବ୍ୟବହାର କରନ୍ତି ।

ବିଜ୍ଞାପନ ଗୁଡ଼ିକରେ ଉପରୋକ୍ତ ପାତ୍ରମାନେ ନିଜର ଠିକଣା ପ୍ରକାଶ କରନ୍ତି ନାହିଁ । ସେମାନଙ୍କର ଏକ ମାତ୍ର ଭୟ, କାଳେ କେହି ଏ ବିବାହ ଭଣ୍ଡୁର କରି ଦେବେ କି ?

ଏତେ ଲେଖିବାର ମୂଳ ଉଦ୍ଦେଶ୍ୟ ହେଉଛି—ବିଜ୍ଞାପନ ଦ୍ୱାରା ବିବାହ ସ୍ଥିରୀକରଣ ଉଚିତ୍ କି ନୁହେଁ, ତାହା ଦର୍ଶାଇବା । ଅଭିଭାବକମାନେ ସର୍ବଦା ଚାହାନ୍ତି ନିଜର ପୁତ୍ର ବା କନ୍ୟାମାନଙ୍କୁ ଉତ୍ତମ ଯାଗାରେ ବିବାହ ଦେବା ପାଇଁ । ମାତ୍ର ଯେତେବେଳେ ନିରନ୍ତର ଆଶଙ୍କା ଗ୍ରସ୍ତ ଯୁବକ-ଯୁବତୀଗଣ ଅଭିଭାବକମାନଙ୍କ ଉପରେ ଆସ୍ଥା ହରାଇ ନିଜର ଜୀବନ ସଙ୍ଗିନୀ ବା ସଙ୍ଗୀ ନିଜେ ସ୍ଥିର କରନ୍ତି । ବେଶ୍ ଉଭୟେ ଉତ୍ତମ । ମାତ୍ର ପ୍ରଶ୍ନ ଉଠେ—ବିଜ୍ଞାପନ ଦ୍ୱାରା ବିବାହ ସ୍ଥିରୀକରଣ କେତେ ଦୂର ସଫଳ ହୁଏ । ମୋ ମତରେ ଏ ବିବାହ ପଛରେ ପରସ୍ପରକୁ ଠକିବା

ମନୋବୃତ୍ତି ଥାଏ । ଏଥିରେ ନ ଥାଏ ବୁଝାମଣା । ବିବାହ ଭଳି ଏକ ପବିତ୍ର ଗଭୀର ସଂପର୍କକୁ ଏଭଳି ଶସ୍ତା ଉପାୟରେ ଉପସ୍ଥାପନା କରିବା ନିତାନ୍ତ ଲଜ୍ୟାକର । ଅଧୁରି ମଧ୍ୟ ଏଥିରେ ସମାନ ରୁଚି ଓ ସଂସ୍କୃତିର ଅଭାବରୁ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ନ ଥାଏ ଏବଂ ଏପରି ବିବାହ ଅସଫଳ ହୁଏ । ଖୁସ୍‌ବନ୍ତ ସିଂଙ୍କର ରଚିତ "ଏ ବ୍ରାଇଡ୍ ଫର ଦି ସାହିବ୍, (A bride for the Shib) ଗଳ୍ପରେ ଏଭଳି ଏକ ବିବାହର କରୁଣ ପରିଣତି ବର୍ଣ୍ଣିତ ହୋଇଛି । ଏଥିରେ ପାତ୍ରୀ ଜଣକ ରକ୍ଷଣଶୀଳ ପରିବାରର । ଅନ୍ୟପକ୍ଷରେ ପାତ୍ର ଜଣକ ପାଶ୍ଚାତ୍ୟ ମନୋଭାବାପନ୍ନ ଫଳରେ ବୁଝାମଣାର ଅଭାବ ହେତୁ ବେପ୍ୟରୀ କନ୍ୟାଟି ଆତ୍ମହତ୍ୟା କରିଛି ।

ବିଜ୍ଞାପନ ଯାନ୍ତ୍ରିକ ଯୁଗର ଏକ ଅବଦାନ ବା ଅପଦାନ । ଯନ୍ତ୍ରଯୁଗରେ ବହୁ ବିହ୍ବଳ ଅବଦାନମାନଙ୍କ ମଧ୍ୟରୁ ଏହା ଗୋଟିଏ ଯାହା ସମସ୍ତ ମାନବୀୟ ଉତ୍ତାନୁଭୂତିକୁ ନଗଣ୍ୟ ବୋଲି ପ୍ରମାଣିତ କରିଦିଏ । ଆରେ, ବିଶେଷତଃ "ଲାବଣ୍ୟବତୀ" ଅବା "କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ" ଆଦିଙ୍କ ଯୁଗରେ ସୁଶିକ୍ଷିତ ଶୁଆଶାରୀ, ବ୍ରହ୍ମଚାରୀ, ମାଲ୍ୟାଣୀ, ଯାଦୁକାଳିକ ଇତ୍ୟାଦିଙ୍କ ମାଧ୍ୟମରେ ପାତ୍ର ଓ ପାତ୍ରୀ ପରସ୍ପରଙ୍କ ସଂପର୍କରେ ପରିଚିତ ହେଉଥିଲେ । ଏହା ଖୁବ୍ ମାନବୀୟ ଓ ହାର୍ଦ୍ଦିକ । ମାତ୍ର ଏ ବିଜ୍ଞାପନ ଦ୍ୱାରା ବିବାହ ସ୍ଥିରୀକରଣ ବ୍ୟାପାର ଖୁବ୍ ମାତ୍ରାରେ ବିହ୍ବଳ ଏହା ତଥା କଥିତ ଆଧୁନିକ ଯାନ୍ତ୍ରିକ ସଭ୍ୟତାର ଆଉ ଏକ ଲକ୍ଷଣ । ଯେପରି ଆମେ ଗୁଡ଼ାଖୁ, ବିଡ଼ି, ସାବୁନ, ତେଲ ଆଦିର ପ୍ରଚାର କରୁ, ସେପରି ବିବାହର ମଧ୍ୟ ପ୍ରଚାର କରୁଛୁ । ଏଥିରେ ଅସଲକୁ ଦେଖାଇ ନକଲିକୁ ଚଳାଇ ନେବାରେ ପ୍ରଚେଷ୍ଟା ଥାଏ ।

ତଥାପି ଯାହା ଦେଖାଯାଏ, ଆଜିକାଲି ସାଧୁ, ସନ୍ଥ, ଜ୍ୟୋତିଷ, ଠାକୁରମାନଙ୍କର ମଧ୍ୟ ବିଜ୍ଞାପନମାନ ବାହାରିଲାଣି । ତେଣୁ ବିବାହ ବା ଏଥିରୁ ବାଦ୍ କାହିଁକି ଯିବ ? ବିଜ୍ଞାପନର ପରିସର ମନୁଷ୍ୟର ଅତି ଅନ୍ଦର ମହଲକୁ ଚାଲିଆସିଲାଣି । ଗୋଟିଏ ଜିନିଷର ଥରେ ଆରମ୍ଭ ହେଲେ, ତା'ର ଗତି ଅନିୟନ୍ତ୍ରିତ । ଏହା ନିଶ୍ଚୟ ଚାଲିବ । ଶେଷକୁ ବିବାହ ଏହି ପରିସରର ଅନ୍ତର୍ଭୁକ୍ତ ହେଲାଣି । ଶେଷକୁ ଏହା ହାସ୍ୟାସ୍ପଦ ଅବସ୍ଥାରେ ଆସି ପହଞ୍ଚିବ । ବିଜ୍ଞାପନ ବିଜ୍ଞାନୀମାନଙ୍କର ପ୍ରଚେଷ୍ଟା ଫଳରେ ବିଜ୍ଞାପନର ଆଜି ସବୁ ଯାଗାରେ ଅବାଧ ପ୍ରବେଶ । ଏ ଯୁଗର ବହୁ ନାମ ସହ ଆଉ ଗୋଟିଏ ନାମ ,'ବିଶୁଦ୍ଧବିଜ୍ଞାପନର ଯୁଗ" ଦେଲେ କିଛି ଦୋଷ ନାହିଁ । ଦେଖାଯାଉ ଏହାର ଗତି କେଉଁ ଆଡ଼କୁ ।



# ORISSA STATE ELECTRICITY BOARD

*INVITES*

**Prospective Entrepreneurs to set up**

More and more Industries in the State with assured power supply in abundances. We are now exporting surplus Power to the tune of 100 MW. to the neighbouring States of Bihar and Andhra Pradesh.

We assure you sufficient power supply from reliable grid having Hydro and Thermal Stations at comparatively favourable tariff.

Steps in a bigger and determined way are being taken to help progress Small Scale Industries in the State.

We have extended power support of 60 to 80 MW. to HSL, Rourkela to supplement their generation of 60 to 70 MW. and committed further supply for their expansion programme.

Power supply to other basic Electro Metallurgical, Electro Chemical Industries, Ferro-Chrome, Ferro-Sillicon, Ferro Manganese, Caustic Soda, Cement Factories, Paper Mills, etc. have been given to exploit the natural, mineral and other resources of the State for meeting the production demands of the country.

SALIENT FEATURE

**Our present installed capacity—801 MW.**

**New power Projects already taken up:**

| | |
|---|---|
| 1. T. T. P. S. Expansion | 220 MW. |
| 2. Balimela Hydro Power Station (Units V and VI) | 120 MW. |
| 3. Rengali Hydro Project | 100 MW. |
| 4. Upper Kolab Hydro Project | 240 MW. |
| Total | — 680 MW. |

**POWER CONSUMPTION INSIDE THE STATE**

Power sold during 1974-75 .. 1995 Million Units

**RURAL ELECTRIFICATION**

We have so far electrified more than 11,000 villages during the last five years.

**ELECTRICITY IS KEY TO PROSPERITY**
**HELP US TO SERVE YOU AT ALL TIMES**

**ORISSA STATE ELECTRICITY BOARD**
**BHUBANESWAR-751007**

# ବଲାଙ୍ଗୀର ଜିଲ୍ଲାରେ ପଞ୍ଚସୂତ୍ରୀ କାର୍ଯ୍ୟକ୍ରମ



ଶ୍ରୀ ରମ କୁମାର ଅଗ୍ରୱାଲ

ବଲାଙ୍ଗୀର ଜିଲ୍ଲାରେ ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ବିଂଶସୂତ୍ରୀ ଅର୍ଥନୈତିକ କାର୍ଯ୍ୟକ୍ରମ ଓ ଯୁବନେତା ସଂଜୟ ଗାନ୍ଧୀଙ୍କର ପଞ୍ଚସୂତ୍ରୀ କାର୍ଯ୍ୟକ୍ରମ ସଫଳତାର ସହିତ ରୂପାୟନ ଦିଗରେ ବହୁ ଉଦ୍ୟମ ହୋଇ ଚାଲିଛି । ଏହି ଜିଲ୍ଲାରେ ଜରୁରିକାଳୀନ ପରିସ୍ଥିତି ଘୋଷଣା ପରଠାରୁ ଅର୍ଥନୈତିକ କାର୍ଯ୍ୟକ୍ରମ ଗୁଡ଼ିକର ବେଶ ସନ୍ତୋଷଜନକ ଅଗ୍ରଗତି ଘଟିଥିବାର ଲକ୍ଷ୍ୟ କରାଯାଏ । ଅର୍ଥନୈତିକ ପ୍ରଗତି ସାଙ୍ଗକୁ ସାମାଜିକ କୁସଂସ୍କାର ଦୂରୀକରଣ ଦିଗରେ ମଧ୍ୟ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି ।

## ନିରକ୍ଷରତା : ଏକ ବ୍ୟାଧି

ଗୋପବନ୍ଧୁ ଶତବାର୍ଷିକୀ ପାଳନ ଉପଲକ୍ଷେ ବଲାଙ୍ଗୀର ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଏକ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇ ନିରକ୍ଷରତା ଦୂରୀକରଣ ଦିଗରେ ଦୃଢ଼ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରିବାପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏହି ଅବସରରେ ସାରାଜିଲ୍ଲାରେ ନିରକ୍ଷରମାନଙ୍କର ନାମ, ବୟସ, ପୁରୁଷ ବା ସ୍ତ୍ରୀ ଓ ଗ୍ରାମର ନାମ ଥିବା ଏକ ସଂପୂର୍ଣ୍ଣ ତାଲିକା ପ୍ରସ୍ତୁତ କରିବାପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି ଏବଂ ନିରକ୍ଷରତା ଦୂରୀକରଣ ସପ୍ତାହ ତା ୭-୯-୭୬ରୁ ତା ୧୪-୯-୭୬ ମଧ୍ୟରେ ବଲାଙ୍ଗୀର ସହରର ସମସ୍ତ ଓ୍ୱାର୍ଡର ତାଲିକା ସଂଗ୍ରହ କରାଯାଇଛି ।

ଜିଲ୍ଲାପାଳଙ୍କ ଆଗ୍ରହ ଓ ତତ୍ପରତା ଫଳରେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ସହରରେ ସପ୍ତାହବ୍ୟାପୀ ଆଂଶିକ ସର୍ଭେକାର୍ଯ୍ୟ କରିଛନ୍ତି । ଗତବର୍ଷ ପର୍ଯ୍ୟନ୍ତ ଏହି ଆନ୍ତର୍ଜାତିକ ସାକ୍ଷରତା ଦିବସ କେବଳ ଗୋଟିଏ ଦିନ ପାଳନ ହେଉଥିବାସ୍ଥଳେ ଚଳିତ ବର୍ଷଠାରୁ ଏହା ସପ୍ତାହ ବ୍ୟାପୀ ପାଳନ କରାଯିବାର କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିବା ସ୍ୱାଗତଯୋଗ୍ୟ ପଦକ୍ଷେପ । ଏ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା, ନିରକ୍ଷରତା ବିରୁଦ୍ଧରେ ସଂଗ୍ରାମ କରି ତାହା ଦୂର କରିବାପାଇଁ ଉଦ୍ୟମ ଅବ୍ୟାହତ ରଖିବା । ୧୯୭୧ ଜନଗଣନାରୁ ଜଣାଯାଏ ଓଡ଼ିଶାର ୨୬% ଲୋକ ସାକ୍ଷର ଥିବାସ୍ଥଳେ ବଲାଙ୍ଗୀରରେ ସାକ୍ଷର ହାର ୧୯% ଥିଲା । ଓଡ଼ିଶାର ପୁରୁଷ ସାକ୍ଷର ସଂଖ୍ୟା

୩୮% ଥିବା ବେଳେ ବଲାଙ୍ଗୀର ଜିଲ୍ଲାରେ ସାକ୍ଷର ପୁରୁଷ ସଂଖ୍ୟା ୩୨% ଓ ଓଡ଼ିଶାର ସାକ୍ଷର ସ୍ତ୍ରୀ ସଂଖ୍ୟା ୧୩% ଥିବାସ୍ଥଳେ ବଲାଙ୍ଗୀରରେ ୭.୨% ଥିଲେ । ଏଥିରୁ ଜଣାଯାଏ ଏ ଜିଲ୍ଲାର ପୁରୁଷଙ୍କ ଭିତରେ ଥିବା ସାକ୍ଷର ବ୍ୟକ୍ତିଙ୍କ ତୁଳନାରେ ସ୍ତ୍ରୀଙ୍କର ସଂଖ୍ୟା ଅତି ନୈରାଶ୍ୟଜନକ । ଗଣତନ୍ତ୍ରସମ୍ପୃକ୍ତରେ ନିରପେକ୍ଷ ଜାତୀୟ ଜୀବନର ଦିଗରେ ଅନ୍ତରାୟ ସୃଷ୍ଟି କରିଥାଏ । ନିରକ୍ଷର ଲୋକେ ଜାତୀୟ ସରକାରଙ୍କର ଉନ୍ନୟନ ଯୋଜନା କାର୍ଯ୍ୟକ୍ରମ ଏବଂ ବିଭିନ୍ନ ରାଜନୈତିକ ଦଳର ଆଦର୍ଶ ଓ ଗୁରୁତ୍ୱ ବୁଝିପାରିବାରେ ସକ୍ଷମ ହୋଇନଥାନ୍ତି । ତେଣୁ ଜାତୀୟ ସରକାର ଦେଶର ଅବହେଳିତ ଦୁଃଖୀ, ଦରିଦ୍ର, ନିଃସହାୟ, ଦୁର୍ବଳ ଓ ନିରକ୍ଷର ବ୍ୟକ୍ତିଙ୍କର ସମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ସ୍ଥିତିର ଦୃଢ଼ତା ଆଣିବା ଓ ତାଙ୍କୁ ଶିକ୍ଷିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଅଛନ୍ତି । ନିରକ୍ଷର ଦରିଦ୍ର ଜନତା ଜୀବନର ପ୍ରକୃତ ସ୍ୱାଦ ଉପଲବ୍ଧି କରିପାରୁ ନାହାନ୍ତି । ଏମାନଙ୍କର ଅବସ୍ଥାର ଉନ୍ନତି ପାଇଁ ଶିକ୍ଷିତ ସମାଜର ନିଶ୍ଚିତ ଭାବରେ ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି । ସୁଖର କଥା ଏବେ ନିରକ୍ଷରତା ଦୂରୀକରଣ ପାଇଁ ସରକାର ତଥା ଜନସାଧାରଣଙ୍କ ସହଯୋଗ ଫଳରେ କାର୍ଯ୍ୟ ଆରମ୍ଭ ହୋଇ ପାରିଛି । ସରକାର ଏକାକୀ ଏ ରୋଗ ଓ ଏ ସଂକ୍ରାମକ ବ୍ୟାଧି ଦୂର କରିପାରିବେ ନାହିଁ । ସମସ୍ତ ଶିକ୍ଷିତ ବ୍ୟକ୍ତିଙ୍କୁ ଓ ସ୍ୱେଚ୍ଛାସେବକ ଅନୁଷ୍ଠାନମାନଙ୍କୁ ସଂକଳ୍ପବଦ୍ଧ ହୋଇ ଆଗେଇବାକୁ ହେବ, ବିଶେଷତଃ ଶିକ୍ଷକ ଓ ଛାତ୍ରମାନଙ୍କର ଏ ଦିଗରେ ଯଥେଷ୍ଟ ଗୁରୁଦାୟିତ୍ୱ ରହିଛି ।

## ଜଣେ ଜଣକୁ ଶିକ୍ଷିତ କରୁ

ପ୍ରତ୍ୟେକ କଲେଜର ଛାତ୍ର, ଶିକ୍ଷକ ଯଦି ତାଙ୍କ ଜୀବନରେ ଜଣେ ଜଣକୁ ଶିକ୍ଷିତ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୁଅନ୍ତି, ତା'ହେଲେ ନିରକ୍ଷରତା ନିକଟ ଭବିଷ୍ୟତରେ ନ ହେଲେ ମଧ୍ୟ କିଛି କାଳଭିତରେ ନିଶ୍ଚୟ ଦୂର ହୋଇ ପାରିବ ବୋଲି ରାଜ୍ୟସଭା ସଦସ୍ୟ ଶ୍ରୀ ନରସିଂହ ପ୍ରସାଦ ନନ୍ଦ ଗତ ୧୫।୫।୭୬ ନିରକ୍ଷରତା ଦୂରୀକରଣ ଉଦ୍‌ଯାପନ ଉତ୍ସବରେ ପୁରୋଧାରୂପେ ଯୋଗଦେଇ ଦୃଢ଼ କଣ୍ଠରେ ମତ ପ୍ରକାଶ କରିଥିଲେ । ଶ୍ରୀ ନନ୍ଦ କହିଥିଲେ ଯେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପଣ୍ଡିତ ମଦନମୋହନ ମାଲବ୍ୟ, କଲିକତା ବିଶ୍ୱବିଦ୍ୟାଳୟର ସାର୍ ଆଶୁତୋଷ ମୁଖାର୍ଜୀ ଓ ପୁନା ବିଶ୍ୱବିଦ୍ୟାଳୟର ସାର୍ କାରଭେ ପ୍ରମୁଖ ନିରକ୍ଷରତା ଦୂରୀକରଣକୁ ତାଙ୍କ ଜୀବନର ବ୍ରତରୂପେ ଗ୍ରହଣ କରିଥିଲେ । ନିରକ୍ଷର-ଲୋକଙ୍କ ସାମ୍ବିଧାନିକ ଦାୟିତ୍ୱ ଓ ପ୍ରତିଶ୍ରୁତି ପାଇଁ ଏହି ବିକଟ ସମସ୍ୟା ଜାତୀୟ ଜୀବନରୁ ଅପସାରଣ କରିବାକୁ ହେବ । ଜ୍ଞାନର ଆଲୋକ, ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କ ପାଖେ ପହଞ୍ଚାଇ ନ ପାରିଲେ ଅର୍ଥନୈତିକ ଓ ଆଇନଗତ ଅଧିକାର ଓ ସାମାଜିକ ବିବର୍ତ୍ତନ, ଅଜ୍ଞାନ ଓ ଅଶିକ୍ଷାରୁ ଲୋକଙ୍କୁ ଉଦ୍ଧାର ହେବନାହିଁ । ବିଜ୍ଞାନ ଓ ଟେକନୋଲୋଜିର ସୁବିଧା ସୁଯୋଗ ଗ୍ରାମାଞ୍ଚଳର ଉପକାରରେ ଆସି ନ ପାରି ଗ୍ରାମାଭିମୁଖୀ ଚିନ୍ତାଧାରାରେ ପ୍ରତିଫଳିତ ହୋଇ ପାରିନାହିଁ । ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଏନ. ଏସ୍. ଏସ୍. ଏନ୍. ସି. ସି. ର ଛାତ୍ରମାନେ ଏ ଦିଗରେ ବୈପ୍ଳବିକ ଉତ୍ସାହରେ ଲାଗି ପଡ଼ିବା ଉଚିତ । ଯୁବସମାଜ ସଚେତନ ହୋଇ ଅଶିକ୍ଷିତ ଲୋକଙ୍କର ଚେତନାକୁ ଜାଗ୍ରତ କରିବାକୁ ହେବ ।

## ନିରକ୍ଷରତା ଏକ ସମସ୍ୟା ନ ହେଉ

ଆମକୁ ମନେ ରଖିବାକୁ ହେବ, ନିରକ୍ଷରତା ରୂପକ ମହାବ୍ୟାଧି ଦୂର ନ ହେବା ଯାଏଁ, ଆମର ବିଶ୍ରାମ ନାହିଁ କି ଶାନ୍ତି ନାହିଁ । ବେଗ ହିଁ ଉନ୍ନତିର ଲକ୍ଷଣ । ଚଳିତ ବର୍ଷ ଅନ୍ତର୍ଜାତିକ ସାକ୍ଷରତା ସପ୍ତାହ ପାଳନ ଉପଲକ୍ଷେ ବଲାଙ୍ଗୀର ଜିଲ୍ଲାପାଇଁ ଏକ ନୂତନ ଉଦ୍ୟମ ଆରମ୍ଭ ହୋଇଛି । ଏହାର ପୁରୋଧା ହେଉଛନ୍ତି ବଲାଙ୍ଗୀରର ଜିଲ୍ଲାପାଳ । ଜିଲ୍ଲାର ସର୍ବତ୍ର ସର୍ବେ କରଯାଇ ପ୍ରତ୍ୟେକ ଓ୍ୱାର୍ଡ ଓ ଗ୍ରାମରେ ପ୍ରୌଢ଼ଶିକ୍ଷା କେନ୍ଦ୍ର ସ୍ଥାପନ କରିବାର ଉଦ୍ୟମ ଚାଲିଛି । ବଲାଙ୍ଗୀର ସହର ପାଇଁ ସମସ୍ତ ଓ୍ୱାର୍ଡରେ ପୁରୁଷ ଓ ସ୍ତ୍ରୀଙ୍କ ପାଇଁ ପ୍ରୌଢ଼ ଶିକ୍ଷା କେନ୍ଦ୍ର ସ୍ଥାପନ ଉଦ୍ୟମ ଚାଲିଛି । ଏହି ସପ୍ତାହରେ ୧୨ଟି ପ୍ରୌଢ଼ ଶିକ୍ଷାକେନ୍ଦ୍ର ଖୋଲା ଯାଇ ପାରିଛି ଏବଂ ଏଥିରେ ସର୍ବମୋଟ ୧୬୫ ଜଣ ପ୍ରୌଢ଼ ବ୍ୟକ୍ତି ଶିକ୍ଷା ଗ୍ରହଣ କରୁଛନ୍ତି ।

## ନିରକ୍ଷରତା ଦୂରୀକରଣ କେନ୍ଦ୍ର ଉଦଘାଟନ

୨୯୭୬ ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଜାତୀୟ କଂଗ୍ରେସ କାର୍ଯ୍ୟାଳୟରେ ଓଡ଼ିଶାର ତତ୍‌କାଳୀନ ସଚିବ ଉପମନ୍ତ୍ରୀ ଏକ ନୈଶ ବିଦ୍ୟାଳୟ ଉଦ୍‌ଘାଟନ କରିଥିଲେ । ଓ ଜିଲ୍ଲା କଂଗ୍ରେସ ସଭାପତି ଓ ସ୍ଥାନୀୟ କଂଗ୍ରେସ କର୍ମୀମାନେ ତାହା ପରିଚାଳନା କରୁଛନ୍ତି ।ଓଡ଼ିଶାର ତତ୍‌କାଳୀନ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ଦେବେନ୍ଦ୍ର ନାଥ ମିଶ୍ର ନିରକ୍ଷରତା ଦୂରୀକରଣ ସପ୍ତାହ ପାଳନ ଅବସରରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏକ ନୈଶ

ବିଦ୍ୟା

ଉଦ୍‌ଘା

ସମୟ

ଏହି ସ

ପରିବ

ଦେଶା

ସମାଜ

ଅଧ୍ୟ

ଦାନକ

ଏ ସ

ବରଣ

ସହିତ


ବୋଲି



...ଳୟର ପଠନ କାର୍ଯ୍ୟ ନିଜେ ଅନୁଷ୍ଠାନିକଭାବେ ...ଟନ କରିଥିଲେ । ଜିଲ୍ଲାପାଳ ମଧ୍ୟ ନିଜେ କିଛି ନିରକ୍ଷରମାନଙ୍କୁ ପଢାଇଥିଲେ । ବିଭିନ୍ନ ବକ୍ତା ...ଖରେ ଅଶିକ୍ଷିତମାନଙ୍କର ଅଭ୍ୟାସ ଓ ମତିଗତିରେ ...ର୍ତ୍ତନ, ସମାଜରୁ କୁସଂସ୍କାର ଦୂରୀକରଣ ପ୍ରଚେଷ୍ଟା, ...ମ୍ବୋଧଭାବ ସୃଷ୍ଟି କରିବା ପାଇଁ ଶିକ୍ଷିତ ...ଙ୍କୁ ଆହ୍ୱାନ ଦେଇଥିଲେ । ରାଜେନ୍ଦ୍ର କଲେଜ ...ସ ଶ୍ରୀ ମୃତ୍ୟୁଞ୍ଜୟ ପଣ୍ଡା ମୁଖ୍ୟ ବକ୍ତା ରୂପେ ଯୋଗ ...ରି ଯୁବଶକ୍ତିକୁ ଯଥେଷ୍ଟ ଉତ୍ସାହ ବାଣୀ ଶୁଣାଇ ...ମସ୍ୟାର ଦୂରୀକରଣ ପାଇଁ ସବୁ ପ୍ରକାର କଷ୍ଟ କରିବାକୁ ଆହ୍ୱାନ ଦେଇଥିଲେ । ନିରକ୍ଷରତା ଜନ ସଂଖ୍ୟା ବୃଦ୍ଧି ମଧ୍ୟ ନିବିଡ ଭାବରେ ଜଡ଼ିତ ସେ ମତ ବ୍ୟକ୍ତ କରିଥିଲେ ।


ସାମ୍ବାଦିକ, କଳ୍ପନା ଭବନ
ବଲାଙ୍ଗୀର

ସରକାରଙ୍କର ଲୋକହିତକର କାର୍ଯ୍ୟାବଳୀର ସୁବିଧା ସୁଯୋଗ ଜନସାଧାରଣ ଯେପରି ଭୋଗ କରି ପାରିବେ ସେ ଦିଗରେ ଶିକ୍ଷାର ଆବଶ୍ୟକତା ଅତି ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ କୃଷକମାନଙ୍କୁ କୃଷି ଭିତ୍ତିକ, ଶ୍ରମିକ ଓ ଅନ୍ୟମାନଙ୍କୁ ବ୍ୟବସାୟ ଭିତ୍ତିକ ଶିକ୍ଷା ବା ବୈଷୟିକ ଶିକ୍ଷାର ଆବଶ୍ୟକତା ହୋଇଛି । ଅଶିକ୍ଷା ଦାରିଦ୍ର୍ୟକୁ ବରଣ କରିଥାଏ ବୋଲି ଡି. ପି. ଆଇ. ଶ୍ରୀ ମିଶ୍ର ଶିକ୍ଷା ସମାଜର ମାନଦଣ୍ଡ—ସମସ୍ତଙ୍କର ଶିକ୍ଷା ଅର୍ଜନ କରିବାର ଅଧିକାର ସବୁ ଯୁଗରେ ରହିଛି ବୋଲି କହିଥିଲେ । ଯେଉଁ ବଲାଙ୍ଗୀର ଏକଦା ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ସମଗ୍ର ଓଡ଼ିଶାକୁ ପଥ ପ୍ରଦର୍ଶନ କରିଥିଲା, ସେ ବଲାଙ୍ଗୀର ନିରକ୍ଷରତା ଦୂରୀକରଣରେ ଦୃଢ଼ ପଦକ୍ଷେପ ନେଇଥିବାରୁ ଶ୍ରୀ ମିଶ୍ର ଆନନ୍ଦ ପ୍ରକାଶ କରିଥିଲେ ।





ଶକ୍ତି ଓ ବାଣିଜ୍ୟ ମନ୍ତ୍ରୀ ଶ୍ରୀ କାହ୍ନୁ ଚରଣ ଲେଙ୍କା ଜାନୁଆରୀ ୮ ତାରିଖ ଦିନ ଟାଙ୍ଗୀ-ଚଉଦ୍ୱାର ବ୍ଲକ୍ ଅନ୍ତର୍ଗତ ବାରବିଡ଼ାମଣିପୁରଠାରେ ଘରପୋଡ଼ି ବିପନ୍ନ ହରିଜନ ଲୋକଙ୍କୁ ଲୁଗାପଟା ଓ ଆର୍ଥିକ ସାହାଯ୍ୟ ଦେଉଛନ୍ତି



...ଜୟନ୍ତୀ ଉପଲକ୍ଷେ

# ...ଙ୍ଗପ୍ରାଣ ବିଚ୍ଛନ୍ଦ ଚରଣ

କଳିଙ୍ଗ ସଂସ୍କୃତିର ଜାଗ୍ରତ ପ୍ରହରୀ ଓ ଶାଶ୍ୱତ ପୂଜାରୀ ସଂଗ୍ରାମଧର୍ମୀ, ଅନମନୀୟ ସଙ୍ଗଠକ କଳିଙ୍ଗପ୍ରାଣ ବିଚ୍ଛନ୍ଦ ଚରଣ ବିଂଶ ଶତାବ୍ଦୀର ଅୟମାରମ୍ଭରେ ଜାଆଁଳା ଗ୍ରାମରେ ଭୂମିଷ୍ଠ ହୋଇଥିଲେ । ଜୀବନର ନାନା ଘାତ ପ୍ରତିଘାତକୁ ଲଙ୍ଘନ କରି ଜୀବନ ଓ ଜୀବିକାକୁ ଭ୍ରୂକ୍ଷେପ ନ କରି, ଚାକିରୀ ଓ ଅର୍ଥୋପାର୍ଜନକୁ ପାଦାଘାତ କରି କବି ସାହିତ୍ୟ ଜଗତରେ ଏକ ବିପ୍ଳବାତ୍ମକ ଅଧ୍ୟାୟ ସୃଷ୍ଟିକଲେ । ବିଜାତୀୟତାର ପ୍ରବାହରେ ଓଡ଼ିଆ କଳା, ସାହିତ୍ୟ ଓ କୃଷ୍ଟି ଯେତେବେଳେ ଭିନ୍ନମୁଖୀ, ସେତେବେଳେ ଓଡ଼ିଆର ନିଜସ୍ୱ ସାଂସ୍କୃତିକ ପ୍ରବାହ ମନ୍ଥର ଓ ପଥଭ୍ରଷ୍ଟ । ସେତେବେଳେ ବିଚ୍ଛନ୍ଦଚରଣ ମା ଭାରତୀର ବୀଣାରେ ଜାତୀୟତାର ନୂତନ ଝଙ୍କାର ତୋଳିବାକୁ ଅଭିପ୍ରେତ ହେଲେ । ଜାତୀୟ ଚେତନାରେ ଯୁବଗୋଷ୍ଠୀକୁ ଉଦବୁଦ୍ଧ ଓ ଉନ୍ମାଦିତ କରି କବି ସଂଗଠକ ବିଚ୍ଛନ୍ଦଚରଣ କହନ୍ତି "କୌଣସି ଦେବାଳୟର କାରୁକାର୍ଯ୍ୟ ଉପରେ ଶିଉଳି ମାଡ଼ିଯାଇ ଯେପରି ସେ କାରୁକାର୍ଯ୍ୟକୁ ଲୋକଚକ୍ଷୁ ସମକ୍ଷରୁ ଅପସାରିତ କରିରଖେ, ବିଜାତୀୟତା ପ୍ରଭାବରେ ଆଜି କଳିଙ୍ଗ କୃଷ୍ଟି ସେହି ଦୁର୍ଦ୍ଦଶା ଲାଭ କରିଛି । କଳିଙ୍ଗ କୃଷ୍ଟିକୁ ଏଥିରୁ ବିମୁକ୍ତ କରିବାକୁ ପଡ଼ିବ । ଏହା ଯାହାଦ୍ୱାରା ସମ୍ଭବ ହେବ ସେ ମହାଶକ୍ତିଧର ପୁରୁଷ ହେବା ଏକାନ୍ତ ପ୍ରୟୋଜନ" । ଗୁରୁଦେବଙ୍କର ଏହି ଆଗ୍ନେୟ ବାଣୀର ଓଜସ୍ୱିନୀ ପ୍ରକାଶରେ ସଙ୍ଗଠିତ ହେଲା 'କଳିଙ୍ଗ ଭାରତୀ' ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ" ୧୯୪୩ ମସିହାରେ । ଓଡ଼ିଶାର ଉଦବୁଦ୍ଧ ତରୁଣ ଗୋଷ୍ଠୀକୁ ଜାତୀୟ ସଂସ୍କୃତିର ସୁରକ୍ଷା ଓ ଐତିହ୍ୟ ଅନୁସାରୀ ଯୁଗୋପଯୋଗୀ ସାହିତ୍ୟ ଓ କଳା ସୃଷ୍ଟିକରିବାର ମନ୍ତ୍ରରେ ଦୀକ୍ଷିତ କଲେ ସେ । କେବଳ ଭାଷଣ ମାଧ୍ୟମରେ ଯୌବନର ଉତ୍ତାଳ ତରଙ୍ଗାୟିତ ସ୍ରୋତର ଦିଗ ବଦଳାଇବାକୁ ସେ ରାଜି ନ ଥିଲେ-ନିଜର ପରମ୍ପରାଗତ ସ୍ୱର ରାଗିଣୀ ସମନ୍ୱିତ

...ାକ୍ତର ଶୈଳେଶ୍ୱର ନନ୍ଦ

କବିତା ସର୍ଜନାରେ ସେ ଆଦର୍ଶ ସୃଷ୍ଟି କରି ଦିଇଯାଇଛନ୍ତି ଯେଉଁଥି
ଜଣେ ମା ଭାରତୀ ପାଖରେ ଗାଉଛନ୍ତି—

"ହେ ଜନନୀ ଶୟନ ତ ସାଜୁ ନାହିଁ,
ଜାଳ ଜଳିତ ପଥ ଯାଉଛି ବହି
ଶାଗବେଳ କାଠେଇ ଛୁରିକେଇ ସତତି
ଅପୋଟେଇ ପାଦୁକା ଶିରେ ବହି ।"

ତାଙ୍କର ଅଶେଷ କଷ୍ଟମେୟ ଶାରୀରିକ ଦୁରବସ୍ଥା ତାଙ୍କୁ ସାହିତ୍ୟ ସଂଗ୍ରାମ ଓ ସାଧନା ପଥରୁ ବିଚ୍ୟୁତ କରି ପାରି ନ ଥିଲା, ବରଂ ଜାତିର ଦୁରବସ୍ଥାର ବେଦନାକୁ ନିଜର ଭୌତିକ ବେଦନା ଅପେକ୍ଷା ବେଶି ଅନୁଭବ କରିଥିଲେ । ଏଣୁ ସମସ୍ତ ଜୀବନ କାଳ ମଧ୍ୟରେ ବହୁ ବାଧା ବିଘ୍ନ, ଘାତ ପ୍ରତିଘାତକୁ ଭ୍ରୂକ୍ଷେପ ନ କରି ନିଜର ସଂଗ୍ରାମ ପଥରେ ଅଟଳ ରହୁଥିଲେ । ନିଜର ଶିଷ୍ୟ ମଣ୍ଡଳୀକୁ ମଧ୍ୟ ତଦନୁରୂପ ଆଶାବାଦୀ ହୋଇ ସମ୍ମୁଖ ଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ପ୍ରେରଣା ଦେଇ ଗୁରୁଦେବ ବିଛନ୍ଦ ଚରଣ କହୁଥିଲେ—

"କୌଣସି ସାଧକର ନୈରାଶ୍ୟବାଦ ପୋଷଣଠାରୁ ଜୀବନମୃତ ଅବସ୍ଥା, ମୋର ପ୍ରାଣପ୍ରିୟ ଶିଷ୍ୟ ମଣ୍ଡଳୀ ମନେ ରଖିବା ଉଚିତ ଯେ ସେମାନେ ହିମାଳୟ ପରି ସୁଦୃଢ଼ ଓ ଉନ୍ନତ । ରୁଷୋ, ଭୋଲଟାୟାରଙ୍କ ଲେଖନୀ ଶକ୍ତି ଓ ପାଦାଙ୍କର ନିଷ୍ଠାପର ସାଧନାରେ ଅଧ୍ୟାୟ ପରିବର୍ତ୍ତିତ ହୋଇ ଯାଇଅଛି । ଅଙ୍କଲ ଟମ୍‌ସ କାବିନ୍‌ର (ଟମକକାଙ୍କ କୁଟୀର)ର ଲେଖକ ଦାସ ବ୍ୟବସାୟର ମୂଳୋତ୍ପାଟନ କରିଥିଲେ । ତେଣୁ ମୁଁ ମୋର ଶିଷ୍ୟ ମଣ୍ଡଳୀକୁ ଆଉ ଥରେ ସତର୍କ କରି ଦେଉଛି ଯେ ସେମାନଙ୍କର ନିଜ ଉପରେ ଖର୍ବୀକୃତ ଧାରଣା ବା ଅବିଶ୍ୱାସ ଯେପରି ନ ଜନ୍ମେ, ସେହିଧାରଣା ପତନର ପଥ ପରିଷ୍କୃତ କରିଦେବ" ।

ନିଜ ଉପରେ ଅସୀମ ଆତ୍ମ ବିଶ୍ୱାସ ନ ରଖିଲେ, ଏ ଜାତିର ଉତ୍‌ଥାନ ଅସମ୍ଭବ । ଏହା ସେ ହୃଦୟଙ୍ଗମ କରିଥିଲେ । ଗରିମାମୟ ଐତିହ୍ୟର ଭିତ୍ତିଭୂମି ଉପରେ ପୁଣି ଗୌରବୋଜ୍ଜ୍ୱଳ ଭବିଷ୍ୟତ ସ୍ଥାପିତ ହୋଇପାରିବ ସେ ବିଶ୍ୱାସ ତାଙ୍କର ଥିଲା । କଳିଙ୍ଗର ଅତୁଳନୀୟ ସୁଷମା ଭୌଗୋଳିକ ରୂପାୟନ ଓ କଳା ସାଂସ୍କୃତିକ ଐତିହ୍ୟର ଉଦ୍‌ବୁଦ୍ଧ ହୋଇ ଦେଶପ୍ରେମୀ କଳିଙ୍ଗପ୍ରାଣ ବିଛନ୍ଦ ଚରଣ ଗାଉଛନ୍ତି—

" ଦେଶ ତୁମେ ବହୁ ରତ୍ନ ଜୋରି ସମା ଗୋ
ଶସ୍ୟ ଶ୍ୟାମା,
ଉର୍ମିଳରେ ବଙ୍ଗ ସାଗର ତରଙ୍ଗେ, ଧୂଅଁଇ ଚରଣ
ତୋ'ରି ଅଧମାର,
ତରଣୀ ବିଶାଳ ତୁହିମ କଳିଙ୍ଗ, କଳା ଲକ୍ଷ୍ମୀ—
ମନୋରମା ଗୋ ।

X X X X

ଶୂର ବୀର ବକ୍ଷେ ବନ୍ଧ ଆଉ ବାରେ-କେଶରୀ ଗନ୍ଧର
ଭରୁ କେଶରୀରେ
ବିଚ୍ଛନ୍ଦମତଳି ନତ କାହାଠାରେ ନୋହୁ ମା ।
ତ୍ରିଦଶ-କାମ୍ୟା ଗୋ ।" ॥

(କବିତା କୁମୁଦ)

ସାହିତ୍ୟ ସଂଗ୍ରାମୀ ବିଛନ୍ଦ ଚରଣ ସ୍ୱୀୟ ସଂଗ୍ରାମ ପଥରେ ଅଟଳ, ଅଟଳ ରହି ବିଜାତୀୟତାର ପରିହାର ପୂର୍ବକ ଜାତୀୟ ପରମ୍ପରା-ସମ୍ମତ ସାହିତ୍ୟ ସୃଷ୍ଟି ଓ କଳା ସ୍ଥାପତ୍ୟର ପ୍ରତିଷ୍ଠା ପାଇଁ ଯେ ବଦ୍ଧପରିକର ଥିଲେ ତାହା ଉପରୋକ୍ତ ଅଭିବ୍ୟକ୍ତିରୁ ବେଶ୍ ଅନୁମେୟ ।

ଜାତୀୟ ଜାଗରଣ ନିମିତ୍ତ ' :ଶନ୍ଧାର ନିଜର ଅଣ୍ଡି ସ୍ୱରଣମାନଙ୍କରେ, ସାହିତ୍ୟ ପ୍ରକାଶନମାନଙ୍କରେ, ପ୍ରାଚୀ ପତ୍ରିକାରେ, ଇଂରାଜୀ ବୈତରଣୀ ଏବଂ ଜର୍ଣ୍ଣାଲ ଅଫ ଦି ଓଡ଼ିଶା ଏକାଡେମୀରେ ଓ ଓଡ଼ିଶା ଜାଗରଣ ପତ୍ରିକା ସମ୍ପାଦନା କରୁଥିବା ସମୟରେ ଏ ଜାତିକୁ ଉଦ୍‌ବୁଦ୍ଧ କରିଥିଲେ । ସାହିତ୍ୟ ସମାଜର ସମ୍ପାଦକ ଭାବେ ମଧ୍ୟ ବିଛନ୍ଦ ଚରଣ ଓଡ଼ିଶାର ସାହିତ୍ୟିକମାନଙ୍କୁ ବାରମ୍ବାର ନିଜସ୍ୱ ସାହିତ୍ୟିକ ପରମ୍ପରା ବିଷୟରେ ସଚେତନ କରି ଏ ଜାତୀୟ ଜାଗରଣରେ ସ୍ୱାର୍ଥାହୁତି ଦେଇ ଜନ୍ମ ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ । ବହୁ ସାହିତ୍ୟିକ ବନ୍ଧୁ ତାଙ୍କୁ ପ୍ରଶ୍ନ କରିଛନ୍ତି— ଯେ ଅତୀତର କାବ୍ୟ କବିତାରେ ଆଉ କେଉଁ ଛନ୍ଦ ରସର ବାକି ଅଛି ଯେ ଏ ଯୁଗର ସାହିତ୍ୟରେ ତାହା ପ୍ରକଟିତ ହେବ ? ତାର ଉତ୍ତରରେ ସେ ଲେଖିଛନ୍ତି—

"ଛନ୍ଦ ରସ ଲକ୍ଷ୍ୟ ଲୁଟିଛି ଅତୀତ
ରଖିନାହିଁ କିଛି ବାକୀ
ନବ ଯୁଗ ସିନ୍ଧୁ ମନ୍ଥନ୍ ଅମୃତ
ଲୁଣ୍ଠ ସ', ନାହିଁ ତା ରଖି ।"

ନବ ଯୁଗର ସିନ୍ଧୁ ମନ୍ଥନରୁ ଉଦ୍ଭୁତ ଅମୃତର ଆସ୍ୱାଦରେ ଯେମାନେ ଆଶାୟୀ, ତାହାହିଁ କଳିଙ୍ଗ ଭାରତୀର ନ ସାରସ୍ୱତ ବିମନ୍ଥନା । କବି ନିଜର ଚିନ୍ତାଧାରକୁ ତୁଟି ସ୍ପଷ୍ଟତର କରିବାକୁ ଯାଇ ଅନ୍ୟତ୍ର ଲେଖିଛନ୍ତି—

ସେ କାଳ ବିପଞ୍ଚି ଏକାଳ ତାନ—

ଯୋଗବିନା ଧନୀ ହାରୁଛି ମାନ

ଛନ୍ଦ କଳ୍ପତରୁ ତଳେ ଯେ ।

ରହି ରସକ୍ଷୁଧା ନମେଣ୍ଟୁଛି ତାର

ଭାଗ୍ୟେ ବଳିବକେ ଛଳେ ଯେ ।।

କବିଙ୍କ ଭାଷାରେ 'ଛନ୍ଦ କଳ୍ପତରୁ ତଳେ ରହି ମଧ୍ୟ ଳୀୟମାନଙ୍କର ରସ କ୍ଷୁଧା ମେଣ୍ଟୁନାହିଁ, ଏଣୁ ସେ କ୍ଷୁଧା ମେଣ୍ଟାଇବା ପାଇଁ ଉତ୍କଳୀୟମାନଙ୍କୁ ପୁଣି ଚୀନ ଛନ୍ଦର ବିଶ୍ୱଭବନାର ସଂଯୋଗ କରାଇ ସେ କାଳ ବିପଞ୍ଚି ଏକାଳ ତାନ ) ଗାଇବାକୁ ମ୍ବୋଧନ ଦେଇଛନ୍ତି ।

ଅତୀତ ଓ ଭବିଷ୍ୟତ ମଧ୍ୟରେ ଯୋଗସୂତ୍ର ରୂପେ ର୍ତ୍ତମାନର ସ୍ଥିତି ବୋଲି କବି ବିଚ୍ଛନ୍ଦଚରଣଙ୍କର ଯୁକ୍ତି । ତୀତର ପୃଷ୍ଠଭୂମି ଉପରେ ଗଠିତ ବର୍ତ୍ତମାନର ୟ ଫଳ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ମଧ୍ୟ ଦର୍ଶନ ଦେବ । ଏହାହିଁ ସଂସ୍କୃତି ତଥା ସାହିତ୍ୟର ନ ହେବା ବିଧେୟ ବୋଲି ତାଙ୍କର ମତ ।

ଜାତୀୟ ଜୀବନ ପରମ୍ପରର ସମଷ୍ଟିରୁ ଉଦ୍ଭୁତ । ପୁରାତନର ଯାହା ଉପଯୋଗୀ ତାକୁ ସଂରକ୍ଷଣ ତତ୍‌ସହ ନୂତନର ମଧୁର ସମାବେଶ କରି ଜାତୀୟ କୁ ଦୃଢ଼ ଭାବରେ ସଂଗଠିତ ତଥା ସଂସ୍ଥାପିତ ବା ଯୁଗପ୍ରବର୍ତ୍ତକମାନଙ୍କର ଧର୍ମ । ଯେଉଁମାନେ ବଳ ନୂତନର ପକ୍ଷପାତୀ ସେମାନେ ଏକ ଦିଗଦର୍ଶୀ । ହିଁ ବିଚ୍ଛନ୍ଦଚରଣଙ୍କର ଜାତୀୟ ସାହିତ୍ୟ ସଂଗ୍ରାମର ଷଣା । ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତି କବିଙ୍କର ଏହି ୟ ସାହିତ୍ୟର ପ୍ରକାଶ "କବିତାକୁମୁଦ" ଉପରେ ବ୍ୟ ଦେଇ କହିଛନ୍ତି—"ପ୍ରାଚୀନ ଛନ୍ଦ ବନ୍ଧରେ ରି ଜଗତର ନୂତନ ଭାବରାଜି ସୁବିମଳ ଆଭାରେ ବିତ ହୁଏ ତାହା ସ୍ୱରଚିତ କବିତା କୁମୁଦରେ ନ ବିଚ୍ଛନ୍ଦ ଚରଣ ଦର୍ଶାଇ ଅଛନ୍ତି ।"

କବି ବିଚ୍ଛନ୍ଦଚରଣଙ୍କର ଦେଶପ୍ରାଣତା ତାଙ୍କର ନର ଗତିରେ ଅପ୍ରତିହତ । କବିଙ୍କର ବାଲ୍ୟଜୀବନ ନାତୀତ ଦାରିଦ୍ର୍ୟ ଓ ଦୁଃଖ କଷ୍ଟରେ ସଂଗଠିତ । ତତ୍‌ସଙ୍ଗକୁ ଶାରୀରିକ ଅସାମର୍ଥ୍ୟ ତଥା ଗାର୍ହସ୍ଥ୍ୟ ପଥର ତାଙ୍କୁ ଆହୁରି ଦୁଃଖୀ କରିଥିଲା । କିନ୍ତୁ ଏସବୁରେ ସେ ଭାଙ୍ଗିପଡ଼ିବାର ନୁହନ୍ତି । ଏପରିକି ଏ ସମସ୍ତ ବାଧା ସତ୍ତ୍ୱେ ସେ ମହାତ୍ମାଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନକୁ ଡେଇଁପଡ଼ିଥିଲେ । ଏହା ତାଙ୍କର ଜାତୀୟତାର ଏକ ଜାଜ୍ୱଲ୍ୟମାନ ସ୍ୱାକ୍ଷର ।

କବିଙ୍କର ଜାତୀୟତାବାଦର ଅନ୍ୟ ଦିଗ ଥିଲା ତାଙ୍କର ଅନୁବାଦ ସାହିତ୍ୟ । କବିଙ୍କର ଅଗାଧ ଇଂରାଜୀ ସାହିତ୍ୟ ଜ୍ଞାନ ତାଙ୍କୁ ଜଣେ ଶ୍ରେଷ୍ଠ ଅନୁବାଦକ ରୂପେ ପ୍ରତିଷ୍ଠା କରିପାରିଛି । ଇଂରାଜୀ ମାଧ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ସର୍ବଭାରତୀୟ ତଥା ବିଶ୍ୱବ୍ୟାପି କରିବାକୁ ଓ ତାର ନମନୀୟ ସୂକ୍ଷ୍ମାତିସୂକ୍ଷ୍ମ ବର୍ଣ୍ଣନା ପାଟବକୁ ଭାରତୀୟ ଅନ୍ୟାନ୍ୟ ପ୍ରାନ୍ତୀୟ ସାହିତ୍ୟଠାରୁ ମନୋଜ୍ଞ ଭାବେ ପ୍ରତିପାଦନ କରିବାକୁ ସେ ଏହି ଇଂରାଜୀ ଅନୁବାଦର ମାଧ୍ୟମ ଗ୍ରହଣ କରିଥିଲେ ।

ଇଂରାଜୀ ପ୍ରାଚୀ ପତ୍ରିକାରେ ଉପେନ୍ଦ୍ର, ଦୀନକୃଷ୍ଣ, ଅଭିମନ୍ୟୁ ଓ କବିସୂର୍ଯ୍ୟାଦିଙ୍କର କବିତାର ଇଂରାଜୀ ଅନୁବାଦ ପ୍ରକାଶ କରି ସେ କେବଳ ଭାରତରେ କାହିଁକି ଭାରତ ବାହାରେ ମଧ୍ୟ ସାହିତ୍ୟ ସମାଲୋଚକମାନଙ୍କୁ ବିମୁଗ୍ଧ କରିପାରିଥିଲେ । All India P. E. N. ( ସର୍ବଭାରତୀୟ କବି, ଲେଖକ ଓ ଗଳ୍ପକାରମାନଙ୍କ ସମ୍ମିଳନୀରେ ) କବି ବିଚ୍ଛନ୍ଦ ଚରଣଙ୍କର ଏହି ଅନୁବାଦ ସାହିତ୍ୟର ଭୂରି ଭୂରି ପ୍ରଶଂସା ହୋଇଥିଲା । ତାଙ୍କ ସାବଲୀଳ ଚର୍ଚ୍ଚିମନ୍ତ ଇଂରାଜୀ ଅନୁବାଦ ପାଇଁ ଅଭିନନ୍ଦନ ଜଣାଇବାକୁ ଉତ୍କଳ ଗୌରବ ମଧୁସୂଦନ ତାଙ୍କ ନିକଟକୁ ଧାଇଁ ଆସିଥିଲେ । ଭାଷାକୋଷ ପ୍ରଣୟନରେ ସହାୟତା କରୁଥିବା ସମୟରେ ଭାଷାକୋଷକାର ସ୍ୱର୍ଗତଃ ଗୋପାଳ-ଚନ୍ଦ୍ର ପ୍ରହରାଜ ଇଂରାଜୀ ଭାଷାରେ ତାଙ୍କର ଦଖଲ ଦେଖି କହିଥିଲେ "ବିଚ୍ଛନ୍ଦ ଚରଣଙ୍କର ଓଡ଼ିଆ ଓ ଇଂରାଜୀ ଭାଷାରେ ଏତେ ଦଖଲ ଅଛି ଯେ, ତାହା ଦେଖି ମୋର ତାଙ୍କପ୍ରତି ଈର୍ଷା ହୁଏ ।

ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟାଂଶମାନଙ୍କର ଇଂରାଜୀ ଅନୁବାଦ ରୂପେ "Bhanja Souvenir" ଓ କବିସୂର୍ଯ୍ୟଙ୍କ ପଦ୍ୟାବଳୀର ଅନୁବାଦ କରି "Glimpses into Kabisurya ସଙ୍କଳନ କରିଥିଲେ । ଆମର ଜାତୀୟ କବିମାନଙ୍କୁ ଦେଶ ବିଦେଶରେ ପରିଚୟ କରାଇବାର ଗୁରୁ ଜାତୀୟ ଦାୟିତ୍ୱର ନୂତନ ସରଣୀର ନିର୍ଦ୍ଦେଶ ଦେଇଥିଲେ ଗୁରୁଦେବ ବିଚ୍ଛନ୍ଦ ଚରଣ । ଏତଦ୍‌ ବ୍ୟତୀତ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ

ନଟାୟଣା ବୃକ୍ଷରେ ସଙ୍ଗ ତୁଳସୀ ଦାସଙ୍କର ରାମଚରିତ କରୁନାହିଁ । କିନ୍ତୁ ତାଙ୍କର ଜନ୍ମଭୂମି ପ୍ରୀତି ଓ ତାହାର
ମାନସର ଅନୁବାଦ ମଧ୍ୟ କରିଥିଲେ । ତାହାର ଦୃଷ୍ଟାନ୍ତ ନିମ୍ନୋକ୍ତ ଇଂରାଜୀ କବିତାରୁ
ଗୁରୁଦେବ ବିଚ୍ଛନ୍ଦ ଚରଣଙ୍କର ଅନୁବାଦ ସାହିତ୍ୟ ଅନୁମେୟ । କବି My Mother Land to M
ଦୃଷ୍ଟାନ୍ତ ଦେବାର ଧୃଷ୍ଟତା ଏ କ୍ଷୁଦ୍ର ପରିସର ମଧ୍ୟରେ କବିତାରେ ଲେଖିଛନ୍ତି ।

Cosier far from My Mother's arm
that roused my childhood to dreams of bliss

Loving more than my Fathers embrace
Where in I feel the touch of hand divine


Lovable more than my Brothers face
That promiseth succour against the
wicked worlds hissing storm

Sweeter far than my sisters smiles of joy
When fame Inkbrand my brow with laurel

ସାହିତ୍ୟ ସାଧକ—କବି—ଛାଡାୟତାବାଦୀ ସଙ୍ଗଠକ ବିଚ୍ଛନ୍ଦ ଚରଣଙ୍କର ଜୀବନ ଓ କାର୍ଯ୍ୟାବଳୀ ଯୁବଗୋଷ୍ଠୀ
ଆଗାମୀ ଭବିଷ୍ୟତ ପାଇଁ ନୂତନ ପ୍ରେରଣା ଦେଉ ଓ ପରମସ୍ୱସନ୍ତ ସାହିତ୍ୟ ସୃଷ୍ଟିପାଇଁ ଉଦ୍‌ବୁଦ୍ଧ କରୁ ।

●

ବାରୋକେମିଷ୍ଟ ବିଭାଗ,
ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ



୧୯୭୬ ଡିସେମ୍ବର ୩୦ ତାରିଖରେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଏ. ପି. ସିନ୍ଦେ ସୂଚନା କେନ୍ଦ୍ରରେ ଭାରତୀୟ
ପରିସଂଖ୍ୟାନ ପରିଷଦର ୩୦ତମ ବାର୍ଷିକ ଅଧିବେଶନରେ ଯୋଗଦେଇଥିବା ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି

ବବର୍ଷକୁ ସ୍ୱାଗତ ଜଣାଇ—

# ରାଜଧାନୀରେ ଶିଶିରସିକ୍ତ
# ଅବା ତ୍ରି କବିତା ପାଠୋତ୍ସବ

ଶ୍ରୀ ସୁଧୀର ପଟ୍ଟନାୟକ

ସେଦିନ ଡିସେମ୍ବର ୩୧ । ରାତ୍ରି ପ୍ରାୟ ୧୨ଟା । ୧୯୬୬ର ବିଦାୟୀ ମୁହୂର୍ତ୍ତ ଓ ୧୯୬୭ର ଆଗମନ' ବେଳା । ରାଜଧାନୀରେ ଭୀଷଣ ଥଣ୍ଡାର ପ୍ରକୋପ । ସାଧାରଣ ଲୋକେ ଦୈନନ୍ଦିନ ସାଂସାରିକ ଝଞ୍ଜାଳ ତୁଟାଇ ଯେତେବେଳେ ନିଦ୍ରାଦେବୀଙ୍କ କ୍ରୋଡ଼ରେ ଆଶ୍ରୟ ନିଅନ୍ତି.. ଗାଡ଼ି . ମଟର .. ରିକ୍ସା .. ସାଇକେଲର ଯେତେବେଳେ କୋଳାହଳ କମିଯାଇ ରାଜଧାନୀର ପଥପ୍ରାନ୍ତର, କୋଠାବାଡ଼ି, ଦୋକାନ ବଜାର୍, ବସ୍‌ଷ୍ଟାଣ୍ଡ, ସିନେମାହଲ୍, ପାର୍କ ଆଦି ନିଷ୍ଟୁପ୍ ଥାଏ, ଠିକ୍ ସେତିକି-ବେଳେ ଦଳେ ସାହିତ୍ୟ ପାଗଳ ଏକତ୍ରିତ ହୁଅନ୍ତି ରବୀନ୍ଦ୍ର ସୂଚନାଭବନ ପ୍ରାଙ୍ଗଣରେ । Poets are Mad—କବିମାନେ ପାଗଳ । ସେଠାରେ କିଶୋର କିଶୋରୀ,.. ଯୁବକଯୁବତୀ,..ପ୍ରୌଢ଼ପ୍ରୌଢ଼ା—କାହାରି ବୟସ ଭେଦର ବାଛବିଚାର ନ ଥାଏ । ସମସ୍ତେ ସତ୍ୟଦ୍ରଷ୍ଟା..ଯୁଗସ୍ରଷ୍ଟା—କାରଣ ସେମାନେ କବି, ତାଙ୍କ ଆଖିରେ ପ୍ରତ୍ୟେକ ସମାନ । ଗୋଟିଏ ସ୍କୁଲର ଛାତ୍ର, କଲେଜର ଅଧ୍ୟାପକ, ମହିଳା ବିଦ୍ୟାଳୟର ଶିକ୍ଷୟିତ୍ରୀ, ରାଜନୀତିକ ନେତା, ପ୍ରଶାସନିକ ଅଫିସର, ଖ୍ୟାତନାମା ଆଇନଜ୍ଞ ଓ ଯେ କୌଣସି ସାଧାରଣ ଘରର ଝିଅ ବୋହୂ ଏଭଳି ଏକ ସମାବେଶରେ ସମସ୍ତେ ସମାନ । ପ୍ରତ୍ୟେକଙ୍କ ମନରେ ଅପୂର୍ବ ପୁଲକ..ଅହେତୁକ ଶିହରଣ ଯେ ସେ ଗୋଟିଏ ପୁରାତନ ବର୍ଷକୁ ବିଦାୟ ଦେବା ସଙ୍ଗେ ସଙ୍ଗେ ନୂତନ ବର୍ଷକୁ ସ୍ୱାଗତ ସମ୍ଭାର ଜଣାଇବ ତାର ସମଗୋଷ୍ଠୀ କବି, ଲେଖକ ଓ ସାହିତ୍ୟ ବନ୍ଧୁ ଓ ବାନ୍ଧବୀମାନଙ୍କ ଗହଣରେ ।

ଏଇଟା ସ୍ୱତଃସ୍ଫୂର୍ତ୍ତ Spontaneous । ଏଭଳି ଏକ ମନୋଜ୍ଞ ସମାବେଶରେ କିଏ ବା ଜାଣନ୍ତା ପୌଷ ମାସିଆ ହାଡ଼ଭଙ୍ଗା ଶୀତର ପ୍ରକୋପ ? ଜଣେ ଉପଲବ୍ଧି ନ କଲେ ସେ ପରିବେଶର ଚମତ୍କାରିତା..ଆନ୍ତରିକତା ଓ ତା ପଛରେ ରହିଥିବା ଦର୍ଶନଟିକୁ କାଳି କଲମରେ ରୂପରେଖ ଦେଇ ବର୍ଣ୍ଣନା କରି ବୁଝାଇବା ଦୁଃସାହସ ମାତ୍ର । ସମସ୍ତେ ଯେମିତି ଅମୂଲ୍ୟ ସମ୍ପଦ ପାଇଲା ଭଳି ଆନନ୍ଦ ଉଲ୍ଲାସରେ ପୁଲକିତ ହୋଇ ଉଠିଥାନ୍ତି । କବିତା ପାଠୋ-ତ୍ସବ ବା କାର୍ଯ୍ୟସୂଚୀ ପୂର୍ବରୁ ପରସ୍ପର ମଧ୍ୟରେ ବନ୍ଧୁତ୍ୱର ଯେଉଁ ନିବିଡ଼ ଆଲିଙ୍ଗନ..ମନ ଦିଆନିଆ..ହୃଦୟ ବିକା କିଣା—ଯାନ୍ତ୍ରିକ ଯୁଗର କବି ଏସବୁ ଉପାଦାନ ବା ପାଆନ୍ତା କେଉଁଠୁ ? ଏହିପରି ସମାବେଶମାନ ହିଁ

ଚଳିତ ଜୀବନ..ତା ଜଟିଳ ଯନ୍ତ୍ରଣା, ଉଦ୍ଭାବନାର ବିସ୍ଫୋରଣ ପାଇଁ ବାସ୍ତବିକ୍ ପ୍ରକୃଷ୍ଟ ଉପାଦାନ । କାରଣ କବି ବୁଝନ୍ତି ଉତ୍ତେ ଖାଲ ତତ୍ତ୍ୱ ଜୀବନକୁ । ସେ ଏକ ସ୍ୱତନ୍ତ୍ର ଦୃଷ୍ଟିରେ ଖୋଜୁଥାଏ— ଯିଏ ମଣିଷ ଜୀବନର ପ୍ରକୃତ ଦ୍ୱନ୍ଦ୍ୱ ତୀବ୍ର ଚରମ ତତ୍ତ୍ୱଟିକୁ ଭିନ୍‌ଭିନ୍ କରି ଦେଖେ । ସେଇଥିପାଇଁ ଯୁଗେ ଯୁଗେ ଏକ ସୁସ୍ଥ ସମାଜ ଗଠନର ପ୍ରଦର୍ଶକ—କବି.. ଯିଏ ଭବିଷ୍ୟତକୁ ଦେଖିପାରିବାର ସାମର୍ଥ୍ୟ ଅର୍ଜନ କରିଥାଏ ।

ଠିକ୍ ଘଣ୍ଟାକଣ୍ଟା ଓ ମିନିଟ୍ କଣ୍ଟାର ନିର୍ଦ୍ଦେଶ ନେଇ ପ୍ରକୃଷ୍ଟ ସମୟରେ ଏହି ସମାବେଶ ତରଫରୁ ମହନୀୟ ଭାବରେ ସୁସଜ୍ଜିତ '୧୯୭୭' କୁ ଓଡ଼ିଶାର ଖ୍ୟାତନାମା ଗାଳ୍ପିକ, ଔପନ୍ୟାସିକ, ଅଧ୍ୟାପକ ଓ ସର୍ବୋପରି ଉତ୍କଳ ପ୍ରସଙ୍ଗର ସମ୍ପାଦକ ମହାପାତ୍ର ଶ୍ରୀ ନୀଳମଣି ସାହୁ ଉପସ୍ଥିତ ସମସ୍ତ କବି ଓ ଲେଖକମାନଙ୍କ ଗହଣରେ ଆଲୋକିତ କରନ୍ତି ଶଙ୍ଖଧ୍ୱନି.. କରତାଳି ଓ ହୁଳହୁଳି ହୁଆର ଭିତରେ । ଉକ୍ତିଷ୍ଟ କାର୍ଯ୍ୟକ୍ରମର ସଂଯୋଜନା ଦାୟିତ୍ୱ ସେ ବହନ କଲାପରେ ଆରମ୍ଭ ହୁଏ ବେଦପାଠ ଶ୍ରୀ ନରସିଂହ ନନ୍ଦଙ୍କ ମଧୁର କଣ୍ଠରେ । ବାସ୍ତବିକ୍— କି ମହାନ୍ ! କି ପବିତ୍ର ସେ ମୁହୂର୍ତ୍ତ....



ଗତ ୩୧-୧୨-୧୯୭୬
ମଧ୍ୟରାତ୍ରିର କବିତା ପାଠୋତ୍ସବରେ ଭୁବନେଶ୍ୱର ସୂଚନାକେନ୍ଦ୍ର ପ୍ରାଙ୍ଗଣରେ
କବିମାନେ ସତସ୍ତଭାତି ବତୀଜାଳି ନୂତନ ବର୍ଷକୁ ସ୍ୱାଗତ ଜଣାଉଛନ୍ତି

ପରେ ପରେ ପରିବେଷିତ ଅଧିକ ସରସ ସୁନ୍ଦର ଓ ମୁଖରିତ ହୋଇଉଠେ ଓଡ଼ିଶାର ବିଶିଷ୍ଟ ସଙ୍ଗୀତଜ୍ଞ ଶ୍ରୀ ଶାନ୍ତନୁ ମହାପାତ୍ରଙ୍କ ଉପସ୍ଥିତିରେ । ଓଡ଼ିଆ ସଙ୍ଗୀତରେ ପରୀକ୍ଷାନିରୀକ୍ଷା ନାଁରେ ସେଉଁ ପ୍ରତିଯୋଗିତା ଓ ଘୋଡ଼ାଦୌଡ଼ ଲାଗିଛି ତାରି ଉପରେ ପର୍ଯ୍ୟବେକ୍ଷିତ ଏକ ହାସ୍ୟରସାତ୍ମକ ସଙ୍ଗୀତ ପରିବେଷଣରେ ଶ୍ରୀ ମହାପାତ୍ର ସମସ୍ତଙ୍କୁ ମୁଗ୍ଧ କରିଦିଲେ । ପରିବେଷଣଟିକୁ ଅଧିକ ସତେଜ ଓ ପ୍ରାଣବନ୍ତ କରିଥିଲା ହାସ୍ୟରସିକ ସଂଯୋଜକଙ୍କ ନାଚବାଦ୍ୟ ଉଦ୍ଭଙ୍ଗୀ । ସଙ୍ଗୀତରେ ତାଳେ ତାଳେ..

କବିତାର ଛନ୍ଦ ଭିତରେ ସେ ସଂପୂର୍ଣ୍ଣ ମତ୍ତି ଯାଉ ଛନ୍ଦପତନ ପାଇଁ ମୁଣ୍ଡ ହଲାଇବା ସଙ୍ଗେ ସଙ୍ଗେ ଯେଉଁଭଳି କରତାଳିମାନ ଦେଉଥିଲେ ମନେ ହେଉଥିଲା ତାଙ୍କର ଏ ତରପାକଳ୍ପ ବାଳିଆ ବୟସରେ ସେ ଯେପରି ଆମ ସମସ୍ତଙ୍କଠାରୁ ଅଧିକ ଯୁବସୁଲଭ ଚପଳତାରେ ଟପି ଯାଇଛନ୍ତି । ଘରିଆଡ଼ ଖାଲି ହସଖୁସି ଆନନ୍ଦଉଲ୍ଲାସର ବନ୍ୟା ॥

କବିତା ପାଠୋତ୍ସବର ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହୁଏ ପୁରାତନ ଓ ପ୍ରତିଷ୍ଠିତ କବିମାନଙ୍କର ମୂଲ୍ୟବାନ

ାଗୁଡ଼ିକ । ସଂଯୋଜକ ଅନୁରୋଧ ଜଣାନ୍ତି
ିତ କବିବୃନ୍ଦଙ୍କୁ ନିଜକୁ ଭଲ ଲାଗିଥିବା ଯେ କୌଣସି
ର ଯେ କୌଣସି କବିତାଟିଏ ପଢ଼ିବା ପାଇଁ । ଏ
କବିତା ପାଠୋତ୍ସବରେ ଏହା ଏକ ସଂପୂର୍ଣ୍ଣ ନୂତନ
ସ୍ୱାଗତଯୋଗ୍ୟ ପରିକଳ୍ପନା । ପୁରାତନକୁ ଭିତ୍ତିକରି
ପ୍ରତିଷ୍ଠା ଲାଭକରେ । ଅନ୍ୟମାନଙ୍କ ପକ୍ଷରେ ଅତି
ପୂର୍ବାର ଅଭାବ ଥିବାରୁ ଏମିତି ଏକ ପ୍ରସ୍ତାବ
ିକ୍ ଅଭିନନ୍ଦନୀୟ । ବନ୍ଧୁ କବି-ବନ୍ଧୁ ଗୋପାଳକୃଷ୍ଣ,
ାଥ ଦାସଙ୍କଠାରୁ ଆରମ୍ଭ କରି ଆଧୁନିକ କବି-
ର ରଚନା ଆବୃତ୍ତି କରିଥିଲେ । ପରେ ପରେ
ିତ କବିମାନଙ୍କୁ ସ୍ୱରଚିତ କବିତା ଆବୃତି ପାଇଁ
ାଜକଙ୍କ ସାଦର ନିମନ୍ତ୍ରଣ । ପ୍ରତିଷ୍ଠିତ, ଅପ୍ରତିଷ୍ଠିତ
ାସ ତାରତମ୍ୟର ଊର୍ଦ୍ଧ୍ୱରେ ରହି କବିମାନେ ଜଣେ
ଜଣେ ନିଜ ନିଜର କବିତା ଆବୃତ୍ତି କରିବା ସଙ୍ଗେ
ଅନ୍ୟମାନଙ୍କ କବିତାର ରସ ଆସ୍ୱାଦନ
ଲେ । କବି ଭାବବିହ୍ୱଳତାର ଜୀବନ୍ତ ପ୍ରତୀକ ।
ଜଣେ କବିତା ଆବୃତ୍ତି କରିବା ସମୟରେ
ାନେ ତାର ତାତ୍ପର୍ଯ୍ୟ ବୁଝି ଉନ୍ମାଦ ହୋଇ
ଲେ ବାଃ । ସାବାସ । ଏକ୍‌ସେଲେଣ୍ଟ—ଆଦି
ଳପୂର୍ଣ୍ଣ ମନ୍ତବ୍ୟମାନ ଦେଉଥିଲେ । ପ୍ରତି ଦୁଇ

ତିନୋଟି କବିତା ଆବୃତ୍ତି ପରେ ପରେ ଶ୍ରୀମତୀ ତୃପ୍ତି ଚଟାର୍ଜୀ, ଏବାଙ୍କିତା ଚୌଧୁରୀ ପ୍ରମୁଖ ସୁଲଳିତ ମଧୁର ଓଡ଼ିଆ ସଙ୍ଗୀତମାନ ଗାନକରି ପରିବେଶକୁ ଅଧିକ ମନମୁଗ୍ଧକର କରିଥିଲେ ।

ରାଜଧାନୀର ତଥା ଓଡ଼ିଶାର ଯେଉଁ ବିଶିଷ୍ଟ କବି, ସାହିତ୍ୟିକମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ ସେମାନଙ୍କ ମଧ୍ୟରେ ସର୍ବଶ୍ରୀ ଅଖିଳ ମୋହନ ପଟ୍ଟନାୟକ, ରମାନାଥ ପଣ୍ଡା, ଜଗଦୀଶ ପାଣି, ନିତ୍ୟାନନ୍ଦ ଶତପଥୀ, ଦଶରଥ ସାମଲ, ନେତ୍ରାନନ୍ଦ ସାମନ୍ତରାୟ, ହରିହର ମିଶ୍ର, ଚିତ୍ତ ମିଶ୍ର, ଭଗବାନ ନାୟକ ବର୍ମା, ହୁସେନ ରବିଗାନ୍ଧୀ, ହରପ୍ରସନ୍ନ ଦାସ, ପରିକ୍ଷିତ ଜେନା, ଅଜିତ ମହାନ୍ତି, ସୁଧୀର ପଟ୍ଟନାୟକ, ଚିନ୍ତାମଣି ବଳିଆରସିଂ, ବିଶୁ ମିଶ୍ର, ନଗେନ୍ ବେଉରିଆ, ହରିହର ପଣ୍ଡା ପ୍ରମୁଖ ଓ ନାରୀ କବିଙ୍କ ମଧ୍ୟରେ ଶ୍ରୀମତୀ ପ୍ରତିଭା ଶତପଥୀ, ଶକୁନ୍ତଳା ପଣ୍ଡା, ସୁଧାଂଶୁବାଳା ପଣ୍ଡା, ଶୈଳବାଳା ମହାନ୍ତି, ଅନୁରାଧା ମହାପାତ୍ର ଓ କନକଲତା ମହାନ୍ତିଙ୍କ ନାମ ଉଲ୍ଲେଖନୀୟ । ରାଜଧାନୀର ସମସ୍ତ ସାହିତ୍ୟ ଅନୁଷ୍ଠାନ ଓ ପତ୍ର ପତ୍ରିକାଗୁଡ଼ିକ ଏହି ଉତ୍ସବଟିକୁ ମିଳିତ ସହଯୋଗରେ ଆୟୋଜନ କରିଥିଲେ ।



ପ୍ରଖ୍ୟାତ ଗାଳ୍ପିକ ଶ୍ରୀ ଅଖିଳମୋହନ ପଟ୍ଟନାୟକ ଭୁବନେଶ୍ୱର ସୂଚନାକେନ୍ଦ୍ରରେ ମଧ୍ୟରାତ୍ରି କବିତା ପାଠୋତ୍ସବରେ କବିତା ପାଠ କରୁଛନ୍ତି ।

ସର୍ବଶେଷରେ, ମୈତ୍ରୀଦେବ ଜଗନ୍ନାଥଙ୍କ ନିକଟରେ ଓଡ଼ିଆ ଜାତି, ଭାଷା ଓ ସାହିତ୍ୟର ସମୃଦ୍ଧି କାମନା କରିବା ସଙ୍ଗେ ସଙ୍ଗେ ଦେଶ ଓ ଦଶର ମଙ୍ଗଳ ପାଇଁ ଆଶୀର୍ବାଦ ଭିକ୍ଷା କରି ଉତ୍ସବଟି ସମାପନ ହୁଏ ପ୍ରାୟ କ୍ଲୋକ୍ ସାଢ଼େ ୧୨ଟାରେ ଠିକ୍ ବେଳେ ଶଙ୍ଖଧ୍ୱନି, ହୁଳହୁଳି, ଓ କରତାଳି ଗୁଞ୍ଜରର ଅପୂର୍ବ ଆନନ୍ଦ ଉଲ୍ଲାସ ଭିତରେ ନୂତନ ବର୍ଷକୁ ସ୍ୱାଗତସମ୍ଭାର ଜଣାଇ ।

ବିଶ୍ୱାସ, ସ୍ମୃତି ସଗାଘରରେ ଏମିତି ଏକ ପବିତ୍ର ସନ୍ଧି ଚିରଦିନ ଅମ୍ଳାନ ହୋଇ ରହିବ । କାଡ଼ିଏ ଚିନ୍ତାଚେତନାରେ ଉଦ୍‌ବୁଦ୍ଧ ରସଗ୍ରାହୀଙ୍କ ପାଇଁ ଦିନେ ଏହା ଏକ ବଳିଷ୍ଠ ପଦକ୍ଷେପରେ ନିଜସ୍ୱ ଦାବୀ କରିପାରେ ।



ଉପମୁଖ୍ୟମନ୍ତ୍ରୀ ଶ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀ, ୧୯୭୭ ଜାନୁଆରୀ ପହିଲା ଦିନ ସମ୍ବଲପୁର ଜିଲ୍ଲା ଅତାବିରାଠାରେ ଅସହାୟ ବୃଦ୍ଧ ଲୋକମାନଙ୍କୁ ବାର୍ଷିକ ଭତ୍ତା ପ୍ରଦାନ କରୁଛନ୍ତି

# ଉତ୍କଳର ଶ୍ରୀପଞ୍ଚମୀ

ମନମୋହିନୀ ଦେବୀ

ସେଦିନ ଦୂରେଇ ଯାଇଛି । ଏହିପରି ଏକ ସମୟରେ 'ବନ୍ଦଇ ହରି, ଦେବ ମୁରାରି'ଙ୍କୁ ଆଦ୍ୟକରି ସୁମଧୁର ଗୀତଟିଏ ଗାଇ ଗାଇ ଶ୍ରୀପଞ୍ଚମୀ ଉପଲକ୍ଷେ ଉତ୍କଳ ପଲ୍ଲୀର ପ୍ରାୟ ଜାତି-ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଚାଟଶାଳୀ ପଢ଼ୁଆ ବାଳକ-ବାଳିକା ଦଳ ଦଳ ହୋଇ, ଫୁଲଯୁକ୍ତ ଗୋଟିଏ ନାରିକେଳକୁ ନାନାରଙ୍ଗର ଚିତ୍ରରେ ଚିତ୍ରିତ କରି ଏବଂ ତାଳପତ୍ରର ମୋଡ଼ାଟି ଉପରେ ଥୋଇ ଘରେ ଘରେ ବୁଲି ଅବଧାନ (ଶିକ୍ଷକ)ଙ୍କ ପାଉଣା ବା ଗୁରୁ ଦକ୍ଷିଣା ଭିକ୍ଷା କରିବା ଦୃଶ୍ୟ ସହିତ ଅନେକଙ୍କର ପରିଚୟ ଥିବ । ତାହା ଯେ ଅତୀବ ମନୋହର—ଗଭୀର ହୃଦୟସ୍ପର୍ଶୀ କହିବା ବାହୁଲ୍ୟ । ସେଦିନର ଓଝା—(ଉପାଧ୍ୟାୟ ବା ଅବଧାନ) ଚାଟ (ଛାତ୍ର)ଙ୍କ ମନୋଭାବ ଆଜି ସେହିପରି ପରିଲକ୍ଷିତ ହୁଏ ନାହିଁ । ସେଦିନର ଶ୍ରୀପଞ୍ଚମୀଟି ଯେ, "ଓଝା-ଚାଟଙ୍କର ଉତ୍ସବ ଲୀଳା" ଏହା ଉକ୍ତ 'ଶ୍ରୀପଞ୍ଚମୀ ଗୀତ'ଟିରେ ସ୍ପଷ୍ଟଭାବେ ଦର୍ଶା ଯାଇଥାଏ । "ଇଷ୍ଟ ବନ୍ଧୁଘର ମାଗିଣ ଯାଅ । ଯାହା ପାଅ ତାହା ଗୁରୁଙ୍କୁ ଦେଅ,………ଗୁରୁଙ୍କ ନିମନ୍ତେ ଆଇଲୁ ଆମ୍ଭେ………ଟଙ୍କା-ସୁନା-ଲୁଗା-ଧାନ-କଉଡ଼ି, ଯାହା ଦେବ ତାହା ଅଜ, ଆଜ ନ ଦେଲେ ବାହୁଡ଼ିଗଲେ ପଶ୍ଚାତେ ପାଇବ ଲାଜ, ସାହୁ ନୋହୁଁ ଆମ୍ଭେ ନୋହୁଁ ଖାତକ, ଯାହା ଦେବ ତାହା ଦେଖିବେ ଲୋକ.....ବରଷକେ ଥରେ ଆମ୍ଭ ମାଗୁଣି....." ଇତ୍ୟାଦି ତାଙ୍କ ଶ୍ରୀପଞ୍ଚମୀ ଗୀତ ମାଧ୍ୟମରେ ମଧୁଗୋଳା କୋମଳ ଅଳି ଚିର ଅଭୁଲା ।

ଗ୍ରାମେ ଗ୍ରାମେ ଏହି ଆନନ୍ଦ, ଏହି ଅଦମ୍ୟ ଆଗ୍ରହାତିଶଯ୍ୟର ପ୍ରିୟ ମହୋତ୍ସବଟି ବ୍ୟାପକ ଭାବରେ ସର୍ବତ୍ର ପାଳନ କରା ଯାଇଥାଏ । ଏହା ଯେ ବିଦ୍ୟାଦାତ୍ରୀ ସରସ୍ୱତୀ ଦେବୀଙ୍କ ପୂଜା, ପ୍ରକାରାନ୍ତରେ ବିଦ୍ୟାଗୁରୁଙ୍କ ପୂଜା ଏହି ଧାରଣା ଶିଶୁମାନଙ୍କୁ ଦୃଢ଼ କରିଥାଏ । ଭବିଷ୍ୟତ ଜୀବନରେ ବିଦ୍ୟାଲାଭ ଯେ ଏହି ପୂତକର୍ମର ଫଳ ସ୍ୱରୂପ ହୁଏ । ଏ ସମ୍ବନ୍ଧରେ ସୁନିଶ୍ଚିତ ଭାବବୋଧ ତାଙ୍କର ଜାତ ହୋଇଥାଏ ।

କଥିତ ଦିବସଟିରେ କେତେ କେଉଁ ବଣ ଜଙ୍ଗଲ ବୁଲି, ବାହା ବାଡ଼ି ବଗିଚା ଖୋଜି—କେଉଁ କଇଁ ପୋଖରୀ ପହଁରି ବହୁପ୍ରକାର ଫୁଲ ସଂଗୃହୀତ ପରେ ମାଳ

ପୂଜା ଯାଇ, ଝିଅ-ଜ୍ୱାଇଁ-ନାତିଆ-ନାତୁଣୀ ଆଦି ପୂର୍ଣ୍ଣ ବାଳକମାନ ଝୁଡ଼ାକାଠେ, ଛେଳି-ପୋଥି-ଖଡ଼ୀ ପ୍ରଭୃତି ପାଠ ସରସ୍ୱତୀ ଦେବୀଙ୍କୁ ଅବଧାନ (ଶିକ୍ଷାଗୁରୁ)ଙ୍କ ଦ୍ୱାରା ପୂଜାର୍ପଣ କରନ୍ତି । ଛାତ୍ର-ଛାତ୍ରୀଗଣ ବିଦ୍ୟା-ଦାୟିନୀ—ଜ୍ଞାନଦାୟିନୀ—ସିଦ୍ଧିଦାୟିନୀ ଶ୍ରୀ ଶ୍ରୀ ସରସ୍ୱତୀ ଦେବୀଙ୍କୁ ଭକ୍ତି ପ୍ରଣାମ ପୂର୍ବକ ଶ୍ରୀଗୁରୁଙ୍କ ପାଦତଳେ ଦକ୍ଷିଣା ନିବେଦନ କରନ୍ତି । ଏହି ପୂଜା କେବଳ ହିନ୍ଦୁ ବାଳକଙ୍କ ଲାଗି ଉଦ୍ଦିଷ୍ଟ ।

ଉପରୋକ୍ତ ପ୍ରଥା କେଉଁ ପୁରାତନ କାଳରୁ ଚଳି ଆସିଥିଲା । ତାହାର କଳନା କେହି କରି ପାରିନାହିଁ । ପ୍ରାଚୀନ ଗୁରୁଗୃହ ବାସ, ବିଦ୍ୟା ଶିକ୍ଷା ସମାପନାନ୍ତେ ଗୁରୁଦକ୍ଷିଣାଦି କ୍ରମେ, ରୂପ ବଦଳାଇ ଗ୍ରାମ୍ୟ ଚାଟଶାଳୀରେ ପରିଣତ ହୋଇଥିବାର ବିଶ୍ୱାସ କରେ । ଅଜି ସଭ୍ୟତାର ସଂସ୍କାର (?) ସଙ୍ଗେ ସଙ୍ଗେ ଦ୍ରୁତ ପରିବର୍ତ୍ତନ ସଙ୍ଘଟିତ ହୋଇଛି । ପ୍ରଥମତଃ ନଗରାଞ୍ଚଳରେ 'ଚାଟଶାଳୀ' ଓ 'ଅବଧାନ' ଶବ୍ଦର ମାର୍ଜ୍ଜିତ ରୂପ, 'ବିଦ୍ୟାଳୟ' ଓ 'ଶିକ୍ଷକ' ନାମରେ ଆତ୍ମପ୍ରକାଶ ପୂର୍ବକ 'ଭଦର ଛୁଟି, ଦେବ ମୁରୁଛି' ଗାନକରି ଗୁରୁଦକ୍ଷିଣା ଭିକ୍ଷା କରିବା ପ୍ରଥାଟିକୁ ରଦ କରି ଦେଇଛି । କ୍ରମଶଃ ମୃଣ୍ମୟୀ ପ୍ରତିମାର ସାଡ଼ମ୍ବର ପୂଜା ପ୍ରଚଳନରେ ବ୍ୟସ୍ତ ରହି ଅତୀତର ଛାତ୍ର ମନୋବୃତ୍ତି ଗୁରୁଶିଷ୍ୟ ସମ୍ପର୍କୀୟ ମହତ୍ତ୍ୱକୁ ମଳିନ ଅର୍ଥାତ୍ ଖାପଛଡ଼ା କରି ଦେଇଛି । ଗ୍ରାମାଞ୍ଚଳରୁ ମଧ୍ୟ ଧୀରେ ଧୀରେ ବିଲୋପ ହୋଇ-ଯାଉଥିବାର ଏବଂ କେତେକ ସ୍ଥାନରେ ମ୍ରିୟମାଣ ଅବସ୍ଥାରେ ଚଳୁଥିବାର ଶୁଣାଯାଏ ।

ଏହି ଦେଶରେ ଗୁରୁଶିଷ୍ୟର ବା ଛାତ୍ର
ସମ୍ବନ୍ଧ ଏତେ ସୁଦୃଢ଼, ଏତେ ଆତ୍ମିକଭାବ ଉପରେ
ଥିଲା ତାହା ଆଜି ଭାବିଲେ ଆଶ୍ଚର୍ଯ୍ୟ ଲାଗେ
ନିରକ୍ଷରତା ଦୂରୀକରଣ ରୂପେ ଯେଉଁ ମହତ୍
ପ୍ରସ୍ତୁତ ରହିଛି, ତାହା ସର୍ବତୋଭାବେ ଅ
କିନ୍ତୁ ଶିକ୍ଷାଦାତାଙ୍କ ପ୍ରତି ଆନ୍ତରିକ ସ୍ନେହ-ଭ
ସୃଷ୍ଟି ହେବା ସର୍ବାଦୌ ଆବଶ୍ୟକ ।
(ବିବିଧ ତତ୍ତ୍ୱବିତ୍ ହେତୁ) ଗୋଟିଏ ପ୍ରକାର
'ମାନବ' ଆଖ୍ୟା ପ୍ରଦାନ କରିଛି, ଏହା
ସ୍ମରଣ ରଖିବା ନିଃସନ୍ଦେହ ସତ୍ୟ । ଉକ୍ତ ମ
ବିଦ୍ୟାବିହୀନ ହେଲେ ପଶୁ ସଦୃଶ ହୋଇଥାଏ,
ଆବିର୍ଭାବ କାଳରୁ ଏହା ସ୍ୱୀକୃତ ହୋ
କୁଟୁମ୍ବଙ୍କର ଭାଗବାଣ୍ଟରେ ଯହିଁରେ ନାହିଁ,
ଯାହାକୁ ଚୋରି କରିବା କ୍ଷମତା ନାହିଁ କି
ଦ୍ୱାରା ଯାହାର କ୍ଷୟ-ଉଡ଼ିର ତିଳେ ଭ
ଏପରି ବିଦ୍ୟା ମହାଧନଟି ଗୁରୁକୃପାରୁ ଲବ୍ଧ ହେ

ଆଜି ପଶୁତ୍ୱରୁ ମୁକ୍ତି ଲାଭ କରିବାକୁ ହେଲେ
ନିରକ୍ଷରଙ୍କର ଅନ୍ତତଃ ସାକ୍ଷର ହେବା ଏକାନ୍ତ
ଏହା ପ୍ରତ୍ୟେକ ଦେଶବାସୀଙ୍କର ଚିନ୍ତାର ବ
ଏହି ଉଲ୍ଲେଖନୀୟ ଯେ ଦିନେ ଶିକ୍ଷାଗୁରୁଙ୍କର
ଅନୁଗତ ହୋଇ ଲିଖନ-ପଠନର ଅଧିକାରୀ
ଜୀବନର ଶ୍ରେୟସ୍କର କର୍ମ ମନେକରୁଥିଲ
ସୁଦୃଢ଼ ପ୍ରମାଣ ଏହି ଶ୍ରୀପଞ୍ଚମୀ ପୂଜା ।

ମୋହିନୀ ମହଲ, ଦଶା ବଉଳ ମାର୍ଗ
କଟକ-୨

## ଯୌତୁକ ବିରୁଦ୍ଧରେ

ଯୌତୁକ ଦେବା ନେବା ଅଭ୍ୟାସ ଓ ପଦ୍ଧତି ବିରୁଦ୍ଧରେ ଜନମତ ଜାଗ୍ରତ କରିବା ଉଚିତ
ଏହା ଏକ ହୀନ ପଦ୍ଧତି । ଯେଉଁ ଯୁବକମାନେ ଏହି ଯୌତୁକ ଧନ ଲାଭକରନ୍ତି ସେମାନଙ୍କୁ ସମାଜ
ବାସନ୍ଦ କରିବା ଉଚିତ ।

ୟଙ୍ଗ ଇଣ୍ଡିଆ—୨୧-୬-୨୮

# ଗ୍ରାମାଭିମୁଖୀ ବିଜ୍ଞାନ

ଡକ୍ଟର ହରିହର ପଟ୍ଟନାୟକ

**ଭାରତୀୟ ବିଜ୍ଞାନ କଂଗ୍ରେସ ଅଧିବେଶନ ଉପଲକ୍ଷେ**

ଆମ ଦେଶ ଏକ ଗ୍ରାମବହୁଳ ଦେଶ । ତେଣୁ ଗ୍ରାମାଞ୍ଚଳ ତଥା ଗ୍ରାମବାସୀଙ୍କର ଉନ୍ନତି କଲ୍ପେ ବିଜ୍ଞାନର ଆବଶ୍ୟକତା ରହିଛି । ବିଜ୍ଞାନ ତଥା ବୈଜ୍ଞାନିକ ଜ୍ଞାନର ବିନିଯୋଗରେ ଉନ୍ନତି ରାଷ୍ଟ୍ରମାନଙ୍କର ପ୍ରଗତି ଘଟିଛି । ବିକାଶଶୀଳ ରାଷ୍ଟ୍ରମାନେ ପଛରେ ପଡ଼ିଯାଉଛନ୍ତି । ତେଣୁ ଭାରତୀୟ ବିଜ୍ଞାନ କଂଗ୍ରେସ ଗ୍ରାମାଞ୍ଚଳରେ ବିଜ୍ଞାନର ପ୍ରଚାରପାଇଁ ଯୋଜନାମାନ ପ୍ରସ୍ତୁତ କଲେ । ଗତବର୍ଷ ୬୩ତମ ଅଧିବେଶନରେ ଓ୍ବାଲଟିଅର-ଠାରେ ଏ ବିଷୟରେ ଏକ ସଂପାନ ଅନୁଷ୍ଠିତ ହୋଇଥିଲା । ଏହି ୬୩ତମ ଅଧିବେଶନରେ ସଭାପତି ଡ଼ଃ. ସ୍ୱାମୀନାଥନ୍ ଏବଂ ମୁଖ୍ୟ ଅତିଥି ଶ୍ରୀମତୀ ଇନ୍ଦିରା ଗାନ୍ଧୀ ସେମାନଙ୍କ ଭାଷଣରେ ଗ୍ରାମାଞ୍ଚଳରେ ବିଜ୍ଞାନର ପ୍ରଚାର ବିଷୟରେ ଗୁରୁତ୍ୱ ଆରୋପ କରିଥିଲେ । ବିଜ୍ଞାନ କଂଗ୍ରେସର ବିଭିନ୍ନ ବିଭାଗରେ ଏ ବିଷୟ ଆଲୋଚିତ ମଧ୍ୟ ହୋଇଥିଲା । ଶେଷରେ ୬୪ତମ ଅଧିବେଶନରେ ଏକ ସଂପାନ ବିଭିନ୍ନ ପ୍ରାକୃତିକ ସମ୍ପଦର ସର୍ବେକ୍ଷଣ (ସର୍ଭେ) ଓ ବିନିଯୋଗ ବିଷୟରେ ହେବାର ସ୍ଥିର ହୋଇଥିଲା । ସେହି ସଂପାନକୁ ଭିତ୍ତିକରି ବିଭିନ୍ନ ବିଭାଗ ଏ ବିଷୟରେ ଏକ ସଂପାନ କରିବେ ଏବଂ ଯଥାସମ୍ଭବ ପ୍ରଦର୍ଶନୀ ଦ୍ୱାରା ତାହା ଦେଖାଇବେ ।

ଆମ ଦେଶରେ, ବିଶେଷତଃ ଗାଁ ଗହଳିରେ ଏତେ ପ୍ରାକୃତିକ ସମ୍ପଦ ଭରି ରହିଛି ଯେ, ପ୍ରକୃତ ବୈଜ୍ଞାନିକ ପ୍ରଣାଳୀରେ ସେ ସବୁର ବିନିଯୋଗ କରାଗଲେ ଆମ ଦେଶର କୌଣସି ଅଭାବ ରହିବ ନାହିଁ ଏବଂ ଆମେ ଅନ୍ୟ ଉନ୍ନତ ରାଷ୍ଟ୍ରମାନଙ୍କ ସଙ୍ଗେ ସମକକ୍ଷ ହୋଇ ପାରିବା ।

ଆମ ଦେଶର ଉଦ୍ଭିଦ ସମ୍ପଦ ପ୍ରଚୁର, ବନ୍ୟ ସମ୍ପଦ ଓ ସମୁଦ୍ର ତଥା ହ୍ରଦମାନଙ୍କର ଜଳଜ ଉଦ୍ଭିଦ ସମ୍ପଦକୁ ବୈଜ୍ଞାନିକ ପ୍ରଣାଳୀରେ ବ୍ୟବହାର ଉପଯୋଗୀ କରାଯାଇ ପାରିଲେ ଆମର ଖାଦ୍ୟାଭାବ ପଡ଼ିବ ନାହିଁ ବୋଲି ବୈଜ୍ଞାନିକମାନେ ସ୍ଥିର କରିଛନ୍ତି । ଏହା ସାଙ୍ଗକୁ ବିଭିନ୍ନ ଔଷଧ ମଧ୍ୟ ଏହି ବୃକ୍ଷଲତାମାନଙ୍କରୁ ମିଳି ପାରିବ । ସେହିପରି ପଶୁପକ୍ଷୀ ମଧ୍ୟ ଆମ ଦେଶରେ ପ୍ରଚୁର ପରିମାଣରେ ଅଛନ୍ତି । ସେ ସବୁକୁ

ବ୍ୟବହାରରେ ଲଗାଇ ପାରିଲେ ଆମର ଖାଦ୍ୟାଭାବ ଦୂର ହେବା ସଙ୍ଗେ ସଙ୍ଗେ ନାନା ଶିଳ୍ପ ମଧ୍ୟ ଗଢି ଉଠିବ । ଖଣିଜ ସମ୍ପଦ ତ ଆମର ପ୍ରଚୁର ରହିଛି । ଲୌହ, ମାଙ୍ଗାନିଜ, କ୍ରୋମାଇଟ୍, ବକ୍ସାଇଟ୍, କୋଇଲା ପ୍ରଭୃତି ପ୍ରଚୁର ପରିମାଣରେ ଅଛି । ଆମେ ତାକୁସବୁ ଅତି ନଗଣ୍ୟ ଦରରେ କଞ୍ଚାମାଲ ରୂପେ ବିଦେଶକୁ ରପ୍ତାନୀ କରି ଦେଉଛୁ । ତାହା ନ କରି ଛୋଟ ଛୋଟ ଶିଳ୍ପ ମାଧ୍ୟମରେ ସେ ସବୁକୁ ବ୍ୟବହାର କରି ପାରିଲେ ସେ ସବୁ ପଦାର୍ଥର ଅଭାବ ଆମର ଦୂର ହେବା ସଙ୍ଗେ ସଙ୍ଗେ ସେଥିରୁ ଆମେ ଯଥେଷ୍ଟ ବିଦେଶୀ ମୁଦ୍ରା ମଧ୍ୟ ଅର୍ଜନ କରିପାରିବା । ପଦାର୍ଥ ବିଦ୍ୟା, ରସାୟନ ବିଦ୍ୟା ଉଦ୍ଭିଦ ବିଦ୍ୟା, ପ୍ରାଣି ବିଦ୍ୟା, ଗଣିତ ଶାସ୍ତ୍ର, ମନସ୍ତତ୍ତ୍ୱ ବିଦ୍ୟା, କାରିଗରି ବିଦ୍ୟା, ଭେଷଜ ଓ ବିଜ୍ଞାନ, ପଶୁପାଳନ ବିଜ୍ଞାନ, କୃଷି ବିଜ୍ଞାନ, ନୃତତ୍ତ୍ୱ ବିଜ୍ଞାନ, ପରିସଂଖ୍ୟାନ ବିଜ୍ଞାନ, ଭୂଗୋଳ ବିଜ୍ଞାନ, ଓ ମୃତ୍ତିକା ବିଜ୍ଞାନ ପ୍ରଭୃତିର ସାହାଯ୍ୟରେ ଗ୍ରାମାଞ୍ଚଳର ବହୁ ସମସ୍ୟାର ସମାଧାନ ହୋଇ ପାରିବ । ଏଥିପାଇଁ ଭାରତୀୟ ବିଜ୍ଞାନ କଂଗ୍ରେସ ନାନା ଯୋଜନାମାନ ପ୍ରସ୍ତୁତ କଲେଣି । ଗ୍ରାମ୍ୟ ଅର୍ଥନୀତିକୁ ପରିଚାଳିତ କରି ବିଭିନ୍ନ ସମସ୍ୟାର ସମାଧାନ ଏହାଦ୍ୱାରା ସହଜରେ କରଯାଇ ପାରିବ ।


ଗତ ବର୍ଷରେ ବୈଜ୍ଞାନିକମାନେ ଗୋଟିଏ ଗୋଟିଏ ଗ୍ରାମକୁ ଯାଇ ଏହି ବିଜ୍ଞାନଗୁଡ଼ିକ ସାହାଯ୍ୟରେ କିପରି ସେମାନଙ୍କର ସମସ୍ୟାର ସମାଧାନ ହୋଇ ... ତାହାର ପରିକ୍ଷାନିରୀକ୍ଷା କରିଛନ୍ତି । ଏହି ଅଧିବେଶ... ତାହାର ସମୀକ୍ଷା ବା ସର୍ବେକ୍ଷଣ ହେବ ... ଭବିଷ୍ୟତ କର୍ମପନ୍ଥା ମଧ୍ୟ ସ୍ଥିର କରଯିବ ।

ଆମର ବିଶ୍ୱାସ ଯେ, କ୍ଷୁଦ୍ରଶିଳ୍ପ ଓ ଉନ୍ନତ ... ପ୍ରଣାଳୀ ସ୍ୱାସ୍ଥ୍ୟର ଉନ୍ନତି ଓ ମାନସିକ ବିକାଶ ... ଘଟିଲେ ଗ୍ରାମାଞ୍ଚଳ ହସି ଉଠିବ । ଏ ଦି... ଭାରତୀୟ ବିଜ୍ଞାନ କଂଗ୍ରେସହିଁ ସହାୟକ ... କ୍ଷୁଦ୍ର କୁଟୀର ଶିଳ୍ପମାନ ପ୍ରତି ଗ୍ରାମରେ ଗଢି ଉ... ଗ୍ରାମର ଅର୍ଥନୀତି ଉନ୍ନତ ହେବ । ସେହିପରି ... ପ୍ରଣାଳୀରେ ଚାଷ ଓ ପଶୁପାଳନ କରାଗଲେ ଖା... ଅଭାବ ରହିବ ନାହିଁ । ତା ସଙ୍ଗେ ସଙ୍ଗେ ଔଷଧ... ସ୍ୱାସ୍ଥ୍ୟର ଯତ୍ନ ଓ ଶିକ୍ଷା ଏବଂ ଜନ୍ମ ନିୟନ୍ତ୍ରଣ ପ୍ର... ବୈଜ୍ଞାନିକ ପ୍ରୟୋଗ ଗ୍ରାମବାସୀଙ୍କୁ ବୁଝାଇ ଦେ... ହେବ । ଏଥିପାଇଁ ସବୁ ଶ୍ରେଣୀର ବୈଜ୍ଞାନିକମାନ... ଆବଶ୍ୟକତା ରହିଅଛି ।

ବୈଜ୍ଞାନିକମାନଙ୍କର ଏହି ଚେଷ୍ଟା ନିଶ୍ଚୟ ସ... ହେବ । ଏ ବର୍ଷର ଭୁବନେଶ୍ୱରଠାରେ ହୋଇଥିବା ବି... କଂଗ୍ରେସର ପ୍ରଧାନ ଆଭିମୁଖ୍ୟ ଗ୍ରାମାଞ୍ଚଳର ଉନ୍ନତି ... ଉଦ୍ଦିଷ୍ଟ । ତାହାହେଲେ ବିଜ୍ଞାନ କେବଳ ଗବେଷ... ଗାରରେ ଆବଦ୍ଧ ନ ରହି ପ୍ରତ୍ୟେକ ନାଗରିକଙ୍କ ପା... ଖୁଲିଯିବ । ବୈଜ୍ଞାନିକମାନଙ୍କର ଏହି ଚେଷ୍ଟା ସ... ହେଉ, ଏହାହିଁ କାମନା ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ଗଞ୍ଜାମ ।

(ଦୈନିକ ସମାଜର ସଦ...
ଆନୁକୂଲ୍ୟରୁ) ।



# ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଓଡ଼ିଶା ଗସ୍ତ

## ବିଜ୍ଞାନ କଂଗ୍ରେସ

ଭାରତୀୟ ବିଜ୍ଞାନ କଂଗ୍ରେସର ୬୪ତମ ଅଧିବେଶନ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ବାଣୀବିହାରଠାରେ ୧୯୭୭ ଜାନୁଆରୀ ୩ତାରିଖ ଦିନ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଭାରତୀୟ ସ୍ୱାର୍ଥକୁ ଅଗ୍ରାଧିକାର ଦେବାପାଇଁ ଆହ୍ୱାନ ଜଣାଇଥିଲେ । ଶ୍ରୀମତୀ ଗାନ୍ଧୀ କହିଲେ, ଆମକୁ ଲକ୍ଷ୍ୟଚ୍ୟୁତ କରିବା ପାଇଁ ବୈଦେଶିକ ରାଷ୍ଟ୍ରମାନେ ଉପାୟ ଉଣ୍ଡୁଛନ୍ତି । ଭାରତୀୟ-ମାନଙ୍କର ଆବଶ୍ୟକତାକୁ ଆଖି ଆଗରେ ରଖି ଭାରତୀୟ ପ୍ରଯୁକ୍ତି ବିଦ୍ୟା ଓ ବିଜ୍ଞାନ ଅଗ୍ରସର ହେବା ଉଚିତ ବୋଲି ସେ ମତ ବ୍ୟକ୍ତ କରିଥିଲେ । ଗ୍ରାମାଞ୍ଚଳର ଉନ୍ନୟନ ତ୍ୱରାନ୍ୱିତ କରିବା ପାଇଁ ସେ ବୈଜ୍ଞାନିକମାନଙ୍କୁ ପରାମର୍ଶ ଦେଇଥିଲେ ।

## ଧଉଳିରେ ସଭା

ଭୁବନେଶ୍ୱର ନିକଟବର୍ତ୍ତୀ ଧଉଳିଠାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଭାଷଣ ଦେଇ ଜାନୁଆରୀ ୩ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ କହିଲେ, ଐକ୍ୟ, ଶୃଙ୍ଖଳା ଓ ଆର୍ଥନୀତିକ ଅଗ୍ରଗତି ବ୍ୟତୀତ କୌଣସି ରାଷ୍ଟ୍ର ଆଭ୍ୟନ୍ତରୀଣ ବା ବୈଦେଶିକ ବିପଦର ମୁକାବିଲା କରି ପାରିବ ନାହିଁ । ଜାତୀୟ ଐକ୍ୟ ସୁଦୃଢ଼ କରିବା ପାଇଁ ସେ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଥିଲେ ।

## ଭିତ୍ତି ପ୍ରସ୍ତର ସ୍ଥାପନ

ଜାନୁଆରୀ ୩ ତାରିଖ ଦିନ ଭୁବନେଶ୍ୱର ନିକଟବର୍ତ୍ତୀ କୌଶଲ୍ୟାଗଙ୍ଗଠାରେ ମଧୁର ଜଳଜ ବିଜ୍ଞାନ ଅନୁସଂଧାନ ଓ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତି ପ୍ରସ୍ତର ସ୍ଥାପନ କରି ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ କହିଲେ ମତ୍ସ୍ୟଜୀବୀମାନେ କିପରି ଦୁଃଖରେ ଜୀବନ ଯାପନ କରନ୍ତି, ତାହା ମୋର ବ୍ୟକ୍ତିଗତ ଅଭିଜ୍ଞତାରୁ ମୁଁ ଜାଣେ । ସେମାନଙ୍କର କ୍ଳେଶ ଦୂରକରିବା ପାଇଁ ସରକାର ଯଥାସାଧ୍ୟ ଚେଷ୍ଟା କରୁଛନ୍ତି । ଏହି ମତ୍ସ୍ୟ ଗବେଷଣା କେନ୍ଦ୍ରଟି ଓଡ଼ିଶାବାସୀଙ୍କର ମତ୍ସ୍ୟ ଅଭାବ ଦୂର କରିବାରେ ନିଶ୍ଚୟ ସକ୍ଷମ ହେବ ।

## ବିଷମକଟକରେ ସଭା

ଜାନୁଆରୀ ୫ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ କୋରାପୁଟ ଜିଲ୍ଲା ଅନ୍ତର୍ଗତ ବିଷମକଟକରେ ଅନୁଷ୍ଠିତ ହୋଇଥିବା ବିରାଟ ଜନସଭାରେ ଭାଷଣ ଦେଇ କହିଥିଲେ, ବିଗତ ଚାରି ପାଞ୍ଚ ବର୍ଷ ମଧ୍ୟରେ ଆମେ ଉପଜାତି ଲୋକଙ୍କର ଦୁର୍ଦ୍ଦଶା ମୋଚନ ପାଇଁ ବିଶେଷ କାର୍ଯ୍ୟକ୍ରମ ସ୍ଥିର କରିଛୁ । ସେସବୁର ସଫଳ ରୂପାୟନ ଦ୍ୱାରା ଉପଜାତି ଲୋକେ ପ୍ରଭୂତଭାବରେ ଉପକୃତ ହେବେ ।

## ଉନ୍ନୟନ ଯୋଜନା


ଜାନୁଆରୀ ୪ ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ରାଇରଙ୍ଗପୁରରେ ଅନୁଷ୍ଠିତ ହୋଇଥିବା ଏକ ସାଧାରଣ ସଭାରେ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ କହିଲେ, ରାଜ୍ୟ ଓ କେନ୍ଦ୍ର ସରକାର ଯେଉଁସବୁ ଉନ୍ନୟନ ଯୋଜନା ପ୍ରସ୍ତୁତ କରିଛନ୍ତି ସରକାରୀ କର୍ମଚାରୀମାନେ ମନଯୋଗ ପୂର୍ବକ ସେଗୁଡ଼ିକ କାର୍ଯ୍ୟକାରୀ କରନ୍ତୁ । ଜନସାଧାରଣଙ୍କ ସକ୍ରିୟ ସହଯୋଗ ଦ୍ୱାରା ଯୋଜନାଗୁଡ଼ିକ ସାର୍ଥକ ଭାବରେ କାର୍ଯ୍ୟକାରୀ ହୋଇ ପାରିବ ବୋଲି ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଥିଲେ ।

## ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ

କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ତାନ୍‌ଲଠାରେ ଜାନୁଆରୀ ୪ତାରିଖ ଦିନ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ କରିବାକୁ କେନ୍ଦ୍ର ସରକାର ବଦ୍ଧପରିକର ବୋଲି ଘୋଷଣା କରିଥିଲେ । ସେ କହିଥିଲେ, ଉପଜାତି ଲୋକଙ୍କ ଦାରିଦ୍ର୍ୟ ଓ ଅଜ୍ଞତା ଦୂର କରିବା ପାଇଁ ଆମେ ସବୁ ପ୍ରକାର ଚେଷ୍ଟା କରୁଛୁ । ସେମାନେ ତାଙ୍କ ସଂସ୍କୃତି ଓ ପରମ୍ପରାରୁ ବିଚ୍ୟୁତ ନ ହୋଇ କିପରି ଉପଯୁକ୍ତ ଶିକ୍ଷା ଓ ସମ୍ବଳ ହାସଲ କରିବେ ଆମେ ତାହା ଚାହୁଁଛୁ ।

## ପ୍ରକଳ୍ପ ଉଦ୍‌ଘାଟନ

ଜାନୁଆରୀ ୪ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଫୁଲବାଣୀ ଜିଲ୍ଲା ଅନ୍ତର୍ଗତ ବୁରବିନାଜୁ ଗ୍ରାମରେ ଏକ ଉପଜାତୀୟ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ । ଶ୍ରୀମତୀ ଗାନ୍ଧୀଙ୍କୁ ଦେଖିବା ପାଇଁ ଓ ତାଙ୍କର ଭାଷଣ ଶୁଣିବା ପାଇଁ ସୁଦୂର ଗ୍ରାମାଞ୍ଚଳରୁ ବହୁସଂଖ୍ୟକ ଲୋକ ଆସିଥିଲେ । ଶ୍ରୀମତୀ ଗାନ୍ଧୀଙ୍କ ଉପସ୍ଥିତି ଓ ଭାଷଣ ସମସ୍ତଙ୍କ ଭିତରେ ଏକ ନୂତନ ଆଶା ଓ ପ୍ରତ୍ୟୟର ଉନ୍ମାଦନା ଖେଳାଇ ଦେଇଥିଲା ।




ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଭାରତୀୟ ବିଜ୍ଞାନ କଂଗ୍ରେସ ଉପଲକ୍ଷେ
ବାଣୀବିହାରରେ ଅନୁଷ୍ଠିତ ବିଜ୍ଞାନ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି



ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ୧୯୭୭ ଜାନୁଆରୀ ୪ ତାରିଖରେ
ମୟୂରଭଞ୍ଜ ଜିଲ୍ଲାର ବଡବିଲଠାରେ ବାସହୀନଙ୍କପାଇଁ ନିର୍ମିତ ବସତି
ମୁଖ୍ୟମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟ ଓ କେନ୍ଦ୍ର ଉପମନ୍ତ୍ରୀ ଶ୍ରୀ ଚୈତନ୍ୟ
ପ୍ରସାଦ ମାଝିଙ୍କ ଗହଣରେ ପରିଦର୍ଶନ କରୁଛନ୍ତି




କୌଶଲ୍ୟାଗଙ୍ଗ ମତ୍ସ୍ୟ ଗବେଷଣା କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ଗବେଷଣା କେନ୍ଦ୍ରର ଅଫିସର ଶ୍ରୀ ସିନ୍ହା କେନ୍ଦ୍ରର ବିଭିନ୍ନ ବିଷୟରେ ସୂଚନା ଦେଉଛନ୍ତି



ବାଣୀବିହାରରେ ଅନୁଷ୍ଠିତ ବିଜ୍ଞାନ କଂଗ୍ରେସରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ ପକ୍ଷରୁ ଯୁବ ବୈଜ୍ଞାନିକ ଡଃ ପ୍ରୀତି ମହାପାତ୍ରଙ୍କୁ ବିଜ୍ଞାନ ଏକାଡେମୀ ପଦକ ପ୍ରଦାନ କରୁଛନ୍ତି



ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଆଦିବାସୀମାନଙ୍କ ପାଇଁ ନିର୍ମିତ ଗୃହ ଓ ସେମାନଙ୍କର ଘରକରଣା ସାମଗ୍ରୀ ଦେଖୁଛନ୍ତି



୧୯୭୭ ଜାନୁଆରୀ ୫ ତାରିଖରେ କୋରାପୁଟ ଜିଲ୍ଲାର ବିଷମକଟକଠାରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଜଣେ ଆଦିବାସୀ ମହିଳାଙ୍କୁ ଜମିପଟ୍ଟା ପ୍ରଦାନ କରୁଛନ୍ତି



କୌଶଲ୍ୟାଗଙ୍ଗଠାରେ ଅନୁଷ୍ଠିତ ବିରାଟ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ
ଜଣାଉଛନ୍ତି କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ



ମୁଖ୍ୟମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟ ଓ ଶିଳ୍ପମନ୍ତ୍ରୀ ଶ୍ରୀ କାହ୍ନୁଚରଣ ଲେଙ୍କାଙ୍କ ସହିତ
ଆଣବିକ ଶକ୍ତି କମିଶନର ଚେୟାରମ୍ୟାନ ଡକ୍ଟର ଏଚ୍. ଏନ୍. ସେଠ୍ନା

# ଘଟଣା ପ୍ରବାହ

(ନଭେମ୍ବର, ୧୯୭୬)

୧-୧୧-୧୯୭୬—ରାଜ୍ୟ ଜଙ୍ଗଲ, ଅଇନ୍, ପଶୁ ଓ ମତ୍ସ୍ୟପାଳନ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବ୍ରହ୍ମାନନ୍ଦ ବିଶ୍ୱାଳ ନନ୍ଦନ କାନନଠାରେ ଏକ ମତ୍ସ୍ୟ ସଂଗ୍ରହାଳୟ ଉଦ୍‌ଘାଟନ କଲେ ।

୩-୧୧-୧୯୭୬—ଓଡ଼ିଶାରୁ ହସ୍ତତନ୍ତ ଲୁଗା ରପ୍ତାନୀର ବିକାଶ ଲାଗି ଓଡ଼ିଶା ସରକାର ଏକ ହସ୍ତତନ୍ତ ଉନ୍ନୟ କର୍ପୋରେସନ ପ୍ରତିଷ୍ଠା କରିବା ନିଷ୍ପତ୍ତି କଲେ ।

୫-୧୧-୧୯୭୬—ଚଳିତ ଲୋକସଭାର ମିଆଦ ଆଉ ଏକବର୍ଷ ବୃଦ୍ଧି କରିବାଲାଗି ଆଗତ "ଏକ ବିଲ୍ ଲୋକସଭାରେ ଗୃହୀତ ହେଲା ।

୯-୧୧-୧୯୭୬—ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ବାରିପଦାଠାରେ ଅରକ୍ଷ ପିଲାମାନଙ୍କପାଇଁ ନିର୍ମି "ଗୋପବନ୍ଧୁ ବାଳାଶ୍ରମ" ଉଦ୍‌ଘାଟନ କଲେ ।

୧୧-୧୧-୧୯୭୬—ହିନ୍ଦୁସ୍ଥାନ ମେସିନ୍ ଟୁଲ ସଂସ୍ଥାର ବିଭିନ୍ନ ଯନ୍ତ୍ରାଂଶ ତିଆରି କରିବା ଲାଗି ଓଡ଼ିଶାରେ ଗୋଟି କାରଖାନା ବସାଇବେ ବୋଲି କେନ୍ଦ୍ର ସରକାର ନିଷ୍ପତ୍ତି କଲେ ।

୧୧-୧୧-୧୯୭୬—ଅପରାଧ ପ୍ରବଣ ଯାଯାବର ଲୋଧା ଶ୍ରେଣୀୟ ଆଦିବାସୀଙ୍କୁ କୃଷିଜୀବୀ କରାଇବାପାଇଁ ଓଡ଼ିଶ ସରକାର ଏକ ପୁନର୍ବସତି ଯୋଜନା ହାତକୁ ନେଲେ ।

୧୨-୧୧-୧୯୭୬—ଲୋକସଭା କାର୍ଯ୍ୟକାଳ ବୃଦ୍ଧି ବିଲ୍ ପାର୍ଲାମେଣ୍ଟ ଅନୁମୋଦନ କଲେ ।

୧୩-୧୧-୧୯୭୬—ଓଡ଼ିଶା ଭୂସଂସ୍କାର (ଦ୍ୱିତୀୟ ସଂଶୋଧନ) ବିଲ୍ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭକଲା ।

୧୩-୧୧-୧୯୭୬—କୋରାପୁଟ ଜିଲ୍ଲାରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱିତୀୟ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ "ପଞ୍ଚବଟ ଗ୍ରାମ୍ୟ ବ୍ୟାଙ୍କ" ପ୍ରତିଷ୍ଠା କଲେ ।

୧୫-୧୧-୧୯୭୬—ଭୁବନେଶ୍ୱରଠାରେ ମହିଳା କର୍ମଚାରୀଙ୍କ ନିମନ୍ତେ ଛ' ଲକ୍ଷ ପନ୍ଦର ହଜାର ଟଙ୍କାରେ ନିର୍ମି ଦେଶର ପ୍ରଥମ ମହିଳା ହଷ୍ଟେଲ "ନିବେଦିତା" ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥ ଉଦ୍‌ଘାଟନ କଲେ ।

୧୭-୧୧-୧୯୭୬—କେନ୍ଦ୍ର ଯୋଗାଣ ଓ ସମବାୟ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଏ. ପି. ଶର୍ମାଙ୍କ ଭୁବନେଶ୍ୱର ପରିଦର୍ଶନ ।

୧୮-୧୧-୧୯୭୬—ଓଡ଼ିଶାର ମରୁଡ଼ିଗ୍ରସ୍ତ ଛ' ଶହ ଗ୍ରାମକୁ ପାନୀୟ ଜଳ ଯୋଗାଇବାପାଇଁ ନଳକୂପ ବସାଇବେ ବୋ ରାଜ୍ୟ ସରକାର ନିଷ୍ପତ୍ତି କଲେ ।

୧୮-୧୧-୧୯୭୬—କୃଷି, ସମବାୟ, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ଶ୍ରୀ ଲକ୍ଷ୍ମଣ ମଲ୍ଲିକ ଓଡ଼ିଶା ମନ୍ତ୍ରୀ ମଣ୍ଡ ଇସ୍ତଫା ଦେଲେ ।

୧୯-୧୧-୧୯୭୬—ବିଶିଷ୍ଟ ସମାଜସେବୀ ଶ୍ରୀମତୀ ପ୍ରଭାମୟୀ ଦେବୀଙ୍କ ପରଲୋକ ।

୧୯-୧୧-୧୯୭୬—ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମୋହନ ନାୟକ କ୍ୟାବିନେଟ ପାହ୍ୟାକୁ ଉନ୍ନୀତ ହେଲେ ।

୨୦-୧୧-୧୯୭୬—ଡ. ଦେବେନ୍ଦ୍ର ଚନ୍ଦ୍ର ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ହେଲେ ।

୨୧-୧୧-୧୯୭୬—ଗୌହାଟିଠାରେ ନିଖିଳ ଭାରତ କଂଗ୍ରେସ କମିଟିର ଅଧିବେଶନ ବସିଲା ।

୨୬-୧୧-୧୯୭୬—କେନ୍ଦ୍ର କୃଷି ଓ ଜଳସେଚନ ମନ୍ତ୍ରଣାଳୟ ଓଡ଼ିଶା ସରକାରଙ୍କ ସହାୟତାରେ ଭୁବନେଶ୍ୱରର ସୂଚନା ଭବନଠାରେ ଏକ ସର୍ବଭାରତୀୟ କଦଳୀ ପ୍ରଦର୍ଶନୀ କଲେ ।

୨୭-୧୧-୧୯୭୬—ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ପାଞ୍ଚଜଣ ରାଷ୍ଟ୍ରମନ୍ତ୍ରୀଙ୍କୁ କ୍ୟାବିନେଟ ମନ୍ତ୍ରୀ ଭାବେ ଓ ଜଣେ ଉପମନ୍ତ୍ରୀଙ୍କୁ ରାଷ୍ଟ୍ରମନ୍ତ୍ରୀଭାବେ ନିଯୁକ୍ତି ଦେଲେ ଏବଂ ତାଙ୍କ ମନ୍ତ୍ରୀ ସଭାର ସଦସ୍ୟଙ୍କ ଭିତରେ ବିଭିନ୍ନ ବିଭାଗର ପୁନର୍ବଣ୍ଟନ କଲେ ।

୨୮-୧୧-୧୯୭୬—ରାଉରକେଲାରେ ପ୍ରଥମ ପୂର୍ବାଞ୍ଚଳ ଲଳିତକଳା ପ୍ରଦର୍ଶନୀ ରାଜ୍ୟ ଯୋଗାଣ, ଜଙ୍ଗଲ, ମତ୍ସ୍ୟ ଓ ପଶୁପାଳନ ବିଭାଗ ମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ର ଉଦ୍‌ଘାଟନ କଲେ ।

୨୯-୧୧-୧୯୭୬—ଟସରଗୋଟି ଉପରୁ ବିକ୍ରିକର ଛାଡ଼ କରିବାପାଇଁ ରାଜ୍ୟ ମନ୍ତ୍ରୀମଣ୍ଡଳ ନିଷ୍ପତ୍ତି କଲେ ।

## ଡିସେମ୍ବର, ୧୯୭୬

୧-୧୨-୧୯୭୬—୧୯୭୫ ଓଡ଼ିଶା କୃଷି ଋଣ ଆଇନ କାର୍ଯ୍ୟକାରୀ ହେଲା ।

ବାଲୁଗାଁ, ଦଶପଲ୍ଲା, ପଦ୍ମପୁର, ନବରଙ୍ଗପୁର ଓ କୋରାପୁଟଠାରେ ପାଞ୍ଚଗୋଟି ନିଆଁ ଲିଭା କେନ୍ଦ୍ର ସ୍ଥାପନ କରିବାପାଇଁ ରାଜ୍ୟ ସରକାର ନିଷ୍ପତ୍ତି କଲେ ।

ପ୍ରଫେସର ଡ. ଗୌତମ ମାଥୁର ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ ହେଲେ ।

ମୁଦ୍ରା ବଦଳ ସୁବିଧାପାଇଁ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱରଠାରେ ଏକ କ୍ଲେମସ ଶାଖା ଖୋଲିଲେ ।

୨-୧୨-୧୯୭୬—ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ମନୁଭାଇ ଶାହାଙ୍କ ନେତୃତ୍ୱରେ ବ୍ୟାଙ୍କିଙ୍ଗ କମିଶନ ପ୍ରତିନିଧିଦଳ ଭୁବନେଶ୍ୱର ପରିଦର୍ଶନ କଲେ ।

ଆସାମ ମୁଖ୍ୟମନ୍ତ୍ରୀ ଶ୍ରୀ ଶରତଚନ୍ଦ୍ର ସିହ୍ନାଙ୍କ ଭୁବନେଶ୍ୱର ପରିଦର୍ଶନ ।

କଲିକତାସ୍ଥ ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ବିକାଶ କର୍ତ୍ତୃପକ୍ଷ ପାରାଦ୍ୱୀପଠାରେ ୫୦୦ ଟନ ଖାଦ୍ୟଦ୍ରବ୍ୟ ସଞ୍ଚିତ କରି ରଖିପାରିବା ଭଳି ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବାଲାଗି ନିଷ୍ପତ୍ତି କଲେ ।

୩-୧୨-୧୯୭୬—ନିଖିଳ ଭାରତ ପୂର୍ବ ଜର୍ମାନୀ-ଭାରତ ମୈତ୍ରୀ ସଂସଦର ବାର୍ଷିକ ଅଧିବେଶନ କଟକ ବାରବାଟି ଷ୍ଟାଡ଼ିଅମଠାରେ ଅନୁଷ୍ଠିତ ହେଲା ।

୫-୧୨-୧୯୭୬—ଭୁବନେଶ୍ୱର ସତ୍ୟନଗରଠାରେ ଏକ ଶିଶୁ ଲାଳନ ପାଳନ କେନ୍ଦ୍ର କୋଠାର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ସଂପାଦନ କଲେ ।

କେଂଦ୍ର ଶ୍ରମମନ୍ତ୍ରୀ ଶ୍ରୀ କେ. ଭି. ରଘୁନାଥ ରେଡିଙ୍କ ଭୁବନେଶ୍ୱର ପରିଦର୍ଶନ ।

୬-୧୨-୧୯୭୬—ପାର୍ଲାମେଣ୍ଟ ଗ୍ରହଣ କରିଥିବା ୪୨ତମ ସଂବିଧାନ ସଂଶୋଧନ ବିଲ୍ ଓଡ଼ିଶା ବିଧାନ ସଭାରେ ଅନୁମୋଦିତ ହେଲା ।

୭-୧୨-୧୯୭୬—ରାଜ୍ୟର ମରୁଡ଼ି ପରିସ୍ଥିତି ହେତୁ ଏକକୋଟି ପାଞ୍ଚଲକ୍ଷ ଲୋକ ବିପନ୍ନ ହୋଇଥିବା କଥା ରାଜସ୍ୱମନ୍ତ୍ରୀ ବିଧାନ ସଭାରେ ପ୍ରକାଶ କଲେ ।

୮-୧୨-୧୯୭୬—ଭାରତ ସରକାର ଗଞ୍ଜାମ ଜିଲ୍ଲାର ଆସ୍କାଠାରେ କୁଷ୍ଠ ଚିକିତ୍ସା ଓ ଗବେଷଣା କେଂଦ୍ର ପ୍ରତିଷ୍ଠା କରିବେ ବୋଲି ନିଷ୍ପତ୍ତି କଲେ ।

୧୧-୧୨-୧୯୭୬—କର୍ପୋରେସନ ବ୍ୟାଙ୍କର ଏକ ଶାଖା ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ କଟକଠାରେ ଉଦ୍‌ଘାଟନ କଲେ ।

୧୬-୧୨-୧୯୭୬—ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ । ରାଜ୍ୟ ବିଧାନସଭାକୁ ସସପେଣ୍ଡ କରାଗଲା ଓ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରୀ ହେଲା । କେନ୍ଦ୍ର ଗୃହ ବ୍ୟାପାର ବିଷୟକ ଶାସନ ସଚିବ ଶ୍ରୀ ଏମ୍. ରାମକ୍ରିଷ୍ଣାୟା ରାଜ୍ୟପାଳଙ୍କ ପରାମର୍ଶଦାତା ନିଯୁକ୍ତ ହେଲେ ।

୧୮-୧୨-୧୯୭୬—ଓଡ଼ିଶାର ମରୁଡ଼ିକ୍ଳିଷ୍ଟ ଜନସାଧାରଣଙ୍କ ସାହାଯ୍ୟାର୍ଥେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଜାତୀୟ ସାହାଯ୍ୟ ପାଣ୍ଠିରୁ ୫ଲକ୍ଷ ଟଙ୍କା ସାହାଯ୍ୟ ଦେଲେ ।

୧୯-୧୨-୧୯୭୬—ସମ୍ବିଧାନର ୪୨ତମ ସଂଶୋଧନ ବିଲ୍‌କୁ ରାଷ୍ଟ୍ରପତି ସ୍ୱୀକୃତି ଦେଲେ ।

୨୩-୧୨-୧୯୭୬—ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ତାଙ୍କ ମନ୍ତ୍ରୀମଣ୍ଡଳରେ ସାମାନ୍ୟ ପରିବର୍ତ୍ତନ କଲେ । କେନ୍ଦ୍ର ମନ୍ତ୍ରୀ ପରିଷଦରେ ଶ୍ରୀ ହିତେନ୍ଦ୍ର ଦେଶାଇ ଓ ଶ୍ରୀ ଦେବୀ ପ୍ରସାଦ ଚଟ୍ଟୋପାଧ୍ୟାୟ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଭାବେ ଏବଂ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ଶ୍ରୀ ଭି. ପି. ସିଂହ ରାଷ୍ଟ୍ରମନ୍ତ୍ରୀଭାବେ ଓ ଶ୍ରୀ ବୀରଭଦ୍ର ସିଂହ ଉପମନ୍ତ୍ରୀ ରୂପେ ସ୍ଥାନ ପାଇଲେ । କେନ୍ଦ୍ର ବେସ ମରିକ ବିମାନ ଚଳାଚଳ ଓ ପର୍ଯ୍ୟଟନ ବିଷୟ ମନ୍ତ୍ରୀ ଶ୍ରୀ ରାଜବାହାଦୁର କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଲେ ।

୨୪-୧୨-୧୯୭୬—ଗୁଜରାଟରେ ଶ୍ରୀ ମାଧବ ସିଂହ ସୋଲାଙ୍କିଙ୍କ ନେତୃତ୍ୱରେ ଏକ ୧୬-ଜଣିଆ କଂଗ୍ରେସ ମନ୍ତ୍ରୀମଣ୍ଡଳ ଶପଥ ଗ୍ରହଣ କଲେ ।

କେନ୍ଦ୍ର ପ୍ରତିରକ୍ଷା ବିଷୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଚିଲିକା ନୌବାଳକ ତାଲିମ କେନ୍ଦ୍ରର ଟ୍ରେନିଂ ବ୍ଲକ ନିର୍ମାଣ କାର୍ଯ୍ୟର ଶୁଭ ଦେଲେ ।

୨୬-୧୨-୧୯୭୬—ଶ୍ରୀମତୀ ନନ୍ଦିନୀ ଶତପଥୀ ଓଡ଼ିଶା କଂଗ୍ରେସ ବିଧାନସଭା ଦଳର ନେତ୍ରୀପଦରୁ ଇସ୍ତଫା ଦେଲେ । ଓଡ଼ିଶା କଂଗ୍ରେସ ବ୍ୟବସ୍ଥାପକ ଦଳ ସର୍ବସମ୍ମତିକ୍ରମେ ଶ୍ରୀ ବିନାୟକ ଆଚାର୍ଯ୍ୟଙ୍କୁ ନୂଆ ନେତାରୂପେ ନିର୍ବାଚିତ କଲେ ।

୨୯-୧୨-୧୯୭୬—ଓଡ଼ିଶାରେ ଶ୍ରୀ ବିନାୟକ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ତେର ଜଣିଆ କଂଗ୍ରେସ ମନ୍ତ୍ରୀମଣ୍ଡଳ ଶପଥ ଗ୍ରହଣ କଲେ ।

୩୦-୧୨-୧୯୭୬—ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକ୍ରମେ ଓଡ଼ିଶା ରାଜ୍ୟପାଳ ତାଙ୍କ ମନ୍ତ୍ରୀମଣ୍ଡଳ ସଦସ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଷୟର ଦାୟିତ୍ୱ ବଣ୍ଟନ କଲେ ।

ଭୁବନେଶ୍ୱରଠାରେ ଅଖିଳ ଭାରତ କୃଷି ପରିସଂଖ୍ୟାନ ସମାଜର ବାର୍ଷିକ ଅଧିବେଶନରେ କେନ୍ଦ୍ର କୃଷି ଓ ଖାଦ୍ୟ ବିଷୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଏ. ପି. ସିନ୍ଦେ ଯୋଗଦେଲେ ।



OGP—MP-VI [ Home (P. R.) ] 120—15,000—21-1-1977




ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଜାନୁଆରୀ ୩ ତାରିଖରେ ତିନି ଦିନିଆ
ଓଡ଼ିଶା ପରିଦର୍ଶନରେ ଆସିଥିଲେ । ଶ୍ରୀମତୀ ଗାନ୍ଧୀ ଭୁବନେଶ୍ୱରରେ ପହଞ୍ଚିବା କ୍ଷଣି
ଭାରତ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଓ ଓଡ଼ିଶାର
ମୁଖ୍ୟମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ



ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ଏକ ରୌପ୍ୟ ତାରକସିର ଉପହାର ଅର୍ପଣ କରୁଛନ୍ତି
ଆମର ମୁଖ୍ୟମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟ

UTKAL PRASANGA Regd. No. 0-
Vol. XXXIII, No. 6
Licence No. C. R. N. P. 5—Licensed to post without Pre-Payment



ଯେ କେହି ଦେବ ବା ନେବ ଯୌତୁକ
ତା' ମୁଣ୍ଡେ ଲାଗିବ ନିଶ୍ଚେ କଳଙ୍କ ।

* *



ପରିବାର ହେବ ଛୋଟ ଯେତିକି
ସୁଖ ଶାନ୍ତି ଭାଇ ମିଳେ ସେତିକି ।

* *


ଅ ଆ

ହୁଅନ୍ତୁ ସର୍ବେ ସାକ୍ଷର
ମୂର୍ଖତାକୁ ପରିହର ।

* *

ବୃକ୍ଷ ରୋପଣେ ଭାଇ ପୁଣ୍ୟ ଅର୍ଜନ
ବୃକ୍ଷ କାଟିଲେ ହେବ ପାପ ଭାଜନ ।

* *





ଜାତିଭେଦ ଦୂରକର
ସର୍ବ ଘଟେ ଦେଖ ହରି ।

Printed at Orissa Govt. Press, Cuttack-10